
# ଉତ୍କଳ ପ୍ରସଙ୍ଗ

64109
23/1/93







...RNMENT PRESS CUTTACK-...







# ଓଡ଼ିଶାରେ ଉପରାଷ୍ଟ୍ରପତି





# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୦୪ ଶକାବ୍ଦ ୩୮ ଭାଗ ଦଶମ ସଂଖ୍ୟା ମଇ ୧୯୮୨

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ: ଶ୍ରୀ ମିହିର କୁମାର ଷଡ଼ଙ୍ଗୀ

ସମ୍ପାଦକ: ଶ୍ରୀ ଭୋଳାନାଥ ରାୟଗୁରୁ

ସହ ସମ୍ପାଦକ: ଡକ୍ଟର ସତ୍ୟନାରାୟଣ ନନ୍ଦ

ସହଯୋଗୀ ସମ୍ପାଦକ: ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

ମୁଖ୍ୟ ସମ୍ପାଦକ

**ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ**

ମୁଦ୍ରଣ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ସଜ୍ଜା ଶିଳ୍ପୀ ଶ୍ରୀ ଅସିତ୍ ମୁଖାର୍ଜୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର
ବାର୍ଷିକ ଦେୟ ୧୦.୦୦
ପ୍ରତି ଖଣ୍ଡ ୧.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ବିଚାରଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

## ଉତ୍କଳ ପ୍ରସଙ୍ଗ

# ସୂଚୀପତ୍ର


| | | |
|---|---|---|
| ଆହ୍ୱାନ : ଏକ ନୂତନ ଯୁଗର | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଗ୍ରାମାଞ୍ଚଳରେ ଜଳ ଯୋଗାଣ | ଶ୍ରୀ ବସନ୍ତ କୁମାର ବିଶ୍ୱାଳ | ୯ |
| ସମୃଦ୍ଧିର ସ୍ୱର୍ଣ୍ଣ ଯୁଗ | ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ | ୧୧ |
| କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ | ଶ୍ରୀ ଅବୋଧ ନାରାୟଣ ତିୱାରୀ | ୧୭ |
| ଶିଳ୍ପ ଉନ୍ନୟନର ନବ ଦିଗନ୍ତ | ଶ୍ରୀ ଲଲାଟେନ୍ଦୁ ପରିଡ଼ା | ୨୧ |
| ଜୟଦେବ ଓ ସଂସ୍କୃତ ସାହିତ୍ୟ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୩୦ |
| ଜଗତପୁର ଶିଳ୍ପାଞ୍ଚଳ | ଶ୍ରୀ ଦୀନବନ୍ଧୁ ମିଶ୍ର | ୩୭ |
| ନୂଆ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଓ ଓଡ଼ିଶାର ଶ୍ରମିକ | ଶ୍ରୀ ହେନାମଣି ଲକ୍ଷ୍ମୀକାନ୍ତ | ୪୧ |
| ନ ଦେଖିଲେ ବିଶ୍ୱାସ ହୁଏନା | ଶ୍ରୀ ଗୌରୀଶଙ୍କର ମହାପାତ୍ର | ୪୭ |
| ପ୍ରଗତି ସମ୍ବାଦ | | ୫୮ |
| ଗୋବର ଗ୍ୟାସ ପ୍ଲାଣ୍ଟ | ଡଃ ବେଣୁଧର ବଳିଆରସିଂହ | ୬୩ |
| ଶାସନର ଦୁଇ ବର୍ଷ—ପରଂପରା ଓ ଆତ୍ମ ବିଶ୍ୱାସ | ଅଧ୍ୟାପକ ରାଜକିଶୋର ରାୟ | ୬୭ |
| ଓଡ଼ିଶାରେ ଶିଳ୍ପ ବିପ୍ଳବ ଓ ସାଂସ୍କୃତିକ ବିପ୍ଳବ | ମହାପାତ୍ର ନୀଳମଣି ସାହୁ | ୭୦ |
| ଉମ୍ମାଣି ଦୀକ୍ଷା | ଶ୍ରୀ ଅବୋଧ ନାରାୟଣ ତିୱାରୀ | ୭୩ |
| ଦାରିଦ୍ର୍ୟ ସୀମାରେଖା ଉଲ୍ଲଂଘନ | ଶ୍ରୀ କେ. ଶ୍ରୀନିବାସନ୍ | ୭୭ |
| 'ଉତ୍କଳ' ର ସଫଳ କାହାଣୀ | ଶ୍ରୀ ଏସ୍. କେ. ଲାଲ | ୮୧ |
| ପୁରପଲ୍ଲୀରେ ହସ୍ତତନ୍ତ | ଶ୍ରୀ ଶ୍ରୀନିବାସ ରଥ | ୮୬ |
| ଗୃହ ନିର୍ମାଣ ଓ ନଗର ଉନ୍ନୟନ | ଶ୍ରୀ ରବୀନ୍ଦ୍ର ମୋହନ ସେନାପତି | ୯୧ |
| ନୂତନ 'ବିଂଶସୂତ୍ରୀ' | ଡକ୍ଟର ଚକ୍ରଧର ମିଶ୍ର | ୯୩ |
| ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା | ଶ୍ରୀ କେ. ଟି. ସୁବୁଦ୍ଧି | ୯୯ |
| କଳା ଓ କମନୀୟତାର ଦେଶ | ଶ୍ରୀମତୀ ସୁନା ଆର. କାଙ୍ଗା | ୧୦୧ |
| କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି | ଡକ୍ଟର ବୈଦ୍ୟନାଥ ମିଶ୍ର | ୧୦୭ |

# ମୋ ଦୃଷ୍ଟିରେ .....

"ଉତ୍କଳ ପ୍ରସଙ୍ଗ" ଶ୍ରମିକ ଦିବସରେ ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଭାଇଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ଦେଶ ଗଠନ ଦିଗରେ ଶ୍ରମିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସର୍ବବାଦୀ ସମ୍ମତ । ଓଡ଼ିଶାରେ ଶିଳ୍ପ ବିପ୍ଳବ ଯୁଗ ଆରମ୍ଭ ହୋଇଛି । ଏହି ବିପ୍ଳବରେ ଶ୍ରମିକମାନଙ୍କର ସକ୍ରିୟ ଓ ନିଷ୍ଠାପର ସହଯୋଗ ଓ ସହାନୁଭୂତି ଆବଶ୍ୟକ । ସରକାର ଓ ସମାଜ ଶ୍ରମିକମାନଙ୍କର ଅଧିକାରର ସୁରକ୍ଷା କରିବାକୁ ଯେଉଁ ପରିମାଣରେ ଦାୟୀ, ଶ୍ରମିକମାନେ ମଧ୍ୟ ସମାଜର ଆଶା ଓ ଚାହିଦା ପୂରଣ କରିବା ନିମନ୍ତେ ସେହି ପରିମାଣରେ ଦାୟୀ । ଶ୍ରମିକମାନେ ସମାଜର ଏକ ଅବିଚ୍ଛିନ୍ନ ଅଙ୍ଗ । ଦୁର୍ବଳ ଶ୍ରମିକଶ୍ରେଣୀ ସମାଜ ପ୍ରତି ଏକ ଆତଙ୍କ । କିନ୍ତୁ ଅସୁସ୍ଥ ସମାଜ ଶ୍ରମିକ ଶ୍ରେଣୀ ପ୍ରତି ଭୟାବହ । ଏହି ଅବସରରେ, ଶ୍ରମିକ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଓ ପ୍ରତିଶ୍ରୁତି ପ୍ରତି ଆମେ ଉଭୟ ଶ୍ରମିକ ତଥା ସମାଜର ଦୃଷ୍ଟି ଆକର୍ଷଣ କରୁଛୁ ।

## ଜୁନ ୯, ୧୯୮୦ ଓଡ଼ିଶାର ଏକ ସ୍ମରଣୀୟ ଦିବସ ।

ବହୁ ଯୁଗର ସଞ୍ଚିତ ବହୁ ଆକାଂକ୍ଷା ଓ ଆଶାର ସଫଳ ରୂପାୟନ ସେହିଠାରୁ ଆରମ୍ଭ ହୋଇଥିଲା । ରାଜ୍ୟବାସୀଙ୍କ ସହାନୁଭୂତି ଓ ସତ୍ ନିର୍ଦ୍ଦେଶ ଘେନି ଦାରିଦ୍ର୍ୟରୁ ସାଚ୍ଛଲ୍ୟକୁ ଯିବା ନିମନ୍ତେ ଇତିହାସ ସେହିଦିନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲା । ମହାନ୍ ନେତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର କାର୍ଯ୍ୟକ୍ରମକୁ ଓଡ଼ିଶାରେ ରୂପାୟନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ନୂତନ ଶାସନ ପ୍ରତିଷ୍ଠିତ ହୋଇଥିଲା ସେଇଦିନ ; ଆଜିକୁ ଠିକ୍ ଦୁଇ ବର୍ଷ ପୂର୍ବେ । ସେହି ଦୁଇ ବର୍ଷର ଏକ ସଫଳ ବିବରଣୀ "ଉତ୍କଳ ପ୍ରସଙ୍ଗର" ଏହି ବିଶେଷ ସଂଖ୍ୟାରେ ଉପସ୍ଥାପନା କରି ଆମେ ସହୃଦୟ ପାଠକ ପାଠିକାଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର "ଆହ୍ୱାନ : ଏକ ନୂତନ ଯୁଗର" ସନ୍ଦର୍ଭ, ସେ ଓଡ଼ିଶା ବିଧାନ ସଭାରେ ଦେଇଥିବା ଏକ ଭାଷଣରୁ ଗୃହୀତ ହୋଇଛି । ଏହି ଆହ୍ୱାନ ପ୍ରତି ଆମେ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରୁଛୁ ।

ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କର "ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ" ଲେଖାଟି ପଲ୍ଲୀ ବାସୀଙ୍କ ମନରେ ଏକ ନୂତନ ଆଶାର ସଞ୍ଚାର କରୁଛି ।

ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକଙ୍କର, "ସମୃଦ୍ଧିର ସ୍ୱର୍ଣ୍ଣଯୁଗ" ଏହି ସଂଖ୍ୟାରେ ଏକ ବିଶେଷ ସ୍ଥାନ ଅଧିକାର କରିଛି ଏବଂ ଓଡ଼ିଶା ଶାସନର ଚିନ୍ତାଧାରା ସହିତ ପାଠକଙ୍କୁ ପରିଚିତ କରାଇବାରେ ପ୍ରବନ୍ଧଟି ଯଥାର୍ଥ ଦିଗ୍‌ଦର୍ଶନ ଦେଉଛି ।

ଓଡ଼ିଶାରେ ଶିଳ୍ପ ବିପ୍ଳବର ସମୀକ୍ଷା କରିଛନ୍ତି ଶିଳ୍ପ କମିଶନର ଶ୍ରୀ ଲଲାଟେନ୍ଦୁ ପରିଡ଼ା, ତାଙ୍କର ନିବନ୍ଧ—"ଶିଳ୍ପ ଉନ୍ନୟନର ନବ ଦିଗନ୍ତ"ରେ । ଶିଳ୍ପ ଜାଗରଣର ଚିତ୍ର ପାଠକମାନେ ଏହି ପ୍ରବନ୍ଧରୁ ଏବଂ "ଇଡ଼କଲର ସଫଳ କାହାଣୀ"ରୁ ପାଇ ପାରିବେ ।

ଉତ୍ପାଦନ ବୃଦ୍ଧି କରିବା ଦିଗରେ "କମାଣ୍ଡ ଅଞ୍ଚଳ ଉନ୍ନୟନ ଯୋଜନା" ରାଜ୍ୟବାସୀଙ୍କୁ କୃଷି ସମୃଦ୍ଧିର ବାସ୍ତବ ଦିଗ ସହିତ ପରିଚିତ କରାଉଛି । ଏ ପ୍ରସଙ୍ଗରେ ଶ୍ରୀ ଅବୋଧ ନାରାୟଣ ତିୱାରୀଙ୍କ ପ୍ରବନ୍ଧ ରାଜ୍ୟବାସୀଙ୍କର ପ୍ରଣିଧାନ ଯୋଗ୍ୟ ।

ଗୋଟି ଶ୍ରମିକ ଓ ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କ ଆର୍ଥନୈତିକ ଥଇଥାନର ସାର୍ଥକ ଚିତ୍ର ଦେଇଛନ୍ତି ଶ୍ରୀ କେ. ଶ୍ରୀନିବାସନ୍ ତାଙ୍କର "ଦାରିଦ୍ର୍ୟ ସୀମାରେଖା ଉଲ୍ଲଂଘନ" ନିବନ୍ଧରେ ଏବଂ ଓଡ଼ିଶାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳତା ପ୍ରତିପାଦିତ କରିଛନ୍ତି ଡକ୍ଟର ଚକ୍ରଧର ମିଶ୍ର, "ନୂତନ ବିଂଶସୂତ୍ରୀ"ରେ ।


ଓଡ଼ିଶାର ବୈପ୍ଳବିକ ପରିବର୍ତ୍ତନ ରାଜ୍ୟର ଚିନ୍ତାଶୀଳ ସାହିତ୍ୟିକମାନଙ୍କର ଦୃଷ୍ଟି ଯେ ଏଡ଼ାଇ ପାରିନାହିଁ, ଅଧ୍ୟାପକ ରାଜକିଶୋର ରାୟ ଓ ମହାପାତ୍ର ନୀଳମଣି ସାହୁଙ୍କର ଲେଖାରୁ ପାଠକମାନେ ତାହା ଅବଶ୍ୟ ଉପଲବ୍ଧି କରିପାରିବେ ।

ପରିଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର "ଜୟଦେବ ଓ ସଂସ୍କୃତ ଭାଷା" ଭାରତୀୟ ମହାନ୍ ସଂସ୍କୃତିକୁ ଓଡ଼ିଶାର ଅବଦାନ ସ୍ମରଣ କରାଏ । ଏଥିରୁ ପାଠକମାନେ ଅପୂର୍ବ ଭାବରସ ଗ୍ରହଣ କରିବେ ।

ପୂଜ୍ୟ ପୂଜା ଏକ ସଂସ୍କୃତି ଓ ଶାଳୀନତା । ସମାଜକୁ ଦିଗ୍‌ଦର୍ଶନ ଦେଇଥିବା ଶତ ଶତ ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍ ଜରାଗ୍ରସ୍ତ ହୋଇ ନିଭୃତ ପଲ୍ଲୀ ଗୃହ ପ୍ରାଙ୍ଗଣ ବା ସହରର ଅନ୍ଧକାର ଗଳିର ଭଗ୍ନ ଗୃହରେ ଦାରିଦ୍ର୍ୟର କଷାଘାତରେ କାଳାତିପାତ କରୁଛନ୍ତି । ଏହିପରି ପ୍ରାୟ ଦେଢ଼ଶହ ପୂଜ୍ୟ ବୃଦ୍ଧ ଓ ବୃଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ ଏହିବର୍ଷ ମହାବିଷୁବ ସଂକ୍ରାନ୍ତି ଦିନ ଆଜୀବନ ମାସିକ ପେନ୍‌ସନର ପ୍ରଥମ କିସ୍ତି ଦେଇ ଯେଉଁ ବିନୀତ ଅଥଚ ଭାବଭରା ଭାଷଣ ଦେଇଥିଲେ, ତାର ସଂକ୍ଷିପ୍ତ ବିବରଣୀ ଆମେ ଏହି ସଂଖ୍ୟାରେ ପାଠକଙ୍କୁ ଉପହାର ଦେଉଛୁ ।

# ଭାରତରେ ପ୍ରଥମ

ଓଡ଼ିଶା ନୂତନ 'ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ରୂପାୟିତ କରିବା କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି । ଯୋଜନା କମିଶନଙ୍କ ପକ୍ଷରୁ ଏପ୍ରିଲ୍, ୧୯୮୬ ରେ ହୋଇଥିବା ମାସିକ ସମୀକ୍ଷାରୁ ଜଣାଯାଇଛି ଯେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ରୂପାୟିତ କରିବା କ୍ଷେତ୍ରରେ ଓଡ଼ିଶା ୭୬ ପରସେଣ୍ଟ ସାଫଲ୍ୟ ଅର୍ଜନ କରିଛି । ବୋଣ୍ଡି ଶ୍ରମିକ ପୁନର୍ବସତି କାର୍ଯ୍ୟକ୍ରମ ଅନୁଯାୟୀ ଗତ ଏପ୍ରିଲ୍‌ରେ କେବଳ ଓଡ଼ିଶାରେହିଁ ୭୫ଟି ପରିବାରଙ୍କୁ ଥଇଥାନ କରାଯାଇଛି । ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟ ପ୍ରତିଷ୍ଠିତ ହୋଇଛି । ଜଳଯୋଗାଣ, ଗୃହନିର୍ମାଣ, ଗ୍ରାମ୍ୟ ବିଦ୍ୟୁତିକରଣ, ଏନ୍. ଆର୍. ଇ. ପି., ପରିବାର-କଲ୍ୟାଣ, ଋଣ ପ୍ରଦାନ, ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା ଓ ଆଦିବାସୀ ହରିଜନ କଲ୍ୟାଣ କ୍ଷେତ୍ରରେ ଓଡ଼ିଶାର ସାଫଲ୍ୟ ଉଲ୍ଲେଖଯୋଗ୍ୟ ହୋଇପାରିଛି ।



# ଆହ୍ୱାନ : ଏକ ନୂତନ ଯୁଗର

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୋର ରାଜ୍ୟ ଶାସନ ଦାୟିତ୍ୱରେ ରହିବା ଦୁଇ ବର୍ଷ ପୂରିଲା । ରାଜ୍ୟବାସୀଙ୍କ ଅକୁଣ୍ଠଶ୍ରଦ୍ଧା, ସହଯୋଗ ଓ ଶୁଭେଚ୍ଛା ପାଇ ମୁଁ ଭାରତର ପ୍ରଗତି ମାନଚିତ୍ରରେ ଓଡ଼ିଶାକୁ ଏକ ଉନ୍ନତ ସ୍ଥାନ ଦେବା ପାଇଁ ଚେଷ୍ଟା କରିଛି । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କର ଆଶୀର୍ବାଦ ଫଳରେ କେନ୍ଦ୍ର ସହିତ ଆମ ରାଜ୍ୟର ସଂପର୍କ ସୁଦୃଢ଼ ହୋଇଛି ଏବଂ ଆମର ପ୍ରଗତି ପଥରେ କେନ୍ଦ୍ର ସହଯୋଗ ନିଶ୍ଚିତ ଭାବେ ଉତ୍ସାହପ୍ରଦ ହୋଇଛି ।

ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟର ସାମୂହିକ ଉନ୍ନତି ପାଇଁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ଏହି ଅବସରରେ ରାଜ୍ୟବାସୀଙ୍କୁ ସେ ସବୁ ଜଣାଇବା ମୋର କର୍ତ୍ତବ୍ୟ । କୃଷି, ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ, ଜଳସେଚନ, ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କର ଅର୍ଥନୈତିକ ଉତ୍ଥାନ, ଆଦିବାସୀ ଓ ହରିଜନ ଆଦି ଦୁର୍ବଳ ଶ୍ରେଣୀର ଉନ୍ନତି ବିଧାନ ପାଇଁ ଆମେ ଯେଉଁ ପଦକ୍ଷେପ ଗ୍ରହଣ କରିଛୁ, ସଂକ୍ଷେପରେ ତା'ର ଏକ ତୁଳନାତ୍ମକ ଚିତ୍ର ଏଠାରେ ଦେଉଛି ।

## ଶିଳ୍ପର ବିକାଶ

ଶିଳ୍ପ କ୍ଷେତ୍ରରେ ବିକାଶ ନ ହେଲେ କୌଣସି ରାଜ୍ୟର ବିକାଶ ହେବ ନାହିଁ । ପୃଥିବୀର ପ୍ରତି ଉନ୍ନତ ଦେଶର ଇତିହାସ ହେଉଛି, ଶିଳ୍ପ ବିକାଶର ଇତିହାସ । ଯେତେବେଳେ ଏ ସରକାର ଆସିଲେ, ସେତେବେଳେ ଓଡ଼ିଶାର ସମ୍ବଳ ସୀମାବଦ୍ଧ ଥିଲା । ତେଣୁ ଗୋଟିଏ ଉଚ୍ଚାଭିଳାଷୀ ଘୋଷଣା କରାଗଲା ଯେ ଓଡ଼ିଶାକୁ ଶିଳ୍ପୋନ୍ନତ କରିବାକୁ ହେବ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଓଡ଼ିଶାକୁ ଭାରତ ବର୍ଷର ଏକ ଶ୍ରେଷ୍ଠ ଶିଳ୍ପ ରାଜ୍ୟରେ ପରିଣତ କରାଯିବ । ଆଜି ଦୁଇ ବର୍ଷ ପରେ କ'ଣ ହୋଇଛି ସାରା ରାଜ୍ୟ ଓ ସାରା ଭାରତ ବର୍ଷ ଜାଣେ । ଯେଉଁମାନେ ଅଭିଯୋଗ କରନ୍ତି ଯେ ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ କିଛି ହୋଇ ନାହିଁ, ସେମାନେ ସବୁ ଦେଖି ମଧ୍ୟ କିଛି ଦେଖିବାକୁ ଚାହାନ୍ତି ନାହିଁ । ସକାଳେ ସୂର୍ଯ୍ୟୋଦୟ ହେଲେ ସମସ୍ତ ଜଗତ ଆଲୋକିତ ହୁଏ । ସମସ୍ତେ ସେ ଆଲୋକ ଦେଖନ୍ତି । କେବଳ ଉଲ୍ଲୁକ ତାହା ଦେଖି ପାରେ ନାହିଁ ।

## ଇସ୍ପାତ କାରଖାନା

ବାରମ୍ବାର କୁହା ଯାଉଛି ଯେ ଇସ୍ପାତ କାରଖାନା ଓଡ଼ିଶାରେ ହେବ ନାହିଁ । ମୁଁ ସ୍ପଷ୍ଟ ଘୋଷଣା କରିବାକୁ ଚାହେଁ, ଇସ୍ପାତ କାରଖାନା ହେବ, ନିଶ୍ଚିତ ଭାବରେ ଓଡ଼ିଶାରେ ହେବ । ଏ ଇସ୍ପାତ କାରଖାନା ସଂପର୍କରେ ପ୍ରଧାନ ମନ୍ତ୍ରୀ ଆସିବେ ଏବଂ ତାକୁ ଆଶୀର୍ବାଦ ଦେବେ । ଏ କାରଖାନା ଯଦି ଏ ସରକାର କରି ନ ପାରିବେ ଆଉ କୌଣସି ସରକାର କରି ପାରିବେ ନାହିଁ ।

**ଉତ୍କଳ ପ୍ରସଙ୍ଗ**

କେବଳ ଇସ୍ପାତ କାରଖାନା ନୁହେଁ, ସେହିପରି ଭାବରେ ଆଲୁମିନିୟମ ଏବଂ ଆଲୁମିନା କାରଖାନା କାର୍ଯ୍ୟକାରୀ କରା ଯାଉଛି । ସେଥିରେ ୧,୫୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ଏବଂ ୧୯୮୫ ମସିହା ମଧ୍ୟରେ ସେଥିରୁ ଉତ୍ପାଦନ ଆରମ୍ଭ ହେବ । ଯେଉଁ ଇସ୍ପାତ କାରଖାନା ହେବ, ସେ କାରଖାନା ୪୮ ମାସରେ ଶେଷ ହୋଇ ସେଥିରୁ ଉତ୍ପାଦନ ଆରମ୍ଭ କରାଯିବ । ଯଦି ତାର କାର୍ଯ୍ୟ ଏ ବର୍ଷ ଭିତରେ ଆରମ୍ଭ ହୁଏ ତା' ହେଲେ ୪୮ ମାସ ପୂରା ହେଉଛି ୧୯୮୬ ମସିହାରେ ଯେତେବେଳେ କି ଇସ୍ପାତ ଉତ୍ପାଦନ ଆରମ୍ଭ ହେବ ।

## ସାର କାରଖାନା

ଏ ଦୁଇଟି ଛଡ଼ା ସାର କାରଖାନା କଥା । ସାର କାରଖାନା ନିଶ୍ଚିତ ହେଉଛି । ଇନ୍ଦିରା ଗାନ୍ଧୀ ଯେଉଁଠି ଛୁଇଁ ଦିଅନ୍ତି ସେ କାର୍ଯ୍ୟ କେବେହେଲେ ଅସମ୍ପୂର୍ଣ୍ଣ ରହେ ନାହିଁ ଏବଂ ସେ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦାୟିତ୍ୱ ସରକାରଙ୍କର ।

**ଗୋଟିଏ କାରଖାନା ନୁହେଁ ତିନିଟି ମୌଳିକ ବୃହତ୍ ଧରଣର କାରଖାନା ଏକ ସମୟରେ କୌଣସି ଯୋଜନା କାଳରେ କେବେହେଲେ ଓଡ଼ିଶାରେ ହୋଇ ନ ଥିଲା, ଯାହାକି ବର୍ତ୍ତମାନ କାର୍ଯ୍ୟକାରୀ କରା ଯାଉଛି । ଗୋଟିଏ ଯୋଜନା କାଳରେ ଆଉ କୌଣସି ରାଜ୍ୟରେ ବୋଧହୁଏ ହୋଇ ନଥିଲା ।**

ଏହାଛଡ଼ା ଆମର ପ୍ରଥମ ବର୍ଷ ୨,୧୦୦ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରା ଯାଉଛି ଓ ଏ ବର୍ଷ ୨,୮୦୦ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରା ଯାଉଛି । ଅବଶିଷ୍ଟ ୩ ବର୍ଷ ମଧ୍ୟରେ ଏହି ଅଗ୍ରଗତି ଦ୍ରୁତତର ହେବ ।

## ମଧ୍ୟମ ଧରଣର ଶିଳ୍ପ

ବଡ଼ ଓ ମଧ୍ୟମ ଧରଣର ୨ଟି ଶିଳ୍ପରେ ୨୦୦କୋଟି ଟଙ୍କା ପୁଞ୍ଜି ଖଟାଯିବ ଏବଂ ତା' ମଧ୍ୟ ନିର୍ଦ୍ଦିଷ୍ଟ ସମୟ-ସୀମା ମଧ୍ୟରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି । ଏହାଛଡ଼ା ଆହୁରି ୨୦୦ଟି ମଧ୍ୟମ ଧରଣର ଏବଂ ବଡ଼ ଶିଳ୍ପ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସ୍ଥାପନ କରାଯିବ । ତହିଁରେ ୮୦୦କୋଟି ଟଙ୍କା ବିନିଯୋଗ କରାଯିବ । ମୋଟ ଉପରେ ଏକ ହଜାର କୋଟି ଟଙ୍କାରେ ହଜାରେ ଦିନରେ ହଜାରେଟି ଶିଳ୍ପ- ପାଇଁ ଯେଉଁ ପରିକଳ୍ପନା କରାଯାଇଥିଲା, କ୍ଷୁଦ୍ର ଶିଳ୍ପକୁ ଏବଂ କେନ୍ଦ୍ରୀୟ ଶିଳ୍ପକୁ ଛାଡ଼ିଦେଲେ, ୧୦୦୦ ଦିନ ଶେଷ- ହେବା ବେଳକୁ କେବଳ ୧୦୦୦ କୋଟି ଟଙ୍କା ନୁହେଁ, ଏହା ୩୦୦୦ କୋଟି ଟଙ୍କା ହେବ । କାରଣ ତାହା ଆମର ପ୍ରତିଜ୍ଞା, ମୋର ବ୍ୟକ୍ତିଗତ ପ୍ରତିଜ୍ଞା ନୁହେଁ, ତାହା ସରକାରଙ୍କ ପ୍ରତିଜ୍ଞା । ଓଡ଼ିଶାର ଜନସାଧାରଣଙ୍କର ପ୍ରତିଜ୍ଞା । ବହୁତ ଦିନ ଧରି ଓଡ଼ିଶା ପଛରେ ପଡ଼ିଛି । ତାକୁ ଉଠାଇବାକୁ ହେବ । ଭାରତୀୟ ସ୍ତରରେ ସେ ଯେପରି ଉପଯୁକ୍ତ ଆସନ ଗ୍ରହଣ କରିବ ।

## ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି

ମୁଁ ଏଠାରେ ପର୍ଯ୍ୟଟନ ଶିଳ୍ପ ସଂପର୍କରେ ଉଲ୍ଲେଖ କରିବାକୁ ଚାହେଁ । ପର୍ଯ୍ୟଟନ ଶିଳ୍ପ ଓଡ଼ିଶାରେ କ'ଣ ଥିଲା ଓ ଆଜି କ'ଣ ହେବାକୁ ଯାଉଛି, ତାର ଗୋଟିଏ ନମୁନା ହେଉଛି କେତେ ପର୍ଯ୍ୟଟକ ଦିଲ୍ଲୀ ଭୁବନେଶ୍ୱର ମଧ୍ୟରେ ଓ କଲିକତା, ଭୁବନେଶ୍ୱର, ହାଇଦ୍ରାବାଦ ମଧ୍ୟରେ ବୋଇଂ ସର୍ଭିସ ହେବା ପରେ ଓଡ଼ିଶାକୁ ଆସିଛନ୍ତି, ତାହା ଦେଖିବା କଥା । କୌଣସି ଗୋଟିଏ ହୋଟେଲରେ କେତେ ସ୍ଥାନ ଖାଲି ପଡୁଛି, ସେଥିରୁ କେତେ ପର୍ଯ୍ୟଟକ ଆସୁଛନ୍ତି ତାହା ଜଣାଯିବ । ବର୍ତ୍ତମାନ କୌଣସି ହୋଟେଲରେ ସ୍ଥାନ ଖାଲି ରହୁନାହିଁ । ବହୁ ପର୍ଯ୍ୟଟକ ଆସି ପାରୁନାହାନ୍ତି । କାରଣ ଆମର ହୋଟେଲ ଅଭାବ ରହିଛି । ସେଥିପାଇଁ ବର୍ତ୍ତମାନ କାର୍ଯ୍ୟକ୍ରମ ଅନୁସାରେ ଓଡ଼ିଶାର ୪ଟି ସ୍ଥାନରେ ୧୭ଟି ଷ୍ଟାର ଶ୍ରେଣୀର ହୋଟେଲ କରାଯାଉଛି । ସେ ସ୍ଥାନଗୁଡ଼ିକ ହେଲା ପାରାଦୀପ, କଟକ, ଭୁବନେଶ୍ୱର ଓ ପୁରୀ । ଏ ୧୭ଟି ଷ୍ଟାର ଶ୍ରେଣୀର ହୋଟେଲ ସଂପୂର୍ଣ୍ଣ ହେଲେ ସେଥିରେ ୬୫୦ଟି କକ୍ଷ ରହିବ ଏବଂ ଆମର ଆବଶ୍ୟକତା ତୁଳନାରେ ଏହା ଅଧିକ ହେବ । ଆଗାମୀ ଡ଼ିସେମ୍ବର ସୁଦ୍ଧା ଏହା ସଂପୂର୍ଣ୍ଣ ହେବ । ଅର୍ଥାତ୍ ଗୋଟିଏ ଦିନରେ ଯଦି ୬୫୦ଜଣ ପର୍ଯ୍ୟଟକ ଆସନ୍ତି, ୩ଟି ବୋଇଂ ଯଦି ଏକା ସାଙ୍ଗରେ ଭୁବନେଶ୍ୱରରେ ଓହ୍ଲାଏ, ତା'ହେଲେ ସେଥିରେ ଆସିଥିବା ପର୍ଯ୍ୟଟକ ପୂରା ରହି ପାରିବେ । ଖାଲି ସେତିକି ନୁହେଁ, ପୁରୀ, କୋଣାର୍କ ବେଳାଭୂମି ରାସ୍ତାର ନିର୍ମାଣ ମଧ୍ୟ ଖୁବ୍ ନିକଟରେ ସଂପୂର୍ଣ୍ଣ ହେବ ।

## ଶିଳ୍ପ ଓ କୃଷି ଉପରେ ସମାନ ଗୁରୁତ୍ୱ

କେହି କେହି ଅଭିଯୋଗ କରନ୍ତି ଯେ ଶିଳ୍ପକୁ ଗୁରୁତ୍ୱ ଦିଆ ଯାଉଛି ଏବଂ କୃଷିକୁ ଅଧିକ ଗୁରୁତ୍ୱ ଦିଆ ଯାଉନାହିଁ । କିନ୍ତୁ ରାଜ୍ୟ ସରକାର ଓଡ଼ିଶାର ଉନ୍ନତି ପାଇଁ ଉଭୟ ଶିଳ୍ପ ଓ କୃଷିକୁ ସମାନ ଗୁରୁତ୍ୱ ଦେଉଛନ୍ତି । ଏହା ଜଣାଶୁଣା କଥା ଯେ ଏକ ଉନ୍ନୟନମୂଳକ ଯୋଜନାରେ ଯଦି କୃଷି ଓ ଶିଳ୍ପକୁ ସମାନ ଗୁରୁତ୍ୱ ଦିଆ ନ ଯାଏ, ତେବେ ଉଭୟ କୃଷି ଓ ଶିଳ୍ପର ବିକାଶ ହୋଇ ପାରିବ ନାହିଁ । କାରଣ କେତେକ ଶିଳ୍ପ କୃଷିଜାତ ଦ୍ରବ୍ୟ ଉପରେ ପ୍ରତିଷ୍ଠିତ । ଉଦାହରଣ ସ୍ୱରୂପ ଆମେ ସ୍ଥିର କରିଛୁ, ଓଡ଼ିଶାରେ ୯ ଟି ସୂତାକଳ ବସାଯିବ । ସେଥିପାଇଁ ଅଧିକ କପାଚାଷ ଦରକାର । ବାହାରୁ କପା ଆମଦାନି କରା ଯାଇ ପାରିବ । କିନ୍ତୁ ଓଡ଼ିଶା ଏ ଦିଗରେ ସ୍ୱାବଲମ୍ବୀ ହେବା ଆବଶ୍ୟକ । ଆଗାମୀ ବର୍ଷ ୫୦,୦୦୦ ହେକ୍ଟର ଜମିରେ କପା ଚାଷ କରିବାପାଇଁ ନିଷ୍ପତ୍ତି ନିଆ ଯାଉଛି । ସେହିପରି ଅଧିକ ଦୁଇଟି ତିନି କାରଖାନା କରା ଯାଉଛି । ତିନି କାରଖାନା କରିବା ପାଇଁ ଅଧିକ ଜମିରେ ଆଖୁ ଚାଷ ହେବା ଦରକାର । ଯେଉଁ ଅଞ୍ଚଳରେ ଚିନି କଳ ସ୍ଥାପନ କରା ଯାଉଛି ସେ ସବୁ ଅଞ୍ଚଳରେ ଅଧିକ ଜମିରେ ଆଖୁ ଚାଷ କରିବାପାଇଁ ନିଷ୍ପତ୍ତି ନିଆ ଯାଉଛି । ଏ କାର୍ଯ୍ୟକ୍ରମ ଛଡ଼ା

ରାଜ୍ୟରେ ବିଶେଷ କରି ଗୋଟିଏ ବଡ଼ ଧରଣର ତେଲ କଳ 'ଇଣ୍ଟିଗ୍ରେଟେଡ୍ ଅଏଲ ମିଲ' କରାଯିବ ଯଦ୍ୱାରା କି ବିଶେଷ ପରିମାଣରେ ବାଦାମ ତେଲ ଉପାଦନ କରାଯାଇ-ପାରିବ । କାରଣ ଆମ ରାଜ୍ୟର ଅଧିକାଂଶ ଚିନାବାଦାମ ଗୁଜୁରାଟ ଏବଂ ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଯାଇ ସେଠାରୁ ତେଲ ପେଡ଼ା ଯାଇ ଏଠାକୁ ଆସୁଛି । ସେଥିପାଇଁ ସରକାର ଏହି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଏବଂ ଅଧିକ ଚିନାବାଦାମ ଉତ୍ପାଦନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ତଦନୁସାରେ ୬୮,୦୦୦ ଏକର ଅଧିକ ଜମିରେ ଗତ ବର୍ଷ ଅପେକ୍ଷା ଏ ବର୍ଷ ଚିନାବାଦାମ ଚାଷ କରାଯାଇଛି । ଏହା ହେଲା ଭିନ୍ନ ଭିନ୍ନ ଉପଯୋଗୀ ଫସଲ ଚାଷର ଗୋଟିଏ ଦିଗ । ଅନ୍ୟ ଦିଗଟି ହେଉଛି ଓଡ଼ିଶାରେ ଯାହା ଖାଦ୍ୟଶସ୍ୟ ଉତ୍ପାଦନ ହେଉଛି, ତାହା ଭଲ ବର୍ଷା ହେଉଥିବା ବର୍ଷରେ ସାମାନ୍ୟ ବଳକା ହେଉଛି । କିନ୍ତୁ ମରୁଡ଼ି ଅବସ୍ଥାକୁ ସମ୍ଭାଳିବା ପାଇଁ ଏ ଖାଦ୍ୟଶସ୍ୟ ଯଥେଷ୍ଟ ହେଉ ନାହିଁ । ଆମକୁ ବାହାରୁ ଖାଦ୍ୟ ଶସ୍ୟ ଆମଦାନି କରିବାକୁ ପଡ଼ୁଛି । ତାହା ଦୂର କରିବା ପାଇଁ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ହେଉଛି ଅଧିକ ଜମିରେ ଜଳସେଚନ, ଚାଷୀମାନଙ୍କୁ ଠିକ୍ ସମୟରେ ପାଣି ଯୋଗାଇ ଦେବା, ସେମାନଙ୍କୁ କୃଷି ଋଣ ଯୋଗାଇ ଦେବା, ଅଧିକନ୍ତୁ ଅଧିକ ସଂଖ୍ୟକ ଚାଷୀ ଯେଉଁମାନେ କ୍ଷୁଦ୍ର ଚାଷୀ, ନାମ ମାତ୍ର ଚାଷୀ ଏବଂ ମଧ୍ୟମ ଧରଣର ଚାଷୀ, ସେମାନଙ୍କୁ ସମିତି-ମାନଙ୍କର ଅନ୍ତର୍ଭୁକ୍ତ କରିବା, ରିହାତି ଦରରେ ସମସ୍ତ ପ୍ରକାର ସାର ଯୋଗାଇ ଦେବା ଇତ୍ୟାଦି । ସେହି ଦୃଷ୍ଟିରୁ ଜଳସେଚନ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରା ଯାଇଛି ।

ଶସ୍ୟବୀମା ସଂପର୍କରେ ମୁଁ ଜଣାଇ ଦେବାକୁ ଚାହେଁ, ୧୫ ଟି ବ୍ଳକରେ ଖରିଫ୍ ଋତୁରେ ଶସ୍ୟବୀମା ଯୋଜନା ପ୍ରବର୍ତ୍ତନ କରାଯାଇଛି ଏବଂ ରବି ଋତୁରେ ପ୍ରାୟ ୪୦ଟି ବ୍ଳକରେ ଏହି ଯୋଜନା କାର୍ଯ୍ୟକାରୀ କରା-ଯାଇଛି । ଆମର ଲକ୍ଷ୍ୟ, ସମଗ୍ର ଓଡ଼ିଶାକୁ ଶସ୍ୟବୀମା ଯୋଜନାର ଅନ୍ତର୍ଭୁକ୍ତ କରିବା ।

## କୃଷି ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ

ରାଜ୍ୟରେ କୃଷିଜାତ ପଦାର୍ଥର ଉତ୍ପାଦନ ବୃଦ୍ଧି ଦିଗରେ ସରକାର ଯଥାନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି । ଯେଉଁମାନେ କ୍ଷୁଦ୍ର ଚାଷୀ, ଯେଉଁମାନେ ନାମମାତ୍ର ଚାଷୀ ସେମାନଙ୍କୁ ରିହାତି ଦରରେ ଫସ୍‌ଫେଟ୍, ପଟାସ୍ ଓ ନାଇଟ୍ରୋଜେନ୍ ସାର ଯୋଗାଇ ଦିଆ ଯାଇଅଛି । ଏ ବାବଦରେ ଚାଷୀମାନଙ୍କୁ ମୋଟରେ ୩ କୋଟି ୩୫ ଲକ୍ଷ ଟଙ୍କା ରିହାତି ଦିଆ ଯାଇଛି । ପୁଣି ଏକ କୋଟି ୫ ଲକ୍ଷ ଟଙ୍କା ବିହନ ବାବଦରେ ରିହାତି ଦିଆଯାଇଛି । ସେମାନଙ୍କ ମଧ୍ୟରୁ ଏକ ଲକ୍ଷ ନାମମାତ୍ର ଚାଷୀ, କ୍ଷୁଦ୍ରଚାଷୀ ଏବଂ ମଧ୍ୟମ ଧରଣର ଚାଷୀକୁ ସମବାୟ ଅନ୍ତର୍ଭୁକ୍ତ କରି ଋଣ ଦିଆ ଯାଇଅଛି । ଏହିସବୁ ପଦକ୍ଷେପ ନିଆ-ହୋଇଅଛି ମାର୍ଚ୍ଚ ୧୯୮୨ ପର୍ଯ୍ୟନ୍ତ ।

ମଧ୍ୟମ ଧରଣର ଜଳସେଚନ, କ୍ଷୁଦ୍ର ଧରଣର ଜଳସେଚନ, ଉଠା ଜଳସେଚନ ଏବଂ କୂପ ଖନନ ଜରିଆରେ ଗତ ଦୁଇ ବର୍ଷ ମଧ୍ୟରେ ଚାରି ଲକ୍ଷ ଏକର ଜମିକୁ ଜଳ ସେଚିତ କରା ଯାଇଅଛି । ଏହା ଫଳରେ ଗତ ୨୦ ବର୍ଷ ଧରି ଓଡ଼ିଶାର କୃଷି ଉତ୍ପାଦନର ସ୍ଥିତାବସ୍ଥାକୁ କେବଳ ୧୯୮୦-୮୨ ମସିହା ମଧ୍ୟରେ ଭାଙ୍ଗି ଦିଆଯାଇ ପାରିଛି । ୧୯୭୮-୭୯ ମସିହା ଥିଲା, ସାରା ଭାରତ ବର୍ଷରେ ଏକ ଅଧିକ ଉତ୍ପାଦନର ବର୍ଷ ଏବଂ ସେ ବର୍ଷ ଆମର ଉତ୍ପାଦନ ଥିଲା ୫୭ ଲକ୍ଷ ଟନ । ଏହି ବର୍ଷ ତୁଳନାରେ ୧୯୮୦-୮୧ ମସିହାରେ ଆମେ ୨ ଲକ୍ଷ ୧୨ ହଜାର ଟନ ଅଧିକ ଖାଦ୍ୟ-ଶସ୍ୟ ଉତ୍ପାଦନ କରି ପାରିଛୁ । ତାହା ହେଉଛି ୫୯ ଲକ୍ଷ ୧୨ ହଜାର ଟନ । ଚଳିତ ବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ଅଧିକ ୩ ଲକ୍ଷ ୧୦ ହଜାର ଟନ ହେବ ବୋଲି ସୂଚନା ମିଳୁଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ପରିମାଣକୁ ୭୪ ଲକ୍ଷ ଟନକୁ ବୃଦ୍ଧି କରି ଓଡ଼ିଶାକୁ ଖାଦ୍ୟଶସ୍ୟ ଦିଗରେ ଏକ ବିଶିଷ୍ଟ ବଳକା ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ ।

## ଗ୍ରାମାଞ୍ଚଳର ଗରିବ ଲୋକଙ୍କ ଉନ୍ନତି ପାଇଁ ଯୋଜନା

ଓଡ଼ିଶାର ଅଭିବୃଦ୍ଧି ସହିତ ଏକ ପ୍ରଶ୍ନ ଜଡ଼ିତ । ଆପଣ ଜାଣନ୍ତି ଆମ ରାଜ୍ୟରେ ଅନେକ ଗରିବ ଶ୍ରେଣୀର ଲୋକ ଅଛନ୍ତି ଯାହାଙ୍କର ଜମି ଭୂମି ବୋଲି କିଛି ନାହିଁ । ସେମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଭିନ୍ନ ଭିନ୍ନ ଯୋଜନା କରାଯାଉଛି ଏବଂ ତଦନୁଯାୟୀ ଏ ରାଜ୍ୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦରୁ ଗ୍ରାମାଞ୍ଚଳର ଉତ୍‌ଥାନ କାର୍ଯ୍ୟକ୍ରମ ବା 'ଇକନମିକ୍ ରିହାବିଲିଟେସନ୍ ଅଫ ଦି ରୁରାଲ ପୁଅର୍' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମ ଫଳରେ ସାରା ଦେଶ ପାଇଁ ଓଡ଼ିଶାରେ ଏକ ନୂତନ ପରୀକ୍ଷା ଆରମ୍ଭ ହୋଇଛି ଏବଂ ଏହି ପରୀକ୍ଷାକୁ ନିଜ ଆଖିରେ ଦେଖିବା ପାଇଁ ସାମ୍ବାଦିକଙ୍କଠାରୁ ଆରମ୍ଭ କରି ପାର୍ଲିଆମେଣ୍ଟ ସଦସ୍ୟମାନଙ୍କ ପର୍ଯ୍ୟନ୍ତ, ସମସ୍ତେ ଏ ରାଜ୍ୟକୁ ଆସିଛନ୍ତି ଏବଂ ବିଭିନ୍ନ ଅଞ୍ଚଳ ଗସ୍ତ କରିଛନ୍ତି । ସେମାନେ ନିଜେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ ଓଡ଼ିଶାରେ ଏହି ଯୋଜନା ଏକ ପରୀକ୍ଷା ହେଲେହେଁ ଖୁବ୍ ସଫଳତାର ସହିତ ତାହା କରା ଯାଉଛି । ଏ କାର୍ଯ୍ୟକ୍ରମ ଯେତେବେଳେ ଏପରି ବିଶାଳ ସ୍ତରରେ କରାଯାଉଛି ତା' ମଧ୍ୟରେ କେଉଁଠି କିଛି ଦୋଷ ଦୁର୍ବଳତା ରହି ଯାଉଥିବ । ଏହି ଯୋଜନା ଭିତରେ ୫ ଲକ୍ଷ ପରିବାରଙ୍କୁ ଉତ୍‌ଥାନ କରା-ଯିବାର ବ୍ୟବସ୍ଥା କରାଯାଉଛି । ଏଥି ସହିତ ସମସ୍ତଙ୍କର ସହଯୋଗ ଆବଶ୍ୟକ । ସରକାର ଜମି ଜରିଆରେ ଅଧିକ ଲୋକଙ୍କ ଉତ୍‌ଥାନ ବ୍ୟବସ୍ଥା କରୁଛନ୍ତି । ଜମି ଜରିଆରେ ଉତ୍ପାଦନ ବଢ଼ିବ, ଏଥିରେ ସନ୍ଦେହ ନାହିଁ । ମୁଁ ଯେଉଁସବୁ ଅଞ୍ଚଳ ନିଜେ ଦେଖିଛି ମୋର ହୃଦ୍‌ବୋଧ ହୋଇଛି, ଦାରିଦ୍ର୍ୟ ଦୂର କରିବା ପାଇଁ ଏହା ଏକ ବଳିଷ୍ଠ କାର୍ଯ୍ୟକ୍ରମ । ଅନ୍ୟମାନେ ଯେଉଁମାନେ ବୁଝି


ECONOMIC REHABILITATION
FOR
RURAL POOR PROGRAMME

ଦେଖୁଛନ୍ତି ସେମାନଙ୍କର ମଧ୍ୟ ସେହି ଧାରଣା ହୋଇଛି । ବହୁ ଗରିବ ଲୋକେ ଆଜି ଖାଲି ଜମିର ମାଲିକ ନୁହନ୍ତି, ସେମାନେ ଯେଉଁ ସଂପତ୍ତିର ମାଲିକ, ସେହି ସଂପତ୍ତିରୁ ସେମାନେ ବର୍ଷକୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରି ପାରୁଛନ୍ତି । ସେମାନେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ପଇସା ଯୋଗାଇ ପାରୁଛନ୍ତି ଏବଂ ପୁଅ ଝିଅମାନଙ୍କର ବିବାହ କରି ପାରୁଛନ୍ତି । ଏହାକୁ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରି ପାରିବେ ନାହିଁ ।

## ଶ୍ୱେତ ବିପ୍ଳବ

ଜମି ବାହାରେ ଆଉ ଯେଉଁ କାର୍ଯ୍ୟକ୍ରମ ରହିଛି, ତାହାର ଗୋଟିଏ ଉଦାହରଣ ମୁଁ ଦେଉଛି । ଏହି କାର୍ଯ୍ୟକ୍ରମ ଭିତରେ ଗରିବ ଲୋକମାନଙ୍କୁ ଗାଈ ଯୋଗାଇବାର ବ୍ୟବସ୍ଥା କରାଯାଇଛି । ଏଥିରେ କିଛି ବ୍ୟତିକ୍ରମ ହୋଇଛି, ମୁଁ ତାହା ସ୍ୱୀକାର କରୁଛି । କାରଣ ଆମର ଯେତିକି ଗାଈ ଯୋଗାଇବାର କଥା ସେତିକି ଗାଈ ମିଳୁ ନାହାନ୍ତି । ଯୋଜନା ହେଉଛି, ଜର୍ସି ଗାଈ ଯୋଗାଇବା । ଯେଉଁ ଲୋକମାନଙ୍କୁ ଯୋଗାଇ ଦିଆଯାଉଛି, ସେମାନେ ଜର୍ସି ଗାଈ ରଖି ଚଳାଇ ପାରିବେ ନାହିଁ । ସେଥିପାଇଁ ସରକାର ଜର୍ସି ଗାଈ ବଦଳରେ ଦେଶୀ ଗାଈ ଏବଂ ମିଶ୍ର ଗାଈ ଯୋଗାଇ ଦେବା ପାଇଁ ନିଷ୍ପତ୍ତି କଲେ । ରାଉରକେଲା ଏବଂ ଭୁବନେଶ୍ୱର ଠାରେ ଦୁଇଟି ଏକ ଲକ୍ଷ ଲିଟର ବିଶିଷ୍ଟ ଚିଲିଂ ପ୍ଲାଣ୍ଟ ( Chilling Plant ) ପ୍ରତିଷ୍ଠା କରାଯିବ । ଏହି ଚିଲିଂ ପ୍ଲାଣ୍ଟ ପାଇଁ ପ୍ରଧାନ ରାସ୍ତାମାନଙ୍କୁ "ଦୁଗ୍ଧ-ପଥ" କରାଯିବ । ଗରିବ ଚାଷୀ, ଭୂମିହୀନ ଚାଷୀ ଓ ଅନ୍ୟ ଗରିବ ଲୋକମାନଙ୍କୁ ଇ. ଆର. ଆର. ପି. ଓ ଆଇ. ଆର. ଡ଼ି. ସ୍କିମରେ ଗାଈ ଯୋଗାଇ ଦିଆଯିବ । ତାଙ୍କ ଠାରୁ ଉଚିତ୍ ମୂଲ୍ୟରେ ଦୁଗ୍ଧ ସଂଗ୍ରହ କରାଯିବ । ଯେଉଁ ଗାଡ଼ି ଦୁଗ୍ଧ ସଂଗ୍ରହ ପାଇଁ ଯିବ, ତାହା ମଧ୍ୟ ଗୋଖାଦ୍ୟ ଯୋଗାଇ ଦେବ । ଇ. ଆର. ଆର. ପି. କାର୍ଯ୍ୟକ୍ରମରେ ଗରିବ ଶ୍ରେଣୀର ଲୋକ, ଦୁଃସ୍ଥ ଶ୍ରମିକ, ଖଟିମୂଲିଆ, ବାଦନ ଶ୍ରମିକ ଏବଂ ଗୋତି ଶ୍ରମିକ ଅନ୍ତର୍ଭୁକ୍ତ ।

ଗୋତି ଶ୍ରମିକ ପ୍ରଥା ଉଠିବା କାର୍ଯ୍ୟକ୍ରମରେ ଭାରତ ସରକାରଙ୍କର କୋଟି କୋଟି ଟଙ୍କାର ଯୋଜନା ରହିଅଛି । ଓଡ଼ିଶା ସରକାର ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ଭାରତ ସରକାରଙ୍କର ନିର୍ଦ୍ଦେଶ ଓ ନୀତିକୁ ପାଳନ କରି ସେ ବାବଦରେ ଓଡ଼ିଶାକୁ ବହୁ ଟଙ୍କା ଆଣି ପାରିଛନ୍ତି । ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କର କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରି ଓଡ଼ିଶା ସରକାର ଧନ୍ୟବାଦର ପାତ୍ର ହୋଇଛନ୍ତି ।

ବାର୍ଦ୍ଧକ୍ୟ ଭତ୍ତା ୩ ବର୍ଷ ଭିତରେ ପୂର୍ବତନ ସରକାର ଯେତେ ଦେଇଥିଲେ ଏହି ଦେଢ଼ ବର୍ଷ ଭିତରେ ଆମେ ତାହାଠାରୁ ଅଧିକ ୧୦ ଗୁଣ ଦେଇ ପାରିଛୁ । ଏହି କାର୍ଯ୍ୟକ୍ରମ ଅନୁସାରେ ବୃଦ୍ଧଙ୍କୁ ମାତ୍ର ୨୫ ଟଙ୍କା ଦିଆଯାଉଥିଲା । ବର୍ତ୍ତମାନ ଆମେ ୪୦ ଟଙ୍କା ଦେଉଅଛୁ । ଏ କଥା ପରିଷ୍କାର କରି ଦିଆ ଯାଉଛି ଯେ, ଯେଉଁ ଗାଆଁରେ ଏହି ଶ୍ରେଣୀର ଅସହାୟ ବୁଢ଼ା ବୁଢ଼ୀ ଅଛନ୍ତି, ସେମାନଙ୍କୁ ପୁରାପୁରି ଆର୍ଥିକ ସାହାଯ୍ୟ ଦିଆଯିବ ।

## ସମବାୟ ଋଣ

ଗୋଟିଏ ପ୍ରଶ୍ନ ଉଠୁଛି, ଯଦି ସରକାର ଗରିବ ଚାଷୀମାନଙ୍କ କଥା ଭାବୁଛନ୍ତି, ତା' ହେଲେ କୃଷି ଋଣ କାହିଁକି ଛାଡ଼ କରି ଦେଉ ନାହାନ୍ତି । ମୁଁ ଏ ବିଷୟକୁ ସ୍ପଷ୍ଟ କରି ଦେବାକୁ ଚାହେଁ ଯେ, ସମବାୟ ଅର୍ଥ ହେଉଛି ଜନସାଧାରଣଙ୍କ ଅର୍ଥ । ସରକାର ଯେଉଁ ଋଣ ଛାଡ଼ କରିଛନ୍ତି, ସେ ଋଣ ହେଉଛି, ମହାଜନୀ ଋଣ । ୧୯୮୧ ମସିହା ଜୁଲାଇ ପର୍ଯ୍ୟନ୍ତ ଯେଉଁମାନେ ମହାଜନୀ ଋଣ ନେଇଛନ୍ତି, ଯଥା କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଏବଂ ଭୂମିହୀନ ଚାଷୀ ସେମାନଙ୍କ ଋଣ ସଂପୂର୍ଣ୍ଣ ଭାବରେ ଛାଡ଼ କରି ଦିଆଯାଇଛି । ଏ ଋଣ ଭିତରେ ସମବାୟ ଋଣ ଅନ୍ତର୍ଭୁକ୍ତ ନୁହେଁ । ସମବାୟ ଋଣ ଛାଡ଼ କରି କେତେକ ରାଜ୍ୟ ଆର୍ଥିକ ଅସୁବିଧାରେ ପଡ଼ିଛନ୍ତି । ତେଣୁ ଏ ସରକାର ସମବାୟ ଋଣ ଛାଡ଼ କରିବାରେ ବିଶ୍ୱାସ କରନ୍ତି ନାହିଁ । ସମବାୟ ଋଣ କିପରି ଅଧିକ ଲୋକ ପାଇ ପାରିବେ, ତାହା ସରକାରଙ୍କ ଇଚ୍ଛା । ସମବାୟ ଋଣ ଯେଉଁଠି ମରୁଡ଼ି ବା ଅନ୍ୟ ପରିସ୍ଥିତି ପାଇଁ ଚାଷୀ ପରିଶୋଧ କରି ପାରୁ ନାହିଁ, ସେଠାରେ ତାହା ଛାଡ଼ କରି ଦିଆଯିବ । ତା' ପର ବର୍ଷ ଠାରୁ କିସ୍ତି ବଢ଼ାଇ ଋଣ ଆଦାୟ କରାଯିବ ।

## ବନ୍ୟା ନିୟନ୍ତ୍ରଣ

ମହାନଦୀ ବନ୍ୟା ନିୟନ୍ତ୍ରଣ ପରେ ବ୍ରାହ୍ମଣୀ ବନ୍ୟା ନିୟନ୍ତ୍ରଣ ପାଇଁ ରେଙ୍ଗାଲି ଯୋଜନା ହେଉଛି । ଏହାକୁ ତ୍ୱରାନ୍ୱିତ କରିବା ସରକାରଙ୍କର ଉଦ୍ଦେଶ୍ୟ ।

ସୁବର୍ଣ୍ଣରେଖା ଯୋଜନା ବହୁକାଳ ଧରି ପଡ଼ି ରହିଥିଲା । ରାଜିନାମା ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ତାହା ହୋଇ ପାରି ନ ଥିଲା । ମୁଁ ନିଜେ ପାଟନା ଯାଇ ବିହାର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲି । ସେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଆମକୁ ଏ ବର୍ଷ ଚାରିକୋଟି ଟଙ୍କା ଦେବାକୁ ପଡ଼ିବ । ଏହା ଏକ ଆନ୍ତଃରାଜ୍ୟ ଯୋଜନା । ସେ ଯୋଜନାକୁ କାର୍ଯ୍ୟକାରୀ କରିବାରେ ସରକାରଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି । କାରଣ ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ହେବା ସଙ୍ଗେ ସଙ୍ଗେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ହଜାର ହଜାର ଏକର ଜମିରେ ଜଳସେଚନ ହୋଇ ପାରିବ । ଏହା ବ୍ୟତୀତ ଇବ୍ ଓ ବାଘ ଆଦି ନଦୀ ଯୋଜନା କଳ୍ପନା କରାଯାଇ ଅଛି । କାରଣ ଏହାଦ୍ୱାରା ହୀରାକୁଦରେ ଜଳ ନିୟନ୍ତ୍ରଣ ହୋଇ ପାରିବ । ଇବ୍ ଯୋଜନା କାର୍ଯ୍ୟକାରୀ କରାଗଲେ ପ୍ରାୟ ୫ ଲକ୍ଷ କ୍ୟୁସେକ୍ ପାଣି ବର୍ଷା ସମୟରେ ହୀରାକୁଦ ବନ୍ଧକୁ ଆସି ପାରିବ ନାହିଁ । ଏ ସମ୍ପର୍କରେ ମଧ୍ୟ ପ୍ରଦେଶ ସରକାରଙ୍କ ସହିତ ଆଲୋଚନା ଚାଲିଛି ।

## ବିଦ୍ୟୁତ୍ ଶକ୍ତି କାର୍ଯ୍ୟକ୍ରମ

ରାଜ୍ୟର ଏକ ଅତ୍ୟନ୍ତ ଆବଶ୍ୟକୀୟ କାର୍ଯ୍ୟକ୍ରମ ହେଉଛି, ବିଦ୍ୟୁତ୍ ଶକ୍ତି ଉତ୍ପାଦନ । ବିଦ୍ୟୁତ୍‌ଶକ୍ତି ବିନା ଶିଳ୍ପର ଅଭିବୃଦ୍ଧି ହୋଇ ପାରିବ ନାହିଁ । ଏହା ଏକ ସାଧାରଣ ଜ୍ଞାନର କଥା । କିନ୍ତୁ ପୂର୍ବରୁ ସୁପରିକଳ୍ପିତ କାର୍ଯ୍ୟକ୍ରମ ଏଥିପାଇଁ ଓଡ଼ିଶାରେ ହୋଇ ନ ଥିଲା । ଏ ସରକାର ଯେତେବେଳେ ଆସିଲେ, ଦେଖିଲେ ଯେ ଯେତିକି ବିଦ୍ୟୁତ୍ ପ୍ରତିଷ୍ଠାନ ଅଛି ସେଥିରୁ ସୀମିତ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେଉଛି । ସରକାରଙ୍କ ଆଗରେ ଗୋଟିଏ ହେଲା ଦୀର୍ଘସ୍ଥାୟୀ କାର୍ଯ୍ୟକ୍ରମ ଓ ଅନ୍ୟଟି ହେଲା ଅସ୍ଥାୟୀ ବା ସାମୟିକ କାର୍ଯ୍ୟକ୍ରମ । ଯେଉଁସବୁ ବିଦ୍ୟୁତ୍ ସଂସ୍ଥା ଅଛି, ସେଗୁଡ଼ିକର ଶକ୍ତି ବଢ଼ାଇବା ହେଉଛି ସାମୟିକ କାର୍ଯ୍ୟକ୍ରମ । ଦ୍ୱିତୀୟ ହେଉଛି, ଯେଉଁ ସବୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବରେ କାର୍ଯ୍ୟକାରୀ କରାଯାଇ ଅଧିକ ବିଦ୍ୟୁତ ଉତ୍ପାଦନ କରାଯାଇ ପାରିବ । ୧୯୭୮-୭୯ ମସିହାରେ ହାରାହାରି ୩୪୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଥିବା ବେଳେ ୧୯୭୯-୮୦ (ମରୁଡ଼ି ବର୍ଷ), ୧୯୮୦-୮୧ରେ ହାରାହାରି ୩୬୨ ମେଗାୱାଟ ଏବଂ ଏ ବର୍ଷ ହାରାହାରି ୩୮୫ ମେଗାୱାଟ ଉତ୍ପନ୍ନ ହୋଇଛି । ତେଣୁ ବିଦ୍ୟୁତ୍ ଶକ୍ତି ୧୯୭୮-୭୯ ମସିହାରେ ସର୍ବୋଚ୍ଚ ୩୪୦ ମେଗାୱାଟ ଥିବା ସ୍ଥଳେ ବର୍ତ୍ତମାନ ଆମେ ତାର ଦକ୍ଷତା ବଢ଼ାଇ ୪୫ ମେଗାୱାଟ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରି ପାରିଛୁ । ଏହାଛଡ଼ା ବର୍ତ୍ତମାନ ଯେଉଁସବୁ କାର୍ଯ୍ୟକ୍ରମ ରହିଛି ତାକୁ ଯଦି କାର୍ଯ୍ୟକାରୀ କରାଯାଏ, ଅର୍ଥାତ୍ ତାଳଚେରକୁ ବଢ଼ାଇ ଅପର କୋଲାବ୍, ରେଙ୍ଗାଲୀ ଏବଂ ହୀରାକୁଦରେ ଯେଉଁ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କାର୍ଯ୍ୟକ୍ରମ ଅଛି ତାକୁ କାର୍ଯ୍ୟକାରୀ କରି ଅଧିକ ପ୍ରାୟ ୬୦୦ ମେଗାୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ । ଏହା କାର୍ଯ୍ୟକାରୀ ହେଲେ ଓଡ଼ିଶାରେ ଏ ଯୋଜନା ଶେଷ ବେଳକୁ ପ୍ରାୟ ୧,୫୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇ ପାରିଥିବ ଏବଂ ଆମର ଯେଉଁ ଶିଳ୍ପ ବିକାଶ କାର୍ଯ୍ୟକ୍ରମ ଅଛି ତାହା ସଫଳ ହୋଇପାରିବ । ଏହାଛଡ଼ା ଗୋଟିଏ ୭୦୦ରୁ ଊର୍ଦ୍ଧ୍ୱ ମେଗାୱାଟ ବିଶିଷ୍ଟ କାରଖାନା ନାଲକୋ (NALCO) ପକ୍ଷରୁ କରାଯିବ । ଏହା ଏକ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ (Captive Power Plant) ୧୯୮୫ ମସିହା ଭିତରେ ଶେଷ ହେବ । ତାହା ଯଦି ମିଶାଯାଏ, ତା'ହେଲେ ହେବ ୨,୨୦୦ ମେଗାୱାଟ । ତାକୁ ଓଡ଼ିଶାର ବର୍ତ୍ତମାନ ପ୍ରାୟ ୯୦୦ ମେଗାୱାଟ ଉତ୍ପାଦନର କ୍ଷମତା ଅଛି । ଏ ଯୋଜନା ଶେଷ ହେଲା ବେଳକୁ ଏହା ୨,୨୦୦ ମେଗାୱାଟ ହେବ—ଏହା ମୁଁ ନିଃସନ୍ଦେହରେ କହିପାରିବି । ଏହାଛଡ଼ା ପୁଣି ଗୋଟିଏ ସୁପର ଥର୍ମାଲ ପାୱାର ଷ୍ଟେସନ ପାଇଁ ଚେଷ୍ଟା କରାଯାଉଛି ଏବଂ ଏ ସମ୍ପର୍କରେ କେନ୍ଦ୍ର ବିଦ୍ୟୁତ୍ ମନ୍ତ୍ରୀ ଓଡ଼ିଶାକୁ ପ୍ରତିଶ୍ରୁତି ଦେଇଛନ୍ତି, ସମ୍ବାଦପତ୍ର ଜରିଆରେ ମଧ୍ୟ ତାଙ୍କରି ବିବୃତି ପ୍ରକାଶ ପାଇଛି । ଯଦି ଏ ସୁପର ଥର୍ମାଲ ପାୱାର ପ୍ଲାଣ୍ଟ କରାଯାଏ, ତା' ହେଲେ ପ୍ରଥମରେ ଇନ୍ଦ୍ରାବତୀ ଯୋଜନା ଏବଂ ଏ ଯୋଜନା—ଏ ଦୁଇଟି ଯୋଜନା ଫଳରେ ପ୍ରାୟ ୩,୦୦୦ ମେଗାୱାଟ ଅଧିକ ବିଦ୍ୟୁତ୍ ଶକ୍ତି ଆଗାମୀ ଯୋଜନାରେ ମିଳିପାରିବ ଏବଂ ଦୁଇଟି ଯୋଜନା କାଳ ଭିତରେ ଓଡ଼ିଶାର ସମସ୍ତ ବିଦ୍ୟୁତ୍‌ଶକ୍ତି ଚାହିଦା ତଦ୍ୱାରା ମେଣ୍ଟା ଯାଇପାରିବ ।

## ହରିଜନ ଆଦିବାସୀମାନଙ୍କ ଉନ୍ନତି ବିଧାନ

ହରିଜନ ଆଦିବାସୀମାନଙ୍କ ପାଇଁ ଏ ସରକାରଙ୍କ ଯୋଜନା ସୁସ୍ପଷ୍ଟ । ଏ ସରକାର ଷଷ୍ଠ ପଞ୍ଚ-ବାର୍ଷିକ ଯୋଜନା ପ୍ରସ୍ତୁତ କଲାବେଳେ ସ୍ପଷ୍ଟ ଭାବରେ ଘୋଷଣା କରିଛନ୍ତି ଯେ ଶତକଡ଼ା ୫୦ ଭାଗ ହରିଜନ ଓ ୫୦ ଭାଗ ଆଦିବାସୀଙ୍କୁ ଏ ଯୋଜନା କାଳ ଭିତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇ ଦାରିଦ୍ର୍ୟ ସୀମାରେଖାର ଊର୍ଦ୍ଧ୍ୱକୁ ଅଣାଯିବ ଏବଂ ତଦନୁଯାୟୀ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଜରିଆରେ ତାହା କାର୍ଯ୍ୟକାରୀ କରାଯାଉଛି । ସେ କାର୍ଯ୍ୟକ୍ରମ ଭିତରେ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ଜରିଆରେ ଶତକଡ଼ା ୭୦ ଭାଗ ଆଦିବାସୀ ହରିଜନ ଉପକୃତ ହୋଇଛନ୍ତି । ସେପରି ଭାବରେ ହରିଜନମାନଙ୍କ ପାଇଁ ସ୍ପେଶାଲ ପ୍ଲାନ ଏବଂ ଆଦିବାସୀମାନଙ୍କ ପାଇଁ ସବ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି । ସେ ସବୁ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଆଦିବାସୀ ଅଞ୍ଚଳରେ ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ବୋର୍ଡ଼ିଂ ସ୍କୁଲ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି, ଯାହାକି ଏକ ବୈପ୍ଳବିକ ନିଷ୍ପତ୍ତି । ଆଦିବାସୀ ଛାତ୍ରଙ୍କର ଶିକ୍ଷା ବ୍ୟାହତ ନ ହେବା ପାଇଁ ଏହି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ପ୍ରତି ବୋର୍ଡ଼ିଂ ସ୍କୁଲରେ ପିଲାମାନେ ରହି ପଢ଼ି ପାରିବେ । ତଦ୍ୱାରା ଶତକଡ଼ା ୭୦ ଭାଗ ଆଦିବାସୀ ପିଲା ଶିକ୍ଷାର ସୁବିଧା ପାଇପାରିବେ । ଏ କାର୍ଯ୍ୟକ୍ରମରେ ଯାହା ଖର୍ଚ୍ଚ ହେଉନା କାହିଁକି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ, ଆଦିବାସୀ ବହୁଳ ଅଞ୍ଚଳମାନଙ୍କରେ ସାକ୍ଷର ସଂଖ୍ୟା ବଢ଼ାଇବା ପାଇଁ ଏବଂ ଅଧିକ ଲୋକଙ୍କୁ ଶିକ୍ଷିତ କରିବା ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ।

ସେପରି ଗୃହ ନିର୍ମାଣ କାର୍ଯ୍ୟକ୍ରମ ଆଇ. ଆର. ଡ଼ି. ବା ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ହରିଜନ ଆଦିବାସୀଙ୍କ ପାଇଁ ଗୃହ ନିର୍ମାଣ ବ୍ୟବସ୍ଥା କରା ଯାଉଛି । ବନ୍ୟାଗ୍ରସ୍ତ ଅଞ୍ଚଳରେ ଗୃହ ନିର୍ମାଣ କାର୍ଯ୍ୟକ୍ରମ ଅନୁସାରେ ୭୦,୦୦୦ ଘର ତିଆରି କରାଯାଉଛି । ସେଥିରେ ଯେଉଁମାନେ ଉପକୃତ ହେଉଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଆଦିବାସୀ, ହରିଜନ ସଂପ୍ରଦାୟର ଲୋକ ।

## ରାଜ୍ୟର ଉନ୍ନୟନ ଓ ଆୟ ବୃଦ୍ଧି ହାର

ଓଡ଼ିଶାରେ ବିଭିନ୍ନ ଯୋଜନାର ଉନ୍ନୟନର ବୃଦ୍ଧି ହାର, ଆୟର ବୃଦ୍ଧି ହାର ଅତୀତରେ ନଗଣ୍ୟ ହୋଇଛି । ଓଡ଼ିଶାର

ଯେଉଁ ଉନ୍ନୟନ ଅଭିବୃଦ୍ଧି ତାହା ଜାତୀୟ ମାନଚିତ୍ରରେ ଶତକଡ଼ା ମାତ୍ର ଦୁଇ ବା ଦୁଇରୁ କମ୍ । ଭାରତୀୟ କ୍ଷେତ୍ରରେ କେତେବେଳେ ପାଞ୍ଚ ହୋଇଛି, କେତେବେଳେ ୪ ହୋଇଛି । ଗୋଟିଏ ଗୋଟିଏ ରାଜ୍ୟ ଅଛି, ଯେଉଁମାନେ ଗୋଟିଏ ଗୋଟିଏ ଯୋଜନା କାଳରେ ଶତକଡ଼ା 'ଛ' ହାରରେ ଅଭିବୃଦ୍ଧି କରିଛନ୍ତି । ଓଡ଼ିଶାରେ ତାହା ହୋଇ ପାରୁନାହିଁ । ତାର ଏକମାତ୍ର କାରଣ ହେଉଛି, ଓଡ଼ିଶାରେ ସଞ୍ଚୟର ଅଭାବ । ଆମେ ଯଥେଷ୍ଟ ସଞ୍ଚୟ ସଂଗ୍ରହ କରି-ପାରୁନାହୁଁ । ସେଥିପାଇଁ ଓଡ଼ିଶାରେ କୌଣସି ଯୋଜନା ଜରିଆରେ ରାଜ୍ୟର ଆୟ, ଅଭିବୃଦ୍ଧିର ହାର ଶତକଡ଼ା ଦୁଇ ଭାଗରୁ ଅଧିକ ହୋଇନାହିଁ । ଫଳରେ ଅନ୍ୟ ରାଜ୍ୟମାନେ ଯେତେବେଳେ ଆଗକୁ ମାଡ଼ି ଚାଲିଛନ୍ତି, ଓଡ଼ିଶା ପଛରେ ପଡ଼ି ଯାଉଛି । ତାର ଅର୍ଥ ହେଉଛି, ସର୍ବ ଭାରତୀୟ ସ୍ତରରେ ଅନ୍ୟ ରାଜ୍ୟମାନଙ୍କଠାରୁ ଓଡ଼ିଶାର ବ୍ୟବଧାନ ବଢ଼ି ବଢ଼ି ଚାଲିଛି । ତାର ଏକମାତ୍ର କାରଣ ହେଲା ଆମେ ପୁଞ୍ଜି ଖଟାଇ ପାରିଲୁ ନାହିଁ । ଆମେ ବର୍ତ୍ତମାନ ଓଡ଼ିଶାର ଅଭିବୃଦ୍ଧିର କେବଳ ସ୍ୱପ୍ନ ଦେଖୁନାହୁଁ ; ସେ ସ୍ୱପ୍ନକୁ କାର୍ଯ୍ୟକାରୀ କରିବାକୁ ଦୃଢ଼ ଓ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରୁଛୁ । ମୁଁ ସ୍ପଷ୍ଟ ଜଣାଇ ଦେବାକୁ ଚାହେଁ ଯେ ଓଡ଼ିଶାରେ ଯେପରି ଶତକଡ଼ା ଛଅ ହାରରେ ଅଭିବୃଦ୍ଧି ହୋଇପାରିବ, ସେଥିପାଇଁ ୪୩୦୦ କୋଟି ଟଙ୍କାର ଯୋଜନା ହେବା ଅନୁଗତ ହେଲ । ମାତ୍ର ଷଷ୍ଠ ଯୋଜନାରେ କେବଳ ୧୫୦୦ କୋଟି ଟଙ୍କା ସ୍ଥିର ହେଲ । ତା'ହେଲେ ଆମେ କିଭଳି ଭାବରେ ଆଗକୁ ଯିବା ? ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଆଶୀର୍ବାଦ ଓ କେନ୍ଦ୍ର ସରକାରଙ୍କ ସହାନୁଭୂତି ଫଳରେ ଆଜି ଓଡ଼ିଶାରେ ଖର୍ଚ୍ଚ ହେବାକୁ ଯାଉଛି, ଛଅ ହଜାର କୋଟି ଟଙ୍କା ଏବଂ ଏହି ସମୟ ଭିତରେ ବାହାରୁ ବ୍ୟକ୍ତିଗତ ପ୍ରତିଷ୍ଠାନ ଜରିଆରେ ଓଡ଼ିଶାକୁ ଯେଉଁ ପୁଞ୍ଜି ଆସିବ, ତାକୁ ମୁଁ ଏହି ଛଅ ହଜାର କୋଟି ଟଙ୍କା ଭିତରେ ହିସାବକୁ ନେଉନାହିଁ । ସେ ଜରିଆରେ ମୁଁ ଆଶା କରୁଛି, ଆହୁରି ଏକ ହଜାର କୋଟି ଟଙ୍କା ଆସିବ । ଓଡ଼ିଶାର ଯୋଜନାରେ କେବେ ଏହା ସମ୍ଭବ ହୋଇ ନ ଥିଲ । ଯଦି ଏହା କରାଯିବ, ତା'ହେଲେ ଓଡ଼ିଶାର ବିକାଶ ହେବ ଶତକଡ଼ା ୭'୬ ଭାଗ ହାରରେ । ଏହା ଫଳରେ ଓଡ଼ିଶା ଏ ଯୋଜନାରେ ଏକ ଐତିହାସିକ ଲମ୍ଫ ପ୍ରଦାନ କରିପାରିବ । କୁହାଯାଉଛି ଯେ, ଏତେ ଟଙ୍କା ଖର୍ଚ୍ଚ କରିବାକୁ ଓଡ଼ିଶାର ଶକ୍ତି ଅଛି କି ନାହିଁ ? ମୁଁ ସେ ସଂପର୍କରେ ତିନି ବର୍ଷର ହିସାବ ଦେବାକୁ ଚାହେଁ । ୧୯୭୯-୮୦ ପୂର୍ବତନ ସରକାରଙ୍କର ଶେଷ ବର୍ଷରେ ସେମାନେ ୨୧୦ କୋଟି ଟଙ୍କାର ଯୋଜନା କରିଥିଲେ । ସେମାନେ ଜାନୁଆରୀ ମାସ ଶେଷ ସୁଦ୍ଧା ଶତକଡ଼ା ୪୯ ଖର୍ଚ୍ଚ କରିଥିଲେ । ଆମେ ପରବର୍ତ୍ତୀ ବର୍ଷରେ ୧୯୮୦-୮୧ ଜାନୁଆରୀ ମାସ ସୁଦ୍ଧା ଖର୍ଚ୍ଚ କଲୁ ଶତକଡ଼ା ୫୪'୨୦ । ଆମର ୨୫୦ କୋଟି ଟଙ୍କା ଯୋଜନାରୁ ଶତକଡ଼ା ୫୪'୨୦ ଖର୍ଚ୍ଚ କରିପାରିଛୁ । ଅର୍ଥାତ୍ ୫'୨୦ ଭାଗ ଅଧିକ ଖର୍ଚ୍ଚ କରିଛୁ । ଏ ବର୍ଷ (୧୯୮୧-୮୨) ହେଲ ୨୭୫ କୋଟି ଟଙ୍କା ଏବଂ ଜାନୁଆରୀ ମାସ ସୁଦ୍ଧା ଆମର ୬୨ ଭାଗ ଖର୍ଚ୍ଚ ହେବାର ଆଶା । ତେଣୁ ଏ ସରକାରୀ କଳ ଅଧିକରୁ ଅଧିକ ଅର୍ଥ ନିର୍ଦ୍ଦିଷ୍ଟ ସମୟରେ କିପରି ଖର୍ଚ୍ଚ କରିପାରେ, ଏଥିରୁ ତାହା ସ୍ପଷ୍ଟ ହୋଇପାରିବ । ଅଭିଯୋଗ ହେଉଛି ଯେ, ଟଙ୍କା ଆସୁଛି, ଫେରି ଯାଉଛି । ମାତ୍ର ମୁଁ ଜଣାଇ ଦେବାକୁ ଚାହେଁ ଯେ, ଗୋଟିଏ ଟଙ୍କା ଫେରୁ ନାହିଁ । ୧୯୮୦-୮୧ ରେ ଯାହା ଯୋଜନା ଟଙ୍କା ଥିଲ ସେ ସବୁ ଖର୍ଚ୍ଚ ହୋଇଛି ଏବଂ ୧୯୮୧-୮୨ ରେ ମଧ୍ୟ ଆମେ ଅଧିକ ଦ୍ରୁତ ବେଗରେ ଖର୍ଚ୍ଚ କରିବାକୁ ଯାଉଛୁ ।

ଯେଉଁ ୨୦ ଦଫା କାର୍ଯ୍ୟକ୍ରମ କଂଗ୍ରେସ ସରକାରଙ୍କର ତଥା ପ୍ରଧାନମନ୍ତ୍ରୀଙ୍କର ପ୍ରଧାନ କାର୍ଯ୍ୟକ୍ରମ, ସେ ବାବଦରେ ଓଡ଼ିଶାରେ କିଭଳି ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଉଛି, ତାର ଗୋଟିଏ ପୁସ୍ତିକା ପ୍ରକାଶ କରାଯାଉଛି । ସେଥିରେ ଦେଖିବେ ୧୯୮୦-୮୧ ବଜେଟରେ ୨୦ ଦଫା କାର୍ଯ୍ୟକ୍ରମ ଜରିଆରେ ଶତକଡ଼ା ପ୍ରାୟ ୮୫ ଭାଗ ଖର୍ଚ୍ଚ କରାଯାଉଛି । ୧୯୮୧-୮୨ ବଜେଟରେ ମଧ୍ୟ ପ୍ରାୟ ୯୦ ଭାଗ ଖର୍ଚ୍ଚ ହେବ ।

## ଓଡ଼ିଶାକୁ ଉଠାଇବା ଆମର ସ୍ୱପ୍ନ

ଓଡ଼ିଶା ବହୁତ ପଛରେ ପଡ଼ିଛି । ତାକୁ ଉଠାଇବା ହେଉଛି ଆମ ସମସ୍ତଙ୍କର ସ୍ୱପ୍ନ । ବିରୋଧୀ ପକ୍ଷରେ ଯେଉଁମାନେ ଅଛନ୍ତି ସେମାନଙ୍କର ମଧ୍ୟ ଏହି ସ୍ୱପ୍ନ ହେବା ଉଚିତ । ତେଣୁ ବର୍ତ୍ତମାନ ଯେଉଁ ପରିବର୍ତ୍ତିତ ପରିସ୍ଥିତି ଆଜି ଓଡ଼ିଶାରେ ସମ୍ଭବ ହୋଇପାରିଛି, ସେଥିରେ ସହଯୋଗ କରିବାକୁ ମୁଁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନିବେଦନ କରୁଛି । ସମସ୍ତଙ୍କର ସହଯୋଗରେ ଏ ସ୍ୱପ୍ନ ସାର୍ଥକ ହୋଇପାରିବ । ରାଜ୍ୟ ପ୍ରଗତିର ଯେଉଁ ନନ୍ଦିଘୋଷ ଆଜି ଆଗେଇ ଚାଲିଛି, ତା'ର ଗତିକୁ ପ୍ରତିହତ ନ କରି ବରଂ ଆଗେଇ ନେବା ପାଇଁ ସମସ୍ତେ ଆଗଭର ହେବା ଉଚିତ ।



# ଶ୍ରମଶକ୍ତିର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ

୧୯୮୨ ମଇ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ମଜଦୁର ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ପୃଥିବୀର ଶ୍ରମଜୀବୀ ଜନଗଣଙ୍କ ପାଇଁ ମଇ ପହିଲା ଏକ ମହତ୍ୱପୂର୍ଣ୍ଣ ସ୍ମରଣୀୟ ଦିବସ । ଶ୍ରମଜୀବୀ ଜନସାଧାରଣଙ୍କର ନ୍ୟାଯ୍ୟ ଅଧିକାର ହାସଲ କରିବା କ୍ଷେତ୍ରରେ ଏହା ଏକ ପ୍ରଧାନ ମାଇଲ ଖୁଣ୍ଟି : ସଂଗ୍ରାମର ଏକ ଜ୍ୱଳନ୍ତ ସ୍ମାରକୀ ।

ଓଡ଼ିଶାର ଲୋକସଂଖ୍ୟାର ପ୍ରାୟ ଏକ-ତୃତୀୟାଂଶ ଶ୍ରମିକ ଶ୍ରେଣୀର ଲୋକ ଓ ଏମାନଙ୍କ ମଧ୍ୟରେ କୃଷି ଶ୍ରମିକଙ୍କ ସଂଖ୍ୟା ସର୍ବାଧିକ । ସାରା ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରୁ ଶତକଡା ୧୧ ଭାଗ ଶ୍ରମିକ ଥିବାବେଳେ ଓଡ଼ିଶାରେ ମାତ୍ର ଶତକଡା ୭ ଭାଗ ଶ୍ରମିକ ଅଛନ୍ତି । ଏହାର କାରଣ ହେଉଛି, ଶିଳ୍ପକ୍ଷେତ୍ରରେ ଓଡ଼ିଶାର ଅନଗ୍ରସର ଅବସ୍ଥା । ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଏକ ଶ୍ରେଷ୍ଠ ସମୃଦ୍ଧିଶାଳୀ ରାଜ୍ୟରୂପେ ଗଢ଼ିବା ହେଉଛି ଆମର ଲକ୍ଷ୍ୟ । ସେଥିପାଇଁ କୃଷି, ଶିଳ୍ପ, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି କ୍ଷେତ୍ରରେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ସମାଜର ସବୁ ଶ୍ରେଣୀର ଲୋକଙ୍କ ସାହାଯ୍ୟ ବିନା ଏହା ସମ୍ଭବ ନୁହେଁ । ବିଶେଷ ଭାବରେ ଓଡ଼ିଶାର ଅଗ୍ରଗତିରେ ଶ୍ରମଶକ୍ତିର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ । ରାଜ୍ୟ ସରକାର ଶ୍ରମିକମାନଙ୍କର ବିଭିନ୍ନ ସୁଖ ସୁବିଧା ଏବଂ ନ୍ୟାୟୋଚିତ ଦାବୀ ହାସଲ କରିବାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ସର୍ବନିମ୍ନ ମଜୁରୀ ହାରକୁ ବଢ଼ାଇ ଦିଆଯାଇଛି । ବଡବିଲ ଅଞ୍ଚଳରେ ଶ୍ରମିକମାନଙ୍କ ପାଇଁ ଦୁଇକୋଟି ଟଙ୍କାର ପାନୀୟ ଜଳଯୋଗାଣ କାର୍ଯ୍ୟକାରୀ କରାଯାଉଛି । ତାଳଚେରରେ ଶ୍ରମିକମାନଙ୍କ ପାଇଁ ୨୦୦୦ ଗୃହ ନିର୍ମାଣର ବ୍ୟବସ୍ଥା କରାଯାଉଛି । ରାଜ୍ୟରେ ଦରିଦ୍ର ଲୋକଙ୍କ ଅଭ୍ୟୁତ୍ଥାନ ପାଇଁ ପ୍ରାୟ ୫ ଲକ୍ଷ ପରିବାରଙ୍କୁ ସ୍ଥାୟୀ ଭାବରେ ଅଭ୍ୟୁତ୍ଥାନ କରାଯିବାର ବ୍ୟବସ୍ଥା କରାଯାଉଛି । ଏହି ୫ ଲକ୍ଷ ପରିବାର ହେଉଛନ୍ତି ଭୂମିହୀନ ଗୃହୀ-ମୂଲିଆ ଶ୍ରେଣୀର ଲୋକ । ଶ୍ରମିକମାନଙ୍କ ମଙ୍ଗଳ ପାଇଁ ଶ୍ରମିକ ବୀମା ଯୋଜନା, ଭବିଷ୍ୟନିଧି ଯୋଜନା, ମାତୃମଙ୍ଗଳ ଯୋଜନା ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ସରକାର ଚାହାନ୍ତି ରାଜ୍ୟରେ ଏପରି ଏକ କାମଧନ୍ଦାର ବାତାବରଣ ସୃଷ୍ଟି ହେଉ, ଯେଉଁଥିରେ ବହୁ ଶ୍ରମିକ ଓଡ଼ିଶା ବାହାରକୁ ଯାଇ ଦାଦନ ଶ୍ରମିକ ଭାବରେ ବିଭିନ୍ନ ଅଭାବ ଅସୁବିଧାରେ ନ ପଡନ୍ତୁ । ସରକାର ଏ ସଂପର୍କରେ ମଧ୍ୟ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ।

ଶ୍ରମିକମାନଙ୍କର ନ୍ୟାୟୋଚିତ ଦାବୀ କିପରି ଶୀଘ୍ର ସମାଧାନ ହେବ, ପରିଚାଳନା କ୍ଷେତ୍ରରେ ସେମାନେ ଅଧିକରୁ ଅଧିକ ଅଂଶୀଦାର ହେବେ, ବିଭିନ୍ନ ଶ୍ରମିକ ଆଇନର ଲାଭ ସେମାନେ ଯେପରି ଭୋଗ କରିପାରିବେ, ତାହାହିଁ ସରକାରଙ୍କର ଆନ୍ତରିକ ଇଚ୍ଛା ।

ମୁଁ ଏହି ପବିତ୍ର ମଇ ଦିବସ ଉପଲକ୍ଷେ ସେମାନଙ୍କ ପ୍ରତି ରାଜ୍ୟ ସରକାରଙ୍କର ଏକାନ୍ତ ସଦିଚ୍ଛା ଓ ମିତ୍ରତା ଘୋଷଣା କରିବା ସଙ୍ଗେ ସଙ୍ଗେ ଆଶାକରୁଛି ଯେ ଏକ ନୂତନ ଓଡ଼ିଶା ନିର୍ମାଣ ପାଇଁ ସେମାନେ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରିବେ ।

ଜାନକୀ ବଲ୍ଲଭ ପଟ୍ଟନାୟକ

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**



ଶ୍ରୀ ବସନ୍ତ କୁମାର ବିଶ୍ୱାଳ
ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ

# ଗ୍ରାମାଞ୍ଚଳରେ ଜଳଯୋଗାଣ

ସୁସ୍ଥ ଜୀବନ ଯାପନ ପାଇଁ ବିଶୁଦ୍ଧ ପାନୀୟ ଜଳ ଏକାନ୍ତ ଆବଶ୍ୟକ । ପ୍ରତ୍ୟେକ ଜନସାଧାରଣଙ୍କର ଏହା ଏକ ନ୍ୟୁନତମ ଆବଶ୍ୟକତା । ଓଡ଼ିଶାର ଗାଁ ଗହଳରେ ବିଶୁଦ୍ଧପାନୀୟ ଜଳର ଅଭାବ ବହୁ ଅଞ୍ଚଳରେ ପରିଲକ୍ଷିତ ହୁଏ । କେତେକ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ଅଭାବ କ୍ରମାଗତଭାବେ ଲାଗି ରହିଥାଏ । ଅନ୍ୟ କେତେକ ଅଞ୍ଚଳରେ ମିଳୁଥିବା ପାନୀୟ ଜଳ ସ୍ୱାସ୍ଥ୍ୟୋପଯୋଗୀ ନୁହେଁ । ଏହି ଦୂଷିତ ପାନୀୟ ଜଳ ବ୍ୟବହାର କରି ବହୁ ଲୋକେ ନାନା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏହି ପରିପ୍ରେକ୍ଷୀରେ, ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସରକାରଙ୍କର ଏକ ମୌଳିକ କର୍ତ୍ତବ୍ୟ । ପାନୀୟ ଜଳ ଯୋଗାଣ ଅବସ୍ଥାର ଗୁରୁତ୍ୱକୁ ଉପଲବ୍ଧି କରି ଏହାକୁ କୋଡ଼ିଏ-ସୂତ୍ରୀ କାର୍ଯ୍ୟକ୍ରମ ଓ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ପରିସରଭୁକ୍ତ କରାଯାଇଛି । ବର୍ତ୍ତମାନର ସରକାର ଏହି ସମସ୍ୟା ସମାଧାନ ଦିଗରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି । ଏ ବାବଦରେ କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମ ସଂପୂର୍ଣ୍ଣ ହେଲେ, ଜନସାଧାରଣ ଦୀର୍ଘ ଦିନ ଧରି ଭୋଗ କରୁଥିବା ପାନୀୟ ଜଳ ଅଭାବ ଜନିତ କଷ୍ଟ ଦୂର ହୋଇପାରିବ ।

କେନ୍ଦ୍ର ସରକାରଙ୍କ ପରାମର୍ଶ ଅନୁଯାୟୀ, ୧୯୭୨ ମସିହାରେ ପାନୀୟ ଜଳର ଅଭାବ ଅନୁଭୂତ ହେଉଥିବା ଅଞ୍ଚଳଗୁଡ଼ିକର ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମାତ୍ର ଏଥିରେ କେତେକ ତ୍ରୁଟି ପରିଲକ୍ଷିତ ହେବାରୁ ୧୯୮୦ ମସିହାରେ ପୁନର୍ବାର ଏ ସଂକ୍ରାନ୍ତରେ ସର୍ଭେ କରାଯାଇଥିଲା । ଏହି ସର୍ଭେ ଅନୁଯାୟୀ, ୨୭,୦୭୭ଟି ଗ୍ରାମରେ ପାନୀୟ ଜଳ ଅଭାବ ରହିଥିବାର ଚିହ୍ନୋଟ କରାଯାଇଥିଲା । ଏହି ଗ୍ରାମଗୁଡ଼ିକ ମଧ୍ୟରୁ ୧୬,୨୯୪ଟି ଗ୍ରାମରେ ନଳକୂପ ଏବଂ ଅବଶିଷ୍ଟ ୧୦,୬୮୩ଟି ଗ୍ରାମରେ ସ୍ୱାସ୍ଥ୍ୟକର କୂପ ବସାଯିବ ।

ପଞ୍ଚମ ଯୋଜନା ଶେଷ ସୁଦ୍ଧା ପାନୀୟ ଜଳ ଅଭାବ ରହିଥିବା ଗ୍ରାମଗୁଡ଼ିକରେ ୧୧,୮୪୬ଟି ନଳକୂପ ପ୍ରତିଷ୍ଠା କରାଯାଇଥିଲା । ଚଳିତ ଯୋଜନାର ପ୍ରଥମ ଦୁଇ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୮୦-୮୧ ଓ ୧୯୮୧-୮୨ରେ ୧୩,୩୪୪ଟି ନଳକୂପ ପ୍ରତିଷ୍ଠା କରାଯାଇଛି । ୧୯୮୧ ମାର୍ଚ୍ଚ ଶେଷ ସୁଦ୍ଧା ୫,୩୪୦ଟି ଗ୍ରାମରେ ସଂପୂର୍ଣ୍ଣ ଭାବେ ଓ ୯,୫୨୯ ଗ୍ରାମରେ ଆଂଶିକ-ଭାବେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା

କରାଯାଇଥିଲା । ୧୯୮୨ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମର ଅଧାଅଧି କାର୍ଯ୍ୟ ସଂପୂର୍ଣ୍ଣ ହେଲଣି । ପୁନଶ୍ଚ ମାର୍ଚ୍ଚ, ୧୯୮୨ ଶେଷ ସୁଦ୍ଧା ୧୨,୨୬୪ଟି ସ୍ୱାସ୍ଥ୍ୟକର କୂପ ନିର୍ମାଣ ସଂପୂର୍ଣ୍ଣ ହୋଇଛି ଏବଂ ୪,୩୮୬ଟି ସ୍ୱାସ୍ଥ୍ୟକର କୂପ ନିର୍ମାଣାଧୀନ ରହିଛି । ୧୯୮୧, ଡିସେମ୍ବର ଶେଷ ସୁଦ୍ଧା ସ୍ୱାସ୍ଥ୍ୟକର କୂପ ପ୍ରତିଷ୍ଠା ଫଳରେ ୩,୦୭୩ଟି ଗ୍ରାମ ସଂପୂର୍ଣ୍ଣଭାବେ ଓ ୩,୮୯୯ଟି ଗ୍ରାମ ଆଂଶିକଭାବେ ଉପକୃତ ହୋଇଛି ।

୧୯୮୨-୮୩ ଆର୍ଥିକ ବର୍ଷ ମଧ୍ୟରେ ୭,୦୦୦ଟି ନଳ-କୂପ ବସାଇବା ନିମନ୍ତେ କାର୍ଯ୍ୟକ୍ରମ ରଖାଯାଇଛି । ଏହା ବ୍ୟତୀତ ୧୯୮୧-୮୨ ମଧ୍ୟରେ ୩୪୭ଟି ସ୍ୱାସ୍ଥ୍ୟକର କୂପ ବସାଇବା ସଙ୍ଗେ ସଙ୍ଗେ ନିର୍ମାଣାଧୀନ ୪,୩୮୭ଟି ସ୍ୱାସ୍ଥ୍ୟକର କୂପ ସଂପୂର୍ଣ୍ଣ କରିବା ସକାଶେ କାର୍ଯ୍ୟକ୍ରମ ରଖାଯାଉଛି । ଷଷ୍ଠ ଯୋଜନା କାଳମଧ୍ୟରେ ପାନୀୟ ଜଳ ଅଭାବଗ୍ରସ୍ତ ପ୍ରତ୍ୟେକ ଗ୍ରାମକୁ ସବୁଦିନିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ସମ୍ଭବ ହୋଇ ପାରିବ ବୋଲି ଆଶା କରାଯାଏ ।

ରାଜ୍ୟରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଦିଗରେ ବିଭିନ୍ନ ସଂସ୍ଥା ତରଫରୁ ମଧ୍ୟ ବହୁକାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ଡାନିସ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ପକ୍ଷରୁ ୨୨ କୋଟି ଟଙ୍କା ବ୍ୟୟ ସମ୍ବଳିତ ଏକ ଗ୍ରାମାଞ୍ଚଳ ପାନୀୟ-ଜଳ ପରିକଳ୍ପନା କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାର ଲୁଣୀ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି । ୧୯୮୨ ଅଗଷ୍ଟ ମାସରେ ଏହି ପରିକଳ୍ପନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହେବ । ଏହି ପରିକଳ୍ପନା ଯୋଗୁଁ ଲକ୍ଷାଧିକ ୩୨ ଲକ୍ଷ ଲୋକ ଉପକୃତ ହେବେ ।

ସୁଇଡିସ୍ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ସହଯୋଗରେ, ରାଜ୍ୟ ସରକାର ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ପାନୀୟ ଜଳ ବ୍ୟବସ୍ଥା କରିବା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି । ଏ ବାବଦରେ ୬୨.୪୭ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି । ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, କୋରାପୁଟ, ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାରେ ସଂପୂର୍ଣ୍ଣଭାବେ ଏବଂ ସମ୍ବଲପୁର ଓ ବାଲେଶ୍ୱର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ଗୁଡ଼ିକରେ କାର୍ଯ୍ୟକାରୀ ହେବ ।

ନଳକୂପ ପ୍ରତିଷ୍ଠା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଇଉନିସେଫ ସଂସ୍ଥା ସହାୟତା କରୁଛନ୍ତି ଏବଂ ଚଳିତ ଯୋଜନାର ପ୍ରଥମ ତିନିବର୍ଷ ମଧ୍ୟରେ ଯନ୍ତ୍ରପାତି ଓ ସରଞ୍ଜାମ ଆକାରରେ ଏହି ସଂସ୍ଥା ୨୪୦ ଲକ୍ଷ ଟଙ୍କାର ସାହାଯ୍ୟ ଯୋଗାଇଦେବେ ।

ଏହା ବ୍ୟତୀତ, ୧୯୮୧ ଜାନୁଆରୀରୁ ୧୯୯୦ ମସିହା ପର୍ଯ୍ୟନ୍ତ ଜାତିସଂଘ ପକ୍ଷରୁ ଆନ୍ତର୍ଜାତିକ ଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟରକ୍ଷା ଦଶନ୍ଧି ରୂପେ ପାଳିତ ହେଉଛି । ତଦନୁଯାୟୀ, ପ୍ରତ୍ୟେକ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଲୋକ-ମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ସମସ୍ତ ପ୍ରଥମ ଶ୍ରେଣୀଭୁକ୍ତ ନଗରୀଗୁଡ଼ିକରେ ନାଳ ନର୍ଦ୍ଦମା ବ୍ୟବସ୍ଥା କରାଯିବ । ୨ୟ ଶ୍ରେଣୀଭୁକ୍ତ ତଥା ତା'ଠାରୁ ନିମ୍ନ ଶ୍ରେଣୀର ସହରାଞ୍ଚଳର ଶତକଡ଼ା ୮୦ ଭାଗ ଅଞ୍ଚଳରେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରାଯିବ । ଶତକଡ଼ା ୨୫ ଭାଗ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରାଯିବ । ଏ ବାବଦରେ କେତେ ଅର୍ଥ ଲାଗିବ, ସେ ସଂପର୍କରେ କେନ୍ଦ୍ର ସରକାର ପରାମର୍ଶ ଲୋଡ଼ିଥିଲେ ଓ ରାଜ୍ୟ ସରକାର ବିଭିନ୍ନ ବ୍ୟୟ ବାବଦରେ ପ୍ରାୟ ୩୮୭ କୋଟି ଟଙ୍କାର ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରିଛନ୍ତି ।


ଏ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଲେ, ଆମ ରାଜ୍ୟର ଜଳାଭାବଜନିତ ସମସ୍ତ ଅସୁବିଧା ଅଚିରେ ଦୂର ହୋଇ ପାରିବ ।

ଅତିଶୟ ଉତ୍କଟ ବ୍ୟକ୍ତିଗତ ବିବାଦ ଓ ପରସ୍ପର ପ୍ରତି ଘୋର ଈର୍ଷା ଯୋଗୁଁ ଓଡ଼ିଶା ଆଗକୁ ଯାଇ ପାରୁନାହିଁ । ସମସ୍ତ ଆଦର୍ଶ, ସମସ୍ତ ବିପ୍ଳବର ପରିକଳ୍ପନା ଯେପରି ଏହି ମହା ପଙ୍କ ମଧ୍ୟରେ ପଡ଼ି ନିଜକୁ ହରାଇ ଦେଉଛି । ଏଥିରୁ ଉଦ୍ଧାର ପାଇବା ପାଇଁ ଅମନନୀୟ ମନୋବଳ, ଦରିଦ୍ର ଜନତାର ସେବାର ଭାବନା ଓ ଶ୍ରୀ ଜଗନ୍ନାଥଙ୍କର କରୁଣା ଆବଶ୍ୟକ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ସମୃଦ୍ଧିର ସ୍ୱର୍ଣ୍ଣଯୁଗ

ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ
ମୁଖ୍ୟ ଶାସନ ସଚିବ, ଓଡ଼ିଶା




ଦୀର୍ଘକାଳ ଧରି ଓଡ଼ିଶାକୁ ଭାରତର 'ସିଣ୍ଡ୍ରେଲା' ବା ସୁପ୍ତ ବଧୂ ଭାବରେ ବିବେଚନା କରାଯାଇଛି । ବର୍ତ୍ତମାନ ସେଇ ସୁପ୍ତ ବଧୂଟି ସଂପୂର୍ଣ୍ଣ ଜାଗ୍ରତ ଏବଂ ତା'ର ନ୍ୟାଯ୍ୟ ସ୍ଥାନ ହାସଲ କରିବା ନିମନ୍ତେ ନିଷ୍ଠାପର ଉଦ୍ୟମ ରତ ।

ସ୍ୱଳ୍ପ ଉତ୍ପାଦନ, ବେକାରୀ ଓ ଅର୍ଦ୍ଧ-ବେକାରୀ, ପୁଞ୍ଜି ଲଗାଣପାଇଁ ଆର୍ଥିକ ସମ୍ବଳର ଅଭାବ ପ୍ରଭୃତି ସମସ୍ୟାମାନ ଏଇ ରାଜ୍ୟକୁ ଅତୀତରୁ ହିଁ ନିପୀଡ଼ିତ କରି ରଖିଛି । ଜାତୀୟ ମୁଣ୍ଡ ପିଛା ଆୟ ତୁଳନାରେ ଏ ରାଜ୍ୟର ମୁଣ୍ଡ ପିଛା ଆୟ ଅତି ନିମ୍ନରେ । ୧୯୮୦-୮୧ ମସିହାରେ ୧୯୭୦-୭୧ର ସ୍ଥିର ମୂଲ୍ୟସୂଚୀ ଅନୁଯାୟୀ ଜାତୀୟ ମୁଣ୍ଡ ପିଛା ଆୟ ୬୯୬ ଟଙ୍କା ଥିବା ସ୍ଥଳେ ଏ ରାଜ୍ୟରେ ତାହା ମାତ୍ର ୫୨୫ ଟଙ୍କା ଥିଲା । ଅର୍ଥାତ୍, ରାଜ୍ୟ ଓ କେନ୍ଦ୍ରସ୍ତରୀୟ ମୁଣ୍ଡ ପିଛା ଆୟ ମଧ୍ୟରେ ୧୭୧ ଟଙ୍କାର ତାରତମ୍ୟ ଥିଲା । ବର୍ତ୍ତମାନର ସରକାର ଏପରି ଏକ ସମନ୍ୱିତ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ଯଦ୍ୱାରା ଅର୍ଥନୈତିକ ବିକାଶ ପଥରେ ଥିବା କେତେକ ମୁଖ୍ୟ ପ୍ରତିବନ୍ଧକ ଦୂର ହେବା ସଙ୍ଗେ ସଙ୍ଗେ ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକମାନେ ଯୋଜନାର ସୁଫଳ ସମାନୁପାତିକ ଭାବରେ ପାଇ ପାରିବେ । ରାଜ୍ୟ ଅର୍ଥନୀତିକୁ ନୂତନ ଢାଞ୍ଚାରେ ଗଢାଇବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଏହା ଫଳରେ ରାଜ୍ୟର ସମ୍ବଳ ବିନିଯୋଗ ଆନୁପାତିକ ଭାବେ ସୁଦୃଢ଼ ହୋଇ ପାରିବ ଏବଂ ବଳକା ସମ୍ବଳକୁ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକରେ ବିନିଯୋଗ କରା ଯାଇପାରିବ । ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କରିବା ଦିଗରେ କେନ୍ଦ୍ର ସରକାରଙ୍କୁ ପ୍ରବର୍ତ୍ତାଇବାରେ ରାଜ୍ୟ ସରକାର ସଫଳକାମ ହୋଇଛନ୍ତି । ପାଞ୍ଚବର୍ଷର ସମୟ ସୀମା ମଧ୍ୟରେ ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା ଓ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ଜରିଆରେ ରାଜ୍ୟରେ ୬,୦୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଇବାରେ ବର୍ତ୍ତମାନର ସରକାର ସମର୍ଥ ହୋଇ ପାରିଛନ୍ତି । ରାଜ୍ୟର ବାର୍ଷିକ ଅର୍ଥନୈତିକ ଅଭିବୃଦ୍ଧି ହାର ଶତକଡ଼ା ୭.୬ ହେବାରେ ଏହା ସହାୟକ ହେବ । ଏ ପ୍ରକାର ବାସ୍ତବତାଭିମୁଖୀ ଯୋଜନା ଫଳରେ ଆମେ ରାଜ୍ୟ ଓ କେନ୍ଦ୍ରସ୍ତରୀୟ ମୁଣ୍ଡ ପିଛା ଆୟ ମଧ୍ୟରେ ଥିବା ତାରତମ୍ୟ ବୃଦ୍ଧିକୁ ରୋକି ପାରିବା ସଙ୍ଗେ ସଙ୍ଗେ, ଉକ୍ତ ତାରତମ୍ୟ କେତେକାଂଶରେ ହ୍ରାସ କରିବାକୁ ସମର୍ଥ ହୋଇ ପାରିବୁ ।

ଜଳସେଚନ, ବିଦ୍ୟୁତ୍, ଶିଳ୍ପ, କୃଷି, ଆନୁଷଙ୍ଗିକ କାର୍ଯ୍ୟକ୍ରମ ସମାଜ-ସେବା ଓ ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରରେ ସୁଚିନ୍ତିତ ଆଭିମୁଖ୍ୟ ପ୍ରତିଫଳିତ କରୁଥିବା ଏକ ବଳିଷ୍ଠ କର୍ମ ଯୋଜନା ହାତକୁ ନିଆଯାଇଛି । ଏହା ଫଳରେ ଏକ ସ୍ଥାଣୁ ଅର୍ଥନୀତି ଗତିଶୀଳ ହୋଇପାରିବ । ଗରିବ ଲୋକମାନଙ୍କ ଆର୍ଥିକ

ଅବସ୍ଥା ସୁଧାରିବା ନିମନ୍ତେ ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବରେ କାର୍ଯ୍ୟକାରୀ କରାଯାଉଛି ।

## କୃଷି ଉନ୍ନୟନ

ରାଜ୍ୟ ଆୟର ଦୁଇ-ତୃତୀୟାଂଶ କୃଷିରୁ ହିଁ ଆସିଥାଏ ଏବଂ କର୍ମରତ ଜନସଂଖ୍ୟାର ଚାରିଭାଗରୁ ତିନିଭାଗ ଲୋକଙ୍କୁ ଏହା କାମ ଯୋଗାଇଥାଏ । କୃଷି ହିଁ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ ଏବଂ ଏଥିପ୍ରତି ସର୍ବାଧିକ ପ୍ରାଧାନ୍ୟ ଦିଆଯାଉଛି । କୃଷି ଉତ୍ପାଦନ କ୍ଷେତ୍ରରେ ଥିବା ସ୍ଥାଣୁ ଅବସ୍ଥାର ପରିବର୍ତ୍ତନ ଘଟିଛି । ୧୯୮୦-୮୧ ମସିହାରେ ସର୍ବୋଚ୍ଚ ୫୯ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇପାରିଛି । ଏହା ପୂର୍ବର,—ସର୍ବୋଚ୍ଚ ଉତ୍ପାଦନ ଠାରୁ ୨ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ । ନିଶ୍ଚିତ ଭାବରେ ସର୍ବନିମ୍ନ ହାରରେ ଫସଲ ଅମଳ କରିବା ଲକ୍ଷ୍ୟ ନେଇ ଚକବନ୍ଦିଆ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ୧୯୮୦-୮୧ ରେ ୧୦ ହଜାର ହେକ୍ଟର ଜମିରେ ଆରମ୍ଭ କରାଯାଇଥିଲା ଏବଂ ପରବର୍ତ୍ତୀ ବର୍ଷରେ ୨ ଲକ୍ଷ ହେକ୍ଟର ଜମି ଏହି କାର୍ଯ୍ୟକ୍ରମର ପରିସର ଭିତରକୁ ଅଣାଯାଇ । ଚଳିତ ବର୍ଷ ୫ ଲକ୍ଷ ହେକ୍ଟର ଜମିରେ ଏହି କାର୍ଯ୍ୟକ୍ରମ କରାଯିବ । ଆଖୁ ଓ କପା ଚାଷର ପ୍ରସାର ନିମନ୍ତେ ଦ୍ରୁତ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି । ଚିନାବାଦାମ ଉତ୍ପାଦନ କାର୍ଯ୍ୟକ୍ରମ ବିଶେଷ ସଫଳ ହୋଇଛି । କୃଷି ଓ କୃଷି-ଭିତ୍ତିକ ଶିଳ୍ପ ମଧ୍ୟରେ ଯଥାଯଥ ଯୋଗାଯୋଗ ରଖିବାପାଇଁ ୯ଟି ନୂତନ ସୂତାକଳ, ୨ଟି ନୂଆ ଚିନିକଳ ଓ ତେଲକଳ ପ୍ରତିଷ୍ଠା କରାଯାଉଛି । କେତେଗୁଡ଼ିକର କାମ ବର୍ତ୍ତମାନ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି । ୧୯୭୮-୭୯ ରେ ଆମର କୃଷି ଉତ୍ପାଦନ ୫୭.୬୫ ଲକ୍ଷ ଟନ୍ ଥିଲା । ଏହାର ଅଭିବୃଦ୍ଧି ଘଟାଇ ୧୯୮୪-୮୫ ସୁଦ୍ଧା ୭୪ ଲକ୍ଷ ଟନ୍ ଉତ୍ପାଦନ ପାଇବା ହିଁ ଆମର ମୋଟାମୋଟି କୃଷି ଆଭିମୁଖ୍ୟ । ଏତଦ୍ୱାରା ବିଗତ ଦଶନ୍ଧିଗୁଡ଼ିକରେ କୃଷି ଅଭିବୃଦ୍ଧି ହାର ଯାହାକି ବାର୍ଷିକ ଶତକଡ଼ା ୧.୭ ଥିଲା, ତାହା ଶତକଡ଼ା ୪.୨୭କୁ ବୃଦ୍ଧି ପାଇବ । ସେହିପରି, ତୈଳବୀଜ ଉତ୍ପାଦନ ଯାହାକି ୧୯୭୮-୭୯ ରେ ୪ ଲକ୍ଷ ୨୭ ହଜାର ଟନ୍ ଥିଲା ତାକୁ ୮୪-୮୫ ମସିହାକୁ ୧୧ ଲକ୍ଷ ୨୦ ହଜାର ଟନ୍‌କୁ ବୃଦ୍ଧି କରାଯିବ । ପୂର୍ବରୁ ତୈଳବୀଜ ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ହାର ବାର୍ଷିକ ଶତକଡ଼ା ୫.୩ ଥିବା ସ୍ଥଳେ, ଏହି ଉତ୍ପାଦନ ହାର ଶତକଡ଼ା ୨୦କୁ ବୃଦ୍ଧି ପାଇବ ।

## ଏକ ଅଭିନବ କାର୍ଯ୍ୟକ୍ରମ

ସର୍ବୋପରି ଗାଁଗହଳର ନିତାନ୍ତ ଗରିବ ପରିବାରର ଉନ୍ନତି ନିମନ୍ତେ "ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ" କାର୍ଯ୍ୟକ୍ରମ ନାମରେ ଏକ ନୂତନ ପରିକଳ୍ପନା ରାଜ୍ୟ ସରକାର ପ୍ରବର୍ତ୍ତନ କରିଛନ୍ତି । ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବାବେଳେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି, ସେସବୁକୁ ଆଖି ଆଗରେ ରଖି ଏହି ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଧାନ ରୂପରେଖ ହେଉଛି:


(କ) ପ୍ରତ୍ୟେକ ଗ୍ରାମର ଗ୍ରାମବାସୀମାନେ ଏକତ୍ରିତ ହୋଇ ଉକ୍ତ ଗ୍ରାମର ୧୦ଟି ନିତାନ୍ତ ଗରିବ ପରିବାରଙ୍କୁ ବାଛିବେ । ଯେଉଁ ପରିବାରର ରୋଜଗାରର କୌଣସି ପନ୍ଥା ନଥିବ ଏବଂ ବର୍ଷକୁ ୧,୨୦୦ ଟଙ୍କାରୁ କମ୍ ଆୟ ହେଉଥିବ, ସେଭଳି ପରିବାର ଗରିବ ରୂପେ ବିବେଚିତ ହେବେ ।

(ଖ) ଏଭଳି ଭାବେ ଗରିବ ପରିବାର ବଛାଯିବା ପରେ ସେମାନଙ୍କର ବାର୍ଷିକ ପ୍ରାୟ ଟ ୩,୦୦୦ଙ୍କା ରୋଜଗାର ହେଲା ଭଳି ବିଭିନ୍ନ ଲାଭଜନକ ଅର୍ଥନୈତିକ ବ୍ୟବସ୍ଥା କରିଆରେ ସେମାନଙ୍କୁ ଅଭ୍ୟୁତ୍ଥାନ କରାଯିବ ।

ଆମ ରାଜ୍ୟରେ ପ୍ରାୟ ପଚାଶ ହଜାର ଗ୍ରାମ ରହିଛି । ତେଣୁ ଷଷ୍ଠ ଯୋଜନା କାଳରେ ୫ ଲକ୍ଷ ଗରିବ ପରିବାର ଏହି କାର୍ଯ୍ୟକ୍ରମଦ୍ୱାରା ଉପକୃତ ହୋଇପାରିବେ । ଏହି ଅର୍ଥନୈତିକ ଅଭ୍ୟୁତ୍ଥାନ ପରିକଳ୍ପନାରେ ଭୂମି-ଭିତ୍ତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯାଉଛି । ସରକାରୀ ଖର୍ଚ୍ଚରେ ଜମିକୁ ଚାଷୋପଯୋଗୀ କରି ପ୍ରତ୍ୟେକ ପରିବାରକୁ ଦୁଇ ଏକର ଲେଖାଏଁ ଜମି ଯୋଗାଇ ଦିଆଯାଉଛି । ଉପକୃତ ପରିବାର ଦିନ ମଜୁରିଆ ରୂପେ ଏହି ଜମିରେ କାମ କରିବେ ଏବଂ ଦୁଇ ତିନି ବର୍ଷ ପରେ ଏହି ଜମିକୁ ସଂପୃକ୍ତ ପରିବାରକୁ ହସ୍ତାନ୍ତର କରାଯିବ । ସେଚ କୂପ ଆଦି ଜରିଆରେ ଉପକୃତ ବ୍ୟକ୍ତିମାନଙ୍କୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଉଛି ଏବଂ ଜଳସେଚନ ସମ୍ଭାବନା ନଥିବା ସ୍ଥାନରେ କାଜୁ ଓ କିଶଲ ପ୍ରଭୃତି ବଗିଚା ଜରିଆରେ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଯେଉଁ ଅଞ୍ଚଳରେ ଜମି ମିଳୁନାହିଁ, ସେ ସବୁ ଅଞ୍ଚଳରେ ହାତ ତନ୍ତ, ଗୋପାଳନ, ଟସର ଓ ମାଛ ଚାଷ ପ୍ରଭୃତି ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ୧୯୮୨ ମାର୍ଚ୍ଚ ମାସ ସୁଦ୍ଧା ୬୮,୦୦୦ରୁ ଉର୍ଦ୍ଧ୍ୱ ପରିବାର ଏଥିରେ ଉପକୃତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମଟି ଗୋଟିଏ ବାସ୍ତବାଭିମୁଖୀ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ ଅର୍ଥନୈତିକ କାର୍ଯ୍ୟକ୍ରମ । ବୋଧହୁଏ ପ୍ରଥମ କରି ଦେଶରେ ଏହିଭଳି ଏକ ଫଳପ୍ରଦ ଦାରିଦ୍ର୍ୟ ବିଲୋପ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହା ଫଳରେ ସମାଜର ଦରିଦ୍ରତମ ଲୋକଙ୍କର ପ୍ରକୃତ ଆବଶ୍ୟକତା ପୂରଣ କରାଯାଇପାରିବ । କେବଳ ଏ ରାଜ୍ୟ ନୁହେଁ ପରନ୍ତୁ ସମଗ୍ର ଦେଶ ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରୁଛନ୍ତି ।

## ଜଳସେଚନ

ଜଳସେଚନ କୃଷି ସମୃଦ୍ଧିର ଚାବିକାଠି । ଅଧିକ ଅଞ୍ଚଳ ଜଳସେଚିତ କରିବାପାଇଁ ସରକାର ସ୍ଥିର କରିଛନ୍ତି । ଏ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦୂର କରିବା ଏବଂ ମରୁଡ଼ି ପ୍ରପୀଡ଼ିତ ଓ ଆଦିବାସୀ ଅଞ୍ଚଳଗୁଡ଼ିକୁ ଯଥାଯଥ ଭାବେ ଜଳସେଚିତ କରିବା ସରକାରଙ୍କର ଲକ୍ଷ୍ୟ । ୧୯୭୯-୮୦ ଶେଷରେ ୧୨.୯୦ ଲକ୍ଷ ହେକ୍ଟର ଜମି ଜଳସେଚିତ ହେଉଥିଲା । ବର୍ତ୍ତମାନର ସରକାର ଏହି ସୁବିଧାକୁ ଦ୍ୱିଗୁଣିତ କରିବାପାଇଁ ଯୋଜନା କରୁଛନ୍ତି । ଏଥିମଧ୍ୟରୁ




IRRIGATION POTENTIAL OF ORISSA (in lakh ha.)

ଷଷ୍ଠ ଯୋଜନା କାଳରେ ଛଅ ଲକ୍ଷ ହେକ୍ଟର ଜମି ଜଳସେଚିତ କରାଯିବ । ପ୍ରଥମ ଦୁଇ ବର୍ଷ ମଧ୍ୟରେ ୧'୯୦ ଲକ୍ଷ ହେକ୍ଟର ଜମି ଜଳସେଚିତ କରିବାପାଇଁ ଅତିରିକ୍ତ ସେଚନ ସୁବିଧା ସୃଷ୍ଟି କରାଯାଇଛି । ଚଳିତ ବର୍ଷ ୧'୦୮ ଲକ୍ଷ ହେକ୍ଟର ଅଧିକ ଜମିରେ ଜଳସେଚନ–ପାଇଁ ଯୋଜନା ରହିଛି । କାର୍ଯ୍ୟକାରୀ ହେଉଥିବା ଜଳସେଚନ ଯୋଜନାଗୁଡ଼ିକୁ ଯଥା ସମୟରେ ସଂପୂର୍ଣ୍ଣ କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି । ବ୍ୟକ୍ତିଗତ ଉଦ୍ୟୋଗରେ ସେଚ କୂପ ବସାଉବାର ଦୁଃସାହସିକ ଯୋଜନା ହାତକୁ ନିଆଯାଇଛି । ବ୍ୟକ୍ତିଗତ ଉଠା–ଜଳସେଚନ ଯୋଜନାର ବିଦ୍ୟୁତିକରଣ ତ୍ୱରାନ୍ୱିତ କରିବା–ପାଇଁ ପ୍ରଶାସନିକ ପଦ୍ଧତିକୁ ସୁଗଠିତ କରାଯାଉଛି ।

କହିବା ଅନାବଶ୍ୟକ ଯେ କୃଷି ଏବଂ ଶିଳ୍ପ କ୍ଷେତ୍ରରେ ସମୃଦ୍ଧି ଏବଂ ଅଭ୍ୟୁଦୟ ଆଣିବାପାଇଁ ବିଦ୍ୟୁତ୍ ଶକ୍ତିର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାଦ୍ୱାରା ଏହି ପ୍ରଗତି ସମ୍ଭବ ହୋଇଥାଏ । ୬୦୦ ମେଗାୱାଟ୍‌ର ଅତିରିକ୍ତ ଶକ୍ତି ଉତ୍ପାଦନପାଇଁ ଆମେ ଏକ ସ୍ୱଳ୍ପ ମିଆଦୀ ଯୋଜନା ହାତକୁ ନେଇଛୁ । ୨,୬୦୦ ମେଗାୱାଟ୍‌ର ଅତିରିକ୍ତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଗୋଟିଏ ଦୀର୍ଘ ମିଆଦି ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛୁ । ୬୦୦ ମେଗାୱାଟ୍‌ର ସ୍ୱଳ୍ପ ମିଆଦୀ ଯୋଜନାଟିରୁ ପ୍ରଥମେ ୫୧୭ ମେଗାୱାଟ୍ ଚଳିତ ଯୋଜନାରେ କାର୍ଯ୍ୟକାରୀ ହେବ । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରଥମ ପର୍ଯ୍ୟାୟ ସଂପ୍ରସାରଣ କାର୍ଯ୍ୟକ୍ରମ ମାର୍ଚ୍ଚ ୧୯୮୨ ରେ ହୋଇଛି । ଏବେ ଏଠାରୁ ୨୧୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇ ପାରିବ । ୧୯୮୧-୮୨ ରେ ୩୫୦୫ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥିଲା । ବିଗତ ବର୍ଷଠାରୁ ଏହା ୭'୧୨ ପର୍ସେଣ୍ଟ ଅଧିକ । ଚଳିତ ବର୍ଷ ୩୭୪୬ ନିୟୁତ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବା ନିମନ୍ତେ କାର୍ଯ୍ୟକ୍ରମ ରହିଛି । ଉନ୍ନତତର କୋଇଲା ପାଇବା ନିମନ୍ତେ ପ୍ରଗାଢ଼ ପ୍ରୟତ୍ନ ଯୋଗୁଁ ତାଳଚେର ତାପଜ ବିଦ୍ୟୁତ୍ ଶକ୍ତି କେନ୍ଦ୍ରର ଉତ୍ପାଦନ ଶକ୍ତି ବୃଦ୍ଧି ପାଉଛି । ତାଳଚେରରେ ଗୋଟିଏ ସୁପର ଥର୍ମାଲ ପ୍ରକଳ୍ପ ଶୀଘ୍ର ନିର୍ମାଣ କରିବାପାଇଁ ଭାରତ ସରକାରଙ୍କ ସହିତ ଆମେ ଆଲୋଚନା ଚଳାଇଛୁ । ଏହା ବ୍ୟତୀତ ଯଥାଶୀଘ୍ର ଇବ୍ ଉପତ୍ୟକାରେ ଗୋଟିଏ କୋଇଲା ଭିତ୍ତିକ ନୂତନ ତାପଜ ଶକ୍ତି କେନ୍ଦ୍ର ନିର୍ମାଣପାଇଁ ଆମେ ସମ୍ଭାବନା ଅନୁସନ୍ଧାନ କରୁଛୁ ।


## ବୈପ୍ଳବିକ ଶିଳ୍ପ ନୀତି

ଆମ ରାଜ୍ୟ ଖଣିଜ, ଅରଣ୍ୟ ଏବଂ ସମୁଦ୍ର ସଂପଦରେ ସମୃଦ୍ଧ । ଶିଳ୍ପାୟନର ସମନ୍ୱିତ ଯୋଜନା ମାଧ୍ୟମରେ ଏହିସବୁ ସଂପଦ ନିୟୋଗ କରାଯାଉଛି । ୧୯୮୦ ରେ ଘୋଷିତ ନୂତନ ଶିଳ୍ପ ନୀତିରେ ଅନେକ ପ୍ରୋତ୍ସାହନମୂଳକ ରିହାତି ସୁବିଧା ସୁଯୋଗ ରହିଛି । ଏହି ନୀତି ରାଜ୍ୟରେ ତଥା ରାଜ୍ୟ ବାହାରେ ଅନେକ ଶିଳ୍ପୋଦ୍ୟୋଗୀଙ୍କୁ ପ୍ରବଳ ଉତ୍ସାହିତ କରିଛି । ଏହା ପ୍ରଭାବ ଅନୁକୂଳ ଶିଳ୍ପ ପରିବେଶ ସୃଷ୍ଟି କରିଛି । ନୂତନ ଶିଳ୍ପ ନୀତିର ପ୍ରବର୍ତ୍ତନ ତଥା ଶିଳ୍ପାୟନର ବେଗକୁ ତ୍ୱରାନ୍ୱିତ କରିବାପାଇଁ ପ୍ରଶାସନିକ ବ୍ୟବସ୍ଥାର ସୁବିନ୍ୟାସ ଶିଳ୍ପୋଦ୍ୟୋଗୀମାନଙ୍କୁ ଅଧିକ ସଂଖ୍ୟାରେ ଆକୃଷ୍ଟ କରୁଛି । ବୃହତ, ମଧ୍ୟମ, ଗ୍ରାମ୍ୟ ଏବଂ କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ବିଗତ ଦୁଇ ବର୍ଷ ମଧ୍ୟରେ ଯାହା ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରି ପାରିଛୁ । ହଜାରେ ଦିନରେ ହଜାରେ କୋଟି ଟଙ୍କା ବ୍ୟୟରେ ହଜାରେଟି ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତ ରାଜ୍ୟ ସରକାରଙ୍କର ଘୋଷିତ ଶିଳ୍ପନୀତି ସନ୍ଦେହୀ ନେତୃତ୍ୱକୁ ଅବାସ୍ତବ ପ୍ରତୀତ ହେଉଥିଲେ ମଧ୍ୟ ବାସ୍ତବରେ ତାହା ରୂପାୟିତ ହେବାକୁ ଯାଉଛି ।

୫୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଆଲୁମିନିୟମ୍ କମ୍ପ୍ଲେକ୍ସ୍, ସାର କାରଖାନା ଓ ଦ୍ୱିତୀୟ ଇସ୍ପାତ୍ କାରଖାନା ଭଳି ତିନୋଟି ବୃହତ୍ କେନ୍ଦ୍ରୀୟ ପ୍ରକଳ୍ପ ଆମ ରାଜ୍ୟରେ ପ୍ରତିଷ୍ଠିତ ହେଉଛି । ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରାୟ ୨୦୦ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କରାଯାଇଛି, ଏବଂ ୧୦୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଆଉ ପ୍ରାୟ ୨୦୦ଟି ଶିଳ୍ପ ସଂସ୍ଥା ପ୍ରତିଷ୍ଠାପାଇଁ ଚିହ୍ନଟ କରାଯାଇଛି । ଏସବୁ ଶିଳ୍ପ ମଧ୍ୟରେ ସୂତାକଳ, କାଗଜକଳ, ଫେରୋକ୍ରୋମ କାରଖାନା, ସ୍ପଞ୍ଜ ଲୌହ କାରଖାନା, କାର୍ପାସ ପ୍ରସେସିଙ୍ଗ ୟୁନିଟ୍, ହୋଟେଲ ଏବଂ ଅନୁରୂପ ଅନ୍ୟାନ୍ୟ ଯାନ୍ତ୍ରିକ ଓ ବୈଦ୍ୟୁତିକ ଶିଳ୍ପ ସଂସ୍ଥା ଅନ୍ତର୍ଭୁକ୍ତ ।

ଷଷ୍ଠ ଯୋଜନା କାଳ ମଧ୍ୟରେ ୧୦୫ କୋଟି ଟଙ୍କା ମୂଳଧନ ବ୍ୟୟରେ ରାଜ୍ୟରେ ୧୪,୦୦୦ କ୍ଷୁଦ୍ରଶିଳ୍ପ ସ୍ଥାପନ କରିବାପାଇଁ ଆମେ ଯୋଜନା କରିଛୁ । ଏହାଦ୍ୱାରା ପ୍ରାୟ ୧ ଲକ୍ଷ ୪ ହଜାର ଲୋକ କର୍ମ ନିଯୁକ୍ତିର ସୁବିଧା ପାଇପାରିବେ । ପ୍ରଥମ ବର୍ଷ ପ୍ରାୟ ୧୩ କୋଟି ଟଙ୍କା ବିନିଯୋଗରେ ୨,୦୦୦ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଛି । ଏଥିରେ ପ୍ରାୟ ୧୪,୦୦୦ ଲୋକ ନିଯୁକ୍ତି ସୁବିଧା ପାଇଛନ୍ତି । ୧୯୮୧-୮୨ ରେ ପ୍ରାୟ ୧୯ କୋଟି ଟଙ୍କା ବିନିଯୋଗରେ ୨,୬୦୦ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ପ୍ରାୟ ୧୮,୦୦୦ ଲୋକଙ୍କୁ କର୍ମ ନିଯୁକ୍ତିର ସୁବିଧା ମିଳିପାରିଛି ।

ଆନୁଷ୍ଠାନିକ ଋଣ ହେଉଛି ଶିଳ୍ପ ପ୍ରସାର ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଗ । ଶିଳ୍ପ କ୍ଷେତ୍ରରେ ଆନୁଷ୍ଠାନିକ ଋଣ ଅଧିକ ଦିଆଯିବା ଆବଶ୍ୟକ । ୧୯୭୪ ଜୁଲାଇ ଓ ୧୯୮୧ ଜୁନ୍ ମାସ ମଧ୍ୟରେ ସମଗ୍ର ଦେଶପାଇଁ ଭାରତ ଶିଳ୍ପ ଉନ୍ନୟନ ବ୍ୟାଙ୍କ୍ ମୋଟ୍ ୬,୫୬୩·୮୮ କୋଟି ଟଙ୍କା ମଞ୍ଜୁର କରିଥିଲେ । ତନ୍ମଧ୍ୟରୁ ଆମ ରାଜ୍ୟ ମାତ୍ର ୧୪୮·୩୪ କୋଟି ଟଙ୍କା ପାଇଥିଲା ଅର୍ଥାତ୍ ଏହା ହେଉଛି ଶତକଡ଼ା ୨·୨୬ ଭାଗ । ଭାରତ ଶିଳ୍ପ ଋଣ କର୍ପୋରେସନ୍ଙ୍କୁ ୧୯୪୮ ଠାରୁ ୧୯୮୦ ମଧ୍ୟରେ ୧,୪୦୪ଟି ପ୍ରୋଜେକ୍ଟ ନିମନ୍ତେ ମୋଟ ୧୨୯୩·୦୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏଥିମଧ୍ୟରୁ ୨୮ଟି ପ୍ରୋଜେକ୍ଟ ନିମନ୍ତେ ଆମ ରାଜ୍ୟକୁ ମାତ୍ର ୨୮ କୋଟି ଟଙ୍କା ମିଳିଥିଲା । ଏହା ହେଉଛି ମଞ୍ଜୁର ହୋଇଥିବା ଅର୍ଥ ଓ ପ୍ରୋଜେକ୍ଟର ଯଥାକ୍ରମେ ଶତକଡ଼ା ୨·୧୬ ଭାଗ ଓ ୧·୯୯ ଭାଗ । ବିଳମ୍ବ ହେଲେ ବି ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେ ଏହାର ଚିତ୍ର ବଦଳିବା ସଙ୍ଗେ ସଙ୍ଗେ ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଦ୍ୱାରା ଦାବୀ କରାଯାଇଥିବା ଆର୍ଥିକ ସାହାଯ୍ୟର ପରିମାଣ ନିଶ୍ଚିତଭାବେ ବୃଦ୍ଧି ପାଉଛି । ଶିଳ୍ପୋଦ୍ୟୋଗୀମାନଙ୍କ ଅଭାବରୁ ଆମ ରାଜ୍ୟ ଆଗେଇ ପାରୁ ନାହିଁ ବୋଲି ପୂର୍ବରୁ ଯେଉଁ ଧାରଣା ଥିଲା ତାହା ବର୍ତ୍ତମାନ ଭିତ୍ତିହୀନ । ଦେଶରେ ଶ୍ରେଷ୍ଠ ବିବେଚିତ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଅନ୍ୟତମ, ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର କାର୍ଯ୍ୟକଳାପ ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ । ୧୯୮୦-୮୧ ଓ ୧୯୮୧-୮୨ ମଧ୍ୟରେ ଓଡ଼ିଶା ରାଜ୍ୟ ଅର୍ଥ କର୍ପୋରେସନର ଆର୍ଥିକ ସହାୟତାରେ ଯେତେଗୁଡ଼ିଏ ଶିଳ୍ପ ୟୁନିଟ୍ ମଞ୍ଜୁର କରାଯାଇଛି ତାହା ହେଉଛି ଦେଶରେ ସର୍ବାଧିକ ଅର୍ଥାତ୍ ଯଥାକ୍ରମେ ୨,୩୦୦ ଓ ୨,୪୦୦ । ୧୯୮୧-୮୨ରେ ମଧ୍ୟ ୨୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଆର୍ଥିକ ସାହାଯ୍ୟ ଦିଆଯାଇଛି ଯାହାକି ଦେଶରେ ସବୁଠାରୁ ଅଧିକ ଏବଂ ଆମର ପଡ଼ୋଶୀ ପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗ, ବିହାର, ଆସାମ, ପ୍ରଭୃତି ରାଜ୍ୟରେ ଦିଆଯାଇଥିବା ମୋଟ ଋଣ ପରିମାଣ ଠାରୁ ଅଧିକ । ଚଳିତ ଯୋଜନାର ପରବର୍ତ୍ତୀ ବର୍ଷଗୁଡ଼ିକରେ ଉକ୍ତ ଆର୍ଥିକ ସାହାଯ୍ୟର ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ ଏବଂ ଏହାର ପରିମାଣ ୧୯୮୪-୮୫ ସୁଦ୍ଧା ୫୫ କୋଟି ଟଙ୍କାରୁ ଅଧିକ ହେବ ।




HANDLOOM BROUGHT UNDER CO-OPERATIVE FOLD IN ORISSA
( in '000)

ଆମ ରାଜ୍ୟରେ ସ୍ୱଳ୍ପ ଚାରୋଟି ଶକ୍ତିଶାଳୀ ଶିକ୍ଷାୟତନ ଖୁବ୍ ଶୀଘ୍ର ଗଢ଼ି ଉଠୁଛି । ଏଗୁଡ଼ିକ ହେଉଛି ଶିକ୍ଷା ସଂପର୍କୀୟ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର । ଏହାଦ୍ୱାରା ଶିଳ୍ପୋଦ୍ୟୋଗୀମାନେ ଉନ୍ନତ ସୁବିଧା ସୁଯୋଗ ଲାଭ କରିପାରିବେ । ଏଥି ସଙ୍ଗେ ସଙ୍ଗେ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରୁ ଆବଶ୍ୟକ ସଂଖ୍ୟକ ବୈଷୟିକ ଜ୍ଞାନ ସଂପନ୍ନ ବ୍ୟକ୍ତିମାନଙ୍କୁ ପାଇବା ପାଇଁ ଜୋରସୋରରେ ପଦକ୍ଷେପ ନିଆଯାଇଛି । ରାଜ୍ୟର ଇଂଜିନିୟରିଂ କଲେଜଗୁଡ଼ିକର ଡିଗ୍ରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୧୯୭୯-୮୦ରେ ସ୍ଥାନ ସଂଖ୍ୟା ଥିଲା ୩୯୬ । କିନ୍ତୁ ୧୯୮୧-୮୨ ସୁଦ୍ଧା ଉକ୍ତ ସ୍ଥାନ ସଂଖ୍ୟା ୫୮୫କୁ ବୃଦ୍ଧି କରାଯାଇଛି । ତାଳଚେରଠାରେ ଗୋଟିଏ ନୂତନ ପଲିଟେକ୍‌ନିକ୍ ପ୍ରତିଷ୍ଠା କରାଯାଇଛି । ଖୁବ୍ ଶୀଘ୍ର ଗୋଟିଏ ଇଂଜିନିୟରିଂ କଲେଜ ମଧ୍ୟ ଖୋଲୁଛି । ଇଞ୍ଜିନିୟରିଂ ଡିପ୍ଲୋମା ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ଥାନ ସଂଖ୍ୟା ୧୯୭୯-୮୦ରେ ୬୦୫ ଥିବା ସ୍ଥଳେ ଏହାକୁ ୯୦୭କୁ ବୃଦ୍ଧି କରାଯାଇଛି । ଫୁଲବାଣୀ ଓ ବଲାଙ୍ଗୀରଠାରେ ଦୁଇଟି ଶିଳ୍ପ ତାଲିମ ଅନୁଷ୍ଠାନ ଖୋଲାଯିବା ଦ୍ୱାରା ବର୍ତ୍ତମାନ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ କାରିଗରୀ ତାଲିମ୍ ଦେବାର ବ୍ୟବସ୍ଥା ସଂପୂର୍ଣ୍ଣ ହେଲା ।

ଡିପ୍ଲୋମା ପାଠ୍ୟକ୍ରମରେ ଶିକ୍ଷାଦାନପାଇଁ ହୋଟେଲ ପରିଚାଳନା ଅନୁଷ୍ଠାନ ଖୋଲାଯାଇଛି ।

ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଦୁଇଟି ନୂତନ ରେଲପଥ, ଯଥା—ବଇତରଣୀ-କେନ୍ଦୁଝର ଓ କୋରାପୁଟ-ରାୟଗଡ଼ା ମଞ୍ଜୁର କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଯଖପୁରା-ବାଂଶପାଣି ରେଳପଥ ବଇତରଣୀ ପର୍ଯ୍ୟନ୍ତ ରେଳ ଯୋଗାଯୋଗର ସୁବିଧା ଯୋଗାଇଛି । ଏହା ଆରମ୍ଭ ହୋଇସାରିଲାଣି ଏବଂ ବଇତରଣୀ ଓ କେନ୍ଦୁଝର ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟ ନିର୍ମାଣାଧୀନ ରହିଛି । ତୃତୀୟ ରେଳ ସଂଯୋଗ ଅର୍ଥାତ୍ ଆଦିବାସୀ ଅଞ୍ଚଳ ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକୁ ଯୋଗାଯୋଗ କରୁଥିବା ତାଳଚେରଠାରୁ ସମ୍ବଲପୁର ରେଳରାସ୍ତା ବିଷୟରେ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଏ ।

## ପର୍ଯ୍ୟଟନ

ଦେଶୀୟ ତଥା ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସକାଶେ ଭୁବନେଶ୍ୱର, କୋଣାର୍କ, ପୁରୀକୁ ନେଇ ଗଠିତ ସ୍ୱର୍ଣ୍ଣ ତ୍ରିଭୁଜ ସମେତ ପର୍ଯ୍ୟଟନ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇଛି । ଝାଉଁବଣ ମଧ୍ୟରେ ଯାଇଥିବା ବେଳାଭୂମି ପର୍ଯ୍ୟଟକମାନଙ୍କୁ ଆନନ୍ଦପ୍ରଦ ଅନୁଭୂତି ଯୋଗାଇଦେବାପାଇଁ ସମୁଦ୍ର କୂଳେ କୂଳେ ଏକ ପକ୍କା ରାସ୍ତା ପୁରୀ ସହ କୋଣାର୍କକୁ ସଂଯୋଗ କରିବ । ଏଥି ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ରାସ୍ତା ଆଗାମୀ କେତେ ମାସ ମଧ୍ୟରେ ସଂପୂର୍ଣ୍ଣ ହେବ । ହୋଟେଲ ଓ ପରିବହନ ଭଳି ଆବଶ୍ୟକ ଭିତ୍ତିଭୂମିର ସଂପ୍ରସାରଣ କରାଯାଉଛି । ସଂପ୍ରତି ଖ୍ୟାତି ସଂପନ୍ନ ହୋଟେଲ ନିର୍ମାତାମାନେ ସ୍ୱର୍ଣ୍ଣ ତ୍ରିଭୁଜ ଅଞ୍ଚଳରେ ସୌଖୀନ ହୋଟେଲ ପ୍ରତିଷ୍ଠା କରିବାପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି । ନନ୍ଦନକାନନ ଭୁବନେଶ୍ୱର ନିକଟରେ ଅବସ୍ଥିତ । ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଏହା ହେଉଛି ଏକ ପ୍ରାକୃତିକ ଚିଡ଼ିଆଖାନା । ସାଧାରଣ ବ୍ୟାଘ୍ର ଦଂପତିଙ୍କଠାରୁ ଶ୍ୱେତ ଶାବକ ଜନ୍ମ ସକାଶେ ଏହା ପ୍ରସିଦ୍ଧି ଲାଭ କରିବା ସଙ୍ଗେ ସଙ୍ଗେ ବନ୍ୟଜନ୍ତୁମାନଙ୍କର ବିବିଧ ଦୃଶ୍ୟ ଦର୍ଶକ ସମ୍ମୁଖରେ ଉପସ୍ଥାପିତ କରିଥାଏ । ଏଠାରେ ଏକ ସିଂହ ସଫାରୀ ପାର୍କ ପ୍ରତିଷ୍ଠା କରାଯାଇଛି ଓ ସନ୍ନିକଟ ଅଞ୍ଚଳରେ ଏକ ହାତୀ ସଫାରୀ ପାର୍କ ପ୍ରତିଷ୍ଠା କରିବାପାଇଁ ଯୋଜନା କରାଯାଇଛି । ପର୍ଯ୍ୟଟକମାନଙ୍କୁ ଚିଲିକା ହ୍ରଦର ବିପୁଳ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟ କରିବାପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଚିଲିକା ସୁଦୂରାଗତ ବିହଙ୍ଗାବଳିର ଏକ ମାତ୍ର ବାସସ୍ଥଳୀ । ପର୍ଯ୍ୟଟକମାନଙ୍କ ଲାଗି ଏହି ହ୍ରଦ କୂଳରେ ରମଣୀୟ ନିବାସ ଯୋଗାଇ ଦିଆଯାଇଛି । ହ୍ରଦରେ ଜଳକ୍ରୀଡ଼ାର ସୁବିଧା ନିମନ୍ତେ ଏକ ପରିକଳ୍ପନା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେଉଛି । ଏହା ବ୍ୟତୀତ, ପ୍ରାଚୀନ କୀର୍ତ୍ତିରାଜି ବନ୍ୟଜନ୍ତୁ ସମେତ ବିପୁଳ ଜଙ୍ଗଲ ସଂପଦ ଓ ମନ୍ଦିରମାନ ରାଜ୍ୟରେ ପର୍ଯ୍ୟଟକମାନଙ୍କ ପାଇଁ ଅଧିକ ଆକର୍ଷଣୀୟ ହୋଇପାରିଛି ।

"ସାମାଜିକ ଜଙ୍ଗଲ" ପ୍ରକଳ୍ପ ଆମ ଉନ୍ନୟନର ଅନ୍ୟତମ ବିଶିଷ୍ଟ ବିଭବ । ରାଜ୍ୟରେ ବୃକ୍ଷରୋପଣପାଇଁ ମଧ୍ୟ ଏକ ବ୍ୟାପକ କାର୍ଯ୍ୟକ୍ରମ ରହିଛି । ୧୯୮୦-୮୧ରେ ୪୩,୬୯୭ ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଇଛି । ୧୯୮୧-୮୨ ମଧ୍ୟରେ ୫୬, ୪୫୮ ହେକ୍ଟର ଜମିରେ ସାର୍ଥକ ଭାବେ ବୃକ୍ଷରୋପଣ କରାଯାଇପାରିଛି । ଏଥିସହ ମିଶ୍ରିତ ବୃକ୍ଷରୋପଣ, ସମୁଦ୍ର ଉପକୂଳରେ "ସେଲଟର ବେଲଟ" ବୃକ୍ଷରୋପଣ ଓ ଗ୍ରାମାଞ୍ଚଳରେ ଜାଳେଣି କାଠପାଇଁ ବୃକ୍ଷରୋପଣ ଭଳି ସାମାଜିକ ଜଙ୍ଗଲ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ । ଚଳିତ ବର୍ଷ ଉକ୍ତ କାର୍ଯ୍ୟକ୍ରମକୁ ୧,୦୦,୦୦୦ ହେକ୍ଟର ଜମିରେ କାର୍ଯ୍ୟକାରୀ କରାଯିବ । ସଂପ୍ରତି ରାଜ୍ୟରେ ଜାତୀୟ ବାୟୋଗ୍ୟାସ ପ୍ରୋଜେକ୍ଟ ପ୍ରବର୍ତ୍ତନ କରାଯାଇଛି । ଷଷ୍ଠ ଯୋଜନା କାଳରେ ଏହି ପ୍ରୋଜେକ୍ଟ ଅନୁଯାୟୀ ୨୦,୦୦୦ ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ୧୯୮୧-୮୨ ଶେଷ ସୁଦ୍ଧା ୨୪୮ଟି ନୂତନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ୩,୦୦୦ ପ୍ଲାଣ୍ଟ ପ୍ରତିଷ୍ଠା କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ସାତୋଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯାଉଛି । କଟକ ସହରର ଅଧିକାଂଶ ଲୋକଙ୍କ ବ୍ୟବହାରପାଇଁ କମ୍ୟୁନିଟି ବାଇଓଗ୍ୟାସ ପ୍ଲାଣ୍ଟ, ରାଜ୍ୟ ଯନ୍ତ୍ରପାତି କାରଖାନାରେ ସୌର ଚୁଲି ଉତ୍ପାଦନ, ଡିରାଶୀୟ ଫାର୍ମରେ ପ୍ରଦର୍ଶନ ପବନ କଳ ଓ ବାଇଓଗ୍ୟାସ ପ୍ଲାଣ୍ଟ ପରିକଳ୍ପନାଗୁଡ଼ିକ କାର୍ଯ୍ୟକାରୀ କରା-

ଯାଇଛି । ଏଥିସହ ସବ୍‌ସିଡି ଦିଆଯାଇ ୧,୦୦୦ ସୌର ଚୁଲି ବିକ୍ରୟ କରାଯାଇଛି ।

ରାଜ୍ୟ ସରକାର ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ନଳକୂପ ବସାଇବାପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏ ଦିଗରେ ବିଗତ ଦୁଇବର୍ଷର କାର୍ଯ୍ୟ ପୂର୍ବ ବର୍ଷର କ୍ରମବର୍ଦ୍ଧିଷ୍ଣୁ କାର୍ଯ୍ୟ ସଂପାଦନ ତଥା ଉକ୍ତ କାର୍ଯ୍ୟକ୍ରମର ଗତିକୁ ଅତିକ୍ରମ କରିପାରିଛି ।

## ହରିଜନ ଓ ଆଦିବାସୀ କଲ୍ୟାଣ

ରାଜ୍ୟରେ ଥିବା ହରିଜନ ଓ ଆଦିବାସୀ ଲୋକଙ୍କ ଅର୍ଥନୈତିକ ବିକାଶପାଇଁ ଆମର ଏକ ବ୍ୟାପକ କାର୍ଯ୍ୟକ୍ରମ ରହିଛି । ଷଷ୍ଠ ଯୋଜନା କାଳରେ ଉପଯୁକ୍ତ ଦାରିଦ୍ର୍ୟ ମୋଚନ କାର୍ଯ୍ୟକ୍ରମ କରିଆରେ ଏ ଭଳି ଶତକଡ଼ା ୫୦ ଭାଗ ପରିବାରକୁ ସାହାଯ୍ୟ କରିବା ହେଉଛି ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ୧୯୮୧-୮୨ ଶେଷ ସୁଦ୍ଧା ପ୍ରାୟ ୧୩୩,୨୧୨ ହରିଜନ ପରିବାର ଓ ୧୦୯,୩୬୧ ଆଦିବାସୀ ପରିବାର ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ଜରିଆରେ ଉପକୃତ ହୋଇ ପାରିଛନ୍ତି । ଚଳିତ ବର୍ଷ ୯୬,୫୭୬ ହରିଜନ ଓ ୧୦୨,୫୦୦ ଆଦିବାସୀ ପରିବାରକୁ ସାହାଯ୍ୟ କରିବାକୁ କାର୍ଯ୍ୟକ୍ରମ ରହିଛି । ହରିଜନ ଓ ଆଦିବାସୀ ପରିବାରଗୁଡ଼ିକର ଆର୍ଥିକ ଉନ୍ନତି ନିମନ୍ତେ ହରିଜନ ଅର୍ଥ ଲଗାଣକାରୀ ସମବାୟ କର୍ପୋରେସନ ଓ ଆଦିବାସୀ ଉନ୍ନୟନ ସମବାୟ କର୍ପୋରେସନ କାର୍ଯ୍ୟକ୍ରମର ସଂପ୍ରସାରଣ କରାଯାଇଛି । ୧୯୮୧-୮୨ ସମବାୟ ବର୍ଷରେ ୨୨,୦୦୦ ପରିବାରକୁ ସମବାୟ କାର୍ଯ୍ୟକ୍ରମର ପରିସରଭୁକ୍ତ କରିବାପାଇଁ ଆଦିବାସୀ ଅର୍ଥଲଗାଣକାରୀ ସମବାୟ କର୍ପୋରେସନର ଏକ କାର୍ଯ୍ୟକ୍ରମ ରହିଛି । ଏଥିମଧ୍ୟରୁ ୧୯୮୨ ମାର୍ଚ୍ଚ ସୁଦ୍ଧା ୧୫,୦୦୦ ପରିବାରକୁ ପରିସରଭୁକ୍ତ କରାଯାଇଛି । ପ୍ରାଥମିକ ଶିକ୍ଷା ଲାଭ କରୁଥିବା ଆଦିବାସୀ ଛାତ୍ରମାନେ ଉପକୃତ ହେବା ନିମନ୍ତେ ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଛାତ୍ରାବାସ ପ୍ରତିଷ୍ଠା କରିବା ଲାଗି ବର୍ତ୍ତମାନର ସରକାର ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟାୟକ୍ରମେ ହାତକୁ ନିଆଯାଇଛି ।

ହସ୍ତତନ୍ତ ଲୁଗା ନିମନ୍ତେ ଏହି ରାଜ୍ୟର ସୁଖ୍ୟାତି ରହିଛି । ୧୦୦,୦୦୦ ହସ୍ତତନ୍ତ ବୁଣାକାରଙ୍କୁ ଥଇଥାନ କରିବାପାଇଁ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଷଷ୍ଠ ଯୋଜନା କାଳରେ ପାରଂପରିକ ବୁଣାକାରମାନଙ୍କୁ ସମବାୟ ତଥା ହସ୍ତତନ୍ତ ଉନ୍ନୟନ ସମବାୟର ପରିସରଭୁକ୍ତ କରି ସେମାନଙ୍କର ଅବସ୍ଥା ଉନ୍ନତ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି ।

## କ୍ଷୁଦ୍ର ଶିଳ୍ପର ବିକାଶ

ସମାଜ ସେବା, ବାଣିଜ୍ୟ, ପରିବହନ, ଜନସାଧାରଣଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଣ, କୃଷି ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ଭଳି ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରାଯାଇଛି ।

ରାଜ୍ୟରେ ୧୭,୦୦୦ରୁ ଊର୍ଦ୍ଧ୍ୱ ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି । ପ୍ରତି ଗ୍ରାମପଞ୍ଚାୟତରେ ଅନ୍ତତଃ ଗୋଟିଏ ଲେଖାଏଁ ସମବାୟ ଖାଉଟି ଭଣ୍ଡାର ଖୋଲିବାପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ୧୯୮୧-୮୨ ଶେଷ ସୁଦ୍ଧା ରାଜ୍ୟରେ ଖାଉଟିମାନଙ୍କ ଆବଶ୍ୟକତା ପୂରଣ କରିବାପାଇଁ ୩,୮୪୩ଟି ସମବାୟ ଭଣ୍ଡାର ୩,୧୦୨ଟି ଗ୍ରାମପଞ୍ଚାୟତରେ ଖୋଲାଯାଇଛି । ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାପାଇଁ ରାଜ୍ୟ ଯୋଗାଣ ନିଗମ ପ୍ରତିଷ୍ଠା କରାଯାଇଛି ।

ସମାଜ ସେବା ଓ ସମାଜ ମଙ୍ଗଳ, ଗ୍ରାମ୍ୟ ଗୃହ ନିର୍ମାଣ, ଗରିବ ଲୋକଙ୍କୁ ଆଇନଗତ ସାହାଯ୍ୟ ପ୍ରଦାନ, ବିକଳାଙ୍ଗ ଲୋକଙ୍କ ଥଇଥାନ ପ୍ରଭୃତି କାର୍ଯ୍ୟକ୍ରମ ସଂପର୍କରେ ଏଠାରେ ବିଶେଷ ଧାରଣା ଦେବା ଯଥାର୍ଥ ହେବ । ବନ୍ୟାଞ୍ଚଳରେ ଦୁର୍ବଳଶ୍ରେଣୀର ଲୋକଙ୍କୁ ୨୦,୦୦୦ ଗୃହ ନିର୍ମାଣ କରି ଯୋଗାଇବାପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରାଯାଇଛି । ଉପଯୁକ୍ତ କ୍ଷେତ୍ରରେ ଦୁର୍ବଳଶ୍ରେଣୀର ଲୋକଙ୍କୁ ଆବଶ୍ୟକୀୟ ଆଇନଗତ ସାହାଯ୍ୟ ପ୍ରଦାନ କରିବାକୁ ରାଜ୍ୟସ୍ତରୀୟ ଆଇନଗତ ସାହାଯ୍ୟ ପରିକଳ୍ପନା ସକ୍ରିୟ ଭାବେ କାର୍ଯ୍ୟକାରୀ ହେଉଛି । ଶାରୀରିକ ବିକଳାଙ୍ଗ ଲୋକଙ୍କ ପାଇଁ ଚାକିରୀ କ୍ଷେତ୍ରରେ ରାଜ୍ୟ ସରକାର ଶତକଡ଼ା ୩ ଭାଗ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରିଛନ୍ତି ।

ଓଡ଼ିଶାରେ ସମୃଦ୍ଧିର ସ୍ୱର୍ଣ୍ଣଯୁଗ ଆଗତ ପ୍ରାୟ । ପ୍ରଗତି ଓ ସମୃଦ୍ଧି ମାର୍ଗରେ ଆମ ରାଜ୍ୟ ପାଦ ବଢ଼ାଇଛି । ବିଭିନ୍ନ କାର୍ଯ୍ୟକ୍ରମରେ ବିପୁଳ ଅର୍ଥ ବିନିଯୋଗ ଏବଂ ଭିତ୍ତିଭୂମିକ, ଶିଳ୍ପ ଓ କୃଷି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦକ୍ଷତାର ଅଭିବୃଦ୍ଧି ଦ୍ୱାରା ଅଚିରେ ଏହି ସମୃଦ୍ଧି ହାସଲ ହୋଇ ପାରିବ । ଏହି ମହାନ ଉଦ୍ୟମକୁ ସାର୍ଥକ କରିବାପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଯଥାର୍ଥ ଭାବେ ସହାୟକ ହୋଇଛି ।

○○

# କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

—ଶ୍ରୀ ଏ. ଏନ୍. ଅନ୍ସାରୀ

ରାଜ୍ୟର ସମୃଦ୍ଧି ପାଇଁ ଜଳସେଚନ ବ୍ୟବସ୍ଥା ଏକାନ୍ତ ଅପରିହାର୍ଯ୍ୟ । ଦେଶର ମୋଟ ଜଳସମ୍ପଦର ଶତକଡ଼ା ୧୦ ଭାଗ କେବଳ ଓଡ଼ିଶାରେ ହିଁ ରହିଛି । ସମଗ୍ର ରାଜ୍ୟରେ ପ୍ରାୟ ୬୦ ଲକ୍ଷ ହେକ୍ଟର ଚାଷୋପଯୋଗୀ ଜମି ରହିଛି । ୧୯୭୯-୮୦ ଶେଷ ସୁଦ୍ଧା ଏଥି ମଧ୍ୟରୁ ପ୍ରାୟ ୧୭.୯୮ ଲକ୍ଷ ହେକ୍ଟର ଚାଷୋପଯୋଗୀ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିଥିଲା । ବର୍ତ୍ତମାନର ସରକାର ଏହି ଜଳସେଚନ ସୁବିଧାକୁ ଦ୍ୱିଗୁଣିତ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ଏହାଫଳରେ ନୂତନ କୃଷି ପ୍ରଣାଳୀ ପ୍ରୟୋଗ କରି କୃଷି ଉତ୍ପାଦନ ବୃଦ୍ଧି କରିବା ସମ୍ଭବ ହେବ । ଏହି ଲକ୍ଷ୍ୟ ପୂରଣ କରିବା ଉଦ୍ଦେଶ୍ୟରେ ଷଷ୍ଠ ଯୋଜନା ଶେଷସୁଦ୍ଧା ଅଧିକ ୬ ଲକ୍ଷ ହେକ୍ଟର ଚାଷ-ଜମିକୁ ଜଳସେଚିତ କରିବା ସକାଶେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

ଜଳସମ୍ପଦ ଉପଯୋଗ କରି ଅଧିକ କୃଷି ଉତ୍ପାଦନ ଯେପରି ହାସଲ କରାଯାଇ ପାରିବ, ସେ କ୍ଷେତ୍ରରେ କମାଣ୍ଡ ଅଞ୍ଚଳ ଉନ୍ନୟନ ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

ଜାତୀୟ କୃଷି କମିଶନଙ୍କ ପକ୍ଷରୁ ପ୍ରଥମେ ଏହି କମାଣ୍ଡ ଅଞ୍ଚଳ ଉନ୍ନୟନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇ-ଥିଲା । ସ୍ୱଳ୍ପ ଜମିର ମାଟି, ହେବାକୁ ଥିବା ଫସଲ ଓ ଜଳସମ୍ପଦ ପ୍ରଭୃତି ଠିକ୍‌ଭାବେ ଉପଯୋଗ କରି କିପରି ସର୍ବାଧିକ କୃଷି ଉତ୍ପାଦନ ହାସଲ କରାଯାଇ ପାରିବ, ତାହା ହେଉଛି ଏହାର ଲକ୍ଷ୍ୟ ।

୧୯୭୬-୭୭ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ମାତ୍ର ଏହା ବିଶେଷ ଅଗ୍ରଗତି କରି ପାରି ନ ଥିଲା । ଏହାର କାରଣ ହେଉଛି, ଏ ବାବଦରେ ହେଉଥିବା ଖର୍ଚ୍ଚର ଶତକଡ଼ା ୫୦ ଭାଗ ଗ୍ରାଣ୍ଟ୍ ଆକାରରେ ମିଳୁଥିଲା ଏବଂ ବାକି ଶତକଡ଼ା ୫୦ ଭାଗ ଋଣ ଓ ସବ୍‌ସିଡ଼ି ଆକାରରେ ଉଠଣା କରାଯାଉଥିଲା । ୧୯୮୦ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟୋପଯୋଗୀ ନିଷ୍ପତ୍ତି ଫଳରେ ଏ ଦିଗରେ ଥିବା ସମସ୍ତ ପ୍ରତିବନ୍ଧକ ଦୂର ହୋଇ ପାରିଛି । ଉକ୍ତ ନିଷ୍ପତ୍ତି ଅନୁଯାୟୀ, କମାଣ୍ଡ ଅଞ୍ଚଳରେ ନାହାର ନିର୍ମାଣ କାର୍ଯ୍ୟ ସରକାରଙ୍କ ପକ୍ଷରୁ କରାଯିବ ଓ ପରେ ସେ ବାବଦ ଟଙ୍କା ଆଦାୟ କରାଯିବ । ଏହା ଫଳରେ ଉକ୍ତ କାର୍ଯ୍ୟକ୍ରମରେ ବେଶ୍ ଅଗ୍ରଗତି ଘଟିଛି ।



ଓ୍ୱାରାବନ୍ଦୀ ପାଇଁ ଜଳ ନିୟନ୍ତ୍ରଣ ବ୍ୟବସ୍ଥା ଓ ମାହାରା

୧୯୭୬-୭୭ ମସିହାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ ୧୯୮୧ ଡିସେମ୍ବର ଶେଷ ସୁଦ୍ଧା ୧୨,୧୦୪ ହେକ୍ଟର ଜମିରେ ମାହାର ନିର୍ମାଣ କରାଯାଇଥିଲା । ୧୯୮୨ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୧୫,୧୯୩ ହେକ୍ଟର ଜମିରେ ମାହାର ନିର୍ମାଣ କାର୍ଯ୍ୟ କାର୍ଯ୍ୟକାରୀ ହୋଇଥିଲା । ୧୯୮୨-୮୩ ରେ ୫୦,୦୦୦ ହେକ୍ଟର ଜମିରେ ମାହାରା ନିର୍ମାଣ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ଏବଂ ଏହି ଲକ୍ଷ୍ୟ ପୂରଣ ଦିଗରେ ସତ୍ୱରତେ ଉଦ୍ୟମ କରାଯିବ ।


କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମରେ ଓ୍ୱାରାବନ୍ଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ପର୍ଯ୍ୟାୟକ୍ରମେ ଜଳ ପ୍ରବାହ ନିୟନ୍ତ୍ରଣ କରିଥାଏ । ପ୍ରାୟ ୭,୯୩୩ ହେକ୍ଟର ଜମିରେ ପାଇଲଟ୍ ପରିକଳ୍ପନା ହିସାବରେ ଓ୍ୱାରାବନ୍ଦି କାର୍ଯ୍ୟ ହାତକୁ ନିଆଯାଇଥିଲା । ୧୯୮୨-୮୩ ମଧ୍ୟରେ ୪୦ ହେକ୍ଟର ଜମିରେ ଓ୍ୱାରାବନ୍ଦି କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କେନ୍ଦ୍ର ସରକାର ୧୯୮୨-୮୩କୁ ଉତ୍ପାଦିକା ବର୍ଷ ରୂପେ ଘୋଷଣା କରିଛନ୍ତି । ଆଗାମୀ ରବି ଋତୁଠାରୁ ସୁସଙ୍ଗଠିତ ଭାବେ ଓ୍ୱାରାବନ୍ଦି କାର୍ଯ୍ୟ ଆରମ୍ଭ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

ପ୍ରାରମ୍ଭିକ ଅବସ୍ଥାରେ ଏହି କାର୍ଯ୍ୟକ୍ରମ ହୀରାକୁଦ, ସାଲନ୍ଦୀ ଓ ମହାନଦୀ ତ୍ରିକୋଣଭୂମି ଜଳସେଚନ ପରିକଳ୍ପନାର ପରିସରଭୁକ୍ତ କରାଯାଇଥିଲା । ଏହି ତିନିଗୋଟି




ବଳକା ପାଣିକୁ ପୁଣି ଥରେ ବ୍ୟବହାର କରାଯିବା ପାଇଁ ବ୍ୟବହୃତ ହେଉଥିବା ପମ୍ପ ବ୍ଲକ

ବୃହତ୍ ଜଳସେଚନ ପରିକଳ୍ପନାର କମାଣ୍ଡ ଅଞ୍ଚଳ ପରିସର ହେଉଛି ୫.୧୦ ଲକ୍ଷ ହେକ୍ଟର । ବିଶ୍ୱବ୍ୟାଙ୍କ ସହାୟତା କ୍ରମେ ପ୍ରଥମ ଥର ପାଇଁ ତିନିଗୋଟି ବୃହତ୍ ଜଳସେଚନ ପରିକଳ୍ପନାର ୫୭,୦୦୦ ହେକ୍ଟର ବିଶିଷ୍ଟ ଏକ ଅଂଶରେ



ଜଳ ନିଷ୍କାସନ ଉଣାର ଓ ଉଠି ଆସୁଥିବା ଫସଲ



ତିନି ଫସଲ ଚାଷ : ଧାନ ଓ ଡାଲି ଜାତୀୟ ଫସଲ ଅମଳ ପରେ ପରେ ବ୍ୟାପକ ଚିନାବାଦାମ ଚାଷ

କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା । ଷଷ୍ଠ ଯୋଜନା କାଳ ମଧ୍ୟରେ ଏହି ତିନିଗୋଟି ବୃହତ୍ ଜଳସେଚନ ପରିକଳ୍ପନା ଅଧୀନରେ ୧.୫ ଲକ୍ଷ ହେକ୍ଟର କମାଣ୍ଡ ଅଞ୍ଚଳ ଉନ୍ନୟନ କରାଯିବା ସକାଶେ ଲକ୍ଷ୍ୟ ରଖାଯାଇଛି । କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମର ମୁଖ୍ୟ ଅଂଶଗୁଡ଼ିକ ହେଲା :—

(୧) ଚକବନ୍ଦୀ

(୨) ଜମି ସର୍ଭେ ଓ ଜମି ଡାଙ୍ଗା ନିର୍ମାଣ

(୩) ମାହାଳା ନିର୍ମାଣ

(୪) ବିବିଧ ଫସଲ ଉତ୍ପାଦନ ପାଇଁ ଓ୍ୱାରାବନ୍ଦି

କେବଳ ସାଧାରଣ ଜଳସେଚନ ବ୍ୟବସ୍ଥା ଦ୍ୱାରା ଉତ୍ପାଦନ ବୃଦ୍ଧି ସମ୍ଭବ ହୋଇପାରିବ ନାହିଁ । ଅନେକ ସମୟରେ ଜଳସେଚନ ନିମନ୍ତେ ବ୍ୟବହୃତ ଜଳ ଅଧିକ ପରିମାଣରେ ମାଡ଼ିବା ଫଳରେ ଫସଲ ହୋଇପାରେ ନାହିଁ । କମାଣ୍ଡ ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଜରିଆରେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ବିଶେଷ ଫଳପ୍ରଦ ହୋଇପାରିଛି । ଏଥିରେ ଥିବା ସୁବିଧା ଗୁଡ଼ିକ ହେଲା—

(୧) ଜଳ ନିର୍ଗମ ସ୍ଥାନରୁ ନିର୍ଦ୍ଦିଷ୍ଟ ଖଣ୍ଡଜମିକୁ ସିଧାସଳଖ ଜଳ ପ୍ରବାହ ବ୍ୟବସ୍ଥା ଥିବା ଯୋଗୁଁ ଓ ନିୟନ୍ତ୍ରିତ ଭାବେ ଜଳ ଯୋଗାଇ ଦିଆଯାଉଥିବା ଯୋଗୁଁ ଅଯଥା ଜଳ ଅପବ୍ୟୟ ହୁଏ ନାହିଁ ।

(୨) ଫଳପ୍ରଦ ଜଳ ଉପଯୋଗ ନିମନ୍ତେ ଚକବନ୍ଦୀ ସମେତ ଜମି ସମତଳ କରିବା ଓ ଡାଙ୍ଗା ପ୍ରସ୍ତୁତି କରିବାରେ ସହାୟକ ହୋଇଥାଏ ।

(୩) ଶେଷ ସୀମାରେ ଥିବା ଜମିକୁ ଜଳସେଚନ ସୁବିଧା ମିଳିବାରେ ଅସୁବିଧା ହୁଏ ନାହିଁ ।

(୪) ଚାଷ ପ୍ରଣାଳୀ ପ୍ରଦର୍ଶନ ଓ ତିନି-ଫସଲି ଚାଷ ଉତାରିବାରେ ସାହାଯ୍ୟ କରେ ।

(୫) ବଳକା ପାଣି ପୁନର୍ବାର ଉପଯୋଗ କରାଯାଇ ପାରେ ଓ ଏହା ଦ୍ୱାରା ଜଳସେଚନ ପରିସର ବୃଦ୍ଧିପାଏ ।

(୬) ଜମିରେ ଦିଆଯାଉଥିବା ସାର ଓ କୀଟନାଶକ ଔଷଧ ଧୋଇ ହୋଇ ଗଳିଯିବାର ଆଶଙ୍କା ରହେ ନାହିଁ ।

(୭) ଏହାଦ୍ୱାରା ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇଥାଏ ।

ପୁରୀ ଜିଲ୍ଲା ପିପିଲି ବ୍ଲକ ଅନ୍ତର୍ଗତ କଳିମୁଣ୍ଡ ଓ କଳିମୁଣ୍ଡ ଗ୍ରାମରେ ଉଭୟ ମାହାଳା ନିର୍ମାଣ ଓ ଓ୍ୱାରାବନ୍ଦି କାର୍ଯ୍ୟ ବେଶ ସଫଳତାର ସହ କାର୍ଯ୍ୟକାରୀ ହୋଇଛି । କେଉଁ ଦିନ କେଉଁ କେଉଁ ଜମିରେ ପାଣି ମଡ଼ାଯିବ ତାହା ଗ୍ରାମ୍ୟ କମିଟି ଦ୍ୱାରା ସ୍ଥିର କରାଯାଉଛି । ଏହାଦ୍ୱାରା ଅଯଥା ଜଳ ଅପବ୍ୟୟ ରୋକାଯାଇପାରୁଛି ଏବଂ ସୁସଙ୍ଗତ ଭାବେ ଫସଲ କରାଯାଇ ପାରୁଛି । ତିନି-ଫସଲ ଚାଷ ପ୍ରବର୍ତ୍ତନ କରାଯାଇଛି । ଏହି ବ୍ୟବସ୍ଥା ଦ୍ୱାରା ଅର୍ଥକରୀ ଫସଲ ଉତ୍ପାଦନ ହେଉଛି । ଧାନ, ତୈଳବୀଜ ଓ ଚିନାବାଦାମ ଫସଲ ବେଶ୍ ଲୋକପ୍ରିୟତା ହାସଲ କରିଛି ।



ଏହି କାର୍ଯ୍ୟକ୍ରମର ଉପାଦେୟତା ଉପଲବ୍ଧି କରିବା ପରେ ସୁବର୍ଣ୍ଣରେଖା, ପୋଟେରୁ ଓ ରେଙ୍ଗାଲୀ ଜଳ-ସେଚନ ପରିକଳ୍ପନାଗୁଡ଼ିକୁ ଏହାର ପରିସରଭୁକ୍ତ କରିବା ବିଷୟ ସରକାର ବିଚାର କରୁଛନ୍ତି । ବର୍ତ୍ତମାନର ସରକାରଙ୍କର ଏହି ନୂତନ ଆଭିମୁଖ୍ୟ ଦ୍ୱାରା ନିୟନ୍ତ୍ରିତ ଉପାୟରେ ଜଳର ସଦୁପଯୋଗ, ଗୋଟିଏ ଜମିରୁ ବିଭିନ୍ନ କିସମର ଫସଲ ଉତ୍ପାଦନ ଓ ଅର୍ଥକରୀ ଫସଲ ପ୍ରବର୍ତ୍ତନ କରିଆରେ ଜମିରୁ ଅଧିକ ଆୟ ପାଇବା ସମ୍ଭବପର ହୋଇପାରିଛି । ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ ଦିଗରେ ସରକାରଙ୍କ ଏତାଦୃଶ ବ୍ୟବସ୍ଥା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

— ୦୦୦

ଓଡ଼ିଶାକୁ ଭାରତର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା, ଏହାକୁ ଅନ୍ୟମାନଙ୍କର ଦୟାର ପାତ୍ର ରୂପେ ନରଖି, ପ୍ରଶଂସାର ପାତ୍ର ଓ ଆଦର୍ଶ ଓ ଅନୁକରଣର ସ୍ଥଳରେ ପ୍ରତିଷ୍ଠିତ କରିବା ହେଉଛି ଆମ ପାଇଁ ଆଜି ଏକ ଆହ୍ୱାନ ।

ଜାନକୀ ବଲ୍ଲଭ ପଟ୍ଟନାୟକ



# ଶିଳ୍ପ ଉନ୍ନୟନର ନବ ଦିଗନ୍ତ

ଶ୍ରୀ ଏଲ୍. ଆଇ. ପରିଜା

ଓଡ଼ିଶାବାସୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଆନ୍ଦୋଳନ ଆରମ୍ଭ କରିବା ବେଳଠାରୁ ଆଧୁନିକ ଓଡ଼ିଶାର ନିର୍ମାତାମାନେ ଓଡ଼ିଶାରେ ବ୍ୟାପକ ଶିଳ୍ପ ପ୍ରସାର ପାଇଁ ସ୍ୱପ୍ନ ଦେଖି ଆସିଛନ୍ତି । କାରଣ ଏହା ଫଳରେ ରାଜ୍ୟର ବିରାଟ ପ୍ରାକୃତିକ ସମ୍ପଦ ଉପଯୋଗ ହୋଇପାରିବ ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିପାରିବ । ଅତୀତରେ ବିଭିନ୍ନ ସମୟରେ ରାଜ୍ୟ ସରକାର ଏହି ଲକ୍ଷ୍ୟ ହାସଲ ନିମନ୍ତେ ବିଭିନ୍ନ ଶିଳ୍ପନୀତି ଘୋଷଣା କରି ଆସିଛନ୍ତି । କିନ୍ତୁ ଏହାର ପ୍ରକୃତ ପ୍ରଭାବ ବିଶେଷ ଉତ୍ସାହଜନକ ହୋଇନାହିଁ । ଓଡ଼ିଶା ଭାରତବର୍ଷର ଶିଳ୍ପ ମାନଚିତ୍ରରେ ଉତ୍କର୍ଷ ସ୍ଥାନ ଅଧିକାର କରିଆସିଛି । ମାତ୍ର କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନରେ ପରିଚାଳିତ କେତେକ ଶିଳ୍ପ ଏବଂ କଟକ, ରାଉରକେଲା ଭଳି ସହରାଞ୍ଚଳରେ ସ୍ଥାପିତ ଶିଳ୍ପ କେତେକ ବୃହତ ଓ ମଧ୍ୟମ ଧରଣର ଶିଳ୍ପ ଏବଂ ଅନେକଗୁଡ଼ିଏ କ୍ଷୁଦ୍ର ଶିଳ୍ପ ବ୍ୟତୀତ ରାଜ୍ୟରେ ବହୁ ସଂଖ୍ୟକ ବୃହତ ଶିଳ୍ପ ସଂସ୍ଥା ସ୍ଥାପିତ ହୋଇନାହିଁ । ଦେଶର ସର୍ବମୋଟ ଶିଳ୍ପ ସଂସ୍ଥା ଭିତରେ ଓଡ଼ିଶାର ଭାଗ ମାତ୍ର ଶତକଡ଼ା ୨ ଭାଗ । ଏହି ପରିପ୍ରେକ୍ଷୀରେ ଦୁଇ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଏକ ନୂତନ ଶିଳ୍ପନୀତି ଘୋଷଣା କଲେ ।


ଏହି ଶିଳ୍ପନୀତିର ମୁଖ୍ୟ ବିଷୟଗୁଡ଼ିକ ସହିତ ଲୋକେ ପରିଚିତ ହୋଇ ଗଲେଣି ତେଣୁ ମୁଁ ସେହିଗୁଡ଼ିକୁ ଆଉ ପୁନରାବୃତ୍ତି କରିବାକୁ ଚାହେଁ ନାହିଁ । କିନ୍ତୁ ଏହାର ତିନୋଟି ଉଲ୍ଲେଖଯୋଗ୍ୟ ଦିଗପ୍ରତି ବିଶେଷ ଦୃଷ୍ଟି ପଡ଼ିବା ଦରକାର ବୋଲି ମନେ ହୁଏ । କୌଣସି ନୀତି କେବଳ ଘୋଷଣା କରିବା ଯଥେଷ୍ଟ ନୁହେଁ । ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ହେବ ଏବଂ ଏହି ଉଦ୍ଦେଶ୍ୟରେ ଏକ ସୁଦୃଢ଼ ସଂସ୍ଥା ସ୍ଥାପିତ ହେବା ଏକାନ୍ତ ଆବଶ୍ୟକ । ତେଣୁ ଶିଳ୍ପନୀତି କାର୍ଯ୍ୟକାରୀ କରୁଥିବା ପ୍ରଶାସନିକ ସଂସ୍ଥାକୁ ସୁଦୃଢ଼ କରିବା ଉପରେ ବିଶେଷ ଜୋର ଦିଆ ଯାଇଥିଲା । ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଫିସରଙ୍କୁ ନେଇ ଗଠିତ ଏକ ଶିଳ୍ପ ସମନ୍ୱୟ ସଂସ୍ଥା ଗଠିତ ହୋଇଥିଲା । ଶିଳ୍ପୋଦ୍ୟୋଗୀମାନଙ୍କର ସମସ୍ୟାଗୁଡ଼ିକର ସମାଧାନପାଇଁ ଏହି ସଂସ୍ଥା ବିଭିନ୍ନ ସମୟରେ ବୈଠକରେ ମିଳିତ ହୋଇ ଥାଆନ୍ତି । ମୁଖ୍ୟ ଶାସନ ସଚିବଙ୍କ ସଭାପତିତ୍ୱରେ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଫିସରଙ୍କୁ ନେଇ ଏକ କମିଟି ମଧ୍ୟ ଗଠିତ ହୋଇଛି । ଶିଳ୍ପୋଦ୍ୟୋଗୀ ଓ ଶିଳ୍ପ ସଂସ୍ଥାମାନଙ୍କର ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଏହି କମିଟି ପର୍ଯ୍ୟାଲୋଚନା ଓ ନିଷ୍ପତ୍ତି ଗ୍ରହଣ କରିଥାନ୍ତି । ମୁଖ୍ୟମନ୍ତ୍ରୀ ଏକ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଯେ ରାଜ୍ୟରେ ନୂତନ ଶିଳ୍ପ ସ୍ଥାପନ ଓ ବର୍ତ୍ତମାନ ଚାଲୁଥିବା ଶିଳ୍ପଗୁଡ଼ିକର ସଂପ୍ରସାରଣ ସମ୍ପର୍କୀୟ ସମସ୍ତ ସମସ୍ୟା ୨୧ ଦିନ ଭିତରେ ସମାଧାନ ହୋଇଯିବା ବାଞ୍ଛନୀୟ ।

ଦ୍ୱିତୀୟରେ ଶିଳ୍ପ ଭୂମି ଉନ୍ନୟନ ଉପରେ ଯଥେଷ୍ଟ ଜୋର ଦିଆଯାଇଛି । ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ନାମରେ ଏକ ସଂସ୍ଥା ସ୍ଥାପନ କରାଯାଇଛି ।

ଶିଳ୍ପ ଉପଯୋଗୀ ଜମିର ଉନ୍ନୟନ କରିବା ଏବଂ ଶିଳ୍ପ ସ୍ଥାପନ ଉପଯୋଗୀ ଗୃହମାନ ନିର୍ମାଣ କରିବା ଉଦ୍ଦେଶ୍ୟରେ ଏହି ସଂସ୍ଥା ଗଠନ କରାଯାଇଅଛି । ବିଭିନ୍ନ ଜିଲ୍ଲାରେ ୫୦ ଗୋଟି ଶିଳ୍ପ ଉନ୍ନୟନ କେନ୍ଦ୍ର ସ୍ଥାପନ କରାଯାଉଛି । ଏଠାରେ ଜମି ଦଖଲ କରାଯିବ ଏବଂ ଶିଳ୍ପ ଉପଯୋଗୀ ଗୃହମାନ ନିର୍ମାଣ କରାଯିବ ।

ତୃତୀୟରେ ବୃହତ ଓ ମଧ୍ୟମ ଶିଳ୍ପମାନଙ୍କର ଆନୁସଙ୍ଗୀକ ଶିଳ୍ପଭାବରେ ବା ଏହି ସବୁ ଶିଳ୍ପର ଉତ୍ପାଦନ ବା ବାଇପ୍ରଡକ୍ଟଗୁଡ଼ିକୁ ଉପଯୋଗ କରି କ୍ଷୁଦ୍ର ଶିଳ୍ପମାନ ସ୍ଥାପିତ ହୋଇ ପାରିବ ବୋଲି ଅନୁଭବ କରାଯାଉଛି । ଅନ୍ୟଭାବରେ କହିଲେ କ୍ଷୁଦ୍ର ଶିଳ୍ପଗୁଡ଼ିକର ବ୍ୟାପକ ଉନ୍ନୟନ ପାଇଁ ବୃହତ ଓ ମଧ୍ୟମ ଶିଳ୍ପଗୁଡ଼ିକୁ ମୂଳ ଶିଳ୍ପ ଭାବରେ ବିକାଶ ଘଟାଇବାକୁ ହେବ । ତେଣୁ ବୃହତ ଓ ମଧ୍ୟମ ଶିଳ୍ପ ସ୍ଥାପନ ପ୍ରତି ବିଶେଷ ଜୋର ଦିଆଯାଇ ଅଛି ।

ଶିଳ୍ପ ଅଭିବୃଦ୍ଧି ଓ ବିନିଯୋଗ ନିଗମ ସମଗ୍ର ଦେଶର ଏକ ଅଗ୍ରଣୀ ଶିଳ୍ପ ଉନ୍ନୟନ ସଂସ୍ଥା ଭାବରେ ବିକାଶ ଲାଭ କରିଛି । ଗତ ଦୁଇ ବର୍ଷ ଭିତରେ ଏହି ସଂସ୍ଥା ଶିଳ୍ପ ପରିକଳ୍ପନାରେ ୬,୦୨ ଲକ୍ଷ ଟଙ୍କା ଆର୍ଥିକ ମୂଳଧନ ଖଟାଇ ଓ ୬୧୭ ଜଣ ଲୋକଙ୍କୁ ନିଯୁକ୍ତି ଦେଇଥିବା ଏହି ଆଠଟି ପରିକଳ୍ପନାର ଉତ୍ପାଦନ ଆରମ୍ଭ ହୋଇଅଛି । ୬୯ ଗୋଟି ପରିକଳ୍ପନାରେ ୧୪୪·୬୧ କୋଟି ଟଙ୍କା ବିନିଯୋଗ କରାଯାଉଛି ଏବଂ ଏଥିରେ ୧୦,୫୫୦ ଲୋକ ନିଯୁକ୍ତି ପାଇ ପାରିବେ । ଏହି ସଂସ୍ଥାଗୁଡ଼ିକର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲିଛି । ଏହା ଛଡ଼ା ଏହା ୧୯୪ ଟି ଶିଳ୍ପ ପରିକଳ୍ପନା ଚିହ୍ନଟ କରିସାରିଛନ୍ତି । ଏଥିରେ ୯୨୦·୬୬ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ଶିଳ୍ପ ପରିକଳ୍ପନାଗୁଡ଼ିକ ଆଗାମୀ କେତେବର୍ଷ ଭିତରେ କାର୍ଯ୍ୟକାରୀ ହେବ । ଏବେ ଏହି ସଂସ୍ଥା ଟାଟା ଓ କେ. କେ. ଶିଳ୍ପ ଭଳି ସର୍ବଭାରତୀୟ ବୃହତ ଶିଳ୍ପ ସଂସ୍ଥା ତଥା ସ୍ଥାନୀୟ ଶିଳ୍ପୋଦ୍ୟୋଗୀମାନଙ୍କର ସହଯୋଗରେ ଶିଳ୍ପ ପ୍ରସାର ପାଇଁ ଉଦ୍ୟମ କରୁଛି । ଏହି ନିଗମ ପ୍ରଥମ ଥରପାଇଁ ବାଣିଜ୍ୟିକ ଭିତ୍ତିରେ ଗୋଟିଏ ସନ୍ତ ଲୁହା କାରଖାନା ସ୍ଥାପନ କରୁଛି । 'ଓଡ଼ିଶା ସ୍ପଞ୍ଜ ଆଇରନ' ନାମରେ ନାମିତ ଏହି ଶିଳ୍ପ କାରଖାନାରେ ନିକଟରେ ଉତ୍ପାଦନ ଆରମ୍ଭ ହେବାର ସମ୍ଭାବନା ରହିଛି । ଗୋଟିଏ ପଲିଷ୍ଟର ଫାଇବର କାରଖାନା ସ୍ଥାପନ ପାଇଁ ଏହା ଶିଳ୍ପ ଲାଇସେନ୍ସ ପାଇଛି । ଏଥିପାଇଁ ଷ୍ଟ୍ରପ୍ରଡକଟ ଲିମିଟେଡ଼ ସଂସ୍ଥା ସହିତ ମିଳିତ ଉଦ୍ୟୋଗ ନିମନ୍ତେ ଚୁକ୍ତି ସମ୍ପାଦିତ ହୋଇଛି । ଗତ ଦୁଇବର୍ଷ ଭିତରେ ନିମ୍ନ ଲିଖିତ ବୃହତ ଶିଳ୍ପ ସ୍ଥାପନ ପାଇଁ ଏହା ଅନୁମତି ପତ୍ର ପାଇଛି ।






(୧) ଚିନି କାରଖାନା, ବାଙ୍କି

(୨) ଚିନି କାରଖାନା, ନୟାଗଡ଼

(୩) ସ୍ପଞ୍ଜ ଆଇରନ ପ୍ରୋଜେକ୍ଟ, କେନ୍ଦୁଝର

(୪) ପଲିଷ୍ଟର ଷ୍ଟେପ୍‌ଲ ଫାଇବର ପ୍ରୋଜେକ୍ଟ, ଢେଙ୍କାନାଳ ।

(୫) ଆନ୍‌ଥ୍ରାକ୍ୱିନୋନ ପ୍ରୋଜେକ୍ଟ, ସୁନ୍ଦରଗଡ଼

(୬) ଡ୍ରଗ ମ୍ୟାନୁଫ୍ୟାକ୍‌ଚରିଂ ୟୁନିଟ, ଭୁବନେଶ୍ୱର

(୭) ଟିଭିଟ୍ୟୁବ ଓ ଇଲେକ୍ଟ୍ରୋନିକ୍ ଓୟାର ପ୍ରୋଜେକ୍ଟ, ମୟୂରଭଞ୍ଜ ।

(୮) ମିନି କମ୍ପ୍ୟୁଟର ଓ ମାଇକ୍ରୋ ପ୍ରୋସେସର ପ୍ରୋଜେକ୍ଟ, ଚନ୍ଦକା ।

(୯) ମିଡ଼ିୟମ ଡେନ୍‌ସିଟି ଫାଇବର ବୋର୍ଡ ପ୍ରୋଜେକ୍ଟ, କରଞ୍ଜିଆ ।

(୧୦) ଏଚ୍. ଟି. ଇନ୍‌ସୁଲେଟର ପ୍ରୋଜେକ୍ଟ, ଜୟପୁର ।

(୧୧) ଆଲମୁନିୟମ ସିଲିକନ, ଅଲୟଜ୍ ପ୍ରୋଜେକ୍ଟ, ଛତ୍ରପୁର ।

(୧୨) କୋଲ୍ଡ ରୋଲ୍ଡ ଷ୍ଟିଲ୍ ଷ୍ଟ୍ରିପ୍‌ସ ୟୁନିଟ୍, କେନ୍ଦୁଝର ।

ଶିଳ୍ପ ଉନ୍ନୟନ ନିଗମ ରାଜ୍ୟରେ ଯେଉଁ ସବୁ ଶିଳ୍ପ ଗୁଡ଼ିକ ପରିଚାଳନା କରୁଛନ୍ତି ସେଥିଭିତରୁ ସେମାନେ ୪ ଗୋଟି ଶିଳ୍ପର ସଂପ୍ରସାରଣ କାର୍ଯ୍ୟ ହାତକୁ ନେଇଛନ୍ତି । ହୀରାକୁଦଠାରେ ଫ୍ରପରଜି ଶିଳ୍ପ ସଂସ୍ଥା ଏବଂ ବଡ଼ବିଲ-ଠାରେ ସ୍ପଞ୍ଜ ପାଇପ କାରଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଚଉଦ୍ୱାରଠାରେ ଏହା ଗୋଟିଏ ରିଫ୍ରାକଟରୀ ଇଟା କାରଖାନା ହାତକୁ ନେଇଛନ୍ତି । ଗତ ଦୁଇବର୍ଷ ଭିତରେ ଆଇ. ଡ଼ି. ସି., ସୋନପୁର, ବାରିପଦା ଏବଂ ଆସ୍କାଠାରେ ତିନୋଟି ସୂତା କାରଖାନା ହାତକୁ ନେଇଛି । ସୋନପୁର ସୂତା କାରଖାନାରୁ ଆସନ୍ତା ଡିସେମ୍ବର ମାସରେ ଉତ୍ପାଦନ ଆରମ୍ଭ ହେବ ଏବଂ ବାରିପଦା ଓ ଅସ୍କା ସୂତା-କାରଖାନାରୁ ୧୯୮୩ ମସିହା ଭିତରେ ଉତ୍ପାଦନ ଆରମ୍ଭ ହେବା ସମ୍ଭାବନା ରହିଛି । ଏହାଛଡ଼ା ହେଲ ଓ ଷ୍ଟାର ମେସିନାରୀ ଲିମିଟେଡ ଶିଳ୍ପ ସଂସ୍ଥା ସହଯୋଗରେ ଗୋଟିଏ ବଏଲର ପାଇପ ପ୍ଲାଣ୍ଟ ଓ ବଡ଼ ଶିଳ୍ପ ଯନ୍ତ୍ରପାତି ନିର୍ମାଣ

ସଂସ୍ଥା ସ୍ଥାପନ କରୁଛି । ଏହା ଇଲେକ୍‌ଟ୍ରୋନିକ କନେକଟର ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ଅନୁମତି ପତ୍ର ପାଇ ସାରିଲାଣି । ଏହି ଶିଳ୍ପ ସଂସ୍ଥା ପାଇଁ ୫୪୦ ଲକ୍ଷ ଟଙ୍କା ମୂଳଧନ ବିନିଯୋଗ କରାଯିବ ।

ସେଗ୍ମାନ ଇଲେକ୍‌ଟ୍ରୋଡ଼ ଯନ୍ତ୍ରପାତି ନିର୍ମାଣ ପାଇଁ ଏହା ଅନୁମତିପତ୍ର ପାଇଛି । ଏଥିପାଇଁ ୩୫ ଲକ୍ଷ ଟଙ୍କା ମୂଳଧନ ବିନିଯୋଗ କରାଯିବ । ତାଳଚେରଠାରେ ସେମିକୋକ ପ୍ଲାଣ୍ଟ ସ୍ଥାପନ କରାଯିବ । ଏହାଛଡ଼ା ମାଲକାନଗିରି ଓ ଶଂକି ଅଞ୍ଚଳରେ ରହିଥିବା ଚୂନପଥର ଖଣିର ଉପଯୋଗ ପାଇଁ ୧୦ ଲକ୍ଷ ଟନ୍ ଉତ୍ପାଦନ କ୍ଷମତା ଥିବା ଭଳି ଗୋଟାଏ ବିରାଟ ସିମେଣ୍ଟ କାରଖାନା ସ୍ଥାପନ ନିମନ୍ତେ ଦରଖାସ୍ତ ଦିଆ ହୋଇଅଛି । ଏହାଛଡ଼ା ଆଇ.ଡି.ସି. ନିପୋ ଇଣ୍ଡିଆ ସହଯୋଗରେ ଗୋଟିଏ କେବୁଲ କାରଖାନା ଏବଂ ଓଡ଼ିଶା ଇଣ୍ଡଷ୍ଟ୍ରିଜ ସଂସ୍ଥା ସହଯୋଗରେ ଗୋଟିଏ କେମିକାଲ ପ୍ରୋଜେକ୍ଟ (ଓରିକେମ୍) ସ୍ଥାପନ କରୁଛନ୍ତି । ଆଇ. ଡି. ସି. ସେ ବି ପ୍ରଥମେ ୪୮ ଗୋଟି ଶିଳ୍ପ ସଂସ୍ଥା ପରିଚାଳନା କରୁଥିଲା ଗତ ଦୁଇ ବର୍ଷ ଭିତରେ କେତେକ ଶିଳ୍ପ ସଂସ୍ଥାର ସମ୍ପ୍ରସାରଣ ଏବଂ ନୂଆ ଶିଳ୍ପ ସଂସ୍ଥା ସ୍ଥାପନ କରୁଛନ୍ତି । ଏହାର ସମ୍ବଳ ସୀମାବଦ୍ଧ ହୋଇଥିବାରୁ ନିଜେ ଅଧିକ ସଂଖ୍ୟାରେ ନୂତନ ଶିଳ୍ପ ସଂସ୍ଥା ସ୍ଥାପନ କରିବା ପରିବର୍ତ୍ତେ ବିଶିଷ୍ଟ ଶିଳ୍ପପତି ଓ କେନ୍ଦ୍ର ଶିଳ୍ପ ସଂସ୍ଥା ସହଯୋଗରେ ମିଳିତ କ୍ଷେତ୍ର ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ଉଦ୍ୟମ କରୁଛି ।



[illegible]

## ସମବାୟ ସୂତାକଳ

ସୂତାର ଅଭାବ ଥିବା ଦୃଷ୍ଟିରୁ ସମବାୟ ସୂତ୍ରରେ ୭ ଗୋଟି ସୂତାକଳ ସ୍ଥାପନ ପାଇଁ ନିଷ୍ପତ୍ତି କରାଯାଇଅଛି । ସେଥିରୁ ୪ ଗୋଟି ସୂତାକଳ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସରିଛି । ଏଗୁଡ଼ିକ ଖୋର୍ଦ୍ଧା, ନୂଆପାଟଣା, ସୁନ୍ଦରଗଡ଼ ଓ ଭାଦାମାରେ ସ୍ଥାପନ କରାଯାଉଛି । ଆସନ୍ତା ବର୍ଷ ଭିତରେ ଏଥିମଧ୍ୟରୁ ୨ ଗୋଟି କାରଖାନାରେ ଉତ୍ପାଦନ ଆରମ୍ଭ ହେବ । ଏହାଛଡ଼ା ବରଗଡ଼ଠାରେ ସ୍ଥାପିତ ସୂତାକଳରେ ଉତ୍ପାଦନ ଦୁଇଗୁଣ ବଢ଼ାଇ ଦିଆଯାଇଛି । ଅନ୍ୟ ୩ ଗୋଟି ସୂତାକଳ ସମ୍ବନ୍ଧରେ ନ୍ୟାସନାଲ କୋଅପରେଟିଭ ଡେଭଲପ୍‌ମେଣ୍ଟ କରପୋରେସନ୍‌କୁ ଦରଖାସ୍ତ ଦେବାପାଇଁ ବ୍ୟବସ୍ଥା ହେଉଛି ।

## ମୂଳ ଶିଳ୍ପ ସମୃଦ୍ଧ

ଭାରତ ସରକାର ଘୋଷଣା କରିଛନ୍ତି ଯେ ଶିଳ୍ପ ପ୍ରସାର ଦୃଷ୍ଟିରୁ ଅନୁନ୍ନତ ଜିଲ୍ଲାମାନଙ୍କରେ ମୂଳ ଶିଳ୍ପ କାରଖାନାମାନ ସ୍ଥାପନ କରାଯିବ । ଓଡ଼ିଶା ପ୍ରଥମେ ଏହି ନିଷ୍ପତ୍ତିକୁ ଉତ୍ସାହର ସହିତ ଗ୍ରହଣ କରିଥିଲା ଏବଂ ଏହା ଫଳରେ ଚଉଦ୍ୱାର ମୂଳ ଶିଳ୍ପ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଗତ ଜୁନ ୯ ତାରିଖରେ କେନ୍ଦ୍ର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଏହାର ଭିତ୍ତିସ୍ଥାପନ କରିଥିଲେ । ଏହି ଅଞ୍ଚଳରେ ଶିଳ୍ପ ସ୍ଥାପନ ଉପଯୋଗୀ ଓ ଗୃହ ନିର୍ମାଣ ପାଇଁ ଶିଳ୍ପ ଭିତ୍ତିଭୂମି ନିଗମ ଉପରେ ଦାୟିତ୍ୱ ଦିଆଯାଇଅଛି । ଏହି ଶିଳ୍ପ ପୁଞ୍ଜ ସମୂହର ଦୁଇଟି ବିଭାଗ ଅଛି । 'କ' ବିଭାଗରେ ୩୧୦ ଏକର ଜମି ଦଖଲରୁ ନିଆଯାଇଛି ଏବଂ ଏଥିରେ ୧୧୫ଟି ଶିଳ୍ପ ସ୍ଥାପନ ଉପଯୋଗୀ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ କରାଯାଉଛି । ଏହି ଅଞ୍ଚଳରେ ୧୪ଟି ମଧ୍ୟମ ଧରଣର ଶିଳ୍ପ ସ୍ଥାପନ ପାଇଁ ବ୍ୟବସ୍ଥା କରାଯାଉଛି ଏବଂ ଏଥିରେ ୩୦.୯୮ କୋଟି ଟଙ୍କା ବିନିଯୋଗ କରାଯିବ । 'ଖ' ଶିଳ୍ପାଞ୍ଚଳରେ ୬ ଗୋଟି ବଡ ଓ ମଧ୍ୟମ ଧରଣର ଶିଳ୍ପ ସ୍ଥାପନ ପାଇଁ ୨ ହଜାର ଏକର ଜମି ପ୍ରସ୍ତୁତ କରାଯାଉଅଛି । ଏଥିରେ ୧୯.୬୪ କୋଟି ଟଙ୍କା ବିନିଯୋଗ କରାଯିବ । ଏହିପରି ଅଳ୍ପକାଳ ଭିତରେ ଚଉଦ୍ୱାର ମୂଳ ଶିଳ୍ପ ପୁଞ୍ଜର ଦୁଇଟି ଅଞ୍ଚଳରେ ୨୦ ଗୋଟି ବୃହତ ଓ ମଧ୍ୟମ ଧରଣର ଶିଳ୍ପ ସ୍ଥାପନ କରିବା ସମ୍ଭବ ହୋଇଛି । ରାଜଧାନୀ ଏହା ନିକଟବର୍ତ୍ତୀ ହୋଇଥିବାରୁ ଏବଂ ଏହାର ଭିତ୍ତିଭୂମି ଉନ୍ନୟନ ହୋଇଥିବା ଦୃଷ୍ଟିରୁ ଶିଳ୍ପ ଉଦ୍ୟୋଗୀମାନେ ଏହାର ସୁଯୋଗ ନେବାପାଇଁ ବିଶେଷ ଉତ୍ସାହ ପ୍ରକାଶ କରୁଛନ୍ତି ।




ମୋର ଦୃଢ଼ ବିଶ୍ୱାସ ଏହିପରି ଉତ୍ସାହ ସ୍ରୋତ ରହିଲେ ଭବିଷ୍ୟତରେ ଏହି ଅଞ୍ଚଳ କେବଳ ଏହି ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ବୃହତ୍ତମ ଶିଳ୍ପ ପୁଞ୍ଜ ଅଞ୍ଚଳ ଭାବରେ ଗଢ଼ି ଉଠିବ । ଚନ୍ଦକା ଶିଳ୍ପ ପୁଞ୍ଜ ଅଞ୍ଚଳର ସୁଯୋଗ ନେବାପାଇଁ ଶିଳ୍ପ ଉଦ୍ୟୋଗୀମାନଙ୍କଠାରୁ ଯେଉଁ ଉତ୍ସାହ ମିଳିଛି ସେଥିପାଇଁ ରାଜ୍ୟ ସରକାର ଏକ ଟାସ୍କ ଫୋର୍ସ (ସାହାଯ୍ୟକାରୀ ଦଳ) ସ୍ଥାପନ କରିଛନ୍ତି ଏବଂ ବଲାଙ୍ଗିର, ଢେଙ୍କାନାଳ, ମୟୂରଭଞ୍ଜ ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ଏହିପରି ୪ ଗୋଟି ମୂଳ ଶିଳ୍ପ ପୁଞ୍ଜ ଅଞ୍ଚଳ ସ୍ଥାପନ ପରିକଳ୍ପନା ପ୍ରସ୍ତୁତ କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଏହି କାର୍ଯ୍ୟକାରୀ ଦଳ ଉପରଲିଖିତ ଜିଲ୍ଲାମାନ ପରିଦର୍ଶନ କରିଛନ୍ତି ଏବଂ ଏ ସମ୍ପର୍କୀୟ ରିପୋର୍ଟ ଦାଖଲ କରାଯାଉଛି । ଓଡ଼ିଶା ରାଜ୍ୟ ଅର୍ଥ ନିଗମ ସମଗ୍ର ଦେଶରେ ଏକ ପ୍ରଧାନ ଅର୍ଥ ଯୋଗାଣକାରୀ ସଂସ୍ଥା ଭାବରେ ପ୍ରତିଷ୍ଠା ଲାଭ କରିଛି । ୧୯୮୦-୮୧ ମସିହା ଭିତରେ ଏହି ସଂସ୍ଥା ୨୯·୩୭ କୋଟି ଟଙ୍କା ମଂଜୁର କରିଥିଲା ଏବଂ ସେଥିରୁ ୧୭·୬୩ କୋଟି ଟଙ୍କା ଋଣ ଦେଇଥିଲା । ୧୯୮୧-୮୨ ମସିହାରେ ଏହା ୪୨ କୋଟି ଟଙ୍କା ଋଣ ମଞ୍ଜୁରକରି ୨୫·୨୯ କୋଟି ଟଙ୍କା ବଣ୍ଟନ କରିଥିଲା । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ମୋଟରେ ୨୫ କୋଟି ଟଙ୍କା ଋଣ ମଞ୍ଜୁର କରିବାପାଇଁ ଏବଂ ୩୫ କୋଟି ଟଙ୍କା ବଣ୍ଟନ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତେଣୁ ଏଥିରୁ ଦେଖାଯିବ ଏହି ସଂସ୍ଥା ଧାର୍ଯ୍ୟ ଲକ୍ଷ୍ୟକୁ ଟପି ଯାଇଥିଲା ।

ଏହି ଅନୁଷ୍ଠାନ ପକ୍ଷରେ ଆଉ ଏକ ସନ୍ତୋଷଜନକ ବିଷୟ ଯେ ଆଦାୟ କରିବା ପାଇଁ ସକ୍ଷମ ହୋଇ ପାରିଛି । ୧୯୮୦-୮୧ ମସିହା ଭିତରେ ୬·୬ କୋଟି ଟଙ୍କା ଆଦାୟ କରିଥିଲା । ଗତବର୍ଷ ଭିତରେ ଆଦାୟ କରିବାପାଇଁ ଥିବା ମୋଟ ଋଣ ପରିମାଣର ଶତକଡ଼ା ୩୫ ଭାଗ ଆଦାୟ ହୋଇଥିଲା । ଚଳିତବର୍ଷ ଭିତରେ ଆଦାୟ କରିବାପାଇଁ ଥିବା ମୋଟ ଋଣ ପରିମାଣର ଶତକଡ଼ା ୫୪ ଭାଗ ଆଦାୟ ହୋଇଛି । ବାକି ରଖିଥିବା ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବା ଫଳରେ ଋଣ ଆଦାୟ ପରିସ୍ଥିତିର ଉନ୍ନତି ଘଟିଛି ।

## କାରୀଗରମାନଙ୍କୁ ମିଳନ୍ତ ଋଣ

ଅର୍ଥ ନିଗମ ବିଭିନ୍ନ ଆତ୍ମନିଯୁକ୍ତିମୂଳକ ପରିକଳ୍ପନା ନିମନ୍ତେ ଗ୍ରାମାଞ୍ଚଳର କାରୀଗର ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଋଣ ମଞ୍ଜୁର କରୁଛନ୍ତି । ୧୯୮୦-୮୧ ମସିହା ମଧ୍ୟରେ ୨୩·୭୨ ଲକ୍ଷ ଟଙ୍କା ଋଣ ଦେଇଥିଲେ । ୧୯୮୧-୮୨ ମସିହାରେ ୪୭·୨୮ ଲକ୍ଷ ଟଙ୍କା ଦେଇଥିଲେ ।

## ସାମୟିକ ଋଣ

ଅର୍ଥନିଗମ ବୈଷୟିକ ଶିକ୍ଷାପ୍ରାପ୍ତ ବ୍ୟକ୍ତିମାନଙ୍କପାଇଁ ଋଣ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି । ୧୯୮୦-୮୧ ମସିହା ଭିତରେ ଏହି ଭଳି ଶିଳ୍ପ ଉଦ୍ୟୋଗୀମାନଙ୍କୁ ୧୩·୨୨ ଲକ୍ଷ ଟଙ୍କା ଦିଆଯାଇଥିଲା । ୧୯୮୧-୮୨ ମସିହା ଭିତରେ ୨୬·୧୧ ଲକ୍ଷ ଟଙ୍କା ଋଣ ଦିଆଯାଇଛି ।

ଚଳିତ ବର୍ଷ ପାଇଁ ୩୫ କୋଟି ଟଙ୍କା ଋଣ ବଣ୍ଟନ କରିବା କାର୍ଯ୍ୟକ୍ରମ ରହିଛି । ରାଜ୍ୟ ଯୋଜନାରେ ଅଂଶିକ ମୂଳଧନ ବାବଦରେ ୧୬୫ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ଧାର୍ଯ୍ୟ କରାଯାଇଥିବା ଋଣ ବଣ୍ଟନ ପରିମାଣ ପୂରଣ ପାଇଁ ଅଧିକା ୧୦୦ ଲକ୍ଷ ଟଙ୍କା ବ୍ୟବସ୍ଥା କରିବା ଦରକାର ହେବ ।

ଅର୍ଥନିଗମ ଦ୍ୱାରା ସାହାଯ୍ୟପ୍ରାପ୍ତ ସଂସ୍ଥାମାନଙ୍କ ପକ୍ଷରେ କମର୍ସିଆଲ ବ୍ୟାଙ୍କମାନଙ୍କଠାରୁ କାର୍ଯ୍ୟକାରୀ ମୂଳଧନ ପାଇବା ସହଜ ହେଉନାହିଁ । ଏହା ଫଳରେ ବହୁ ଶିଳ୍ପ ସଂସ୍ଥା ପୂରା ଦମରେ କାର୍ଯ୍ୟ କରି ପାରୁନାହାନ୍ତି । ରାଜ୍ୟ ଅର୍ଥ ନିଗମ ମିଳିତ ଭାବରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବ୍ୟାଙ୍କମାନଙ୍କୁ ବୁଝାଇ ଦିଆଯାଉଛି । କେବଳ ଷ୍ଟେଟ୍‌ବ୍ୟାଙ୍କ ଏହି ପ୍ରସ୍ତାବରେ ରାଜି ହୋଇଛନ୍ତି । ଉପରୋକ୍ତ ଶିଳ୍ପସଂସ୍ଥାମାନଙ୍କୁ ଯଥେଷ୍ଟ ପରିମାଣରେ କାର୍ଯ୍ୟକାରୀ ମୂଳଧନ ଯୋଗାଇ ଦିଆ ନ ଗଲେ ସେମାନେ କ୍ଷତିଗ୍ରସ୍ତ ହେବେ ଏବଂ ଏହାଦ୍ୱାରା ଅର୍ଥନିଗମର ଋଣ ଦେବା ଏବଂ ଋଣ ଆଦାୟ କରିବାରେ ଅସୁବିଧା ସୃଷ୍ଟି ହେବ ।

ଏହି ଅଳ୍ପକାଳ ଭିତରେ ଭିତ୍ତିଭୂମି ଉନ୍ନୟନ ନିଗମ କେତେକ ଉଲ୍ଲେଖ ଯୋଗ୍ୟ କାର୍ଯ୍ୟ କରିଛି । ୧୯୮୧ ମସିହାରେ ଓଡ଼ିଶା ବିଧାନ ସଭାରେ ଗୃହୀତ ଏକ ଆଇନ




ବଳରେ ଏହି ସଂସ୍ଥା ପ୍ରତିଷ୍ଠିତ ହୋଇଥିଲା । ୧୯୮୧ ମସିହା ଜାନୁଆରୀ ୫ ତାରିଖଠାରୁ ଏହା ଏକ ବିଧିବଦ୍ଧ ନିଗମ ରୂପେ କାର୍ଯ୍ୟ କରୁ ; ଶିଳ୍ପ ନଗରୀ ଏବଂ ଶିଳ୍ପାଞ୍ଚଳ ଗୁଡ଼ିକର ଶୃଙ୍ଖଳିତ ଉନ୍ନୟନ ତଥା ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ନିମନ୍ତେ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହା କାର୍ଯ୍ୟ କରୁଛି । ଭିତ୍ତିଭୂମି ନିଗମ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମଠାରୁ ୨୭ ଗୋଟି ଶିଳ୍ପ ନଗରୀର ୬୯୫ଟି ସଂପୂର୍ଣ୍ଣ ତିଆରି ହୋଇଥିବା ଗୃହ ହାତକୁ ନେଇଥିଲେ ।

କ୍ଷୁଦ୍ର ଶିଳ୍ପ ନିଗମଠାରୁ ନେଇଥିବା ଅସଂପୂର୍ଣ୍ଣ ଶିଳ୍ପ ଉପଯୋଗୀ ଗୃହଗୁଡ଼ିକ ୧୯୮୧-୮୨ ଭିତରେ ସଂପୂର୍ଣ୍ଣ କରିବା କାର୍ଯ୍ୟରେ ଲାଗିଛନ୍ତି ।

ଭିତ୍ତିଭୂମି ନିଗମ ୫୦ ଗୋଟି ଶିଳ୍ପ ନଗରୀ ଉନ୍ନୟନ ନିମନ୍ତେ ୧୯୮୧-୮୨ ମସିହାରେ ଶିଳ୍ପ ଉପଯୋଗୀ କାରଖାନା ଗୃହ ନିର୍ମାଣ ନିମନ୍ତେ କେତେକ ବଛା ବଛା ଅଞ୍ଚଳରେ ଏକ ବ୍ୟାପକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ୧୯୮୧ ଜୁନ-ଜୁଲାଇ ମାସ ଭିତରେ ଏଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ନିଗମର ପ୍ରଥମ ବର୍ଷ କାର୍ଯ୍ୟକାଳ ଭିତରେ ଭୁବନେଶ୍ୱର, ଜଗତପୁର, ରାଉରକେଲା (କାଳୁଙ୍ଗା) ଏହି ତିନୋଟି ପ୍ରଧାନ ପ୍ରଧାନ ଅଞ୍ଚଳମାନଙ୍କରେ ଶିଳ୍ପ ନଗରୀର ଉନ୍ନୟନ ନିମନ୍ତେ ବିଶେଷ ଦୃଷ୍ଟି ଦେଇଥିଲେ । ଉପରୋକ୍ତ ତିନୋଟି ଅଞ୍ଚଳରେ ୩୧୪ଟି ଶିଳ୍ପ ଉପଯୋଗୀ ଗୃହ ନିର୍ମାଣ କାର୍ଯ୍ୟକ୍ରମ ରଖାଯାଇଥିଲା । ସେଥି ଭିତରୁ ୧୨୦ଟି ଗୃହ ନିର୍ମିତ ହୋଇ ଦିଆହୋଇ ସାରିଛି ।

ଏହା ଛଡ଼ା ଭିତ୍ତିଭୂମି ନିଗମ ବାଲେଶ୍ୱର, ଢେଙ୍କାନାଳ, ଅନୁଗୁଳ, ଆଠଗଡ଼, ଖୋର୍ଦ୍ଧା ଓ ନୟାଗଡ଼ ପ୍ରଭୃତି ଅଞ୍ଚଳ ମାନଙ୍କରେ ୬୩ଟି କାରଖାନା ଉପଯୋଗୀ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । ତେଣୁ ମୋଟରେ ଏହା ୩୭୭ଟି ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ସମସ୍ତ କାରଖାନା ଉପଯୋଗୀ ଗୃହଗୁଡ଼ିକ ନିର୍ମାଣ କାର୍ଯ୍ୟ ୧୯୮୨ ମସିହା ଜୁନ ୩୦ ତାରିଖ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଅଛି ।

ଏହା ସଙ୍ଗେ ସଙ୍ଗେ ଭିତ୍ତିଭୂମି ନିଗମ ଏହି ସବୁ ଅଞ୍ଚଳରେ ଆବଶ୍ୟକୀୟ ସୁବିଧା ସହ ଜମି ଉନ୍ନୟନ କରିଛନ୍ତି ଏବଂ ଏହି ବର୍ଷ ଭିତରେ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କୁ ୨୦୦ଟି ପ୍ଲଟ ଦେଇଛନ୍ତି । ମୋଟରେ ଏହିପରି ୯୦୦ ଏକର ଜମି ଉନ୍ନୟନ କରିବା କାର୍ଯ୍ୟକ୍ରମ ଏହି ନିଗମ ହାତକୁ ନେଇଛନ୍ତି ।

ଏହାଛଡ଼ା ଭିତ୍ତିଭୂମି ନିଗମ ଭାରତ ସରକାରଙ୍କ ଦ୍ୱାରା ଚଣ୍ଡକାଠାରେ ବଢ଼ାଯାଉଥିବା କେନ୍ଦ୍ର ଶିଳ୍ପ ପୁଞ୍ଜ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ଅନୁସାରେ ଭିତ୍ତିଭୂମି ନିଗମ ଏକ ହଜାର ଏକର ଜମି ଦଖଲ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏହା ୩୫ ଏକର ଜମି ଉନ୍ନୟନ ଶେଷ କରି ମଧ୍ୟମ ଧରଣର ଶିଳ୍ପ ପାଇଁ ଦେଇଛନ୍ତି ।

ଭାରତ ସରକାର ଚଣ୍ଡକା ଶିଳ୍ପପୁଞ୍ଜ ପାଇଁ ୧୦କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ କାର୍ଯ୍ୟକ୍ରମ ରଖିଛନ୍ତି ଏବଂ ସେଥିମଧ୍ୟରୁ ଶତକଡ଼ା ୫୦ ଭାଗ ଅର୍ଥାତ ୪ କୋଟି ଟଙ୍କା ଯୋଗାଇ ଦେବା ପାଇଁ ନୀତିଗତ ଭାବରେ ରାଜି ହୋଇଛନ୍ତି । ଏହି ଅର୍ଥ ଏପର୍ଯ୍ୟନ୍ତ ମିଳିନାହିଁ । ମାତ୍ର ଭିତ୍ତିଭୂମି ନିଗମ ନିଜର ସମ୍ବଳରୁ ଏହି ପରିକଳ୍ପନାର କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି ।

ଭିତ୍ତିଭୂମି ନିଗମ ୧୯୮୧-୮୨ ମସିହା ଭିତରେ ମୋଟରେ ୫ କୋଟି ଟଙ୍କା ବିନିଯୋଗ କରିଛନ୍ତି ।

୧୯୮୧-୮୨ ମସିହାରେ ଯେଉଁ ସବୁ କାର୍ଯ୍ୟ ଆରମ୍ଭ ହୋଇଛି ସେ ସମସ୍ତ ୧୯୮୨-୮୩ ମସିହାରେ ୪.୩୦ କୋଟି ଟଙ୍କା ବ୍ୟୟରେ ସଂପୂର୍ଣ୍ଣ ହେବ ।

୧୯୮୨-୮୩ ମସିହାରେ ଯେଉଁ ସବୁ ନୂଆ କାର୍ଯ୍ୟ ହାତକୁ ନିଆ ଯାଉଛି ତା, ଭିତରେ ୧୯ଟି ଶିଳ୍ପାଞ୍ଚଳ ଓ ଚଣ୍ଡକା, ଢେଙ୍କାନାଳ, କେସିଙ୍ଗା ଓ ରାଇରଙ୍ଗପୁର ପ୍ରଭୃତି ୫ ଗୋଟି କେନ୍ଦ୍ର ଶିଳ୍ପ ପୁଞ୍ଜ ଅଞ୍ଚଳରେ ୫୨୨ଟି ଶିଳ୍ପ ଉପଯୋଗୀ ଗୃହ ଓ ୧୮୩୦ ଏକର ଜମି ଉନ୍ନୟନ ଅନ୍ତର୍ଭୁକ୍ତ ।

ଏହି ସବୁ ନୂଆ ପରିକଳ୍ପନାରେ ୧୨ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଅଛି ।

ଉପରେ ଯେଉଁ ସବୁ ବିଷୟ ଉଲ୍ଲେଖ କରା ହେଲା ସେଥିରୁ ସ୍ପଷ୍ଟ ଭାବରେ ଜଣା ପଡ଼ିବ ଯେ ଗତ ଦୁଇ ବର୍ଷ ଭିତରେ ଶିଳ୍ପ ପ୍ରସାର କ୍ଷେତ୍ରରେ ରାଜ୍ୟ ଉଲ୍ଲେଖଯୋଗ୍ୟ ଅଗ୍ରଗତି କରିଛି । ମୁଖ୍ୟମନ୍ତ୍ରୀ ବିଧାନ ସଭାର କେତେକ ବିଶିଷ୍ଟ ସଭ୍ୟମାନଙ୍କୁ ନେଇ ଉଚ୍ଚ କ୍ଷମତାସଂପନ୍ନ ଶିଳ୍ପ ପରାମର୍ଶ ଦାତା କମିଟି ଗଠନ କରିଛନ୍ତି । ଏହି କମିଟିର ବୈଠକ ନିକଟରେ ବସିଥିଲା । ରାଜ୍ୟ ସରକାର ଶିଳ୍ପ ପ୍ରସାର ପାଇଁ ଯେଉଁ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେମାନେ ସେଥିରେ ସନ୍ତୋଷ ପ୍ରକାଶ କରିଥିଲେ । କିନ୍ତୁ ଶିଳ୍ପ ଉନ୍ନୟନ ପାଇଁ ରାଜ୍ୟରେ ଯେଉଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି ତାହାହିଁ ସର୍ବାପେକ୍ଷା ଉଲ୍ଲେଖଯୋଗ୍ୟ ସଫଳତା । ଯଦି ଏହିପରି ଅନୁକୂଳ ବାତାବରଣ ଅବ୍ୟାହତ ରହେ ଏବଂ ଆଇ. ଡି. ବି. ଆଇ., ଆଇ. ଏଫ୍. ସି. ଆଇ. ଭଳି ସର୍ବଭାରତୀୟ ଅର୍ଥଯୋଗାଣ ସଂସ୍ଥାମାନଙ୍କଠାରୁ ଯଥେଷ୍ଟ ସାହାଯ୍ୟ ଓ ସହଯୋଗ ମିଳେ ତା, ହେଲେ ଓଡ଼ିଶା ଭାରତର ଶିଳ୍ପ ମାନଚିତ୍ରରେ ଉଲ୍ଲେଖଯୋଗ୍ୟ ସ୍ଥାନ ଅଧିକାର କରିବ । ○○

ଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ, ଓଡ଼ିଶା



ନୂଆଦିଲ୍ଲୀରେ ଏସିଆନ ଗେମସ୍‌ରେ ପରିବେଷିତ ହେବାକୁ ବିବେଚିତ ହୋଇଥିବା କଳାହାଣ୍ଡିର 'ଘୁମୁରା ନାଚ' ।



◂ଶ୍ରମ ଏବ ଜୟତେ ▸





ପୁରୀ ଜନତା କ୍ଲବ ଓ ପାଠାଗାରର ରୌପ୍ୟଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ।



ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ମେଡ଼ିକାଲ କଲେଜ ସୋସିଆଲ ସର୍ଭିସ୍ ଗିଲ୍‌ଡ଼ର ବାର୍ଷିକୋତ୍ସବରେ ରାଜ୍ୟପାଳଙ୍କ ସହଧର୍ମିଣୀ ଶ୍ରୀମତୀ ପୁନାଗ୍ ଜଣେ ଶାରୀରିକ ଅକର୍ମଣ୍ୟ ପିଲାକୁ ସାହାଯ୍ୟ ପ୍ରଦାନ କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ସାଲେପୁର ଅଞ୍ଚଳରେ ବାତ୍ୟା ପୀଡ଼ିତ ଫସଲ ଅବସ୍ଥା ପରୀକ୍ଷା କରି ଦେଖୁଛନ୍ତି ।



ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଶିଳ୍ପ ଉପଦେଷ୍ଟା ମଣ୍ଡଳୀ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ।

# ଜୟଦେବ ଓ ସଂସ୍କୃତ ସାହିତ୍ୟ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଯେତେବେଳେ ଆମେ ଆମର ଭାଷା ନିମନ୍ତେ ଗର୍ବ ଅନୁଭବ କରୁ, ସେତେବେଳେ ଏଇ ଭାଷାର ଯେଉଁମାନେ ଜନକ, ଯେଉଁମାନେ ଆମର ଭାଷା ଓ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି, ଯେଉଁମାନଙ୍କ ଚିନ୍ତାଧାରାରେ ଆମ ସାହିତ୍ୟ ଅନୁପ୍ରାଣିତ, ସେହି ମନୀଷିମାନଙ୍କ ସମ୍ପର୍କରେ ଆମେ ଗବେଷଣା ଓ ଅଧ୍ୟୟନ କରିବା ଉଚିତ । ଅଳ୍ପ କେତେ ଦିନ ତଳେ ମୁଁ ଏକ ହଜାର ବର୍ଷ ତଳର ବଙ୍ଗଳା କବିତା ବିଷୟରେ ଏକ ପୁସ୍ତକ ଦେଖୁଥିଲି । ସେହି କବିତା ଭିତରେ ପ୍ରଥମ କବିତାଟି ଜୟଦେବଙ୍କ ରଚନା । ବଙ୍ଗ ଭାଷାର ପ୍ରଥମ ପ୍ରକାଶ ଜୟଦେବଙ୍କ ରଚନା ବୋଲି ଗ୍ରହଣ କରାଯାଇଅଛି । ପରବର୍ତ୍ତୀ ବଙ୍ଗଭାଷୀ କବିମାନେ ସେହି ଜୟଦେବଙ୍କର ସଂସ୍କୃତ କାବ୍ୟର ଅନୁକରଣରେ କବିତା ଲେଖିଥିଲେ ବୋଲି ସେହି ପୁସ୍ତକରେ ବର୍ଣ୍ଣାଇ ଦିଆ ଯାଇଛି ।

ଏହାର କାରଣ ହେଲା ଜୟଦେବଙ୍କ କବିତାରେ ବ୍ୟବହୃତ ହୋଇଥିବା ଭାଷାର ସରଳତା, ଛନ୍ଦର ମାଧୁର୍ଯ୍ୟ ଓ ସଙ୍ଗୀତର କୋମଳତା । ଜୟଦେବ ଯେପରି ମଧୁର ଓ ସାବଲୀଳ ଛନ୍ଦରେ ଗୀତଗୋବିନ୍ଦର ପଦାବଳୀ ରଚନା କରିଛନ୍ତି, ସଂସ୍କୃତ ଭାଷାରେ ଅନ୍ୟ କୌଣସି କବି ନିଜ ରଚନାରେ ସେହି ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟ ଫୁଟାଇବାକୁ ସମର୍ଥ ହୋଇ ନାହାନ୍ତି । ଓଡ଼ିଆ ଓ ବଙ୍ଗଳା ଭାଷାରେ ଯେତେ ଛନ୍ଦ ବ୍ୟବହୃତ ହୋଇଛି, ତାର ଜନକ ଜୟଦେବ ବୋଲି ଅନେକ ଗବେଷକ ମତ ଦିଅନ୍ତି ।


ଆଜି ବିବାଦୀୟ ବିଷୟ ହେଉଛି ଜୟଦେବ କେଉଁ ପ୍ରାନ୍ତର କବି ଥିଲେ ? ସେ କଅଣ ଓଡ଼ିଆ ନା ବଙ୍ଗାଳୀ ? ତାଙ୍କ ରଚନା ଓ ଭକ୍ତିର ପ୍ରସିଦ୍ଧି ଏତେ ବେଶୀ ଯେ ତାଙ୍କ ମୃତ୍ୟୁର ବହୁ ବର୍ଷ ପରେ କେବଳ "ଗୀତଗୋବିନ୍ଦ" ଦ୍ୱାରା ସେ ଅମର ହୋଇ ରହି ନାହାନ୍ତି, ତାଙ୍କ ବିଷୟରେ ଏ ବିବାଦ ମଧ୍ୟ ତାଙ୍କୁ ଅମର କରି ରଖିଛି ।

ତେବେ ଗୋଟିଏ ତଥ୍ୟ ସମସ୍ତେ ସ୍ୱୀକାର କରୁଛନ୍ତି ଯେ ଜୟଦେବ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସ୍ୱରଚିତ ଗୀତଗୋବିନ୍ଦ ପାଠ କରୁଥିଲେ । କିନ୍ତୁ ସେ କେଉଁଠି ଜନ୍ମ ହୋଇଥିଲେ ?

ବଙ୍ଗ ଦେଶର ଗବେଷକ ଶ୍ରୀ ହରେକୃଷ୍ଣ ମୁଖୋପାଧ୍ୟାୟଙ୍କ ମତରେ ଅଜୟ ନଦୀ କୂଳରେ କେନ୍ଦୁଲି ନାମକ ଗ୍ରାମରେ ଜୟଦେବ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ସେହି ଗବେଷଣାଲବ୍ଧ ମତକୁ ଓଡ଼ିଶାର ସ୍ୱର୍ଗତ କେଦାରନାଥ ମହାପାତ୍ର ଯୁକ୍ତିଯୁକ୍ତ ପ୍ରମାଣ ଦ୍ୱାରା ଖଣ୍ଡନ କରି ଦେଇଛନ୍ତି । ଏହି ପ୍ରମାଣ ସହ ସ୍ୱର୍ଗତ କେଦାରନାଥ ମହାପାତ୍ର ଯେଉଁ ପୁସ୍ତକ ପ୍ରଣୟନ କରିଛନ୍ତି, ତାହା ଗବେଷଣା କ୍ଷେତ୍ରରେ ଏକ ଅନନ୍ୟ ସାଧାରଣ ପୁସ୍ତକ । ବିଭିନ୍ନ ଭାଷାରେ ଅନେକ ପୁସ୍ତକ ଓ ସାହିତ୍ୟ ଅଧ୍ୟୟନ କରି , ଜୟଦେବଙ୍କ ବିଷୟରେ ସବୁ ପ୍ରବନ୍ଧ ଓ ଲେଖା ଅନୁଧ୍ୟାନ କରି, କେଦାରବାବୁ ପ୍ରମାଣ କରିଛନ୍ତି ଯେ! ଜୟଦେବ ପୁରୀ ଜିଲ୍ଲା ବାଲିଅନ୍ତା ଥାନାର କେନ୍ଦୁବିଲ୍ୱ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଆହୁରି ପ୍ରମାଣ କରିଛନ୍ତି ଯେ ଅଜୟ ନଦୀ କୂଳରେ କେନ୍ଦୁଲୀ ଗ୍ରାମ ନ ଥିଲା, ତାହା କେବଳ ଏକ ଆରୋପିତ ଗ୍ରାମ । ଅନେକ ଶହ ବର୍ଷ ପୂର୍ବେ କେବଳ ଜୟଦେବ ଉତ୍ସବ ପାଳନ କରିବା ପାଇଁ ଗୋଟିଏ ଗ୍ରାମର ନାମକୁ କେନ୍ଦୁଲୀ ବୋଲି କୁହାଯାଇ, ଜୟଦେବଙ୍କ ଜନ୍ମସ୍ଥାନ ବୋଲି ଚିତ୍ରଣ କରାଯାଇଅଛି । କେଦାର ବାବୁଙ୍କ ଗ୍ରନ୍ଥ ଇଂରେଜୀ ଭାଷାରେ ଲେଖା ଯାଇ ନ ଥିବାରୁ ତାହା ଭାରତୀୟ ସ୍ତରରେ ପ୍ରବେଶ ଲାଭ କରି ପାରି ନାହିଁ । ଅଥଚ ବଙ୍ଗ ଦେଶର ଲେଖକମାନେ ସର୍ବ-ଭାରତୀୟ ସ୍ତରରେ ଜୟଦେବଙ୍କୁ ବଙ୍ଗାଳୀ ବୋଲି ଯେପରି ଚିତ୍ରଣ କରିଛନ୍ତି ତାର ପ୍ରକୃତ ଖଣ୍ଡନ ହୋଇ ପାରି ନାହିଁ । ଆମ ପକ୍ଷରୁ ଏ ପର୍ଯ୍ୟନ୍ତ ଏଥି ନିମନ୍ତେ କୌଣସି ଉଦ୍ୟମ ହୋଇନାହିଁ । କେଦାର ବାବୁ ଇଂରାଜୀ ଭାଷାରେ ଯେଉଁ ପୁସ୍ତକ ଲେଖିଥିଲେ, ତାହା ଅସଂପୂର୍ଣ୍ଣ ଅବସ୍ଥାରେ ଅଛି । ତାକୁ ପୂର୍ଣ୍ଣାବୟବ କରି ପ୍ରକାଶ କରି ପାରିଲେ ସର୍ବ-ଭାରତୀୟ ସ୍ତରରେ ସୁଧୀ ସମାଜରେ ଏହି ବିବାଦର ଯୋଗ୍ୟ ବିଗ୍ରର ହୋଇ ପାରିବ ।

ତେଣୁ ଜୟଦେବ-ଜୟନ୍ତୀ ସଂପୃକ୍ତ କର୍ମକର୍ତ୍ତାମାନଙ୍କୁ ଓ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗକୁ ମୋର ଅନୁରୋଧ ଯେ ସେମାନେ ଏ ବିଷୟରେ ତତ୍ପର ହୁଅନ୍ତୁ । କେଦାର ବାବୁଙ୍କର ପାଣ୍ଡୁଲିପି ଖୋଜି ବାହାର କରି ତାକୁ ପୂର୍ଣ୍ଣ କରି ସେହି ପୁସ୍ତକର ପ୍ରକାଶନ ଦାୟିତ୍ୱ ସେମାନେ ନିଅନ୍ତୁ । ମୋର ଆଶା ଆଗାମୀ





ଜୟନ୍ତୀ ପାଳନ ହେବା ବେଳକୁ ଏହି ପୁସ୍ତକ ପ୍ରକାଶିତ ହୋଇଥିବ, ତା' ହେଲେ ଜୟଦେବଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ଅର୍ପଣ କରା ଯାଇ ପାରିବ ।

କବି ଜୟଦେବ ଜଣେ ସଙ୍ଗୀତଜ୍ଞ ଥିଲେ । ଓଡିଶୀ ସଙ୍ଗୀତର ଆଦି ଜନକ କ'ଣ ଜୟଦେବ ଥିଲେ ? ଏ ବିଷୟରେ ଗବେଷଣା କରିବା ଆବଶ୍ୟକ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏ ସଂପର୍କରେ ଲେଖା ପ୍ରକାଶ କରିଥିଲେ । କିନ୍ତୁ ଏ ବିଷୟରେ ଆହୁରି ଗବେଷଣା ବାକୀ ଅଛି । ଓଡିଶାରେ ଯଦି କୌଣସି ସଙ୍ଗୀତ ବିଶାରଦ ବିଦ୍ୱାନ୍ ଏ ବିଷୟରେ ଗବେଷଣା କରି ପାରିବେ ଓ ସେହି ବିଷୟରେ କୌଣସି ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ପାରିବ ତା' ହେଲେ ଆମେ ଜୟଦେବଙ୍କ ସଙ୍ଗୀତ ପ୍ରତିଭାକୁ ଉଚିତ ଶ୍ରଦ୍ଧା ଜ୍ଞାପନ କରି ପାରିବା । ଏ ବିଷୟରେ ଏକ ପ୍ରାମାଣିକ ପୁସ୍ତକ ପ୍ରକାଶ ହେବା ଉଚିତ ।

ସଙ୍ଗୀତ ଓ ନୃତ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ । ଜୟଦେବଙ୍କ ସଙ୍ଗୀତକୁ ପଦ୍ମାବତୀ ନୃତ୍ୟର ତାଳେ ତାଳେ ରୂପାୟିତ କରିଥିବା ଜନଶ୍ରୁତି ରହିଛି । ଓଡିଶୀ ନୃତ୍ୟର ଯେଉଁ ଅପରୂପ କଳା ମନ୍ଦିରମାନଙ୍କର ଗାତ୍ରରେ ଖୋଦିତ ହୋଇଛି ତାର ସୃଷ୍ଟି କେବେ ଓ କେଉଁଠି ହୋଇଥିଲା ? କୋଣାର୍କ ମନ୍ଦିରର ନାଟ-ମଣ୍ଡପ ବିଭିନ୍ନ ନୃତ୍ୟ ଶୈଳୀରେ ପରିପୂର୍ଣ୍ଣ । ବିଭିନ୍ନ ନାୟିକାଙ୍କର ଛନ୍ଦଭରା ନୃତ୍ୟର ଶୈଳୀ ଏଥିରେ ଖୋଦିତ ହୋଇଛି । କୋଣାର୍କ ମନ୍ଦିରରେ କେବଳ ଓଡିଶୀ ନୁହେଁ, ଭାରତନାଟ୍ୟମ୍ ଓ କଥାକଳି ନୃତ୍ୟ ମଧ୍ୟ ଦର୍ଶା ଯାଇଅଛି । ଏହି ମୁଖା ପିନ୍ଧା କଥାକଳି ନୃତ୍ୟର ଖୋଦିତ ଶିଳ୍ପ ଦକ୍ଷିଣ ଭାରତୀୟ କେତେକ ଗବେଷକ ଆବିଷ୍କାର କରିଛନ୍ତି । ସେହି ଭାସ୍କର୍ଯ୍ୟ ଓଡିଶାର ଉନ୍ନତ ନୃତ୍ୟକଳାର ପରିଚାୟକ । ସେ ନୃତ୍ୟର ପରିଚାଳକ ରାଜସଭାର ନୃତ୍ୟଗୁରୁ । ତାଙ୍କର ମଧ୍ୟ ମୂର୍ତ୍ତି ଏଠାରେ ଖୋଦିତ ହୋଇଛି । କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ ନୃତ୍ୟଗୁରୁ ମୂର୍ତ୍ତିରୁ ପ୍ରମାଣିତ ହୁଏ ଯେ ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ ନୃତ୍ୟ-ଗୁରୁ ସମସ୍ତ ନୃତ୍ୟକୁ ପରିଚାଳନା କରୁଥିଲେ ।

କେବଳ ଜୟଦେବ ଓଡିଆ ବୋଲି ବକ୍ତୃତା ଦେବା ଯଥେଷ୍ଟ ନୁହେଁ । ଜୟଦେବ ଯେ ଓଡିଶାର ଭାଷା, ସଙ୍ଗୀତ ଓ ନୃତ୍ୟର ଦିଗ୍‌ଦର୍ଶକ ଥିଲେ, ତାହା ପ୍ରମାଣିତ କରିବାକୁ ହେବ ।

ଜୟଦେବ ଜଣେ ବିଦ୍ୱାନ୍ ଥିଲେ । ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା ଓ ତାହାର ପରିପ୍ରକାଶ ସେ ସରଳ ସଂସ୍କୃତ ଭାଷାରେ କରିଛନ୍ତି । ଅତି ଗୂଢ ଦାର୍ଶନିକ ତତ୍ତ୍ୱଗୁଡିକ ସରଳ ଅଥଚ ପ୍ରାଞ୍ଜଳ ଭାଷାରେ ପ୍ରକାଶ କରିବା କେବଳ ଶଙ୍କରାଚାର୍ଯ୍ୟଙ୍କ ଲେଖାରେ ଦେଖିବାକୁ ମିଳେ ।

ଆମର ଯେଉଁ ସଂସ୍କୃତ ଭାଷା ଶିକ୍ଷା ଦିଆ ଯାଉଛି, ବା ସଂସ୍କୃତ ସାହିତ୍ୟ ପଢ଼ା ଯାଉଅଛି, ତାହା ବ୍ୟାକରଣରୁ ଆରମ୍ଭ ହେଉଛି । ବ୍ୟାକରଣ ପଢିବା ପାଇଁ କେହି କେବେ ପସନ୍ଦ କରନ୍ତି ନାହିଁ । ବ୍ୟାକରଣ ଅନେକ ନିୟମବଦ୍ଧ ଓ କ୍ଲିଷ୍ଟ । ପିଲାମାନେ ଭାବନ୍ତି ସଂସ୍କୃତ ହେଉଛି କେବଳ ବ୍ୟାକରଣ । ତେଣୁ ସଂସ୍କୃତ ପଢିବାକୁ ସେମାନେ ଭୟ କରନ୍ତି । କିନ୍ତୁ ସୁନ୍ଦର ସୁନ୍ଦର ସଙ୍ଗୀତ ଦ୍ୱାରା କିମ୍ବା ସରଳ ଗଦ୍ୟ ସାହିତ୍ୟ ଦ୍ୱାରା ଆମେ ଯଦି ସଂସ୍କୃତ ପାଠ ଆରମ୍ଭ କରିବା, ତାହାହେଲେ ସଂସ୍କୃତ ଭାଷା ପ୍ରତି ସମସ୍ତଙ୍କର ଅନୁରାଗ ବୃଦ୍ଧି ପାଇବ । ତେଣୁ ସଂସ୍କୃତ ଶିକ୍ଷାର ଢାଞ୍ଚା ବଦଳିବା ଦରକାର ଏବଂ ନିଃସନ୍ଦେହରେ ଜୟଦେବ ଏ କ୍ଷେତ୍ରରେ ଅନେକ ସାହାଯ୍ୟ କରି ପାରିବେ । ସଂପ୍ରତି ଯେଉଁ ସଙ୍ଗୀତଟି ପରିବେଷଣ କରାଗଲା, କେବଳ ତାର ଅନୁସ୍ୱାର-ଗୁଡିକରୁ ତାହା ସଂସ୍କୃତ ବୋଲି ଜଣା ପଡିଲା । କିନ୍ତୁ ଅନୁସ୍ୱାର ନ ଥିଲେ ତାହାକୁ ଓଡିଆ ସଙ୍ଗୀତ କୁହା ଯାଇ ପାରନ୍ତା । ଏ ଭଳି ସରଳ ଲେଖା ଦ୍ୱାରା ଆମେ ସଂସ୍କୃତକୁ ଜନପ୍ରିୟ କରି ପାରିବା ଏବଂ କହିବା ବାହୁଲ୍ୟ ଯେ ସେଥିରେ ଜୟଦେବଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜୟଦେବଙ୍କର କାବ୍ୟିକ ଦର୍ଶନରୁ ମଧ୍ୟ ବହୁତ କିଛି ଶିଖିବାର ଅଛି । ସେ ସବୁବେଳେ ସ୍ତ୍ରୀ ଜାତିକୁ ଅତି ଉଚ୍ଚ ସ୍ଥାନ ଦେଇଛନ୍ତି । ରାଧାକୃଷ୍ଣଙ୍କ ବର୍ଣ୍ଣନାରେ ସେ ରାଧାଙ୍କୁ କୃଷ୍ଣଙ୍କ ଅପେକ୍ଷା ଅଧିକ ଉଚ୍ଚରେ ରଖିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ 'ଗୀତଗୋବିନ୍ଦ'ର ପ୍ରଥମ ଶ୍ଳୋକଟି ହେଉଛି —

ମେଘୈର୍ମେଦୁରମମ୍ବରଂ ବନଭୁବଃ ଶ୍ୟାମାସ୍ତମାଳଦ୍ରୁମୈ,
ର୍ନକ୍ତଂ ଭୀରୁରୟଂ ତ୍ୱମେବ ତଦିମଂ ରାଧେ ଗୃହଂ
ପ୍ରାପୟ ।
ଇତ୍ଥଂ ନନ୍ଦନିଦେଶତଶ୍ଚଳିତୟୋଃ ପ୍ରତ୍ୟଧ୍ୱ କୁଞ୍ଜ-ଦ୍ରୁମଂ
ରାଧାମାଧବୟୋର୍ଜୟନ୍ତି ଯମୁନାକୂଳେ ରହଃ କେଳୟଃ ।

ଏହାର ଅର୍ଥ ହେଉଛି — ଆକାଶ ମେଘାଚ୍ଛନ୍ନ । ଶ୍ୟାମ ତମାଳ ଦ୍ରୁମରେ ବନଭୂମି ତିମିରାଚ୍ଛନ୍ନ । ଏତେବେଳେ ନନ୍ଦ ରାଧାଙ୍କୁ କହିଲେ, ଡରକୁଳା କୃଷ୍ଣଙ୍କୁ ତୁମେ ନେଇ ଘରେ ପହଞ୍ଚାଇ ଦିଅ । ଏହା ଶୁଣି ରାଧା କୃଷ୍ଣଙ୍କୁ ସାଙ୍ଗରେ ନେଲେ । ବାଟରେ ପଡିଲା କୁଞ୍ଜଦ୍ରୁମ । ସେଇଠି ସେମାନେ ଅଟକି ଯମୁନା କୂଳରେ କେଳି କଲେ । ସେ କେଳିର ଜୟ ହେଉ ।

ଅନ୍ୟ ଅର୍ଥରେ ସଂସାର ପଥ କଣ୍ଟକିତ, ଅନ୍ଧାର-ପୂର୍ଣ୍ଣ ଏବଂ ଦୁର୍ଗମ । ନିଜର ଛାୟା ବା ସ୍ତ୍ରୀ କେବଳ ପୁରୁଷକୁ ଏହି ଅନ୍ଧକାର ପଥରେ ବାଟ କଢ଼ାଇ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ପାରିବ । ସ୍ତ୍ରୀ ବିନା ପୁରୁଷ ସଂସାର ପଥ ଅତିକ୍ରମ କରିବା ସମ୍ଭବ ନୁହେଁ ।


ଜୟଦେବ ଜୟନ୍ତୀ


ଜୟଦେବ ଜୟନ୍ତୀ

ବିଳାସକଳାରେ ଯାହାର କୌତୂହଳ ଥିବ ଓ ହରି ଭଜନରେ ଆଗ୍ରହ ଥିବ ସେ ସଂସ୍କୃତ ଭାଷା ଅଧ୍ୟୟନ କରିବା ଉଚିତ । ଜୟଦେବ ଲେଖିଛନ୍ତି;

ଯଦି ହରି ସ୍ମରଣେ ସରସଂ ମନଃ
ଯଦି ବିଳାସ କଳାସୁ କୁତୂହଳମ୍ ।
ମଧୁର କୋମଳ କାନ୍ତ ପଦାବଳୀଂ
ଶୃଣୁ ତଦା ଜୟଦେବ ସରସ୍ୱତୀମ୍ ।

ସଂସ୍କୃତ ସମସ୍ତ ଭାରତୀୟ ଭାଷାର ଜନନୀ । ଓଡ଼ିଆ ଭାଷାର ଜନନୀ । ଜୟଦେବଙ୍କ ରଚନାବଳୀ ଅଧ୍ୟୟନ ଦ୍ୱାରା ସେ ସଂସ୍କୃତ ଭାଷା ପ୍ରତି ସମସ୍ତଙ୍କ ମନରେ ମମତା ସୃଷ୍ଟି ହେଉ ।

## କୋରାପୁଟରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବ

ଗତ ଅପ୍ରେଲ ୧୧ ତାରିଖ ଦିନ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାମଚନ୍ଦ୍ର ଉଲାକା କୋରାପୁଟ ଜିଲ୍ଲା ଅନ୍ତର୍ଗତ ଅମାଗୁଡ଼ା, ଡେଣ୍ଟୁଳିଗୁଡ଼ା ପ୍ରଭୃତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକ ପରିଦର୍ଶନ କରି ସ୍ଥାନୀୟ ସମସ୍ୟା ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ସେଠାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ କିପରି ତ୍ୱରାନ୍ୱିତ କରାଯିବ, ସେ ବିଷୟରେ ସ୍ଥାନୀୟ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡେଣ୍ଟୁଳିଗୁଡ଼ାଠାରେ ଶ୍ରୀ ଉଲାକା ୪୯ଟି ପରିବାରଙ୍କୁ ଦରିଦ୍ରତମ ପରିବାରଙ୍କ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ୭୮,୨୦୦ ଟଙ୍କା ଆର୍ଥିକ ସାହାଯ୍ୟ ଓ ୧୫ ଜଣଙ୍କୁ ପଟ୍ଟା ବଣ୍ଟନ କରିଥିଲେ ।

ରାୟଗଡ଼ା ପୌରସଭା ଆନୁକୂଲ୍ୟରେ ଶ୍ରୀ ଉଲାକା ରାମଚନ୍ଦ୍ରପୁର ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରିଥିଲେ ଏବଂ ଆୟୋଜିତ ସାଧାରଣ ସଭାରେ ସୂଚନା ଦେଇ କହିଲେ ଯେ ଚଳିତ ବର୍ଷ ଗ୍ରାମାଞ୍ଚଳ ବିଦ୍ୟୁତ୍କରଣ ଯୋଜନା ଅନୁଯାୟୀ ବ୍ୟାପକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବ ।

ଗତ ୧୨ ତାରିଖ ଦିନ କାଶୀପୁରଠାରେ ଶ୍ରୀ ଉଲାକା ଗ୍ରାମୀଣ ଶ୍ରମିକ ଶିବିର ଉଦ୍‌ଘାଟନ କରି ଆୟୋଜିତ ସଭାରେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ସଭା ସ୍ଥଳରେ ୧୧ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, କ୍ଷୁଦ୍ର ବ୍ୟବସାୟ ପାଇଁ ୨୯ ଜଣଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ମୁକୁନ୍ଦପୁରଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ଶ୍ରୀ ଉଲାକା ୧୯ ଜଣଙ୍କୁ ପଟ୍ଟା, ୧୦ଟି ପରିବାରଙ୍କୁ ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ୧୮ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ ।

# ୧୯୮୨ ଫେବୃଆରୀରେ କୃଷି ବିଭାଗର କାର୍ଯ୍ୟାବଳୀ

କଦଳୀଚାଷ—ସବ୍‌ସିଡ଼ି କାର୍ଯ୍ୟକ୍ରମ ଅନୁଯାୟୀ ଚାଷୀମାନଙ୍କର ୨୦୦·୧୮ ହେକ୍‌ଟର ଜମିରେ କଦଳୀ ଚାଷ କରାଯାଇଛି ।

ସପୁରୀଚାଷ—ପୂର୍ବରୁ ୩୮ ହେକ୍‌ଟର ଜମିରେ ସପୁରୀ ଚାଷ କରାଯାଇଛି । ଏହା ବ୍ୟତୀତ, ସବ୍‌ସିଡ଼ି କାର୍ଯ୍ୟକ୍ରମ ଅନୁଯାୟୀ ୮ ହେକ୍‌ଟର ଜମିରେ ସପୁରୀ ଚାଷ କରାଯାଇଛି ।

ଫଳସଂରକ୍ଷଣ—ଏ ପର୍ଯ୍ୟନ୍ତ ୮,୦୯୮ ଜଣ ଗୃହିଣୀଙ୍କୁ ବିଭିନ୍ନ ଫଳ ଓ ପନିପରିବା ସଂରକ୍ଷଣ କରିରଖିବା ବିଷୟରେ ତାଲିମ ଦିଆଯାଇଛି ।

ନଡ଼ିଆ ଚାଷର ଉନ୍ନତି—ଚାରା ଉତାରିବା ସକାଶେ ୮.୬୮ ଲକ୍ଷ ମଞ୍ଜି ନଡ଼ିଆ ସଂଗ୍ରହ କରାଯାଇଛି । ଏଥି ମଧ୍ୟରୁ ୫·୯୫ ଲକ୍ଷ ମଞ୍ଜି ନଡ଼ିଆ ଚାରା ପାଇଁ ପକାଯାଇଛି । ଏହା ବ୍ୟତୀତ ପୂର୍ବରୁ ଉତୁରାଯାଇଥିବା ୨,୪୫,,୭୭୫ ନଡ଼ିଆ ଚାରା ଲଗାଇବା ପାଇଁ ବଣ୍ଟନ କରାଯାଇଛି । ପୂର୍ବରୁ ନଡ଼ିଆ ଚାଷ ହେଉ ନ ଥିବା ଅଞ୍ଚଳରେ ୧୧,୦୦୦ ନଡ଼ିଆ ଚାରା ଲଗାଯାଇଛି ।

ନଡ଼ିଆ ନର୍ସରୀ—ଉନ୍ନତ ଧରଣର ଟି×ଡ଼ି ନଡ଼ିଆ ଚାରା ଉତାରିବା ସକାଶେ ୩୪,୦୦୦ ଟି×ଡ଼ି ମଞ୍ଜି ନଡ଼ିଆ ସଂଗ୍ରହ କରାଯାଇଛି ।

ଫଳୋଦ୍ୟାନ ବିଦ୍ୟାଳୟ—୩୦ଜଣ ଗ୍ରାଫ୍‌ଟର ଓ ୬୦ ଜଣ ଗାର୍ଡ଼ନର ଫଳଚାରା ରୋପଣ ବିଷୟରେ ତାଲିମ ପାଉଛନ୍ତି ।

ଫଳ ଉନ୍ନୟନ—୧୫ଟି ନୂଆ ଟ୍ରାନ୍‌ଜିଟ୍ ନର୍ସରୀ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ଉକ୍ତ ନର୍ସରୀଗୁଡ଼ିକ ଜରିଆରେ ୨ ଲକ୍ଷ ଚାରାରୋପଣ ସାମଗ୍ରୀ ବଣ୍ଟନ କରାଯାଇଛି । "ପିଲାଟିଏ ପାଇଁ ଗଛଟିଏ" କାର୍ଯ୍ୟକ୍ରମ ଅନୁଯାୟୀ ୨,୬୮, ୫୦୦ ଗ୍ରାଫ୍‌ଟସ୍ ଓ ସାପଲିଙ୍ଗସ୍ ବଣ୍ଟନ କରାଯାଇଛି । ଏହା ବ୍ୟତୀତ, ୫୨ ହେକ୍‌ଟର ଜମିରେ ଅମୃତଭଣ୍ଡା ଚାଷ କରାଯାଇଛି ।

ମହେନ୍ଦ୍ରଗିରି ପୋଡୁ ଅଞ୍ଚଳରେ ୩,୪୭,୦୦୦ 'ସାଇଟ୍ରସ୍' ଚାରା ରୋପଣ କରାଯାଇଛି ୨୦୦୦ ହେକ୍‌ଟର ଅଞ୍ଚଳରେ । ଏହା ଦ୍ୱାରା ଆଦିବାସୀ କୃଷକମାନେ ବିଶେଷ ଉପକୃତ ହେବେ । ଏହା ବ୍ୟତୀତ ସେରଗଡ଼, ମାଇକାନଗିରି ଅଞ୍ଚଳରେ ଲେମ୍ବୁ ଓ କମଳା ଚାରା ଲଗାଯାଇଛି ।

ଇନ୍‌ସିଟୁ ଉପାୟରେ ଚାରା ରୋପଣ—ପୂର୍ବରୁ ଇନ୍‌ସିଟୁ ଉପାୟରେ ୨୦,୦୦୦ ହେକ୍‌ଟର ଜମିରେ ଲଗାଯାଇଥିବା ଚାରାର ଯତ୍ନ ନିଆଯାଇଛି । ଏହା ବ୍ୟତୀତ ୩ ଲକ୍ଷ ଆମ୍ବ ଚାରା କଲମୀ ଉପାୟରେ ଲଗାଯାଇଛି ।

ଏ ବାବଦରେ ଗତ ଫେବୃଆରୀ ମାସ ଶେଷ ସୁଦ୍ଧା ୧୦୩·୦୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସାରିଲାଣି ।

# ମତ୍ସ୍ୟ ବିଭାଗର କାର୍ଯ୍ୟାବଳୀ

### ଆଭ୍ୟନ୍ତରୀଣ ମତ୍ସ୍ୟଚାଷ

ଗତ ଜାନୁଆରୀ ମାସରେ ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲାରେ ଥିବା ମତ୍ସ୍ୟ ଫାର୍ମଗୁଡ଼ିକରେ କୃତ୍ରିମ ପ୍ରଜନନ କରାଯାଇଥିବା ସଙ୍ଗେ ସଙ୍ଗେ ୪.୨୫ ଲକ୍ଷ ଜାଆଁଳ ଉତ୍ପାଦନ କରାଯାଇଥିଲା । ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥାଙ୍କ ଅନୁମୋଦନ କ୍ରମେ ୫୨ ଜଣ ଉପକୃତ ବ୍ୟକ୍ତିଙ୍କୁ ବିଭିନ୍ନ ବ୍ୟାଙ୍କ ଜରିଆରେ ୪ଲକ୍ଷ ୨୩ ହଜାର ୩୯୬ ଟଙ୍କା ଋଣ ଦିଆଯାଇଛି ।

### ସାମୁଦ୍ରିକ ମତ୍ସ୍ୟଚାଷ

ପାରାଦୀପଠାରେ ସମୁଦ୍ରରୁ ମାଛ ଧରିବା ନିମନ୍ତେ ଏହି ବିଭାଗର ୫ଟି କାଠ ଟ୍ରଲର ରହିଛି । ଏହାଦ୍ୱାରା ୩୨,୧୮୧'୦୦ ଟଙ୍କା ମୂଲ୍ୟର ୮,୦୪୪ କେ. ଜି. ମାଛ ସମୁଦ୍ରରୁ ଧରାଯାଇଛି ।

ଗଡ଼ିପୁର ଓ ଧାମରାଠାରେ ସମୁଦ୍ରରୁ ମାଛ ଧରିବା ପାଇଁ ମୋଟ ୫ଟି ଯନ୍ତ୍ରଚାଳିତ ନୌକା ରହିଛି । ଏହାଦ୍ୱାରା ୨୧୭୨ ଟଙ୍କା ମୂଲ୍ୟର ମୋଟ ୫୬୬ କେ.ଜି. ମାଛ ଧରାଯାଇଥିଲା ।

### ତାଲିମ

ବମ୍ବେ, ବାରାକପୁର, ହାଇଦ୍ରାବାଦ ଓ ବାଲୁଗାଁସ୍ଥିତ ମତ୍ସ୍ୟଚାଷ ତାଲିମ ଅନୁଷ୍ଠାନଗୁଡ଼ିକରେ ଏହି ବିଭାଗର ବିଭିନ୍ନ ଅଫିସରମାନେ ତାଲିମ ନେଇଛନ୍ତି । ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଭ୍ୟନ୍ତରୀଣ ମାଛଚାଷ ବିଷୟରେ ୩୩ଜଣ ଶିକ୍ଷାର୍ଥୀ ତାଲିମ ନେଇଛନ୍ତି ।

### ସମବାୟ ସମିତି

ଧାମରା, କୀର୍ତ୍ତନିଆ, ଅସ୍ତରଙ୍ଗଠାରେ ମତ୍ସ୍ୟଚାଷ ସମବାୟ ସମିତିର ଯାନ୍ତ୍ରିକ ଡଙ୍ଗାଗୁଡ଼ିକ ଦ୍ୱାରା ସମୁଦ୍ରରୁ ମୋଟ ୪୦,୮୧୦'୦୦ କେ.ଜି. ମାଛ ଧରାଯାଇଛି । ଏହି ମାଛ ୧,୮୨,୭୩୪ ଟଙ୍କାରେ ବିକ୍ରୟ କରାଯାଇଛି ।


### ଗବେଷଣା

ଚିଲିକା ମୁହାଣରୁ ବିଭିନ୍ନ ଜାତିର ମାଛ ଜାଆଁଳ ଧରାଯାଇ କେଶପୁର ମତ୍ସ୍ୟଚାଷ ଫାର୍ମରେ ରଖାଯାଇଛି । ଏହା ବ୍ୟତୀତ କୌଶଲ୍ୟାଗଙ୍ଗଠାରେ ମଧ୍ୟ ମିଶ୍ରିତ ମାଛଚାଷ ଓ ମାଛ ବିହନ ଉତ୍ପାଦନ ନିମନ୍ତେ ପରୀକ୍ଷା ଚାଲିଛି । ବାଲୁଗାଁଠାରେ ଥିବା ବିଭାଗୀୟ ଗବେଷଣାଗାର ଜରିଆରେ ସାତପଡ଼ାଠାରେ କେଜ୍ କଲ୍‌ଚର' ପରୀକ୍ଷା ଚାଲିଛି ।

### ସମ୍ପ୍ରସାରଣ କାର୍ଯ୍ୟକ୍ରମ

ଭୁବନେଶ୍ୱରଠାରେ ଅନୁଷ୍ଠିତ କୃଷି କଂଗ୍ରେସ ଅଧିବେଶନ, କଟକ ମେଡ଼ିକାଲ କଲେଜ, ଭୁବନେଶ୍ୱର ଡ଼ି. ପି. ଏମ୍. ଅଫିସ ଓ ଆଦିବାସୀ ପଡ଼ିଆଠାରେ ମାଛଚାଷ ସଂପର୍କରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହା ବ୍ୟତୀତ କଟକ ମତ୍ସ୍ୟଚାଷୀ ଉନ୍ନୟନ ସଂସ୍ଥା ଦ୍ୱାରା ଯାଜପୁରଠାରେ ଆୟୋଜିତ କ୍ଷେତ୍ରପ୍ରଦର୍ଶନ କାର୍ଯ୍ୟକ୍ରମ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ଓ ଏଥିରେ ବହୁ ମତ୍ସ୍ୟଚାଷୀ ଯୋଗଦେଇଥିଲେ ।

[ବିଭାଗ ମୁଖ୍ୟମାନଙ୍କୁ ପ୍ରତି ମାସର ଶେଷ ତାରିଖ ସୁଦ୍ଧା ସଂପୃକ୍ତ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ବିବରଣୀ ପଠାଇବାକୁ ଅନୁରୋଧ——ମୁଖ୍ୟ ସଂପାଦକ]



# ଜଗତପୁର ଶିଳ୍ପାଞ୍ଚଳ

ଶ୍ରୀ ଦୀନବନ୍ଧୁ ମିଶ୍ର

ଓଡ଼ିଶାର ନବ ନିର୍ମାଣ ମାନଚିତ୍ରରେ ଜଗତପୁର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବାକୁ ଯାଉଛି । ଐତିହାସିକ ବାଣିଜ୍ୟ ନଗରୀ କଟକର ଉପକଣ୍ଠରେ ମହାନଦୀର ରମ୍ୟ ତୀର ଭୂମିରେ ସମୃଦ୍ଧ ହେଉଛି ଜଗତପୁରର ଶିଳ୍ପାଞ୍ଚଳ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏଠାରେ ଶିଳ୍ପାଞ୍ଚଳ ଗଢ଼ି ଉଠିବା ସ୍ୱାଭାବିକ । କଟକ ଭଳି ବାଣିଜ୍ୟ କେନ୍ଦ୍ରର ସାନ୍ନିଧ୍ୟ, ପାରାଦୀପ ବନ୍ଦରର ସନ୍ନିକଟତା ଏବଂ ଜାତୀୟ ରାଜପଥ ଓ ରେଳପଥ ଦ୍ୱାରା ଭାରତର ବୃହତ୍ତମ ବାଣିଜ୍ୟ କେନ୍ଦ୍ର କଲିକତା ସହିତ ଯୋଗାଯୋଗର ସୁବିଧା ଏହି ଶିଳ୍ପାଞ୍ଚଳ ବିକାଶ ପାଇଁ ଅନୁକୂଳ ଅବସ୍ଥା ସୃଷ୍ଟି କରିଛି । ଶିଳ୍ପ ପାଇଁ ଅତ୍ୟାବଶ୍ୟକ ଜଳର ମଧ୍ୟ ଏଠି ପ୍ରାଚୁର୍ଯ୍ୟ ରହିଛି । ଓଡ଼ିଶାର ଏକମାତ୍ର ତାପଜ ବିଦ୍ୟୁତ୍ କେନ୍ଦ୍ର ଏହି ଶିଳ୍ପାଞ୍ଚଳଠାରୁ ପ୍ରାୟ ୯୦ କି: ମି: । ପୁଣି ଚୌଦ୍ୱାରସ୍ଥିତ ଗ୍ରୀଡ୍ ପ୍ରତିଷ୍ଠାନ ଜଗତପୁରଠାରୁ ସ୍ୱଳ୍ପ ଦୂରରେ ଅବସ୍ଥିତ । ତେଣୁ ବିଦ୍ୟୁତ୍ ଶକ୍ତିର ମଧ୍ୟ ଏଠାରେ ଅଭାବ ନାହିଁ । ତା'ଛଡ଼ା ପାରାଦୀପ, କଲିକତା, ରାଉରକେଲା ଓ ଭାରତର ଅନ୍ୟାନ୍ୟ ସ୍ଥାନମାନଙ୍କଠାରୁ ପରିବହନର ସୁବିଧା ଜଗତପୁରକୁ ଶିଳ୍ପ ଅଭିବୃଦ୍ଧି ପାଇଁ ପ୍ରକୃଷ୍ଟ ସୁଯୋଗ ଦେଇଛି ।


ସବୁଜ ବିପ୍ଳବ ପରେ ପରେ ସାରା ଭାରତ ଆଜି ଶିଳ୍ପ କ୍ଷେତ୍ରରେ ବିପ୍ଳବାଭିମୁଖୀ । ଓଡ଼ିଶାର ବର୍ତ୍ତମାନ ନେତୃତ୍ୱ ଶିଳ୍ପ କ୍ଷେତ୍ରରେ ଅନଗ୍ରସର ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ବଦ୍ଧପରିକର । ଏ ପରିପ୍ରେକ୍ଷୀରେ ୧୯୮୧ ମସିହା ଜାନୁୟାରୀରେ ଜନ୍ମ ନିଏ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (Orissa Industrial Infrastructure Development Corporation) ବା ଇଡ୍‌କୋ (IDCO) । ଓଡ଼ିଶାର ବିଭିନ୍ନ ସ୍ଥାନରେ ଶିଳ୍ପ ଅଭିବୃଦ୍ଧି ପାଇଁ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି କରିବା ଏ ନୂତନ ନିଗମର ଉଦ୍ଦେଶ୍ୟ । ପ୍ରଥମ ବର୍ଷରେ ତିନୋଟି ପ୍ରଧାନ ସ୍ଥାନ—ଭୁବନେଶ୍ୱର, ଜଗତପୁର ଓ କାଳୁଙ୍ଗା (ରାଉରକେଲା)ରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହାଛଡ଼ା ଓଡ଼ିଶାର ଅନ୍ୟାନ୍ୟ ସ୍ଥାନମାନଙ୍କରେ ମଧ୍ୟ ଆବଶ୍ୟକତାନୁଯାୟୀ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପାଞ୍ଚଳ ଏବଂ ବୃହତ୍‌ଶିଳ୍ପ ପାଇଁ ଭିତ୍ତିଭୂମି ସୃଷ୍ଟିର ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ଶିଳ୍ପାଞ୍ଚଳର ଭିତ୍ତିଭୂମି ନିର୍ମାଣର ଲକ୍ଷ୍ୟ ହେଲା—ଶିଳ୍ପାଞ୍ଚଳ ପାଇଁ ଜମିର ଉନ୍ନତି, ରାସ୍ତାନିର୍ମାଣ, ଜଳ ଓ ବିଦ୍ୟୁତ୍ ଶକ୍ତିର ଯୋଗାଣ ଏବଂ କ୍ଷୁଦ୍ରଶିଳ୍ପ ପାଇଁ ଗୃହ ନିର୍ମାଣ ।

ଜଗତପୁର ଶିଳ୍ପାଞ୍ଚଳର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ୧୯୬୭—୭୭ ମସିହାରେ କ୍ଷୁଦ୍ରଶିଳ୍ପ ନିଗମ ଦ୍ୱାରା ଆରମ୍ଭ କରାଯାଇ ୮୧ ଏକର ଜମିରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ୨୮ ଟି କାରଖାନା ଗୃହ ନିର୍ମାଣ କରାଯାଇଥିଲା । ଭିତ୍ତିଭୂମି ଉନ୍ନୟନ ନିଗମର ସୃଷ୍ଟି ପରେ ଏ ଅଞ୍ଚଳର ଅଭିବୃଦ୍ଧି ପାଇଁ ଏକ ବୃହଦାକାରର ଯୋଜନା କରାଗଲା । ଅଧିକ ୩୧୦ ଏକର ଘରୋଇ ଓ ସରକାରୀ ଜମି ଇଡ୍‌କୋକୁ ହସ୍ତାନ୍ତର ପାଇଁ ସରକାରଙ୍କୁ ଅନୁରୋଧ କରାଗଲା । ଏହା ମଧ୍ୟରେ ୧୬୦ ଏକର ଜମି ଇଡ୍‌କୋକୁ ହସ୍ତାନ୍ତର ହୋଇ ସାରିଲାଣି । ବାକି ଜମିର ହସ୍ତାନ୍ତର ପାଇଁ ବ୍ୟବସ୍ଥା ଚାଲିଛି । ଏ ଶିଳ୍ପାଞ୍ଚଳ ଚତୁଃପାର୍ଶ୍ୱ ନିୟନ୍ତ୍ରିତ ଅଭିବୃଦ୍ଧି ପାଇଁ ଅଧିକ ପ୍ରାୟ ୧୦୦ ଏକର ଘରୋଇ ଜମି ହସ୍ତାନ୍ତର ପାଇଁ ସରକାରଙ୍କଠାରେ ଦରଖାସ୍ତ କରାଯାଇଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଜଗତପୁର ଶିଳ୍ପାଞ୍ଚଳରେ ୧୧୦ଟି କ୍ଷୁଦ୍ରଶିଳ୍ପ ପାଇଁ ଗୃହ ଓ ୧୬୦ ଏକର ଜମିର ଉନ୍ନୟନ ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଏଥିପାଇଁ ୨୮ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି । କ୍ଷୁଦ୍ରଶିଳ୍ପ ପାଇଁ ଏଠାରେ ଦୁଇ ପ୍ରକାର କାରଖାନା ଗୃହ ନିର୍ମିତ



ହେଉଛି । କ୍ଷେତ୍ରଫଳ ୩୦୬୦ ବର୍ଗଫୁଟ ଥିବା ଗୃହର ½ ଏକର ପରିମାଣ ଜମି ଇତ୍ୟାଦି ସହ ଧାର୍ଯ୍ୟ ମୂଲ୍ୟ ୨,୧୪,୦୦୦ ଟଙ୍କା । କ୍ଷେତ୍ରଫଳ ୨୩୫୦ ବର୍ଗଫୁଟ ଥିବା ଗୃହର ⅓ ଏକର ପରିମାଣ ଜମି ଇତ୍ୟାଦିର ସହ ଧାର୍ଯ୍ୟ ମୂଲ୍ୟ ୧,୬୬,୦୦୦। କେବଳ ଜମି ଲାଗି କ୍ଷୁଦ୍ର ଶିଳ୍ପ ପାଇଁ ଉନ୍ନୟନ ଖର୍ଚ୍ଚ ସହ ଜମିର ଦର ଏକରକୁ ୫୨,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି . ମଧ୍ୟମ ଧରଣ ଶିଳ୍ପ ଲାଗି ଜମିର ମୂଲ୍ୟ ଉନ୍ନୟନ ଖର୍ଚ୍ଚ ସହ ଏକରକୁ ୬୨,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଉନ୍ନୟନ ଖର୍ଚ୍ଚରେ ଭୂମିର ପ୍ରସ୍ତୁତି, ରାସ୍ତା ନିର୍ମାଣ, ଜଳ ଯୋଗାଣ ଏବଂ ରାସ୍ତା ପାର୍ଶ୍ୱ ଡ୍ରେନ ପାଇଁ ବ୍ୟବସ୍ଥା ରଖାଯାଇଛି ।




ମହାନଦୀ ତୀର ସଂଲଗ୍ନ ଜଗତପୁର ଶିଳ୍ପାଞ୍ଚଳ ପାଇଁ ଉଦ୍ଦିଷ୍ଟ ଜମି କେବଳ ବାଲିବନ୍ତ ଥିଲା । ସ୍ଥାନେ ସ୍ଥାନେ ବାଲିବନ୍ତର ଉଚ୍ଚତା ଭୂମି ଠାରୁ ପ୍ରାୟ ୩୦ । ୪୦ ଫୁଟ ଥିବା ସ୍ଥଳେ ଅନ୍ୟତ୍ର ଗଭୀର ନୀଚଭୂମି ଥିଲା । ଏ ଜମିକୁ ବୁଲଡୋଜର ଯନ୍ତ୍ର ସାହାଯ୍ୟରେ ସମତୁଲ କରିବା ଏଠି ଥିଲା ପ୍ରଥମ କାର୍ଯ୍ୟ । ୧୯୮୧ ମେ ମାସଠାରୁ ଅଦ୍ୟାବଧି ୨ । ୩ଟି ବୁଲଡୋଜର ଏ କାର୍ଯ୍ୟରେ ଲାଗି ରହି ଭୂମିକୁ ନିର୍ମାଣ ଉପଯୋଗୀ କରାଯାଉଛି । ବିସ୍ତୀର୍ଣ୍ଣ ଗଭୀର ବାଲୁକା ରାଶି ଉପରେ ସ୍ୱତନ୍ତ୍ର କୌଶଳରେ ରାସ୍ତା ନିର୍ମାଣ କରାଯାଇ ଏଠାରେ କାରଖାନା ଗୃହ ନିର୍ମାଣ ଆରମ୍ଭ ହେଲା ୧୯୮୧ ନଭେମ୍ବର ମାସରେ । ଆନୁଷ୍ଠାନିକ ଭାବରେ ୧୯୮୧ ଡିସେମ୍ବର ୨୭ ତାରିଖ ଦିନ ଜଗତପୁର ଶିଳ୍ପାଞ୍ଚଳର ଦ୍ୱିତୀୟ ପର୍ଯ୍ୟାୟର ଶିଳାନ୍ୟାସ କରନ୍ତି



ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ । ଏ ଉତ୍ସବରେ ବିଶିଷ୍ଟ ଅତିଥି ରୂପେ ଯୋଗ ଦିଅନ୍ତି ଲୋକସଭା ସଭ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଏବଂ ରାଜ୍ୟ ପୂର୍ତ୍ତ, ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ । ଏହି ଅବସରରେ ଅନ୍ୟ ଦୁଇଟି ମଧ୍ୟମ ଶିଳ୍ପ ପାରାଦ୍ୱୀପ ଅକ୍ସିଜେନ୍ ଏବଂ ସେଣ୍ଟ୍ରାଲ ଓଡ଼ିଶା ଷ୍ଟ୍ରୁ ବୋର୍ଡର ମଧ୍ୟ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ । ସେହି ଦିନଠାରୁ ୧୦୪ଟି କ୍ଷୁଦ୍ର ଶିଳ୍ପ ପାଇଁ କାରଖାନା ଗୃହ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଅଦ୍ୟାବଧି ମାତ୍ର ଚାରିମାସ ସମୟ ମଧ୍ୟରେ ୪୦ ଗୋଟି କାରଖାନା ଗୃହର ନିର୍ମାଣ ପ୍ରାୟ ଶେଷ ହେଲାଣି ଏବଂ ଅବଶିଷ୍ଟ ୬୪ଟିର ନିର୍ମାଣ ଦ୍ରୁତ ଗତିରେ ଆଗେଇଛି । ଏ ସମସ୍ତ କାରଖାନା ଗୃହର ନିର୍ମାଣ କାର୍ଯ୍ୟ ମେ ମାସ ଶେଷ ସୁଦ୍ଧା ସମାପ୍ତ ହେବାର ଆଶା । ପ୍ରାୟ ୧୬୦ ଏକର ଜମିର ଉନ୍ନତି ସହିତ ୧୦ କିଲୋମିଟର ରାସ୍ତା କରାଯାଇ ସାରିଲାଣି । ଏହି ସମୟ ମଧ୍ୟରେ ଛୋଟ ବଡ଼ ମିଶାଇ ୧୭୦ ଗୋଟି ପ୍ଲଟ୍ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ଦିଆଯାଇଛି । ଜଗତପୁରକୁ ନିରନ୍ତ ପାଦପ ବିହୀନ ବାଲୁକା ରାଶି ମଣ୍ଡନ କରୁଥିଲା । ନିର୍ମାଣ କାର୍ଯ୍ୟର ଆରମ୍ଭରେ ଥିଲା ଗୋଟିଏ ବଟବୃକ୍ଷର କ୍ଷୀଣ ଛାୟା । ଏହା ଥିଲା ଯନ୍ତ୍ରୀ ଓ ଶ୍ରମିକଙ୍କର ଆଶ୍ରୟସ୍ଥଳ । କାର୍ଯ୍ୟାରମ୍ଭରୁ ଅଦ୍ୟାବଧି ପ୍ରାୟ ୭୦୦୦ ବୃକ୍ଷ ଚାରା ପଥପାର୍ଶ୍ୱ ତଥା ନଦୀ ତୀରରେ ରୋପଣ କରାଯାଇଛି ଏବଂ ଏ ସବୁର ରକ୍ଷଣାବେକ୍ଷଣ ପାଇଁ ନିରବଚ୍ଛିନ୍ନ ପ୍ରଚେଷ୍ଟା ଚାଲିଛି । ଆସନ୍ତା ବର୍ଷା ଋତୁରେ ଅଧିକ ୭୦୦୦ ବୃକ୍ଷରୋପଣ ପାଇଁ ଯୋଜନା କରାଯାଇଛି । ଫୁଲ ଓ ଫଳ ବୃକ୍ଷରେ ସୁଶୋଭିତ ଜଗତପୁର ଶିଳ୍ପାଞ୍ଚଳ ଶିଳ୍ପୋଦ୍ୟୋଗୀ ତଥା ସାଧାରଣ ଦର୍ଶକଙ୍କୁ ଯେ ଆକୃଷ୍ଟ କରିବ ଏଥିରେ ସନ୍ଦେହ ନାହିଁ ।

ଜଗତପୁରର ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଶିଳ୍ପାନୁଷ୍ଠାନମାନଙ୍କରେ ଅଦ୍ୟାବଧି ୭୬ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ହୋଇ ସାରିଛି । ଏଥିରେ ପ୍ରାୟ ୯.୬୦ ଲକ୍ଷ ଟଙ୍କା ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କ ଦ୍ୱାରା ବିନିଯୋଗ କରାଯାଇଛି ଏବଂ ଏହା ୫୧୬ ଜଣ ଶ୍ରମିକଙ୍କୁ କର୍ମ ଯୋଗାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୨୦୦ଟି



କ୍ଷୁଦ୍ର ଶିଳ୍ପମାନଙ୍କରେ ଅନ୍ୟାନ୍ୟ ୧୨ କୋଟି ଟଙ୍କାର ନିଯୋଜନ ଓ ୩,୫୦୦ ଶ୍ରମିକଙ୍କର କର୍ମ ସଂସ୍ଥାନ ଏବଂ ପ୍ରାୟ ୧୦ଟି ମଧ୍ୟମ ଶିଳ୍ପମାନଙ୍କରେ ପ୍ରାୟ ୬ କୋଟି ଟଙ୍କା ନିଯୋଜନ ଓ ୮୦୦ ଶ୍ରମିକଙ୍କର କର୍ମ ସଂସ୍ଥାନ ଆଶା କରାଯାଏ । ଏହାଛଡ଼ା ଏହି ଶିଳ୍ପାଞ୍ଚଳରେ ବିଭିନ୍ନ ସରକାରୀ ସଂସ୍ଥା : ଯଥା :—ରାଜ୍ୟ ପଣ୍ୟାଗାର ନିଗମ, ରାଜ୍ୟ ପରିବହନ ନିଗମ, ରାଜ୍ୟ ବାଣିଜ୍ୟକର ପରିବହନ ନିଗମ, ଚର୍ମ-ନିଗମ ଓ ରାଜ୍ୟ ଯୋଗାଣ ନିଗମମାନଙ୍କ ପକ୍ଷରୁ ବିଭିନ୍ନ ଶିଳ୍ପ ଓ ଶିଳ୍ପାନୁଷଙ୍ଗିକ କାର୍ଯ୍ୟ ପାଇଁ ଅନୁଷ୍ଠାନମାନ ନିର୍ମାଣ ହେଉଛି ।

ଜଗତପୁର ଶିଳ୍ପାଞ୍ଚଳ ଓଡ଼ିଶା ତଥା ଓଡ଼ିଶା ବାହାରର ବହୁ ଶିଳ୍ପୋଦ୍ୟୋଗୀଙ୍କୁ ଆକର୍ଷିତ କରିଛି । ଶିଳ୍ପୋଦ୍ୟୋଗୀମାନଙ୍କର ଆଗ୍ରହରେ ଉତ୍ସାହିତ ହୋଇ ଏଠାରେ ଅଧିକ ଜମି ନେବା ପାଇଁ ଭିତ୍ତିଭୂମି ଉନ୍ନୟନ ନିଗମ ପକ୍ଷରୁ ବ୍ୟବସ୍ଥା କରାଯାଉଛି । ଏ ଅଞ୍ଚଳରେ ଶିଳ୍ପର ପ୍ରସାର ସଙ୍ଗେ ସଙ୍ଗେ ବାସ ଗୃହର ଆବଶ୍ୟକତା ବୃଦ୍ଧି ପାଇବା ସ୍ୱାଭାବିକ । ସେଥିପାଇଁ ନିଗମ ପକ୍ଷରୁ ଯୋଜନା ପ୍ରସ୍ତୁତି କରାଯାଉଛି । ଶିଳ୍ପୋଦ୍ୟୋଗୀ ତଥା ଶ୍ରମିକମାନଙ୍କର ସାଧାରଣ ଆବଶ୍ୟକତା ମେଣ୍ଟାଇବା ପାଇଁ ଏ ଶିଳ୍ପାଞ୍ଚଳରେ ଦୋକାନ ଗୃହ, ଭୋଜନାଳୟ, ବ୍ୟାଙ୍କ୍, ପୋଷ୍ଟ ଅଫିସ, ଟେଲିଫୋନ ଏକ୍ସ୍‌ଚେଞ୍ଜ ପ୍ରଭୃତିର ବ୍ୟବସ୍ଥା ମଧ୍ୟ କରାଯାଉଛି । ଜଗତପୁର ଅଞ୍ଚଳ ଯେ ଅଚିରେ ଏକ ଆଦର୍ଶ ଅତ୍ୟାଧୁନିକ ଶିଳ୍ପାଞ୍ଚଳ ରୂପେ ସାରା ଦେଶରେ ଖ୍ୟାତି ଅର୍ଜନ କରିବ ଏଥିରେ ସନ୍ଦେହ ନାହିଁ ।

ଜେନେରାଲ ମ୍ୟାନେଜର,
ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ।

# ନୂଆ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଓ ଓଡ଼ିଶାର ଶ୍ରମିକ

ଜେନାମଣି ଲକ୍ଷ୍ମୀକାନ୍ତ

ରସ୍କିନ୍‌ଙ୍କ ଉକ୍ତିଟିଏ ମନେ ପଡୁଛି : "Economy whether public or private, means the wise management of labour, mainly in three senses; (1) applying labour rationally (2) preserving its produce carefully and (3) distributing its produce seasonally" ବୋଧହୁଏ ଅର୍ଥନୈତିକ ପ୍ରଗତି ପାଇଁ ଆମର ଉତ୍କଣ୍ଠା ନେଇ ଆମେ ବହୁ ସମୟରେ ଭୁଲିଯାଉ ଯେ ବିକାଶର ଅନ୍ତିମ ଲକ୍ଷ୍ୟ ହେଉଛି ମାନବୀୟ ସୁଖ ସମୃଦ୍ଧି ସାଧନ ଏବଂ ଅର୍ଥନୈତିକ ବିକାଶ ଏଭଳି ଭାବରେ ସାଧିତ ହେବା ଉଚିତ ଯାହା ସାମାଜିକ ନ୍ୟାୟ ଚାହିଦା ପୂରଣରେ ସମର୍ଥ ହେବ । ଆମେ ସମସ୍ତେ ଜାଣୁ ଯେ, ଗୋଟାଏ ଦେଶକୁ ସମୃଦ୍ଧ କରିବା ପାଇଁ ଦ୍ରୁତ ଶିଳ୍ପାୟନ କେତେ ଅପରିହାର୍ଯ୍ୟ । ଜାତିର ଜନକ ଗାନ୍ଧିଜୀଙ୍କ ଭାଷାରେ "ପୁଞ୍ଜିପତି ଓ ଲକ୍ଷପତିଙ୍କ ବିନା ଗୋଟିଏ ଦେଶ ଚଳିପାରେ କିନ୍ତୁ ଗୋଟାଏ ଦେଶର ମେହନତୀ ମଣିଷର ଅବଦାନକୁ ବାଦ ଦେଇ ସେ ଦେଶର ଅର୍ଥନୈତିକ ବିକାଶ କେବେ ସମ୍ଭବ ହୁଏନା" ।

ଏହି ଉପ୍‌ସିସ ଜାତୀୟ ଆଭିମୁଖ୍ୟ ପରିପ୍ରେକ୍ଷୀରେ ଗତ ତା ୧୪-୧-୮୨ ରିଖ ଦିନ 'ବିହୁ' ଓ 'ପୋଙ୍ଗଲ' ଉତ୍ସବ ଉପଲକ୍ଷେ ଜାତି ଉଦ୍ଦେଶ୍ୟରେ ଆମ ପ୍ରିୟ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପ୍ରଦତ୍ତ ବେତାର ବାର୍ତ୍ତା ଏବଂ ଉଦ୍‌ଘୋଷିତ ସଂଶୋଧିତ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ବାସ୍ତବରେ ଯେଉଁଭଳି କ୍ରାନ୍ତିକାରୀ ଓ ସମୟୋପଯୋଗୀ ସେଉଁଭଳି ଆଶା ସଞ୍ଚାରୀ ମଧ୍ୟ ।

ଆମେ ଓ ଆମର ଶ୍ରମ ଶକ୍ତି ଭୁଲିଯିବା ଅନୁଚିତ ଯେ ଐକ୍ୟବଦ୍ଧ କଠୋର ପରିଶ୍ରମ ଦେଶର ସର୍ବାଙ୍ଗୀନ ପ୍ରଗତି ଓ ସମୃଦ୍ଧି ପାଇଁ ଏକମାତ୍ର ପନ୍ଥା । ସମାଜର କୌଣସି ଗୋଟିଏ ଶ୍ରେଣୀ ମଧ୍ୟ ଅର୍ଥନୈତିକ ଦିଗରୁ ଅନଗ୍ରସର ଓ ସାମାଜିକ କ୍ଷେତ୍ରରେ ପଦଦଳିତ ହୋଇ ରହିଥିବା ଯାଏ ଦେଶର ସମୃଦ୍ଧି ଓ ସର୍ବାଙ୍ଗୀନ ପ୍ରଗତି ପରାହତ ହୋଇ ରହିଯାଏ ।

ଏବର ନୂଆ ୨୦ ଦଫା କାର୍ଯ୍ୟକ୍ରମର ସନ୍ନିହିତ-ବିଶେଷତ୍ୱ ସଂପର୍କରେ ଛାଏଁ ପ୍ରଶ୍ନ ଉଙ୍କିମାରେ "କଣ ଏହି ନୂଆ କାର୍ଯ୍ୟକ୍ରମ" ? ଏହି କାର୍ଯ୍ୟକ୍ରମରେ ନୂତନତ୍ୱ କଅଣ ? ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ କଣ ଏହି ମର୍ମରେ ଏଭଳି କିଛି ବ୍ୟବସ୍ଥା ନ ଥିଲା ?? ବିରୋଧୀଦଳର ସମାଲୋଚକମାନଙ୍କୁ ଜବାବରେ ଏଣୁ ପ୍ରଧାନମନ୍ତ୍ରୀ ଗତ ତା ୫-୨-୮୨ ରିଖରେ ଉଲ୍ଲେଖ କରିଥିଲେ ଯେ—"ଦେଶର ଅଗଣିତ ଦରିଦ୍ର ଜନତାର ସମୟାନୁକ୍ରମିକ ( timely ) ଉନ୍ନତି ପାଇଁ ଏଭଳି ସଂଶୋଧିତ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଯେଉଁଭଳି ତାତ୍ପର୍ଯ୍ୟ ପୂର୍ଣ୍ଣ ସେଉଁଭଳି ଅପରିହାର୍ଯ୍ୟ । ପ୍ରକାରାନ୍ତରରେ ଏହା ଦେଶର ପ୍ରଗତି ସମେତ ଶ୍ରମଜୀବୀ ଜନତାର ଆର୍ଥିକ ତଥା ସାମାଜିକ ସ୍ଥିତିର ବିକାଶ କ୍ଷେତ୍ରରେ ହିଁ ବିଳମ୍ବିତ—ଏକ ସମୟୋପଯୋଗୀ ପଦକ୍ଷେପ"

ଆଲୋକ—

ଆଲୋଚନାର ଏହି ପ୍ରସଙ୍ଗରେ ସଂଶୋଧିତ ଶ୍ରମ ସଂପର୍କିତ ବିଂଶ ସୂତ୍ରୀ କାର୍ଯ୍ୟକ୍ରମରେ କେଉଁ କେଉଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ ସେ ସଂପର୍କରେ ସବିଶେଷ ଜାଣିବାର କଥା । ୧୯୮୨ର ଶ୍ରମ ସଂପର୍କିତ ଏଇ ନୂଆ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଆଠଟି ବାରାଭରର ବ୍ୟବସ୍ଥା ହେଉଛି:ଯଥାକ୍ରମେ:—

(କ) କୃଷି ତଥା ଅଣ ସଙ୍ଗଠିତ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରଦାନ ଏବଂ ବ୍ୟତିକ୍ରମ ସ୍ଥଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ।

(ଖ) ଗୋତି ଓ ଚୁକ୍ତିବନ୍ଧା ଶ୍ରମିକଙ୍କ ମୁକ୍ତି ତଥା ପୁନର୍ବସତି ବା ଥଇଥାନ ବ୍ୟବସ୍ଥା ।

(ଗ) ହରିଜନ ଓ ଆଦିବାସୀ ସଂପ୍ରଦାୟର ନିଷ୍ପେଷିତ ମଣିଷର ତ୍ୱରାନ୍ୱିତ ଉନ୍ନୟନ ସାଧନ ।

(ଘ) ସ୍ୱେଚ୍ଛାକୃତ ଭାବେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନର ରୂପ ପ୍ରଦାନ କରିବା ।

(ଙ) ମହିଳା ଓ ଶିଶୁଙ୍କର କଲ୍ୟାଣ ସାଧନ ।

(ଚ) ଶିଳ୍ପ ଶ୍ରମିକଙ୍କ ପାଇଁ ଖାଉଟି ଜିନିଷ ଯୋଗାଣ ନିମିତ୍ତ ସୁଲଭ ମୂଲ୍ୟ ଦୋକାନ ଜରିଆରେ ସୁଷମ-ବଣ୍ଟନ-ବ୍ୟବସ୍ଥାର ଅଧିକ ସଂପ୍ରସାରଣ ।

(ଛ) ହସ୍ତତନ୍ତ, କ୍ଷୁଦ୍ର ଓ ଗ୍ରାମ୍ୟ ଶିଳ୍ପ ଆଦିର ବିକାଶ ପାଇଁ ସୁବିଧା ସୃଷ୍ଟି ।

(ଜ) ଦକ୍ଷତା ବୃଦ୍ଧି ଓ ଧାର୍ଯ୍ୟ ଉତ୍ପାଦନ କ୍ଷମତାର ପୂର୍ଣ୍ଣ ବିନିଯୋଗ ଜରିଆରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ-ଗୁଡ଼ିକର ଧାର୍ଯ୍ୟ ଲକ୍ଷ୍ୟ ତଥା ସମୃଦ୍ଧି ସାଧନ ।

ଏହି ପରିପ୍ରେକ୍ଷୀରେ ଆମେ ଏହା ଅସ୍ୱୀକାର କଲେ ସତ୍ୟର ଅପଳାପ ହେବ ଯେ ସଂବିଧାନର ପ୍ରତିଶ୍ରୁତିପ୍ରଦ ପଞ୍ଚ ବାର୍ଷିକ ଯୋଜନା ସମୂହ ଓ ବିବିଧ ପ୍ରକଳ୍ପ ସତ୍ତ୍ୱେ ଅନୁନ୍ନତିରୁ ଉନ୍ନତି ଓ ଦାରିଦ୍ର୍ୟରୁ ସର୍ବୋମୁଖୀ ସମୃଦ୍ଧି ପାଇଁ ସ୍ୱାଧୀନତା ପ୍ରାପ୍ତି ପରଠାରୁ ଆମର ନିରବଚ୍ଛିନ୍ନ ଉଦ୍ୟମ ସତ୍ତ୍ୱେ ; ଆମେ ଅଦ୍ୟାବଧି ଅର୍ଥନୈତିକ ବିକାଶ ପଥରେ ଆଶାନୁରୂପ ସଫଳ ହୋଇନାହୁଁ । ଏବର ଦେଶ ଅର୍ଥନୈତିକ ତଥା ରାଜନୈତିକ ଓ ସାମାଜିକ ଦୁର୍ଦ୍ଦଶାର ବିବିଧ ପର୍ଯ୍ୟାୟ ଦେଇ ଗତି କରୁଅଛି । ତା ୫-୯-୧୯୮୧ ରିଖରେ ପ୍ରଦତ୍ତ ଭାଷଣରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଆମ ଦେଶର ବିଗତ ତିନି ଦଶନ୍ଧିର ଆବୁ ସମୀକ୍ଷାରୁ ଏହା ପ୍ରତିପାଦିତ ହୁଏ ଯେ ଏ ଦେଶର କୃଷି ଉତ୍ପାଦନ ବାର୍ଷିକ ଶତକଡ଼ା ୨·୬ ଭାଗ ବୃଦ୍ଧି ପାଇଥିଲା ବେଳେ, ଖାଦ୍ୟଶସ୍ୟ ଉତ୍ପାଦନ ଶତକଡ଼ା ୨·୫ ଭାଗ ବୃଦ୍ଧି ପାଇଛି । ୧୯୭୯-୮୦ରେ ଖାଦ୍ୟ ଉତ୍ପାଦନ ପରିମାଣ ଥିଲା ୧୦୮·୮ ନିୟୁତ ଟନ ଓ ୧୯୮୦-୮୧ରେ ତାହା ୧୩୩·୫ ନିୟୁତ ଟନ ଥିବା କଥା ମଧ୍ୟ ପ୍ରକାଶିତ । ଏସବୁ ସତ୍ତ୍ୱେ ଆମ ଦେଶର ୧୯୮୧ର ଜନଗଣନା ସୂଚନା ଦିଏ ଯେ : ଦେଶର ୪୮ ଭାଗ ଲୋକ ଅର୍ଥାତ୍ ପ୍ରାୟ ୩୨୮ ନିୟୁତ ଲୋକ ଏବେବି ଦାରିଦ୍ର୍ୟର ସୀମାରେଖା ତଳେ ଅଛନ୍ତି । ସର୍ବୋପରି ବର୍ତ୍ତମାନର ମୂଲ୍ୟସ୍ତର ଅନୁଯାୟୀ ୧୯୮୦ ଓ ୧୯୮୧ରେ ମୁଣ୍ଡପିଛା ଆୟ ୧୫୩୬·୯ ଟଙ୍କା ; ଯାହାକି ୧୯୭୮-୮୦ରେ ଥିବା ୧୩୧୬ ଟଙ୍କାରୁ ଶତକଡ଼ା ୧୬·୮ ବେଶୀ । ଏହି ଜାତୀୟ ଆୟ ବୃଦ୍ଧିର କାରଣ ସ୍ୱରୂପ ଅର୍ଥନୀତିଜ୍ଞମାନେ କୃଷି ଉତ୍ପାଦନ କ୍ଷେତ୍ରରେ ଅଗ୍ରଗତିର ଦୁହା ଦେଇଛନ୍ତି । ୧୯୭୮-୮୦ରେ ଖାଦ୍ୟଶସ୍ୟ ଉତ୍ପାଦନ ୧୦କୋଟି ୯ ଲକ୍ଷ ଟନ ହୋଇଥିବା ସ୍ଥଳେ ୧୯୮୦-୮୧ରେ ତାହା ୧୨ କୋଟି ୯ ଲକ୍ଷ ଟନ ଥିଲା । ହେଲେ କିନ୍ତୁ ୧୯୮୦-୮୧ରେ ଶିଳ୍ପ ଉତ୍ପାଦନ ପୂର୍ବବର୍ଷ ତୁଳନାରେ ଶତକଡ଼ା ୩ ଅଧିକ ଥିଲା । କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ୧୭୦ରୁ ଊର୍ଦ୍ଧ୍ୱ ଶିଳ୍ପମାନଙ୍କରେ ୨୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁଞ୍ଜି ଖଟାଯାଇଥିଲେ ହେଁ, ତତ୍ ଲବ୍ଧ ଲାଭ ଅତୀ ନଗଣ୍ୟ ଓ ତହିଁରୁ ମିଳିଥିବା ଲାଭର ପରିମାଣ ଚଳିତ ବର୍ଷ ୪୮ କୋଟି ଥିବା ସ୍ଥଳେ କ୍ଷତିର ପରିମାଣ ୨·୯୯ କୋଟି ଟଙ୍କା ବୋଲି ଲୋକସଭାରେ ପ୍ରକାଶିତ । ଏଣୁ ୧୯୮୨ ବର୍ଷକୁ ଉତ୍ପାଦନ ବର୍ଷ ରୂପେ ଘୋଷଣା କରିବାର ରାଷ୍ଟ୍ରୀୟ ସିଦ୍ଧାନ୍ତ ବାସ୍ତବରେ ସମୟୋପଯୋଗୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଏଇ ପରିପ୍ରେକ୍ଷୀରେ ହାଜୀପୁରରେ ଗଙ୍ଗାନଦୀ ଉପରେ ପୃଥିବୀର ଦୀର୍ଘତମ ସେତୁ ଉନ୍ମୋଚନ ଅବସରରେ ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଗତ ୨-୩-୮୨ ରିଖର ପ୍ରଦତ୍ତ ଚେତାବନୀ ଥିଲା । "ଐକ୍ୟବଦ୍ଧ କଠୋର ପରିଶ୍ରମ ଏ ଦେଶର ପ୍ରଗତି ପାଇଁ ହିଁ ଏକମାତ୍ର ପନ୍ଥା ।" ଏହା କାୟମନୋ-ବାକ୍ୟରେ ହୃଦୟଙ୍ଗମ ଓ କାର୍ଯ୍ୟକାରୀ କରିବା ସର୍ବାଦୌ ଆବଶ୍ୟକ ।

ଇଏତ ହେଲା ଆମ ଦେଶର ଅବସ୍ଥା । ଏଠି ଆମ ପ୍ରଦେଶର ଅବସ୍ଥା ସଂପର୍କରେ କିଞ୍ଚିତ୍ ସମୀକ୍ଷା କରିବାର କଥା । ଆମ ରାଜ୍ୟ ଏକ 'ଅନୁନ୍ନତ ଗରିବ ରାଜ୍ୟ ବୋଲି ଖ୍ୟାତି ରହିଛି । ସ୍ୱାଧୀନତା ପ୍ରାପ୍ତି ପରଠାରୁ ବହୁମୁଖୀ ଉନ୍ନୟନ କାର୍ଯ୍ୟକ୍ରମ ଆମ ରାଜ୍ୟରେ ଯେ ନ ହୋଇଛି ତାହା ନୁହେଁ । କିନ୍ତୁ ସବୁ ଯୋଜନା ଅତୀତରେ ଯଥା ସମୟରେ ଯଥା ବ୍ୟୟରେ ଯଥୋଚିତ କାର୍ଯ୍ୟକାରୀ ହୋଇ ନ ଥିବାରୁ ଅନେକ କ୍ଷେତ୍ରରେ ଏସବୁ ଯୋଜନାର ଉପ୍‌ସିତ ପୂର୍ଣ୍ଣ ସଫଳତା ସବୁ କ୍ଷେତ୍ରରେ ଲୋକେ ଆଶାନୁରୂପ ପାଇ ନାହାନ୍ତି । ଯୋଜନା ପ୍ରାରମ୍ଭରୁ ଅଦ୍ୟାବଧି ପ୍ରାୟ ୧,୫୦୦ ହଜାର କୋଟି ଟଙ୍କା ବ୍ୟୟ ହୋଇଥିଲେ ହେଁ ଓଡ଼ିଶାର ଦାରିଦ୍ର୍ୟ ହାର ଆଶାନୁରୂପ ହ୍ରାସ ପାଇ ନାହିଁ : ଆମ ପାଇଁ ଏହା ଏକ ନଗ୍ନ ସତ୍ୟ । ତେବେ କଣ ଦାରିଦ୍ର୍ୟ ଏପରି ଏକ ଦୋଷ ଯାହାକି ବିକାଶ ପ୍ରୟାସୀ ମଣିଷର ସବୁ ସ୍ୱପ୍ନ ଓ ପ୍ରଚେଷ୍ଟାକୁ ପରାହତ କରିଦିଏ ? କିଏ ନଜାଣେ ଆମ ରାଜ୍ୟରେ ଅମାପ ଓ ଅପର୍ଯ୍ୟାପ୍ତ ପ୍ରାକୃତିକ ସଂପଦ ଓ କାର୍ଯ୍ୟକ୍ଷମ ଜନ ଶକ୍ତିର ଅଭାବ ନାହିଁ । ସତ କହିଲେ ପ୍ରକୃତରେ ବନ୍ୟା, ବାତ୍ୟା ଓ ମରୁଡ଼ି ତଥା ପ୍ରାକୃତିକ ବିପର୍ଯ୍ୟୟ କଣ ଖାଲି ଆମ ଓଡ଼ିଶାର ଏପରି ବିପର୍ଯ୍ୟୟର ଏକମାତ୍ର ଓ ଅନନ୍ୟ କାରଣ ?

ସ୍ୱାଧୀନତା ପ୍ରାପ୍ତି ପରଠାରୁ ଭାରତୀୟ ମାନଚିତ୍ରରେ ଅବଧି ଓଡ଼ିଶାର ଅର୍ଥନୈତିକ ସ୍ଥିତି ଓ ଦୁସ୍ଥିତିର ଆକଳନ କଲାବେଳେ ଏହା ସ୍ୱତଃ ସ୍ପଷ୍ଟତର ଯେ ୧୯୬୨ରେ ଆମ ରାଜ୍ୟର ଶତକଡ଼ା ୩୫ ଦଶମିକ ୪ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖାତଳେ ଥିବା ସ୍ଥଳେ, ୧୯୭୯-୮୦ ବେଳକୁ ଆମ ରାଜ୍ୟର ଶତକଡ଼ା ୮୫ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଗଲେ । ଏତଦ୍ ବ୍ୟତୀତ ୧୯୭୦-୭୧ର ମୂଲ୍ୟ ଭିତ୍ତିରେ ଓଡ଼ିଶାରେ ମୁଣ୍ଡପିଛା ଉତ୍ପାଦନ ୪୮୨ ଟଙ୍କା ୫୨ ପଇସା ଥିବା ସ୍ଥଳେ ୧୯୭୧-୭୨ରେ ତାହା ୪୩୪·୯ ପଇସା ଥିଲା ଏବଂ ୧୯୭୨-୭୩ରେ ତାହା ୪୫୬ ଟଙ୍କା ୬୨ ପଇସା ଥିଲା । ତା'ପରେ ୧୯୭୩-୭୪ରେ ତାହା ୪୮୦ ଟଙ୍କା ୬୨ ପଇସା

ଥିବାସ୍ଥଳେ ୧୯୭୯-୮୦ରେ ୪୩୫ ଟଙ୍କା ୨୩ ପଇସା ହେବାର ଆକଳନ ଓ ତଥ୍ୟ ଉତ୍ୟବସରରେ ସରକାରୀ ସୂତ୍ରରୁ ପ୍ରକାଶିତ । ଆମ ରାଜ୍ୟର ମୁଣ୍ଡ ପିଛା ଆୟ ଆମ ଦେଶର ହାରାହାରି ମୁଣ୍ଡ ପିଛା ଆୟ ତୁଳନା କ୍ରମେ ପ୍ରାୟଶଃ କ୍ରମ ହ୍ରାସମୁଖୀ ବୋଲି ପ୍ରତୀତ ହୁଏ । କାରଣ ୧୯୭୦-୭୧ରେ ଓଡ଼ିଶାରେ ମୁଣ୍ଡ ପିଛା ଆୟ ସର୍ବ-ଭାରତୀୟ ସ୍ତରର ମୁଣ୍ଡ ପିଛା ଆୟଠାରୁ ୧୫୦ ଟଙ୍କା ୪ ପଇସା କମ୍ ଥିବା ସ୍ଥଳେ, ୧୯୭୯-୮୦ରେ ଏହା ୨୪୨ ଟଙ୍କା ୬ ପଇସା ଥିବା ପ୍ରକାଶ । ଏଥିପାଇଁ ଆମ ରାଜ୍ୟର କୃଷି ତଥା ଶିଳ୍ପ ଉତ୍ପାଦନର ଅନଗ୍ରସରତା ଆଡ଼ି କିଛପ୍ରତି ଆଖି ବୁଜିବାର ନୁହେଁ ବୋଲି ବହୁ ବିଶେଷଜ୍ଞଙ୍କର ମତାମତ । ଏହି ପରିପ୍ରେକ୍ଷୀରେ ପ୍ରତ୍ୟେକ ଓଡ଼ିଆ ମେହନତୀ ମଣିଷର ଭୁଲିଯିବା ଅନୁଚିତ ଯେ ଦାରିଦ୍ର୍ୟ ଏଭଳି ଏକ ବସ୍ତୁ ନୁହେଁ ଯାହାକୁ ଉଠାଇ ଫିଙ୍ଗି ଦିଆଯାଇପାରେ । ଏହାକୁ ଦୂର କରିବାକୁ ହେବ । ଏ କାମ ଓଡ଼ିଶାର ସମସ୍ତଙ୍କୁ କରିବାକୁ ହେବ । ଏ ରାସ୍ତା ଖୁବ୍ ସୁଦୀର୍ଘ, କଣ୍ଟା ଓ ଢିପ ଢାଲୁ ଭରା । ସମସ୍ତ ପ୍ରକାରର ପ୍ରତିବନ୍ଧକର ଆଶଙ୍କା ବି ଏ ରାସ୍ତାରେ ରହିଛି । ଏଣୁ ଆମକୁ ସଂଗଠିତ ହୋଇ ପାଦକୁ ପାଦ ମିଳାଇ ଆଗେଇବାକୁ ହେବ । କାରଣ ଉତ୍କଳ ଜନନୀ ନତୁବା ଭାରତ ମାତାର ବୋଝକୁ ବଢ଼ାଇବା କାହାର ସ୍ୱାଧିକାର ନୁହେଁ ; ପରନ୍ତୁ ସେ ବୋଝକୁ ହାଲୁକା କରିବାର ଗୁରୁ ଦାୟିତ୍ୱ ପ୍ରତ୍ୟେକଙ୍କର । ଏହାହିଁ ସମୟର ଚେତାବନୀ ଓ ଆହ୍ୱାନ ।

କିଏ ଅସ୍ୱୀକାର କରିବ ଉନ୍ନ ସମୃଦ୍ଧିର ଅର୍ଥ ନୁହେଁ ମେହନତୀ ମଣିଷକୁ ନିଷ୍ପେଷିତ କରି ପରାନ୍ନ ଭୋଜୀ ନିର୍ମୂଳୀ ଭଳି ଲଟେଇଯିବା ! ବାସ୍ତବରେ ଶ୍ରମକୁ ବାଦ୍‌ଦେଇ ସମୃଦ୍ଧି ଦିବାସ୍ୱପ୍ନ ପରି ପରାହତ । ଆମ ଦେଶରେ ଉପସ୍ଥିତ ସମାଜବାଦ କେବଳ ଫମ୍ପା ଇସ୍ତାହାର ନତୁବା ଅପରିବର୍ତ୍ତନୀୟ ସିଦ୍ଧାନ୍ତ ( Dogma ) ପର୍ଯ୍ୟ-ବେଶିତ ନୁହେଁ । ଏହା ଏକ ମୂଲ୍ୟବୋଧ । ଏହି ମୂଲ୍ୟବୋଧକୁ ଭିତ୍ତିକରି ଆମ ସମାଜତନ୍ତ୍ରକୁ ସଂଗଠିତ କରିବାରେ ଆମେ ଉଣାଧିକେ ନିରନ୍ତର ପ୍ରୟାସୀ ଓ ପ୍ରଚେଷ୍ଟ ମଧ୍ୟ । ତା'ଛଡ଼ା ଆମେ ନୀତିଗତଭାବେ ସମାନତାରେ ବିଶ୍ୱାସ କରୁ । ଏହି ସମାନତା କେବଳ ନିର୍ବାଚନକାଳୀନ ଫମ୍ପା ସ୍ଲୋଗାନ ନୁହେଁ ; ଏହା ପରନ୍ତୁ ଆର୍ଥନୀତିକ ଓ ସାମାଜିକ ସମତାର ଭିତ୍ତିଭୂମିରେ ପର୍ଯ୍ୟବେଶିତ । ପଶ୍ଚାତରୁ ଆମ ସମାଜବାଦର ଲକ୍ଷ୍ୟ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏକଥା କଣ ଛାତିରେ ହାତ ରଖି ଆପଣ ଅସ୍ୱୀକାର କରିପାରିବେ ?

ଏବର ସଂଶୋଧିତ ନୂଆ ବିଂଶସୂତ୍ରୀ କାର୍ଯ୍ୟକ୍ରମ ମଧ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁ ପୂର୍ବବର୍ଣ୍ଣିତ ଆଠୋଟି କାର୍ଯ୍ୟକ୍ରମ ସୁନିରୂପିତ ତାହା କେବଳ ଶିଳ୍ପ ଉତ୍ପାଦନ ପାଇଁ ନୁହେଁ : ଶ୍ରମିକର ଜୀବନ ଧାରଣର ମାନବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଏହା ପ୍ରତ୍ୟାଶା ଓ ସଂକଳ୍ପର ଏକ କ୍ରାନ୍ତିକାରୀ ଦିଗ୍‌ଦର୍ଶନ ! ଦେଶର ପ୍ରଗତି ସମେତ ଶ୍ରମଜୀବୀ ଜନତାର ଆର୍ଥିକ ତଥା ସାମାଜିକ ସ୍ଥିତିର ବିକାଶ ନିମିତ୍ତ ଏକ ନୂତନ ପ୍ରାଣ ପ୍ରବେଦନାର ସମୟୋ-ପଯୋଗୀ ଇସ୍ତାହାର । (ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସ୍ୱଗତୋକ୍ତି) ।

ଆଲୋଚନା ପ୍ରସଙ୍ଗକ୍ରମେ ନୂଆ ୨୦ ଦଫା କାର୍ଯ୍ୟ-କ୍ରମପ୍ରତି ଆମ ରାଜ୍ୟ ସରକାରଙ୍କ ପ୍ରଦତ୍ତ ସର୍ବାଧିକ ଗୁରୁତ୍ୱ ଯେଉଁଳି ଉଲ୍ଲେଖନୀୟ ସେଉଁଳି କିୟତ୍ ଆଶା ସଂଚାରୀ ମଧ୍ୟ । ଏଥିପାଇଁ ବିବିଧ ଗୃହୀତ ପଦକ୍ଷେପ ମଧ୍ୟରେ ଶ୍ରମ ସଂପର୍କିତ କାର୍ଯ୍ୟକ୍ରମ ଓ ପଦକ୍ଷେପ ସଂପର୍କରେ କିଛି ଆଲୋଚନା ଓ ଉଲ୍ଲେଖ କରିବା ବୋଧହୁଏ ଏଠି ଏକାନ୍ତ ପ୍ରାସଙ୍ଗିକ ହେବ ।

(କ) କୃଷିଜୀବୀଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମିତ୍ତ ଓଡ଼ିଶାରେ ବୃହତ୍ ତଥା କେତେକ ମଧ୍ୟମ ଜଳ-ସେଚନ ଯୋଜନା ପାଇଁ ୧୯୮୨-୮୩ ଆର୍ଥିକ ବର୍ଷରେ ୮୦ କୋଟି ଟଙ୍କାର ବ୍ୟୟ ବରାଦ ସମେତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୫୯ କୋଟି ଟଙ୍କା ଖର୍ଚ୍ଚ ବ୍ୟବସ୍ଥା, ସ୍ୱାଧୀନତା ପରଠାରୁ ଓଡ଼ିଶାରେ ଏହି ବାବଦକୁ ହୋଇଥିବା ବ୍ୟୟ ବରାଦଠାରୁ ଯେ ସର୍ବାଧିକ ତାହା ନୁହେଁ, ଏହା-ଫଳରେ ୬୭·୨୮ ହଜାର ହେକ୍ଟର ଜମିକୁ ଜଳସେଚିତ କରିହେବ । ଏତଦ୍ ବ୍ୟତୀତ କୃଷି ତଥା ଅଣ ସଙ୍ଗଠିତ ବିଭିନ୍ନ ତଫସିଲଭୁକ୍ତ ସଂସ୍ଥାରେ ନିଯୁକ୍ତ ଅଜ୍ଞ, ନିରକ୍ଷର ଓ ନିଷ୍ପେସିତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ନିମିତ୍ତ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ଗୃହୀତ ପଦକ୍ଷେପ ଅବଧାନ-ଯୋଗ୍ୟ, ଏଠାରେ ସୂଚାଇ ଦିଆଯାଇ ପାରେ ଯେ କୃଷି-କ୍ଷେତ୍ରରେ ନିଯୁକ୍ତ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ଓ ତାର କଠୋର ପରିପାଳନ ପାଇଁ ପଦକ୍ଷେପ ସହିତ, ବିବିଧ ଅଣସଂଗଠିତ ତଫସିଲଭୁକ୍ତ ସଂସ୍ଥାରେ ନିଷ୍ପେସିତ ଦିନ ମଜୁରିଆଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ନିମିତ୍ତ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ଅଧିନାୟକତ୍ୱରେ ଇତ୍ୟବସରରେ, ଇଟା ଓ ଟାଇଲ କାମ କରୁଥିବା, କରତକଳ, ୫୦ରୁ କମ ଲୋକ କାମ କରୁଥିବା ଲଘୁ ଯାନ୍ତ୍ରିକ—ପ୍ରତିଷ୍ଠାନ କେନ୍ଦୁପତ୍ର ତୋଳାଳୀ, କାଠ କଟେଇ, ହୋଟେଲ ରେଷ୍ଟୋରାଁ, ନଦୀବନ୍ଧ ଜଳ ସେଚନ ପ୍ରକଳ୍ପ, ରାସ୍ତା ଘାଟ କୋଠାବାଡ଼ି ନିର୍ମାଣ, ମୁଦ୍ରଣ ଶିଳ୍ପ, ବିଡ଼ିମୋଡାଳୀ, ମଦଭାଟି ଶ୍ରମିକ, ଶାଳ ମଞ୍ଜି ସଂଗ୍ରହ-କାରୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ହାର ନିର୍ଦ୍ଧାରଣ ଓ ସଂଶୋଧନ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହି ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ହାର ପ୍ରଦାନ ନିମିତ୍ତ ପ୍ରଶାସନିକ ତତ୍ପରତା ତଥା ସଂପୃକ୍ତ ଏହିସବୁ ଅଣ ସଂଗଠିତ ତଫସିଲଭୁକ୍ତ ସଂସ୍ଥାର ଶ୍ରମିକମାନଙ୍କୁ ଘୋଷିତ ମଜୁରୀ ହାର ତଥା ସେମାନଙ୍କର ଆଇନତଃ ସ୍ୱାଧିକାର ସଂପର୍କରେ ସଚେତନତା ଆଣିବା ପାଇଁ ବିବିଧ ପଦକ୍ଷେପ ବାସ୍ତବରେ ସର୍ବାଦୌକରଣୀୟ । ଏହାଛଡ଼ା ଏଯାଏ ତଫସିଲଭୁକ୍ତ ସଂସ୍ଥା ରୂପେ ଗୃହୀତ ହୋଇନଥିବା କେତେକ ନୂଆ ଜୀବିକା ପାଇଁ ସର୍ବନିମ୍ନ ମଜୁରୀ ହାର ନିର୍ଦ୍ଧାରଣ ପାଇଁ ସହାୟ ପଦକ୍ଷେପ ଅନ୍ତର୍ଭୁକ୍ତ ।

(ଖ) ଗୋତି ଓ ବେଠି ପ୍ରଥା ଭଳି ସାମାଜିକ କଳଙ୍କର ମୋଚନ ତଥା ଆମ ରାଜ୍ୟର ଏହି କ୍ରୀତଦାସ ସଭ୍ୟତାର ନାଗଫାଶରେ ଆବଦ୍ଧ ଓ ନିପୀଡ଼ିତ ମେହନତୀ ମଣିଷଙ୍କର ମୁକ୍ତି ଓ ଥଇଥାନ ପାଇଁ ଗୃହୀତ ପଦକ୍ଷେପ ଯଥେଷ୍ଟ ନହେଲେବି ଆଶା ସଂଚାରୀ । ଆମ ରାଜ୍ୟରେ ଅଦ୍ୟାବଧି ୯,୪୮୫ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇଅଛି । ୧୯୭୫ରେ ଗୋତି ଶ୍ରମିକ ପ୍ରଥା ଉଚ୍ଛେଦ ଆଇନ ଲାଗୁହେବା ପରଠାରୁ କୋରାପୁଟ ଜିଲ୍ଲାରେ ୩୦୨, କଳାହାଣ୍ଡିରେ ୬୩, କେନ୍ଦୁଝରରେ ୭, ଫୁଲବାଣୀରେ ୧୪୨, କଟକରେ ୫,୦୨ ପୁରୀ ଜିଲ୍ଲାରେ ୯୯୪ ଓ ମୟୁରଭଞ୍ଜରେ ୧,୯୫୬ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇଅଛି । କଟକ ଜିଲ୍ଲାର ୪,୮୮୬ ଜଣ, ପୁରୀ ଜିଲ୍ଲାର ୫୬ ଜଣ ଗୋତିଶ୍ରମିକଙ୍କ ଥଇଥାନ ପାଇଁ କେନ୍ଦ୍ର ସରକାର ଯେଉଁ ୫୮-୬୬ ଲକ୍ଷ୍ୟ ଟଙ୍କା ମଞ୍ଜୁର କରିଛନ୍ତି ତହିଁରୁ ୪୬-୩୩ ଲକ୍ଷ ଟଙ୍କା ଓଡ଼ିଶାକୁ ମିଳିଥିବା ପ୍ରକାଶ । ଏଥିପାଇଁ ଗୋତି ଓ ବେଠି ଖଟୁଥିବା ଶ୍ରମିକଙ୍କର ସଚେତନତା ଓ ନିର୍ଭିକତାର ଆବଶ୍ୟକତା ଯେଉଁଳି, ଗଣ ସଚେତନତା ଓ ସାମାଜିକ ନ୍ୟାପସନ୍ଦର ଗୁରୁତ୍ୱ ସେଉଳି ଅପରିହାର୍ଯ୍ୟ ବୋଲି ଭୁଲିବାର ନୁହେଁ ।

(ଗ) ଆମ ରାଜ୍ୟର ଅଗଣିତ ଆଦିବାସୀ ଓ ହରିଜନ ସଂପ୍ରଦାୟର ଭାଇଭଉଣୀ, ସର୍ବହରା ଭୂମିହୀନ ଓ ମେହନତୀଜୀବୀ, ସେମାନଙ୍କର ଆର୍ଥିକ ଦୁରବସ୍ଥା ଓ କଲ୍ୟାଣ ଯେଉଁଳି ଏକ ଦୟନୀୟ ବ୍ୟାପାର ସେଉଁଳି ଅଗ୍ରାଧିକାର ସାପେକ୍ଷମାଣ; ଏହା ଅସ୍ୱୀକାର କରିବାର ନୁହେଁ । ଏମାନଙ୍କ ସମେତ ଗ୍ରାମାଞ୍ଚଳର ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଥଇଥାନ (E. R. R. P.) କାର୍ଯ୍ୟକ୍ରମରେ ୩କୋଟି ୨୫ ଲକ୍ଷ ୪୨ ହଜାର ଟଙ୍କା ଅର୍ଥ ବ୍ୟୟରେ ୩୮,୩୮୦ ପରିବାରଙ୍କୁ ଥଇଥାନ ପଦକ୍ଷେପ ଓ ୧୯୮୨-୮୩ ଆର୍ଥିକ ବର୍ଷ ମଧ୍ୟରେ ଅଧିକ ୭୧ ହଜାର ଲୋକଙ୍କୁ ଅର୍ଥନୈତିକ ଥଇଥାନର ପର୍ଯ୍ୟବେକ୍ଷିତ ଆଶାନୁରୂପ ପର୍ଯ୍ୟାପ୍ତ ନ ହେଲେବି ପଦକ୍ଷେପ ଯେ ସମୟୋପଯୋଗୀ ଓ ସକ୍ରିୟ ଏଥିରେ ସନ୍ଦେହର ଦ୍ୱିରୁକ୍ତି ନ ଥାଇପାରେ । ଏତଦ୍ ବ୍ୟତୀତ ଆଦିବାସୀ ଉପଯୋଜନାର ୧୯୮୨-୮୩ ଆର୍ଥିକ ବର୍ଷ ମଧ୍ୟରେ ୮୭ ହଜାର ସର୍ବହରା ଆଦିବାସୀ ମେହନତୀ ପରିବାରଙ୍କୁ ବିଭିନ୍ନ ଆୟକାରୀ ପରିକଳ୍ପନାର ପରିସରଭୁକ୍ତ କରାଯିବାର ଲକ୍ଷ୍ୟ ଅଭିନନ୍ଦନୀୟ । ଇତ୍ୟବସରରେ ଅଧିକ ଅନଗ୍ରସର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କଲ୍ୟାଣ ଅଭିପ୍ରାୟରେ ୯ ଟି ମାଇକ୍ରୋ ପ୍ରୋଜେକ୍ଟର କାର୍ଯ୍ୟାରମ୍ଭ ସମୁଦ୍ରକୁ ଶଙ୍ଖେ ହେଲେବି ଏକ କ୍ରାନ୍ତିକାରୀ ପଦକ୍ଷେପ ସ୍ୱରୂପ ।

(ଘ) ସେମାନେ ବି ଗରିବ, ଦାରିଦ୍ର୍ୟର ସୀମାରେଖା ତଳେ । ପରିବାର କଲ୍ୟାଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଆମେ ତାଙ୍କ କଥା ଏତେ ଭାବୁନା, ଯଦିଓ ଆମେ ସୁହୁଁ-ଉଚିତ । ଥାଇ ଏକ ଗରିବ ପରିବାର ଉପରେ ବୋଝ କମ ରହିବା ଉଚିତ । ଜନସଂଖ୍ୟା ଯେତେ ବଢ଼ିବ, ସେହି ପରିମାଣରେ ଜିନିଷ ପତ୍ରର ଆବଶ୍ୟକତା ବଢ଼ିବ, ଅର୍ଥାତ୍ ଅଧିକ ଖାଦ୍ୟ, ଅଧିକ ବସ୍ତ୍ର, ଅଧିକ ଘର ଏବଂ ବ୍ୟୟଭାର ସେହି ତୁଳନାରେ ବୋଝ ଭଳି ମୁଣ୍ଡକୁ ଝୁଙ୍କିବ ମଧ୍ୟ । ସମୟ ଆସିଛି ସେମାନଙ୍କୁ ପରିବାର କଲ୍ୟାଣ ସଂପର୍କରେ ପ୍ରଣୋଦିତ କରି ସ୍ୱେଚ୍ଛାକୃତ ଭାବେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସାମିଲ କରି ଏହି ଲକ୍ଷ୍ୟକୁ ଏକ ଜନ ଆନ୍ଦୋଳନର ରୂପ ପ୍ରଦାନ କରିବାରେ, ଯେଣୁ ସେମାନେ ବି ଆମଭଳି ଜଣେ ଜଣେ ନାଗରିକ ଓ ଶିଳ୍ପ ସମାଜ ମଧ୍ୟ ଆମ ସମାଜ ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗ ।

(ଙ) ଆମ ସମ୍ବିଧାନର ୧୬ ଧାରା ଅନୁଯାୟୀ ରୋଜଗାର ଓ ଜୀବନ ଧାରଣ ପାଇଁ ପୁରୁଷମାନଙ୍କ ଭଳି ମହିଳାମାନଙ୍କର ସମାନ ଅଧିକାର, ସମାନ ସୁବିଧା, ସ୍ୱାସ୍ଥ୍ୟ ଓ କାର୍ଯ୍ୟଦକ୍ଷତାର ଦୁରୁପଯୋଗ ନ କରିବା, ମାତୃତ୍ୱ-ଅସୁସ୍ଥତା, ଗର୍ଭାବସ୍ଥା ବା ପୁନରୁତ୍ପାଦନ ସ୍ତରରେ ଆବଶ୍ୟକୀୟ ସୁବିଧାଦି ପ୍ରଦାନର ସୁବ୍ୟବସ୍ଥା ସୁନିଶ୍ଚିତ, ଏହି ଆଭିମୁଖ୍ୟ ନେଇ ଶ୍ରମନିରତ ମହିଳା ଶ୍ରମିକାଙ୍କ ନିଯୁକ୍ତି, ନିୟନ୍ତ୍ରଣ ଓ କଲ୍ୟାଣ ନିମିତ୍ତ କାରଖାନା ଆଇନ ୧୯୪୮ ର ୬୬ ଧାରାରେ ସକାଳ ୬ଟା ପୂର୍ବରୁ ଏବଂ ସଂଧ୍ୟା ୭ଟା ପରେ କାରଖାନାରେ ମହିଳା ଶ୍ରମିକଙ୍କ ନିଯୁକ୍ତି ଉପରେ କଟକଣା, ଖଣି ଆଇନ ୧୯୫୨ର ୪୬ ଧାରାନୁଯାୟୀ ଖଣି ତଳେ ସନ୍ଧ୍ୟା ୭ଟା ପରେ ଓ ସକାଳ ୬ଟା ପୂର୍ବରୁ ନ ଖଟାଇବାର କଟକଣା, ସେମାନଙ୍କ ଜୀବନ ଓ ସ୍ୱାସ୍ଥ୍ୟକୁ ବିପନ୍ନ କଲଭଳି କାମ ନ କରାଇବାର ନିଷିଦ୍ଧ ବ୍ୟବସ୍ଥା, ପାଇଖାନା, ମୂତ୍ରାଗାର ଶୌଚ ସୁବିଧା, ପ୍ରସୂତିହିତ ଆଇନ ୧୯୬୧ ଅନୁଯାୟୀ ବିବିଧ ସୁବିଧା ସମେତ ସମାନ କାମ କରୁଥିବା ପୁରୁଷ ଶ୍ରମିକଙ୍କ ଭଳି ସମାନ ମଜୁରୀ ପ୍ରଦାନର କଟକଣା ସମାନ ମଜୁରୀ ଆଇନ ୧୯୭୫ ଅନୁଯାୟୀ ନିୟନ୍ତ୍ରିତ । ମହିଳା ଶ୍ରମିକଙ୍କର କଲ୍ୟାଣ ଓ ଉନ୍ନୟନର ଅର୍ଥ ହେଉଛି, ସେମାନଙ୍କର ସ୍ୱାଧିକାର ଓ ସୁରକ୍ଷା ସଂପର୍କିତ ସକଳ କ୍ଷେତ୍ରରେ ଉନ୍ନତି ସାଧନ କରିବା, ଶ୍ରମନିରତ ମହିଳାମାନଙ୍କର ସର୍ବାଙ୍ଗୀନ କଲ୍ୟାଣ ସାଧନ ହେଲେ ଆମର ସାମାଜିକ ତଥା ଅର୍ଥନୈତିକ ପ୍ରଗତିର ସମନ୍ୱିତ ପଥ ଯେ ଉନ୍ମୋଚିତ ହେବ ଏହା ହୃଦୟଙ୍ଗମ ଓ ସକ୍ରିୟ କାର୍ଯ୍ୟକ୍ରମ— ସାପେକ୍ଷମାଣ, ଏହା କହିବା ନିଷ୍ପ୍ରୟୋଜନ । ଏହି ଆଭିମୁଖ୍ୟ ନେଇ ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ ପକ୍ଷରୁ ସମାନ ମଜୁରୀ ଆଇନ, ୧୯୭୫, ପ୍ରସୂତିହିତ ଆଇନ, ୧୯୬୧ ତଥା ଅପ୍ରାପ୍ତ ବୟସ ଶିଶୁ ଶ୍ରମିକ ନିଯୁକ୍ତି ଆଇନ ୧୯୪୮ର ପରିପାଳନ କ୍ଷେତ୍ରରେ ଆରୋପିତ ଗୁରୁତ୍ୱ ଓ ଅଗ୍ରାଧିକାର ଉପେକ୍ଷା କରିବାର ନୁହେଁ ।

(ଚ) ଦରଦାମ ଯେ ଆମକୁ କେବଳ ବାଧେ ଓ ସ୍ୱଳ୍ପ ରୋଜଗାରିଆ ଶ୍ରମିକ ପରିବାରକୁ ବାଧେନି ଏହା ଭାବିବା ଅବିବେକୀର କଥା । ମଜୁରୀ ବଢ଼ିଲେ ବି ଗୁଜୁରାଣ ପାଇଁ ତାହା ନିଅଣ୍ଟ । ଯେଣୁ ଦରଦାମ ବଢ଼ିଛି ମଜୁରୀ ମଧ୍ୟ ଅଧିକ ବଢ଼ିଯାଉ । ଏଣୁ ସୁଲଭ ମୂଲ୍ୟ ଦୋକାନ ଜରିଆରେ ଅତ୍ୟାବଶ୍ୟକୀୟ ଖାଉଟି ଜିନିଷ ଯୋଗାଇ ଦେବାର କାର୍ଯ୍ୟକ୍ରମ ଏକ ଅଭିନବ ଅର୍ଥନୈତିକ

କାର୍ଯ୍ୟକ୍ରମ । ଏଥିପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କର ସହୃଦୟତା, ସଂପୃକ୍ତ ଯୋଗାଣ କର୍ତ୍ତୃପକ୍ଷଙ୍କ ସକ୍ରିୟତା, ଶ୍ରମିକଙ୍କର ହାର୍ଦ୍ଦିକ ପ୍ରୟୋଗ ମନୋଭାବ ସବୁଠୁ ବେଶୀ ଅପରିହାର୍ଯ୍ୟ ।

(ଛ) ଆମ ରାଜ୍ୟର ଅଗଣିତ ମେହନତି ମଣିଷ ହସ୍ତତନ୍ତ ଓ କ୍ଷୁଦ୍ର ଗ୍ରାମ୍ୟ ଶିଳ୍ପ ଜୀବିକାକୁ ଆଶ୍ରାକରି ଚଳନ୍ତି । ଏହି ଆଭିମୁଖ୍ୟ ପରିପ୍ରେକ୍ଷୀରେ ୧୯୮୧ ଡିସେମ୍ବର ଶେଷ ସୁଦ୍ଧା ୭,୫୦୦ଟି ହସ୍ତତନ୍ତ ସମବାୟ ଆମ ରାଜ୍ୟର ପରିସରଭୁକ୍ତ କରାଯାଇଥିବା ସର୍ବୋପରି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତା'ଛଡା ଏହି ସମୟ ମଧ୍ୟରେ ୭୦୦୦ ହସ୍ତତନ୍ତର ଆଧୁନିକୀକରଣ କରାଯାଇଥିବା ପ୍ରକାଶ ।

ଜିଲ୍ଲା ଶ୍ରମାଧିକାରୀ (ପୁରୀ)
ଭୁବନେଶ୍ୱର

(ଜ) ୧୯୮୨କୁ ଉତ୍ପାଦନ ବର୍ଷ ରୂପେ ଘୋଷଣା କରିବା ଯେଉଳି ଗୁରୁତ୍ୱପୂର୍ଣ୍ଣ ସେଉଳି ସମୟୋପଯୋଗୀ ମଧ୍ୟ । ପ୍ରତ୍ୟେକ ମେହନତି ମଣିଷ ଓ ସଂପୃକ୍ତ ପରିଚାଳନା କର୍ତ୍ତୃପକ୍ଷ ଭୁଲିଯିବା ଅନୁଚିତ ଯେ ଅନୁଶାସନ ହିଁ ଅଧିକ ଉତ୍ପାଦନର ଆଧାର । ଶିଳ୍ପର ଦୁଇ ଅଂଶୀଦାର ମାଲିକ ଓ ଶ୍ରମିକ ଦକ୍ଷତା ବୃଦ୍ଧି ଓ ଧାର୍ଯ୍ୟ ଉତ୍ପାଦନ କ୍ଷମତାର ପୂର୍ଣ୍ଣ ବିନିଯୋଗ କରିଆରେ କେବଳ ରାଷ୍ଟ୍ରାୟତ୍ତ ନୁହେଁ ଅଣରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ବିକାଶ ସାଧନରେ କାୟମନୋବାକ୍ୟରେ ବ୍ରତୀ ହେବା ବିଧେୟ । ଏଥିପାଇଁ ଉଭୟ ଅଧିକ ପରିଶ୍ରମୀ ଓ କର୍ତ୍ତବ୍ୟନିଷ୍ଠ ହେବା ଆବଶ୍ୟକ । ଆମର ଜାତୀୟ ସ୍ୱାର୍ଥ ଓ ସମୃଦ୍ଧି ପାଇଁ ସତ୍ୟମେବ ଜୟତେ ବଦଳରେ ଶ୍ରମମେବ ଜୟତେ ଆଭିମୁଖ୍ୟ ହେଉ ।


# GET GOING WITH O. S. I. C.

FROM CONCEPT TO MARKET
FROM PRODUCT TO EXPORT
WE ARE WITH YOU FROM THE WORD GO

** Consultancy

Preparation of project feasibility reports undertaken. Total support in getting such reports cleared by Financing institutions ensured. We also evaluate reports of specialised consultancy organisations for the benefit of entrepreneurs and administer State Government subsidy on this account.

** Investment

We participate in Joint Sector SSI units in select of items. Our existing projects are Orissa Tool & Engg. Co., Konark Detergents & soaps Ltd., Invest equity capital in sophisticated SSI units. Invest in sick units for their revival. Besides we have invested in our own manufacturing units like Konark T. V., Rehabilitation Industries, Orissa Pump & Engineering Unit and General Engineering and Scientific Works.

** Raw-material

We are the main source of scarce and controlled raw-materials like iron & steel/caustic soda/wax/tallow zinc etc. for the SSI sector from widely dispersed depots. We are shortly adding new items like paper/ Ferrous/Non-ferrous/scrap/mineral/Tarpentine oil/Basic drugs/Rubber, etc.

** Marketing & Sub-contracting Exchange

We procure orders for distribution to SSI units. Achievement in current year likely to exceed Rs. 1·00 crore. Our programme includes (i) taking up construction jobs on turn-key basis, (ii) participating in DGS & D and Railway purchase programme, (iii) Agency function for procurement of orders for products of SSI units in State and National market, (iv) participation in Trade Fairs etc.

** Export

A recognised Export House. We already export handicrafts and Handlooms. We now plan to diversify into export of readymade garments in a big way. Action for exporting suitable engineering and other products of SSI units is being taken up.

THE MANY FACETS OF SERVICE TO THE SMALL SCALE SECTOR
AT O. S. I. C., WE UNDERSTAND IT BETTER

THE ORISSA SMALL INDUSTRIES CORPORATION LTD,
(A Government of Orissa Undertaking)
BARABATI STADIUM, CUTTACK-753005

Phone—20818 Grad—UDYOG Telex—0676-226









ଯୋଡା ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ଶ୍ରମ ରାଷ୍ଟ୍ରମନ୍ତ୍ରୀ
ର ଉନ୍ନୟନ ମନ୍ତ୍ରୀଙ୍କୁ ୧୬.୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ବଡ଼ଙ୍ଗୀ ସେତୁର ଭିତ୍ତି ସ୍ଥାପନ କରୁଛନ୍ତି ।




ଅଳକା ମହାବିଦ୍ୟାଳୟ ସୌଧ ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ।



# ନ ଦେଖିଲେ ବିଶ୍ୱାସ ହୁଏନା

**ଶ୍ରୀ ଗୌରୀଶଙ୍କର ମହାପାତ୍ର**

କେଉଁ କାଳରେ ବୁଢ଼ୀ ମା' କାହାଣୀ ପେଡ଼ି ଖୋଲି ଦେଲାବେଳେ କହିଥିଲା "ସତ କହିବି ନା ମିଛ କହିବି, ନା ଅଙ୍ଗେ ନିଭେଇବା କଥା କହିବି" ? ଆଜିର ଏ କାହାଣୀ ମିଛ ନୁହେଁ, ନ ଦେଖିଲେ ସତ ବୋଲି ବିଶ୍ୱାସ ହେବନି, ଏହା ଏକ ଅଙ୍ଗେ ନିଭେଇବା କାହାଣୀ ।

ପାଣ୍ଠନଗର ଜାତୀୟ ରାଜପଥରେ ରମ୍ଭା ଓ ହୁମା ମଝିରେ ପାଲୁର ଗଡ଼ ଛକ । ଏହିଠାରୁ ଏକ ପୂର୍ତ୍ତ-ବିଭାଗ ରାସ୍ତା ଯାଇଛି ବୁଢ଼ୁଗିରି ପର୍ଯ୍ୟନ୍ତ ମାଲୁଦ ଦେଇ । ବୁଢ଼ୁଗିରିଠାରୁ ମାଲୁଦ ରାସ୍ତା ବର୍ତ୍ତମାନ ଅର୍ଦ୍ଧ ନିର୍ମିତ । ଏହି ରାସ୍ତାରେ ଜାତୀୟ ରାଜପଥଠାରୁ ଆଠ କିଲୋମିଟର ଦୂରରେ ଅରୁଣ ଗାଁ । ଏହି କାହାଣୀ ଅରୁଣପୁର ଗାଁର ଏକ ଦରିଦ୍ର ପରିବାରର । ସେମାନଙ୍କର ଲୁହ ଛୁହର କାହାଣୀ—ସୁଖ ଦୁଃଖର କାହାଣୀ ।

ଅରୁଣପୁର ଗାଁର ବୃନ୍ଦାବନ ସାହୁ । ଜାତିରେ ତେଲି, ଯୁବକ । ପରିବାର ବୋଇଲେ ବଡ଼ୀମା, ଯୁବତୀ ସ୍ତ୍ରୀ ଓ ଗୋଟିଏ ପିଲା । ଏହି ଛୋଟ ପରିବାରଟି ପରିପୋଷଣ ମଧ୍ୟ ବୃନ୍ଦାବନ ପକ୍ଷରେ ସମ୍ଭବପର ହେଉ ନାହିଁ । ଜମିତ ଗୋଟେ ନାହିଁ । ନିଜର ଚୌକିଆ ଧନ୍ଦା କରିବା ପାଇଁ ଭାବିଥିଲା । ଆଜିର ଏହି ହୋଟେଲ ଯୁଗରେ ବିଶେଷତଃ ମଫସଲ ଯାଗାରେ ତାର ତିଆରି ଗୁଲୁଗୁଲା, ଲଡୁ କିଣିବ କିଏ ? ହୋଟେଲ କରିବା ପାଇଁ ପଇସା ବା ସେ ପାଇବ କାହୁଁ ?

ଶେଷରେ ବୃନ୍ଦାବନ ନିଷ୍ପତ୍ତି କଲା, ସେ ... କାମ କରିବ । ଅଣ୍ଟାରେ ଗାମୁଛା ଭିଡ଼ି ସେ ବାହାରି ପଡ଼ିଲା । ଯେଉଁଠି କାମ ମିଳିଲା କଲା । ତାର କେତେ ଲୋକ ତ କାମ ପାଇଁ ବୁଲୁଛନ୍ତି । କାମ ବା ସବୁଦିନ ମିଳିବ କେଉଁଠି ? ମାସରେ ଅଣା, ନବେ ଟଙ୍କା ରୋଜଗାର ହୁଏ । ଆଜିର ମହଙ୍ଗା ଯୁଗରେ ଚାଉଳ କିଣିବା ପାଇଁ ଏହି ପଇସା ନିଅଣ୍ଟ । ସେ କେବେ କ୍ଷୀରି ପୁରି ଖାଇବା ଆଶା କରିନି । ପଖାଳ, ପିଆଜ ଲୁଣ ପାଇଁତ ପଇସା ଦରକାର । ସେଥିରେ ବୁଢ଼ୀମାର ବାଧକା ପାଇଁ ଔଷଧ କିଣିବାକୁ ପଡ଼ିବ । ସବୁତାର ଏଇ ସାମାନ୍ୟ ରୋଜଗାରରୁ ।

କ୍ରମେ ତାର ବଳିଷ୍ଠ ମାଂସପେଶୀ ଶିଥିଳ ହୋଇ ଆସିଲା । ଖାଲି ପେଟରେ ମୁଣ୍ଡ ଫଟା ଖରାରେ ମାଟି ହାଣିଲା ବେଳେ ସେ ଭାବେ ତାର ପିଲାଦିନର କଥା । ପିଲାଦିନେ ସ୍କୁଲରେ ପଢ଼ିଲା ବେଳେ ଗୁରୁଜୀ କହୁଥିଲେ ସ୍ୱାଧୀନ ଭାରତରେ ଶୋଷଣ ରହିବ ନାହିଁ, ଲୋକେ ସୁଖରେ ରହିବେ, ରାମ ରାଜ୍ୟ ପ୍ରତିଷ୍ଠିତ ହେବ । କାହିଁ ସେ ରାମ ରାଜ୍ୟ ? ତା' ହାତଧରି ଯିଏ ଘରକୁ ଆସିଥିଲା—ସେ ମଧ୍ୟ ମନରେ କେତେ ସବୁଜ କଳ୍ପନା କରି ନ ଥିବ । ଆଜି ଅକାଳରେ ତାର ଯୌବନ ନଷ୍ଟ ହୋଇଛି । ଦେହ ଢାଙ୍କିବାକୁ ସାତସିଆଁ ଲୁଗା ଦି' ଖଣ୍ଡ ମଧ୍ୟ ମିଳୁନି ।

କେତେ ନିର୍ବାଚନ ଆସିଛି–ଯାଇଛି । କେତେ ଲୋକ ଆସନ୍ତି, ଭୋଟ ମାଗି କହନ୍ତି ସ୍ୱାଧୀନ ଭାରତର ପ୍ରକୃତ ସରକାର ଲୋକମାନେ । ସେମାନେ ତାଙ୍କୁ ଭୋଟ ଦେଲେ ସବୁ ସମସ୍ୟାର ସମାଧାନ ହୋଇଯିବ । ଭୋଟ ହୁଏ, ଲୋକେ ଭୋଟ ପାଇ ଯାଆନ୍ତି । କାହିଁ ତାର ତ ଦୁଃଖ ଘୁଞ୍ଚେନି, ତାକୁ ଘଣ୍ଟେ ଖାଇବାକୁ କି ଖଣ୍ଡେ ପିନ୍ଧିବାକୁ ମିଳେନି । ସେ ବୁଝି ପାରେନି ସେ କିପରି ଗଣତନ୍ତ୍ରର ସର୍ବମୟ କର୍ତ୍ତା; ସେ କିପରି ସରକାର ଗଢୁଛି !

ଏହି ଦୁଃଖ ଦୁର୍ଦ୍ଦଶା ଭିତରେ ଆସିଲା ୧୯୮୦ର ନିର୍ବାଚନ । ଏଥର ମଧ୍ୟ ସେ ଭୋଟ ଦେଇଥିଲା । ମନରେ ଆଗ୍ରହ ନ ଥାଇ ଭୋଟ କେନ୍ଦ୍ରକୁ ଯାଇଥିଲା । ହଁ–କେତେ ଭୋଟ ଗଲଣି । ଏଥରବା କଣଟା ହୋଇଯିବ ! କିନ୍ତୁ କିଛି ହେଲା–ଯାହାକି ବୃନ୍ଦାବନର ଭାଙ୍ଗିଲା ମନକୁ ପୁଣି ଗଢ଼ିଲାନି ! ତାହା ଆଣିଦେଲା ତା ମନରେ ପ୍ରବଳ ଆତ୍ମବିଶ୍ୱାସ ।

ତାକୁ ଜାଣିଲେ । ଗରିବ ଲୋକ, ସେମାନଙ୍କ ପାଖକୁ ଯିବାକୁ ତାକୁ ଡର ଲାଗିଥିଲା । ତଥାପି ଗଲା । ବଡ଼ ହାକିମମାନେ ଯେତେବେଳେ ଡାକୁଛନ୍ତି ନ ଗଲେ କଥା ଭଲ ହେବ ନାହିଁ । ଏହା ଭାବିହିଁ ସେ ଯାଇଥିଲା ଏହା ଯେ ତାର କପାଳରେ ଏକ ନୂଆ ମୋଡ଼ ନେବ, ସେତେବେଳେ ସେ ଭାବି ପାରି ନ ଥିଲା ।

ବାବୁମାନେ କେଡ଼େ ଭଲ । ଏତେବଡ଼ ଘୁଡ଼ିଗା- କରି କାହିଁ ନାଲି ଆଖିତ ଦେଖାଉ ନାହାନ୍ତି । ବରଂ ତାର ଦୁଃଖ ମନ ଦେଇ ଶୁଣିଲେ, ସହାନୁଭୂତି ଜଣାଇଲେ । ସେମାନଙ୍କ ସାଥିରେ ଥିଲେ ମାଛ ବିଭାଗର ଜଣେ ବାବୁ । ତାକୁ ସେମାନେ କହିଲେ ଚିଙ୍ଗୁଡ଼ି ଚାଷ କରିବା ପାଇଁ । ଓଡ଼ିଶାରେ ଏପରି ଚାଷ ନୂଆ କଥା ବୋଲି କହିଲେ ଏବଂ ଏଥିପାଇଁ ସରକାର ସବୁ ପ୍ରକାର ସାହାଯ୍ୟ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଲେ । ସେ ରାଜି ହୋଇଗଲା–ଆଗ ପଛ କିଛି ନ ଭାବି ରାଜିହେଲା, କାରଣ ବୁଡ଼ି ଯିବା ଲୋକ କୁଟା ଖିଏ



ଛତ୍ରପୁର ଏସ୍. ଡି. ଓ. ଓ ଗଞ୍ଜାମ ବି. ଡି. ଓ. ତାଙ୍କ ଗାଁକୁ ଆସିଥିଲେ । ତା ପୂର୍ବରୁ ଗରିବ ଲୋକମାନଙ୍କର ଏକ ତାଲିକା ତାଙ୍କ ଗାଁରେ ତିଆରି ହୋଇଥିଲା । ସେ ଗାଁର ସବୁଠାରୁ ଗରିବ ବୋଲି ସମସ୍ତେ କହିଥିଲେ ତାର ତାଲିକା ଲୁଆବେ ବି. ଡି. ଓ. ତିଆରି କରିଥିଲେ । ସେହି ତାଲିକା ପଢ଼ି ଏସ୍. ଡି. ଓ. ଆଉ ବି. ଡି. ଓ.

ପାଇଲେ ତାକୁ ଧରିବା ପାଇଁ ଚେଷ୍ଟା କଲାପରି, ତା'ର ଭୋକିଲା ପେଟରେ ଦାନା ଟିକିଏ ପାଇବା ପାଇଁ ଯାହା କରିବାକୁ ଯିଏ କହିଲେ ମଧ୍ୟ ସେ ରାଜି ହୋଇ ଥାଆନ୍ତା ।


ଗାଁ ଲୋକେ ଶୁଣିଲେ–ହସିଲେ । ଆରେ ଚିଲିକାରେତ ଆଉ ଚିଙ୍ଗୁଡ଼ି ଦେଖୀ ପଡୁନି । ଏ ପୁଣି ଜାତିରେ ପୁଡ଼ିଆ । ପୁଅ ଚିଙ୍ଗୁଡ଼ି ଚାଷ କରିବ ।

ଚିଙ୍ଗୁଡ଼ି ଗଛ ହୋଇ ସେଥିରେ ଫଳିବ ! କିଏ ସିନା ମାଛ ଚାଷ କରେ କି ଜମିରେ ଫସଲ ଲଗାଏ । ଚିଙ୍ଗୁଡ଼ି ଚାଷ ପୁଣି କ'ଣ ? ବୃନ୍ଦାବନର ମନ ଫିକା ପଡ଼ିଗଲା । ସତରେ ସେ କଣ ମରୀଚିକା ପଛରେ ଧାଉଁଛି ।

ବାବୁମାନେ ଗାଁର ଗୋଟିଏ ଛୋଟିଆ ପୋଖରୀ ତା ପାଇଁ ବାଛିଲେ । ୧୦ ବର୍ଷ ପାଇଁ ଏହି ସରକାରୀ ପୋଖରୀଟି ତାକୁ ଲିଜ୍ ଦିଆଗଲା । ପୋଖରୀଟି ପୋତି ହୋଇ ଯାଇଥିଲା ନାଁ ତାର ଭୀମପୁର ବନ୍ଧ । ପାଣି ରହେ ମାତ୍ର ପଚାଶ ସେଣ୍ଟ ଜାଗାରେ । ପୋଖରୀ ଖୋଳେଇ ଓ ମରାମତି କାମ ଚାଲିଲା । ୧୯୮୧ ଜୁନ୍ ପହିଲା ଦିନ କାମ ଆରମ୍ଭ ହୋଇ ମାସ ଶେଷ ସୁଦ୍ଧା କାମ ଶେଷ ହୋଇଗଲା । ପୋଖରୀ ଖୋଳାରେ ୪ ହଜାର ୫ ଶହ ଟଙ୍କା ଓ ଲିଜ୍ ପାଇଁ ଶହେ ଟଙ୍କା ଖର୍ଚ୍ଚ ହେଲା । ସବୁ ଟଙ୍କା ସରକାର ସାହାଯ୍ୟ ଆକାରରେ ଦେଲେ । ନ ଦେଲେ ସେ ବା କଣ କରିପାରି ଥାଆନ୍ତା । ପେଟକୁ ଯାହାର ଦାନା ମୁଠେ ମିଳୁନି, ସେ ବା ପୋଖରୀ ଖୋଳାଇବା କଥା କେମିତି ଭାବି ପାରି ଥାଆନ୍ତା । ବୃନ୍ଦାବନ ଅନ୍ୟମାନଙ୍କସହ ମିଶି ପୋଖରୀ ଖୋଳାରେ ଲାଗି-ଗଲା । ନିଜର ପୋଖରୀ । ତାକୁ ଖୋଳିବାକୁ ଯେପରି ତାହାର ଦୁର୍ବଳ ଦେହରେ ଭୀମର ବଳ ଆସିଗଲା । ସେ ମଜୁରୀ ପାଏ । ସେଇ ହିଁ ତା ପାଇଁ ଯଥେଷ୍ଟ । ଅନ୍ତତଃ ଚାଉଳ କି ମାଣିଆ ଗଣ୍ଡେ କିଣି ପ୍ରତିଦିନ ଖାଇବାକୁ ତ ଗଣ୍ଡେ ମିଳୁଛି ।

ସେ ଦିନ ତାର ମନେ ଅଛି । ଅକ୍ଟୋବର ୨୭ ତାରିଖ । ସରକାରୀ ସାହାଯ୍ୟରେ ଶହେ ଟଙ୍କାର ଚିଙ୍ଗୁଡ଼ି ଯାଆଁଳ କିଣା ହୋଇ ଆସିଲା । ପୋଖରୀରେ ଛଡ଼ାଗଲା । ନ ଶୁଣିବା ନ ଜାଣିବା କଥା । ବି. ଡି. ଓ. ତିନି ଶହ ଟଙ୍କାର ସାର କିଣି ପଠେଇଥିଲେ । ଏହା ମଧ୍ୟ ପୁରାପୁରି ସରକାରଙ୍କ ପକ୍ଷରୁ । ପୋଖରୀରେ ପକାଗଲା ।

ତା'ପରେ ଆସିଲା ତାର ଆଶା ଆକାଂକ୍ଷାର ଦିନ । ୧୯୮୨ ମସିହା ଜାନୁଆରୀ ୧୪ ଓ ୧୫ ତାରିଖ ଦିନ ପୋଖରୀରେ ଚିଙ୍ଗୁଡ଼ି ଧରାହେଲା । ବାଲୁଗାଁରୁ ବ୍ୟବସାୟୀମାନେ ଆସିଥିଲେ, ଚିଙ୍ଗୁଡ଼ି କିଣିନେବା ପାଇଁ । ସରକାରୀ ବାବୁମାନେ ସେମାନଙ୍କୁ ଖବର ଦେଇଥିଲେ । ଧରା ହେଲା ୪୧ କେ. ଜି. ଚିଙ୍ଗୁଡ଼ି । କିଲୋ ଟ ୫୮ଙ୍କା ହିସାବରେ ବିକ୍ରୀ ହେଲା ଟ ୨୩୭୮ଙ୍କାରେ । ବାପ୍‌ରେ ବାପ୍ । ଏତେ ଟଙ୍କା ବୃନ୍ଦାବନ ଜୀବନରେ ଏକାଠି କେବେ ଦେଖିନଥିଲା ! ପୁଣି ଏସବୁ ଟଙ୍କା ତା'ର । ବୃନ୍ଦାବନ ଆଖିରୁ ବୋହିଗଲା ଟପ୍ ଟପ୍ ଲୁହ । ସେ ଲୁହ ଆନନ୍ଦର ଲୁହ । ସେ ମନେ ମନେ କୃତଜ୍ଞତା ଜଣାଇଲା ଭଗବାନଙ୍କୁ ଓ ବର୍ତ୍ତମାନର ସରକାରଙ୍କୁ ! ସେ ଆଜି ବୁଝିଲା—ସରକାର ତା'ପରି



ଗରିବଙ୍କ କଥା ଭାବୁଛନ୍ତି । ସେମାନଙ୍କ ଦୁଃଖ ଦୂର କରିବା ପାଇଁ କାମ କରୁଛନ୍ତି । ତାପରେ ଆଉ ଥରେ ଚିଙ୍ଗୁଡ଼ି ଧରାଗଲା ବିକ୍ରୀ ହେଲା ମଧ୍ୟ । ସମୁଦାୟ ବିକ୍ରୀ ଟଙ୍କା ହେଲା ଟ ୨୫୫୦ଙ୍କା । ବୃନ୍ଦାବନ ତାର ଋଣ ବାବତରେ ଥିବା ୬ ଶହ ଟଙ୍କା ସୁଝିଦେଲା । ଏହି ଟଙ୍କା ସେ ପୂର୍ବରୁ ଋଣ କରିଥିଲା ପିଲାମାନଙ୍କ ମୁହଁରେ ପେଜ ପଖାଳ ଟିକିଏ ଦେବା ପାଇଁ !

ପ୍ରଥମଥର ପୋଖରୀରେ ଛଡ଼ା ଯାଇଥିଲା ତିନି-ହଜାର ପାଞ୍ଚ ଶହ ଚିଙ୍ଗୁଡ଼ି ଯାଆଁଳ । ଫେବୃଆରୀ ମାସରେ ଆଉ ଥରେ ପାଞ୍ଚହଜାର ଯାଆଁଳ ଛଡ଼ା ଗଲା । ଏ ବାବଦ୍ ଟ ୧୨୦ ଙ୍କା ବୃନ୍ଦାବନ ଏଥର ନିଜର ଲାଭ ଟଙ୍କାରୁ ଦେଲା । ଆଉ ସବୁବେଳେ ସରକାରଙ୍କ ଉପରେ ନିର୍ଭର କଲେ ତ ଚଳିବନି । ଗାଁ ଲୋକଙ୍କୁ ତାର ସାଫଲ୍ୟ ବିସ୍ମିତ କଲା । ବୃନ୍ଦାବନ ଭାବିଲା ଏଥର ପୋଖରୀ ଜଗିବା ଦରକାର । ନଚେତ୍ ଚିଙ୍ଗୁଡ଼ି ଯଦି ଚୋରି ହୋଇଯାଏ । ଶହେଟଙ୍କା ଖର୍ଚ୍ଚ କରି ପୋଖରୀ କୂଳରେ ସେ ଏକ କୁଡ଼ିଆ ତିଆରି କଲା । ଏହିଠାରେ ରହି ତାକୁ ପୋଖରୀକୁ ଜଗିବାକୁ ପଡ଼ିବ ।

ଆଉ ବାକି ଟଙ୍କା–ନାଁ ବାକି ଟଙ୍କା ଖର୍ଚ୍ଚ ନ କରି ଭବିଷ୍ୟତ ପାଇଁ ଜମା ରଖିବାକୁ ପଡ଼ିବ । ଦିନବେଳେ ସେତ ପୂର୍ବପରି କାମ କରି ନିଜର ଗୁଜୁରାଣ ମେଣ୍ଟେଇ ପାରିବ । ସେ ବି. ଡି. ଓ.ଙ୍କୁ ଅନୁରୋଧ କଲେ ଏହି ଟଙ୍କା ତା ନାଁରେ ଡାକଘରେ ଜମା କରିଦେବା ପାଇଁ ବ୍ଲକର ମତ୍ସ୍ୟ ବିଭାଗୀୟ ସଂପ୍ରସାରଣ ଅଧିକାରୀ ଓ ତା ନାମରେ ଏକ ମିଳିତ ଜମା ଖାତା ଖୋଲାଗଲା ଡାକଘରେ, ଯେଉଁଥିରେ ୧୬ଶହ ଟଙ୍କା ଜମା ରଖାଗଲା ଭଗବାନ କଲେ ମଇ ମାସରେ ଆଉ ୩ ହଜାର ଟଙ୍କା ରୋଜଗାର କରି ପାରିବ ଏହି ପୋଖରୀରୁ । ବର୍ଷରେ ୩ ଥର ବା ୪ ଥର ଚିଙ୍ଗୁଡ଼ି ଚାଷ କରି ବେଶୀ ନ ହେଲେ ମଧ୍ୟ ଅନ୍ତତଃ ଆଠହଜାର ଟଙ୍କା ତ ମିଳିବ ।

ଆଜି ବୃନ୍ଦାବନ, ତା' ବୁଢ଼ୀମା ଓ ପିଲାପିଲିଙ୍କ ମୁହଁରେ ହସ ଫୁଟି ଉଠିଛି ।


କେବଳ ବୃନ୍ଦାବନ ନୁହେଁ, ପଲ୍ଲୀ ଅଞ୍ଚଳର ବହୁ ଦରିଦ୍ର ପରିବାର ଅର୍ଥନୈତିକ ପୁନର୍ବସତି ଯୋଜନା ଫଳରେ ଆଜି ଉପକୃତ ହୋଇପାରିଛନ୍ତି । ସେମାନେ ଆଜି ପେଟ ପାଇଁ ସାହୁକାରଙ୍କ ହାତ ପାଦ ନାହାନ୍ତି, ମଣିଷ ପରି ମଣିଷ ଏହା ପାଇଁ ସେମାନଙ୍କ ନିକଟରେ ଆଜି ସମ୍ବଳର ଅଭାବ ନାହିଁ । ସେମାନଙ୍କର ଦୁଃଖ ଦୂର ହୋଇଛି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ
ଛତ୍ରପୁର, ଗଞ୍ଜାମ ।

( ପଲ୍ଲୀର ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ପୁନର୍ବସତି ଯୋଜନା ଆଜି ସୃଷ୍ଟି କରିଛି ଏକ ଅର୍ଥନୈତିକ ଓ ସାମାଜିକ ବିପ୍ଳବ । ଏହି ଯୋଜନା ମାଧ୍ୟମରେ ପରୀକ୍ଷାମୂଳକ ଭାବରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ସବ୍‌ଡିଭିଜନର ଅରୁଣପୁର ଗାଁରେ ବୃନ୍ଦାବନ ସାହୁଙ୍କୁ ଏକ ପୋଖରୀ ଦଶ ବର୍ଷ ପାଇଁ ଲିଜ୍ ଦେଇ ଚିଙ୍ଗୁଡ଼ି ଚାଷ କରା ଯାଇଥିଲା । ଏହି ଯୋଜନାରେ ଚିଙ୍ଗୁଡ଼ି ଚାଷ ଓଡ଼ିଶାରେ ଏହା ପ୍ରଥମ ଘଟଣା । ପୋଖରୀ ଦେଖି ସାରି ଶ୍ରୀ ସାହୁଙ୍କ ପରିବାର ସହ ସାକ୍ଷାତ୍ କରି ସାରିବା ପରେ ତାଙ୍କର ଜୀବନରେ ଏହା ଯେଉଁ ପରିବର୍ତ୍ତନ ଆଣିଛି ତାହା ହିଁ ଏଥିରେ ରୂପାୟିତ ହୋଇଛି । )

ଓଡ଼ିଶାର ଆୟତନ କ'ଣ ହୋଇଥାଉ, ସେ ବିଷୟରେ ଚିନ୍ତା ନ କରି, ଯେଉଁସବୁ ଗୁଣ ଓଡ଼ିଆ ଜାତିକୁ ଦିନେ ଭାରତରେ ଶୀର୍ଷ ଓ ଶ୍ରେଷ୍ଠ ଆସନ ଦେଇଥିଲା ; ଯେଉଁସବୁ ବୈଶିଷ୍ଟ୍ୟ ଏହାର ସ୍ୱତନ୍ତ୍ର ଜାତୀୟତାକୁ ପ୍ରତିଷ୍ଠିତ କରିଥିଲା ; ତାହାର ଆଲୋଚନା, ତାହାର ଉଦ୍‌ବୋଧନ ଓ ତାହାର ବିକାଶ ଆବଶ୍ୟକ । ଏହାର ସାଂସ୍କୃତିକ ବୈଶିଷ୍ଟ୍ୟ ଓ ପରମ୍ପରାକୁ ପୁଷ୍ଟ ଓ ବଳିଷ୍ଠ କରିବା ଆବଶ୍ୟକ ଯେପରିକି, ଓଡ଼ିଆ ଜାତି ଆଧୁନିକ ଭାରତୀୟ ମହାସଂଘରେ ଶ୍ରେଷ୍ଠ ଆସନ ଅଧିକାର କରି ପାରିବ ।

ଜାନକୀ ବଲ୍ଲଭ ପଟ୍ଟନାୟକ




ପିଡିକୁଲି ସୂତାରଙ୍ଗ କାରଖାନାର ଶିଳାନ୍ୟାସ ।



ବେଗୁନିଆ ବ୍ଲକ୍ ସିମରଠାରେ ପୁରୀ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସମିଳନୀ ଓ କ୍ରୀଡ଼ା ଉତ୍ସବରେ ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଚ ।



ରାଜ୍ୟପାଳ ଶ୍ରୀ ସି. ଏମ୍. ପୁନାଚ୍ଚ ଖୋର୍ଦ୍ଧାସ୍ଥିତ କୋଣାର୍କ ଓ୍ୱାଚ ଫ୍ୟାକ୍ଟ୍ରି ବୁଲି ଦେଖୁଛନ୍ତି ।




ଗୋବରା ନଦୀ ସେତୁର ଭିତ୍ତିସ୍ଥାପନ ।

# ଯେଉଁମାନଙ୍କୁ ସମ୍ମାନ ଦେଇ ରାଜ୍ୟ ସମ୍ମାନି

# ରାଜଧାନୀରେ ସାହିତ୍ୟିକ ଓ କଳାକାରୁ

# ମାନଙ୍କର ଅପୂର୍ବ ସମାବେଶ...

## ରାଜ୍ୟର ୧୪୫ ଜଣ ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍‌ଙ୍କୁ ଆଜୀବନ ପେନସନ୍‌ ପ୍ରଦାନ






ଦେଶର ଚିତ୍ରକଳା, ଭାସ୍କର୍ଯ୍ୟ, ସଂସ୍କୃତ, ସାହିତ୍ୟ, କ୍ରୀଡ଼ାକସରତ, ନୃତ୍ୟ, ସଙ୍ଗୀତ, ବାଦ୍ୟ, ଅଭିନୟ କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ଅର୍ଜନ କରି ବର୍ତ୍ତମାନ ଦୁଃସ୍ଥ ଅବସ୍ଥାରେ କାଳାତିପାତ କରୁଥିବା ୨୦୦ ଜଣ ବ୍ୟକ୍ତିଙ୍କୁ ଚଳିତ ଆର୍ଥିକ ବର୍ଷଠାରୁ ମାସିକ ୨୦୦ ଟଙ୍କା ଲେଖାଏଁ ଆଜୀବନ ପେନ୍‌ସନ୍ ଦେବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଭୁବନେଶ୍ୱରସ୍ଥିତ ସୂଚନା ଭବନଠାରେ ଗତ ଅପ୍ରେଲ ୨୩ ତାରିଖ ଦିନ ଅନୁଷ୍ଠିତ ଏକ ମନୋଜ୍ଞ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରଥମ ଦଫାରେ ଏ ଧରଣର ବରିଷ୍ଠ ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ମାନସୂଚକ ପେନ୍‌ସନ୍ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ରାଜଧାନୀଠାରେ ବରିଷ୍ଠ ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍‌ମାନଙ୍କର ଏକ ଅପୂର୍ବ ସମାବେଶ ହୋଇଥିଲା । ପ୍ରତିଭାଧର କଳାକାରଙ୍କୁ ସମ୍ମାନିତ କରି ରାଜ୍ୟ ଆଜି ଗର୍ବିତ ।





# ପୂଜ୍ୟପୂଜା

## ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମ ରାଜ୍ୟ ପକ୍ଷରେ ତଥା ମୋ ପକ୍ଷରେ ଆଜି ଏକ ଆନନ୍ଦର ଦିନ । ଏ ରାଜ୍ୟର ବିଶିଷ୍ଟ ସାହିତ୍ୟିକ, କଳାକାର ନାଟ୍ୟକାର, ଅଭିନେତା, ଅଭିନେତ୍ରୀ, ସଙ୍ଗୀତଜ୍ଞ ଓ କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ କେତେକ ବୟସ୍କ ବ୍ୟକ୍ତିଙ୍କୁ ରାଜ୍ୟ ପକ୍ଷରୁ ଆଜି ସାମାନ୍ୟ ସମ୍ମାନ ପ୍ରଦର୍ଶନ କରାଯାଉଅଛି । ଏ ସମ୍ମାନ ଆପଣମାନଙ୍କର ବହୁ ଦିନର ଦାବୀ । ଆପଣଙ୍କୁ ଏହି ସମ୍ମାନ ପ୍ରଦର୍ଶନ କରି ସରକାର ନିଜକୁ ସମ୍ମାନିତ ମନେ କରୁଛନ୍ତି ।

ଅତି ପ୍ରାଚୀନ କାଳରୁ ସଂସ୍କୃତି ଓ ସଭ୍ୟତା ସଂପର୍କରେ ବହୁ କଥା କୁହା ଯାଉଅଛି । ସାହିତ୍ୟ, ସଙ୍ଗୀତ ଏବଂ କଳା ପାଇଁ ମନୁଷ୍ୟ ସମସ୍ତ ପଶୁ ଏବଂ ପ୍ରାଣୀ ଜଗତ-ଠାରୁ ସଂପୂର୍ଣ୍ଣ ଭିନ୍ନ । "ସାହିତ୍ୟ ସଙ୍ଗୀତ ରସାନଭିଜ୍ଞଃ ସାକ୍ଷାତ୍ ପଶୁ ପୁଚ୍ଛ ବିଷାଣ ହୀନଃ ।" ତେଣୁ ସାହିତ୍ୟ, ସଙ୍ଗୀତ ଏବଂ କଳା କେବଳହିଁ ମନୁଷ୍ୟକୁ ଅନ୍ୟ ପ୍ରାଣୀଙ୍କ-ଠାରୁ ଶ୍ରେଷ୍ଠ ବୋଲି ପ୍ରତିପାଦିତ କରିଛି । ଯେଉଁ ସମାଜରେ ଏହାର ଚର୍ଚ୍ଚା ସବୁଠାରୁ ବେଶୀ, ସେ ସମାଜ ଏବଂ ରାଷ୍ଟ୍ରର ଶ୍ରେଷ୍ଠତ୍ୱ ସେହିପରି ପ୍ରତିପାଦିତ ହୋଇଚି ।

ଆମ ରାଜ୍ୟରେ ଏହିପରି ବହୁ କଳାବିତ୍, କ୍ରୀଡ଼ାବିତ୍ ଏ ରାଜ୍ୟର ସାଂସ୍କୃତିକ ଅଭିବୃଦ୍ଧି ପାଇଁ ବହୁ ଦାନ କରି ଯାଇଛନ୍ତି । ଆଜି କିନ୍ତୁ ସେମାନେ ଅତି ଦୁଃସ୍ଥ ଭାବରେ କାଳାତିପାତ କରୁଛନ୍ତି । ଆମ ରାଜ୍ୟ ପକ୍ଷରେ ଏହା ଆଦୌ ଶୋଭନୀୟ ନୁହେଁ । ତେଣୁ ରାଜ୍ୟର ନିଭୃତ ପଲ୍ଲୀ କୋଣରେ ଓ ସହରର ଅନ୍ଧାରି ଗଳି କନ୍ଦିରେ ସଢୁଥିବା ଏଭଳି ପ୍ରତିଭାଧରମାନଙ୍କୁ ଖୋଜି ଲୋଡ଼ି ଯତ୍ସାମାନ୍ୟ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିବାକୁ ଏ ସରକାର ନିଷ୍ପତ୍ତି ଗ୍ରହଣ କରେ । ବର୍ତ୍ତମାନ ଯେତିକି ବ୍ୟବସ୍ଥା କରାଯାଇଚି, ତାହା ଅବଶ୍ୟ ଯଥେଷ୍ଟ ନୁହେଁ । କିନ୍ତୁ ପୂର୍ବରୁ ବିଶେଷ କିଛି କରାଯାଉ ନ ଥିଲା । ଆମ ରାଜ୍ୟରେ ଯେତେ ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍ ଦୁଃସ୍ଥ ଅବସ୍ଥାରେ ଦୂର ଦୂରାନ୍ତରରେ ପଡ଼ି ରହିଛନ୍ତି, ସେମାନଙ୍କୁ ଖୋଜି ବାହାର କରିବା ଆମର ପ୍ରଧାନ କର୍ତ୍ତବ୍ୟ । ଅଧିକ ଲୋକଙ୍କୁ ସମ୍ମାନିତ କରିବାରେ କୌଣସି ଅସୁବିଧା ନାହିଁ କି ଏପରି ଉଦ୍ୟମରେ କୌଣସି ବାଧା ଦେଖାଦେବ ନାହିଁ । ଏ ଉଦ୍ୟମ ସବୁଦିନ ପାଇଁ ଅବ୍ୟାହତ ରହିବ । କିନ୍ତୁ ମୁଁ ଆଶା କରିବି, ରାଜ୍ୟ ପକ୍ଷରୁ ଯେଉଁ ଉଦ୍ୟମ ଆରମ୍ଭ କରାଯାଉଅଛି, ସେ ଉଦ୍ୟମକୁ ସାହିତ୍ୟିକ ବନ୍ଧୁମାନେ ସ୍ୱୀକାର କରିବେ । ଅଯଥା ସମାଲୋଚନାରେ ଅଧିକ ବ୍ରତୀ ହେବେ ନାହିଁ । ଯେତେବେଳେ ଗୋଟିଏ ଭଲ କାମ ଆରମ୍ଭ କରାଯାଏ, ତାହାକୁ ସମର୍ଥନ କରିବା ସମସ୍ତଙ୍କର କର୍ତ୍ତବ୍ୟ ।

ପୂର୍ବେ ରାଜ ଦରବାରରୁ ଏହି ଶ୍ରେଣୀର ବ୍ୟକ୍ତିମାନେ ଆସୁଥିଲେ । ରାଜ ଦରବାର ତାଙ୍କୁ ଯଦି ସମ୍ମାନ ଦେଇ







ନ ଥିଲ, ତା'ହେଲେ ସେମାନଙ୍କର ସମ୍ମାନ ପାଇଁ ଧନ୍ୟ ରାଜ ଦରବାର ଥିଲା । ସେମାନେ ସେଠାକୁ ଯାଉଥିଲେ । ସଂସ୍କୃତରେ ଏକ ସୁନ୍ଦର ଶ୍ଳୋକ ଅଛି :


"ଦାନାର୍ଥିନୋ ମଧୁକରା ଯଦି କର୍ଣ୍ଣତାଳୈଃ
ଦୂରୀକୃତାଃ କରିବରେଣ ମଦାନ୍ଧ ବୁଦ୍ଧ୍ୟା ।
ତସ୍ୟୈବ ଗଣ୍ଡଯୁଗମଣ୍ଡନହାନିରେଷା
ଭୃଙ୍ଗାଃ ପୁନର୍ବିକଚପଦ୍ମବନେ ଚରନ୍ତି ।"

ଅର୍ଥାତ୍ ମଦବାରିଗ୍ରସ୍ତ ହସ୍ତୀର କପୋଳରେ ଭ୍ରମରମାନେ ଯେତେବେଳେ ଆସି ବସନ୍ତି, ସେମାନଙ୍କୁ ହସ୍ତୀ ତା'ର କାନରେ ଘଉଡ଼ାଇ ଦିଏ । ଏହାର ପ୍ରତିବାଦ କରି ଭ୍ରମରମାନେ ହସ୍ତୀକୁ କହନ୍ତି, "ହଉ ଠିକ୍ ଅଛି । ତୁମେ ଯଦି ଆମର ସୌହାର୍ଦ୍ଦ୍ୟକୁ ଓ ତୁମର ସୌଷ୍ଠବକୁ ଯଦି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁ, ତା'ହେଲେ ପଦ୍ମବନ ଅଛି, ଆମେ ସେଠିକି ଚାଲିଯିବୁ ।" ତେଣୁ ଏହି ଥିଲା, କବି ଏବଂ ସାହିତ୍ୟିକମାନଙ୍କର କଳାପାଇଁ ଦାବୀ । ପୂର୍ବ ପରି ବର୍ତ୍ତମାନ ରାଜ ଦରବାର ଆଉ ନାହିଁ । ତା' ସ୍ଥାନରେ ଆଜି ହୋଇଛି, ଜନସାଧାରଣଙ୍କର ନିର୍ବାଚିତ ସରକାର । ସେ ସରକାର ଏବେ ଆପଣଙ୍କ ପାଖକୁ ଯିବ । ଆପଣ ତା'ପାଖକୁ ଆସିବାର କୌଣସି ଆବଶ୍ୟକତା ନାହିଁ । ସେ ଦୃଷ୍ଟିରୁ ଏ ଦିଗରେ ଯାହା ଉଦ୍ୟମ ଆରମ୍ଭ ହୋଇଛି, ସେ ଉଦ୍ୟମ ଏବେଠାରୁ ଅବ୍ୟାହତ ରହିବ ।

ପ୍ରଥମେ ଦୁଇଶହ ଜଣ କୃତୀ ସନ୍ତାନଙ୍କୁ ସମ୍ମାନିତ କରିବା ପାଇଁ ଆମେ ଘୋଷଣା କରିଥିଲୁ । ଏହି ଦୁଇଶହ ଜଣଙ୍କ ମଧ୍ୟରୁ ଏକଶହ ପଇଁଚାଳିଶ ଜଣ ଆଜି ସ୍ୱୀକୃତି ଲାଭ କରିଛନ୍ତି । କିନ୍ତୁ ଦୁଇଶହ ନାହିଁ କି ପାଞ୍ଚଶହ ନାହିଁ, ଏପରି ଯେତେ ଯେଉଁଠି ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍ ଦୁଃସ୍ଥ ଅବସ୍ଥାରେ ରହି ଅଛନ୍ତି, ସମସ୍ତଙ୍କୁ ସ୍ୱୀକୃତି ଦିଆଯିବ । ଏଥିପାଇଁ ଅର୍ଥର ଅଭାବ ନାହିଁ ।

ଏ ସମାଜକୁ ଉନ୍ନତ କରିବା ପାଇଁ ଆପଣମାନେ ବହୁ ବାଧାବିଘ୍ନ ଓ ଦୁଃଖ କଷ୍ଟ ସହି ଆଜୀବନ କଳାର ସାଧନା କରିଛନ୍ତି । ତେଣୁ ଆପଣମାନେ ସମସ୍ତେ ସମ ଜର ବରେଣ୍ୟ । ସମସ୍ତଙ୍କ ପାଖରେ ଏ ସମାଜ ଋଣୀ । ଆପଣମାନଙ୍କୁ ସେଥିପାଇଁ କିଞ୍ଚିତ ପ୍ରତିଦାନ କରିବାରେ କୌଣସି ସମାଜ କେବେହେଲେ କୁଣ୍ଠାବୋଧ କରିବ ନାହିଁ ।

ମୁଁ ଆଶା କରୁଚି, ଓଡ଼ିଶାରେ ଆମେ ଏପରି ଏକ ସଂସ୍କୃତି ସଂପନ୍ନ, କଳା ସଂପନ୍ନ ସୁସ୍ଥ ସମାଜ ଗଠନ କରିବା, ଯେଉଁ ସମାଜ ଏ ଦେଶରେ ଆଦର୍ଶ ସ୍ଥାନୀୟ ହେବ । ତହିଁରେ ଆମେ ଉତ୍କଳର ଯଥାର୍ଥତା ପ୍ରତିପାଦନ କରିବା । ଓଡ଼ିଶାର ଅତୀତ ଗୌରବ, ଅତୀତ ସଂସ୍କୃତି, ବିଭିନ୍ନ କ୍ଷେତ୍ରରେ ଦିନେ ଭାରତରେ ଶ୍ରେଷ୍ଠତ୍ୱର ଆସନ ଅଧିକାର କରିଥିଲା । ସେ ଗୌରବକୁ ବଢ଼ାଇବା ପାଇଁ ଆମେମାନେ ଉଦ୍ୟମ କରିବା । ଆପଣମାନେ ସେ ଦିଗରେ ଅଗ୍ରଣୀ । କାହାରି କହିବାକୁ ଅପେକ୍ଷା ନ କରି ନିଜ ନିଜ କ୍ଷେତ୍ରରେ ଆପଣମାନେ ତାହା କରୁଛନ୍ତି । ଆପଣମାନଙ୍କର ତାହା ସହଜାତ ଧର୍ମ । ଆପଣ କଳା ପାଇଁ ନିଜର ସମସ୍ତ ଜୀବନକୁ ସମର୍ପଣ କରିଛନ୍ତି । ତେଣୁ ଆପଣମାନଙ୍କୁ ଆଜି ଯେଉଁ ସମ୍ମାନ ଦିଆଯାଇଛି, ସେ ସମ୍ମାନରେ ଏ ରାଷ୍ଟ୍ର ଏବଂ ସମାଜ ସମ୍ମାନିତ ।




"ଓଡ଼ିଶାରେ ଯେଉଁମାନେ ସାହିତ୍ୟିକ, ଯେଉଁମାନେ କଳାବିତ୍, ଯେଉଁମାନେ ଶିଳ୍ପୀ ଓ ଯେଉଁମାନଙ୍କୁ ନେଇ ଏ ଜାତି ଗର୍ବ କରେ ଏବଂ ଯେଉଁମାନଙ୍କୁ ନେଇ ଦୀର୍ଘକାଳ ପାଇଁ ଜାତି ବଞ୍ଚିରହେ, ସେମାନଙ୍କ ନିମନ୍ତେ ଯାହା କରିବା କଥା, ତାହା ନିଶ୍ଚିତ ଭାବରେ କରାଯିବ"।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସୂଚନା ଭବନଠାରେ ୨୩।୯।୧୯୮୦ ରେ ଅନୁଷ୍ଠିତ ଯୁବ ଲେଖକ ସମ୍ମିଳନୀରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଗତ ୨୩।୪।୧୯୮୨ ରେ ଶିଳ୍ପୀ, ସାହିତ୍ୟିକ ଓ କଳାକାରମାନଙ୍କୁ ପେନ୍‌ସନ୍ ପ୍ରଦାନ କରି ସେହି ପ୍ରତିଶ୍ରୁତି ସେ ପୂର୍ଣ୍ଣ କରିଛନ୍ତି।

## ୧୯୮୧-୮୨ରେ ସମ୍ମାନସୂଚକ ପେନସନ୍ ପାଉଥିବା ସାହିତ୍ୟିକ, କଳାକାର ଓ କ୍ରୀଡ଼ାବିତ୍

### ବାଲେଶ୍ୱର ଜିଲ୍ଲା

୧ ଶ୍ରୀ ଦୁର୍ଗାଚରଣ ଦାସ
୨ ଶ୍ରୀ ଇନ୍ଦ୍ରମଣୀ ସାହୁ
୩ ଶ୍ରୀ ଦାମୋଦର ପଣ୍ଡା
୪ ଶ୍ରୀ କରୁଣାକର ଶତପଥୀ
୫ ଶ୍ରୀ କ୍ଷେତ୍ରବାସୀ ମହାନ୍ତି
୬ ଶ୍ରୀ ନାରାୟଣ ଚନ୍ଦ୍ର ସେନାପତି
୭ ଶ୍ରୀ ରଘୁନାଥ ପଣ୍ଡା
୮ ଶ୍ରୀ ସୁକୁମାର ସାହୁ
୯ ଶ୍ରୀ ଅବ୍‌ଦୁଲ ଦୟାନ ସାହା
୧୦ ଶ୍ରୀ ବୈରାଗୀ ଚରଣ ଦାସ
୧୧ ଶ୍ରୀ ଯୁଗଳ କିଶୋର ରୁଦ୍ର
୧୨ ଶ୍ରୀ ପରମେଶ୍ୱର ସାହୁ
୧୩ ଶ୍ରୀ ଫକୀର ପଣ୍ଡା
୧୪ ପଣ୍ଡିତ ରାମନାଥ ମିଶ୍ର

### ବଲାଙ୍ଗୀର ଜିଲ୍ଲା

୧ ଶ୍ରୀ କେଶବ ମହାରଣା
୨ ଶ୍ରୀ ଦୟାସାଗର ପାଢ଼ୀ
୩ ଶ୍ରୀ ବ୍ରଜବିହାରୀ ବହିଦାର
୪ ଶ୍ରୀ ପାରେଶ୍ୱର ମହାଲିଙ୍ଗ
୫ ପଣ୍ଡିତ ଶ୍ରୀ ଅର୍ଜୁନ ହୋତା

### ଢେଙ୍କାନାଳ ଜିଲ୍ଲା

୧ ଶ୍ରୀ ପଦ୍ମନାଭ ମିଶ୍ର
୨ ଶ୍ରୀ ପ୍ରଭାକର ପ୍ରଧାନ
୩ ଶ୍ରୀ କଥାନନ୍ଦ ଦାସ

### କେନ୍ଦୁଝର ଜିଲ୍ଲା

୧ ଶ୍ରୀ ରାମଚନ୍ଦ୍ର ମହାକୁଡ

### କଳାହାଣ୍ଡି ଜିଲ୍ଲା

୧ ଶ୍ରୀ ପର୍ଶୁରାମ ମୁଣ୍ଡ
୨ ଶ୍ରୀମତୀ ଆଶାକୁମାରୀ ଦେବୀ

### କୋରାପୁଟ ଜିଲ୍ଲା

୧ ଶ୍ରୀ ଗଦାଧର ମହାନ୍ତି
୨ ଶ୍ରୀ କୃପାସିନ୍ଧୁ ପାଢ଼ୀ
୩ ଶ୍ରୀ ମଧୁସୂଦନ ବ୍ରହ୍ମା
୪ ଶ୍ରୀ ସିମାଦ୍ରୀ ମହାରଣା
୫ ଶ୍ରୀ ଲକ୍ଷ୍ମଣ ମହାନ୍ତି
୬ ଶ୍ରୀ ଶ୍ୟାମସୁନ୍ଦର ପାତ୍ର

### ମୟୂରଭଞ୍ଜ ଜିଲ୍ଲା

୧ ଶ୍ରୀ ଲାଲମୋହନ ମହନ୍ତ
୨ ଶ୍ରୀ ହେମ ବେହେରା
୩ ଶ୍ରୀ ଆକୁଳ ମହନ୍ତ
୪ ଶ୍ରୀ ଛୋଟଲାଲ ମହନ୍ତ
୫ ଶ୍ରୀ ଶରତ ଚନ୍ଦ୍ର ନାୟକ
୬ ଶ୍ରୀ ଜଗନ୍ନାଥ ପାଢ଼ୀ

### ଫୁଲବାଣୀ ଜିଲ୍ଲା

୧ ଶ୍ରୀ ଭାଗବତ ପ୍ରସାଦ ମହାପାତ୍ର

### ଗଞ୍ଜାମ ଜିଲ୍ଲା

୧ ଶ୍ରୀ ମୀନକେତନ ସାହୁ
୨ ଶ୍ରୀ ବାଉରୀବନ୍ଧୁ ମୁନୀ
୩ ଶ୍ରୀ ଆଦିକନ୍ଦ ସାହୁ
୪ ଶ୍ରୀ ବୈଦ୍ୟନାଥ ଗାୟକରତ୍ନ ଶର୍ମା
୫ ଶ୍ରୀ ହରିଶରଣ ମହାପାତ୍ର
୬ ଶ୍ରୀ ଲକ୍ଷ୍ମୀନାରାୟଣ ପାତ୍ର
୭ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ
୮ ଶ୍ରୀ ଟି. ସୂର୍ଯ୍ୟନାରାୟଣ ଶାସ୍ତ୍ରୀ
୯ ଶ୍ରୀ ନୀଳକଣ୍ଠ ପଟ୍ଟନାୟକ
୧୦ ଶ୍ରୀ ବୃନ୍ଦାବନ ପାତ୍ର
୧୧ ଶ୍ରୀ ଅନ୍ତର୍ଯ୍ୟାମୀ ପତି
୧୨ ଶ୍ରୀ ଅର୍ଜୁନ ରାଉତ
୧୩ ଶ୍ରୀ ଅନ୍ତର୍ଯ୍ୟାମୀ ମୁନୀ
୧୪ ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀ
୧୫ ଶ୍ରୀ ସତ୍ୟନାରାୟଣ ପଣ୍ଡା
୧୬ ଶ୍ରୀ କାମାକ୍ଷ୍ୟା ପ୍ରସାଦ ଶର୍ମା
୧୭ ଶ୍ରୀ ଡକ୍ଟର ଏସ୍. ଏନ୍. ରାଜଗୁରୁ
୧୮ ଶ୍ରୀ ହରିହର ବେହେରା
୧୯ ଶ୍ରୀ ଅପନା ମହାପାତ୍ର
୨୦ ଶ୍ରୀ ଦିଗମ୍ବର ରାଉତ
୨୧ ଶ୍ରୀ ଗୌରାଙ୍ଗ ମହାପାତ୍ର
୨୨ ଶ୍ରୀ ଲକ୍ଷ୍ମୀକାନ୍ତ ଅଧିକାରୀ
୨୩ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର
୨୪ ଶ୍ରୀ ଶ୍ରୀଧର ଶତପଥୀ
୨୫ ଶ୍ରୀ ଅନନ୍ତ ପଦ୍ମନାଭ ପଟ୍ଟନାୟକ
୨୬ ଶ୍ରୀ ଅନ୍ତର୍ଯ୍ୟାମୀ ପତି

## ସମ୍ବଲପୁର ଜିଲ୍ଲା

୧ ଶ୍ରୀ ଖଗେଶ୍ୱର ସେଠ
୨ ଶ୍ରୀ କମଳଲୋଚନ ଷଡ଼ଙ୍ଗୀ
୩ ଶ୍ରୀ ସ୍ୱପ୍ନେଶ୍ୱର ବେହେରା
୪ ଶ୍ରୀ ରାମପ୍ରସାଦ ସିଂହ

## କଟକ ଜିଲ୍ଲା

୧ ଶ୍ରୀ ପ୍ରିୟନାଥ ମିଶ୍ର
୨ ଶ୍ରୀ ଭୂପେନ ଗୋସ୍ୱାମୀ
୩ ଶ୍ରୀ ବଟକୃଷ୍ଣ ସେନ୍
୪ ଶ୍ରୀ ଯଦୁମଣୀ କାନୁନଗୋ
୫ ଶ୍ରୀ ନିରଞ୍ଜନ କର
୬ ଶ୍ରୀ ପରମାନନ୍ଦ ସରଣ
୭ ଶ୍ରୀ ରାଜେନ୍ଦ୍ର ବର୍ମା
୮ ଶ୍ରୀମତୀ ବାସନ୍ତୀ ମଙ୍ଗରାଜ
୯ ଶ୍ରୀ ରାଧାକାନ୍ତ ମହାରଣା
୧୦ ଶ୍ରୀ ସାମୁଏଲ ସାହୁ
୧୧ ଶ୍ରୀ କେଶବ ଚରଣ କର
୧୨ ଶ୍ରୀ ହାଡ଼ିବନ୍ଧୁ ମହାନ୍ତି
୧୩ ଶ୍ରୀ ଘନଶ୍ୟାମ ସ୍ୱାଇଁ
୧୪ ଶ୍ରୀ ଚନ୍ଦ୍ରଶେଖର ମିଶ୍ର
୧୫ ଶ୍ରୀମତୀ ଉମାଶଶୀ ଦେବୀ
୧୬ ଶ୍ରୀ ରାମଚନ୍ଦ୍ର ମିଶ୍ର
୧୭ ଶ୍ରୀ ଗନ୍ଧର୍ବ ମହାନ୍ତି
୧୮ ଶ୍ରୀ ଘନଶ୍ୟାମ ନାୟକ
୧୯ ଶ୍ରୀ କମଳାକାନ୍ତ ଦାସ
୨୦ ଶ୍ରୀ କୁଣ୍ଡଳ ଆଦିନାରାୟଣ
୨୧ ଶ୍ରୀ କ୍ଷିତିଶ ଚନ୍ଦ୍ର ମଇତ୍ର
୨୨ ଶ୍ରୀ ଲିଙ୍ଗରାଜ ନନ୍ଦ
୨୩ ଶ୍ରୀମତୀ ବିଦୁଷୀ ଲବଙ୍ଗଲତା ଦେବୀ
୨୪ ଶ୍ରୀମତୀ ମଣିମାଳା ଦେବୀ
୨୫ ଶ୍ରୀ ନଟବର ସେଣ
୨୬ ଶ୍ରୀ ଶେଖ୍ ବାଦୁ
୨୭ ଶ୍ରୀମତୀ ତାରାମଣୀ ଆଗ୍ରୱାଲ
୨୮ ଶ୍ରୀ ଚକ୍ରଧର ମହାପାତ୍ର
୨୯ ଶ୍ରୀ ଗୋପାଳ ଚରଣ ମହାନ୍ତି
୩୦ ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା
୩୧ ଶ୍ରୀ କାର୍ତ୍ତିକ କୁମାର ଘୋଷ
୩୨ ଶ୍ରୀ ଦୟାନିଧି ସ୍ୱାଇଁ
୩୩ ଶ୍ରୀ ନକୁଳ ଚରଣ ଘୋଷ
୩୪ ଶ୍ରୀ ଶ୍ୟାମସୁନ୍ଦର ପରିଡ଼ା
୩୫ ଶ୍ରୀ ଶ୍ରୀଧର ରଣା
୩୬ ଶ୍ରୀ ରଜନୀକାନ୍ତ ପ୍ରଧାନ
୩୭ ଡକ୍ଟର ହର୍ଷ ପଟ୍ଟନାୟକ
୩୮ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ
୩୯ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ
୪୦ ଶ୍ରୀ ଅନାଦି ମହାରଣା
୪୧ ଶ୍ରୀ ମାଧବ ଚନ୍ଦ୍ର ମିଶ୍ରଶର୍ମା
୪୨ ଶ୍ରୀ ବୈଷ୍ଣବ ଚରଣ ନନ୍ଦ
୪୩ ଶ୍ରୀ ଗୋଲୋକ ଚନ୍ଦ୍ର ପ୍ରଧାନ
୪୪ ଶ୍ରୀ ଲକ୍ଷ୍ମୀନାରାୟଣ ଆଗ୍ରୱାଲ
୪୫ ଶ୍ରୀ ଘନଶ୍ୟାମ ମହାନ୍ତି
୪୬ ଶ୍ରୀ ଦ୍ୱାରିକାନାଥ ଦାସ
୪୭ ଶ୍ରୀ କିଶୋରକର୍ତ୍ତି ଶ୍ୟାମସୁନ୍ଦର ଦାସ
୪୮ ଶ୍ରୀ ଭରତଚନ୍ଦ୍ର ଦାସ
୪୯ ଶ୍ରୀ ଧନେଶ୍ୱର ଶତପଥୀ

## ପୁରୀ ଜିଲ୍ଲା

୧ ଶ୍ରୀମତୀ ବନଲତା ଦେବୀ
୨ ଶ୍ରୀ କାଶୀନାଥ ମଜୁମଦାର
୩ ଶ୍ରୀ ନିମାଇଁ ଚରଣ ହରିଚନ୍ଦନ
୪ ଶ୍ରୀ ଆର୍ତ୍ତବନ୍ଧୁ ମହାରଣା
୫ ଶ୍ରୀ ବ୍ରଜବନ୍ଧୁ ପଟ୍ଟନାୟକ
୬ ଶ୍ରୀମତୀ ଭାନୁମତୀ ଦେବୀ
୭ ଶ୍ରୀ ବାଳମୁକୁନ୍ଦ ପଟ୍ଟନାୟକ
୮ ଶ୍ରୀ ଦୁର୍ଲ୍ଲଭ ଚନ୍ଦ୍ର ସିଂହ
୯ ଶ୍ରୀ ଗୋପୀନାଥ ଦାସ
୧୦ ଶ୍ରୀ ଗୌରାଙ୍ଗ ଚରଣ ଦାସ
୧୧ ଶ୍ରୀମତୀ ହରିପ୍ରିୟା ଦେବଦାସୀ
୧୨ ଶ୍ରୀ ଲକ୍ଷ୍ମୀଧର ନାୟକ
୧୩ ଶ୍ରୀମତୀ ସୁନାମଣୀ ଦେବୀ
୧୪ ଶ୍ରୀ ଭୋଳାନାଥ ଦାସ
୧୫ ଶ୍ରୀ କ୍ଷେତ୍ରମୋହନ କର
୧୬ ଶ୍ରୀମତୀ ରାଧାରାଣୀ ଦେବୀ
୧୭ ଶ୍ରୀମତୀ ଲକ୍ଷ୍ମୀ ଦେବୀ
୧୮ ଶ୍ରୀ ବାଞ୍ଛାନିଧି ମହାରଥୀ
୧୯ ଶ୍ରୀ ଗଣେଶ୍ୱର ରଥ
୨୦ ଶ୍ରୀ ହାତୀ ମହାରଣା
୨୧ ଶ୍ରୀ ହରେକୃଷ୍ଣ ପଟ୍ଟନାୟକ
୨୨ ଶ୍ରୀ ଜଗନ୍ନାଥ ମହାପାତ୍ର
୨୩ ଶ୍ରୀ ଯତୀନ୍ ଦାସ
୨୪ ଶ୍ରୀ କୁଞ୍ଜବିହାରୀ ମହାରଣା
୨୫ ଶ୍ରୀ ଲୋକନାଥ ରଥ
୨୬ ଶ୍ରୀ ମାର୍କଣ୍ଡେୟ ମହାପାତ୍ର
୨୭ ଶ୍ରୀମତୀ ନିର୍ମଳାବାଳା ଦାସ
୨୮ ଶ୍ରୀମତୀ ନିର୍ମଳାବାଳା ସିଂହ

# ପ୍ରଗତି ସମ୍ବାଦ

## କୃଷି ଉନ୍ନୟନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି

ଶ୍ରୀ ମହାପାତ୍ର

ଆମ ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରାୟ ୭୦ ଭାଗ ଜନସାଧାରଣଙ୍କ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି ଶିଳ୍ପ ସାଙ୍ଗକୁ କୃଷି ଉନ୍ନୟନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି ବୋଲି କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ବାସୁଦେବ ମହାପାତ୍ର ସଂପ୍ରତି ତାଙ୍କ ଫୁଲବାଣୀ ଗସ୍ତ କାଳରେ ଘୋଷଣା କରିଛନ୍ତି ।

ଗତ ଅପ୍ରେଲ ୧୧ ତାରିଖ ସଂଧ୍ୟାରେ ଫୁଲବାଣୀଠାରେ ଜିଲ୍ଲା କୃଷି ଉପନିର୍ଦ୍ଦେଶକଙ୍କ ଅଫିସ ଗୃହ ଉଦ୍‌ଘାଟନ କରି ଶ୍ରୀ ମହାପାତ୍ର କହିଲେ ଯେ କୃଷି କ୍ଷେତ୍ରରେ ଯେଉଁସବୁ ସମସ୍ୟା ରହିଛି, ତାକୁ ସମାଧାନ କରି ଅଧିକ ଉତ୍ପାଦନ ମାଧ୍ୟମରେ ଏ ରାଜ୍ୟକୁ ଏକ ଆଗୁଆ ରାଜ୍ୟରେ ପରିଣତ କରିବାକୁ 'ମିନିମମ୍ ଇନ୍‌ପୁଟ୍ ଗ୍ୟାରେଣ୍ଟି ପ୍ରୋଗ୍ରାମ୍' ଆଦି କାର୍ଯ୍ୟକାରୀ କରାଯାଉଛି । କୃଷକମାନଙ୍କୁ ଆବଶ୍ୟକୀୟ ବିହନ, ସାର, ପୋକମରା ଔଷଧ ଓ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟାବହାରିକ କୌଶଳ ଓ ପ୍ରୟୋଗ ଜ୍ଞାନ ଯୋଗାଇ ଦେବା ପାଇଁ କୃଷି କର୍ମଚାରୀମାନଙ୍କୁ ନିଯୁକ୍ତ କରାଯାଇଛି । କୃଷି ଉତ୍ପାଦନ ବୃଦ୍ଧି ଦିଗରେ ସରକାରଙ୍କ ଭୂମିକା ସଂପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଲେ ଯେ ୧୯୮୦-୮୧ ଆର୍ଥିକ ବର୍ଷରେ ୬୦ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବା ସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ଶେଷ ବେଳକୁ ବାର୍ଷିକ ପ୍ରାୟ ୭୪ ଲକ୍ଷ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟକରି ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଚଳିତ ବର୍ଷ ରାଜ୍ୟ ସରକାର ୪ଲକ୍ଷ ହେକ୍ଟର ଜିପ ଜମିରେ ଧାନ ଚାଷ ଛଡ଼ା ଅନ୍ୟାନ୍ୟ ତୈଳ ଓ ଡାଲିଜାତୀୟ ଫସଲ ଚାଷ ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିବା ସଙ୍ଗେ ସଙ୍ଗେ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଖାଉଟିମାନଙ୍କୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ର ଯୋଗାଇ ଦେବା ପାଇଁ ସମବାୟ ଭଣ୍ଡାରମାନ ଖୋଲାଯାଇଥିବା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ୨୦-ଦଫା କାର୍ଯ୍ୟକ୍ରମର ସଫଳ ରୂପାୟନ ମାଧ୍ୟମରେ କୃଷକକୁ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ଦେବା ସଙ୍ଗେ ସଙ୍ଗେ ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ରାଜ୍ୟସଭା ସଦସ୍ୟ ଶ୍ରୀ ଜଗଦୀଶ ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ଉତ୍ସବରେ ଜିଲ୍ଲା କଲେକ୍ଟର, ଜିଲ୍ଲା କୃଷି ଉପନିର୍ଦ୍ଦେଶକ, ଉପ-ସମବାୟ ନିବନ୍ଧକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ଏବଂ ବିଭାଗୀୟ ଅଫିସରବୃନ୍ଦଙ୍କ ସମେତ ସ୍ଥାନୀୟ ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

## ନୂଆପଡ଼ାଠାରେ ସେଚକୂପ ଋଣ ମେଳା

ଗତ ଅପ୍ରେଲ ୭ ତାରିଖ ଦିନ ବଲାଙ୍ଗୀର ଜିଲ୍ଲା ଦେଓଗାଁ ଖୁଣ୍ଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ଗ୍ରାମଠାରେ ବ୍ଲକର ସେଚକୂପ ଋଣ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ବିଭିନ୍ନ ଗ୍ରାମର ୨୦ ଜଣ ଚାଷୀଙ୍କୁ ସେଚକୂପ ଖନନ ପାଇଁ ଋଣ ମଂଜୁର କରାଯାଇଥିବା ୭୪,୫୦୦ ଟଙ୍କା ମଧ୍ୟରୁ ପ୍ରଥମ କିସ୍ତିରେ ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ୭୨,୩୨୦ ଟଙ୍କା ଦିଆଯାଇଥିଲା । ଏହା ବ୍ୟତୀତ ସେଚକୂପଗୁଡ଼ିକୁ ଶକ୍ତିଚାଳିତ କରିବା ପାଇଁ ପୂର୍ବରୁ ମିଳିଥିବା ୧୩ଟି ଆବେଦନପତ୍ର ମଧ୍ୟରୁ ସମ୍ଭାବ୍ୟ ରିପୋର୍ଟ ମିଳିବା ପରେ ୮ଟି କୂପରେ ବିଦ୍ୟୁତ୍ ସଂଯୋଗ କରାଯିବାକୁ ମେଳାରେ ସ୍ଥିର ହୋଇଥିଲା ଏବଂ ଏଥିପାଇଁ ଆବଶ୍ୟକୀୟ ଋଣ ମଂଜୁର କରାଯାଇଥିଲା । ଭାରତୀୟ କୃଷି ଶିଳ୍ପ ନିଗମର ବଲାଙ୍ଗୀର ଆଞ୍ଚଳିକ ଶାଖା ଏହାର ବିଦ୍ୟୁତ୍ ମୋଟର ପଂପ୍‌ମାନ ଯୋଗାଇ ଦେବେ ।

## ବାଲେଶ୍ୱର ଜିଲ୍ଲାରେ କ୍ଷୁଦ୍ର ଓ କୁଟୀର ଶିଳ୍ପର ଅଭିବୃଦ୍ଧି

୧୯୮୧-୮୨ ଆର୍ଥିକ ବର୍ଷର ୧୯୮୨ ଜାନୁଆରୀ ମାସ ଶେଷ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ୪୫ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ କରାଯାଇ ୧୦୬୯ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରାଯାଇଛି ଏବଂ ଏଥିରେ ୭୫୩ ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ସୁବିଧା ମିଳିପାରିଛି । ସେହିପରି ୫୨ ଲକ୍ଷ ୯୦ ହଜାର ଟଙ୍କା ବିନିଯୋଗରେ ଜିଲ୍ଲାରେ ୩,୩୨୮ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ଏଥିରେ ୩,୯୬୫ ଜଣ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ଦିଆଯାଇପାରିଛି । ଏହିପରି କ୍ଷୁଦ୍ର ଓ କୁଟୀର ଶିଳ୍ପ ଜରିଆରେ ଏହି ଜିଲ୍ଲାରେ ଗୋଟିଏ ବର୍ଷ ପୂରଣ ହେବା ପୂର୍ବରୁ ୪,୭୧୮ ଜଣଙ୍କୁ ନିଯୁକ୍ତି ସୁବିଧା ମିଳି ପାରିଛି ।

## ଓଡ଼ିଶାରେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ

୧୯୮୨ ଫେବୃଆରୀ ମାସରେ ୧୮,୩୫୬ଟି ବନ୍ଧ୍ୟାକରଣ ଅସ୍ତ୍ରୋପଚାରକୁ ମିଶାଇ ରାଜ୍ୟରେ ମୋଟ ୨୧,୧୮୦ଟି ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଛି । ଏହାକୁ ମିଶାଇ ଗତ ୧୧ ମାସ ମଧ୍ୟରେ ୮୨,୧୭୭ଟି ବନ୍ଧ୍ୟାକରଣ ଅସ୍ତ୍ରୋପଚାର ସମେତ ମୋଟ୍ ୯୪,୭୮୩ ଅସ୍ତ୍ରୋପଚାର ସଂଘଟିତ ହୋଇଛି ।

ସେହିପରି ଫେବୃଆରୀ ମାସ ମଧ୍ୟରେ ସନ୍ତାନ ଜନ୍ମକ୍ଷମ ମହିଳାମାନେ ୨୩୯ଟି ଲୁପ୍ ଓ ୨,୩୩୪ଟି କପରଟି ଗ୍ରହଣ କରିଥିଲେ ଏବଂ ଏହି ମାସ ଶେଷ ସୁଦ୍ଧା ଲୁପ୍ ଓ କପରଟି ଗ୍ରହଣ କରିଥିବା ମହିଳାମାନଙ୍କ ସଂଖ୍ୟା ହେଉଛି ଯଥାକ୍ରମେ ୨,୧୪୯ ଓ ୧୫,୯୪୫ । ଏହା ବ୍ୟତୀତ ବହୁ ପରିମାଣର ଗର୍ଭ ନିରୋଧକ ଦ୍ରବ୍ୟ ବଣ୍ଟନ କରାଯିବା ସଙ୍ଗେ ସଙ୍ଗେ କ୍ଷୁଦ୍ର ପରିବାର ଗଠନର ଆବଶ୍ୟକତା ସଂପର୍କରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ମାଧ୍ୟମରେ ବୁଝାଇ ଦିଆଯାଇଥିଲା ।

## 'ମିଳନୀ' ସମାରୋହ

ଗତ ଅପ୍ରେଲ୍ ୮ ତାରିଖ ଦିନ କେନ୍ଦୁଝରଠାରେ ମିଳନୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ କ୍ରୀଡ଼ା ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ କେନ୍ଦୁଝର ଜିଲ୍ଲା ଅଧିବାସୀଙ୍କ ମଧ୍ୟରେ ଥିବା ଲେଖକମାନେ ନିଜର କାବ୍ୟ, କବିତା, ଗଳ୍ପ ଓ ଉପନ୍ୟାସ ପ୍ରଭୃତି ସୃଜନଶୀଳ ରଚନା ମାଧ୍ୟମରେ ଲୋକମାନଙ୍କ ମନରେ ଗଣଚେତନା ସୃଷ୍ଟି କରିପାରିବେ ଏବଂ ତା'ର ସୁପ୍ରଭାବ ନିଶ୍ଚୟ ସମାଜ ଉପରେ ପଡ଼ିବ । କେନ୍ଦୁଝର ଜିଲ୍ଲା କିପରି ସାହିତ୍ୟ କ୍ଷେତ୍ରରେ ଅନ୍ୟ ଜିଲ୍ଲା ସହିତ ସମତୁଲ ହୋଇ ପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ପଟ୍ଟନାୟକ ଉପସ୍ଥିତ ଲେଖକପ୍ରେମୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଜିଲ୍ଲାପାଳ ଶ୍ରୀ ଫଣିଭୂଷଣ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଉତ୍ସବର ଶେଷରେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ପାରାଦୀପରେ ୭୫ ମେଟ୍ରିକଟନ ବିଶିଷ୍ଟ ବୃହତ୍ତମ କଣ୍ଟେନର

ପାରାଦୀପ ବନ୍ଦରର ସାଧାରଣ ପଣ୍ୟବର୍ଥଠାରେ ଅପ୍ରେଲ ୧୩ ତାରିଖ ଦିନ "ଫେୟାର ଲିଙ୍କ୍" ନାମକ ଜାହାଜରୁ ୭୫ ମେଟ୍ରିକ୍‌ଟନ ବିଶିଷ୍ଟ ଏକ କଣ୍ଟେନରକୁ ଓହ୍ଲାଇ ଦିଆଯାଇଛି । ଏହି କଣ୍ଟେନରରେ ଜାମସେଦପୁରସ୍ଥିତ ଟାଟା ଲୌହ ଇସ୍ପାତ କାରଖାନାର ଏକ ଅମ୍ଳଜାନପ୍ଲାଣ୍ଟ ଇଂଲଣ୍ଡରୁ ଆସିଥିଲା । କଣ୍ଟେନରର ଲମ୍ବ ୩୦·୭୭ ମିଟର, ଉଚ୍ଚତା ୪·୭୫ ମିଟର ଏବଂ ପ୍ରସ୍ଥ ୪·୨୯ ମିଟର ଥିଲା । ଏତେ ବଡ଼ ଆକାର ଏବଂ ଓଜନର କଣ୍ଟେନରକୁ ପାରାଦୀପରେ ମାତ୍ର ଅଳ୍ପ ସମୟ ମଧ୍ୟରେ ଓହ୍ଲାଇ ଦିଆଯାଇଥିଲା ।

ଭାରତୀୟ ବିଭିନ୍ନ ମୁଖ୍ୟବନ୍ଦରମାନଙ୍କରେ ପୂର୍ବରୁ ଓହ୍ଲାଇ ଦିଆଯାଇଥିବା ବୃହତ୍ତମ କଣ୍ଟେନର-ଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ଏବଂ ପାରାଦୀପରେ ପୂର୍ବରୁ ଆସିଥିବା କଣ୍ଟେନରଗୁଡ଼ିକଠାରୁ ଏହା ବୃହତ୍ତର । କଣ୍ଟେନରଟିକୁ ଟାଟା କର୍ତ୍ତୃପକ୍ଷ ପାରାଦୀପଠାରୁ ଜାମସେଦପୁରକୁ ସଡ଼କ ଯୋଗେ ନେବା ପାଇଁ ଯୋଜନା କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ ସମୀକ୍ଷା କମିଟି

ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ୍ ସଂପର୍କରେ ସମୀକ୍ଷା କରିବା ପାଇଁ ରାଜ୍ୟ ସରକାର ଶ୍ରୀ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି । ଏହି କମିଟିର ଅନ୍ୟ ସଭ୍ୟମାନେ ହେଲେ—ସର୍ବଶ୍ରୀ ବୈଷ୍ଣବ ଚରଣ ପଟ୍ଟନାୟକ, ଲକ୍ଷ୍ମଣ ମହାରଣା ଓ ରାମ ପ୍ରସାଦ ମହାନ୍ତି ।

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଏହି ପେନ୍‌ସନ୍ ବ୍ରାଞ୍ଚ ଦାୟିତ୍ୱରେ ଥିବା ଡେପୁଟି ସେକ୍ରେଟେରୀ ଏହାର ସେକ୍ରେଟେରୀ ହିସାବରେ କାର୍ଯ୍ୟ କରିବେ ।

କମିଟିର କାର୍ଯ୍ୟକାଳ ସେପ୍ଟେମ୍ବର ୧,୧୯୮୨ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।

ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ ସବ୍-କମିଟିଙ୍କ ସୁପାରିଶଗୁଡ଼ିକୁ ଏହି କମିଟି ସମୀକ୍ଷା କରୁଥିବେ ଓ କେନ୍ଦ୍ରୀୟ ପେନ୍‌ସନ୍ ସକାଶେ ହକ୍‌ଦାର ବିବେଚିତ ବ୍ୟକ୍ତିଙ୍କ ପାଇଁ ନିର୍ଦ୍ଧାରିତ ସମୟ ସଂପର୍କରେ ଯେଉଁ ନିୟମ ପ୍ରଣୟନ କରାଯାଇଛି, ସେଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରି ଏହି କମିଟି ସୁପାରିଶ କରିବେ । ଏହାଛଡ଼ା ରାଜ୍ୟ ସରକାରଙ୍କଦ୍ୱାରା ପ୍ରଦତ୍ତ ଏହି ପେନ୍‌ସନ୍ ସଂପର୍କରେ ସମୀକ୍ଷା କରୁଥିବେ ଓ ଯଦି ଆବଶ୍ୟକ ମନେ କରନ୍ତି, ତା'ହେଲେ ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ କମିଟିର ଯେ କୌଣସି ସଭ୍ୟଙ୍କ ସହିତ ପରାମର୍ଶ ସକାଶେ ମଧ୍ୟ ଏହି କମିଟି ଆମନ୍ତ୍ରଣ କରିପାରିବେ ।

## ଇନ୍ଦ୍ରାବତୀ ସେତୁରେ ଯାନବାହନ ଚଳାଚଳ ପାଇଁ ଟୋଲ୍ ଆଦାୟ

କୋରାପୁଟ ଜିଲ୍ଲା ନବରଙ୍ଗପୁରଠାରେ ଇନ୍ଦ୍ରାବତୀ ନଦୀ ଉପରେ ନିର୍ମିତ ସେତୁରେ ଯାନବାହନ ଚଳାଚଳ ପାଇଁ ରାଜ୍ୟ ସରକାର ଟୋଲ୍ ଆଦାୟ କରିବାକୁ ନିଷ୍ପତ୍ତି କରିଛନ୍ତି ।

ଏ ସଂପର୍କରେ ପୂର୍ତ୍ତବିଭାଗ ତରଫରୁ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଯାନବାହନ୍ ପାଇଁ ନିର୍ଦ୍ଧାରିତ ହୋଇଥିବା ଟୋଲ୍ ଅପ୍ରେଲ ମାସ ୧୬ ତାରିଖଠାରୁ ଆଦାୟ କରାଯାଉଛି । ମଟର ସାଇକେଲ ଓ ସ୍କୁଟର ପରି ଦୁଇଚକିଆ ଯାନ ପାଇଁ ୧ ଟଙ୍କା; କାର, ଟାକ୍ସି, ଜିପ୍, ପିକ୍-ଅପ୍ ଭ୍ୟାନ୍, ଷ୍ଟେସନ୍ ୱାଗନ୍, ଟେଂପୋ, ଅଟୋ-ରିକ୍ସା ଓ ତିନିଚକିଆ ସ୍କୁଟର ସମେତ ହାଲୁକା ଧରଣର ବିନା ଟ୍ରେଲର ଯାନ ପାଇଁ ୫ ଟଙ୍କା ଏବଂ ଟ୍ରେଲର ସଂଲଗ୍ନ ଯାନ ପାଇଁ ୭.୫୦ ପଇସା ହାରରେ ଟୋଲ୍ ଆଦାୟ କରାଯିବ । ସେହିପରି ଯାତ୍ରୀବାହୀ ବସ୍, ମାଲ୍‌ବାହୀ ଟ୍ରକ୍ ସମେତ ଟ୍ରେଲରଯୁକ୍ତ ଟ୍ରକ୍ ପରି ଓଜନଦାର ଯାନ ଚଳାଚଳ ପାଇଁ ୨୦ ଟଙ୍କା ଲେଖାଏଁ ଏବଂ ଯାତ୍ରୀ ଓ ମାଲ୍ ବିହୀନ ସେପରି ଯାନ ପାଇଁ ୧୦ ଟଙ୍କା ଲେଖାଏଁ ଟୋଲ୍ ଆଦାୟ କରାଯିବ । ଭ୍ରାମ୍ୟମାଣ କ୍ରେନ୍, ଡୋଜର ଏବଂ ରୋଡ୍-ରୋଲର ସମେତ ଅନ୍ୟ ଯନ୍ତ୍ର ଚାଳିତ ଯାନବାହନ ଚଳାଚଳ ପାଇଁ ୨୦ ଟଙ୍କା ଟୋଲ୍ ଧାର୍ଯ୍ୟ ହୋଇଛି । କୌଣସି ଯାନ ଏହି ସେତୁ ଉପରେ ଗୋଟିଏ ଦିନରେ ଯିବା ଆସିବା କଲେ ନିର୍ଦ୍ଧାରିତ ଟୋଲର ଦେଢ଼ ଗୁଣ ଅର୍ଥ ଦେବାକୁ ପଡ଼ିବ ।

## ପାରାଦୀପ ବନ୍ଦର କର୍ମଚାରୀମାନଙ୍କ ଦ୍ୱାରା ନିର୍ମିତ ଆଧୁନିକ ବାର୍ଜ

ପ୍ରଥମ କରି ପାରାଦୀପ ବନ୍ଦରର ମେରାଇନ ୱାର୍କସପ୍ ଦ୍ୱାରା ନିର୍ମିତ ୧୫୦ ଟନ ବିଶିଷ୍ଟ ବାର୍ଜ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଦିନ ୧୦ଟା ସମୟରେ ବନ୍ଦର ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରଥମେ ସମୁଦ୍ର ଜଳରେ ଭସାଯାଇଥିଲା ।

ଏହି ବାର୍ଜ ନିର୍ମାଣ ବାବଦରେ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି । ଏହା ସମୁଦାୟ ୭୯ ଦିନରେ ନିର୍ମିତ ହୋଇଛି । ପୂର୍ବରୁ ବନ୍ଦର କର୍ତ୍ତୃପକ୍ଷ ଭାଡ଼ା ବାହାରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ଏହିପରି ବାର୍ଜ କ୍ରୟ କରୁଥିଲେ । ବର୍ତ୍ତମାନ ନିର୍ମିତ ବାର୍ଜ ବଜାରର ସାଧାରଣ ବାର୍ଜଠାରୁ ଶତକଡ଼ା ୨୦ ଭାଗ ଅଧିକ ମାଲ ପରିବହନ କରି ପାରିବ । ଏହାର କାର୍ଯ୍ୟ ପଦ୍ଧତି ସାଧାରଣ ବାର୍ଜ ଅପେକ୍ଷା ଅଧିକ ସହଜ । ପ୍ରକାଶ ଥାଉକି ଉକ୍ତ ବାର୍ଜ ଦ୍ୱାରା ସମୁଦ୍ର ମଧ୍ୟରେ ଥିବା ଜାହାଜଗୁଡ଼ିକରୁ ମାଲ ବୋହେଇ ଓ ଖଲାସ କାର୍ଯ୍ୟ କରା ଯାଇଥାଏ ।

ବନ୍ଦରର ଅଧ୍ୟକ୍ଷ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ନୂତନ କାରିଗରୀ ଯନ୍ତ୍ର ନିର୍ମାଣ ଏବଂ ତାହାର କ୍ରମାଗତ ସଂରକ୍ଷଣ ପାଇଁ ଉତ୍ସାହିତ କରିଥିଲେ ।

## ଢେଣ୍ଢିଆପଦାରେ ଅଭ୍ୟୁତ୍ଥାନ ହୋଇଥିବା ଲୋକମାନେ ବେଶ୍ ଉପକୃତ

ଶ୍ରୀ ସିଂହଦେଓ

ଢେଙ୍କାନାଳ ଜିଲ୍ଲାର ଢେଣ୍ଢିଆପଦାଠାରେ କାର୍ଯ୍ୟକାରୀ ହେଉଥିବା 'ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ' କାର୍ଯ୍ୟର ଅଗ୍ରଗତି ସଂପର୍କରେ ପ୍ରତିରକ୍ଷା ଉପମନ୍ତ୍ରୀ ଶ୍ରୀ କାମାକ୍ଷା ପ୍ରସାଦ ସିଂହଦେଓ କହିଛନ୍ତି ଯେ ଢେଣ୍ଢିଆପଦାରେ ଅଭ୍ୟୁତ୍ଥାନ ହୋଇଥିବା ଦରିଦ୍ରତମ ଲୋକମାନେ ବେଶ୍ ଉପକୃତ ହୋଇଛନ୍ତି ଏବଂ ଏହି ଯୋଜନାଟି ପୂର୍ଣ୍ଣାଙ୍ଗ ଭାବରେ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ସେମାନେ ଅଧିକରୁ ଅଧିକ ଉପକୃତ ହେବେ । ଶ୍ରୀ ସିଂହଦେଓଙ୍କ ଅଭିମତଟି ହେଲା:

"ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ବର୍ଷକ ତଳେ ଓଡ଼ିଶାରେ ପ୍ରଚଳନ କରାଯାଇଛି । ଏହାର ଉଦ୍ଦେଶ୍ୟ, ଗ୍ରାମାଞ୍ଚଳର ଦାରିଦ୍ର୍ୟ ଦୂର କରି ଦରିଦ୍ରତମ ବ୍ୟକ୍ତିଙ୍କ ଉପକାର କରିବା । ଅତୀତରେ ଗରିବ ଲୋକମାନଙ୍କ ମଧ୍ୟରେ ଭୂମି ବଣ୍ଟନ କରାଯାଇଥିଲା ସତ, ମାତ୍ର ଆନୁସଙ୍ଗିକ ସାହାଯ୍ୟ, ଯଥା—ଭୂମି ଉନ୍ନୟନ, ଜଳସେଚନ ବ୍ୟବସ୍ଥା ଇତ୍ୟାଦିର ସୁବିଧା କରାଯାଉ ନ ଥିଲା । ବର୍ତ୍ତମାନ ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ଜରିଆରେ କେବଳ ଭୂମି ଦିଆଯାଉ ନାହିଁ, ପରନ୍ତୁ ଉକ୍ତ ଭୂମି କିପରି ଆବାଦ ହେବ ଏବଂ ସେଥିରେ ଫସଲ ଯେପରି ଉତ୍ପାଦିତ ହେବ, ତା'ର ଯତ୍ନ ମଧ୍ୟ ନିଆଯାଉଛି । ଏହି କାର୍ଯ୍ୟକ୍ରମଟି ବର୍ତ୍ତମାନ ମଧ୍ୟ ଶିଶୁ ଅବସ୍ଥାରେ ଅଛି । ଅଳ୍ପ ଦିନ ତଳେ ଖବର କାଗଜରେ ଏହି କାର୍ଯ୍ୟକ୍ରମକୁ ବିକୃତ ଭାବରେ ଚିତ୍ରଣ କରାଯାଇ ପରିବେଷଣ କରାଯାଇଥିବା ସମ୍ବାଦ ଦେଖିଲି । ଉଦାହରଣ ସ୍ୱରୂପ, ମୋ ନିର୍ବାଚନ ମଣ୍ଡଳୀର ଢେଣ୍ଢିଆପଦା ଗ୍ରାମକୁ ଅତି ନ୍ୟୂନ କରି ଚିତ୍ରଣ କରାଯାଇଛି । ଏହି ଗ୍ରାମକୁ କିଛିଦିନ ତଳେ ମୁଁ ନିଜେ ଯାଇଥିଲି । ସେଠାରେ ଅଭ୍ୟୁତ୍ଥାନ ହୋଇଥିବା ବ୍ୟକ୍ତିମାନେ କ୍ରମେ କ୍ରମେ ଦାରିଦ୍ର୍ୟର ସୀମାରେଖା ଅତିକ୍ରମ କରୁଛନ୍ତି । ଏହି କାର୍ଯ୍ୟକ୍ରମ ମାତ୍ର ଅଧାବାଟ ଆଗେଇଛି । ମୁଁ ନିଃସନ୍ଦେହ ଯେ ଢେଣ୍ଢିଆପଦା ବାସିନ୍ଦାମାନେ ବିପୁଳ ଭାବରେ ଉପକୃତ ହୋଇଛନ୍ତି ଏବଂ ଏହି କାର୍ଯ୍ୟକ୍ରମଟି ଆଗେଇବା ସଙ୍ଗେ ସଙ୍ଗେ ଏମାନେ ଅଧିକରୁ ଅଧିକ ଉପକୃତ ହେବେ । ଏହି ଯୋଜନାଟି ସଂପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ନ ହେଉଣୁ, ଏହାକୁ ବିମ୍ବାଦିତ ଭାବରେ ଚିତ୍ରଣ କରାଯିବା ଅତି ଦୁର୍ଭାଗ୍ୟଜନକ" ।

## ବଲାଙ୍ଗୀର ଜିଲ୍ଲାରେ କ୍ଷୁଦ୍ର ଓ କୁଟୀରଶିଳ୍ପ ସ୍ଥାପନ

୧୯୮୧ ମସିହା ଅପ୍ରେଲ ମାସଠାରୁ ୧୯୮୨ ମସିହା ଜାନୁଆରୀ ମାସ ମଧ୍ୟରେ ବଲାଙ୍ଗୀର ଜିଲ୍ଲାରେ ୬୮ ଲକ୍ଷ ୭୪ ହଜାର ଟଙ୍କା ବିନିଯୋଗ କରାଯାଇ ୯୦ ଗୋଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇଛି ଏବଂ ଏଥିରେ ୭୧୬ ଜଣ ବ୍ୟକ୍ତିଙ୍କ ପାଇଁ କର୍ମ ନିଯୁକ୍ତି ସୁବିଧା ମିଳିପାରିଛି । ଏହା ବ୍ୟତୀତ ୨୫ ଲକ୍ଷ ୧୬ ହଜାର ଟଙ୍କା ବିନିଯୋଗ କରାଯାଇ ୧,୬୯୭ ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥିରେ ୨,୦୩୭ ଜଣ ବ୍ୟକ୍ତିଙ୍କୁ ଧନ୍ଦା ଯୋଗାଇ ଦିଆଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନର ସରକାର ଶିଳ୍ପ କ୍ଷେତ୍ରରେ ପଛରେ ପଡିରହିଥିବା ଅଞ୍ଚଳରେ ବିଭିନ୍ନ ପ୍ରକାର ଶିଳ୍ପ ପ୍ରତିଷ୍ଠା କରିବା ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଛନ୍ତି । ଏହି ଶିଳ୍ପ ପ୍ରତିଷ୍ଠା ସମୟରେ ସଂପୃକ୍ତ ଅଞ୍ଚଳର କଞ୍ଚାମାଲ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ଦୃଷ୍ଟି ଦିଆଯାଉଛି । କ୍ଷୁଦ୍ର ଶିଳ୍ପ ଓ କୁଟୀର ଶିଳ୍ପ ସ୍ଥାପନ ହେବା ଫଳରେ କେତେକ ବ୍ୟକ୍ତି ପୁରା ସମୟ ପାଇଁ କର୍ମ ନିଯୁକ୍ତି ପାଇବା ବେଳେ ଅନେକେ ଆନୁଷଙ୍ଗିକ ଧନ୍ଦା ପାଇପାରିବେ ଏବଂ ଅଧିକ ଉପାର୍ଜନକ୍ଷମ ହୋଇପାରିବେ ।

## ଭାରତୀୟ ଭେଷଜ ଓ ହୋମିଓପାଥିକ୍ ନିର୍ଦ୍ଦେଶାଳୟକୁ ସ୍ଥାୟୀ କରାଗଲା

ରାଜ୍ୟରେ ଗତ ୧୯୭୨ ମସିହାଠାରୁ ଅସ୍ଥାୟୀ ଭାବେ କାର୍ଯ୍ୟକାରୀ ହୋଇଆସୁଥିବା ଭାରତୀୟ ଭେଷଜ ଓ ହୋମିଓପାଥିକ୍ ନିର୍ଦ୍ଦେଶାଳୟକୁ ରାଜ୍ୟ ସରକାର ସ୍ଥାୟୀ କରିଛନ୍ତି ଏବଂ ଏହା ସ୍ଥାୟୀ ବୋଲି ଘୋଷିତ ହେବା ଦିନଠାରୁ, ଅର୍ଥାତ୍ ତା ୨୨-୩-୧୯୮୨ ରିଖଠାରୁ ଲାଗୁ ହେବ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ନିର୍ଦ୍ଦେଶାଳୟ କର୍ତ୍ତୃତ୍ୱାଧୀନ ଥିବା କେତେକ ଅଧସ୍ତନ ଅଫିସ୍, ହୋମିଓପାଥିକ୍ ଓ ଆୟୁର୍ବେଦିକ୍ କଲେଜ ଓ ଡାକ୍ତରଖାନାକୁ ପୂର୍ବରୁ ସ୍ଥାୟୀ କରାଯାଇଥିଲା ।

## ଢେଙ୍କାନାଳରେ ଅର୍ଥନୈତିକ ଥଇଥାନ ଯୋଜନା

ସଂପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକର ଡାଙ୍ଗପାଳଠାରେ ଦରିଦ୍ର ଲୋକଙ୍କ ପାଇଁ ହୋଇଥିବା ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ପରିଦର୍ଶନ କରି ସ୍ଥାନୀୟ ଜମିରେ ହୋଇଥିବା ମକା ଓ ଅନ୍ୟାନ୍ୟ ଫସଲ ଦେଖିଥିଲେ ଏବଂ ଉପକୃତ ହୋଇଥିବା ଦରିଦ୍ରତମ ପରିବାରଙ୍କ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ । ସେଠାରେ ଉକ୍ତ ପରିବାରଙ୍କ ପାଇଁ ନିର୍ମିତ ହୋଇଥିବା ଗୃହଗୁଡ଼ିକ ମଧ୍ୟ ସେ ଦେଖିଥିଲେ । ସେଠାରେ ଉପସ୍ଥିତ ଥିବା ଜିଲ୍ଲାସ୍ତରୀୟ ଅଫିସର, ଏସ୍. ଡ଼ି. ଓ., ବି.ଡ଼ି.ଓ., ସଂପ୍ରସାରଣ ଅଫିସର ଏବଂ ଗ୍ରାମସେବକମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସରକାରୀ କର୍ମଚାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ ଓ ଜନସାଧାରଣଙ୍କ ଉତ୍ତମ ସହଯୋଗ ଫଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ ସଫଳତା ଲାଭ କରେ । ସରକାରୀ କର୍ମଚାରୀମାନଙ୍କ କାର୍ଯ୍ୟ ନିମନ୍ତେ ଏକ ମାନ ନିର୍ଦ୍ଧାରଣ ହେବା ବିଧେୟ । ଯେଉଁମାନେ ଉପଯୁକ୍ତ କାର୍ଯ୍ୟ କରୁଛନ୍ତି, ସେମାନେ ପୁରସ୍କୃତ ହେବେ ଏବଂ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି, ସେମାନେ ଦଣ୍ଡନୀୟ ହେବେ । ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ କର୍ମଚାରୀମାନେ ନିଜର କାର୍ଯ୍ୟ ପରିସର ମଧ୍ୟରେ ଜନସାଧାରଣଙ୍କ ସେବା, ବିଶେଷ କରି ଗରିବ ଜନସାଧାରଣଙ୍କ ସେବା କରନ୍ତୁ । ଗ୍ରାମାଞ୍ଚଳ ଦରିଦ୍ରତମ ପରିବାରଙ୍କ ଥଇଥାନ ଯୋଜନା କାର୍ଯ୍ୟକ୍ରମଗୁଡ଼ିକୁ ସୁଷ୍ଠୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଏ. ଜେ. ଆଲେକ୍‌ସ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଇ. ଆର. ଆର. ପି. ଯୋଜନାର ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଗହଣରେ ବିଧାନ ସଭା ସଦସ୍ୟ ଶ୍ରୀ ବିଭୁଧେନ୍ଦ୍ର ପ୍ରତାପ ଦାସ, କୃଷି କମିଶନର ଶ୍ରୀ ଶ୍ରୀନିବାସନ କୃଷି ବିଭାଗ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଙ୍କଡ଼ାହାଡ଼ ଗାନ୍ଧୀବଜାରଠାରେ ମହାତ୍ମା ଗାନ୍ଧୀଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।

## ଅର୍ଥନୈତିକ ଥଇଥାନ ଦିଗରେ ପଦକ୍ଷେପ

ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୁଆଁରିଆ ମାଝୀ ଗତ ଅପ୍ରେଲ ୧୧ ତାରିଖ ଦିନ ମୟୂରଭଞ୍ଜ ଜିଲ୍ଲାର ପୁରୁଣାପାଣି ଗ୍ରାମ, କମାରଡ଼ିହା ଗ୍ରାମପଞ୍ଚାୟତ ଗସ୍ତ କରି ଏକ ସାଧାରଣ ସଭାରେ କହିଲେ ଯେ ବର୍ତ୍ତମାନ ସରକାର ଗରିବ ଆଦିବାସୀ, ହରିଜନ, ଖଟିଖିଆ ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ଲୋକଙ୍କର ଥଇଥାନ ପାଇଁ ବଦ୍ଧପରିକର । ଏହି ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଇ. ଆର. ଆର. ପି. ଆଇ. ଆର. ଡ଼ି. ପି, ଓ ଏନ୍. ଆର. ଇ. ପି. ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ଶିଳ୍ପ ମାଧ୍ୟମରେ ଦେଶର ଅର୍ଥନୈତିକ ମାନଦଣ୍ଡର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ଦେଶର ଗରିବ ଓ ବେକାର ଯୁବକମାନଙ୍କୁ କର୍ମନିଯୁକ୍ତି ଦିଆଯାଇ ସେମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କରାଯାଉଛି । ଉଦାହରଣ ସ୍ୱରୂପ- ଏହି ନିକଟରେ ଝରିଆଠାରେ ସ୍ଥାପିତ ହେଉଥିବା କାଗଜ କଳ ମାଧ୍ୟମରେ ଏଠାକାର ଗରିବ ଶ୍ରେଣୀର ଲୋକ କାମ ପାଇପାରିବେ ଏବଂ ଦେଶର ଯୁବକମାନେ କର୍ମନିଯୁକ୍ତି ପାଇପାରିବେ । ଏଣୁ, ଯୋଜନାଗୁଡ଼ିକର ସଫଳତା ନିମନ୍ତେ ଶ୍ରୀ ମାଝୀ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଏହାଦ୍ୱାରା ନିଜର ଅର୍ଥନୈତିକ ଦୁରବସ୍ଥାର ନିରାକରଣ ସଙ୍ଗେ ସଙ୍ଗେ ଦେଶର ଅର୍ଥନୈତିକ ଉନ୍ନତି ସମ୍ଭବ ହୋଇପାରିବ ।

# ଆୟକର ଦାତାଗଣ

## ଆପଣ ଜାଣିଛନ୍ତି କି

## ?

## ଏବେ ଗୋଟିଏ ଅଭିଯୋଗ ଶୁଣାଣି ଶାଖା ଖୋଲିଛି

ଆପଣଙ୍କର ଅଭିଯୋଗଗୁଡ଼ିକର ତୁରନ୍ତ ବିଚାର ଉଦ୍ଦେଶ୍ୟରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ମଣ୍ଡଳୀରେ ଏକ ଅଭିଯୋଗ ଶୁଣାଣି ଶାଖା ଖୋଲା ଯାଇଛି । ଏହି ଶାଖାଟି ମଣ୍ଡଳୀର ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନରେ କାର୍ଯ୍ୟ ନିର୍ବାହ କରୁଛି । ସେ ନିଜେ ବ୍ୟକ୍ତିଗତ ଭାବରେ ସମସ୍ତ ଅଭିଯୋଗ ପତ୍ରରେ ପ୍ରାପ୍ତି ସ୍ୱୀକାର କରୁଛନ୍ତି ଏବଂ ତୁରନ୍ତ କରଦାତାମାନଙ୍କ ଅଭିଯୋଗର ବିଚାର କରି ପ୍ରତିକାର ବ୍ୟବସ୍ଥା ନିର୍ଦ୍ଦିଷ୍ଟ କରୁଛନ୍ତି ।

ଆପଣଙ୍କର ନିମ୍ନୋକ୍ତ ବିଷୟରେ ଆୟକର, ସମ୍ପତ୍ତିକର, ଦାନକର ଅଥବା ଜମିଜମା ଶୁଳ୍କ ବାବଦରେ ଅଯଥା କାଳ କ୍ଷେପଣ ସମ୍ପର୍କରେ ଯଦି କିଛି ନିର୍ଦ୍ଦିଷ୍ଟ ଅଭିଯୋଗ ଥାଏ, ଯଥା—

- ଫେରସ୍ତ ମଞ୍ଜୁରୀ
- ଅପିଲ ଆଦେଶର ସଂପାଦନ
- ସଂଶୋଧନ ଦାବୀର ବିଚାର
- ପୂର୍ବ ଦେୟ କରର ମୀମାଂସା
- ନିର୍ଦ୍ଧାରଣ ପତ୍ରର ସଂପାଦନ
- ନିର୍ଦ୍ଧାରଣ କାଗଜପତ୍ରର ସ୍ଥାନାନ୍ତରଣ

*ତେବେ ଆପଣଙ୍କ ଅଭିଯୋଗପତ୍ର ଏହି ଠିକଣାରେ ପଠାନ୍ତୁ :—*

**ଶ୍ରୀ ଜଗଦୀଶ ଚାନ୍ଦ**
**ଚେୟାରମ୍ୟାନ**
ସେଣ୍ଟ୍ରାଲ ବୋର୍ଡ ଅଫ୍ ଡ଼ିରେକ୍ଟ ଟ୍ୟାକ୍ସେସ
ରୁମ ନମ୍ବର-୧୪୮, ନର୍ଥ ବ୍ଲକ୍
ସେଣ୍ଟ୍ରାଲ ସେକ୍ରେଟେରୀଏଟ
ନୂଆଦିଲ୍ଲୀ-୧୧୦୦୦୧

**ଦ୍ରଷ୍ଟବ୍ୟ :—** ଆପଣଙ୍କ ଅଭିଯୋଗର ବିଚାର ସହଜ ହେବା ଲାଗି ଦୟାକରି ସେଥିରେ ଆପଣଙ୍କର ନାମ ଓ ଠିକଣା, ନିର୍ଦ୍ଧାରଣ ବର୍ଷ ଏବଂ କର ନିର୍ଦ୍ଧାରକ ସର୍କଲ ବା ୱାର୍ଡ ନମ୍ବର ତଥା ସ୍ଥାୟୀ ହିସାବ ଖାତା ନମ୍ବର ଉଲ୍ଲେଖ କରନ୍ତୁ ।

**ଡିରେକ୍ଟର ଅଫ୍ ଇନସ୍ପେକ୍ସନ**
(ରିସର୍ଚ୍ଚ, ଷ୍ଟାଟିଷ୍ଟିକ୍ସ ଏବଂ ପବ୍ଲିକ ରିଲେସନ୍ସ)
ଇନ୍‌କମ ଟ୍ୟାକ୍ସ ଡ଼ିପାର୍ଟମେଣ୍ଟ
ନୂଆଦିଲ୍ଲୀ-୧୧୦୦୦୧

# ଗୋବର ଗ୍ୟାସ୍ ପ୍ଲାଣ୍ଟ

ଡ୍।ଃ ଚକ୍ରଧର ବଳିଆରସିଂହ

ଖଦୀ କମିଶନ, ଭାରତରେ ବିଭିନ୍ନ ରାଜ୍ୟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡମାନଙ୍କ ଜରିଆରେ, ଖଦୀ ଓ ଗ୍ରାମୋଦ୍ୟୋଗର ପ୍ରସାର ନିମିତ୍ତ ପ୍ରଚଳନ କରାଉଥିବା ୨୨ ଗୋଟି ଗ୍ରାମ୍ୟ ଶିଳ୍ପ ମଧ୍ୟରୁ ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ନିର୍ମାଣ ଅନ୍ୟତମ । ଆମ ରାଜ୍ୟ ଗୋଟିଏ କୃଷି ପ୍ରଧାନ ଦେଶ ଏବଂ ଶତକଡ଼ା ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । କୃଷି ସେମାନଙ୍କର ମୁଖ୍ୟ ଜୀବିକା । ଆମ ରାଜ୍ୟରେ ପ୍ରାୟ ୨ କୋଟିରୁ ଅଧିକ ଗୋ-ମହିଷାଦି ପଶୁ ଅଛନ୍ତି । ଏହି ପଶୁମାନଙ୍କ ମଳ ମୂତ୍ରକୁ ଠିକ୍ ଭାବେ ଉପଯୋଗୀ କରି ଏଥିରୁ ଉତ୍କୃଷ୍ଟ ଖତ, ଜାଳେଣୀ ଓ ଆଲୋକ ପାଇଁ ଶକ୍ତି ଆହରଣ କରି ଗ୍ରାମାଞ୍ଚଳକୁ ସମୃଦ୍ଧ କରାଯାଇ ପାରିବ ।

ଗ୍ରାମାଞ୍ଚଳରେ ସବୁଜ ବିପ୍ଳବକୁ ତ୍ୱରାନ୍ୱିତ କରିବା ପାଇଁ କୃଷକ ସମ୍ମୁଖରେ ସାରର ଅଭାବ ଏକ କଠିନ ସମସ୍ୟା ହୋଇ ଠିଆ ହୋଇଛି । ରାଜ୍ୟର ଚାଷ ଉପଯୋଗୀ ଜମିର ଶତକଡ଼ା ୫୦ ଭାଗରୁ ବେଶୀ ଜମିରେ ସାର ବ୍ୟବହାର କରିବା କୃଷକମାନଙ୍କ ପକ୍ଷରେ ସମ୍ଭବପର ହୋଇ ନଥାଏ । ରାସାୟନିକ ସାରର ବ୍ୟବହାର ଗରିବ ଚାଷୀମାନଙ୍କ ପାଇଁ ସବୁ ସମୟରେ ସମ୍ଭବପର ହୁଏ ନାହିଁ । ଚାଷୀକୁ ଯେ କେବଳ ରାସାୟନିକ ସାର ପ୍ରଚୁର ପରିମାଣରେ ମିଳୁନାହିଁ, ଜୈବିକ ସାର ମଧ୍ୟ ଉପଯୁକ୍ତ ଭାବେ ବିନିଯୋଗ କରିବା ତା'ପକ୍ଷେ ସମ୍ଭବପର ହେଉନାହିଁ । କୃଷକ ତା'ର ନିଜର ଅଭିଜ୍ଞତାରୁ ଜାଣି ପାରୁଛି ଯେ, ରାସାୟନିକ ସାର ସହିତ ଜୈବିକ ସାର ଜମିରେ ପ୍ରୟୋଗ କଲେ ଉତ୍ପାଦନ ନିର୍ଦ୍ଦିଷ୍ଟ ଭାବେ ବଢ଼ିପାରିବ । ବହୁପରିମାଣରେ ଗୃହପାଳିତ ପଶୁଙ୍କର ମଳମୂତ୍ରକୁ ସଠିକଭାବେ ବ୍ୟବହାର କରି ପାରିଲେ କୃଷି କ୍ଷେତ୍ରରେ ଉତ୍ପାଦନ ପରିମାଣ ବଢ଼ିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ସ୍ୱଚ୍ଛଳ ଜୀବନ ଧାରଣର ମାନଦଣ୍ଡ ବୃଦ୍ଧି କରାଯାଇ ପାରିବ ।

ସାଧାରଣତଃ ଗୋବରକୁ ଘସି କରି ଜାଳେଣୀରେ ବ୍ୟବହାର କରାଯାଇଥାଏ । ଅନ୍ୟ କେତେକ କ୍ଷେତ୍ରରେ ଗୋବରକୁ ସଂଗ୍ରହ କରି କଂପୋଷ୍ଟ୍ ଖତ ଉତ୍ପାଦନ କରାଯାଇଥାଏ । ଜାଳେଣୀ କାଠର ପରିମାଣ କ୍ରମଶଃ କମିଯାଉଅଛି ଏବଂ ଯାହା ମିଳୁଛି ତାହାର ମୂଲ୍ୟ ମଧ୍ୟ କ୍ରମଶଃ ବଢ଼ି ବଢ଼ି ଚାଲିଛି । ଆବଶ୍ୟକତା ଅନୁଯାୟୀ ଯଥେଷ୍ଟ ଜାଳେଣୀ କାଠ ମଧ୍ୟ ମିଳୁନାହିଁ । ତେଣୁ ଅନେକ ସ୍ଥଳରେ ଗଛର ପତ୍ର ଏବଂ ଗୋବରକୁ ମୁଖ୍ୟ ଜାଳେଣୀ ରୂପେ ଗ୍ରାମବାସୀମାନେ ବ୍ୟବହାର କରିଥାନ୍ତି । ଯେଉଁପରି ଭାବରେ ଚାଷୀ ଗୋବରକୁ ଜମିରେ ସାର ଭାବେ ବ୍ୟବହାର କରିଥାଏ ଏବଂ ଘସି ତିଆରି କରି ଜାଳେଣୀର ଅଭାବ ମେଣ୍ଟାଇଥାଏ ସେପରି ବ୍ୟବହାର ସବୁ ସମୟରେ କରାଯିବା ଉଚିତ କି ନା ସେ ବିଷୟ ଚାଷୀମାନଙ୍କୁ ବୁଝାଇ ଦେବା ନିତାନ୍ତ ଆବଶ୍ୟକ । ଚାଷୀ ପକ୍ଷରେ ଗୋବର ଓ ମୂତ୍ର ଅତି ମୂଲ୍ୟବାନ ସଂପଦ । ଗୋବରରେ ମୂଲ୍ୟବାନ ଶକ୍ତି ଲୁକ୍କାୟିତ ରହିଛି । ଗୋବରର ଜାଳେଣୀ ଶକ୍ତିକୁ ଅଲଗାଭାବେ ବ୍ୟବହାର କରି ମଧ୍ୟ ଗୋବରରୁ ଉତ୍କୃଷ୍ଟ ଖତ ମିଳିପାରିବ । ଏତଦ୍ ବ୍ୟତୀତ ଗ୍ରାମାଞ୍ଚଳରେ ମିଳୁଥିବା ଗଛର ପତ୍ର, ଚାଷୀ ଜମିରେ ଛାଡ଼ିଯାଉଥିବା ନଡ଼ାର ଅବଶିଷ୍ଟାଂଶ ଏବଂ ଜମିରେ ଗୋରୁଗାଈ ଚରୁଥିବା ବେଳେ ଯେଉଁ ମଳ ତ୍ୟାଗ କରିଥାନ୍ତି ସେ ସମସ୍ତକୁ ଜାଳେଣୀ ଭାବେ ବ୍ୟବହାର କରାଯାଉଥିବାରୁ ଜମି ଜୈବିକ ସାର ପାଇବାର ସୁଯୋଗରୁ ବଞ୍ଚିତ ହୋଇଥାଏ ।

ସେହିପରି ଆଲୋକର ସମସ୍ୟା ଗ୍ରାମାଞ୍ଚଳରେ ଅତି ଦୁରୁହ । ସମସ୍ତ ଗ୍ରାମକୁ ବିଦ୍ୟୁତକରଣ ଏ ପର୍ଯ୍ୟନ୍ତ କରାଯାଇ ପାରିନାହିଁ । ଗ୍ରାମାଞ୍ଚଳରେ କିରୋସିନି ତେଲର ଅଭାବ ମଧ୍ୟ ଉତ୍କଟ । ଗ୍ରାମବାସୀମାନେ ପ୍ରଚୁର ପରିମାଣରେ କିରୋସିନି ତେଲ ଜାଳେଣୀ ରୂପେ ବ୍ୟବହାର କରିବା ସମ୍ଭବପର ନୁହେଁ । ସହରାଞ୍ଚଳରେ କୋଲଗ୍ୟାସ୍ ମଧ୍ୟ ଆବଶ୍ୟକତା ଅନୁଯାୟୀ ଯୋଗାଇ ଦିଆଯାଇ ପାରୁନାହିଁ । ଏହି ସମସ୍ତ ସମସ୍ୟାକୁ ଆଖି ଆଗରେ ରଖି ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ନିର୍ମାଣକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ ଖଦୀ କମିଶନଙ୍କ ପ୍ରସ୍ତୁତ ପ୍ରଣାଳୀରେ ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ୧୯୬୧ ମସିହା ଠାରୁ ଆରମ୍ଭ କରିଛନ୍ତି । ଲୋକ ସମର୍ଥନ ଏବଂ ଏହି ପ୍ଲାଣ୍ଟର ଉପାଦେୟତା ଅନୁଭବ ନ କଲେ ବହୁଳ ପରିମାଣରେ ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ନିର୍ମାଣ ସମ୍ଭବପର ହୋଇ ନ ପାରେ । ସୁଖର କଥା ଗତ ଦୁଇବର୍ଷ ଧରି ଲୋକମାନଙ୍କ ମଧ୍ୟରେ ବିଶେଷ କରି ଗ୍ରାମାଞ୍ଚଳରେ ବାସକରୁଥିବା କୃଷକ ପରିବାରମାନଙ୍କ ମଧ୍ୟରେ ଗୋବର ଗ୍ୟାସ୍ ପ୍ଲାଣ୍ଟ୍ ନିର୍ମାଣ କରିବାର ଆଗ୍ରହ ବହୁଳ ପରିମାଣରେ ପରିଲକ୍ଷିତ ହେଉଛି । ରାନ୍ଧିବାପାଇଁ ଗ୍ୟାସ, ଆଲୋକିତ କରିବା ପାଇଁ ଶକ୍ତି ଏବଂ କୃଷକର୍ମ ପାଇଁ ଉତ୍କୃଷ୍ଟ ସାର ଏକାଧାରରେ ଗୋବରଗ୍ୟାସ୍ ପ୍ଲାଣ୍ଟ୍‌ରୁ ମିଳିଥାଏ । ରାଜ୍ୟ କୃଷି ବିଭାଗ ମଧ୍ୟ ଗୋବର-ଗ୍ୟାସ୍ ପ୍ଲାଣ୍ଟ୍ ନିର୍ମାଣ କରିବାକୁ ଅଗ୍ରାଧିକାର ଦେଉଛି ।

ଗୋବର ସାଧାରଣତଃ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସିଲେ ଏଥିରେ ଥିବା ଯବକ୍ଷାର ଯାନ ନଷ୍ଟ ହୋଇ ଯାଇଥାଏ ।

ତେଣୁ କଞ୍ଚା ଗୋବରକୁ ବାହାରେ ଗଦା ନ କରି ଏଥିରେ ନିହିତ ଥିବା ସମସ୍ତ ଶକ୍ତିକୁ ବ୍ୟବହାର କରିବା ପାଇଁ ଗୋବରଗ୍ୟାସ୍ ପ୍ଲାଣ୍ଟ୍ ଉଦ୍ଦିଷ୍ଟ । ଏହି ପ୍ଲାଣ୍ଟ୍ ଗୋବରରୁ ମିଥେନ୍ ଗ୍ୟାସ୍ କାଢିନେଇ ଗୋବରଗ୍ୟାସ ପ୍ଲାଣ୍ଟରେ ଥିବା ଢାଙ୍କୁଣୀ ମଧ୍ୟରେ ସଞ୍ଚୟ କରେ ଏବଂ ଯବକ୍ଷାରଯାନ ଓ ଉଦ୍ଭିଦ ଖାଦ୍ୟପ୍ରାଣ ପୂର୍ଣ୍ଣ ମାତ୍ରାରେ ତରଳ ଖତକୁ କାଢିଦିଏ । ଗୋବର ଗ୍ୟାସ ପ୍ଲାଣ୍ଟ ଆମ୍ଭମାନଙ୍କର ପାରିବାରିକ ଗ୍ରହିଦା ଅନୁଯାୟୀ ଧୂମ୍ରବିହୀନ ଜାଳେଣୀ, ବିପଦମୁକ୍ତ ଆଲୋକ ଏବଂ ଉତ୍କୃଷ୍ଟ ଧରଣର ସବୁଜ ସାର ଯୋଗାଇ ଥାଏ । କେବଳ ସେତିକି ନୁହେଁ ଯଦି ୩୦–୪୦ ଟି ଗୋ-ମହିଷାଦି ରଖି ଗୋଟିଏ ବଡ଼ଧରଣର ଗୋବର ଗ୍ୟାସ ପ୍ଲାଣ୍ଟ କରାଯାଏ ସେଥିରୁ ଉତ୍ପାଦିତ ଗ୍ୟାସକୁ ଡ଼ିଜେଲ ଇଞ୍ଜିନ୍ ଚଳାଇ ଜମିକୁ ଜଳସେଚିତ କରାଯିବା ସଙ୍ଗେ ସଙ୍ଗେ ଧାନକଳ ମଧ୍ୟ ଚଳାଯାଇ ପାରିବ ।

ଗୋବର ଗ୍ୟାସ ପ୍ଲାଣ୍ଟ କେବଳ ଗୋ-ମହିଷାଦି ପଶୁଙ୍କର ମଳକୁ ନୁହେଁ ମନୁଷ୍ୟର ମଳକୁ ମଧ୍ୟ ଉପଯୋଗ କରିପାରେ । ଏ ସବୁ ପଦାର୍ଥ ଗୋବରଗ୍ୟାସ ପ୍ଲାଣ୍ଟ ମଧ୍ୟରୁ ତରଳ ଆକାରରେ ବାହାରିଲେ ମଧ୍ୟ ଏହା ଗନ୍ଧ ହୀନ ଓ ଉର୍ବର । ମଶା ମାଛିଙ୍କର ଏହା ଆକର୍ଷଣୀୟ ନୁହେଁ କିମ୍ବା ରୋଗ ସଂକ୍ରାମକ ମଧ୍ୟ ନୁହେଁ । ଗୋବର ଗ୍ୟାସରେ ମିଥେନ୍ ଶତକଡ଼ା ୫୫ ଏବଂ କାର୍ବନଡ଼ାଇ-ଅକ୍ସାଇଡ଼ି ଶତକଡ଼ା ୪୫ ଥିବା ଯୋଗୁଁ ଏହା ସବୁ କ୍ଷେତ୍ରରେ ବିପଦମୁକ୍ତ । ଏହି ମିଥେନ୍ ଗ୍ୟାସ ଜଳିବା ସମୟରେ ଯେଉଁ ଅଗ୍ନି ଶିଖା ବାହାରେ ତାହା ନୀଳ ରଙ୍ଗ ଅଟେ ଏବଂ ସେଥିଯୋଗୁଁ ରୋଷେଇରେ ବ୍ୟବହାର ହେଉଥିବା ବାସନ କଳାପଡ଼େ ନାହିଁ ।

ଏହି ପ୍ଲାଣ୍ଟ ତିଆରି କରିବା ପାଇଁ କୌଣସ ଜଟିଳ ଯନ୍ତ୍ରପାତି କିମ୍ବା କୌଣସି ରାସାୟନିକ ଦ୍ରବ୍ୟ ମିଶ୍ରଣର ଆବଶ୍ୟକତା ହୁଏନାହିଁ । ଏକ ସହଜ ବୈଜ୍ଞାନିକ ପ୍ରଣାଳୀରେ ଗୋବରଗ୍ୟାସପ୍ଲାଣ୍ଟ ନିର୍ମାଣ କରାଯାଇଥାଏ । ୧୫×୧୨ ଫୁଟର ସ୍ଥାନ ତିଆରି ପାଇଁ ଦରକାର । ଅତିକମ୍‌ରେ ୫ ଗୋଟି ଗୋ-ମହିଷାଦି ପ୍ରାଣୀ ରଖିଥିବା ପରିବାର ମଧ୍ୟ ଏହି ପ୍ଲାଣ୍ଟ କରିପାରିବେ । ଇଚ୍ଛାକଲେ ନିଜର ପାଇଖାନାଟିକୁ ମଧ୍ୟ ଗ୍ୟାସ ପ୍ଲାଣ୍ଟ ସହିତ ସଂଯୋଗ କରି ସେପ୍‌ଟିକ୍ ପାଇଖାନା ରୂପେ ବ୍ୟବହାର କରାଯାଇ-ପାରିବ । ସାଧାରଣତଃ ଏକ ଘନମିଟରରୁ ୧୦ ଘନମିଟର ପର୍ଯ୍ୟନ୍ତ ଗ୍ୟାସ ପ୍ଲାଣ୍ଟ ଘରୋଇ ବ୍ୟବହାର ନିମିତ୍ତ ସୁପାରିଶ କରାଯାଇଥାଏ । ଗୋବରଗ୍ୟାସପ୍ଲାଣ୍ଟ ମଧ୍ୟରେ ୪ ଭାଗ ଗୋବର ସହ ୫ ଭାଗ ଜଳ ଗୋଳାଇ ନିର୍ଦ୍ଦିଷ୍ଟ ପରିମାଣରେ ପ୍ରତିଦିନ ସଂଯୁକ୍ତ ନିର୍ଗମ ପଥରେ ଢ଼ାଳି ଦିଆଯାଏ । ଏହି ତରଳ ଗୋବର ପ୍ଲାଣ୍ଟ ଭିତରକୁ ଯାଇ ୭୨ ଘଣ୍ଟା ମଧ୍ୟରେ ଗ୍ୟାସ ଉତ୍ପନ୍ନ କରେ ଏବଂ ଉତ୍ପାଦିତ ଗ୍ୟାସ ପ୍ଲାଣ୍ଟର ଉପରି ଭାଗରେ ଢ଼ଙ୍କା ହୋଇଥିବା ଏକ ଇସ୍ପାତ ନିର୍ମିତ ଢାଙ୍କୁଣୀରେ ଗଚ୍ଛିତ ହେବାକୁ ଲାଗେ । ଗ୍ୟାସ ଢାଙ୍କୁଣୀ ମଧ୍ୟରେ ଯେତେପରିମାଣରେ ଗଚ୍ଛିତ ହୁଏ ଢାଙ୍କୁଣୀଟି ସେହି ପରିମାଣରେ ଧୀରେ ଧୀରେ ଉପରକୁ ଉଠେ । ଢାଙ୍କୁଣୀଟି ପୂର୍ଣ୍ଣ ମାତ୍ରାରେ ଉପରକୁ ଉଠିଗଲେ ଏଥିରେ ଗ୍ୟାସ ପୂର୍ଣ୍ଣ ହେଲା ବୋଲି ଜାଣିବାକୁ ହେବ । ପ୍ଲାଣ୍ଟ ମଧ୍ୟକୁ ଯାଇଥିବା ତରଳ ପଦାର୍ଥରୁ ମିଥେନ୍ ଗ୍ୟାସ ଢାଙ୍କୁଣୀରେ ଗଚ୍ଛିତ ହେବାପରେ, ଉକ୍ତ ତରଳ ପଦାର୍ଥ ସଂଯୁକ୍ତ ନିଷ୍କାସନ ପଥ ଦେଇ ପଦାକୁ ବାହାରି ଆସେ । ଏହି ତରଳ ପଦାର୍ଥକୁ ଜୈବିକ ସାରଭାବେ ସିଧାସଳଖ ଜମିରେ ବ୍ୟବହାର କରାଯାଇ ପାରିବ । ସାଧାରଣତଃ ଗୋବର ଖତରେ ଯବକ୍ଷାର ଜାନର ପରିମାଣ ୦·୫ % ଥିବାବେଳେ ଗୋବରଗ୍ୟସ ପ୍ଲାଣ୍ଟରୁ ବାହାରୁଥିବା ଖତର ଯବକ୍ଷାରଜାନ ପରିମାଣ ୧·୫ % ଅର୍ଥାତ୍ ତିନିଗୁଣ । ସାଧାରଣ ଖତ ୩ କି: ଗ୍ରା: ପ୍ରୟୋଗ କଲେ ଯେଉଁ ପରିମାଣର ଉତ୍ପାଦନ ମିଳେ, ପ୍ଲାଣ୍ଟରୁ ବାହାରୁଥିବା ଖତରୁ ମାତ୍ର ଏକ କି: ଗ୍ରା: ବ୍ୟବହାର କଲେ ସେହି ପରିମାଣରେ ଫଳ ମିଳେ । ଖଦୀ ଓ ଗ୍ରାମୋଦ୍ୟୋଗ କମିଶନଙ୍କ ଦ୍ୱାରା ପରିବର୍ତ୍ତିତ ଡ଼ିଜାଇନରେ ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କଲେ ଗୋବରଗ୍ୟାସ ପ୍ଲାଣ୍ଟରୁ ୭୨ ଘଣ୍ଟା ପରିବର୍ତ୍ତେ ୪୮ ଘଣ୍ଟା ମଧ୍ୟରେ ଗ୍ୟାସ ଉତ୍ପାଦନ ହେବା ଆରମ୍ଭ ହୋଇଥାଏ । ଉକ୍ତ ଗୋବରଗ୍ୟାସ ପ୍ଲାଣ୍ଟ ଅନ୍ୟୁନ ୧୫ ବର୍ଷ ପର୍ଯ୍ୟନ୍ତ ନିରାପଦରେ ଚାଲି ପାରିବ ।

ରାଜ୍ୟ କୃଷି ବିଭାଗ ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ ପାଇଁ ମଧ୍ୟ ତତ୍ପରତା ପ୍ରକାଶ କରୁଥିବାରୁ ନିକଟ ଭବିଷ୍ୟତରେ ବହୁପରିମାଣରେ ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମିତ ହୋଇ ପାରିବ । ଖଦୀ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ନକ୍‌ସା ବ୍ୟତୀତ, ଚାଇନା ଟାଇପ୍ (ଡ଼ୋଙ୍ଗଟାଇପ୍) ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ କୃଷି ବିଭାଗ ମଧ୍ୟ ସ୍ଥିର କରିଛନ୍ତି । ବିଭିନ୍ନ ପ୍ରକାରର ଖଦୀ କମିଶନଙ୍କ ନିର୍ଦ୍ଧାରିତ ନକ୍‌ସା ଅନୁଯାୟୀ ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଆବଶ୍ୟକୀୟ ପ୍ରାଣୀ ସଂଖ୍ୟା, ମୋଟ ଖର୍ଚ୍ଚ ଅଟକଳ, ବ୍ୟାଙ୍କ ଋଣ ଏବଂ ରିହାତି (ଅନୁଦାନ) ନିମ୍ନରେ ପ୍ରଦତ୍ତ ହେଲା ।

| କ୍ର:ନଂ: | ପ୍ଲାଣ୍ଟର ମାପ ଘନମିଟରରେ | ଆବଶ୍ୟକ ପ୍ରାଣୀଙ୍କ ସଂଖ୍ୟା | ମୋଟ ଖର୍ଚ୍ଚ ଅଟକଳ ଟଙ୍କା | ବ୍ୟାଙ୍କ ଋଣ ଟଙ୍କା | ଅନୁଦାନ(ଛାଡ଼) ଟଙ୍କା |
|---|---|---|---|---|---|
| ୧ | ୨ ଘ: ମି: | ୩–୫ | ୨,୮୪୦·୦୦ | ୨,୮୪୦·୦୦ | ୭୪୫·୦୦ |
| ୨ | ୩ ଘ: ମି: | ୬–୮ | ୩,୫୦୦·୦୦ | ୩,୫୦୦·୦୦ | ୧୦୧୫·୦୦ |
| ୩ | ୪ ଘ: ମି: | ୧୦–୧୨ | ୩,୯୬୫·୦୦ | ୩,୯୬୫·୦୦ | ୧୩୨୫·୦୦ |
| ୪ | ୬ ଘ: ମି: | ୧୨–୧୫ | ୪,୮୫୫·୦୦ | ୪,୮୫୫·୦୦ | ୧୬୮୫·୦୦ |
| ୫ | ୮ ଘ: ମି: | ୧୫–୨୦ | ୬,୨୬୫·୦୦ | ୬,୨୬୫·୦୦ | ୨୦% |
| ୬ | ୧୦ ଘ: ମି: | ୨୦–୨୫ | ୭,୩୨୫·୦୦ | ୭,୩୨୫·୦୦ | ୨୦% |

ଯେ କୌଣସି ବ୍ୟକ୍ତି ଚାହିଁଲେ ନିଜ ଖର୍ଚ୍ଚରେ ପ୍ଲାଣ୍ଟ ତିଆରି କରି ପାରିବେ ଏବଂ ସେଥିପାଇଁ ଆବଶ୍ୟକ ଅର୍ଥ ପୂର୍ଣ୍ଣ ମାତ୍ରାରେ ଜାତୀୟକରଣ ବ୍ୟାଙ୍କରୁ ଋଣ ଆକାରରେ ନେଇ ପାରିବେ । ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବାକୁ ଋଣ ନେବାପାଇଁ ଖଦୀ ବୋର୍ଡ ସୁପାରିଶ କରିଥାନ୍ତି । ଅନୁଦାନ ଅର୍ଥ ପ୍ଲାଣ୍ଟର ନିର୍ମାଣ ସମାପ୍ତି ପରେ କେନ୍ଦ୍ରୀୟ କୃଷିମନ୍ତ୍ରଣାଳୟରୁ ଖଦୀ କମିଶନଙ୍କ ଜରିଆରେ ମିଳିଥାଏ । ପରିବର୍ତ୍ତିତ ପରିପ୍ରେକ୍ଷୀରେ ରାଜ୍ୟର କୃଷି ବିଭାଗ ମଧ୍ୟ ଏହି ସବ୍‌ସିଡ଼ି ବା ଅନୁଦାନ ଦେବାକୁ ସ୍ଥିର କରିଛନ୍ତି ।

ହରିଜନ ଆଦିବାସୀମାନଙ୍କ ମଧ୍ୟରେ ଏହି ପ୍ରକାର ଗୋବରଗ୍ୟାସ ପ୍ଲାଣ୍ଟର ନିର୍ମାଣ ପାଇଁ ଉତ୍ସାହ ବୃଦ୍ଧି କରିବାକୁ ଶତକଡ଼ା ୭୫ ଭାଗ ଅନୁଦାନ ଆକାରରେ ଅର୍ଥ ଯୋଗାଇ ଦିଆଯାଇଥାଏ । କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବାକୁ ବିଶେଷ ରିହାତି ଦେବାର ବ୍ୟବସ୍ଥା ଅଛି । ରାଜ୍ୟ ଖଦୀ ବୋର୍ଡ ତରଫରୁ ପ୍ଲାଣ୍ଟର ନିର୍ମାଣ ନିମିତ୍ତ ସବୁପ୍ରକାରର ବୈଷୟିକ ପରାମର୍ଶ ଦିଆଯାଏ ଏବଂ କାର୍ଯ୍ୟକାରୀ ରିପୋର୍ଟ ପ୍ରସ୍ତୁତ କରି- ଦିଆଯାଏ । ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କ୍ଷେତ୍ରରେ ଦେଖାଦେଇଥିବା ସିମେଣ୍ଟ ଓ ଇସ୍ପାତର ଅଭାବ ପୂରଣ କରିବା ପାଇଁ ସ୍ଥିର କରାଯାଇଛି ଯେ, ପ୍ରତି ଜିଲ୍ଲା କୃଷି ଅଧିକାରୀଙ୍କ ନିକଟରେ ଏଥିନିମିତ୍ତ ସିମେଣ୍ଟ ଗଚ୍ଛିତ ରହିବ ଏବଂ ରାଜ୍ୟ ଖଦୀବୋର୍ଡଙ୍କ ସୁପାରିଶ କ୍ରମେ ପ୍ଲାଣ୍ଟ ନିର୍ମାଣ କରିଥିବା ବ୍ୟକ୍ତିଙ୍କୁ ଆବଶ୍ୟକୀୟ ସିମେଣ୍ଟ ମିଳିପାରିବ । ଗତବର୍ଷ ସୁଦ୍ଧା ରାଜ୍ୟ ଖଦୀବୋର୍ଡ ୯୧୯ଟି ଗୋବରଗ୍ୟାସ ପ୍ଲାଣ୍ଟବିଭିନ୍ନ ଜିଲ୍ଲାରେ ନିର୍ମାଣ କରାଇ ପାରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ୧୦୦୦ ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା ମଧ୍ୟରେ ରାଜ୍ୟରେ ଯେପରି ୫୦୦୦ ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ କରାଯାଇ ପାରିବ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ ଯୋଜନା ପ୍ରସ୍ତୁତ କରାଯାଉଅଛି । ଖଦୀ କମିଶନ ଓ ରାଜ୍ୟ କୃଷି ବିଭାଗର ପୂର୍ଣ୍ଣ ସହଯୋଗ ଲୋକମାନଙ୍କ ମଧ୍ୟରେ ଆଗ୍ରହର ଅଭିବୃଦ୍ଧି ବିଶେଷ କରି ଜାତୀୟକରଣ ବ୍ୟାଙ୍କମାନଙ୍କର ଆର୍ଥିକ ସହାୟତା ଏବଂ ସରକାରଙ୍କ ଅନୁଦାନ ଫଳରେ ଏହି ଜାତୀୟ ଯୋଜନାର ଲକ୍ଷ୍ୟ ପୂରଣ କରା ଯାଇପାରିବ । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ (ବାଇଓଗ୍ୟାସ) ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣକୁ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା ଏହି ଯୋଜନା ଯେ କେତେ ସମୟୋପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ତାହା ସମସ୍ତେ ଉପଲବ୍‌ଧି କରିବା ଉଚିତ । ଗୋବର ଗ୍ୟାସପ୍ଲାଣ୍ଟରୁ ଏକାଧାରରେ ଜମି ପାଇଁ ଖତସାର, ରାନ୍ଧିବା ପାଇଁ ଜାଳେଣୀ ଗ୍ୟାସ ଏବଂ ଆଲୋକିତ କରିବା ପାଇଁ ଶକ୍ତି ମିଳୁଥିବାରୁ ଗ୍ରାମାଞ୍ଚଳରେ ବାସକରୁଥିବା କୃଷକ ପରିବାରମାନେ ଏ ଯୋଜନାର ପୂର୍ଣ୍ଣ ସୁଯୋଗ ନିଅନ୍ତୁ ।

ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଓ ଅନୁଷ୍ଠାନମାନେ ରାଜ୍ୟ ଖଦୀବୋର୍ଡ ସଂପୃକ୍ତ ଜିଲ୍ଲା ଶିଳ୍ପକେନ୍ଦ୍ରର କୁଟୀରଶିଳ୍ପ ମ୍ୟାନେଜର, ସ୍ଥାନୀୟ ବ୍ଲକ୍‌ର ଶିଳ୍ପ ବିକାଶ ଅଧିକାରୀ ଏବଂ ଜିଲ୍ଲା କୃଷି ଅଧିକାରୀ-ମାନଙ୍କ ସହ ଯୋଗାଯୋଗ ସ୍ଥାପନ କଲେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ।

ସଭାପତି, ଓଡ଼ିଶା ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ

ଓଡ଼ିଆ ଜାତିକୁ ତା'ର ନିଜତ୍ୱ ଓ ନିଜସ୍ୱରେ ପ୍ରତିଷ୍ଠିତ ହେବ। ସଙ୍ଗେ ସଙ୍ଗେ ଭାରତରେ
ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ ହେବ । ଏହି ସ୍ଥାନ ଲାଭ ପାଇଁ ପ୍ରକୃତି ଓଡ଼ିଶାକୁ ସମସ୍ତ ଐଶ୍ୱର୍ଯ୍ୟରେ
ମଣ୍ଡିତ କରିଛି । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ ପୃଥିବୀର ଖୁବ୍ କମ୍ ଅଞ୍ଚଳରେ ଅଛି ।
କେବଳ ସୋଭିଏତ ୟୁନିୟନର ୟୁକ୍ରେନ ଓ ଜର୍ମାନୀର ରାଇନ୍‌ଲାଣ୍ଡ ଏହା ସହିତ ତୁଳନୀୟ ହୋଇ
ପାରେ। ଏହି ପ୍ରାକୃତିକ ଐଶ୍ୱର୍ଯ୍ୟର ବିକାଶ ଉପରେ ଓଡ଼ିଶାର ଭବିଷ୍ୟତ ନିର୍ଭର କରୁଛି ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଉତ୍କଳର ବୈଶିଷ୍ଟ୍ୟ

ଶ୍ରୀ କାମାକ୍ଷୀ ପ୍ରସାଦ ଶର୍ମାଙ୍କ ରଚିତ ଏବଂ ଗତ ଏପ୍ରିଲ ୧ ତାରିଖରେ ବ୍ରହ୍ମପୁରରୁ ପ୍ରକାଶିତ "ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ" ପୁସ୍ତିକାରେ ଉତ୍କଳର ବୈଶିଷ୍ଟ୍ୟ ସଂପର୍କରେ କେତେକ ମୂଲ୍ୟବାନ ତଥ୍ୟ ସନ୍ନିବେଶିତ ହୋଇଛି । "ଉତ୍କଳ ପ୍ରସଙ୍ଗ" ପାଠକ ପାଠିକାମାନଙ୍କର ଅବଗତି ନିମନ୍ତେ ନିମ୍ନରେ ତାହା ଉଦ୍ଧାର କରାଗଲା–

"ଉତ୍କଳ ଦେଶର କଥା ମହାଭାରତ, ବ୍ରହ୍ମ-ବାୟୁ-ଅଗ୍ନି-ଲିଙ୍ଗ-ହରିବଂଶ ମତ୍ସ୍ୟ-ବାମନ-ମାର୍କଣ୍ଡେୟ ପୁରାଣରେ ଅଛି । କାଳିକା ଓ ସ୍କନ୍ଦ ପୁରାଣ ମତରେ 'ଉଡ୍ଡୀୟାନ' ହିଁ ଉତ୍କଳ । ଏହି ଦେଶ ଉତ୍ତରରେ କପିଶା ନଦୀ (କଂସେଇ ବା କାଂଶବାଂଶ) ଠାରୁ ଦକ୍ଷିଣରେ ଋଷିକୂଲ୍ୟା ଯାଏ, ପୂର୍ବରେ ପୂର୍ବ ସମୁଦ୍ର (ଆଧୁନିକ ବଙ୍ଗୋପସାଗର) ଠାରୁ ପଶ୍ଚିମରେ ବିଳାସପୁର ଯାଏ ବିସ୍ତୃତ ଥିଲା ।

"ଉତ୍କଳର ନାମକରଣ ସମ୍ବନ୍ଧରେ ବହୁମତ ରହିଛି । ସୁଦ୍ୟୁମ୍ନଙ୍କ ପୁତ୍ର 'ଉତ୍କଳ' ଏ ରାଜ୍ୟ ସ୍ଥାପନ କରିଥିଲେ । ରାଜଧାନୀର ନାମ ଥିଲା "ଉତ୍କଳିକା" । ସମସ୍ତ ପ୍ରକାର 'କଳା' ବା ବିଦ୍ୟାର ବିକାଶ ଭୂମି ହେତୁ ଏ ଦେଶ ଉତ୍କଳ ନାମରେ ପ୍ରସିଦ୍ଧ ହେବା କେତେକଙ୍କର ମତ । ମହାଭାରତ ଭୀଷ୍ମ ପର୍ବରେ କର୍ଣ୍ଣ ଏ ଦେଶ ଜୟ କରିଥିବା ଉଲ୍ଲେଖ ଅଛି । ମହାକବି କାଳିଦାସଙ୍କ ରଘୁବଂଶରେ ଉତ୍କଳର ନାମ ଅଛି । ଏ ଦେଶକୁ ଲାଗି ଦକ୍ଷିଣରେ କଳିଙ୍ଗ ଦେଶ ଥିଲା ।

"ଦକ୍ଷିଣ କୋଶଳ ବର୍ତ୍ତମାନ ମଧ୍ୟ ପ୍ରଦେଶର ସମଗ୍ର ପୂର୍ବାଞ୍ଚଳ ସମେତ ସମ୍ବଲପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାମାନଙ୍କୁ ନେଇ ଗଠିତ ହୋଇଥିଲା । ମହାଭାରତର ସଭା-ଭୀଷ୍ମ-ଦ୍ରୋଣ ଓ କର୍ଣ୍ଣ ପର୍ବମାନଙ୍କରେ କୋଶଳ ଦେଶର ଉଲ୍ଲେଖ ଅଛି । କର୍ଣ୍ଣ ଦୁର୍ଯ୍ୟୋଧନଙ୍କ ସାହାଯ୍ୟରେ ଏ ଦେଶ ଜୟ କରିଥିଲେ । ସହଦେବ ତାଙ୍କର ଦକ୍ଷିଣ-ଦିଗ ବିଜୟରେ ମଧ୍ୟ ଏ ଦେଶ ଜୟ କରିଥିଲେ । ଅଭିମନ୍ୟୁ କୋଶଳାଧିପତି ବୃହଦବଳଙ୍କୁ ଯୁଦ୍ଧରେ ନିହତ କରିଥିଲେ । ଦକ୍ଷିଣ କୋଶଳର ଏକାଂଶ ଉତ୍କଳର ଅଧୀନ ହୋଇଥିଲା ।

"ଉତ୍କଳ ପୁଣ୍ୟଭୂମି, ବ୍ରହ୍ମ-ବାମନ-ବିଷ୍ଣୁ-ସ୍କନ୍ଦ-ଗରୁଡ଼ ପୁରାଣାଦି, ମହାଭାରତ, କପିଳ ସଂହିତା, ବାମଦେବ ସଂହିତା, ସ୍ୱର୍ଣ୍ଣାଦ୍ରି ମହୋଦୟ, ନୀଳାଦ୍ରି ମହୋଦୟ, ଏକାମ୍ର ଚନ୍ଦ୍ରିକା ଆଦି ଗ୍ରନ୍ଥମାନଙ୍କରେ ଏ ଦେଶର ତୀର୍ଥମାନଙ୍କ ବିବରଣ ରହିଅଛି । ବିରଜା, ବୈତରଣୀ, ଲିଙ୍ଗରାଜ, କୋଣାର୍କ, ପୁରୁଷୋତ୍ତମ ତଥା ତତ୍କୃତ୍ୟ ପଞ୍ଚ ତୀର୍ଥରେ ସ୍ନାନ, ଦାନ ଓ ତର୍ପଣରେ ଅକ୍ଷୟ ଫଳ ଲାଭ ହେବା ଲେଖାଅଛି ।

"ଏ ଦେଶ ଉର୍ବର, ଆଧିବ୍ୟାଧିଶୂନ୍ୟ, ଶୂରବୀରଙ୍କ ଜନ୍ମଭୂମି, ଆଚାର-ବ୍ୟବହାର ଉତ୍ତମ, ଚତୁର୍ବର୍ଣ୍ଣ୍ୟ ସମାଜ ସ୍ୱ ସ୍ୱ ଧର୍ମନିରତ, ସ୍ତ୍ରୀମାନେ ପତିବ୍ରତା, ସୁଗୁଣ ମଣ୍ଡିତା ବୋଲି ଉଲ୍ଲେଖ ରହିଛି । ଭାରତବର୍ଷ ସକଳ ବର୍ଷ ବା ଦେଶ ମଧ୍ୟରେ ଶ୍ରେଷ୍ଠ । ଭାରତ ମଧ୍ୟରେ ଉତ୍କଳର ସ୍ଥାନ ଶ୍ରେଷ୍ଠତମ । ଏଠି ଦୁର୍ଭିକ୍ଷ, ମଡ଼କ ତଥା ରାଷ୍ଟ୍ରଭଙ୍ଗ ଭୟ ନାହିଁ ।

"ସ୍ୱୟଂ ନାରାୟଣ ଯେଉଁ ଦେଶରେ ଜଗନ୍ନାଥ ନାମରେ ଦାରୁବ୍ରହ୍ମ ରୂପେ ବିରାଜମାନ, ଯେଉଁଠି ବୈଷ୍ଣବ, ଶୈବ, ଶାକ୍ତ, ସୌର, ଗାଣପତ୍ୟ ଏପରିକି ଜୈନ ଓ ବୌଦ୍ଧ ସମସ୍ତେ ପରସ୍ପର ବିଦ୍ୱେଷ ତ୍ୟାଗ କରି 'ଜଗନ୍ନାଥ ସଂସ୍କୃତି'ର ସହନଶୀଳତାରେ ପ୍ରଭାବିତ, ସର୍ବବର୍ଣ୍ଣ ସମାଜର ଉଚ୍ଚ-ନୀଚ ଭେଦ ଯେଉଁ ସଂସ୍କୃତିରେ ଲୋପ ପାଇଅଛି, ସେ ଦେଶର ପ୍ରଶଂସା ସର୍ବତ୍ର ଲିଖିତ ହେବାରେ ଆଶ୍ଚର୍ଯ୍ୟ ନାହିଁ ।"

---

ଶାସନଗତ ଅସ୍ଥିରତା ଓ ଉତ୍କଟ ରାଜନୈତିକ ବିବାଦ ଯେକୌଣସି ବଳିଷ୍ଠ ରାଜ୍ୟକୁ ମଧ୍ୟ ପଛକୁ ଠେଲିଦେବ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଶାସନର ଦୁଇବର୍ଷ – ପରମ୍ପରା ଓ ଆତ୍ମବିଶ୍ୱାସ

ଅଧ୍ୟାପକ ଗୌରକିଶୋର ରାୟ

ବ୍ୟକ୍ତି ବିଶେଷରେ ହେଉ ବା ରାଷ୍ଟ୍ରର ଶାସନ କାଳ ହେଉ, ଗୋଟିଏ ଗୋଟିଏ ବର୍ଷର ପୂର୍ତ୍ତି ପରଂପରାରେ ଭବିଷ୍ୟତ ପ୍ରତି ଯେଉଁ ଆତ୍ମବିଶ୍ୱାସର ସୁଦୃଢ଼ ଶକ୍ତିର ରୂପାୟନ ଦେଖାଯାଏ, ସେଥିରୁ ସୂଚିତ ହୁଏ ଯେ ସଂଘର୍ଷ, ପରସ୍ପର-ବିରୋଧ ଭାବାବେଗ ଓ ରାଜନୈତିକ ଅସହିଷ୍ଣୁତାରେ ମଧ୍ୟ ବ୍ୟକ୍ତି ବା ଦେଶ ଅଗ୍ରସରଣ କରିଥାଏ । ଏଠାରେ ବ୍ୟକ୍ତିର ସାମଗ୍ରିକ ପୂର୍ତ୍ତି ବିଷୟ ଉଲ୍ଲେଖ କରାଯାଉନାହିଁ ! ଓଡ଼ିଆ ରାଷ୍ଟ୍ର ଶାସନର ଦ୍ୱିବାର୍ଷିକ ସଫଳ ପୂର୍ତ୍ତି ଉପରେ ଜଣେ ସାଧାରଣ ନାଗରିକ ତଥା ଲେଖକର ଭାବପ୍ରବଣତା ପ୍ରକାଶ କରାଯାଉଛି ।

"ମାତ୍ର ଜନସାଧାରଣଙ୍କର ଆଶୀର୍ବାଦରେ ସରକାର ସଫଳତାର ସହିତ ଏହିସବୁ ବିପର୍ଯ୍ୟୟ ଓ ଆନ୍ଦୋଳନର ସମ୍ମୁଖୀନ ହୋଇଛନ୍ତି × × ବିଗତ ବର୍ଷ ମଧ୍ୟରେ ସରକାର ଗୋଟିଏ ଲକ୍ଷ୍ୟ ଆଖି ଆଗରେ ରଖି ଚାଲିଛନ୍ତି, ତାହା ହେଉଛି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି × × କୃଷିର ଉନ୍ନତି, ଶିଳ୍ପପ୍ରସାର ଏବଂ ଦୁର୍ବଳତମ ଲୋକଙ୍କର ଥଇଥାନ ହୋଇଛି ତାହାର ତିନୋଟି ପ୍ରଧାନ ଆଭିମୁଖ୍ୟ" ।

ଏ ଥିଲା ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଆମର ଧ୍ୟେୟ । ଶୀର୍ଷକ ଏକ ଲେଖାରେ (ଉତ୍କଳ ପ୍ରସଙ୍ଗ ଅଗଷ୍ଟ–ଶ୍ରାବଣ ପ୍ରଥମ ସଂଖ୍ୟା ୧୯୦୩ ଶକାବ୍ଦ ୩୮ ଭାଗ) ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଏକ ବର୍ଷ ଶାସନର ପୂର୍ତ୍ତି ଉପଲକ୍ଷେ ତାଙ୍କର ଭାବ ପ୍ରକାଶ ।

ଦୃଢ଼ ଆତ୍ମବିଶ୍ୱାସ ଓ ପ୍ରଗତିର ସ୍ୱପ୍ନ ଦର୍ଶନ ଅନ୍ତରାଳରେ ଆତ୍ମ ସନ୍ତୋଷ ଓ ଅହମିକା ରହିଥାଏ ବୋଲି କେହି କେହି ବିଚାର କରିଥାନ୍ତି କିନ୍ତୁ ବେଦର ସେହି କାଳଜୟୀ ବାଣୀ 'ଚରୈବେତି, ଚରୈବେତି'ରେ ଆତ୍ମସନ୍ତୋଷ ବା ପ୍ରଚ୍ଛନ୍ନ ଅହଂଚେତନା ନାହିଁ । ଯିଏ ଯିବାକୁ ବସେ ସେ ବସେ ନାହିଁ, ଯାଏ; ଯିଏ ସ୍ୱପ୍ନ ଦେଖେ ସେ ରାତ୍ରିର ଶେଷ ଅନ୍ଧକାରର ପ୍ରଲେପ ଭେଦ କରି ପ୍ରଭାତର ଅରୁଣିମାକୁ ସ୍ୱାଗତ କରେ । ସ୍ୱପ୍ନ ପ୍ରତିଫଳିତ ହୁଏ କର୍ମ ଯୋଜନାରେ । ତାହାହିଁ ଧ୍ୟେୟ ହୋଇଛି ଏ ଚଳନ୍ତି ଶାସନରେ । ପୂର୍ବ ଶାସନ ଓ ଅଧୁନାତନ ଓଡ଼ିଶା ରାଜ୍ୟ ଶାସନରେ ପାର୍ଥକ୍ୟ ଏତିକି ଯେ ସ୍ୱପ୍ନ ଓ କର୍ମ ଏହାର ଏକୀକରଣ ଓ ବାସ୍ତବ ରୂପାୟନ ସର୍ବତ୍ର ପରିଲକ୍ଷିତ ହେଉଛି ।

## ସାହିତ୍ୟ-କଳା-ସଂସ୍କୃତି-ଚେତନା

ଯାନ୍ତ୍ରିକ, ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଶୋଭାବର୍ଦ୍ଧକ କଳ କାରଖାନା, ସେତୁ, ବନ୍ଧ, ସହର ନିର୍ମାଣ, ରେଳପଥ, ପରିବହନର ପ୍ରଗତି ବିକାଶ ହୁଏତ, ହେଉଛି । ଜଣେ ସାଧାରଣ ସାହିତ୍ୟିକ ଓ କଳାପ୍ରେମୀ ଭାବରେ ଏ ଶାସନର ଏ କ୍ଷେତ୍ରଗୁଡ଼ିକରେ ଦିଗଦର୍ଶନ ମତେ ଅଭିଭୂତ କଲେ ମଧ୍ୟ କ୍ଷେତ୍ରାନ୍ତର ରହିଛି ।

"ସାହିତ୍ୟିକମାନେ ସବୁ ଯୁଗରେ ପଥ ପ୍ରଦର୍ଶକ ହୋଇଛନ୍ତି । ସେମାନେ ସମାଜ ତଥା ଶାସନକୁ ସବୁ ସମୟରେ ବାଟ ଦେଖାଇଥାନ୍ତି । ତେଣୁ ସେମାନଙ୍କର ସ୍ଥାନ ସବୁଠାରେ ଉଚ୍ଚରେ × × ସମାଜରେ ଯେତେବେଳେ ଯେଉଁ ବିପ୍ଳବର ସୂତ୍ରପାତ ହୁଏ ବା ପରିବର୍ତ୍ତନ ଆସେ, ତାର ବହୁ ପୂର୍ବରୁ ସାହିତ୍ୟିକମାନେ ସେ ସବୁର ସନ୍ଧାନ ପାଇଥାନ୍ତି । ଯୁଗର ଶ୍ରେଷ୍ଠ ସାହିତ୍ୟିକଙ୍କ ପ୍ରାଣରେ ପ୍ରଚଣ୍ଡ ଆତ୍ମବିଶ୍ୱାସର ବହ୍ନି ପ୍ରଜ୍ୱଳିତ ହୋଇଥାଏ ଏବଂ ସେମାନେ ସମାଜରେ ବିପ୍ଳବକୁ ଆହ୍ୱାନ କରି ଆଣନ୍ତି × × ବିଶ୍ୱସ୍ରଷ୍ଟା ସାହିତ୍ୟିକଙ୍କୁ ଜନ୍ମ ଦେବା ପରେ, ସାହିତ୍ୟିକ ନିଜେ ସ୍ରଷ୍ଟାର ଗୌରବ ଲାଭ କରେ । ସେ ଯେଉଁ ଜଗତ ସୃଷ୍ଟି କରେ, ତାର ନିୟନ୍ତା ସେ ନିଜେ । ସେଥିରେ ସ୍ୱୟଂ ବିଧାତାଙ୍କର ମଧ୍ୟ କର୍ତ୍ତୃତ୍ୱ ନାହିଁ କି ନିୟନ୍ତ୍ରଣ ନାହିଁ"—ଏ ଥିଲା ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଅଭିଭାଷଣର କିୟଦଂଶ ଯାହା ସେ ଶୁଣାଇଥିଲେ ୧୯୮୧ ଡ଼ିସେମ୍ବର ୨୫ ତାରିଖରେ ସୁନାବେଡ଼ାରେ ଅନୁଷ୍ଠିତ ସାହିତ୍ୟ ଉତ୍ସବରେ ।

ଏଭଳି ଏକ ସଂକ୍ରମଣଶୀଳ ସଂବେଦନାମୟ ସାହିତ୍ୟିକର ସୃଷ୍ଟିକାରିଣୀ ଶକ୍ତିର ଉଦ୍‌ବୋଧନ ମୋ ଅନୁଧ୍ୟାନରେ ଏ ପର୍ଯ୍ୟନ୍ତ ଘଟିନାହିଁ । ଏ ଥିଲା ଏକ ମହନୀୟ ଅନୁଶୀଳନ, ଆନ୍ତରିକ ବୋଧିସତ୍ତାରେ ପରିମାର୍ଜିତ ବିଶ୍ୱ ପ୍ରକୋଷ୍ଠରେ ରହିବା ଭଳି ଏକ ସଂପଦ । ନିଜେ ବିଶ୍ୱସ୍ରଷ୍ଟା ସାହିତ୍ୟିକ ସୃଷ୍ଟି ପରେ ନିଜ ଆସନକୁ ଯେ ଏ ସ୍ରଷ୍ଟା ପକ୍ଷରେ ନ୍ୟୂନ କରିଦିଅନ୍ତି ଏଭଳି ନାନ୍ଦନିକ ଅଭିବ୍ୟକ୍ତି ଜଣେ ଶାସନର ମୁଖ୍ୟ–ମୁଖ–ନିଃସୃତ ହେବାରେ ସମଗ୍ର ରାଜ୍ୟର କଳା-ସଚେତନତା ଯେ ସହସ୍ରଗୁଣରେ ବୃଦ୍ଧି ପାଇଛି, ସନ୍ଦେହ ଅଛି କି ? ଅଥଚ ଶାସନ ପରିଚାଳନାର ବହୁ କଣ୍ଟକ ଶୃଙ୍ଖଳାରେ ଛନ୍ଦା ଚକ୍ର ଭିତରେ ଘଟି ଚାଲୁଥିବା ଶାସକ ପକ୍ଷରେ ଏଭଳି ସୁନ୍ଦର ସତ୍ୟ-ଶିବ-ସୌନ୍ଦର୍ଯ୍ୟ ସମୀକ୍ଷା ମାନବ ପ୍ରାଣକୁ ଉନ୍ନତ କରୁନାହିଁ କି ?

ସାହିତ୍ୟ—ସଙ୍ଗୀତ—ନାଟ୍ୟ—ନୃତ୍ୟ—ମଞ୍ଚ—ଚଳଚ୍ଚିତ୍ର ଦୂରଦର୍ଶନର ସର୍ବ ପ୍ରକାର ଅଭ୍ୟୁଦୟରେ ଏ ଶାସନ ଅଗ୍ରଗାମୀ ମାତ୍ର ଗୋଟିଏ ବର୍ଷର ବ୍ୟବଧାନରେ କଳିଙ୍ଗ ସ୍ମୃତିଓର ନିର୍ମାଣ ଓ ତାର ବୈଭବ ମୁଁ ଦେଖିଛି, ଦେଖି ଅନୁଭବ କରିଛି, ପ୍ରଗାଢ଼ ଅତନ୍ଦ୍ର ଅଧ୍ୟବସାୟ ଓ କର୍ମନିଷ୍ଠା ଯଦି ଶାସକର ପ୍ରତି ପଦକ୍ଷେପରେ ଅନୁରଂଜିତ ଥାଏ, ତେବେ ସହକର୍ମୀ, ହଜାର ହଜାର ସେବକ, ଜାତିପ୍ରାଣ ଓଡ଼ିଆ ସରକାରୀ ତଥା ବେସରକାରୀ କାର୍ଯ୍ୟ କ୍ଷେତ୍ରରେ ସାମୂହିକ ଓ ସାର୍ବିକ ସମର୍ଥନ ଓ ସହଯୋଗ ନଦେଇ ଯିବେ କୁଆଡ଼େ ? ନିଜସ୍ୱ ସ୍ମୃତିଓର ରୂପରେଖ ଦେଖି ଭାବିଲି କଳିଙ୍ଗ ଶିଳ୍ପୀର ବଂଶଧରମାନେ କଙ୍କରିତ ମୃତ୍ତିକା ସ୍ପର୍ଶୀ କଙ୍କାଳ ସର୍ବସ୍ୱ ନୁହନ୍ତି । ନବ ଜୀବନ୍ୟାସରେ ସର୍ବତ୍ର ପ୍ରତିଭାତ ଓ କର୍ମରତ ।

ସେହିପରି ଦୂରଦର୍ଶନ ଓ ଚଳଚ୍ଚିତ୍ର । ତିନୋଟି ଜିଲ୍ଲାରେ ଦୂରଦର୍ଶନ ସାହାଯ୍ୟରେ ଲୋକେ ଆମୋଦ ପାଇବେ । ଏ ତ ଥିଲା ସ୍ୱପ୍ନ । ଉପଗ୍ରହ ମାଧ୍ୟମରେ ଏ କଳ୍ପନା ବିଳାସ ତ ଆଜି ସତ୍ୟ ହୋଇ ଉଠୁଛି !! ତେଣୁ ଘୋର ଘର୍ଘରୀୟ ରଥଚକ୍ରର ଅଗ୍ରଗତିକୁ ପଶ୍ଚାଦ୍‌ମୁଖୀ କରିବାର ଯଦି ପ୍ରୟାସ ହୋଇଥାଏ, ତେବେ ତାହା ଆତ୍ମଘାତୀ କାର୍ଯ୍ୟ ଛଡ଼ା କ'ଣ ହୋଇପାରେ ? ସର୍ବୋପରି ବିଶ୍ୱଦେବତା ପ୍ରତି ପ୍ରାର୍ଥନା ତ ରହିଛି ଛତ୍ରେ ଛତ୍ରେ କର୍ମ ପଦ୍ଧତିରେ 'ପ୍ରଭୁ, ଓଡ଼ିଶା ଯେ ଅନୁନ୍ନତ, ଏ ଜଟୁବାଣୀ ଯେପରି ଶୁଣା ନ ଯାଏ, ସମୃଦ୍ଧିର ସବୁ ସାମଗ୍ରୀ ଏହାର ପ୍ରକୃତି ଭଣ୍ଡାରର ତଥା ଲୋକଙ୍କର ମନ ପ୍ରାଙ୍ଗଣରେ ସଂଚିତ ଥିଲେ ବି ଯଥାର୍ଥ ନିଃସ୍ୱାର୍ଥ କର୍ମ ଯୋଜନାର ଅଭାବରେ, ଏହା ଏ ପର୍ଯ୍ୟନ୍ତ ଏହିଭଳି ସଙ୍କିତ ହୋଇ ରହିଥିଲା, ପ୍ରଭୁ, ଏଥିରୁ ଏହାକୁ ରକ୍ଷା କର । "ଏ—ହେଉ ପ୍ରକୃତ ପ୍ରାର୍ଥନା !!

ଶାସନର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଯେ ଇସ୍ତାହାର ବିନମ୍ର ଭଙ୍ଗୀରେ ପ୍ରକାଶ କରିଥିଲେ, ସେଥିରେ ଉଲ୍ଲେଖ ଥିଲା: ବେକାର ସମସ୍ୟା ସମାଧାନ, ନୂତନ ଶିଳ୍ପନୀତି, ପର୍ଯ୍ୟଟନ ଶିଳ୍ପର ଅଗ୍ରଗତି, ଉନ୍ନତତର ସ୍ୱାସ୍ଥ୍ୟସେବା, ଦ୍ୱିଗୁଣିତ ଜଳସେଚନ, ପାଞ୍ଚଲକ୍ଷ ଗରିବ ପରିବାରଙ୍କ ଅଭ୍ୟୁତ୍ଥାନ ଇତ୍ୟାଦି । ଶେଷରେ ସେ କହିଥିଲେ ଆଶାନ୍ୱିତ ହୋଇ— "ଓଡ଼ିଶାର ବୈପ୍ଳବିକ ଅର୍ଥନୈତିକ ପରିବର୍ତ୍ତନ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ବର୍ତ୍ତମାନ ଏକ ସୁବର୍ଣ୍ଣ ସୁଯୋଗ ଆସିଛି । ଓଡ଼ିଶାରେ ଏକ ସୁଦୃଢ଼ ଶାସନ ଓ କେନ୍ଦ୍ରରେ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱରେ ଏକ ଦୃଢ଼ ପ୍ରଗତିଶୀଳ ଶାସନ ପ୍ରତିଷ୍ଠିତ । ଏହି ନେତୃତ୍ୱ ଓଡ଼ିଶାର ଦ୍ରୁତ ଉନ୍ନୟନ ପାଇଁ ଏକାନ୍ତ ସହାନୁଭୂତିଶୀଳ । କେତେକ ଗୋଷ୍ଠୀ କ୍ଷୁଦ୍ର ରାଜନୈତିକ ସ୍ୱାର୍ଥରେ ଚାଳିତ ହୋଇ ଏହି ସୁଯୋଗର ସଦ୍‌ବ୍ୟବହାର ହେଉ, ତାହା ଚାହାନ୍ତି ନାହିଁ । ସେମାନେ ଏକ ବିବାଦ, ଉତ୍ତେଜନା ଓ ହିଂସାର ବାତାବରଣ ସୃଷ୍ଟି କରିବାକୁ ଚାହାନ୍ତି । ମୁଁ ଓଡ଼ିଶାର ଭାଇଭଉଣୀଙ୍କୁ ନିବେଦନ କରୁଛି, ବହୁକାଳ ପରେ ଯେଉଁ ଅନୁକୂଳ ପରିସ୍ଥିତି ଆସିଛି, ତାର ସୁଯୋଗ ନେଇ ଏକ ନୂତନ ଓଡ଼ିଶାର ନିର୍ମାଣ ପାଇଁ ସରକାରଙ୍କ ପଛରେ ସେମାନେ ଦୃଢ଼ ଭାବରେ ରହନ୍ତୁ" ।

ଏହାକୁ ଲେଖିଲାବେଳେ ମୋର ସେ ସନ୍ଧ୍ୟାର ଗୋଟିଏ ଅଭୂତପୂର୍ବ ଦୃଶ୍ୟ ଯାହା ସୂଚନା ଭବନର ପରିସର ଭିତରେ ପ୍ରକଟିତ ହେଲା, ସ୍ମରଣକୁ ଆସିଛି । ତାହା ରାଜନୈତିକ ସଭା ବା ସମାବେଶ ନ ଥିଲା, ନ ଥିଲା ଶାସନ ବିଭାଗୀୟ କୌଣସି ଆନ୍ଦୋଳନ ବା ଅସନ୍ତୋଷର ବିସ୍ଫୁର ବା ଦଳୀୟ ରାଜନୀତିର ସନ୍ତୁଷ୍ଟ ଅସନ୍ତୁଷ୍ଟ ଗୋଷ୍ଠୀର ସମ୍ମୁଖୀନ ହେବାର ଆସନର ପ୍ରତିକ୍ରିୟା ରୂପକ ଜନ-ସମାବେଶ ।

ବୃଦ୍ଧ, ଅକର୍ମଣ୍ୟ, ଚଳତ୍ ଶକ୍ତି ବିହୀନ ରୋଗଗ୍ରସ୍ତ, ଦୃଷ୍ଟିଶକ୍ତି ହୃତ, ଅଥଚ ବୟସାଧିକ୍ୟ ପର୍ଯ୍ୟନ୍ତ କଳା-ସାଧନ କ୍ଷେତ୍ରରେ ଦେଶର ଅଗ୍ରଗାମୀ ୧୪୬ ଜଣ କଳାକାର ଗହଣରେ ମୁଖ୍ୟମନ୍ତ୍ରୀଙ୍କର ବେଦନାର୍ତ୍ତ ସମ୍ମାନ ଭତ୍ତା ପ୍ରଦାନର ସାଂଧ୍ୟକାଳୀନ ଉତ୍ସବ ଏ ରାଜ୍ୟର ଏକ ଅନୁଷ୍ଠାନ ବିଶେଷ ହୋଇ ରହିବ ନାହିଁ; ଏହା ମାନବୀୟ ସାଧନାର ଉତ୍‌କର୍ଷତାକୁ ଭୂମାସ୍ପର୍ଶୀ କରି ରଖିଦେବ ଅନନ୍ତ କାଳକୁ । ଶାସନ ଓ ମାନବତା ଉଭୟର ସମନ୍ୱୟ ଏ ଚଳନ୍ତି ଶାସନକୁ ରୂପଦାନ କରୁଛି ଯାହାର ସଙ୍କେତ କାରଣ ହେଉଛି, ରାଜନୀତି ମଧ୍ୟ ମାନବୀୟ ପ୍ରେମର ରାଜନୀତି ବା ରାଷ୍ଟ୍ରନୀତି । 'ରାଜନୀତି' ଶବ୍ଦରେ କିମିତି ଗୋଟାଏ ବିସ୍ୱାଦ ମୂଲ୍ୟହୀନ ସଂଶୟ ସଂପନ୍ନ ଭାବ ରହିଛି, ମାତ୍ର ରାଷ୍ଟ୍ରନୀତି କହିଲେ ଆସିଯାଏ ତା ଭିତରକୁ ଯେତେକ କଲ୍ୟାଣକର ସଂଯୋଜନ, ନ ଥାଏ ବିଭାଜନ ବା ବ୍ୟକ୍ତି ।

## ଶିଳ୍ପର ଦ୍ରୁତ ରୂପାୟନ

କଳା ଯେପରି ମାନବୀୟ ଆବେଦନରେ ପୂର୍ଣ୍ଣ, ଶିଳ୍ପ ମଧ୍ୟ ସେହିପରି ମାନବୀୟ ଆବେଦନରେ ଉତ୍ସାରିତ । ପ୍ରଥମଟି ଆନ୍ତର ପ୍ରଗତି, ଦ୍ୱିତୀୟଟି, ଅର୍ଥନୈତିକ ବହିରଙ୍ଗର ଉଦ୍‌ଭାସ । ଅଥଚ ଦୁଇଟିର ଯଥାର୍ଥ ସମନ୍ୱୟ ହେଲେ ମାନବର ସ୍ଥିତିରେ ପୂର୍ଣ୍ଣାଙ୍ଗ ସନ୍ତୋଷ ଜାତ ହୁଏ । ଏ ଶାସନ ଏ କ୍ଷେତ୍ରଟିକୁ ଭୁଲିନାହିଁ । ଯଦି କାହାକୁ ପଚରାଯାଏ ଚଳନ୍ତି ଶାସନର ମଧ୍ୟବିନ୍ଦୁଟି କଅଣ, ସେ ନିଶ୍ଚୟ କହିବ, ଏହାର ଶିଳ୍ପନୀତି ଓ ସେ ନୀତିକୁ ରୂପାୟିତ କରିବାକୁ ଦ୍ରୁତ ପଦକ୍ଷେପ । ପୂର୍ବର ଶାସନମାନଙ୍କରେ ବିଧିବଦ୍ଧ ଭାବରେ ଶିଳ୍ପ ପ୍ରକଳ୍ପର ସୁଦୂରପ୍ରସାରୀ ଆୟୋଜନ ଘଟି ନ ଥିଲା । ଶାସନର ପ୍ରଥମ ବର୍ଷ ଭିତରେ ଶିଳ୍ପ ବିକାଶ ଦିଗରେ ଅଗ୍ରଗତିର ଗୋଟିଏ ଚିତ୍ର ଦିଆଗଲା କେବଳ ସ୍ମୃତିରେ ଆଣିବା ପାଇଁ ଯେ ବୀଜ ବପନ କଲେ ବୃକ୍ଷ ହୁଏ । ବୀଜ ନ ଥିଲେ ବୃକ୍ଷ ଶୋଭା ଆସିବ କୁଆଡ଼ୁ ? ସେଇ ଅମଲତସ (ପରିହାସରେ ଲୋକେ କହନ୍ତି, ଅମଲ୍ଲ, ଅମର, ଅବଶ୍ୟ ଅମୃତ ନୁହନ୍ତି) ରହିଥିଲୁ, ରହିଛି, ରହିବ । ସେମାନଙ୍କ ମନରେ

ଜାତୀୟତା, ସ୍ୱଦେଶ କଲ୍ୟାଣ ପାଇଁ ତୀବ୍ର ଅଭୀପ୍ସା ଜାଗ୍ରତ କରିବା ଶାସକ ଦଳର ଅଭିମୁଖ୍ୟ ହେବା ଉଚିତ । ତାହାହିଁ ଏବେ ଘଟୁଛି ।

| ପ୍ରକଳ୍ପ | ଅର୍ଥ ବିନିଯୋଗ (କୋଟି ଟଙ୍କା ହିସାବରେ) |
|---|---|
| ୧ । କୋରାପୁଟରେ ଆଲୁମିନିୟମ୍ ରେଳବାଇ ସମେତ । | ୧,୫୦୦ |
| ୨ । ଫସଫେଟିକ୍ ସାର କାରଖାନା, ପାରାଦୀପ । | ୧୯୦ |
| ୩ । ପାରାଦୀପଠାରେ ଜାହାଜ ନିର୍ମାଣ କାରଖାନା | |
| ୪ । ବୈତାରିଠାରେ ଇସ୍ପାତ୍ କାରଖାନା | ୩,୦୦୦ |
| ୫ । ରେଳଡ଼ବା ମରାମତି କାରଖାନା, ମଞ୍ଚେଶ୍ୱର | ୮.୮ |
| ୬ । ବାଲୁକା ପ୍ରକଳ୍ପ, ଛତ୍ରପୁର .. | .. |
| ୭ । ନିଉକ୍ଲିୟସ୍ ଶିଳ୍ପ ପ୍ରକଳ୍ପ .. | ୬୬ |

ଏ ହେଲା ଗତବର୍ଷର ସଫଳ କାର୍ଯ୍ୟକାରି । ଏହାପରେ ଗୋଟିଏ ବର୍ଷ ବିତିଗଲା । ରାଉରକେଲା, ପାରାଦୀପ, ତାଳଚେର, ମଞ୍ଚେଶ୍ୱର, ଛତ୍ରପୁର, ସୁନାବେଡ଼ା ଓ ଚଉଦ୍ୱାରଠାରେ ବୃହତ୍ ଶିଳ୍ପ କାରଖାନା ନିକଟରେ ଆନୁଷଙ୍ଗିକ ଓ ସହାୟକ ଶିଳ୍ପ ସ୍ଥାପନ ପ୍ରତି ଗୁରୁତ୍ୱ ଦିଆଯାଉଛି । ବୟନ ଓ ହସ୍ତ ତନ୍ତ କ୍ଷେତ୍ରରେ ଅଗ୍ରଗତି ଘଟିଛି । ଚତୁର୍ଦ୍ଦିଗରେ ଆଖି ଫେରାଇଲେ ଜଣାଯାଉଛି ଗୋଟାଏ ସମ୍ମୋହିତ ଜାତି ଯାହା ଏ ପର୍ଯ୍ୟନ୍ତ ଗୋଟାଏ ଜୀର୍ଣ୍ଣ ଦେବାଳୟ କୋଣାର୍କକୁ ବା ଲିଙ୍ଗରାଜ ମନ୍ଦିରକୁ ଦେଖାଇ ଦେଉଥିଲା ଓଡ଼ିଆଜାତିର ଗୌରବାବହ ଅତୀତର ମୂକସାକ୍ଷୀଗୁଡ଼ିକୁ, ତାହା ଆଜି ସେ ସବୁକୁ ପ୍ରାଚୀନ ଐଶ୍ୱର୍ଯ୍ୟର ଅନୁଗାମୀ ଭାବିରେ ସାଇତି ନ ରଖି ଏବେ ନବ ନବ କୋଣାର୍କର ଉଦୀୟମାନ ବିଶ୍ୱାସ ଓ ଭରସା ସହିତ ମିଳିତ କରି ଆବାହନ—ଗୀତିକା ରଚନା କରୁଛି ।

## ଅସରନ୍ତି ଭଣ୍ଡାର

"ସମଗ୍ର ଦେଶର କ୍ଷେତ୍ରଫଳ ଓ ଲୋକ ସଂଖ୍ୟାର ପ୍ରାୟ ଶତକଡ଼ା ୪ ଭାଗର ଅଧିକାରୀ ହୋଇ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ଦେଶର ଜଳ ସଂପଦର ଶତକଡ଼ା ୧୦ ଭାଗ, ଲୁହାପଥରର ଏକ ତୃତୀୟାଂଶ, ଶତକଡ଼ା ୪୦ ଭାଗ ମାଙ୍ଗାନିଜ୍, ଶତକଡ଼ା ୧୯ ଭାଗ କ୍ରୋମାଇଟ୍ ଏବଂ ବକ୍‌ସାଇଟ୍, ଡୋଲମାଇଟ୍, କୋଇଲା, ଚୂନପଥର ଏବଂ ଧାତବ ବାଲୁକା ଅସରନ୍ତି ଭଣ୍ଡାର ରହିଛି । ଓଡ଼ିଶାରେ ମଧ୍ୟ ବିପୁଳ ବନ ସଂପଦ ଓ ସୁଦୀର୍ଘ ଉପକୂଳ ରହିଛି । ଏହିସବୁ ସଂପଦର ଉପଯୁକ୍ତ ଉପଯୋଗ ଦେଶକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ସମଗ୍ର ଜାତିକୁ ଶକ୍ତିଶାଳୀ କରିବ ।"

-ଜାତୀୟ ଉନ୍ନୟନ ପରିଷଦରେ

ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର କିୟଦଂଶ ।

ଏଭଳି ବିଶ୍ୱାସ ଓ ଆନ୍ତରିକତାର ସହିତ ଭାବ ପ୍ରକାଶ ଭିତରେ ମୁଁ ଲକ୍ଷ୍ୟ କରୁଥିଲି ସେ ରାଜନୀତି ସର୍ବସ୍ୱ ହୋଇପାରିଛନ୍ତି କି ସାହିତ୍ୟ ଯାହା ସହିତର ଆଲୋକରେ ଲୋକ କଲ୍ୟାଣ ସାଧନ କରେ, ତା ସହିତ ସମନ୍ୱୟ ଦେଖିଛନ୍ତି ।

"ସାହିତ୍ୟ ଓ ରାଜନୀତି ସମଧର୍ମୀ ହୋଇଥିବାରୁ ଆଜି ରାଜନୀତିଜ୍ଞମାନେ ସାହିତ୍ୟିକମାନଙ୍କଠାରୁ ସମାଜର ମଙ୍ଗଳୀୟ ପରିଦର୍ଶନ ଆଣିବାକୁ ସଦୟ ସହଯୋଗ ଚାହୁଁଛନ୍ତି । ଗୋଟିଏ ଯୁଗର ସତ୍ ସାହିତ୍ୟ ସବୁ ଯୁଗ ନିମନ୍ତେ ସତ୍ ଓ ପ୍ରେରଣାମୂଳକ ହୋଇ ରହେ କିନ୍ତୁ ଗୋଟିଏ ଦୃଷ୍ଟିରୁ ସାହିତ୍ୟ ସବୁବେଳେ ରାଜନୀତିର ଆଶ୍ରୟ ନେଇ ଚାଲିଛି..×××..ଆମର ଗୋଟିଏ କଥା ଅଛି, ଯେ ଗୋଟିଏ କଥାକୁ ଗୋଟିଏ ଲକ୍ଷ୍ୟ । ସେହି ଗୋଟିଏ ବିଷୟରେ ବହୁ ଲୋକ ବହୁବାଟରେ ବହୁ ପ୍ରକାର କହୁଛନ୍ତି କିନ୍ତୁ ସତ୍ୟ ହେଉଛି ଏକ : ସେହି ସତ୍ୟକୁ ପାଇବାକୁ ବହୁ ବାଟ ଅଛି । ଏବଂ 'ସଦ୍ ବିପ୍ରାଃ ବହୁଧା ବଦନ୍ତି' । ସେହି ସତ୍ୟକୁ ବହୁ ବିପ୍ର ବହୁ ଭାବରେ ବର୍ଣ୍ଣନା କରନ୍ତି । ସଂସ୍କୃତି ଦୃଷ୍ଟିରୁ ଭାରତ ଏହି ସତ୍ୟକୁ ବୈଦିକ ଯୁଗରୁ ଗ୍ରହଣ କରି ନେଇଛି ।

## ସାହିତ୍ୟ ଓ ରାଜନୀତି

ମୁଖ୍ୟମନ୍ତ୍ରୀଙ୍କ ଭାଷଣର ଉଦ୍ଧୃତାଂଶ

ସତ୍ୟ ସବୁ କ୍ଷେତ୍ରରେ ପରିସ୍ଫୁରିତ ହେଉ । ଶୁଭଙ୍କର ହେଉ ରାଷ୍ଟ୍ରୀୟ ଯୋଜନା, ଫଳପ୍ରସୂ ହେଉ ଏହାର କାର୍ଯ୍ୟୋଦ୍ୟମ । ଦ୍ୱିବାର୍ଷିକ ପରିସ୍ଫୁରିରେ ଭୀତ ନ ହୋଇ ଯାଉ ବିନମ୍ର ପ୍ରଣତି ସହକାରେ ଆଗାମୀ କାଳକୁ, ନବ ସୂର୍ଯ୍ୟୋଦୟକୁ ଉଭୟ ଶାସକ ଓ ପ୍ରଜାକୁଳ ସ୍ୱାଗତ କରନ୍ତୁ । ହତୋତ୍ସାହ ଓ ହୀନମନ୍ୟତା ଏ ଜାତିର ମର୍ମକୁ ସଙ୍କୁଚିତ ଓ ନିଦ୍ରିତ ନ କରୁ ।

"ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖ ଭାଗ ଭବେତ୍"
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ

# ଓଡ଼ିଶାରେ ଶିଳ୍ପ ବିପ୍ଳବ ଓ ସାଂସ୍କୃତିକ ବିପ୍ଳବ

ମହାପାତ୍ର ନୀଳମଣି ସାହୁ

ଓଡ଼ିଶାର ମୁଖ୍ୟ ସମସ୍ୟାଟି କ'ଣ, ଏ କଥାର ଗୋଟିଏ ମାତ୍ର ଉତ୍ତର ସମସ୍ତଙ୍କ ମୁହଁରୁ ଏକ ସ୍ୱରରେ ବାହାରିବ । ତା'ହେଲା—ଦାରିଦ୍ର୍ୟ । ଘୋର ଦାରିଦ୍ର୍ୟ । ସ୍ୱାଧୀନତା ପାଇବାର ବହୁପୂର୍ବରୁ ଯେତେବେଳେ ଗାନ୍ଧିଜୀ ଓଡ଼ିଶାକୁ ଭ୍ରମଣରେ ଆସିଥିଲେ—ସେତେବେଳେ ଦୀନବନ୍ଧୁ ଆଣ୍ଡ୍ରିଉଜ୍ ସାହେବ ଥିଲେ ତାଙ୍କ ସାଙ୍ଗରେ । ଉତ୍କଳମଣି ଗୋପବନ୍ଧୁ ତାଙ୍କୁ ଓଡ଼ିଶାର ବହୁ ଅଞ୍ଚଳ ବୁଲାଇ ଦେଖାଇଥିଲେ । ଗାନ୍ଧିଜୀ ଓଡ଼ିଶାର ଅଧିବାସୀମାନଙ୍କୁ ଦେଖି ଅତ୍ୟନ୍ତ ଦୁଃଖ ଓ ସହାନୁଭୂତିର ସହିତ ଘୋଷଣା କରିଥିଲେ ଯେ ସମଗ୍ର ଭାରତବର୍ଷରେ ଓଡ଼ିଶା ହିଁ ସବୁଠାରୁ ଦରିଦ୍ରତମ ରାଜ୍ୟ । ଭାରତର ସ୍ୱାଧୀନତା ପରେ ମଧ୍ୟ ସବୁ ପ୍ରଦେଶଠାରୁ ଓଡ଼ିଶା ଦରିଦ୍ର ବୋଲି ଅର୍ଥନୈତିକ ସର୍ଭେରୁ ପ୍ରମାଣିତ ହେଲା । ସ୍ୱାଧୀନତା ପ୍ରାପ୍ତିର ତିନି ଦଶନ୍ଧି ବିତି ଗଲଣି—ଚତୁର୍ଥ ଦଶନ୍ଧି ଚାଲିଛି । ଏବେ ବି ସେଇ ଗୋଟିଏ କଥା ପ୍ରମାଣିତ ହେଉଛି—ସବୁ ପ୍ରଦେଶଠାରୁ ଓଡ଼ିଶା ଦରିଦ୍ର । ଦାରିଦ୍ର୍ୟ କାହାକୁ କହିବା—ତା'ର ଗୋଟିଏ ଅର୍ଥନୈତିକ ମାପ ସ୍ଥିର କରାଯାଇଛି । ସେଇ ମାପାନୁଯାୟୀ ଓଡ଼ିଶାର ଅଧିକାଂଶ ରହିଛନ୍ତି ଦାରିଦ୍ର୍ୟ ସୀମାରେଖାର ବହୁତ ତଳେ ।

କିନ୍ତୁ କାହିଁକି ?

ଏହି ୩୫ ବର୍ଷ ଭିତରେ ଓଡ଼ିଶାରେ ସରକାର ପରେ ସରକାର ଗଲେଣି । ସମସ୍ତେ ବୁଝିଛନ୍ତି ଏ ସମସ୍ୟାଟିକ । ସବୁ ସରକାର ମଧ୍ୟ ଯେଝା ବାଟରେ ଓଡ଼ିଶାର ଦାରିଦ୍ର୍ୟ ଘୁଞ୍ଚାଇବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ଆମର ଦାରିଦ୍ର୍ୟ ପ୍ରକୃତରେ କେତେଦୂର ଘୁଞ୍ଚିଛି ? ଓଡ଼ିଶାରେ କ'ଣ ନାହିଁ ? ଆମର ଅସଲ ଧନ ହେଲା ଖଣିଜ ଦ୍ରବ୍ୟ । ସେତ ଆମ ମାଟିତଳେ ପୋତାହୋଇ ରହିଛି ଅମାପ ଖଣିଜ ପଦାର୍ଥ । ଲୁହା, କୋଇଲା, ମାଙ୍ଗାନିଜ, ସିଲିକନ । ଆମର ରାଉରକେଲା ହୋଇଛି । ପାରାଦୀପ ବନ୍ଦର ହୋଇଛି । ସେମିତି ମଧ୍ୟ ସୁନାବେଡ଼ା, ତାଳଚେର ଏମିତି ସାନବଡ଼ ହୋଇ ଓଡ଼ିଶାରେ ଏ ପର୍ଯ୍ୟନ୍ତ କେତୋଟି କଳକାରଖାନା ମଧ୍ୟ ହୋଇଛି । ଆମର ବିଦ୍ୟୁତ୍ ଶକ୍ତିର ମଧ୍ୟ ଏମିତି କିଛି ଅଭାବ ନାହିଁ । କିନ୍ତୁ ଯେତିକି କଳ କାରଖାନା ହେଲେ ଓଡ଼ିଆମାନଙ୍କ ହାତକୁ ପଇସା ଆସିବ ଅଧିକାଂଶ ଶିକ୍ଷିତ ଅର୍ଦ୍ଧଶିକ୍ଷିତ ଓ ଅଶିକ୍ଷିତ ବେକାର ଓଡ଼ିଆ କାର୍ଯ୍ୟ ପାଇବେ, ସେତିକି କଳକାରଖାନା ଏପର୍ଯ୍ୟନ୍ତ ଓଡ଼ିଶାରେ ବସି ପାରି ନାହିଁ । ଆମର ଯେତିକି କଂଚାମାଲ ଅଛି ତା'ର ସଦ୍‌ବ୍ୟବହାର କରିବାକୁ ହେଲେ ବହୁ ସାନ ବଡ଼ କଳକାରଖାନା ସାରା ଓଡ଼ିଶାରେ ଜାଲ ପରି ବିସ୍ତୃତ ହୋଇଯିବା ଉଚିତ । କିନ୍ତୁ କଳକାରଖାନା ତ ମନକୁ ମନ ବସିଯିବ ନାହିଁ ? ସେଥିପାଇଁ ଦରକାର ସୁଚିନ୍ତିତ ଯୋଜନା ଓ ପ୍ରଚୁର ମୂଳଧନ ସ୍ୱରୂପ ଟଙ୍କା । ଏ ଟଙ୍କା ଆସିବ କେଉଁଠୁ ? ଋଣ ସୂତ୍ରରେ ଆସିବ । ସାହାଯ୍ୟ ସୂତ୍ରରେ ଆସିବ ଏବଂ ବାହାରର ପୁଞ୍ଜିପତିମାନେ ଆସି ସେମାନଙ୍କ ପୁଞ୍ଜି ଖଟାଇ ଏଠି କଳକାରଖାନା ବସାଇବେ । ଗତ ୩୫ ବର୍ଷ ଭିତରେ ଏ ଦିଗରେ ଯେ କିଛି କାମ ହୋଇନି ତା' ନୁହେଁ । କିନ୍ତୁ ସେତିକିରେ ହେବ ନାହିଁ । ଅସଲ କଥା ହେଲା— ଏଥିପାଇଁ କେନ୍ଦ୍ର ସରକାରଙ୍କଠାରୁ ଅଜସ୍ର ଟଙ୍କା ସାହାଯ୍ୟ କେନ୍ଦ୍ର ସରକାରଙ୍କ ଉପରେ ଯୋର ସରକାର ଯେତିକି ଚାପ ଦେଇ ପାରିବେ—ଯେମିତି ଭାବେ କେନ୍ଦ୍ର ସରକାରଙ୍କୁ ଯୋଜନା ଦେଇ ତାଙ୍କର ଆସ୍ଥା ଓ ବିଶ୍ୱାସଭାଜନ ହୋଇପାରିବେ ଏବଂ ସାହାଯ୍ୟପ୍ରାପ୍ତ ଟଙ୍କାକୁ ଉପଯୁକ୍ତ ଭାବେ ବିନିଯୋଗ କରିପାରିବେ, ସେହି ପରିମାଣରେ କେନ୍ଦ୍ର ସରକାର ଅର୍ଥ ସାହାଯ୍ୟ ଦେବେ ।

ବଡ଼ ସୌଭାଗ୍ୟର କଥା ଯେ ବର୍ତ୍ତମାନର ସରକାର ସେ କଥା କରିପାରିଛନ୍ତି । ବର୍ତ୍ତମାନର ସରକାର କେନ୍ଦ୍ରରୁ ଯେତିକି ଟଙ୍କା ସାହାଯ୍ୟରୂପେ ଆଣିପାରିଛନ୍ତି—ଅତୀତରେ ଆଉ କେହି ସରକାର ତାହା ଆଣିପାରି ନାହାନ୍ତି ।

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ସରକାରର ଦାୟିତ୍ୱ ନେଲାବେଳେ ପ୍ରଥମେ ଖୁବ୍ ଦୃଢ଼ ସ୍ୱରରେ ଘୋଷଣା କଲେ ଯେ ମୋ ଅମଳରେ ମୁଁ ଓଡ଼ିଶାରେ ହଜାରେ ଦିନରେ ହଜାର ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଚାହେଁ । ଏହା ମୋର ସଂକଳ୍ପ । ଏଥିପାଇଁ ଯେତେ ଟଙ୍କା ଦରକାର ହେବ, ମୁଁ ତା' ଯେଉଁରି ହେଲେ ସଂଗ୍ରହ କରିବି ।

ପ୍ରଥମେ ଲୋକେ ଏ କଥା ଶୁଣି କେହି ବିସ୍ମୟ ପ୍ରକାଶ କଲେ ଓ କେହି କେହି ଅନାସ୍ଥାଭାବ ଦେଖାଇଲେ ଓ ଆଉ କେହି ସାମାନ୍ୟ ପରିହାସର ଭାବ ମଧ୍ୟ ଦେଖାଇଲେ । କେହି

କହିଲେ–ହଜାରେ ଦିନରେ ହଜାରେ ଶିଳ୍ପ ହଜାରେ କୋଟି ଟଙ୍କା ? ଜାନକୀ ବାବୁ "ହଜାରେ" ସଂଖ୍ୟାଟିକୁ କ'ଣ ମନେକରି ଏକଥା କହୁଛନ୍ତି ? ଏ କ'ଣ କବି କଳ୍ପନା ନା' ଜଣେ ପୋଖତ ଦେଶପ୍ରେମୀ ରାଜନୀତିକ ବିଶିଷ୍ଟ ନେତାଙ୍କର ସୁଚିନ୍ତିତ ଓ ସୁନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବାଣୀ ?

ଖବରକାଗଜମାନଙ୍କରେ ବି ବହୁ ଅନାସ୍ଥାସୂଚକ ପ୍ରତିକ୍ରିୟାତ୍ମକ ସମାଲୋଚନା ପ୍ରକାଶ ପାଇଲା । ହଜାରେ ଦିନରେ ହଜାରେ ଶିଳ୍ପ–ହଜାର କୋଟି ଟଙ୍କା !!!

× × × ×

ପଟ୍ଟନାୟକ ସରକାରଙ୍କର ଏହା ତୃତୀୟ ବର୍ଷ ଚାଲିଛି ଇତିମଧ୍ୟରେ ଓଡ଼ିଶା ପାଇଁ କେନ୍ଦ୍ରରୁ କେତେଟଙ୍କା ଆସିସାରିଣି ?

ଇତିମଧ୍ୟରେ ଓଡ଼ିଶାର କେଉଁକେଉଁ ଅଂଚଳରେ କେଉଁ କେଉଁ କାରଖାନା ବା ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହେଲଣି ?

ଆସନ୍ତା ବର୍ଷଗୁଡ଼ିକ ପାଇଁ ଓଡ଼ିଶାର କେଉଁ କେଉଁ ଅଂଚଳରେ ଆଉ କେଉଁ କେଉଁ ଶିଳ୍ପ କାରଖାନା ପ୍ରତିଷ୍ଠା ହେବାର ଯୋଜନା ଚାଲିଛି ?

ଯାହା ଜଣାଯାଉଛି ଏଇ ଭାବରେ ଯଦି କାର୍ଯ୍ୟ ଚାଲେ, ଏବଂ ମଝିରେ ଯଦି କୌଣସି ଦୈବୀବିପତ୍ତି ନ ପଡ଼େ ବା ରାଜନୈତିକ ଝଡ଼ଝଂଜା ଉପସ୍ଥିତ ନ ହୁଏ, ତେବେ ବର୍ତ୍ତମାନ ଯୋଉ ପ୍ରକଳ୍ପଗୁଡ଼ିକୁ ପ୍ରତିଷ୍ଠା କରାଯାଉଛି ଆସନ୍ତା ଅନ୍ତତଃ ପାଞ୍ଚବର୍ଷ ଭିତରେ ଆମେ ତା'ର ସୁଫଳ ନିଶ୍ଚୟ ପାଇବୁ । ବିଶେଷତଃ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାବାସୀ ଏହି ଶିଳ୍ପପ୍ରକଳ୍ପରୁ ବେଶୀ ଲାଭବାନ୍ ହେବେ । ସାରା ଓଡ଼ିଶାରେ କଳକାରଖାନାର ଜାଲ ବିସ୍ତାର ହୋଇଯିବ ଅନ୍ୟୁନ ଆଉ ତିରିଶିଟି ନୂତନ ସହର ଓ ଶତାଧିକ ବଜାର ମଧ୍ୟ ସୃଷ୍ଟି ହୋଇଯିବ । କାରଖାନାର ବୃଦ୍ଧି ସଙ୍ଗେ ସଙ୍ଗେ ଲୋକଙ୍କ ହାତକୁ ପ୍ରଚୁର ପଇସା ଆସିବ । ଲୋକଙ୍କର କ୍ରୟ ଶକ୍ତି ବଢ଼ିଯିବ । ଜୀବନଧାରଣର ମାନ ବୃଦ୍ଧି ପାଇବ । ଲୋକେ ଖଣ୍ଡିଏ ଭଲକରି ଖାଇବେ । ଭଲ ପିନ୍ଧିବେ । ଭଲ ଘର ଖଣ୍ଡିଏ କରି ରହିବେ ।

କିଣିବିଆ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ରାଜ୍ୟରେ ଆମଦାନୀକାରୀଙ୍କ ସଂଖ୍ୟା ମଧ୍ୟ ବଢ଼େବଢ଼େ ବଢ଼ିବ । ପ୍ରଥମ ଧରନ୍ତୁ–ଖାଦ୍ୟ ଦ୍ରବ୍ୟ । ଚାଉଳଠାରୁ ମାଣ୍ଡିଆ ପର୍ଯ୍ୟନ୍ତ ଡାଲିଦ୍ରବ୍ୟଠାରୁ ଦୁଧ ଓ ମାଛ ପର୍ଯ୍ୟନ୍ତ–ତେଲଠାରୁ ଘିଅ ପର୍ଯ୍ୟନ୍ତ–ପନିପରିବାଠାରୁ ଫଳମୂଳ ପର୍ଯ୍ୟନ୍ତ–ସବୁଦ୍ରବ୍ୟ ଉତ୍ପାଦନ କରିବାକୁ ମଧ୍ୟ ଚାଷୀମାନେ ଲାଗିପଡ଼ିବେ । କାରଣ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ବେଶୀ ମୂଲ୍ୟରେ ବିକ୍ରୀ ହେବାର ସମ୍ଭାବନା ଦେଖାଦେବ । ତେଣୁ, ରାଜ୍ୟରେ କୃଷିଜାତ ଦ୍ରବ୍ୟର ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଯିବ । ଚାଷୀ ମଧ୍ୟ ଧନୀ ହେବେ ।

କେବଳ ଏତିକି ନୁହଁ ଲୋକଙ୍କ ହାତକୁ ପଇସା ଆସିବା ସଙ୍ଗେ ସଙ୍ଗେ ଲୋକଙ୍କ ମନରେ ସାହିତ୍ୟ ସଂସ୍କୃତି ପ୍ରତି ମଧ୍ୟ ଆଗ୍ରହ ବୃଦ୍ଧି ପାଇବ । ଲୋକେ ଅବସର ସମୟର ସଦ୍‌ବ୍ୟବହାର ପାଇଁ ବହି ପଢ଼ିବେ, ରେଡ଼ିଓ ଶୁଣିବେ, ଟେଲିଭିଜନ୍ ଦେଖିବେ, ଯାତ୍ରା ପାଲା ଇତ୍ୟାଦି ଦେଖି ଆମୋଦ ଓ ଆନନ୍ଦ ଉପଭୋଗ କରିବା ପାଇଁ ଆଗ୍ରହୀ ହେବେ । ସେଥିଯୋଗୁଁ ଆମର ସାହିତ୍ୟ ଓ ସଂସ୍କୃତିର ମଧ୍ୟ ପ୍ରସାର ହେବ-ଅଭିବୃଦ୍ଧି ଘଟିବ ।

ଅବଶ୍ୟ ଏଠି ଗୋଟିଏ ବିଷୟରେ ମଧ୍ୟ ଆଶଙ୍କା ଜାତ ହୁଏ । ଅନ୍ୟ ଦେଶ ବିଦେଶର ଅବସ୍ଥା ଦେଖି ଆମର ଏପରି ଗୋଟିଏ ଆଶଙ୍କା ହେବା ମଧ୍ୟ ସ୍ୱାଭାବିକ ଯେ କଳକାରଖାନା ସଂଖ୍ୟା ବୃଦ୍ଧି ପାଇଲେ ଓ ଲୋକଙ୍କ ହାତକୁ ପଇସା ଆସିଲେ ଲୋକଙ୍କର ହୁଏତ ଜୀବନ-ଧାରଣର ମାନ ବୃଦ୍ଧି ପାଇବ କିନ୍ତୁ ଲୋକଙ୍କ ଭିତରେ ସାଂସ୍କୃତିକ ଚେତନା ବୃଦ୍ଧି ପାଇବ. କି ତା'ର ଅଧୋଗତି ହେବ ଏକଥା ନିଶ୍ଚିତଭାବେ କୁହା ଯାଇ ନ ପାରେ ।

ଏପର୍ଯ୍ୟନ୍ତ ଓଡ଼ିଶାରେ ମୋଟାମୋଟି କୃଷି-ସଭ୍ୟତା ଓ ତତ୍‌ଜନିତ ସଂସ୍କୃତିର ପ୍ରତିଷ୍ଠା ରହିଛି । ଭାରତୀୟ ସଂସ୍କୃତି ମୂଳତଃ କୃଷି ସଭ୍ୟତା ସମ୍ଭୂତ ଓ ପାରଂପରିକ ଏହି ସଂସ୍କୃତିର ବିଶେଷତ୍ୱ ହେଲା–ଏହା ଧର୍ମମୂଳକ । ଅବଶ୍ୟ ଯୋଉ ଅର୍ଥରେ ପାଶ୍ଚାତ୍ୟବାସୀ ଧର୍ମ ଶବ୍ଦକୁ ବ୍ୟବହାର କରନ୍ତି ଏହା ସେ ଅର୍ଥରେ କେବେ ନ ଥିଲା । ଏହି ଧର୍ମ ଏକ ମୁକ୍ତ ସତ୍ୟାନ୍ୱେଷଣ ଓ ଉଦାର ଜୀବନଚର୍ଯ୍ୟା ଉପରେ ନିର୍ଭର କରିଥାଏ । ସେଥିପାଇଁ ସମସ୍ତ ସମାଜକୁ ଏକ ନିର୍ଦ୍ଦିଷ୍ଟ ଧରାବନ୍ଧା ଧର୍ମବିଶ୍ୱାସ ବା ନୈତିକ ଆଚରଣ ଭିତରେ ଚଳିବାକୁ କେବେ କେହି ବାଧ୍ୟକରି ନାହିଁ । ପ୍ରତ୍ୟେକ ବ୍ୟକ୍ତି ଏଠାରେ ତା' ନିଜ ବାଟରେ ନିଜ ବିଶ୍ୱାସ ଓ ବୁଦ୍ଧି ଅନୁଯାୟୀ ସତ୍ୟାନ୍ୱେଷଣ କରିପାରେ । ଈଶ୍ୱର ଉପାସନା ମଧ୍ୟ କରିପାରେ । ସେଥିପାଇଁ ଏଠି ଧର୍ମକୁ ସନାତନ ଓ ନିତ୍ୟବୋଲି କୁହାଯାଉଛି ଏବଂ ସବୁ ଯୁଗରେ ଅବତାର, ମହାପୁରୁଷ ଓ ଗୁରୁମାନେ ଆବିର୍ଭୂତ ହୋଇ ପ୍ରଚଳିତ ଧର୍ମ ବିଶ୍ୱାସ ଓ ଆଚରଣ ବିଧିକୁ ପରିବର୍ତ୍ତନ କରାଇଛନ୍ତି ଓ ସେହି ରୂପେ ଗତିଶୀଳ ମଧ୍ୟ କରାଉଛନ୍ତି । ଆମର ଶଙ୍କର, ରାମାନୁଜ, ଶ୍ରୀଚୈତନ୍ୟ, କବିର, ନାନକଙ୍କଠାରୁ ଆରମ୍ଭକରି ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକା-ନନ୍ଦ, ଶ୍ରୀଅରବିନ୍ଦ ଓ ଗାନ୍ଧିଜୀ ପ୍ରମୁଖ ମହାପୁରୁଷଗଣ ଆମର ଧାର୍ମିକ ବା ଅଧ୍ୟାତ୍ମ ଚେତନାକୁ ନୂତନ ବ୍ୟାପ୍ତି, ଗଭୀରତା ଓ ଅର୍ଥ ପ୍ରଦାନ କରିଛନ୍ତି । ଏ ଯୁଗରେ ବିଶେଷତଃ ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ ଓ ଗାନ୍ଧିଜୀ ସମଗ୍ର ଭାରତୀୟ ଜାତୀୟତାକୁ ଗ୍ରହଣକରି ସମଗ୍ର ଜାତି ପାଇଁ ଯେଉଁ ମୁକ୍ତ ଉଦାର ଆଧ୍ୟାତ୍ମିକ ଚେତନାର ପଥ ପ୍ରଦର୍ଶନ କରିଛନ୍ତି ତାହାହିଁ ଆମର ଜାତୀୟ ସଂସ୍କୃତିର ଧ୍ୟେୟ ଲକ୍ଷ୍ୟ ଓ ପ୍ରେରଣା ହେବା ଉଚିତ ।

ଏହି ଦୃଷ୍ଟିରୁ ଦେଖିଲେ ଆମର ସଂସ୍କୃତି ମଧ୍ୟ ଏହି ଆଧ୍ୟାତ୍ମିକ-ଚେତନା-ଭିତ୍ତିକ ହେବା ଉଚିତ । ଆମର ଗଳ୍ପ, ଉପନ୍ୟାସ, ନାଟକ, ଯାତ୍ରା, ପାଲା, ନୃତ୍ୟ, ସଙ୍ଗୀତ ସବୁର ମୂଳ ଲକ୍ଷ୍ୟ ହେବା ଉଚିତ ମନୁଷ୍ୟ ଭିତରେ ଉଚ୍ଚତର ମହତର ଅନୁଭୂତି ଜାଗ୍ରତ କରିବା । ମଣିଷ ଭିତରେ

ଦୟା, କ୍ଷମା, ପ୍ରେମ, ତ୍ୟାଗ ସହାନୁଭୂତି, ସହନଶୀଳତାର ଭାବ ଜାଗ୍ରତ କରିବା ଉଚିତ୍ ।

ଏହା ଯଦି ନ ହୁଏ ଯଦି ଆମେ ବର୍ତ୍ତମାନ ପାଶ୍ଚାତ୍ୟ ସଂସ୍କୃତିର ପ୍ରବାହ ଭିତରେ ପଡ଼ିଯାଉ—ତେବେ ସେ ସବୁ ଦେଶମାନଙ୍କରେ ଯେପରି ଯୁବସମାଜ ଭିତରେ ବ୍ୟର୍ଥତା-ବୋଧ, ପାଗଳାମୀ, ଆତ୍ମହତ୍ୟା, ହତ୍ୟା ଓ ଧର୍ଷଣ ମର୍ଷଣାଦି ଅସାମାଜିକ ଓ ଅମାନବିକ ବିଷୟମାନ ପ୍ରବଳ ହୋଇ ଉଠିଛି—ଆମ ରାଜ୍ୟରେ ବି ସେହିପରି ହେବ । ତେଣୁ, ଓଡ଼ିଶାରେ ଶିଳ୍ପବିପ୍ଳବ ଆସିବା ସଙ୍ଗେ ସଙ୍ଗେ ଭାରତୀୟ ରୀତିରେ ଏକ କଲ୍ୟାଣକର ସାଂସ୍କୃତିକ ବିପ୍ଳବ ମଧ୍ୟ ହେବା ଉଚିତ୍ । ଏହାର ଅନ୍ୟ ଦିଗଟି ମଧ୍ୟ ରହିଛି । ଜଥାହେଲା—ସାରା ଓଡ଼ିଶାରେ ଯୋଉଠି କଳକାରଖାନା-ମାନ ପ୍ରତିଷ୍ଠିତ ହେବ, ସେଠାରେ ବିଭିନ୍ନ ରାଜ୍ୟର ଲୋକଙ୍କ ସମାବେଶ ହେବାର ହେବ । ତା' ସହିତ ବିଭିନ୍ନ ରାଜ୍ୟର ସାହିତ୍ୟ ସଂସ୍କୃତି ମଧ୍ୟ ରହୁ ହୋଇଯିବ । ସେଥିରେ କିଛି କ୍ଷତିନାହିଁ । କିନ୍ତୁ ସବୁ ଭିତରେ ଯଦି ଓଡ଼ିଆ ସଂସ୍କୃତି ବଳବତ୍ତର ହୋଇ ପ୍ରକାଶିତ ନ ହୁଏ—ତେବେ ଆମେ ସାଂସ୍କୃତିକ ଦୃଷ୍ଟିରୁ ଦରିଦ୍ର ଓ ହୀନ ହୋଇଯିବା । ଉଦାହରଣ ସ୍ୱରୂପ—ରାଉରକେଲା କଥା ଦେଖନ୍ତୁ । ସେଠାରେ ସବୁ ରାଜ୍ୟର ଲୋକେ ଅଛନ୍ତି । ସବୁ ରାଜ୍ୟର ସଂସ୍କୃତି ରହିଛି । ମାତ୍ର ଓଡ଼ିଆ ସଂସ୍କୃତିର ପ୍ରାଧାନ୍ୟ ରକ୍ଷା କରିବାକୁ ହେବ । ତା' ନହେଲେ, ଆମେ ହୁଏତ କଳକାରଖାନା ଫଳରେ ବି ପଇସାପାଇ ଧନୀ ବା ମଧ୍ୟବିତ୍ତ ହେବା । କିନ୍ତୁ ସଂସ୍କୃତି ହରା ତୃତୀୟ ଶ୍ରେଣୀର ଜାତିଟିଏ ହୋଇ ରହିବା । ଏ ଭୟ ନିଶ୍ଚୟ ରହିଛି ।

ଥରେ ଗୋଟିଏ ବିରାଟ ସାହିତ୍ୟିକ ଓ ସାଂସ୍କୃତିକ ସମ୍ମିଳନୀରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଆଶାର କଥା ସେ ତାଙ୍କର ଅଭିଭାଷଣରେ ଏହି ଆଶଙ୍କାର ବିଷୟ ସେ ଉଲ୍ଲେଖ କରିଥିଲେ । ସେ ସଭାରେ ସେ ସ୍ପଷ୍ଟଭାବେ ଯାହା ଘୋଷଣା କରିଥିଲେ—ତା'ର ସାର ମର୍ମ ହେଲା—ଆମେ ବର୍ତ୍ତମାନ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ଦୃଢ଼ ସଂକଳ୍ପ ଓ ସେ ଦିଗରେ ଆମେ ବିଦ୍ୟୁତ୍ ଗତିରେ ଉଦ୍ୟମ କରି ଚାଲିଛୁ, ଏହା ନିଃସନ୍ଦେହ । କାରଣ ଓଡ଼ିଆଙ୍କର ଦାରିଦ୍ର୍ୟ ଘୁଞ୍ଚାଇବା ଲାଗି ଏହା ବ୍ୟତୀତ ଅନ୍ୟ ପନ୍ଥା ଆଉ ନାହିଁ । କିନ୍ତୁ ଏହା ସହିତ ଆମକୁ ଖୁବ୍ ସଚେତନ ଭାବେ ଓ ସକ୍ରିୟ ଭାବେ ଏକ ଗତିଶୀଳ ଏବଂ କଲ୍ୟାଣକର ସାଂସ୍କୃତିକ ଆନ୍ଦୋଳନ ମଧ୍ୟ ଚାଲୁ ରଖିବାକୁ ହେବ । ତା' ନହେଲେ ଆମର ଧନ ହିଁ ଭବିଷ୍ୟତରେ ଆମର କାଳ ହେବ । ଧନ ଅର୍ଜନ ନିତାନ୍ତ ଆବଶ୍ୟକ । ଧନ ଅଭାବରେ ବ୍ୟକ୍ତି ଓ ଜାତିର ଯେତେ ଯାହା ସଦ୍‌ଗୁଣ ଓ ପ୍ରତିଭା ସବୁ ନଷ୍ଟ ହୋଇଯାଏ ! ମାତ୍ର ତା'ର ବିପରୀତ ସତ୍ୟଟି ପ୍ରତି ମଧ୍ୟ ଆମକୁ ସଜାଗ ହେବାକୁ ପଡ଼ିବ-ଯେମିତିକି ବହୁ କାଳରୁ ନିର୍ଦ୍ଧନ ବ୍ୟକ୍ତିଟିଏ ହଠାତ୍ ଧନୀ ହୋଇ-ଯିବା ଫଳରେ ତା'ର ଧନକୁ କିପରି କଲ୍ୟାଣକର ଉପାୟରେ ଖର୍ଚ୍ଚ କରିବାକୁ ହେବ ଜାଣି ନ ପାରି, ଅସତ୍ ଓ ଅମଙ୍ଗଳ ଦିଗରେ ବ୍ୟୟକରି ଆତ୍ମଘାତି ହୋଇଥାଏ, ଗୋଟାଏ ଜାତି ପକ୍ଷରେ ମଧ୍ୟ ସେପରି ବିପଦ ଆସିପାରେ ଏବଂ ଆମ ଆଗରେ ସେପରି ଦୃଷ୍ଟାନ୍ତ ମଧ୍ୟ ବିରଳ ନୁହଁ ।

ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ପୁନଶ୍ଚ କହିଥିଲେ—ଆମକୁ ଭାରତୀୟ ସଂସ୍କୃତି ପରଂପରାରେ ଓଡ଼ିଆ ସଂସ୍କୃତିର ମଧ୍ୟ ପ୍ରସାର କରିବାକୁ ପଡ଼ିବ । ଏକା-ଧାରରେ ଶିଳ୍ପ ଓ ସାଂସ୍କୃତିକ ବିପ୍ଳବର ଅଭ୍ୟୁଦୟ ଘଟାଇବାକୁ ପଡ଼ିବ । କିନ୍ତୁ ଏଥିପାଇଁ ଆମର ସାହିତ୍ୟିକ ଓ ଶିଳ୍ପୀମାନେ ଆଗେଇ ଆସିବା ଉଚିତ୍ । ଏ ଦିଗରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ସରକାରଙ୍କୁ ଯୋଗାଇ ଦେବା ଉଚିତ୍ । ଆମର ଲୋକନୃତ୍ୟ, ଲୋକ ସଂଗୀତ, ଲୋକନାଟ୍ୟ ଓ ଲୋକ କଳାର ପୁନର୍ବିନ୍ୟାସ କରିବା ଉଚିତ ।

ସାରଳାଦାସଙ୍କ ଶ୍ରାଦ୍ଧ ସଭାରେ ଓ ସୁନାବେଡ଼ାର ନିଖିଳ ଉତ୍କଳ ସାହିତ୍ୟ ସଭାରେ ଶ୍ରୀଯୁକ୍ତ ପଟ୍ଟନାୟକ ଏହି ମର୍ମରେ ଆମର କବି ସାହିତ୍ୟିକମାନଙ୍କୁ ଉଦ୍‌ବୋଧନ ଦେଇ ଖୁବ୍ ଦୃଢ଼ ସ୍ୱରରେ କହିଥିଲେ—

ଆପଣମାନେ ଏମିତି କିଛି ସାହିତ୍ୟ ସୃଷ୍ଟି କରନ୍ତୁ ଯାହାକି ମଣିଷ ହୃଦୟରେ ଚିରନ୍ତନ ସତ୍ୟ, ଶିବ ଓ ସୌନ୍ଦର୍ଯ୍ୟର ଉପଲବ୍ଧି ଜାଗ୍ରତ କରିପାରିବ ଏବଂ ତା'ସଂଗେ ସଂଗେ ଓଡ଼ିଶାର ଜାତୀୟ ଚରିତ୍ରକୁ ଅଧିକ ସାଂସ୍କୃତିକ ଚେତନାରେ ଉଦ୍‌ବୁଦ୍ଧ କରି ପାରିବ । ଓଡ଼ିଆ ଜାତିକୁ ଏକ ନବ ଜାଗରଣର ପ୍ରେରଣାରେ ଅଭିଭୂତ କରିବା ହେଉ ଆପଣମାନଙ୍କର ସଂକଳ୍ପ !

ମୁଖ୍ୟମନ୍ତ୍ରୀଙ୍କ ଏହି ଆହ୍ୱାନର ଉତ୍ତର ଦେବାର ଦାୟିତ୍ୱ ଏଣିକି ଆମର ସାହିତ୍ୟ ଓ ସଂସ୍କୃତିର କର୍ତ୍ତାମାନଙ୍କ ଉପରେ । ନୁହେଁ କି ?

# ରମ୍ୟାଣି ବୀକ୍ଷ୍ୟ

ଶ୍ରୀ ଏ. ଏନ୍. ତିୱାରୀ



ଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା, ଅପୂର୍ବ ବେଳାଭୂମି, ପ୍ରାଚୀନ କୀର୍ତ୍ତିରାଜି, ବନ୍ୟଜନ୍ତୁ ପରିପୂର୍ଣ୍ଣ ସବୁଜବନାନୀ, ପକ୍ଷୀରାଜି ନିନାଦିତ ଚିଲିକା ହ୍ରଦ ଓ ବର୍ଣ୍ଣାଢ଼୍ୟ ପାର୍ବତ୍ୟ ଅଧିବାସୀ ପରିବେଷ୍ଟିତ ଉଚ୍ଚକୋଟୀର ପର୍ଯ୍ୟଟନ ସଂପଦ ହାସଲ କରିବାର ଗୌରବ ବହନ କରିଛି । ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ବର୍ତ୍ତମାନର ସରକାର ଉଭୟ ଦେଶ-ବିଦେଶରେ ଓଡ଼ିଶାର ପର୍ଯ୍ୟଟନ ସଂପଦର ଫଳପ୍ରଦ ରୂପାୟନ ଦିଗରେ ସକଳ ଉଦ୍ୟମ କରିଥିଲେ । ପର୍ଯ୍ୟଟନ ଉନ୍ନୟନର ବ୍ୟବସ୍ଥା ସ୍ୱରୂପ ବିଭିନ୍ନ ଦେଶର ଆନ୍ତର୍ଜାତିକ ଭ୍ରମଣକାରୀ ଲେଖକମାନେ ଓଡ଼ିଶା ପରିଦର୍ଶନ କରି ବିଶେଷ ମୁଗ୍ଧ ହୋଇଥିଲେ । "ସନ୍‌ଡ଼େ ନେସନ"ର ମାର୍ଚ୍ଚ ୨୮, ୧୯୮୨ ସଂଖ୍ୟାରେ ପ୍ରକାଶିତ ସିଙ୍ଗାପୁରର ସୁନ୍ନା ଆର୍. କାଙ୍ଗାଙ୍କ ଏକ ଲେଖା ଉଲ୍ଲେଖଯୋଗ୍ୟ ସେଉଁଥିରେ ବର୍ଣ୍ଣିତ ହୋଇଛି ଯେ—"ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ପୃଥିବୀର କେତେକ ସର୍ବୋତ୍କୃଷ୍ଟ ବେଳାଭୂମି ହାସଲ କରିବାର ଗୌରବରେ ଗରୀୟାନ, କୋଣାର୍କର ସୁପ୍ରସିଦ୍ଧ ରଥାକୃତି ସୂର୍ଯ୍ୟ-ମନ୍ଦିର, ବର୍ଣ୍ଣାଢ଼୍ୟ ଆଦିମ ଅଧିବାସୀ, ବିଦେଶାଗତ ପକ୍ଷୀରାଜି ଶୋଭିତ ହ୍ରଦ ଏବଂ ବ୍ୟାଘ୍ର ପରିପୂର୍ଣ୍ଣ ଜଙ୍ଗଲ—ଯେଉଁସବୁ ଖୁବ୍ ଅଧିକ ଅନାବିଷ୍କୃତ ଥିଲା ତାହା ବର୍ତ୍ତମାନ ପର୍ଯ୍ୟଟକ-ମାନଙ୍କୁ ସ୍ୱାଗତ କରିବା ନିମନ୍ତେ ବିକାଶ ଲାଭ କରିଛି ।"

ପର୍ଯ୍ୟଟନର ବିକାଶ ନିମନ୍ତେ ଦିଲ୍ଲୀ ଓ ଭୁବନେଶ୍ୱର ମଧ୍ୟରେ ଏବଂ କଲିକତା ଓ ହାଇଦ୍ରାବାଦ ମଧ୍ୟରେ ସିଧାସଳଖ ବୋଇଂ ବିମାନ ଯାତାୟତ ବ୍ୟବସ୍ଥା କରିବା ହେଉଛି ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି କରିବାରେ ଏହା ସହାୟକ ହୋଇଥିଲା ଏବଂ ୧୯୮୦ ମସିହାରେ ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କ ସଂଖ୍ୟା ୨୩,୯୪୧ ଥିବା ସ୍ଥଳେ ୧୯୮୧ ମସିହା ଶେଷ ସୁଦ୍ଧା ଏହା ୨୬,୩୨୩କୁ ବୃଦ୍ଧି ପାଇଥିଲା । ଏହାଦ୍ୱାରା ଆନ୍ତର୍ଜାତିକ ପର୍ଯ୍ୟଟକମାନଙ୍କ ସଂଖ୍ୟା ଶତକଡ଼ା ୧୦ ବୃଦ୍ଧି ପାଇଥିଲା । ଦେଶୀୟ ପର୍ଯ୍ୟଟକମାନଙ୍କ ହାର ମଧ୍ୟ ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି ପାଇଥିଲା ଯାହାକି ୧୯୮୦ ମସିହାରେ ୧,୯୦,୨୯୩ ଥିବା ସ୍ଥଳେ ୧୯୮୧ରେ ତାହା ୩,୫୧,୭୩୮କୁ ବୃଦ୍ଧି ପାଇଥିଲା । ଏ କ୍ଷେତ୍ରରେ ଆଖି-ଦୃଶିଆ ଭାବେ ଶତକଡ଼ା ୮୪ ଭାଗ ବୃଦ୍ଧି ପରିଲକ୍ଷିତ ହୋଇଥିଲା । ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ବର୍ତ୍ତମାନର ଆଗମନ ଧାରା ଅନୁଧ୍ୟାନ କଲେ ୧୯୮୫ ଶେଷ ସୁଦ୍ଧା ଓଡ଼ିଶାକୁ ୫୦,୦୦୦ ଆନ୍ତର୍ଜାତିକ ପର୍ଯ୍ୟଟକ ଆସିବେ, ଏ ସଂପର୍କରେ ଦୃଢ଼ ଆଶା ପୋଷଣ କରାଯାଇ ପାରିବ ।

ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଥିବା ବହୁ ପର୍ଯ୍ୟଟନ-ସ୍ଥଳୀ ଓଡ଼ିଶାରେ ଭରପୂର ହୋଇ ରହିଥିଲେ ହେଁ ଭୁବନେଶ୍ୱର, ପୁରୀ ଓ କୋଣାର୍କ ସ୍ୱର୍ଣ୍ଣ ତ୍ରିଭୁଜ ପର୍ଯ୍ୟଟକ-ମାନଙ୍କର ବିଶେଷ ଆକର୍ଷଣ ସ୍ଥଳୀ ହୋଇ ରହି ଆସିଛି । ସରକାର ଏହି ଅଞ୍ଚଳର ଭିତ୍ତିଭୂମି ଉନ୍ନୟନ ତ୍ୱରାନ୍ୱିତ କରିବାର ଆବଶ୍ୟକତା ବେଶ୍ ଉପଲବ୍ଧି କରିଛନ୍ତି । ପର୍ଯ୍ୟଟନକୁ ଶିଳ୍ପ ରୂପେ ଅଭିହିତ କରିବାରେ ସମଗ୍ର ଦେଶରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । ଏହା ଫଳରେ ଶିଳ୍ପନୀତିରେ ଥିବା ବ୍ୟବସ୍ଥା ଅନୁଯାୟୀ ଶିଳ୍ପ କ୍ଷେତ୍ରରେ

ଅନୁସୃତ ହେଉଥିବା ସମସ୍ତ ପ୍ରକାରର ପ୍ରୋତ୍ସାହନ ବ୍ୟବସ୍ଥା ଏଥିରେ ମଧ୍ୟ ସ୍ଥିର ହେବ । ଦିଲ୍ଲୀଠାରେ ଅନୁଷ୍ଠିତ ପର୍ଯ୍ୟଟନ ମନ୍ତ୍ରୀ ସମ୍ମିଳନୀରେ ଆମ ରାଜ୍ୟ ସରକାରଙ୍କ ଏତାଦୃଶ ପଦକ୍ଷେପର ଭୂୟସୀ ପ୍ରଶଂସା କରାଯାଇଥିଲା ଏବଂ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ଯେଉଁ ଦିଗ ଦର୍ଶନ ଦେଉଛି ତାହା ସବୁ ରାଜ୍ୟ ଅନୁସରଣ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା ।

ଦୁଇଗୋଟି ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର—କୋଣାର୍କ ଓ ପୁରୀକୁ ବହୁ ପ୍ରତ୍ୟାଶିତ ମେରାଇନ୍ ଡ୍ରାଇଭ ଦ୍ୱାରା ସଂଯୁକ୍ତ କରିବା କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏବଂ ବେଳାଭୂମି ଉନ୍ନୟନ ନିମନ୍ତେ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି । ମେରାଇନ ଡ୍ରାଇଭ ନିର୍ମାଣ ହେବା ଫଳରେ ପୁରୀ ଓ କୋଣାର୍କ ମଧ୍ୟରେ ଥିବା ଦୂରତ୍ୱ ୮୫ କିଲୋମିଟରରୁ ୩୫ କିଲୋମିଟରକୁ ହ୍ରାସ ପାଇବ ।

ରାଜ୍ୟର ପର୍ଯ୍ୟଟକ ସାମର୍ଥ୍ୟ ଅନୁଧ୍ୟାନ କରି ବିଳାଶୀ ଗୋଷ୍ଠୀ ନିମନ୍ତେ ଭୁବନେଶ୍ୱର ଓ ପୁରୀଠାରେ ସୌଖୀନ ହୋଟେଲ ନିର୍ମାଣ କରିବା ପାଇଁ ଦେଶର ନାମଜାଦା ହୋଟେଲ ବ୍ୟବସାୟୀଙ୍କୁ ଜମି ଯୋଗାଇ ଦିଆଯାଉଛି । ଭୁବନେଶ୍ୱର ଓ ପୁରୀଠାରେ ଅଧିକ ଆୟକାରୀ ଗୋଷ୍ଠୀର ଲୋକମାନଙ୍କ ପାଇଁ ମାତ୍ର ୧୦୦ଟି ଶଯ୍ୟାର ବ୍ୟବସ୍ଥା କରା ଯାଉଥିବା ସ୍ଥଳେ ଅଧିକ ୫୦୦ଟି ହୋଟେଲ ପ୍ରକୋଷ୍ଠ ନିର୍ମାଣ କରାଯାଉଛି । ଭୁବନେଶ୍ୱରସ୍ଥିତ କଳିଙ୍ଗ-ଅଶୋକ ହୋଟେଲ ସମ୍ପ୍ରସାରଣ କରାଯାଇ ୩୮ଟି ପ୍ରକୋଷ୍ଠରୁ ୧୦୦ଟି ପ୍ରକୋଷ୍ଠକୁ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଗୋଟିଏ ସନ୍ତରଣାଗାର ଓ ଗୋଟିଏ ସମ୍ମିଳନୀ ଗୃହ ନିର୍ମାଣ କରିବା ସକାଶେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ଯୋଜନା ଚୂଡ଼ାନ୍ତ କରିଛନ୍ତି । ମଧ୍ୟବିତ୍ତ ଶ୍ରେଣୀର ଆୟକାରୀ ଗୋଷ୍ଠୀଙ୍କ ନିମନ୍ତେ ଭୁବନେଶ୍ୱର, ପୁରୀ ଓ କୋଣାର୍କ-ଠାରେ ୨୦ଟି ହୋଟେଲ ପରିକଳ୍ପନା ମଞ୍ଜୁର କରାଯାଇଛି । ଭୁବନେଶ୍ୱର, ପୁରୀ, କୋଣାର୍କ ଓ ଗୋପାଳପୁରଠାରେ ଥିବା ପାନ୍ଥନିବାସଗୁଡ଼ିକର ସମ୍ପ୍ରସାରଣ କାର୍ଯ୍ୟ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ହାତକୁ ନେଲେଣି । ରାଉରକେଲା, ସୁନାବେଡ଼ା ଓ ଗୋପାଳପୁର ଉପକୂଳରେ ପାନ୍ଥନିବାସ ନିର୍ମାଣ କରିବା ପାଇଁ ଏହି କର୍ପୋରେସନ ପ୍ରସ୍ତାବ ରଖିଛନ୍ତି । ପୁରୀଠାରେ ଏକ ସଂଭ୍ରାନ୍ତଶୀଳ ସୌଖୀନ ହୋଟେଲ ନିର୍ମାଣ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ମିଳିତ ଉଦ୍ୟମ କରୁଛନ୍ତି । ପୁରୀଠାରେ ଥିବା ରେଳବାଇ ହୋଟେଲର ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହେଲଣି ଓ ଏହା ବର୍ତ୍ତମାନ ୫୮ ଶଯ୍ୟା ଥିବା ସ୍ଥଳେ ୧୦୦ଟି ଶଯ୍ୟାକୁ ବୃଦ୍ଧି କରାଯିବ ।

ରାଜ୍ୟର ବିଭିନ୍ନ ବିକାଶଶୀଳ କେନ୍ଦ୍ରଗୁଡ଼ିକରେ ହୋଟେଲ ନିର୍ମାଣ କରିବା ପାଇଁ ରାଜ୍ୟର ୧୧୪ ଜଣ ଶିଳ୍ପୋଦ୍ୟୋଗୀଙ୍କୁ ଉତ୍ସାହିତ କରାଯାଇଛି । ଆଉଟି,



ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ଓ ବୁଢ଼େଶ୍ୱରଠାରେ ମଧ୍ୟ ପାନ୍ଥଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ତପ୍ତପାଣିଠାରେ ୧୨ ଶଯ୍ୟା ବିଶିଷ୍ଟ ୬ଟି କୁଟୀର ନିର୍ମାଣ କରିବା ଲାଗି ପ୍ରସ୍ତାବ ରହିଛି ଓ ନିକଟରେ ମହାନଦୀ ଅତିକ୍ରମ କରିଥିବା ୨୧ କିଲୋମିଟର ବ୍ୟାପୀ ଗିରିସଙ୍କଟ ଟିକରପଡ଼ାଠାରେ ୨୫ କୋଠରୀ ବିଶିଷ୍ଟ ଗୋଟିଏ ପାନ୍ଥ ନିବାସ ନିର୍ମାଣ କରାଯିବ । ମହାନଦୀ ଶଯ୍ୟାରେ ଅବସ୍ଥିତ ଧବଳେଶ୍ୱରଠାରେ ଏକ ପାନ୍ଥନିବାସ ନିର୍ମାଣ କରିବା ପାଇଁ ଯୋଜନା ଚୂଡ଼ାନ୍ତ କରାଯାଉଛି ଓ ଯାଜପୁରଠାରେ ଥିବା ଧର୍ମଶାଳା ସରକାର ହାତକୁ ନେଇଛନ୍ତି ଏବଂ ଏଠାରେ ଧର୍ମଶାଳାର ଆଧୁନିକୀ-କରଣ କରାଯାଇ ଏହାକୁ ଏକ ପାନ୍ଥଶାଳାରେ ପରିଣତ କରାଯିବ । ଚିଲିକା ହ୍ରଦ ନିକଟସ୍ଥ ବରକୁଲଠାରେ ଏକ ପର୍ଯ୍ୟଟନ ସ୍ଥଳୀର ଆବଶ୍ୟକତା ଦୀର୍ଘଦିନ ଧରି ଅନୁଭବ କରାଯାଉଥିଲା । ସଂପ୍ରତି ସେଠାରେ ଏକ ୩୬ ଶଯ୍ୟା ବିଶିଷ୍ଟ ପର୍ଯ୍ୟଟନସ୍ଥଳୀ ନିର୍ମାଣ କରାଯାଉଛି । ଅତ୍ରିଠାରେ ସ୍ନାନାଗାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ଯାଉଛି ଓ ଏହା ସଂପୂର୍ଣ୍ଣ ହେଲେ ସ୍ୱର୍ଣ୍ଣ ତ୍ରିଭୁଜ ପରିସର ମଧ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପୀଠସ୍ଥଳୀ ରୂପେ ବିବେଚିତ ହେବ ।

ରାଜ୍ୟ ସରକାର ଖଣ୍ଡଗିରି, ଉଦୟଗିରି ଓ କୋଣାର୍କଠାରେ ଶବ୍ଦାଲୋକ (ସନ୍-ଏଟ୍-ଲୁମେୟାର)ର ବ୍ୟବସ୍ଥା ହାତକୁ ନେଇଛନ୍ତି । ଏହା ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ଅନୁପମ ଆକର୍ଷଣ ହୋଇରହିବ ।

ପ୍ରାଥମିକ ପଦକ୍ଷେପ ସ୍ୱରୂପ ତୀର୍ଥଯାତ୍ରୀମାନଙ୍କ ସୁବିଧା ପାଇଁ ପୁରୀ ଓ କୋଣାର୍କଠାରେ ୧୦ ଶଯ୍ୟା ବିଶିଷ୍ଟ ଆଧୁନିକ ଧର୍ମଶାଳା ନିର୍ମାଣ କରିବା ଲାଗି ରାଜ୍ୟ ସରକାର ସଫଳତାର ସହିତ ଭାରତୀୟ ଯାତ୍ରୀ ଆଓ୍ୱାଜ ବିକାଶ ସମିତିକୁ ରାଜି କରାଇଛନ୍ତି । ପୁରୀଠାରେ ଧର୍ମଶାଳା ନିର୍ମାଣ କରିବା ପାଇଁ ସ୍ଥାନ ନିରୂପିତ ହୋଇଛି ଏବଂ ନିର୍ମାଣ କାର୍ଯ୍ୟ ଖୁବ୍ ନିକଟରେ ଆରମ୍ଭ କରାଯିବ ।

ବନ୍ୟଜନ୍ତୁ ପର୍ଯ୍ୟଟନର ବିକାଶ ନିମନ୍ତେ ସରକାର ଫଳପ୍ରଦ ପଦକ୍ଷେପ ନେଇଛନ୍ତି ଓ ଭାରତ ପର୍ଯ୍ୟଟନ ଉନ୍ନୟନ ନିଗମଙ୍କ ସହଯୋଗକ୍ରମେ ନନ୍ଦନକାନନରେ ଏକ ସିଂହ ସଫାରୀ ମଞ୍ଜୁର କରିଛନ୍ତି । କେନ୍ଦ୍ର ସରକାର ସିମିଳିପାଳ-ଠାରେ ଏକ ଫରେଷ୍ଟ ଲଜ୍ ମଧ୍ୟ ମଞ୍ଜୁର କରିଛନ୍ତି । ଏହାଛଡ଼ା ସିଂ ଓ ଜଳକ୍ରୀଡ଼ା ପ୍ରତିଷ୍ଠାନ ଖୋଲିବା ବିଷୟରେ ଗୁରୁତ୍ୱ ସହକାରେ ବିଚାର କରାଯାଉଛି । ଏହା ଫଳରେ ଆନ୍ତର୍ଜାତିକ ତଥା ଜାତୀୟ ସ୍ତରରେ ଚିଲିକାର ଛବିକୁ ପ୍ରତିଭାତ କରାଯାଇ ପାରିବ ।

ବୌଦ୍ଧଧର୍ମରେ ବିଶ୍ୱାସ କରୁଥିବା ବିଶ୍ୱର ତୀର୍ଥ-ଯାତ୍ରୀମାନଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ସରକାର ରତ୍ନଗିରି ଓ ଲଳିତଗିରି ସହିତ ସଂଯୋଗ କରି ଏକ ସବୁଦିନିଆ ରାସ୍ତା ନିର୍ମାଣ କରିବାଲାଗି ଅର୍ଥ ମଞ୍ଜୁର

ରହିଛନ୍ତି । ରତ୍ନଗିରି, ଲଳିତଗିରି ଓ ଉଦୟଗିରିଠାରେ ବୌଦ୍ଧପୀଠ ନିର୍ମାଣ କରିବା ସକାଶେ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବାଲାଗି କେନ୍ଦ୍ର ସରକାରଙ୍କୁ ପ୍ରଭାବିତ କରାଯାଇଛି ଏବଂ ଏ ଦିଗରେ କାର୍ଯ୍ୟ ଆରମ୍ଭ କରାଗଲଣି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ରତ୍ନଗିରିଠାରେ ଏକ ସଂଗ୍ରହାଳୟ ନିର୍ମାଣ କରିବା ଲାଗି ମଞ୍ଜୁର କରାଯାଇଛି । ମେସର୍ସ ଭାରତୀୟ ହୋଟେଲ କର୍ପୋରେସନଙ୍କ ସହାୟତାରେ ବୁଦ୍ଧି ଗ୍ରନ୍ଥଙ୍କୁ ଧଉଳିଠାରେ ଜାପାନୀ ପାନ୍ଥଶାଳା ନିର୍ମାଣ କରିବା ଲାଗି ଦିଆଯାଇଥିବା ପ୍ରସ୍ତାବ ନିକଟ ଭବିଷ୍ୟତରେ ରୂପରେଖ ନେବ ।



ଓଡ଼ିଶା ପର୍ଯ୍ୟଟନ ବିଷୟରେ ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ନିର୍ମାଣ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ମୋହନ ପଟ୍ଟନାୟକ କ୍ୟାମେରାରେ ସୁଇଚ ଟିପି ଶୁଭାରମ୍ଭ କରୁଛନ୍ତି

ରାଜ୍ୟରେ ଅନେକ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ରହିଛି । ରାସ୍ତା ପାର୍ଶ୍ୱରେ ମୋଟେଲ ନିର୍ମାଣ ପାଇଁ ମାଷ୍ଟରପ୍ଲାନ ଚୂଡ଼ାନ୍ତ ହୋଇଛି ଏବଂ ଏଥିପାଇଁ ୨୧ଟି ସ୍ଥାନ ଚିହ୍ନଟ ହୋଇଛି । ଉଦ୍‌ଖଣ୍ଡଠାରେ ଗୋଟିଏ ମୋଟେଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି ଏବଂ ଅନୁଗୁଳଠାରେ ଅନ୍ୟ ଗୋଟିଏ ମୋଟେଲର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ।

ପରିବହନ ହେଉଛି ଭିତ୍ତିଭୂମିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ତା'ର ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଛି । ସଂପ୍ରତି ନିଗମର ୩ଟି ଶୀତତାପ ନିୟନ୍ତ୍ରିତ ଓ ୭ଟି ଅଣ-ଶୀତତାପ ନିୟନ୍ତ୍ରିତ ବିଳାସପୂର୍ଣ୍ଣ ବସ୍ ରହିଛି । ରାଜ୍ୟରେ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରିବା ପାଇଁ ନିଗମ ତରଫରୁ ସ୍ଥାନ ପରିଭ୍ରମଣ ତଥା ପ୍ୟାକେଜ୍ ଭ୍ରମଣର ବ୍ୟବସ୍ଥା କରାଯାଇଛି । ଚିଲିକା ହ୍ରଦର ବରକୁଳଠାରେ ଏକ ଜେଟି ନିର୍ମାଣସରିଛି ଏବଂ ଅନ୍ୟ ଗୋଟିଏ ଜେଟି ରମ୍ଭାଠାରେ ଖୁବ୍ ଶୀଘ୍ର ନିର୍ମିତ ହେବ । ଚିଲିକା ହ୍ରଦରେ ସମୁଦ୍ର ପର୍ଯ୍ୟଟନ ସେବାରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ଘଟିଛି ।

ରାଜ୍ୟରେ ପର୍ଯ୍ୟଟନର ସୁବିଧା ସୁଯୋଗ ସଂପର୍କରେ ସୂଚନା ଦେବା ପାଇଁ ରାଜ୍ୟର ବିଭିନ୍ନ ରେଳବାଇ ଷ୍ଟେସନଗୁଡ଼ିକରେ ୧୧ଟି ପର୍ଯ୍ୟଟନ କାଉଣ୍ଟର ଖୋଲାଯାଇଛି । ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରଦର୍ଶନ ନିମନ୍ତେ ଏକ ସ୍ୱତନ୍ତ୍ର ଧରଣର ଚଳଚ୍ଚିତ୍ର ନିର୍ମାଣ କରିବାର ଦାୟିତ୍ୱ ଭାରତ ପର୍ଯ୍ୟଟନ ଉନ୍ନୟନ କର୍ପୋରେସନ ଉପରେ ନ୍ୟସ୍ତ ହୋଇଛି । ଏହା ବ୍ୟତୀତ ବିଭିନ୍ନ ରଙ୍ଗର ପ୍ରାଚୀର ପତ୍ର ଓ ପ୍ରସ୍ତର ପତ୍ର ପ୍ରକାଶ କରାଯାଇଛି ।

ରାଜ୍ୟ ସରକାରଙ୍କ ସଜାଗପୂର୍ଣ୍ଣ ତଥା ଅବିରତ ଉଦ୍ୟମ ଫଳରେ ଓଡ଼ିଶାର ପର୍ଯ୍ୟଟନ ସଂପଦ ସଂପ୍ରତି ଦେଶ ତଥା ବିଦେଶରେ ବିଶେଷ ଆଦୃତ ହୋଇଛି । ସରକାର ପର୍ଯ୍ୟଟନ ପ୍ରତି ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । କାରଣ ପଞ୍ଚମ ଯୋଜନାରେ ଏ ବାବଦରେ ୫୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସ୍ଥଳେ ଷଷ୍ଠ ଯୋଜନା କାଳରେ ଏହା ୩୨୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଓଡ଼ିଶାରେ ପର୍ଯ୍ୟଟନ ସାମର୍ଥ୍ୟ ବୃଦ୍ଧି କରିବା ଦିଗରେ ବିଶେଷ ଆବଶ୍ୟକତା ଥିବା ଶିଳ୍ପ ପୁଞ୍ଜି ଗଠନ କରିବାରେ ଏହା ବିଶେଷ ସହାୟକ ହେବ । ଆନ୍ତର୍ଜାତିକ ଭ୍ରମଣକାରୀ ଲେଖକମାନେ ଯାହା ଯଥାର୍ଥରେ କହିଛନ୍ତି, ପ୍ରଥମଥର ପାଇଁ ଓଡ଼ିଶାରେ ଅଦ୍ୟାବଧି ଲୁକାୟିତ ଅବସ୍ଥାରେ ଥିବା ପର୍ଯ୍ୟଟନ ଭଣ୍ଡାର ସାରା ବିଶ୍ୱରେ ଆଦୃତ ହେବା ସଙ୍ଗେ ସଙ୍ଗେ ସ୍ୱୀକୃତି ଲାଭ କରିଛି ।

ଶାସନ ସଚିବ, ପର୍ଯ୍ୟଟନ
ଓ ସଂସ୍କୃତି ବିଭାଗ ।

# ବହୁବିଧ ପର୍ଯ୍ୟଟନ ବିଭବର ଗନ୍ତାଘର

# ଓଡ଼ିଶା

## ଆପଣଙ୍କୁ ସ୍ୱାଗତ କରେ

* କଳା ଓ ସ୍ଥାପତ୍ୟରେ ପରିପୂର୍ଣ୍ଣ କୋଣାର୍କ, ଭୁବନେଶ୍ୱର, ପୁରୀ, ଖିଚିଙ୍ଗ, ଖଣ୍ଡଗିରି, ଉଦୟଗିରି, ରାଣୀପୁର-ଝରିଆଲ ଏବଂ ସୀତାବିଞ୍ଜି ତଥା ଏହିପରି ଆହୁରି ଅନେକ ସ୍ଥାନ ।

କିମ୍ବା

* ଧଉଳି, ରତ୍ନଗିରି, ଲଳିତଗିରି ଓ ଉଦୟଗିରିର ବୌଦ୍ଧକୀର୍ତ୍ତି

କିମ୍ବା

* ପୁରୀ, କୋଣାର୍କ, ଚାନ୍ଦିପୁର, ଗୋପାଳପୁର, ଆର୍ଯ୍ୟପଲ୍ଲୀ ଓ ଚନ୍ଦନେଶ୍ୱରର ତରଙ୍ଗାୟିତ ବେଳାଭୂମି ।

କିମ୍ବା

* ଶିମିଳିପାଳ, ଟିକରପଡ଼ା, ଉଷାକୋଠି, ଭିତର କନିକାର ଅଭୟାରଣ୍ୟ

କିମ୍ବା

* ନୌକାବିହାର ଓ ବିଭିନ୍ନ ଜାତୀୟ ପକ୍ଷୀ ଦର୍ଶନ ପାଇଁ ଉପଯୁକ୍ତ ଚିଲିକା ହ୍ରଦ ।

କିମ୍ବା

* ଚିରସ୍ରୋତା ଝରଣାର କୁଳୁକୁଳୁ ନାଦରେ ଝଂକୃତ ହରିଶଙ୍କର, ଜୋରନ୍ଦା, ବରେହିପାଣି, ଖଣ୍ଡାଧାର, ବାଗ୍ରା ଓ ପ୍ରଧାନପାଟ ।

କିମ୍ବା

* ଅତ୍ରି, ତପ୍ତପାଣି ଓ ଦେଉଳଝରର ଉଷ୍ମ ପ୍ରସ୍ରବଣ

ଅଥବା

ଅନ୍ୟ ଯେ କୌଣସି ସ୍ଥାନ ଆପଣଙ୍କୁ ନିଶ୍ଚୟ ଆନନ୍ଦ ଦେବ । ନିଜର କର୍ମମୟ ଜୀବନରୁ କିଛି ସମୟ ନେଇ ଏ ଆନନ୍ଦ ଉପଭୋଗ କରିବାର ସୁବର୍ଣ୍ଣ ସୁଯୋଗ ହରାନ୍ତୁ ନାହିଁ ।

ସବିଶେଷ ବିବରଣୀ ପାଇଁ ପ୍ରତ୍ୟେକ ଜିଲ୍ଲା ତଥା ଦିଲ୍ଲୀ ଓ କଲିକତାଠାରେ ଥିବା ପର୍ଯ୍ୟଟନ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ପର୍ଯ୍ୟଟନ ବିଭାଗ**

ଓଡ଼ିଶା



# ଦାରିଦ୍ର୍ୟ ସୀମାରେଖା ଉଲ୍ଲଂଘନ

ଶ୍ରୀ କେ. ଶ୍ରୀ ନିବାସନ୍

୧୯୮୧ ନଭେମ୍ବର ୯ ତାରିଖରେ ରୋମଠାରେ ଅନୁଷ୍ଠିତ ଖାଦ୍ୟ ଓ କୃଷି ସଂଗଠନରେ ଫ୍ରାଙ୍କ୍ ମାକ୍‌ଡୁଗାଲ ସ୍ମାରକୀ ବକ୍ତୃତା ପ୍ରଦାନ ଅବସରରେ ଆମର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉଲ୍ଲେଖ କରିଥିଲେ :

"ଜୀବନ ଓ ଖାଦ୍ୟ ଅବିଚ୍ଛେଦ୍ୟ"

ଭାରତର ପ୍ରାଚୀନ ଗ୍ରନ୍ଥ ଜ୍ଞାନର ଉତ୍ସ "ଉପନିଷଦ"ରେ ମଧ୍ୟ ଉଲ୍ଲେଖ ଅଛି :

"ଏ ଧରିତ୍ରୀପୃଷ୍ଠର ଯାବତୀୟ ଜୀବଜନ୍ତୁଙ୍କର ସୃଷ୍ଟି ଏହି ଖାଦ୍ୟରୁ। ସେମାନେ ଜୀବନ ଧାରଣ କରନ୍ତି ଏହି ଖାଦ୍ୟ ଉପରେ ନିର୍ଭର କରି ଏବଂ ସେମାନଙ୍କର ଜୀବନ ଦୀପ ନିର୍ବାପିତ ହେବାପରେ ପୁନର୍ବାର ପ୍ରତ୍ୟାବର୍ତ୍ତିତ କରିଥାନ୍ତି ସେହି ଖାଦ୍ୟ ଭିତରେ।"

ମାନବ ସମାଜର ବିଭିନ୍ନ ଆକାଂକ୍ଷା ମଧ୍ୟରେ ଖାଦ୍ୟ ଅନ୍ୱେଷଣ ହେଉଛି ମୌଳିକ ଆକାଂକ୍ଷା, ପ୍ରାଚୁର୍ଯ୍ୟର ସନ୍ଧାନ ମାନବ ସମାଜର ଏକ ପ୍ରାଚୀନ ସାମୂହିକ ଅଭ୍ୟାସ। ଏହି ଲକ୍ଷ୍ୟ ପୂରଣ ସଙ୍ଗେ ସଙ୍ଗେ ଆତ୍ମନିର୍ଭରଶୀଳତା ହାସଲ ନିମନ୍ତେ ଏକ ସୁଦୃଢ଼ ଭିତ୍ତି ସ୍ଥାପନ ଉପରେ ଆମେ ଗୁରୁତ୍ୱ ଦେଉଛୁ :

(୧) ବିଶେଷତଃ ଅନଗ୍ରସର ଅଞ୍ଚଳରେ ଦୁର୍ବଳ ଶ୍ରେଣୀଙ୍କ ଦାରିଦ୍ର୍ୟ ଲାଘବ ନିମନ୍ତେ ବହୁଳ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି।

(୨) ସ୍ଥାନୀୟ ପଦ୍ଧତିରେ ଫଳପ୍ରଦ ହୋଇ ପାରିବା ନିମନ୍ତେ କୃଷି ଗବେଷଣାର ବିକାଶସାଧନ କରାଯାଉଛି।

(୩) କୃଷି ଉତ୍ପାଦନ ବୃଦ୍ଧି କରାଯାଉଛି।

(୪) ଦାରିଦ୍ର୍ୟର ବିଲୋପ ସାଧନ ନିମନ୍ତେ ଆମ ଦେଶରେ ପ୍ରବର୍ତ୍ତିତ କରାଯାଇଥିବା କାର୍ଯ୍ୟକ୍ରମର ଲକ୍ଷ୍ୟ ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣରେ ପ୍ରତିଫଳିତ ହୋଇଛି।

ଜୀବନଧାରଣ ନିମନ୍ତେ ଆବଶ୍ୟକ ହେଉଥିବା "କ୍ୟାଲୋରି" କ୍ରୟ କ୍ଷମତା ଉପରେ ଦାରିଦ୍ର୍ୟ ନିର୍ଭରଶୀଳ। ଗତ ଶତାବ୍ଦୀର ମଧ୍ୟ ଭାଗରେ ଭାରତ ସରକାରରେ ଦୁର୍ଭିକ୍ଷର କାରଣ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଯାଇ କର୍ଣ୍ଣେଲ ବାର୍ଡ଼ ସ୍ମିଥ୍ କହିଥିଲେ, ସେ ଭାରତରେ ଦୁର୍ଭିକ୍ଷ ହେଉଛି ପ୍ରକୃତରେ କାମର ଦୁର୍ଭିକ୍ଷ। ଏହା କେବେହେଲେ ଖାଦ୍ୟର ଦୁର୍ଭିକ୍ଷ ନୁହେଁ। କାରଣ ସେଉଁଠି କାମ ଅଛି ସେଠାରେ ଅସୁବିଧା ପନ୍ଥା ଅତି ସହଜ। ଏହି ଅର୍ଥ ବା ରୋଜଗାର ଦ୍ୱାରା ଖାଦ୍ୟ ସାମଗ୍ରୀ ଅନାୟାସରେ କ୍ରୟ କରାଯାଇ ପାରେ। ଅମ କ୍ରୟ ଶକ୍ତିର ଅଭାବହିଁ ପୁଷ୍ଟିହୀନତାର କାହାଣୀ। ଅମ

ଦେଶରେ ଏହି ପରିସ୍ଥିତି ଏବେ ମଧ୍ୟ ରହିଛି । ତେଣୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଲୋକମାନଙ୍କର କର୍ମସଂସ୍ଥାନ କରି ସେମାନଙ୍କର କ୍ରୟ କ୍ଷମତାର ଉନ୍ନତି ଘଟାଇବା ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେବା ଉଚିତ । ଅନ୍ୟ ପକ୍ଷରେ କର୍ମସଂସ୍ଥାନ ସୁବିଧାର ପ୍ରସାର ଘଟାଇବାକୁ ହେଲେ ସ୍ଥାନୀୟ ସମ୍ବଳକୁ ବୈଜ୍ଞାନିକ ପ୍ରଣାଳୀରେ ସୁପରିକଳ୍ପିତ ଓ ସଦୁପଯୋଗ କରିବାକୁ ପଡ଼ିବ । ମହାତ୍ମା ଗାନ୍ଧୀ ପ୍ରାୟ ୫୦ ବର୍ଷ ପୂର୍ବେ ଏ ସମ୍ପର୍କରେ କହିଥିଲେ ଯେ ଭାରତର ଗ୍ରାମାଞ୍ଚଳର ଦାରିଦ୍ର୍ୟ ଏବଂ ଦୁଃଖ ଦୁର୍ଦ୍ଦଶାର କାରଣ ହେଲା ଶ୍ରମିକ ଏବଂ ବୁଦ୍ଧିଜୀବୀ ମଧ୍ୟରେ ବ୍ୟବଧାନ, ତେଣୁ ଗ୍ରାମାଞ୍ଚଳର ବିକାଶ ଘଟାଇବାକୁ ହେଲେ ଗ୍ରାମବାସୀଙ୍କୁ ବରଦାସ୍ତ ବୈଷୟିକ ଜ୍ଞାନ ସମେତ ବିଭିନ୍ନ ଧନ୍ଦାମୂଳକ ତାଲିମ, ଋଣ ପ୍ରଦାନର ସୁବିଧା, ବଜାରର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ କୁସଂସ୍କାର, ଦରଦାମ୍ ନିୟନ୍ତ୍ରଣ ଏବଂ ବୃତ୍ତିବନ୍ଧା ସଂକ୍ରାନ୍ତ ସରକାରୀ ନୀତି ଧାର୍ଯ୍ୟ କରିବାକୁ ହେବ ।

ଅନୁଭୂତିରୁ ଦେଖାଯାଇଛି ଯେ ବିଭିନ୍ନ ଯୋଜନାରେ ବହୁ ଅର୍ଥ ବିନିଯୋଗ ସତ୍ତ୍ୱେ ବି ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକମାନେ ଏ ସମସ୍ତ ଯୋଜନାଦ୍ୱାରା ଉପକୃତ ହୋଇପାରି ନାହାନ୍ତି । ସେମାନେ ପ୍ରଗତିର ସ୍ରୋତରୁ ବିଚ୍ଛିନ୍ନ ହୋଇ ପଡ଼ିଛନ୍ତି । ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଆବଶ୍ୟକୀୟ ପରାମର୍ଶ ଦେବା ପାଇଁ କେନ୍ଦ୍ର ସରକାର ଶ୍ରୀ ଭେଙ୍କଟାପିଆଙ୍କ ଅଧ୍ୟକ୍ଷତାରେ ଏକ କମିଟି ନିଯୁକ୍ତ କରିଥିଲେ । ଏହି କମିଟିଙ୍କ ସୁପାରିଶକୁ ଭିତ୍ତିକରି କେନ୍ଦ୍ର ସରକାର ଚତୁର୍ଥ ଯୋଜନାର ମଧ୍ୟଭାଗରେ ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ବାଟରେ କେତେକ ମୌଳିକ ଏବଂ ପ୍ରଶାସନିକ ପ୍ରଣାଳୀରେ ପରିବର୍ତ୍ତନ କରିଥିଲେ । ସେଗୁଡ଼ିକ ହେଲା : —

(୧) ରାସ୍ତାଘାଟ, ଜଳସେଚନ ଯୋଜନା ନିର୍ମାଣ ଆଦି ପରିକଳ୍ପନା ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ କ୍ଷୁଦ୍ର ଏବଂ ଅତି କ୍ଷୁଦ୍ର ଚାଷୀଙ୍କ ଭଳି କେତେକ ନିର୍ଦ୍ଦିଷ୍ଟ ଶ୍ରେଣୀ ଉପକୃତ ହେଲାଭଳି କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଗଲା ।

(୨) କ୍ଷୁଦ୍ର ଚାଷୀ ବିକାଶ ସଂସ୍ଥା ନାମକ ଏକ ସ୍ୱାୟତ୍ତ ସଂସ୍ଥା ଗଠନ କରାଯାଇ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦାୟିତ୍ୱ ନ୍ୟସ୍ତ କରାଗଲା । ସ୍ଥାନୀୟ ପରିସ୍ଥିତି ଏବଂ ଆବଶ୍ୟକତାକୁ ବୁଝି ଅର୍ଥ ବରାଦ କରିବାର କ୍ଷମତା ମଧ୍ୟ ଏହି ସଂସ୍ଥା ଉପରେ ନ୍ୟସ୍ତ କରାଗଲା ।

(୩) ପ୍ରତ୍ୟେକ ପରିକଳ୍ପନା ବାବଦ ମୂଳଧନ ବ୍ୟୟର କିଛି ଅଂଶ 'ସବସିଡି' ବା ଅର୍ଥ ସହାୟତା ଆକାରରେ ଛାଡ଼ ଦିଆଗଲା ଏବଂ ଅବଶିଷ୍ଟ ଅର୍ଥ ବିଭିନ୍ନ ଅର୍ଥ ଯୋଗାଣକାରୀ ସଂସ୍ଥାମାନଙ୍କରୁ ଉପକୃତ ଲୋକଙ୍କୁ ଋଣ ଆକାରରେ ଯୋଗାଇ ଦିଆଗଲା ।

(୪) ଗାଁ ଗହଳର ଚାଷୀ, କ୍ଷୁଦ୍ର ଚାଷୀ ଏବଂ ଭୂମିହୀନ ଶ୍ରମିକମାନେ ଉପକୃତ ହେଲାଭଳି ଯେଉଁସବୁ କାର୍ଯ୍ୟକ୍ରମ ରହିଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ସେସବୁକୁ ଏକତ୍ରିତ କରି 'ସମ୍ମିଳିତ ଗ୍ରାମ ଉନ୍ନୟନ' କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଗଲା । ଗାଁ ଗହଳରେ ଉପରୋକ୍ତ ଶ୍ରେଣୀର ଲୋକମାନଙ୍କର ନିଶ୍ଚିତ ଆୟ ହୋଇ ପାରିବା ଭଳି ବିଭିନ୍ନ ପରିକଳ୍ପନାର ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଆରୋପ କରାଗଲା ।

ଏହି ପରିପ୍ରେକ୍ଷୀରେ ସମ୍ମିଳିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ସମଗ୍ର ଦେଶରେ ଯେଉଁ ଅଗ୍ରଗତି ହାସଲ କରାଯାଇଛି, ତାହା ଆଲୋଚନା କଲେ ଦେଖାଯିବ ଯେ ଏହି କାର୍ଯ୍ୟକ୍ରମରେ ୧୯୮୦-୮୧ ସୁଦ୍ଧା ସମଗ୍ର ଦେଶରେ ୨୬୭ କୋଟି ଟଙ୍କା ବିନିଯୋଗ କରାଯାଇଛି । ଏହାଛଡ଼ା ବିଭିନ୍ନ ସମବାୟ ସଂସ୍ଥାମାନଙ୍କରୁ ଏହି କାର୍ଯ୍ୟକ୍ରମ ନିମନ୍ତେ ସ୍ୱଳ୍ପ ମିଆଦୀ ଋଣ ଆକାରରେ ୪୨ କୋଟି ଟଙ୍କା, ମଧ୍ୟମ ମିଆଦୀ ଋଣ ଆକାରରେ ୪୧ କୋଟି ଟଙ୍କା ଏବଂ ଦୀର୍ଘ ମିଆଦୀ ଋଣ ଆକାରରେ ୭ କୋଟି ଟଙ୍କା ଉପକୃତ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ସେହିପରି ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କମାନଙ୍କରୁ ସ୍ୱଳ୍ପ ମିଆଦୀ ଋଣ ୧୧ କୋଟି ଟଙ୍କା, ମଧ୍ୟମ ମିଆଦୀ ଋଣ ୧୦୩ କୋଟି ଟଙ୍କା ଏବଂ ପ୍ରାୟ ୨୧ କୋଟି ଟଙ୍କା ଦୀର୍ଘ ମିଆଦୀ ଋଣ ଆକାରରେ ଉପକୃତ ଲୋକଙ୍କୁ ଦିଆଯାଇଛି । କେବଳ ଋଣ ଆକାରରେ ବିଭିନ୍ନ ସମବାୟ ସଂସ୍ଥାମାନଙ୍କରୁ ୭୫କୋଟି ଟଙ୍କା ଏବଂ ବ୍ୟବସାୟିକ ବ୍ୟାଙ୍କମାନଙ୍କରୁ ୨୪ କୋଟି ଟଙ୍କା ଏହି ଉପକୃତ ଲୋକଙ୍କୁ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ସମଗ୍ର ଦେଶରେ ୨୮ ଲକ୍ଷ ପରିବାର ଉପକୃତ ହୋଇପାରିଛନ୍ତି ।

ଏହି କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାରେ ମଧ୍ୟ ବିଶେଷ ଅଗ୍ରଗତି ଘଟିଛି । ୧୯୮୦-୮୧ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମରେ ୫.୪୦ କୋଟି ଟଙ୍କା ବ୍ୟୟ କରାଯାଇଛି । ଏହାଛଡ଼ା ସମବାୟ ସଂସ୍ଥାମାନଙ୍କରୁ ପ୍ରାୟ ୭ କୋଟି ଟଙ୍କା ଏବଂ ବ୍ୟବସାୟିକ ବ୍ୟାଙ୍କମାନଙ୍କରୁ ୪.୨ କୋଟି ଟଙ୍କା ଋଣ ଆକାରରେ ଉପକୃତ ଲୋକମାନଙ୍କୁ ଯୋଗାଇ ଦିଆଯାଇଛି । ଓଡ଼ିଶାର ୧.୦୨ ଲକ୍ଷ ପରିବାର ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇପାରିଛନ୍ତି । ଉପରୋକ୍ତ ହିସାବରୁ ଦେଖାଯିବ ଯେ ଏହି କାର୍ଯ୍ୟକ୍ରମ ଜରିଆରେ ସମଗ୍ର ଦେଶରେ ମୋଟରେ ୨୬୭ କୋଟି ଟଙ୍କା ବ୍ୟୟରେ ୨୮ ଲକ୍ଷ ପରିବାର ଉପକୃତ ହୋଇଛନ୍ତି । ପ୍ରତ୍ୟେକ ପରିବାର ନିମନ୍ତେ ଟ ୧,୨୦୦ଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଓଡ଼ିଶାରେ ଉପକୃତ ହୋଇଥିବା ପ୍ରତ୍ୟେକ ପରିବାର ନିମନ୍ତେ ଟ ୧,୧୦୦ଙ୍କାର ଆର୍ଥିକ ସହାୟତା ଦିଆଯାଇଛି ।

କିନ୍ତୁ ଏହି ସମ୍ମିଳିତ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ସମଗ୍ର ଦେଶରେ ବ୍ୟାପକ ଭାବରେ ପ୍ରବର୍ତ୍ତନ କରାଯିବା ଫଳରେ ବହୁ ସମସ୍ୟାର ଉଦ୍ଭବ ହୋଇଛି । ଉଦାହରଣ ସ୍ୱରୂପ

ଗ୍ରାମାଞ୍ଚଳରେ ଏକ ସଙ୍ଗରେ ଏତେ ସଂଖ୍ୟକ ସେଚନକୂପ ଖନନ ଏବଂ ବିଦ୍ୟୁତ ସଂଯୋଗ ଆଦି କାର୍ଯ୍ୟକ୍ରମ ସମ୍ପାଦନ କରିବା ପାଇଁ ବୈଷୟିକ କର୍ମଚାରୀଙ୍କ ଅଭାବ ଏକ ସମସ୍ୟା ସୃଷ୍ଟି କରିଛି । ଅଥବା ସେଚକୂପ ଖନନ କରାଯିବା ପରେ ଜଳର ପୂର୍ଣ୍ଣ ଉପଯୋଗ କରି ବହୁଳ ଚାଷ କରିବା ବିଗରେ ଚାଷୀଙ୍କୁ ପରାମର୍ଶ ଦେବା ପାଇଁ କୃଷି ସମ୍ପ୍ରସାରଣ କର୍ମଚାରୀଙ୍କ ଅଭାବ ପରିଲକ୍ଷିତ ହୋଇଛି । ସେପରିକି ଗୋପାଳନ ନିମନ୍ତେ ଉନ୍ନତ ଧରଣର ଗାଈ ପାଇବା ଦୁଷ୍ପ୍ରାପ୍ୟ ହୋଇପଡେ । ଅନ୍ୟପକ୍ଷରେ ଗ୍ରାମ୍ୟ କାରିଗରମାନଙ୍କୁ ବିଭିନ୍ନ କଞ୍ଚାମାଲ ଯୋଗାଇବା କିମ୍ବା ସେମାନଙ୍କର ଉତ୍ପାଦିତ ସାମଗ୍ରୀର ବିକିବଟା କରିବା ମଧ୍ୟ ବହୁ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି ।

ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ସମୀକ୍ଷା କଲେ ଦେଖାଯିବ ଯେ ଗରିବ ଶ୍ରେଣୀଙ୍କ ମଧ୍ୟରୁ ଅପେକ୍ଷାକୃତ ସଙ୍ଗତି ସମ୍ପନ୍ନ ଚାଷୀମାନେହିଁ ଏ ସମସ୍ତ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇପାରିଛନ୍ତି । ସେଚକୂପ ଅଥବା ପଶୁପାଳନ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳର ଛୋଟ ଛୋଟ ଚାଷୀମାନେ ଉପକୃତ ହୋଇଛନ୍ତି ସତ, କିନ୍ତୁ ଏ ସବୁ କାର୍ଯ୍ୟକ୍ରମ କୃଷି ଶ୍ରମିକଙ୍କ କୌଣସି ଉପକାରରେ ଆସିନାହିଁ । ସେପରିକି ଭୂମିହୀନ ଚାଷୀଙ୍କୁ ଚାଷ ଜମି ଦିଆଯିବା ସତ୍ତ୍ୱେ ସେମାନଙ୍କ ଅବସ୍ଥାର କୌଣସି ପରିବର୍ତ୍ତନ ଘଟିନାହିଁ । କାରଣ ଏହି ଜମିକୁ ଆବାଦ କରିବା ନିମନ୍ତେ ସେମାନଙ୍କ ନିକଟରେ ଆବଶ୍ୟକୀୟ ସମ୍ବଳ ନାହିଁ । ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ସହିତ ସଂପୃକ୍ତ ରହିଥିବା ବୈଷୟିକ ଏବଂ ପ୍ରଶାସନିକ ଅଫିସରମାନଙ୍କର ଅଭିଜ୍ଞତା ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ୧୯୮୦ ଜୁନ ମାସରେ ଏକ ବୈଠକ ବସିଥିଲା । ଏମାନଙ୍କର ଏହି ଅଭିଜ୍ଞତାକୁ ଭିତ୍ତି କରି "ଗ୍ରାମାଞ୍ଚଳର ଦରିଦ୍ରତମ ଲୋକମାନଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ" ନାମକ ଏକ ନୂତନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା ।

## ଗ୍ରାମାଞ୍ଚଳର ଦରିଦ୍ରତମ ଲୋକମାନଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତି ଗ୍ରାମରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଉକ୍ତ ଗ୍ରାମର ୧୦ଟି ସବୁଠାରୁ ଅଧିକ ଗରିବ ପରିବାରଙ୍କୁ ବାଛିବେ । ଯେଉଁ ପରିବାରର ବାର୍ଷିକ ଆୟ ୧,୨୦୦ ଟଙ୍କାରୁ ଅଧିକ ହୋଇ ନ ଥିବ ଏବଂ ରୋଜଗାରର କୌଣସି ପନ୍ଥା ନ ଥିବ ସେଭଳି ପରିବାର ଗରିବ ବିବେଚିତ ହୋଇଥାଏ । ଗ୍ରାମବାସୀଙ୍କ ଏହି ବୈଠକରେ ସଂପୃକ୍ତ ଅଞ୍ଚଳର ରେଭିନ୍ୟୁ ଇନସପେକ୍ଟର ଏବଂ ଗ୍ରାମସେବକ ଉପସ୍ଥିତ ରହିବେ । ଓଡ଼ିଶାରେ ମୋଟ ଗ୍ରାମ ସଂଖ୍ୟା ୫୦,୦୦୦ ହୋଇ ଥିବାରୁ ଏହି କାର୍ଯ୍ୟକ୍ରମ ଦ୍ୱାରା ୫ ଲକ୍ଷ ଗରିବ ପରିବାର ଉପକୃତ ହୋଇ ପାରିବେ । ୧୯୮୦-୮୧ ମସିହାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବ ।

ଏହି କାର୍ଯ୍ୟକ୍ରମ ପରିସରଭୁକ୍ତ ପ୍ରତ୍ୟେକ ଦରିଦ୍ରତମ ପରିବାର ବାର୍ଷିକ ପ୍ରାୟ ୨,୩୦୦ ଟଙ୍କା ଆୟ କରି ପାରିବା ଭଳି ନିର୍ଦ୍ଦିଷ୍ଟ ଧନ୍ଦାର ବ୍ୟବସ୍ଥା କରିବା ହେଉଛି ଏହି ପରିକଳ୍ପନାର ମୂଳ ଲକ୍ଷ୍ୟ । ଏ ଉଦ୍ଦେଶ୍ୟରେ ବିଭିନ୍ନ ପରିକଳ୍ପନା କରାଯାଇଛି । କିନ୍ତୁ ଏଥି ମଧ୍ୟରୁ ଜମି-ଭିତ୍ତିକ କାର୍ଯ୍ୟକ୍ରମ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି । ଏଥିନିମନ୍ତେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସରକାରୀ ଜମି ଚିହ୍ନଟ କରାଯାଇଛି । ଯେଉଁ ସ୍ଥାନରେ ସେଚକୂପ ଅଥବା ଉଠା-ଜଳସେଚନ ଯୋଜନା ଦ୍ୱାରା ଜମିରେ ଜଳ ସେଚନର ସୁବିଧା ହୋଇପାରିବ, ସେଭଳି ଅଞ୍ଚଳରେ ବଛା ଯାଇଥିବା ପ୍ରତ୍ୟେକ ପରିବାରକୁ ଦେଢ଼ ଏକର ଲେଖାଏଁ ଜମି ଯୋଗାଇ ଦିଆଯିବ ଏବଂ ଏହି ଜମିକୁ ଉଠିସାକରି ଚାଷୋପଯୋଗୀ କରିବା ପର୍ଯ୍ୟନ୍ତ ମଜୁରିଆ ରୂପେ ଉପକୃତ ପରିବାରର ଲୋକମାନଙ୍କୁ ନିଯୁକ୍ତ କରାଯିବ । ଏହି ଜମିକୁ ଚାଷୋପଯୋଗୀ କରିବା ବାବଦ ବ୍ୟୟ ସମେତ ଜଳସେଚନ ସୁବିଧା ବାବଦରେ ହେଉଥିବା ସମସ୍ତ ଖର୍ଚ୍ଚ ସରକାର ବହନ କରିବେ । ଏହି ଜମିରୁ ଦୁଇଟି ଫସଲ ଅମଳ କରାଯିବା ପରେ ଉକ୍ତ ଜମି ଏବଂ ଅମଳ କରାଯାଇଥିବା ସମୁଦାୟ ଫସଲ ସଂପୃକ୍ତ ଉପକୃତ ପରିବାରକୁ ଦିଆଯିବ । ଏଥିରୁ ଦେଖାଯିବ ଯେ ଜମିକୁ ଚାଷୋପଯୋଗୀ କରାଯିବା ପର୍ଯ୍ୟନ୍ତ ଉପକୃତ ବ୍ୟକ୍ତି ମଜୁରି ପାଇବା ସଙ୍ଗେ ସଙ୍ଗେ ଦୁଇଟି ଫସଲ ଏବଂ ପରିଶେଷରେ ସେହି ଜମିର ମାଲିକାନା ମଧ୍ୟ ପାଇବ । ଯେଉଁ ସ୍ଥାନରେ ଜଳସେଚନର ସୁବିଧା ନାହିଁ ଏବଂ ଫସଲ ପାଇଁ ମୃତ୍ତିକା ଉତ୍କୃଷ୍ଟ ନୁହେଁ, ସେଭଳି ସ୍ଥାନରେ କାଜୁବାଦାମ ଓ ଶିଶୁଳ ଚାଷ ହାତକୁ ନିଆଯିବ । କିମ୍ବା ଯେଉଁ ଅଞ୍ଚଳରେ ସାର୍ଦ କେନାଲ ବନ୍ଧ ରହିଛି, ସେଭଳି ସ୍ଥାନରେ ଏହି କେନାଲ ବନ୍ଧରେ ନଡ଼ିଆ ଚାଷର ବ୍ୟବସ୍ଥା କରାଯିବ । ଏପରି ସ୍ଥଳେ ସଂପୃକ୍ତ ଗ୍ରାମରୁ ବଛା ଯାଇଥିବା ଉପକୃତ ବ୍ୟକ୍ତିଙ୍କୁ ମଜୁରିଆ ରୂପେ ନିଯୁକ୍ତ ଦିଆଯିବ । ନଡ଼ିଆ ଚାଷରୁ ନିୟମିତ ଆୟ ଆରମ୍ଭ ହେଲେ ପ୍ରତି ପରିବାରକୁ ୨୦ଟି ଲେଖାଏଁ ଗଛ ପ୍ରଦାନ କରାଯିବ । ଏଭଳି କ୍ଷେତ୍ରରେ ୬/୭ ବର୍ଷ ପରେ ଉପକୃତ ପରିବାର ମାଲିକାନା ସ୍ୱତ୍ୱ ପାଇଥାଏ । ଯେଉଁଠି ଜମି ଆଦୌ ନାହିଁ, ସେପରି ଅଞ୍ଚଳରେ ସରକାରୀ ପୋଖରୀ କିମ୍ବା ଗାଡ଼ିଆ ଥିଲେ ମାଛ ଚାଷ ପାଇଁ ଉଦ୍ୟମ କରାଯିବ, ଏଭଳି ପୋଖରୀଗୁଡ଼ିକୁ ସଂସ୍କାର କରାଯାଇ ଉନ୍ନତ ପ୍ରଣାଳୀରେ ମାଛ ଚାଷ କରାଯିବ । ଉପକୃତ ପରିବାରର ଜୀବିକା ଅର୍ଜନ ନିମନ୍ତେ ୧୦ ବର୍ଷ ପାଇଁ ଲିଜରେ ଏହି ପୋଖରୀ ହସ୍ତାନ୍ତର କରାଯିବ । ଏହି ଲିଜ୍ ମିଆଦ ପୂରିଗଲେ ପୁନର୍ବାର ଲିଜ୍ ଦାନ କରାଯିବ । ଏହା ଫଳରେ ଉପକୃତ ପରିବାରକୁ ନିର୍ଦ୍ଦିଷ୍ଟ ଆୟର ପନ୍ଥା ମିଳିପାରିବ । ଯେଉଁଠି ସରକାରୀ ଜଳ ଭଣ୍ଡାର ଥିବ, ସେଠାରେ ଉପକୃତ ପରିବାରକୁ ମାଛ ଧରା ଡଙ୍ଗା ଓ ଜାଲ ଯୋଗାଇ ଦିଆଯିବ ।

ମାଛଚାଷ ଏବଂ ଜମି-ଭିତ୍ତିକ କାର୍ଯ୍ୟକ୍ରମ ବ୍ୟତୀତ ଗ୍ରାମାଞ୍ଚଳର ଗରିବ ପରିବାରଙ୍କୁ ପଶୁପାଳନ କାର୍ଯ୍ୟକ୍ରମରେ ଅଭ୍ୟୁଥାନ କରାଇବାର ବ୍ୟବସ୍ଥା ମଧ୍ୟ ରହିଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଦରିଦ୍ର ପରିବାରଗୁଡ଼ିକୁ ଗାଈ, ଛେଳି, କୁକୁଡ଼ା, ଇତ୍ୟାଦି ଯୋଗାଇ ଦିଆଯିବ । ଏଭଳି କ୍ଷେତ୍ରରେ ଶତକଡ଼ା ୨୫ ଭାଗ ବ୍ୟୟ ସରକାର ସାହାଯ୍ୟ ଆକାରରେ ଯୋଗାଇ ଦେବେ ଏବଂ ଅବଶିଷ୍ଟ ୭୫ ଭାଗ ଅର୍ଥଲଗାଣ ସଂସ୍ଥାରୁ ଋଣ ଆକାରରେ ଉପକୃତ ପରିବାରକୁ ପ୍ରଦାନ କରାଯିବ । ଏହାଛଡ଼ା ଯେଉଁମାନଙ୍କର କାରିଗରୀ କୌଶଳ ଅଛି, ସେମାନଙ୍କୁ ସିଲେଇ, ଲଣ୍ଡ୍ରି, ଷ୍ଟେସନେରୀ ଦୋକାନ, ଔଷଧ ଇତ୍ୟାଦି ଧନ୍ଦାରେ ଅଭ୍ୟୁଥାନ କରାଯିବ । ଏଭଳି କ୍ଷେତ୍ରରେ ଏ ବାବଦ ମୋଟ ଖର୍ଚ୍ଚର ଶତକଡ଼ା ୨୫ ଭାଗ ସାହାଯ୍ୟ ଆକାରରେ ସରକାର ଯୋଗାଇ ଦେବେ ଏବଂ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କରୁ ଅବଶିଷ୍ଟ ୭୫ ଭାଗ ଋଣ ଆକାରରେ ଉପକୃତ ବ୍ୟକ୍ତିକୁ ଦିଆଯିବ । ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ଅର୍ଥନୈତିକ ଅଭ୍ୟୁଥାନ ନିମନ୍ତେ ଓଡ଼ିଶାରେ ପ୍ରଥମେ ପ୍ରବର୍ତ୍ତିତ କରାଯାଇଥିବା ଏହି କାର୍ଯ୍ୟକ୍ରମ ସାରା ଦେଶରେ ବିଶେଷ ଆଦୃତ ହୋଇଛି ।


ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କ ଅଭ୍ୟୁଥାନ କାର୍ଯ୍ୟକ୍ରମରେ ଗୋତିଶ୍ରମିକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କର ଅଭ୍ୟୁଥାନ ଦିଗରେ ଉଦ୍ୟମ କରାଯାଉଛି । ୧୯୭୬ରେ ପ୍ରଣୀତ ଆଇନ ଅନୁଯାୟୀ କୌଣସି କୌଣସି ଲୋକଙ୍କୁ ଗୋତିଶ୍ରମିକ ରୂପେ କାମକୁ ନେବା ଏକ ଦଣ୍ଡନୀୟ ଅପରାଧ । କିନ୍ତୁ ଏହି ଅପରାଧରେ କାହାରିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିବା ଏକ ଦୁରୂହ ବ୍ୟାପାର । ତେଣୁ ଗୋତିଶ୍ରମିକ ନିଯୁକ୍ତିଦାତାଙ୍କ ଦଣ୍ଡ ବିଧାନ ଉପରେ ଗୁରୁତ୍ୱ ନ ଦେଇ ଗୋତିଶ୍ରମିକମାନଙ୍କ ଅର୍ଥନୈତିକ ଅଭ୍ୟୁଥାନ ଦିଗରେ ଗୁରୁତ୍ୱ ଦିଆଯାଉଛି । ଏହା ଫଳରେ ୧୯୭୬ରୁ ୧୯୮୦-୮୧ ମସିହା ପର୍ଯ୍ୟନ୍ତ ପ୍ରାୟ ୭୦୦ ଗୋତିଶ୍ରମିକଙ୍କୁ ମୁକ୍ତ କରାଯାଇଥିବାସ୍ଥଳେ ୧୯୮୧-୮୨ରେ ପ୍ରାୟ ୭,୦୦୦ ଗୋତିଶ୍ରମିକଙ୍କ ଅଭ୍ୟୁଥାନ କରିବାରେ ରାଜ୍ୟ ସରକାର ସକ୍ଷମ ହୋଇଛନ୍ତି । ଗ୍ରାମାଞ୍ଚଳର ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଅଭ୍ୟୁଥାନ କାର୍ଯ୍ୟକ୍ରମ ଅନୁଯାୟୀ ଏହି ୭,୦୦୦ ଗୋତିଶ୍ରମିକଙ୍କର ଅଭ୍ୟୁଥାନ କରାଯାଇଛି ।

ଦେଶରୁ ଦାରିଦ୍ର ନିରାକରଣ ଦିଗରେ ଉକ୍ତ ଏ ପଦକ୍ଷେପ ନୂଆ ନୁହେଁ । ସ୍ୱାଧୀନତା ହାସଲ ପରଠାରୁ ଦେଶରୁ ଦାରିଦ୍ର୍ୟର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ପ୍ରବର୍ତ୍ତିତ କରାଯାଇଛି । କିନ୍ତୁ ଏ ସମସ୍ତ ପରିକଳ୍ପନାରେ ବ୍ୟାଙ୍କ ଋଣ ଜଡ଼ିତ ଥିବାରୁ ଏଗୁଡ଼ିକୁ ସଫଳତା ସହକାରେ କାର୍ଯ୍ୟକାରୀ କରାଯାଇ ପାରୁନାହିଁ । କାରଣ ଭୂମିହୀନମାନଙ୍କର କୌଣସି ସମ୍ପତ୍ତିବାଡ଼ି ନ ଥିବାରୁ ବ୍ୟାଙ୍କ ଋଣ ପାଇବା ସେମାନଙ୍କ ପକ୍ଷେ ସମ୍ଭବପର ହୋଇନାହିଁ, କିନ୍ତୁ ବର୍ତ୍ତମାନ ପ୍ରବର୍ତ୍ତିତ କରାଯାଇଥିବା ଅର୍ଥନୈତିକ ଅଭ୍ୟୁଥାନ କାର୍ଯ୍ୟକ୍ରମରେ ବ୍ୟାଙ୍କ ଋଣକୁ ପୁରାପୁରି ବାଦ ଦିଆଯାଇଛି । ଯେଉଁଠି ବ୍ୟାଙ୍କ ଋଣ ରହୁଛି, ସେଠାରେ ଖୁବ୍ କମ ଭାଗରେ ରଖାଯାଇଛି । ତେଣୁ ଆମ ଦେଶରୁ ଦାରିଦ୍ର୍ୟ ନିରାକରଣ ଦିଗରେ ବିଗତ ତିନି ଦଶନ୍ଧି ବ୍ୟାପୀ ଯେଉଁ ଉଦ୍ୟମ ଚାଲିଛି ସେ ଦିଗରେ ଉପରୋକ୍ତ କାର୍ଯ୍ୟକ୍ରମ ହେଉଛି ଏକମାତ୍ର ସମାଧାନର ପନ୍ଥା ।

ଅତିଶୟ ଉତ୍କଟ ବ୍ୟକ୍ତିଗତ ବିବାଦ ଓ ପରସ୍ପର ପ୍ରତି ଘୋର ଈର୍ଷା ଯୋଗୁଁ ଓଡ଼ିଶା ଆଗକୁ ଯାଇ ପାରୁନାହିଁ । ସମସ୍ତ ଆଦର୍ଶ, ସମସ୍ତ ବିପ୍ଳବର ପରିକଳ୍ପନା ଯେପରି ଏହି ମହା ପଙ୍କ ମଧ୍ୟରେ ପଡ଼ି ନିଜକୁ ହରାଇ ଦେଉଛି । ଏଥିରୁ ଉଦ୍ଧାର ପାଇବା ପାଇଁ ଅମନନୀୟ ମନୋବଳ, ଦରିଦ୍ର ଜନତାର ସେବାର ଭାବନା ଓ ଶ୍ରୀ ଜଗନ୍ନାଥଙ୍କର କରୁଣା ଆବଶ୍ୟକ ।

କାନକୀ ବଲ୍ଲଭ ପଟ୍ଟନାୟକ୍

# 'ଉତ୍କଳ'ର ସଫଳ କାହାଣୀ




ଶ୍ରୀ ଏସ୍. କେ. ଲାଲ୍

'ଉତ୍କଳ' ନାମରେ ସୁପରିଚିତ ଓଡ଼ିଶାର ଅନ୍ୟତମ ସରକାରୀ ଉଦ୍ୟୋଗ—ଶିଳ୍ପ ଉନ୍ନୟନ କର୍ପୋରେସନ୍, କେବଳ ଆମ ରାଜ୍ୟ ନାହିଁକି ସମଗ୍ର ଦେଶର ଶିଳ୍ପ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି କର୍ପୋରେସନ୍ ଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ଶିଳ୍ପ କାରଖାନାମାନଙ୍କରୁ ସିମେଣ୍ଟ, ଫେରୋକ୍ରୋମ୍, ଲୌହ ପିଣ୍ଡ, ଏମ୍. ଏସ୍. ରଡ୍, ଟରଷ୍ଟିଲ୍, ବୈଦ୍ୟୁତିକ ତାର, କଣ୍ଡକଟର୍-ଟ୍ରାନସ୍ମିସନ୍ ଲାଇନ୍ ତାର, ଟାଇଲ୍, ଝୋଟ, ଲୁଣ, ରାସାୟନିକ ଦ୍ରବ୍ୟ ଆଦି ବହୁବିଧ ସାମଗ୍ରୀ ଉତ୍ପାଦିତ ହେଉଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଳ୍ପ ଉନ୍ନୟନ କର୍ପୋରେସନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯ଟି ଶିଳ୍ପ ସଂସ୍ଥା ପରିଚାଳିତ ହେବା ସଙ୍ଗେ ସଙ୍ଗେ ଏହାର ସହାୟତାରେ ଅନ୍ୟାନ୍ୟ ବହୁବିଧ ଶିଳ୍ପ କାରଖାନା ବିକାଶ ଲାଭକରିଛି । ଏଗୁଡ଼ିକ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ ହେଲା— ଇଷ୍ଟକୋଷ୍ଟ୍ ସଲଟ ଓ କେମିକାଲ୍ ଇଣ୍ଡଷ୍ଟ୍ରିଜ୍, ଇଷ୍ଟକୋଷ୍ଟ୍ ବ୍ରିଓ ରିଜ୍ ଏଣ୍ଡ୍ ଡିଷ୍ଟିଲେରିଜ୍, କୋଣାର୍କ ଜୁଟ୍, ଓରିକେମ୍, ନିକୋ ଓଡ଼ିଶା, ଆସିକା ସମବାୟ ଚିନିକଳ, ଜୟଶ୍ରୀ କେମିକାଲସ ଏବଂ ସୋନପୁରର ସୂତାକଳ ।

ବିଗତ ଦେଢ଼ ବର୍ଷ ମଧ୍ୟରେ ଉତ୍କଳ ଦ୍ରୁତ ଅଗ୍ରଗତି କରିବା ସଙ୍ଗେ ସଙ୍ଗେ ଏହାର ଅଧୀନରେ ଥିବା ବିଭିନ୍ନ ଶିଳ୍ପ କାରଖାନାର ସୁପରିଚାଳନାରେ ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ କରିପାରିଛି । ଏହା ଫଳରେ ଉତ୍ପାଦନ ଏବଂ ଆୟ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଉଛି ଏବଂ ବିଭିନ୍ନ ଶିଳ୍ପ ସଂସ୍ଥାର ବ୍ୟାପକ ସଂପ୍ରସାରଣ ସାଙ୍ଗକୁ ନୂତନ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ମଧ୍ୟ ସମ୍ଭବ ହୋଇପାରିଛି । ଦେଶର ଶିଳ୍ପ ବିକାଶ କ୍ଷେତ୍ରରେ ନେତୃତ୍ୱ ପ୍ରଦାନ ପୂର୍ବକ ମୌଳିକ ଲକ୍ଷ୍ୟ ହାସଲ କରିବାରେ ଏହା ସଫଳ ହୋଇପାରିଛି, ଯୋଗ୍ୟତା ସଂପନ୍ନ ବିଶେଷଜ୍ଞମାନଙ୍କ ଉପରେ ଏହି ଶିଳ୍ପ ସଂସ୍ଥାଗୁଡ଼ିକର ପରିଚାଳନା ଦାୟିତ୍ୱ ନ୍ୟସ୍ତ । ଏମାନେ ଦେଶ ଭିତରେ କିମ୍ବା ବିଦେଶରେ ଗଢ଼ିଥିବା ପ୍ରତିଯୋଗିତାମୂଳକ ବ୍ୟବସାୟ ସହିତ ସୁପରିଚିତ । ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଯେଉଁ କର୍ମ ଚଞ୍ଚଳତା ପ୍ରକାଶ ପାଉଛି, ସେ କ୍ଷେତ୍ରରେ ସମସ୍ତ ଆହ୍ୱାନକୁ ସେମାନେ ଦେଖି ଦକ୍ଷତା ତଥା ଉତ୍ସାହର ସହ ସମ୍ମୁଖୀନ ହୋଇଛନ୍ତି । ମାତ୍ର ଦର୍ଶକ ତଳେ ବିସ୍ଫୋଟ କରାଯାଇଥିବା ଛଅଗୋଟି ନୂତନ ଶିଳ୍ପ ସଂସ୍ଥାର ଉତ୍ପାଦନ ୧୯୮୨ ମଧ୍ୟରେ ଯେତେବେଳେ ଆରମ୍ଭ ହେବ ସେତେବେଳେ ସ୍ୱତଃ ଏହାର ପ୍ରମାଣ ମିଳିପାରିବ । ଏ ସମସ୍ତ ନୂତନ ଶିଳ୍ପ ସଂସ୍ଥା କାର୍ଯ୍ୟକାରୀ ହେବା ଫଳରେ ଅଧିକ ଲାଭ ମିଳି ପାରିବା ସଙ୍ଗେ ସଙ୍ଗେ ରାଜ୍ୟ ତଥା କେନ୍ଦ୍ର ରାଜକୋଷକୁ ଅର୍ଥାଗମର ପରିମାଣ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇବ ।

| | |
|---|---|
| ✳ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଶିଳ୍ପ ସଂସ୍ଥା | ୯ |
| ✳ ଆନୁଷଙ୍ଗିକ ଶିଳ୍ପ ସଂସ୍ଥା | ୨ |
| ✳ ସହାୟତାରେ ପରିଚାଳିତ ଶିଳ୍ପ ସଂସ୍ଥା | ୩ |
| ✳ ମିଳିତ ଉଦ୍ୟୋଗରେ ସ୍ଥାପିତ ଶିଳ୍ପ ସଂସ୍ଥା | ୩ |
| ✳ ସଂପ୍ରସାରିତ ପରିକଳ୍ପନା | ୪ |
| ✳ କାର୍ଯ୍ୟକାରୀ ହେଉଥିବା ନୂତନ ପରିକଳ୍ପନା | ୮ |
| ✳ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ନୂତନ ପରିକଳ୍ପନା | ୪ |
| ✳ ଅଦ୍ୟାବଧି ବିନିଯୋଗ କରାଯାଇଥିବା ମୋଟ ପୁଞ୍ଜି | ୩,୮୦ ନିୟୁତ |
| ✳ ପ୍ରସ୍ତାବିତ ପୁଞ୍ଜି ବିନିଯୋଗର ପରିମାଣ | ୨୨,୯୫ ନିୟୁତ |
| ✳ ବର୍ତ୍ତମାନର ପ୍ରତ୍ୟକ୍ଷ କର୍ମ ସଂସ୍ଥାନ ପରିସର | ୩,୯୦୦ |
| ✳ ପ୍ରତ୍ୟକ୍ଷ କର୍ମ ସଂସ୍ଥାନ ସମ୍ଭାବନା | ୧୦,୫୧୫ |




ଓଡ଼ିଶା ସରକାରଙ୍କ ପ୍ରଗତିଶୀଳ ଶିଳ୍ପନୀତି ଫଳରେ ଏହି କର୍ପୋରେସନ କେତେକ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିଛି । ଅବକାରୀ ଶୁଳ୍କ, ବିକ୍ରୀକର, ବିଦ୍ୟୁତ୍ ଶୁଳ୍କ ଓ ଖଣି ରୟାଲ୍‌ଟି ବାବଦରେ ଉତ୍କଳର ପ୍ରତିବର୍ଷ କେନ୍ଦ୍ର ତଥା ରାଜ୍ୟ ରାଜକୋଷକୁ ପ୍ରଚୁର ଅର୍ଥ ଦେଇ ଆସୁଛି । ସଂପ୍ରତି ଉତ୍ପାଦନ ହାର ତଥା ବିକ୍ରୟ ପରିମାଣ ବୃଦ୍ଧି ଫଳରେ ପୂର୍ବରୁ ଏ ବାବଦ ଦେୟ ବାର୍ଷିକ ୭ କୋଟି ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ୮·୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱକୁ ବୃଦ୍ଧି ପାଇଛି । ଏ ସମସ୍ତ ଶିଳ୍ପ ସଂସ୍ଥାରେ ବିନିଯୋଗ କରାଯାଇଥିବା ମୂଳଧନରୁ କ୍ରମାଗତ ଭାବେ ଆୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ।

ରାଜ୍ୟରେ ଦ୍ରୁତ ଶିଳ୍ପ ଅଭିବୃଦ୍ଧି ହାସଲ ନିମନ୍ତେ ରାଜ୍ୟ ସରକାର ବିଗତ ଦେଢ଼ ବର୍ଷ ମଧ୍ୟରେ ଏହି କର୍ପୋରେସନ୍ ଉପରେ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ଏହା ଫଳରେ ଏହି କର୍ପୋରେସନ୍ ବିଭିନ୍ନ ଶିଳ୍ପ ସଂସ୍ଥାର ବ୍ୟାପକ ସଂପ୍ରସାରଣ କରିବା ସଙ୍ଗେ ସଙ୍ଗେ ନୂତନ ଶିଳ୍ପ କାରଖାନା ସ୍ଥାପନ ଉଦ୍ଦେଶ୍ୟରେ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛି ।

ଶିଳ୍ପ ଅଭିମୁଖ୍ୟର ବ୍ୟାପକ ସଂପ୍ରସାରଣ ଫଳରେ ଉତ୍କଳର ପ୍ରତ୍ୟେକେ ୨୫,୦୦୦ ତାକୁଡ଼ି ସାମର୍ଥ୍ୟ ବିଶିଷ୍ଟ ତିନିଗୋଟି ନୂତନ ସୂତାକଳ ପ୍ରତିଷ୍ଠା କାର୍ଯ୍ୟ ହାତକୁ ନେଇଛି । ଏହା ଛଡ଼ା ଏକ ନୂତନ ଆଲୁମିନିୟମ୍ କଣ୍ଟିନ୍ୟୁୟସ୍ କାଷ୍ଟିଙ୍ଗ୍ କାରଖାନା (ପ୍ରପର୍ଜିମିଲ୍) ସ୍ଥାପନ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ଏବଂ ୧୯୮୨ ମାର୍ଚ୍ଚ ମାସରୁ ବ୍ୟବସାୟିକ ଭିତ୍ତିରେ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହୋଇଛି ।

ଡକ୍‌ଟାଇଲ ଆଇରନ୍ (ଡି. ଆଇ) ସ୍ପନ ପାଇପ ଉତ୍ପାଦନ ପାଇଁ ନୂତନ ବୈଷୟିକ କୌଶଳ ଅବଲମ୍ବନରେ ସ୍ପନ୍ ପାଇପ୍ ଉତ୍ପାଦନ ନିମନ୍ତେ ୫·୨୩ କୋଟି ଟଙ୍କା ବିନିଯୋଗରେ ବଡ଼ବିଲଠାରେ "ସ୍ପନ ପାଇପ୍ କାରଖାନା" ନାମକ ଏକ ନୂତନ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରାଯାଇଛି । ୧୯୮୨ ମାର୍ଚ୍ଚ ମାସରୁ ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ ଆରମ୍ଭ ହୋଇଛି । ଏହାଛଡ଼ା ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ସ୍ଲାଗ୍ ସିମେଣ୍ଟ କାରଖାନା ପ୍ରତିଷ୍ଠା କରି ହୀରା ସିମେଣ୍ଟ କାରଖାନାର ସଂପ୍ରସାରଣ କାର୍ଯ୍ୟ ହାତକୁ ନିଆ ଯାଇଛି । ଏହା ସଂପୂର୍ଣ୍ଣ ହେଲେ ବାର୍ଷିକ ୧,୬୯,୦୦୦ ଟନ୍ ସିମେଣ୍ଟ ଅଧିକ ଉତ୍ପାଦନ ହୋଇପାରିବ । ହାତକୁ ନିଆଯାଇଥିବା ସୂତାକଳଗୁଡ଼ିକ ମଧ୍ୟରୁ, ସୋନପୁର ସୂତାକଳରୁ ୧୯୮୨ ସେପ୍ଟେମ୍ବର ମାସରେ ଏବଂ ବାରିପଦା ସୂତାକଳରୁ ୧୯୮୨ ଡିସେମ୍ବରରେ ଉତ୍ପାଦନ ଆରମ୍ଭ ହେବ ।


ଓଡ଼ିଶାରେ ଇଞ୍ଜିନିୟରିଙ୍ଗ ଶିଳ୍ପ ଭିତ୍ତିର ସଂପ୍ରସାରଣ ଉଦ୍ଦେଶ୍ୟରେ ଭୁବନେଶ୍ୱରଠାରେ ଏକ ବଏଲର୍ ପାଇପିଙ୍ଗ୍ ଓ ଆସେସରିଜ୍ କାରଖାନା ପ୍ରତିଷ୍ଠା ନିମନ୍ତେ ଉତ୍କଳର ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥି ନିମନ୍ତେ ଭାରତ ହେଭି ଇଲେକ୍‌ଟ୍ରିକାଲସ୍ ଲିମିଟେଡ଼ରୁ ଆବଶ୍ୟକୀୟ ବୈଷୟିକ ଜ୍ଞାନ ଓ କାରିଗରୀ କୌଶଳ ମିଳିପାରିବ । ଏହି କାରଖାନାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ୧୯୮୨ ଡିସେମ୍ବରଠାରୁ ଉତ୍ପାଦନ ଆରମ୍ଭ ହେବ ବୋଲି ଆଶା କରାଯାଏ ।



ସଂପ୍ରତି ଉତ୍କଳ ପ୍ରଥମ କରି ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପଦାର୍ପଣ କରିଛି । ଇତି ପୂର୍ବରୁ ଆମ ରାଜ୍ୟରେ ବିଶେଷ କରି ଏ କ୍ଷେତ୍ରରେ କୌଣସି ସୁଯୋଗ ସୃଷ୍ଟି ହୋଇ ନ ଥିଲା କିମ୍ବା ଉଲ୍ଲେଖନୀୟ କୌଣସି ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂସ୍ଥା ସ୍ଥାପିତ ହୋଇ ନ ଥିଲା । ତେଣୁ ଏହି ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ଜଗତରେ ପ୍ରବେଶ କରିବା ପାଇଁ ଉତ୍କଳ ଉଦ୍ୟମ ଆରମ୍ଭ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ଶିଳ୍ପର ବିକାଶ ପାଇଁ ଆବଶ୍ୟକ ଭିତ୍ତିଭୂମି ସୃଷ୍ଟି କରିବା ନିମନ୍ତେ ସଙ୍କଳ୍ପବଦ୍ଧ ହୋଇଛି ।

ଇଲେକ୍ଟ୍ରୋନିକ୍ କନେକ୍ଟର୍ ଓ ପ୍ରଫେସ୍‌ନାଲ୍ ଗ୍ରେଡ୍ ମାଗ୍ନେଟିକ୍ ଟେପ୍ ଏବଂ ଅତ୍ୟାଧୁନିକ ଟେକ୍ସଟାଇଲ୍ ଯନ୍ତ୍ରପାତି ଆଦି ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଦେଶର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ହେବା ଉଦ୍ଦେଶ୍ୟରେ ଉତ୍କଳ କେତେକ ଗୁରୁତ୍ୱପୂର୍ଣ୍ଣ ପରିକଳ୍ପନା ହାତକୁ ନେଇ ସାରିଛି । ବିଦେଶୀ ସହାୟତାରେ ସର୍ବାଧୁନିକ ବୈଷୟିକ ଜ୍ଞାନ ଓ କୌଶଳ ଅବଲମ୍ବନ କରି ଏହି ଇଲେକ୍ଟ୍ରୋନିକସ୍ ଶିଳ୍ପ ପ୍ରତିଷ୍ଠା କରା ଯାଉଛି ।

ସମଗ୍ର ଦେଶରେ ସରକାରୀ ଉଦ୍ୟୋଗରେ ପରିଚାଳିତ ବିଭିନ୍ନ ସିମେଣ୍ଟ କାରଖାନା ମଧ୍ୟରେ ଉତ୍କଳ ସିମେଣ୍ଟ କାରଖାନା ସର୍ବଶ୍ରେଷ୍ଠ ବିବେଚିତ ହୋଇଛି । ତେଣୁ ବୃହତ୍ ଧରଣର ନୂତନ ସିମେଣ୍ଟ କାରଖାନା ପ୍ରତିଷ୍ଠା ନିମନ୍ତେ ବର୍ତ୍ତମାନର ସରକାର କର୍ପୋରେସନ୍‌କୁ ଉତ୍ସାହିତ କରୁଛନ୍ତି । ସୁଙ୍କି ଓ ମାଲକାନଗିରିରେ ମିଳୁଥିବା ଚୂନପଥର ଉପଯୋଗରେ ବାର୍ଷିକ ଦୁଇ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ୧୨୦ କୋଟି ଟଙ୍କା ବ୍ୟୟରେ ଗୋଟିଏ ସିମେଣ୍ଟ କାରଖାନା କୋରାପୁଟଠାରେ ପ୍ରତିଷ୍ଠା କରିବା ପାଇଁ ଯୋଜନା କରାଯାଉଛି । ଏଥିନିମନ୍ତେ ଆବଶ୍ୟକୀୟ ବୈଷୟିକ କୌଶଳ ହାସଲ ପାଇଁ ବ୍ୟବସ୍ଥା କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାରେ ମହଜୁଦ୍ ଥିବା ଚୂନପଥର ଉପଯୋଗ କରି ବାର୍ଷିକ ୬୬,୦୦୦ ଟନ୍



...ର୍ଟଲ୍ୟାଣ୍ଡ୍ ସିମେଣ୍ଟ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ...ଟି କ୍ଷୁଦ୍ର ସିମେଣ୍ଟ୍ କାରଖାନା ପ୍ରତିଷ୍ଠା କରାଯିବ ।

---

"ଉତ୍ପାଦନ ପରିସର : ଲୌହପିଣ୍ଡ, ପୋର୍ଟଲ୍ୟାଣ୍ଡ୍ ସିମେଣ୍ଟ୍, ଲୋ କାର୍ବୋନ୍ ଫେରୋ-କ୍ରୋମ୍, ଘରଛପର ଟାଇଲ, ଟ୍ରାନ୍ସମିଶନ୍ ଲାଇନ୍ ଟାୱାର୍ ଓ ସବ୍‌ଷ୍ଟେସନ୍ ଷ୍ଟ୍ରକଚର୍, ଆଲୁମିନିୟମ୍ କଣ୍ଡକ୍ଟର୍ ଓ ୱାଇଣ୍ଡିଙ୍ଗ୍ ୱାୟାର, ମାଇଲଡ୍ ଷ୍ଟିଲ୍ ରଡ୍‌ସ୍, ଇରେକ୍‌ସନ୍ ଓ ଷ୍ଟ୍ରିଙ୍ଗିଙ୍ଗ୍ ଅଫ୍ ହଟ୍ ଟ୍ରାନ୍ସମିସନ୍ ଲାଇନ୍, କେମିକାଲ୍, ଝୋଟ, ଲୁଣ ଓ ବିଅର୍ ।

" ଭବିଷ୍ୟତ ଉତ୍ପାଦନ : ଆଲୁମିନିୟମ୍ ତାର ଓ ଛଡ଼, ସୂତା, ଟେକ୍‌ସଟାଇଲ ସ୍ପିନ୍ ଲୌହ ପାଇପ୍, ବଏଲର୍ ପାଇପିଂ ଓ ଆସେସରିଜ୍, ରିଫ୍ରାକ୍ଟରୀ ଇଟା, ବୟନ ଯନ୍ତ୍ରପାତି, ସ୍ଲାଗ୍ ସିମେଣ୍ଟ୍, ପ୍ରୋସେସନାଲ୍ ଗ୍ରେଡ୍ ମାଗ୍ନେଟିକ୍ ଟେପ୍, ଇଲେକ୍‌ଟ୍ରୋନିକ୍ କନେକ୍‌ଟରସ୍, ସେମିକୋଲ ଇତ୍ୟାଦି ।"

---

ଉତ୍କଳର ଅନ୍ୟ ଏକ ଉଲ୍ଲେଖନୀୟ ସଂସ୍ଥା ହେଉଛି ତାଳଚେରଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ସେମି କୋକ୍ ପ୍ଲାଣ୍ଟ । ଏ ଧରଣର କାରଖାନା ସାରା ଭାରତରେ ଏ ହେଉଛି ପ୍ରଥମ । ଏଥିପାଇଁ ଆବଶ୍ୟକୀୟ ବରାଦପତ୍ର ମିଳି ସାରିଛି । ହାଇଦ୍ରାବାଦ-ସ୍ଥିତ ଆଞ୍ଚଳିକ ଗବେଷଣାଗାରରେ କଞ୍ଚାମାଲର ପରୀକ୍ଷା କରାଯାଇ ସାରିଛି । ବୈଷୟିକ ଜ୍ଞାନ ଓ କୌଶଳ ଯୋଗାଇ ଦେବା ପାଇଁ ଏହି ଗବେଷଣାଗାର ରାଜି ହୋଇଛି । ଏ ଧରଣର ସେମି-କୋକ୍ ପ୍ଲାଣ୍ଟ ଭାରତରେ ସର୍ବପ୍ରଥମ ଏବଂ ଏହି କାରଖାନା ଫେରୋ ଆଲୟେ ଉତ୍ପାଦନକାରୀଙ୍କୁ କଞ୍ଚାମାଲ ଯୋଗାଇ ଦେବାରେ ସମର୍ଥ ହେବ । ଏକ ବୃହତ୍ ଭାରତୀୟ ଉତ୍ପାଦନକାରୀ ସଂସ୍ଥାର ସହାୟତା କ୍ରମେ ସ୍ୱତନ୍ତ୍ର-ଧରଣର କଣ୍ଟିନ୍ୟୁଅସ୍ ଇଲେକ୍ଟ୍ରୋଡ଼ ଓ ଫ୍ଲକ୍‌ସ୍ ଓ ଉତ୍ପାଦନ ନିମନ୍ତେ ଆଉ ଏକ କାରଖାନା ସ୍ଥାପନ କରାଯାଉଛି ।

ଉପରୋକ୍ତ ଶିଳ୍ପ କାରଖାନା ବ୍ୟତୀତ ବୟନ ଶିଳ୍ପରେ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରପାତି ଉତ୍ପାଦନ ନିମନ୍ତେ ଚଉଦ୍ୱାର ଶିଳ୍ପାଞ୍ଚଳରେ ଗୋଟିଏ କାରଖାନା ପ୍ରତିଷ୍ଠା କରାଯିବ । ଉତ୍କଳ ଏବଂ ବମ୍ବେସ୍ଥିତ ମେସର୍ସ ଷ୍ଟାରଗ୍ରୁପ୍‌ର ଚେୟାରମ୍ୟାନ ବିଶିଷ୍ଟ ଶିଳ୍ପପତି ଶ୍ରୀ ସୁରେଶ ଏମ. ମେହେଟାଙ୍କ ସହଯୋଗରେ ଏହି କାରଖାନା ସ୍ଥାପିତ ହେବ ଏବଂ ଏଥି ନିମନ୍ତେ ଆବଶ୍ୟକୀୟ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇ ସାରିଛି । ବୈଷୟିକ ସହଯୋଗ ନିମନ୍ତେ କେନ୍ଦ୍ର ସରକାରଙ୍କ ଅନୁମୋଦନ କ୍ରମେ ପଶ୍ଚିମ ଜର୍ମାନୀର ସୁସେନସ୍ଥିତ ମେସର୍ସ ସ୍ପିଣ୍ଡଲ ଫାବ୍ରିକ୍ ସହ ଚୁକ୍ତି ହୋଇ ସାରିଛି । "ଉତ୍କଳ-ଷ୍ଟାର ମେସିନାରୀ ଲିମିଟେଡ୍" ନାମରେ ଏହି ଶିଳ୍ପ ସଂସ୍ଥା ଆତ୍ମପ୍ରକାଶ କରିବା ସଙ୍ଗେ ସଙ୍ଗେ ଏଥିରୁ ୫୦୦ଟି ରିଙ୍ଗ ସ୍ପିନିଙ୍ଗ ଫ୍ରେମ୍ ଉତ୍ପାଦିତ ହୋଇ ପାରିବ । ଏଥିରେ ସୂତା, ପଶମ, ସିନ୍ଥେଟିକ୍ ଓ ହାତକଟା ସୂତା ବୁଣା ଯାଇପାରିବ । ୫·୪୦ କୋଟି ଟଙ୍କା ବ୍ୟୟରେ ଏହି କାରଖାନା ପ୍ରତିଷ୍ଠିତ ହେବ ।

୧୯୬୮-୬୯ ମସିହାରେ ଉତ୍କଳ ପ୍ରଥମ କରି ରପ୍ତାନି ବଜାରରେ ପ୍ରବେଶ କରିଥିଲା । ଏହା ପରଠାରୁ ଏହି କର୍ପୋରେସନ୍ ଜାପାନ୍, ଅଷ୍ଟ୍ରେଲିଆ, ଫିଲି-ପାଇନ୍‌ସ, ନେଦରଲ୍ୟାଣ୍ଡସ୍, କୋରିଆ, ରୁମାନିଆ, ଓ ଇଟାଲିକୁ ଫେରୋକ୍ରୋମ; ରୁମାନିଆ, ଉତ୍ତର କୋରିଆ ଓ ବଙ୍ଗଳା ଦେଶକୁ ଫାଉଣ୍ଡରୀ ଗ୍ରେଡ୍ ଲୌହପିଣ୍ଡ ଏବଂ ଆଇରଲ୍ୟାଣ୍ଡ୍ ଓ ଫିଲିପାଇନ୍‌ସକୁ ଆଲୁମିନିୟମ କଣ୍ଡକ୍ଟର୍ କ୍ରମାଗତ ଭାବେ ରପ୍ତାନି କରି ଆସୁଛି । ଏହା ବ୍ୟତୀତ ଶିଳ୍ପ ଉନ୍ନୟନ ସଂସ୍ଥାର ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରୋଜେକ୍ଟ ପାଇଁ ବିଶ୍ୱବ୍ୟାପୀ ଆହ୍ୱାନ କରା ଯାଇଥିବା ଟେଣ୍ଡରରେ ପ୍ରତିଯୋଗିତା କରି ଆଲୁମିନିୟମ୍ କଣ୍ଡକ୍ଟର୍ ଯୋଗାଇବା ପାଇଁ ଅର୍ଡର୍ ହାସଲ କରିବାରେ ସକ୍ଷମ ହୋଇଛି । ଏ ପର୍ଯ୍ୟନ୍ତ ଲୌହପିଣ୍ଡ୍, ଫେରୋକ୍ରୋମ୍ ପ୍ରଭୃତି ରପ୍ତାନି କରି ଉତ୍କଳ ମୋଟ ୨୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ଅର୍ଜନ କରି ପାରିଛି । ଗୌରବର କଥା ଯେ ଉତ୍କଳ ୧୯୭୫ ମସିହା ମାର୍ଚ୍ଚ ମାସରେ ପ୍ରଥମ କରି ଜାହାଜରେ ବୋଝେଇ କରି ଯୁଗୋସ୍ଲୋଭିଆକୁ ଲୌହପିଣ୍ଡ ରପ୍ତାନି କରିଥିଲା ।

ରପ୍ତାନି କାର୍ଯ୍ୟକଳାପରେ ଉଲ୍ଲେଖନୀୟ ଭୂମିକା ନିମନ୍ତେ କେନ୍ଦ୍ର ସରକାର ଉତ୍କଳକୁ ଅନ୍ୟତମ ରପ୍ତାନି-ସଂସ୍ଥା ରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି । ଶିଳ୍ପ ଉନ୍ନୟନ କର୍ପୋରେସନ୍ ନିଜର ସମସ୍ତ ଶକ୍ତି ଓ ଜ୍ଞାନ ଉପଯୋଗରେ ରାଜ୍ୟର ନୂତନ ଶିଳ୍ପ ସ୍ଥାପନ କରିବା ସଙ୍ଗେ ସଙ୍ଗେ ପ୍ରତିଷ୍ଠିତ ଶିଳ୍ପ କାରଖାନାର ବହୁମୁଖୀ ସମ୍ପ୍ରସାରଣ ତଥା ଆଧୁନିକୀକରଣ କରି ସମଗ୍ର ରାଜ୍ୟରେ ଶିଳ୍ପ ବିକାଶ କାର୍ଯ୍ୟକ୍ରମର ବାସ୍ତବ ରୂପାୟନ ଦିଗରେ ଅବିଶ୍ରାନ୍ତ ଉଦ୍ୟମ କରିଚାଲିଛି ।

○○

ଚେୟାରମ୍ୟାନ ଓ ମ୍ୟାନେଜିଂ ଡିରେକ୍‌ଟର୍,
ଉତ୍କଳ, ଭୁବନେଶ୍ୱର ।

# ପୁରପଲ୍ଲୀରେ ହସ୍ତତନ୍ତ

**ଶ୍ରୀ ଶ୍ରୀନିବାସ ରଥ**

ଦୀର୍ଘକାଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭ୍ରମଣ କରିସାରିବା ପରେ ଜଣେ ବିଦେଶୀ ପର୍ଯ୍ୟଟକ ମତ ଦେଇଥିଲେ, "ଓଡ଼ିଶାରେ ଗୋଟିଏ ନୁହେଁ, ସହସ୍ରାଧିକ କୋଣାର୍କ ପ୍ରତିଦିନ ତିଆରି ହେଉଛି" । ସେ ପର୍ଯ୍ୟଟକ ଓଡ଼ିଶାର ବିଭିନ୍ନ ଅଞ୍ଚଳର ହସ୍ତଶିଳ୍ପୀମାନଙ୍କର କଳା ନୈପୁଣ୍ୟରେ ମୁଗ୍ଧ ହୋଇ ଏ ମନ୍ତବ୍ୟ ଦେଇଥିଲେ । ନିହଣମୁନରେ ପଥରରେ ସୂତା କାମ କରିପାରୁଥିବା ସପଟିଠାରୁ ତନ୍ତ ସାହାଯ୍ୟରେ ସୂକ୍ଷ୍ମ ଜରିକାମ, ସିଲ୍କ ଶାଢୀ ଓ ପାଟ ବୁଣୁଥିବା ବସ୍ତ୍ର ଶିଳ୍ପୀର ଅବଦାନ ସମାଜ ପ୍ରତି କିଛି କମ୍ ନୁହେଁ ।

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ତାଙ୍କର ଗତ ଓଡ଼ିଶା ଭ୍ରମଣ କାଳରେ ଓଡ଼ିଶାର ବସ୍ତ୍ର ଶିଳ୍ପଦ୍ୱାରା ଏତେ ପ୍ରଭାବିତ ହୋଇଥିଲେ ଯେ, ଓଡ଼ିଶାରୁ ଫେରିଯାଇ ମାନ୍ଦ୍ରାଜରେ ମଧ୍ୟ ସେ ଓଡ଼ିଶାର ହସ୍ତତନ୍ତ ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଥିଲେ ।

ଉଭୟ କାର୍ପାସ ଓ ସିଲ୍କ ବସ୍ତ୍ର ପ୍ରସ୍ତୁତ କରିବାରେ ଓଡ଼ିଶାର ହସ୍ତତନ୍ତ ଶିଳ୍ପୀମାନେ ଅପୂର୍ବ କୁଶଳତା ହାସଲ କରିଛନ୍ତି । କଟକ ଜିଲ୍ଲାର ନୂଆପାଟଣା ଓ ମାଣିଆବନ୍ଧର ଖଣ୍ଡୁଆ ଓ ମୁକ୍ତାଝରି ପାଟ, ବରଗଡ଼ର ବାଗାଘରୀ, ସମ୍ବଲପୁର ଓ ସୋନପୁରର ସୂକ୍ଷ୍ମ ବାନ୍ଧ କାରୁକାର୍ଯ୍ୟ, ବ୍ରହ୍ମପୁରର ସୂକ୍ଷ୍ମ ଜରି କାର୍ଯ୍ୟ ଦିଆ ପାଟ, ଏସବୁ ଓଡ଼ିଶା ହସ୍ତତନ୍ତ ଉପବନର ଗୋଟିଏ ଗୋଟିଏ କଳିକା ।

ବାସ୍ତବିକ ଓଡ଼ିଶାର ବୁଣାକାରମାନେ ପ୍ରକୃତ ଶିଳ୍ପୀ, ଆର୍ଥିକ ଲାଭ ଅପେକ୍ଷା କଳାତ୍ମକ ଉତ୍କର୍ଷତାର ବିଗ୍ରହହିଁ ଓଡ଼ିଆ ତନ୍ତୁବାୟକୁ ଏ ଶିଳ୍ପରେ ଉଦ୍‌ବୁଦ୍ଧ କରିଥାଏ ।

ଦିନେ ଏହି ହସ୍ତତନ୍ତ ଶିଳ୍ପ ଓଡ଼ିଶାର ଖ୍ୟାତି ଓ ବ୍ୟବସାୟିକ ସମୃଦ୍ଧିର ପ୍ରଧାନ ଉପଜୀବ୍ୟ ଥିଲା । କିନ୍ତୁ ଭାରତ ପରାଧୀନ ହେବା ପରେ ବିଦେଶୀ ସରକାରଙ୍କ ବୈମାତୃକ ମନୋଭାବ ହେତୁ ହସ୍ତତନ୍ତ ଶିଳ୍ପ ଦୁର୍ଗତିର ସମ୍ମୁଖୀନ ହେଲା ଏବଂ ଅନ୍ୟାନ୍ୟ ରାଜ୍ୟଭଳି ଓଡ଼ିଶାର ବୁଣାକାରମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲା ।

ଜାତିର ଜନକ ବାପୁଜୀଙ୍କ ଅର୍ଥନୈତିକ ଦୂର-ଦୃଷ୍ଟିରେ ପ୍ରଭାବିତ ହୋଇ ସ୍ୱାଧୀନତା ପରେ ଜାତୀୟ ସରକାର ହସ୍ତତନ୍ତ ଶିଳ୍ପର ପୁନରୁଦ୍ଧାର ନିମନ୍ତେ ଉଦ୍ୟମ କଲେ । ଓଡ଼ିଶାରେ ମଧ୍ୟ ଏ ନବ ଜାଗରଣର ସ୍ଫୁଲିଙ୍ଗ ସ୍ୱାଧୀନତା ପରେ ଦେଖାଦେଲା ଏବଂ ଗତ ଦୁଇବର୍ଷ ତଳେ ଏହି ସ୍ଫୁଲିଙ୍ଗ ଏକ ଉଜ୍ଜ୍ୱଳ ଆଲୋକର ରୂପ ନେଇଛି । ରାଜ୍ୟ ସରକାରଙ୍କ ନୂତନ ଶିଳ୍ପନୀତିରେ ହସ୍ତତନ୍ତର ବିକାଶ ନିମନ୍ତେ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ସେ ଦିଗରେ ମାତ୍ର ଦୁଇବର୍ଷ ଭିତରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି ।

ଓଡ଼ିଶାରେ ଥିବା ୩ ଲକ୍ଷ ବୁଣାକାରମାନଙ୍କ ମଧ୍ୟରୁ ୩୭,୫୦୦ ହରିଜନ ଓ ୮,୫୦୦ ଆଦିବାସୀ । ଏମାନଙ୍କ ଭିତରୁ ଅଧିକାଂଶ ନିଜର ତନ୍ତ ଅଭାବରୁ ବଡ଼ ବଡ଼ ତନ୍ତୀ ବା ମାଷ୍ଟର ୱିଭରମାନଙ୍କର ମଜୁରିଆ ଭାବରେ କାମ କରି ଶୋଷିତ ହେଉଥିଲେ ।

ପୁଞ୍ଜି ଅଟକ ରହ, ପର୍ଯ୍ୟାପ୍ତ ମୂଳଧନର ଅଭାବ, ସୂତା ଯୋଗାଣର ଅବ୍ୟବସ୍ଥା, ପ୍ରସେସିଙ୍ଗ କାରଖାନା ଓ ସୁବିଧାଜନକ ବିକ୍ରୟ ମାଧ୍ୟମର ଅଭାବହେତୁ ବୁଣାକାର-ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ହୋଇପାରୁ ନ ଥିଲା ।

ବୁଣାକାରମାନଙ୍କର ଏଇସବୁ ସମସ୍ୟା ହୃଦୟଙ୍ଗମ କରି ରାଜ୍ୟ ସରକାର ସେସବୁର ସମାଧାନ ନିମନ୍ତେ ଅନେକଗୁଡ଼ିଏ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

## ସମବାୟ ପରିସର ସଂପ୍ରସାରଣ

ବୟନ ଶିଳ୍ପ କ୍ଷେତ୍ରରେ ବୈପ୍ଳବିକ ପ୍ରଗତି ହାସଲ କରିବା ନିମନ୍ତେ ତନ୍ତ ତଥା ତନ୍ତୁବାୟମାନଙ୍କୁ ସମବାୟ ପରିସରଭୁକ୍ତ କରିବା ଆବଶ୍ୟକତା ଉପରେ ଏ ସରକାର ଗୁରୁତ୍ୱ ଦେଇଛନ୍ତି । ପଞ୍ଚମ ପଞ୍ଚବାର୍ଷିକ ଯୋଜନା ଶେଷସୁଦ୍ଧା ୩୦,୦୦୦ ତନ୍ତ ସମବାୟ ପରିସରଭୁକ୍ତ

ହୋଇଥିବାସ୍ଥଳେ ଷଷ୍ଠ ଯୋଜନା ଶେଷସୁଦ୍ଧା ପ୍ରାୟ ୬୦,୦୦୦ ତନ୍ତ ସମବାୟ ପରିସରଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଯାହାଫଳରେ ୧ ଲକ୍ଷ ୨୦ ହଜାର ବୁଣାକାର ପ୍ରତ୍ୟକ୍ଷ ଭାବରେ ଓ ୭୦,୦୦୦ ବୁଣାକାର ପରୋକ୍ଷ ଭାବରେ ନିଯୁକ୍ତି ପାଇ ପାରିବେ ।

ନୂତନଭାବେ ସମବାୟ ପରିସରକୁ ଆସିଥିବା ପ୍ରତ୍ୟେକ ବୁଣାକାରଙ୍କୁ ଅଂଶଧନ ସାହାଯ୍ୟ ଆକାରରେ ଟ୧୦୦ଙ୍କା ଓ ଅଂଶଧନ ଋଣ ଆକାରରେ ଟ୧୦୦ଙ୍କା ଯୋଗାଇ ଦିଆଯାଉଛି ।

୧୯୮୦-୮୧ ଆର୍ଥିକ ବର୍ଷରେ ୭,୦୦୦ ନୂଆ ତନ୍ତ ସମବାୟ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ପ୍ରକୃତ ପକ୍ଷରେ ୭,୭୦୦ ତନ୍ତ ସମବାୟ ପରିସରଭୁକ୍ତ କରାଯାଇ ପାରିଥିଲା । ଅର୍ଥାତ୍ ୧୫,୪୦୦ ବୁଣାକାର ସମବାୟ ପରିସରଭୁକ୍ତ ହେଲେ । ସେହିପରି ୧୯୮୧-୮୨ ଆର୍ଥିକ ବର୍ଷରେ ୯,୦୦୦ ତନ୍ତ ଅର୍ଥାତ୍ ୧୮,୦୦୦ ବୁଣାକାରଙ୍କୁ ସମବାୟ ଅନ୍ତର୍ଭୁକ୍ତ କରାଯିବା ଲକ୍ଷ୍ୟକୁ ଟପି ବାସ୍ତବରେ ୯,୦୩୨ ତନ୍ତ ଏବଂ ୧୮,୦୬୪ ବୁଣାକାରମାନଙ୍କୁ ଏ ଯୋଜନା ପରିସରଭୁକ୍ତ କରାଯାଇଛି । ୧୯୮୧-୮୨ ଶେଷସୁଦ୍ଧା ୪୬,୭୩୨ଟି ତନ୍ତ ଏବଂ ୯୩,୪୬୪ ଜଣ ତନ୍ତୁବାୟ ସମବାୟ ପରିସରଭୁକ୍ତ ହୋଇଛନ୍ତି ।

ଏହା ବ୍ୟତୀତ ରାଜ୍ୟ ହସ୍ତତନ୍ତ ଉନ୍ନୟନ କର୍ପୋରେସନର ଯୋଜନା ଭିତରେ ୧୯୮୦-୮୧ ଆର୍ଥିକ ବର୍ଷରେ ୧,୫୮୦ଟି ତନ୍ତ ଓ ୩,୧୬୦ ବୁଣାକାର ଏବଂ ୧୯୮୧-୮୨ ଆର୍ଥିକ ବର୍ଷରେ ୨,୯୨୩ଟି ତନ୍ତ ଓ ୫,୮୪୬ ଜଣ ବୁଣାକାରଙ୍କୁ ସମବାୟ ପରିସରଭୁକ୍ତ କରାଯାଇଛି । ଏହିପରି ୧୯୮୧-୮୨ ଶେଷସୁଦ୍ଧା ମୋଟ ୧୩,୭୧୭ ତନ୍ତ ତଥା ୨୭,୪୩୪ ବୁଣାକାରଙ୍କୁ କର୍ପୋରେସନ ପରିସରକୁ ଅଣା ଯାଇଛି ।

## ତନ୍ତ ଆଧୁନିକୀକରଣ ଓ ଅନ୍ୟାନ୍ୟ ସୁବିଧା

ଆମ ରାଜ୍ୟରେ ପ୍ରାୟ ଶତକଡା ୮୦ ଭାଗ ତନ୍ତ ପୁରାତନ ଓ ଗର୍ତ୍ତତନ୍ତ ଶ୍ରେଣୀଭୁକ୍ତ ହୋଇଥିବା ଯୋଗୁଁ ବୁଣାକାରମାନଙ୍କ ଉତ୍ପାଦନ ତଥା ଆୟ ଆଶାନୁରୂପେ ବୃଦ୍ଧି ପାଇପାରୁନି । ତେଣୁ ଷଷ୍ଠ ଯୋଜନାକାଳ ମଧ୍ୟରେ ୫୦,୦୦୦ ତନ୍ତର ଆଧୁନିକୀକରଣ ନିମନ୍ତେ ୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏଥିମଧ୍ୟରୁ ୧୨,୫୦୦ ତନ୍ତ ହରିଜନ ବୁଣାକାରମାନଙ୍କ ପାଇଁ ଉଦ୍ଦିଷ୍ଟ ।

୧୯୮୧-୮୨ ଆର୍ଥିକ ବର୍ଷ ଶେଷସୁଦ୍ଧା ସମବାୟ ଓ କର୍ପୋରେସନର ମିଳିତ ପର୍ଯ୍ୟାୟରେ ୧୭,୨୯୪ଟି ତନ୍ତର ଆଧୁନିକୀକରଣ କରାଯାଇଛି ।

ଉନ୍ନତ ତନ୍ତ ସରଞ୍ଜାମ ଯୋଗାଣ ପାଇଁ ସରକାର ପ୍ରତି ବୁଣାକାର ପିଛା ୧,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା କରିଛନ୍ତି । ଏଥି ମଧ୍ୟରୁ ଶତକଡା ୫୦ ଭାଗ ଋଣ ଆକାରରେ ଓ ଆଉ ଶତକଡା ୫୦ ଭାଗ ସବ୍‌ସିଡି ଆକାରରେ ଯୋଗାଇ ଦିଆଯାଉଅଛି । କିନ୍ତୁ ହରିଜନମାନଙ୍କ କ୍ଷେତ୍ରରେ ଶତକଡା ୭୫ ଭାଗ ସାହାଯ୍ୟ ଓ ଶତକଡା ୨୫ ଭାଗ ଋଣ ଆକାରରେ ଦିଆଯାଉଛି । ଏହା ବ୍ୟତୀତ ହରିଜନ ବୁଣାକାରମାନଙ୍କୁ ଅଗ୍ନି ନିରୋଧ ତନ୍ତଶାଳା ସ୍ଥାପନ କରିବାପାଇଁ ଆର୍ଥିକ ସାହାଯ୍ୟ ଦଆଯାଉଛି ।

ତନ୍ତର ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ କେତେକ କ୍ଷେତ୍ରରେ ଅନ୍ୟାନ୍ୟ ଯନ୍ତ୍ରପାତି ମାଗଣାରେ ଯୋଗାଇ ଦିଆଯାଉଛି ଏବଂ ତତ୍ ସଙ୍ଗେ ସଙ୍ଗେ ଆଉ ଏକ ଅଭିନବ ଯୋଜନା ଅନୁଯାୟୀ ତନ୍ତୁବାୟମାନଙ୍କର ଗୃହ ଏବଂ ତନ୍ତଶାଳାକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା କରାଯାଉଛି । ଏ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ବୁଣାକାରମାନେ ରାତିରେ ଅଧିକ ସମୟ ପର୍ଯ୍ୟନ୍ତ କାମ କରି ପାରୁଛନ୍ତି ଏବଂ ବସ୍ତ୍ରର ଗୁଣାତ୍ମକ ମାନ ମଧ୍ୟ ବୃଦ୍ଧି ପାଇଛି ।

୧୯୮୧-୮୨ ଆର୍ଥିକ ବର୍ଷ ସୁଦ୍ଧା ପ୍ରଥମ ଦୁଇ ବର୍ଷରେ ପ୍ରାୟ ୨ ହଜାର ତନ୍ତୁବାୟଙ୍କ ଗୃହଗୁଡ଼ିକୁ ବିଦ୍ୟୁତ୍‌କରଣ କରାଯାଇଛି । ଚଳିତ ବର୍ଷ ଆଉ ୪ ହଜାର ବୁଣାକାରମାନଙ୍କ ଗୃହକୁ ବିଦ୍ୟୁତ୍‌କରଣ କରିବା ପାଇଁ ବ୍ୟବସ୍ଥା ହେଉଛି ।

## ସୂତାକଳ ସଂଖ୍ୟା ବୃଦ୍ଧି

ହସ୍ତତନ୍ତ ଶିଳ୍ପର ମୁଖ୍ୟ କଞ୍ଚାମାଲ ହେଲା କାର୍ପାସ ସୂତା । ଓଡ଼ିଶାରେ ଉତ୍ପାଦନକ୍ଷମ ୪ଟି ସୂତାକଳ ମଧ୍ୟରୁ ସମବାୟ ପର୍ଯ୍ୟାୟରେ ମାତ୍ର ୨ଟି ସୂତାକଳ ସମ୍ବଲପୁର ଜିଲ୍ଲାର ତୋରା (ବରଗଡ଼) ଏବଂ ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁରଠାରେ ପ୍ରତିଷ୍ଠିତ । ଏ ଦୁଇଟିଯାକ କାରଖାନାରେ ଉତ୍ପାଦିତ ସୂତାର ମାନ ଅତି ଉଚ୍ଚକୋଟୀର ହୋଇଥିଲେ ମଧ୍ୟ ରାଜ୍ୟରେ ସୂତାର ଚାହିଦା ତୁଳନାରେ ଉତ୍ପାଦିତ ସୂତାର ପରିମାଣ ବହୁତ କମ୍ ।

ସୂତାର କ୍ରମ ବର୍ଦ୍ଧିଷ୍ଣୁ ଚାହିଦା ଫଳରେ ଷଷ୍ଠ ଯୋଜନା ଶେଷ ବେଳକୁ ବାର୍ଷିକ ତିନିକୋଟି କିଲୋଗ୍ରାମରୁ ଅଧିକ ସୂତା ଆବଶ୍ୟକ ପଡ଼ିବ । ସେଇ ଆବଶ୍ୟକତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଷଷ୍ଠ ଯୋଜନା କାଳ ଭିତରେ ଆଉ ୧୦ଟି ଅଧିକ ସୂତାକଳ ବସାଇବାର ଯୋଜନା କରିଛନ୍ତି । ତନ୍ମଧ୍ୟରୁ ୭ଟି ସୂତାକଳ ସମବାୟ ପର୍ଯ୍ୟାୟରେ ଓ ଅନ୍ୟ ୩ଟି ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ଜରିଆରେ ସ୍ଥାପିତ ହେଉଛି ।

ସମବାୟ ପର୍ଯ୍ୟାୟରେ ପ୍ରତିଷ୍ଠା ହେବାକୁ ଯାଉଥିବା ୭ଟି ସୂତାକଳ ମଧ୍ୟରୁ ୪ଟି ସୂତାକଳର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ରହିଛି । ପୁରୀ ଜିଲ୍ଲାର ଖୋର୍ଦ୍ଧାଠାରେ

ଉତ୍କଳ ସମବାୟ ସୂତାକଳ, କଟକ ଜିଲ୍ଲାର ନୂଆପାଟଣାଠାରେ ଶ୍ରୀ ଜଗନ୍ନାଥ ସମବାୟ ସୂତାକଳ, ସୁନ୍ଦରଗଡ଼ର କିରେଇଠାରେ ଗାଙ୍ଗପୁର ସମବାୟ ସୂତାକଳ ଓ କଟକ ଜିଲ୍ଲାର ତିର୍ତ୍ତୋଲଠାରେ ଶ୍ରୀ ଶାରଳା ସମବାୟ ସୂତାକଳର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏ ୪ଟି ସୂତାକଳ ୧୯୮୩ ଶେଷ ସୁଦ୍ଧା ଉତ୍ପାଦନକ୍ଷମ ହୋଇପାରିବ ବୋଲି ଆଶା କରାଯାଉଛି । ଏହା ବ୍ୟତୀତ ଆଉ ୩ଟି ସୂତାକଳ କେନ୍ଦୁଝର, ବାଲେଶ୍ୱର ଓ କଳାହାଣ୍ଡି ଜିଲ୍ଲାମାନଙ୍କରେ ସ୍ଥାପନ କରିବା ନିମନ୍ତେ ପ୍ରାଥମିକ ପଦକ୍ଷେପ ନିଆ ସରିଗଲାଣି ।

## ପ୍ରସେସିଂ ଓ ବିକ୍ରୟ ସୁବିଧା

ପ୍ରାଥମିକ ତନ୍ତୁବାୟ ସମିତିମାନଙ୍କୁ ସୂତା ଯୋଗାଣ ଏବଂ ସେମାନଙ୍କ ଉତ୍ପାଦିତ ବସ୍ତ୍ରର ଉପଯୁକ୍ତ ମୂଲ୍ୟରେ ବିକ୍ରୟ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ତନ୍ତୁବାୟମାନଙ୍କ ଶୀର୍ଷ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଛି । ସେହିପରି ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ ପରିସରଭୁକ୍ତ ହୋଇଥିବା ବୁଣାକାରମାନଙ୍କର ଉତ୍ପାଦିତ ବସ୍ତ୍ର ହସ୍ତତନ୍ତ ନିଗମ ଜରିଆରେ ବିକ୍ରୟ ହେଉଛି । ଏହି ଶୀର୍ଷ ହସ୍ତତନ୍ତ ସମବାୟ ସମିତି ଓ ହସ୍ତତନ୍ତ ନିଗମର ରାଜ୍ୟ ଭିତରେ ଓ ରାଜ୍ୟ ବାହାରେ ୮୦ଟିରୁ ଅଧିକ ବିକ୍ରୟକେନ୍ଦ୍ର ରହିଛି । ୧୯୮୦-୮୧ ଆର୍ଥିକ ବର୍ଷରେ ଏ ଦୁଇଟି ଅନୁଷ୍ଠାନ ପ୍ରାୟ ୮.୫ କୋଟି ଟଙ୍କାର ବସ୍ତ୍ର ବିକ୍ରୟ କରିଥିଲେ ।

ବମ୍ବେ, କଲିକତା ଭଳି ଦେଶର ବିଭିନ୍ନ ବଡ଼ ବଡ଼ ସହରରେ ହସ୍ତତନ୍ତ ସମିତି ଓ ହସ୍ତତନ୍ତ ନିଗମ ପକ୍ଷରୁ ବିକ୍ରୟକେନ୍ଦ୍ର ଓ ସୋ ରୁମ୍ ଖୋଲିବାର ପ୍ରସ୍ତାବ ରହିଛି ।

ହସ୍ତତନ୍ତ ବସ୍ତ୍ରର ଉନ୍ନତ ପ୍ରସେସିଂ ନିମନ୍ତେ ୧ କୋଟି ଟଙ୍କା ବ୍ୟୟରେ କଟକ ଜିଲ୍ଲାର ଜଗତପୁରଠାରେ ଗୋଟିଏ ପ୍ରସେସିଂ କାରଖାନା ସମବାୟ ପର୍ଯ୍ୟାୟରେ ପ୍ରତିଷ୍ଠିତ ହୋଇଛି । ହସ୍ତତନ୍ତ ଛଡ଼ା ସିଲ୍କ, ଟସର, ପଲିଷ୍ଟର ବସ୍ତ୍ର ମଧ୍ୟ ଏ କାରଖାନାରେ ପ୍ରସେସିଂ କରାଯିବାର ବ୍ୟବସ୍ଥା ହୋଇଛି । ରାଜ୍ୟ ହସ୍ତତନ୍ତ ସହଯୋଗ ସମିତି ପକ୍ଷରୁ ଗୋଟିଏ ଆଧୁନିକ ରଙ୍ଗଶାଳା ପୁରୀ ଜିଲ୍ଲାର ପିପ୍‌ଲିଠାରେ ସ୍ଥାପିତ ହେବାକୁ ଯାଉଛି । ଏହା ବ୍ୟତୀତ କେତେଗୁଡ଼ିଏ କ୍ଷୁଦ୍ର ରଙ୍ଗଶାଳା ରାଜ୍ୟର ବିଭିନ୍ନ ବୁଣାକାର ବହୁଳ ଅଞ୍ଚଳରେ ସ୍ଥାପିତ ହେବ । ଉନ୍ନତ ଧରଣର ବସ୍ତ୍ର ଡିଜାଇନ୍ ସଂପର୍କରେ ଗବେଷଣା କରିବାପାଇଁ ହସ୍ତତନ୍ତ ସମିତି ପକ୍ଷରୁ ଡିଜାଇନ୍ ଓ ଉତ୍ପାଦନ ଉନ୍ନୟନ ସେଲ୍ ଖୋଲାଯାଉଛି । ଏଥିପାଇଁ ରାଜ୍ୟ ସରକାର ୨ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ଜାତୀୟ ସମବାୟ ଉନ୍ନୟନ ନିଗମ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା କରିବ ।

ସରକାରୀ ରିହାତି : ହସ୍ତତନ୍ତକୁ ଅଧିକରୁ ଅଧିକ ଲୋକପ୍ରିୟ କରିବାପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ହସ୍ତତନ୍ତ ବସ୍ତ୍ର ଉପରେ ରିବେଟ୍ ଦିଆଯାଉଛି । ଦଶହରା ପୂଜା, ମକର ସଂକ୍ରାନ୍ତି, ରଜ, ଦୋଳ ପୂର୍ଣ୍ଣିମା ଭଳି ଲୋକପ୍ରିୟ ଉତ୍ସବ ଅବସରରେ ଏହିଭଳି ସରକାରୀ ରିହାତି ଦିଆଯାଏ । ବିକ୍ରୀ ସମୟରେ ଗ୍ରାହକମାନଙ୍କୁ ଯେଉଁ ରିହାତି ଦିଆଯାଏ ସେ ଟଙ୍କା ପରେ ସରକାର ଭରଣା କରନ୍ତି । ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ରିବେଟ୍ ପ୍ରକଳ୍ପରେ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ସ୍ଥଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ଭିତରେ ଏଥିପାଇଁ ୩ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ।

## ରିଜର୍ଭ ବ୍ୟାଙ୍କ ଋଣ

ରାଜ୍ୟର ପ୍ରାଥମିକ ସହଯୋଗ ସମିତିମାନଙ୍କୁ ସେମାନଙ୍କ କାର୍ଯ୍ୟକାରୀ ମୂଳଧନ କେନ୍ଦ୍ର ସମବାୟ ବ୍ୟାଙ୍କ ଜରିଆରେ ରିଜର୍ଭ ବ୍ୟାଙ୍କ ଯୋଗାଇ ଦିଅନ୍ତି । ୧୯୭୯-୮୦ ଆର୍ଥିକ ବର୍ଷରେ ରିଜର୍ଭ ବ୍ୟାଙ୍କ କ୍ୟାସ କ୍ରେଡିଟ୍‌ର ସୀମା ୨ କୋଟି ୨୧ ଲକ୍ଷ ଟଙ୍କା ଥିବାସ୍ଥଳେ ୧୯୮୦-୮୧ ବେଳକୁ ୫ କୋଟି ଏବଂ ୧୯୮୧-୮୨ ବେଳକୁ ୮ କୋଟି ୯ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ୧୯୮୨-୮୩ ମସିହାରେ ଏ ପରିମାଣ ୧୨ କୋଟି ଟଙ୍କାକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

## ଜନତା ଲୁଗା ଉତ୍ପାଦନ ଯୋଜନା

୧୯୭୬-୭୭ ମସିହା ଠାରୁ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ ପରିକଳ୍ପିତ ଜନତା ବସ୍ତ୍ର ଉତ୍ପାଦନ ଯୋଜନା ଉପରେ ରାଜ୍ୟ ସରକାର ୨ ବର୍ଷ ଭିତରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଏ ଯୋଜନାରେ ବୁଣାକାରମାନଙ୍କୁ ପ୍ରତ୍ୟେକ ମିଟର ଲୁଗା ପାଇଁ ପାରିଶ୍ରମିକ ଦିଆଯାଏ । ରାଜ୍ୟ ହସ୍ତ ତନ୍ତ ସମବାୟ ସମିତି ଓ ରାଜ୍ୟ ହସ୍ତତନ୍ତ ଉନ୍ନୟନ କର୍ପୋରେସନ ମାଧ୍ୟମରେ ଏ ଯୋଜନା କାର୍ଯ୍ୟକାରୀ ହେଉଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦,୦୦୦ ତନ୍ତ ଏ ଯୋଜନା ପରିସରଭୁକ୍ତ ହୋଇଛି ।

ହସ୍ତତନ୍ତ କର୍ପୋରେସନ ଓ ହସ୍ତତନ୍ତ ସମବାୟ ସମିତିର ମିଳିତ ଉଦ୍ୟୋଗରେ ୧୯୮୦-୮୧ ମସିହାରେ ୧ କୋଟି ୨୬ ଲକ୍ଷ ବର୍ଗ ମିଟର ଓ ୧୯୮୧-୮୨ ରେ ୨ କୋଟି ବର୍ଗ ମିଟର ଜନତା ଲୁଗା ଉତ୍ପାଦିତ ହୋଇଥିଲା । ୧୯୮୨-୮୩ ଆର୍ଥିକ ବର୍ଷ ଭିତରେ ୪ କୋଟି ବର୍ଗ ମିଟର ଜନତା ଲୁଗା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଏ ଜନତା ଲୁଗା ସମାଜର ଦୁର୍ବଳ ଶ୍ରେଣୀମାନଙ୍କ ସୁବିଧା ନିମନ୍ତେ ଉଦ୍ଦିଷ୍ଟ । ତେଣୁ ହସ୍ତତନ୍ତ ଉନ୍ନୟନ କର୍ପୋରେସନ ଓ ହସ୍ତତନ୍ତ ସମବାୟ ସମିତି ଛଡ଼ା ଆହୁରି ଅନେକ ଖାଉଟି ସମବାୟ ସମିତି ଏବଂ ଆଞ୍ଚଳିକ ବାଣିଜ୍ୟ ସମିତିମାନଙ୍କ ଜରିଆରେ ଏହାର ବିକ୍ରୟର ବ୍ୟବସ୍ଥା କରାଯାଉଛି । ଏହାର ବିକ୍ରୟ ଆହୁରି ବ୍ୟାପକ କରିବା ନିମନ୍ତେ ସରକାରୀ ଅନୁମୋଦିତ ସ୍କୁଲର ଦୋକାନମାନଙ୍କ ଜରିଆରେ ମଧ୍ୟ ବିକ୍ରୟ କରାଯିବା ନିମନ୍ତେ ପ୍ରସ୍ତାବ ରହିଛି ।

## ହରିଜନ ବୁଣାକାରମାନଙ୍କ ବିକାଶ ଯୋଜନା

ଆମ ରାଜ୍ୟରେ ୩୫,୦୦୦ ହରିଜନ ବୁଣାକାର-ମାନଙ୍କ ଆର୍ଥିକ ବିକାଶ ନିମନ୍ତେ ଓଡ଼ିଶା ରାଜ୍ୟ ସରକାର ଅନେକ ବିଶେଷ ଯୋଜନା କରିଛନ୍ତି । କେବଳ ହରିଜନ-ମାନଙ୍କ ପାଇଁ ଉଦ୍ଦିଷ୍ଟ ସମବାୟ ସମିତି ଜରିଆରେ ୧୭,୫୦୦ ଆଧୁନିକ ତନ୍ତ ପ୍ରତିଷ୍ଠା କରାଯିବା ପାଇଁ ଯୋଜନା ହୋଇଛି ।

ପଞ୍ଚମ ଯୋଜନା ଶେଷସୁଦ୍ଧା ସମବାୟ ଓ କର୍ପୋରେସନ ପରିସର ମଧ୍ୟରେ ୩,୨୭୦ ତନ୍ତ ତଥା ୬,୫୪୦ ହରିଜନ ବୁଣାକାର ସୁଶୃଙ୍ଖଳିତ ହୋଇଥିଲେ । ୧୯୮୦-୮୧ ମସିହାରେ ୪,୨୦୮ ତନ୍ତ ଏହି ଯୋଜନା ପରିସରଭୁକ୍ତ ହେବା ଫଳରେ ୧୯୮୧-୮୨ ଶେଷ ସୁଦ୍ଧା ୧୦,୭୯୫ ତନ୍ତ ତଥା ୨୧,୫୯୦ ହରିଜନ ତନ୍ତୁବାୟ ସୁଶୃଙ୍ଖଳିତ ପର୍ଯ୍ୟାୟଭୁକ୍ତ ହେଲେ ।

ପଞ୍ଚମ ବାର୍ଷିକ ଯୋଜନା ଶେଷ ସୁଦ୍ଧା କୌଣସି ତନ୍ତ ଆଧୁନିକୀକରଣ ହୋଇ ନ ଥିବା ସ୍ଥଳେ ୧୯୮୦-୮୧ ମସିହାରେ ୪୧୦ଟି ତନ୍ତ ଆଧୁନିକୀକରଣ ହୋଇଥିଲା ଏବଂ ପରବର୍ତ୍ତୀ ବର୍ଷ ମଧ୍ୟରେ ୨,୫୪୪ଟି ତନ୍ତ ଆଧୁନିକୀକରଣ ହୋଇଛି । ଏଇଭଳି ୨,୯୫୪ଟି ତନ୍ତ ହରିଜନମାନଙ୍କ ନିମନ୍ତେ ଆଧୁନିକୀକରଣ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ଆଉ ୩,୦୦୦ ତନ୍ତ ଆଧୁନିକୀକରଣ ପ୍ରସ୍ତାବ ରହିଛି ।

ଏହି ଯୋଜନା ଫଳରେ ହରିଜନ ବୁଣାକାର-ମାନଙ୍କର ମାସିକ ଆୟ ୧୫୦ ଟଙ୍କାରୁ ୨୫୦ ଟଙ୍କାକୁ ବୃଦ୍ଧି ପାଇଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସୁଦ୍ଧା ତାହା ୩୫୦ ଟଙ୍କାକୁ ବୃଦ୍ଧି ପାଇବାର ଆଶା କରା-ଯାଉଛି ।

## ଗ୍ରାମ୍ୟ ଦରିଦ୍ରମାନଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ କାର୍ଯ୍ୟକ୍ରମ ( E.R.R.P. )

ଏ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଗ୍ରାମର ଅତି ଅଭାବଗ୍ରସ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ହସ୍ତତନ୍ତ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ତନ୍ତ ଓ ଅନ୍ୟାନ୍ୟ ସରଞ୍ଜାମ ଏବଂ ମୂଳଧନ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯିବା ଫଳରେ ସେମାନଙ୍କର ଜୀବିକା ନିର୍ବାହର ପନ୍ଥା ସ୍ୱାଭାବିକ ହୋଇପାରିଛି । ଏହା ଫଳରେ ଅଣ ତନ୍ତୁବାୟ ଜାତିମାନଙ୍କ ଭିତରୁ ମଧ୍ୟ ହସ୍ତତନ୍ତ ଶିଳ୍ପୀ ବାହାରିବା ସମ୍ଭବ ହୋଇପାରିଛି । ୧୯୮୦-୮୧ ମସିହାରେ ୧,୦୭୪ ଜଣ ଗ୍ରାମ୍ୟ ଦୁଃସ୍ଥଙ୍କୁ ଚିହ୍ନଟ କରାଯାଇ ୬୬୫ ଜଣଙ୍କୁ ହସ୍ତତନ୍ତ ତାଲିମ ଦିଆଯାଇଛି । ୨୮୪ ଜଣଙ୍କୁ ଏହି ଶିଳ୍ପ ମାଧ୍ୟମରେ ଉତ୍ଥାନ କରାଯାଇପାରିଛି । ସେହିପରି ୧୯୮୧-୮୨ ମସିହାରେ ୨,୨୩୧ ଦୁଃସ୍ଥଙ୍କୁ ଚିହ୍ନଟ କରାଯାଇ ତା'ଭିତରୁ ୩୬୮ ଜଣଙ୍କୁ ତାଲିମ ଦିଆଯାଉଛି ।

ଏ ଯୋଜନା ଅନୁସାରେ ପ୍ରତି ଜଣଙ୍କ ପାଇଁ ସରକାର ପ୍ରାୟ ୨,୫୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ସେ ମଧ୍ୟରୁ ୧,୭୫୦ ଟଙ୍କା ଯନ୍ତ୍ରପାତି ଆକାରରେ ଦିଆ-ଯାଉଛି । ଏ ଭିତରୁ ମାତ୍ର ୩୫୦ ଟଙ୍କା ଋଣ ଆକାରରେ ଓ ଅନ୍ୟ ସବୁ ଟଙ୍କା ଅନୁଦାନ (ସବ୍‌ସିଡି) ଆକାରରେ ଦିଆଯାଉଛି ।

ଏହା ବ୍ୟତୀତ ଗ୍ରାମ୍ୟ ଯୁବକମାନଙ୍କ ଆତ୍ମନିଯୁକ୍ତି ବା (Trycem) ଯୋଜନା ଅନୁଯାୟୀ କେତେକ କାର୍ଯ୍ୟକ୍ରମ ବୟନ ଶିଳ୍ପ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଛି । ତଦନୁସାରେ କୋରାପୁଟ ଜିଲ୍ଲାର ପାଡୁଆ, କଳାହାଣ୍ଡିର ବୋଗାଡ଼, ବାଲେଶ୍ୱରର ନୀଳଗିରି, ମୟୂରଭଞ୍ଜର ବିଂଝୁଆ ଓ ଢେଙ୍କାନାଳର ଛେଣ୍ଡିପଦା, ପୁରୀ ଜିଲ୍ଲାର ପଲ୍ଲୀ, କଟକ ଜିଲ୍ଲାର ନୂଆପାଟଣା, ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରରେ ଥିବା ହସ୍ତତନ୍ତ ତାଲିମକେନ୍ଦ୍ରଗୁଡ଼ିକର ସଂପ୍ରସାରଣ କରାଯିବା ସଙ୍ଗେ ସଙ୍ଗେ ଆଉ ୧୦ଟି ନୂଆ ତାଲିମକେନ୍ଦ୍ର ସ୍ଥାପନ କରାଯିବାର ନିଷ୍ପତ୍ତି କରା-ଯାଇଛି ।

ଉପଯୁକ୍ତ ବିବରଣୀ ଅନୁଧ୍ୟାନ କଲେ ଜଣାଯାଏ ଯେ ସ୍ୱାଧୀନତାର ପ୍ରଥମ ୩୩ ବର୍ଷ ମଧ୍ୟରେ ହସ୍ତତନ୍ତର ବିକାଶର ଗତି ଯାହା ଥିଲା; ଗତ ୨ ବର୍ଷ ମଧ୍ୟରେ ତାହା ଆଶାତୀତ ଭାବରେ ତ୍ୱରାନ୍ୱିତ ହୋଇପାରିଛି । ପଞ୍ଚମ ଯୋଜନା କାଳରେ ଓଡ଼ିଶା ରାଜକୋଷରୁ ହସ୍ତତନ୍ତର ବିକାଶ ପାଇଁ ୧ କୋଟି ୪୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲାବେଳେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟରେ ୭ କୋଟି ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଫଳରେ ୧୯୮୧-୮୨ ମସିହାରେ ରାଜ୍ୟରେ ୧୯ କୋଟି ଟଙ୍କା ମୂଲ୍ୟର ପ୍ରାୟ ୩ କୋଟି ମିଟର କପଡ଼ା ଉତ୍ପାଦିତ ହୋଇ-ପାରିଛି ।

ବିଦେଶରେ ବିଶେଷତଃ ଆମେରିକା ଓ ୟୁରୋପୀୟ ଦେଶମାନଙ୍କରେ ଓଡ଼ିଶା ହସ୍ତତନ୍ତର ପ୍ରସାର ନିମନ୍ତେ ପ୍ରଶସ୍ତ କ୍ଷେତ୍ର ରହିଛି । ରାଜ୍ୟ ହସ୍ତତନ୍ତ ସମବାୟ ସମିତି ତଥା ହସ୍ତତନ୍ତ ଉନ୍ନୟନ କର୍ପୋରେସନ ଏହି ରପ୍ତାନି ସମ୍ଭାବନାକୁ ଉପଯୋଗ କରିବା ପାଇଁ କେତେ-ଗୁଡ଼ିଏ ପଦକ୍ଷେପ ନେଇଛନ୍ତି । ରେଡ଼ିମେଡ୍ ପୋଷାକର ଚାହିଦା ଓ ରପ୍ତାନି କ୍ଷେତ୍ର ପ୍ରଶସ୍ତ ଥିବାରୁ ହସ୍ତତନ୍ତ ବସ୍ତ୍ରରୁ ରେଡ଼ିମେଡ୍ ପୋଷାକ ପ୍ରସ୍ତୁତ କରିବାର ଏକ ଅଭିନବ ପ୍ରକଳ୍ପ ମିଳିତ ଉଦ୍ୟୋଗରେ କାର୍ଯ୍ୟକାରୀ ହେବାକୁ ଯାଉଛି । ଉପିକଲ୍, ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମ, ରାଜ୍ୟ ହସ୍ତତନ୍ତ ସମବାୟ ସମିତି ଏବଂ ଜନୈକ ବେସରକାରୀ ଶିଳ୍ପୋଦ୍ୟୋଗୀଙ୍କ ମିଳିତ ଉଦ୍ୟମରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ଏ ରେଡ଼ିମେଡ୍ ପୋଷାକ କାରଖାନା ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ପ୍ରତିଷ୍ଠା ହେବାକୁ ଯାଉଛି । ପୂର୍ଣ୍ଣ ଉତ୍ପାଦନକ୍ଷମ ହେଲେ ଏ କାରଖାନାରେ ବାର୍ଷିକ ୯ ଲକ୍ଷ ପୋଷାକ ପ୍ରସ୍ତୁତ

ହୋଇପାରିବ । ଏହା ଫଳରେ ପ୍ରଥମଥର ପାଇଁ ରେଡ଼ିମେଡ୍ ପୋଷାକ ରପ୍ତାନି ମାନଚିତ୍ରରେ ଓଡ଼ିଶା ସ୍ଥାନ ପାଇବାକୁ ଯାଉଛି ।

ଗତ ୨ ବର୍ଷରେ ବୟନ ଶିଳ୍ପ ବିଭାଗର ଏ ଅଭୂତପୂର୍ବ ଅଭିବୃଦ୍ଧି ମୂଳରେ ରହିଛି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପ୍ରେରଣା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନିଷ୍ଠା ଓ ଆଗ୍ରହ । ହସ୍ତତନ୍ତ ଉନ୍ନୟନ ଯୋଜନା ଅନୁଯାୟୀ ସମାଜର ଦୁର୍ବଳଶ୍ରେଣୀ ବିଶେଷତଃ ହରିଜନ ଓ ଆଦିବାସୀମାନଙ୍କ ପାଇଁ ଯେଉଁ-ସବୁ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ତାହା ଦ୍ୱାରା ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିପାରିଛି । ଓଡ଼ିଶା ହସ୍ତତନ୍ତର ହୃତ ଗୌରବ ଫେରାଇ ଆଣିବା ଦିଗରେ ବ୍ୟକ୍ତିଗତ ଭାବରେ ମୁଖ୍ୟମନ୍ତ୍ରୀଙ୍କର ଓ ତାଙ୍କ ମନ୍ତ୍ରୀମଣ୍ଡଳର ଅବଦାନ ଉଲ୍ଲେଖଯୋଗ୍ୟ । ବାସ୍ତବିକ ଏହାକୁ ହସ୍ତତନ୍ତ ବିକାଶର ଏକ ନୂତନ ଯୁଗର ଅଭ୍ୟୁଦୟ କହିଲେ ଅତ୍ୟୁକ୍ତି ହେବନି ।

○○

ବୟନ ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା
ସତ୍ୟନଗର
ଭୁବନେଶ୍ୱର–୭୫୧୦୦୭

ଓଡ଼ିଶା ହେଉଛି ବହୁ ସଂସ୍କୃତିର ମିଳନ ସ୍ଥଳ । ଯେଉଁମାନେ ଓଡ଼ିଶାକୁ ଆସିଛନ୍ତି, ସେମାନେ ତାହା ମଧ୍ୟରେ ଲୀନ ହୋଇ ଯାଇଛନ୍ତି । ବିଶାଳତା ଓ ଆତ୍ମ ବିଶ୍ୱାସ ହେଉଛି, ପ୍ରଗତିର ଧର୍ମ । ହୀନ ମନ୍ୟତା ଓ ସଂକୀର୍ଣ୍ଣତା ହେଉଚି ପତନର ଧର୍ମ ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଗୃହ ନିର୍ମାଣ ଓ ନଗର ଉନ୍ନୟନ

ଶ୍ରୀ ରବନ୍ଦ୍ର ମୋହନ ସେନାପତି

## ବାସଗୃହ ଯୋଜନା

ସମାଜରେ ଦେଖା ଦେଇଥିବା ବାସଗୃହ ସମସ୍ୟାର ସମାଧାନ ପାଇଁ ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଆମ ରାଜ୍ୟରେ ୧୯୮୦ ମସିହାର ପ୍ରଳୟଙ୍କରୀ ବନ୍ୟା-କ୍ଷତିଗ୍ରସ୍ତ ଅଞ୍ଚଳରେ ୮ କୋଟି ଟଙ୍କା ବ୍ୟୟରେ ୨୦,୦୦୦ ବାସଗୃହ ନିର୍ମାଣ କରାଯାଉଛି । ଏ ଧରଣର ସାହସିକ ପଦକ୍ଷେପ ଓଡ଼ିଶା ଇତିହାସରେ ସର୍ବପ୍ରଥମ । ଏହି କାର୍ଯ୍ୟକ୍ରମ ବାବଦରେ ରାଜ୍ୟ ସରକାର ୨·୧ କୋଟି ଟଙ୍କା ଓ ହୁଡ୍କୋ ସଂସ୍ଥା ୫·୯ କୋଟି ଟଙ୍କା ଯୋଗାଇ ଦେଉଛନ୍ତି ।

ଏତଦ୍‌ବ୍ୟତୀତ, ଓଡ଼ିଶାରେ ପ୍ରଥମ ଥର ପାଇଁ ସହରାଞ୍ଚଳ ବସ୍ତିରେ ରହୁଥିବା ଲୋକମାନଙ୍କୁ କମ୍ ଦାମରେ ବାସଗୃହ ଯୋଗାଇ ଦେବା ସକାଶେ ଏକ ପରିକଳ୍ପନା ହାତକୁ ନିଆଯାଇଛି । ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱରର ସତ୍ୟନଗର ଅଞ୍ଚଳରେ ଏଭଳି ୨୨୦ଟି ବାସଗୃହ ନିର୍ମାଣ କରାଯାଉଛି । ଏହି ବାସଗୃହଗୁଡ଼ିକୁ ବସ୍ତିରେ ରହୁଥିବା ଲୋକଙ୍କୁ ମାସିକ ୧୦୦ ଟଙ୍କା ଲେଖାଏଁ ଭଡ଼ା-କିଣା ସୂତ୍ରରେ ଯୋଗାଇ ଦିଆଯିବ ।

ଚଳିତ ବର୍ଷ ଓଡ଼ିଶା ଗୃହ ନିର୍ମାଣ ବୋର୍ଡ ଓ ବିଭିନ୍ନ ଆଞ୍ଚଳିକ ଉନ୍ନୟନ ସଂସ୍ଥା ରାଉରକେଲା, ସମ୍ବଲପୁର, ରାୟଗଡ଼ା, ଢେଙ୍କାନାଳ, ଚୌଦ୍ୱାର ଓ ଭୁବନେଶ୍ୱରଠାରେ ସାମାଜିକ ଗୃହ ନିର୍ମାଣ ବାବଦରେ ଗତବର୍ଷ ୯·୭୬ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ଚଳିତ ବର୍ଷ ଏ ବାବଦରେ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ଆଶା କରାଯାଏ ।

ଭୁବନେଶ୍ୱର, କଟକ, ପାରାଦ୍ୱୀପ, ରାଉରକେଲା ପ୍ରଭୃତି ବଡ଼ ବଡ଼ ସହରଗୁଡ଼ିକର ଯୋଜନା ତଥା ଉନ୍ନୟନ ନିମନ୍ତେ "ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ବିଲ୍" ମଞ୍ଜୁର କରାଯାଇଛି । ଏହା ବ୍ୟତୀତ ବହୁ ମହଲା ବିଶିଷ୍ଟ କୋଠାବାଡ଼ିଗୁଡ଼ିକର କ୍ରୟ ବିକ୍ରୟ ତଥା ରକ୍ଷଣାବେକ୍ଷଣ ଦିଗରେ ନିୟମ ପ୍ରଣୟନ ପାଇଁ 'ଗୃହ ମାଲିକାନା ବିଲ୍' ପ୍ରସ୍ତୁତ ହୋଇଛି ।

## ପାନୀୟ ଜଳ ଯୋଗାଣ

ଗ୍ରାମାଞ୍ଚଳ ଜଳ ଯୋଗାଣ ପରିକଳ୍ପନା ଅନୁଯାୟୀ ଗତବର୍ଷ ୮,୬୧୦ଟି ନଳକୂପ ବସାଯାଇ ପୂର୍ବବର୍ଷଗୁଡ଼ିକ ତୁଳନାରେ ଏକ ରେକର୍ଡ ସୃଷ୍ଟି ହୋଇଛି । ଗ୍ରାମାଞ୍ଚଳ ଜଳ ଯୋଗାଣ ପରିକଳ୍ପନା ବାବଦରେ ମୋଟ ୧୦ କୋଟି ଟଙ୍କା ବ୍ୟୟ କରାଯାଉଛି । ଡେନ୍‌ମାର୍କର ଡ଼ାନିଡ଼ା (Dandia) ସଂସ୍ଥାଙ୍କ ସାହାଯ୍ୟକ୍ରମେ ଓଡ଼ିଶାର ଲୁଣା ଅଞ୍ଚଳରେ ଅର୍ଥାତ୍ କଟକ, ପୁରୀ, ବାଲେଶ୍ୱର ଜିଲ୍ଲାଗୁଡ଼ିକରେ ନଳକୂପ ବସାଇବା ପାଇଁ ଅନ୍ୟ ଏକ ପରିକଳ୍ପନା ପ୍ରସ୍ତୁତ କରା ଯାଇଛି । ଏଥି ପାଇଁ ୨୨ କୋଟି ଟଙ୍କା ଖର୍ଚ୍ଚ ହେବ ।

ସହରାଞ୍ଚଳ ଜଳଯୋଗାଣ କ୍ଷେତ୍ରରେ ପୁରୀ, ଜୟପୁର, ବାଲେଶ୍ୱର, କଟକ (ମଧ୍ୟବର୍ତ୍ତୀକାଳୀନ-୧), ଭଞ୍ଜନଗର, ଝାରସୁଗୁଡ଼ା ଓ ରାଉରକେଲାରେ ଜଳଯୋଗାଣ ପରିକଳ୍ପନାର କାର୍ଯ୍ୟ ଶେଷ ହୋଇଛି । ଏହା ବ୍ୟତୀତ, ଭୁବନେଶ୍ୱର, ଫୁଲବାଣୀ, କୋରାପୁଟ, କୋଡ଼ା, ଚୌଦ୍ୱାର ଓ କଟକରେ (ମଧ୍ୟବର୍ତ୍ତୀକାଳୀନ-୨) ନୂତନ ଜଳଯୋଗାଣ ପରିକଳ୍ପନାଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି ।

ପୁରୀ, ସମ୍ବଲପୁର, ବାଲେଶ୍ୱର, ରାଉରକେଲା ଟାଉନ ଓ ଜୟପୁରରେ ସମନ୍ୱିତ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ମନୋନୀତ କରିଛନ୍ତି । ଏଥି ମଧ୍ୟରୁ ୪ଟି ଟାଉନ୍ ନିମନ୍ତେ ପ୍ରୋଜେକ୍ଟ ରିପୋର୍ଟ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିଛି ଏବଂ ଏ ଦିଗରେ ୩୨·୬୪ ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ ମିଳିଛି । ଏଥି ପାଇଁ ରାଜ୍ୟ ସରକାର ମ୍ୟାଚିଂ ଅନୁଦାନ ଆକାରରେ ୧୬ଲକ୍ଷ ଟଙ୍କା ଦେଇଥିଲେ । ଏହି ସମୁଦାୟ ଅର୍ଥରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି, ସେଗୁଡ଼ିକ ହେଲା :—

(୧) ପୁରୀ ରେଳ ଷ୍ଟେସନଠାରୁ ସଂଯୋଗ ରାସ୍ତା ନିର୍ମାଣ ।

(୨) ପୁରୀ ବସ୍‌ଷ୍ଟାଣ୍ଡ ଅଞ୍ଚଳର ନିର୍ମାଣ ।

(୩) ସମ୍ବଲପୁର ଜେଲଛକଠାରୁ ଖେତରାଜପୁର ରାସ୍ତା ।

(୪) ସମ୍ବଲପୁର ଢେଙ୍କାନାଳରଠାରୁ ଘାଟକରାସ୍ତା ପର୍ଯ୍ୟନ୍ତ ।

(୫) ବାଲେଶ୍ୱର ମଣ୍ଡଳ ମାର୍କେଟ ଓ ବିଛରଗଂଜ ଠାରେ ବିକ୍ରୟ କେନ୍ଦ୍ର ।

(୬) ଗୋପାଳପୁର ଓ ବାଲେଶ୍ୱରରେ ଦର୍ଶନୀୟ ସ୍ଥାନ ଓ ସେବା ଯୋଜନା ।

(୭) ରାଉରକେଲା ସହରାଞ୍ଚଳରେ ପଣ୍ୟଗୃହ ସୁବିଧା ।

(୮) ରାଉରକେଲା ସହରାଞ୍ଚଳରେ ଟ୍ରକ ଟର୍ମିନାଲ


(୯) ରାଉରକେଲା ସହରାଞ୍ଚଳରେ ନୂତନ ସଂଯୋଗ ରାସ୍ତା ନିର୍ମାଣ ।

ଜୟପୁର ସହରର ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତି ଚାଲିଛି । ଏହା କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରାଯିବ ।

ସମ୍ବଲପୁରରେ ବସ୍ତି ଉନ୍ନୟନ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ମୋଟ ୪୯.୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ହିସାବ କରାଯାଉଛି । ଏଥିମଧ୍ୟରୁ ୟୁନିସେଫ୍ ୧୯.୨୬ ଲକ୍ଷ ଟଙ୍କା ଦେବେ ଓ ବାକିତକ ଟଙ୍କା ରାଜ୍ୟ ସରକାର ଓ ସମ୍ବଲପୁର ମ୍ୟୁନିସିପାଲିଟି ଯୋଗାଇଦେବେ । ସମ୍ବଲପୁରରେ ୫ଟି ବାଲଉଆଡ଼ି କେନ୍ଦ୍ର ଖୋଲଯିବା ସଙ୍ଗେସଙ୍ଗେ ରୋଗ ନିରୋଧକ କାର୍ଯ୍ୟକ୍ରମ ହା‌ତ‌କୁ ନିଆଯାଉଛି । ଏହା ବ୍ୟତୀତ ବସ୍ତି ଅଞ୍ଚଳରେ ନୂ‌ତନ ‌ନଳକୂପମାନ ବସାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ।

କଟକ, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ଓ ସମ୍ବଲପୁରରେ ପ୍ରଥମକରି ସୁଲଭ ଶୌଚାଳୟ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଏଥିପା ମୋଟ ୨୨ଟି ସାଧାରଣ ସ୍ନାନାଗାର ଓ ୧,୧୦୦ଟି ପାଇଖାନା ନିର୍ମିତ ହେବ । ଏବାବଦରେ ୟୁନିସେଫ୍ ଓ ରାଜ୍ୟ ସରକାର ଆର୍ଥିକ ଋଣ ଯୋଗାଇଦେବେ । କେତେକ ମନୋନୀତ ସହରାଞ୍ଚଳରେ ସ୍ନାନାଗାର ଓ ପାଇଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ୩ଲକ୍ଷ ଟଙ୍କା ମଂଜୁର କରିଛନ୍ତି ।

ୟୁନିସେଫ୍‌ର ସହାୟତାକ୍ରମେ ୧୯୮୨-୮୩ ଆର୍ଥିକ ବର୍ଷଠାରୁ କେନ୍ଦ୍ର ସରକାର କଟକ ସହରରେ ନଗରାଞ୍ଚଳ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ରାଜି ହୋଇଛନ୍ତି । ଏଥି ମଧ୍ୟରେ ଅଳିଆ ଆବର୍ଜନା ସଫା ବ୍ୟବସ୍ଥାର ଉନ୍ନତି, ପାଇଖାନା ନିର୍ମାଣ ବ୍ୟବସ୍ଥା, ପାଇପ୍‌ରେ ବିଶୁଦ୍ଧ ପାନୀୟ ଜଳଯୋଗାଣ, ଖେଳପଡ଼ିଆ ଓ ଆମୋଦ ପ୍ରମୋଦର ସୁବିଧା, ଆନୁଷ୍ଠାନିକ ସାକ୍ଷର କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ପୁରୀ, ସମ୍ବଲପୁର ବଲାଙ୍ଗିର, ବଡ଼ବିଲ୍, କେନ୍ଦ୍ରାପଡ଼ା, ବାରିପଦା, ବାଲେଶ୍ୱର, ଜୟପୁର ଓ ପାରଳାଖେମୁଣ୍ଡିରେ ଫ୍ଲସ୍ ପାଇଖାନା ନିର୍ମାଣ କରାଯିବ । ଏହି ଟାଉନ୍‌ଗୁଡ଼ିକରେ ଚଳିତବର୍ଷ ୯୦୦ଟି ସାନିଟାରୀ ପାଇଖାନା ମଧ୍ୟ ନିର୍ମାଣ କରିବା ପାଇଁ ପ୍ରସ୍ତାବ ହୋଇଛି ।



# ନୂତନ 'ବିଂଶସୂତ୍ରୀ'

ଡକ୍ଟର ଚକ୍ରଧର ମିଶ୍ର

ଦେଶର ସର୍ବାଙ୍ଗୀନ ବିକାଶ ତଥା ଜନସାଧାରଣଙ୍କ ଜୀବନ ଧାରଣ ମାନ ବୃଦ୍ଧି କରିବା ଦିଗରେ ଅଭିପ୍ରେତ ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସାଂପ୍ରତିକ ସରକାରଙ୍କ ପ୍ରତିଶ୍ରୁତିର ବାସ୍ତବ ରୂପାୟନ । ଆମ ରାଜ୍ୟରେ ଏହି ପ୍ରଗତିଶୀଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସକାଶେ ରାଜ୍ୟ ସରକାର ସକ୍ରିୟଭାବେ ଉଦ୍ୟମ କରିଆସୁଛନ୍ତି । ୧୯୮୨-୮୩ ଯୋଜନା ଆଟକଳରେ ଏ ବାବଦରେ ୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହି କାର୍ଯ୍ୟକ୍ରମ ସୁଷ୍ଠୁ ରୂପେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ସମୀକ୍ଷା କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ କମିଟି ଗଠିତ ହୋଇଛି । ଏହା ବ୍ୟତୀତ, ଜିଲ୍ଲା ଓ ସବ୍‌ଡିଭିଜନ ସ୍ତରରେ ମଧ୍ୟ ଏ ଧରଣର କମିଟିମାନ ରହିଛି । ଏପରିକି, ପ୍ରତ୍ୟେକ ଜିଲ୍ଲା ଦାୟିତ୍ୱରେ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ ରଖାଯାଇଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଯଥାଯଥଭାବେ କାର୍ଯ୍ୟକାରୀ ହେବା ଦିଗରେ ଉପରୋକ୍ତ ଧରଣର ବ୍ୟାପକ ତଦାରଖ ବ୍ୟବସ୍ଥା ବିଶେଷ ଫଳପ୍ରଦ ହୋଇପାରିଛି । ଯୋଜନା କମିଶନଙ୍କ ସମୀକ୍ଷା ଅନୁଯାୟୀ ବିଂଶସୂତ୍ରୀ କାର୍ଯ୍ୟକ୍ରମ ପରିସରଭୁକ୍ତ ବହୁ କାର୍ଯ୍ୟକ୍ରମ ଆମ ରାଜ୍ୟରେ ସଫଳତା ହାସଲ କରିପାରିଛି । ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ଆମ ରାଜ୍ୟରେ ସବୁଠାରୁ ବେଶି । ଆମ ରାଜ୍ୟରେ ବିପୁଳ ପ୍ରାକୃତିକ ସଂପଦ ରହିଥିବା ସତ୍ତ୍ୱେ ଏହା ହେଉଛି ଏକ ବ୍ୟତିକ୍ରମ । ୧୯୮୨ ଜାନୁଆରୀ ୧୪ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ଏହି କାର୍ଯ୍ୟକ୍ରମ ଆମ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ସୁଯୋଗ ଦେଉଛି ।

## ଜଳସେଚନ

ଆମ ରାଜ୍ୟରେ ପ୍ରଚୁର ଜଳ ସଂପଦ ରହିଛି । ଏଥିମଧ୍ୟରୁ ଅଧିକାଂଶ ଏ ପର୍ଯ୍ୟନ୍ତ ଉପଯୋଗ କରାଯାଇ ପାରିନାହିଁ । ୧୯୭୯-୮୦ ଶେଷ ସୁଦ୍ଧା ରାଜ୍ୟରେ ୧୨.୯୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିଥିଲା । ଏହି ସୁବିଧାକୁ ବିସ୍ତୃତ କରିବାପାଇଁ ବର୍ତ୍ତମାନର ସରକାର କାର୍ଯ୍ୟକ୍ରମ ସ୍ଥିର କରିଛନ୍ତି । ଏଥିମଧ୍ୟରୁ ଷଷ୍ଠ ଯୋଜନା କାଳରେ ୬ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯିବ । ଏହି ଯୋଜନାର ପ୍ରଥମ ଦୁଇ ବର୍ଷରେ ଆମେ ପ୍ରାୟ ୧.୯୦ ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ଜଳସେଚିତ କରିପାରିଛୁ । ଚଳିତ ବର୍ଷ ଅଧିକ ୧.୦୮ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରାଯିବା ସକାଶେ କାର୍ଯ୍ୟକ୍ରମ ରଖାଯାଇଛି । ନିର୍ମାଣାଧୀନ ଜଳସେଚନ ପରିକଳ୍ପନାଗୁଡ଼ିକ ଯେପରି ଠିକ୍ ସମୟ ମଧ୍ୟରେ ସଂପୂର୍ଣ୍ଣ ହୋଇ ପାରିବ, ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ବେସରକାରୀ ଉଦ୍ୟୋଗରେ ସେଚକୂପ ପ୍ରତିଷ୍ଠା କାର୍ଯ୍ୟ ହାତକୁ ନିଆଯାଇଛି । ବେସରକାରୀ ଉଠାଜଳସେଚନ କେନ୍ଦ୍ରଗୁଡ଼ିକର ବିଦ୍ୟୁତ୍‌କରଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ରାଜ୍ୟର ଶତକଡ଼ା ୭୫ ଭାଗ ଚାଷୋପଯୋଗୀ ଜମିରେ ଜଳସେଚନର ସୁବିଧା ନାହିଁ । ଏହା ସତ୍ତ୍ୱେ ଚାଷୀ ବିଶେଷ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ବାଛ ବିଚାର ନ କରି ସବୁ କିସମ ଜମିରେ ଧାନ ଚାଷ କରିବାପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି । କିନ୍ତୁ ପ୍ରତିକୂଳ ପାଗ ପରିସ୍ଥିତିଯୋଗୁଁ ସେମାନଙ୍କୁ କ୍ଷତି ସହିବାକୁ ପଡ଼େ । ଏଣୁ ହିଡ଼ ନ ଥିବା ଟିପ ଜମିର ଚାଷୀମାନେ ଏହା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଥାଆନ୍ତି । ଏ ପ୍ରକାର ପରିସ୍ଥିତିରୁ ଫସଲକୁ ରକ୍ଷା କରିବାପାଇଁ ଉପରୋକ୍ତ କିସମ ଜମିରେ ଧାନ ବଦଳରେ ମକା, ମାଣ୍ଡିଆ, ଯଅ, ମୁଗ, ଚିନାବାଦାମ ଓ ହରଡ଼ ପ୍ରଭୃତି ଚାଷ କରିବା ନିମନ୍ତେ ଆମେ ଉଦ୍ୟମ କରିଆସୁଛୁ । ଏ ଧରଣର ୫ ଲକ୍ଷ ହେକ୍ଟର ଜମି ମଧ୍ୟରୁ ୨.୫୨ ଲକ୍ଷ ହେକ୍ଟର ଜମିରେ ଧାନ ପରିବର୍ତ୍ତେ ଅନ୍ୟାନ୍ୟ ଫସଲ କରାଯାଇ ପାରିଛି । ଚଳିତ ବର୍ଷ ୦.୩୫ ଲକ୍ଷ ହେକ୍ଟର ଜମିରେ ଧାନ ପରିବର୍ତ୍ତେ ଅନ୍ୟାନ୍ୟ ଫସଲ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଡାଲି ଓ ତୈଳବୀଜ ଜାତୀୟ ଫସଲ

୧୯୭୯-୮୦ରେ ୧୬.୫୨ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯାଇଥିଲା । ୧୯୮୦-୮୧ ଓ ୧୯୮୧-୮୨ରେ ଯଥାକ୍ରମେ ୧୬.୨୫ ଲକ୍ଷ ଓ ୧୬.୩୧ ଲକ୍ଷ ହେକ୍ଟର ଜମିରେ ଏହି ଫସଲ କରାଗଲା । ଚଳିତ ବର୍ଷ ଡାଲି ଜାତୀୟ ଫସଲ ବୃଦ୍ଧି ସକାଶେ ୨୩.୬୪ ଲକ୍ଷ ହେକ୍ଟର ଜମିରେ ଏହି ଫସଲ କରାଯିବାର କାର୍ଯ୍ୟକ୍ରମ ରହିଛି । ତୈଳବୀଜ ଫସଲ ମଧ୍ୟ ସେହିଭଳି ଭାବେ ବୃଦ୍ଧି ପାଇଛି ।

୧୯୭୯-୮୦ ରେ ୭·୮୨ ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଫସଲ ହୋଇଥିବା ସ୍ଥଳେ ୧୯୮୧-୮୨ରେ ୮·୧୭ ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଫସଲ କରାଯାଇ ପାରିଛି । ଏହି ସମୟ ମଧ୍ୟରେ ଉତ୍ପାଦନ ହାର ମଧ୍ୟ ୨·୭୯ ଲକ୍ଷ ଟନ୍‌ରୁ ୫·୯୩ ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି । ଚଳିତ ବର୍ଷ ୧୧·୪୮ ଲକ୍ଷ ହେକ୍ଟର ଜମିରେ ତୈଳବୀଜ ଫସଲ କରି ୮·୦୮ ଲକ୍ଷ ଟନ୍ ତୈଳବୀଜ ଉତ୍ପାଦନ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଧିକ ଜମିରେ ଚିନାବାଦାମ ଚାଷ କରିବା ସକାଶେ ଏକ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉ ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ଘଟାଇବା । ୧୯୭୮-୭୯ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ ୧୯୮୧-୮୨ ଶେଷ ସୁଦ୍ଧା ୩୫୪,୮୫୦ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି । ଚଳିତ ବର୍ଷ ୨୦୮,୨୧୮ ଜଣ ବ୍ୟକ୍ତିଙ୍କୁ ଉପକୃତ କରାଯିବାପାଇଁ ପ୍ରସ୍ତାବ ରହିଛି । ସମ୍ବଳହୀନ ଗରିବ ଲୋକମାନଙ୍କୁ ଅର୍ଥ ଯୋଗାଣକାରୀ ସଂସ୍ଥା ବିଶେଷ କରି ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଋଣ ସାହାଯ୍ୟ ଦେଉନଥିବା ପରିଲକ୍ଷିତ ହେଉଛି । ଦରିଦ୍ରତମ ଲୋକଙ୍କୁ ସୁବିଧା ଦେବାପାଇଁ ବର୍ତ୍ତମାନର ସରକାର 'ଗ୍ରାମାଞ୍ଚଳ ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଉତ୍ଥାନ' କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଗ୍ରାମର ହାରାହାରି ୧୦ଟି ଲେଖାଏଁ ଦରିଦ୍ରତମ ପରିବାରଙ୍କୁ ଏହାର ଅନ୍ତର୍ଭୁକ୍ତ କରାଯିବ ।

ଷଷ୍ଠ ଯୋଜନା କାଳରେ ପର୍ଯ୍ୟାୟକ୍ରମେ ଏପରି ୫·୦୨ ଲକ୍ଷ ପରିବାରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପ୍ରସ୍ତାବ ରହିଛି । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉ, ପ୍ରତି ପରିବାର କୌଣସି ସମୁଚିତ ପରିକଳ୍ପନା ଜରିଆରେ ଯେପରି ବର୍ଷକୁ ଅନ୍ୟୂନ ୧,୫୦୦ ଟଙ୍କା ଧାରାବାହିକ ଭାବେ ରୋଜଗାର କରି ପାରିବେ, ସେ ଦିଗରେ ବ୍ୟବସ୍ଥା କରିବେ । ୧୯୮୧-୮୨ ଶେଷ ସୁଦ୍ଧା ୬୮.୭୭୮ଟି ପରିବାରଙ୍କୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଚଳିତ ବର୍ଷ ୧୦୨,୭୦୦ଟି ପରିବାରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବାପାଇଁ କାର୍ଯ୍ୟକ୍ରମ ରହିଛି ।

## ଗ୍ରାମ୍ୟ କର୍ମଯୋଗାଣ କାର୍ଯ୍ୟକ୍ରମ

ଜାତୀୟ ଗ୍ରାମ୍ୟ କର୍ମଯୋଗାଣ କାର୍ଯ୍ୟକ୍ରମ ଏକ କେନ୍ଦ୍ରୀୟ ଅନୁମୋଦିତ ପରିକଳ୍ପନା । ବ୍ୟାପକ ଶ୍ରମ କାର୍ଯ୍ୟ ଦ୍ୱାରା ଗ୍ରାମାଞ୍ଚଳ ଭିତ୍ତିଭୂମି ସୁଦୃଢ଼ କରିବା ସଙ୍ଗେ ସଙ୍ଗେ କର୍ମ ନିଯୁକ୍ତି ସୁବିଧା ସୃଷ୍ଟି କରିବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମ ଜରିଆରେ ୧୯୮୦-୮୧ ମଧ୍ୟରେ ୧୩·୨୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା । ୧୯୮୧-୮୨ ରେ ୧୪୭୦·୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ଗୋଟିଏ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ପ୍ରାୟ ୧୫୯·୪୭ ଲକ୍ଷ ଶ୍ରମ ଦିବସ ବାବଦରେ ୧୩୧୩·୦୮ ଲକ୍ଷ ଟଙ୍କା ଉପଯୋଗ କରାଯାଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ବୃକ୍ଷରୋପଣ, କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାର ଉନ୍ନତି, ଗ୍ରାମାଞ୍ଚଳ ରାସ୍ତା, ସ୍କୁଲ ଗୃହ, ପଞ୍ଚାୟତ ଘର, ଗ୍ରାମ୍ୟ ପୁଷ୍କରିଣୀ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ପ୍ରଭୃତି ହାତକୁ ନିଆଯାଇଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ବାବଦରେ ୧୬୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ଏହା ଫଳରେ ୧୬୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି ହୋଇପାରିବ ବୋଲି ଆଶା କରାଯାଏ ।

## ସିଲିଂ ବହିର୍ଭୂତ ଜମି ବଣ୍ଟନ

ଜମିର ଆବଶ୍ୟକତା ଥିବା ଲୋକମାନଙ୍କୁ ସିଲିଂ ଉଦ୍‌ବୃତ୍ତ ଜମି ଯୋଗାଇ ଦେବାପାଇଁ ସରକାର ତତ୍ପରତା ପ୍ରକାଶ କରୁଛନ୍ତି । ୧୯୮୧-୮୨ ଶେଷ ସୁଦ୍ଧା ମିଳିଥିବା ୧,୩୭,୧୭୯ ଏକର ଜମି ମଧ୍ୟରୁ ୧,୦୨,୨୧୪ ଏକର ଜମି ୭୮,୦୩୨ ଜଣ ଲୋକଙ୍କୁ ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ପ୍ରାୟ ୩୦,୦୦୦ ଏକର ଜମି ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି । ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ୧୯୮୧-୮୨ ମଧ୍ୟରେ ୨,୪୨୧ ଗ୍ରାମରେ ଏହା ସଂପୂର୍ଣ୍ଣ ହୋଇଛି । ରାଜ୍ୟର ମୋଟ ୫୧,୯୦୯ ଗ୍ରାମ ମଧ୍ୟରୁ ୩୭,୩୫୧ ଗ୍ରାମରେ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହେଲାଣି । ଚଳିତ ବର୍ଷ ୧,୨୧୧ଟି ଗ୍ରାମରେ ଏହା ସଂପୂର୍ଣ୍ଣ କରାଯିବାର ପ୍ରସ୍ତାବ ରହିଛି ।

## କୃଷି ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ

୧୯୮୦ ମସିହାରେ କୃଷି ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ହାର ସଂଶୋଧନ କରାଯାଇ ଦୈନିକ ୫ ଟଙ୍କା ଲେଖାଏଁ ଧାର୍ଯ୍ୟ କରାଯାଇଥିଲା । ସାଂପ୍ରତିକ ଦରଦାମ ବୃଦ୍ଧି ହେତୁ ଏହି ମଜୁରୀ ହାର ପୁନର୍ବାର ସଂଶୋଧନ କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି । ଗୋତି ଶ୍ରମିକମାନଙ୍କ ଚିହ୍ନଟ ଓ ଥଇଥାନ କାର୍ଯ୍ୟ ଚାଲିଛି । ଗୋତିମୁକ୍ତ ଶ୍ରମିକମାନେ ଇ. ଆର. ଆର. ପି. କାର୍ଯ୍ୟକ୍ରମଦ୍ୱାରା ଉପକୃତ ହେଉଛନ୍ତି । ୧୯୮୧-୮୨ ମଧ୍ୟରେ ୬,୦୪୫ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇପାରିଛି । ଚଳିତ ବର୍ଷ ୭,୫୦୦ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯିବାର କାର୍ଯ୍ୟକ୍ରମ ରହିଛି ।

## ଆଦିବାସୀ ଓ ହରିଜନ ଉନ୍ନୟନ ଯୋଜନା

ରାଜ୍ୟର ଆଦିବାସୀ ଓ ହରିଜନ ଶ୍ରେଣୀ ଲୋକଙ୍କ ଅର୍ଥନୈତିକ ବିକାଶ ଲାଗି ଆମର ଏକ ବ୍ୟାପକ କାର୍ଯ୍ୟକ୍ରମ ରହିଛି । ଏହାର ଉଦ୍ଦେଶ୍ୟ ହେଉଛି ଷଷ୍ଠ ଯୋଜନା କାଳ ମଧ୍ୟରେ ଉପଯୁକ୍ତ କାର୍ଯ୍ୟକ୍ରମ ଜରିଆରେ ଏପରି ଶତକଡ଼ା

୫୦ ଭାଗ ପରିବାରଙ୍କର ଦାରିଦ୍ର୍ୟ ମୋଚନ କରିବା । ୧୯୮୧-୮୨ ସୁଦ୍ଧା ପ୍ରାୟ ୧୩୩,୨୧୨ ହରିଜନ ପରିବାର ଓ ୧୦୯,୩୭୧ ଆଦିବାସୀ ପରିବାର ବିଭିନ୍ନ ଅର୍ଥନୈତିକ କାର୍ଯ୍ୟକ୍ରମ ଅନୁଯାୟୀ ଉପକୃତ ହୋଇପାରିଥାନ୍ତେ । ଚଳିତ ବର୍ଷ ୧୬,୫୭୬ ହରିଜନ ପରିବାର ଓ ୧୦୨,୫୦୦ ଆଦିବାସୀ ପରିବାରଙ୍କୁ ସାହାଯ୍ୟ ଦିଆଯିବ । ୧୯୮୧-୮୨ ସମବାୟ ବର୍ଷରେ ୨୨,୦୦୦ ହରିଜନ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରିବାପାଇଁ ହରିଜନ ଅର୍ଥ ଯୋଗାଣକାରୀ ସମବାୟ ନିଗମର କାର୍ଯ୍ୟକ୍ରମ ରହିଛି । ତନ୍ମଧ୍ୟରୁ ୧୯୮୨ ମାର୍ଚ୍ଚ ସୁଦ୍ଧା ୧୫,୦୦୦ ପରିବାରଙ୍କୁ ଏହାର ପରିସରଭୁକ୍ତ କରାଯାଇଛି । ପ୍ରାଥମିକ ଶିକ୍ଷାସ୍ତର କରୁଥିବା ଆଦିବାସୀ ଛାତ୍ରଙ୍କ ଉନ୍ନତିକଳ୍ପେ ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଛାତ୍ରାବାସ ପ୍ରତିଷ୍ଠା କରିବାପାଇଁ ବର୍ତ୍ତମାନର ସରକାରଙ୍କର କାର୍ଯ୍ୟକ୍ରମ ରହିଛି ।

## ପାନୀୟ ଜଳ ଯୋଗାଣ

ପାନୀୟ ଜଳାଭାବ ଗ୍ରାମଗୁଡ଼ିକର ଅସୁବିଧା ଦୂର କରିବା ଦିଗରେ ଆମେ ବିଶେଷ ସଫଳତା ହାସଲ କରିପାରିଛୁ । ୧୯୮୨ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୨୭,୦୭୭ ଜଳାଭାବଗ୍ରସ୍ତ ଗ୍ରାମଗୁଡ଼ିକ ମଧ୍ୟରୁ ୨୨,୭୨୭ ଗ୍ରାମକୁ ପାନୀୟ ଜଳର ସୁବିଧା ଯୋଗାଇ ଦିଆଯାଇଛି । ପାନୀୟ ଜଳ ନିମନ୍ତେ ଅସୁବିଧା ଥିବା ୨୭,୦୭୭ ଗ୍ରାମରେ ୪୨,୨୩୫ଟି ନଳକୂପ ଓ ୨୦,୦୨୬ଟି ସ୍ୱାସ୍ଥ୍ୟକର କୂପର ଆବଶ୍ୟକତା ରହିଛି । ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳସ୍ଥ ୪,୧୨୨ ଗ୍ରାମରେ ୨୨ କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ଯୋଗାଇ ଦେବାପାଇଁ ଡ୍ୟାନିସ୍ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥା ଜରିଆରେ ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

## ଘରଡ଼ିହ ଓ ବାସଗୃହ ଯୋଜନା

ଘରଡ଼ିହ ନ ଥିବା ଲୋକଙ୍କୁ ଘରଡ଼ିହ ଯୋଗାଇ ଦେବା କାର୍ଯ୍ୟକ୍ରମ ପ୍ରତି ବିଶେଷ ତତ୍ପରତା ପ୍ରକାଶ କରାଯାଇଛି । ୧୯୭୪-୭୫ରେ ଏହି ପରିକଳ୍ପନା ଆରମ୍ଭ ହେବାଠାରୁ ୧୯୮୨ ମାର୍ଚ୍ଚ ସୁଦ୍ଧା ୨୧୧,୧୫୭ ଜଣ ବ୍ୟକ୍ତିଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି । ତନ୍ମଧ୍ୟରୁ ୧୯୮୧-୮୨ ମଧ୍ୟରେ ୧୦,୯୮୩ ଜଣ ବ୍ୟକ୍ତି ଉପକୃତ ହୋଇଛନ୍ତି ।

ହୁଡ୍କୋ ସହାୟତାରେ ବନ୍ୟାଗ୍ରସ୍ତ ଅଞ୍ଚଳରେ ମୋଟ ୭୩୩·୨୦ ଲକ୍ଷ ଟଙ୍କା ବ୍ୟୟରେ ସ୍ୱଳ୍ପ ଖର୍ଚ୍ଚରେ ୨୦,୦୦୦ ବାସଗୃହ ନିର୍ମାଣପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ୧୯୮୧-୮୨ରେ ଏଥିମଧ୍ୟରୁ ୨,୨୮୬ଟି ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି । ୧୫ଟି ପକେଟ୍‌ରେ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ଶେଷ ହୋଇଆସିଲାଣି । ୟୁନିସେଫ୍ ସହାୟତାରେ ଛୋଟ ଓ ମଧ୍ୟମ ଧରଣ ସହରଗୁଡ଼ିକର ବିକାଶପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ବଲପୁର ସହରରେ କାର୍ଯ୍ୟକାରୀ ହେଉଛି ।

## ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି

ଆମର ଆକାଂକ୍ଷିତ ଶିଳ୍ପ କାର୍ଯ୍ୟକ୍ରମକୁ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବା ଲାଗି ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ବିଶେଷ ଆଗ୍ରହୀ । ସ୍ୱଳ୍ପ ସମୟ ମଧ୍ୟରେ ଆଉ ଅଧିକ ୬୦୦ ମେଗାୱାଟ୍ ଓ ଦୀର୍ଘ ମିଆଦୀ କାର୍ଯ୍ୟକ୍ରମରେ ଅଧିକ ୨,୬୦୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରିବା ଲାଗି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସ୍ୱଳ୍ପ ମିଆଦୀ ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକ୍ରମ ମଧ୍ୟରୁ ଷଷ୍ଠ ଯୋଜନା ଶେଷ ସୁଦ୍ଧା ୫୧୭ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । ୧୯୮୧-୮୨ରେ ୩,୫୦୫ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରାଯାଇଥିଲା । ଗତବର୍ଷ ୩,୨୭୨ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦିତ ହୋଇଥିଲା । ଏ ବର୍ଷର ବିଦ୍ୟୁତ୍ ଉତ୍ପାଦନ ଗତବର୍ଷର ବିଦ୍ୟୁତ୍ ଉତ୍ପାଦନଠାରୁ ଶତକଡ଼ା ୭·୧୨ ଭାଗ ବେଶୀ । ଚଳିତ ବର୍ଷ ୩,୬୨୨ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ କରିବାପାଇଁ କାର୍ଯ୍ୟକ୍ରମ ରହିଛି । ଷଷ୍ଠ ଯୋଜନା କାଳରେ ୬,୫୩୫ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରିବାପାଇଁ ଆମର କାର୍ଯ୍ୟକ୍ରମ ରହିଛି । ୧୯୮୦-୮୧ରେ ୧,୫୭୩ ଏବଂ ୧୯୮୧-୮୨ରେ ୧,୨୨୬ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା ଓ ଚଳିତ ବର୍ଷ ୧,୨୦୦ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦେବାଲାଗି କାର୍ଯ୍ୟକ୍ରମ ରହିଛି ।

## ବୃକ୍ଷରୋପଣ

୧୯୮୦-୮୧ରେ ୪୩,୬୯୭ ହେକ୍ଟର ଜମିରେ ନୂତନ ବୃକ୍ଷରୋପଣ କରାଯାଇଥିଲା । ୧୯୮୧-୮୨ରେ ୫୬,୪୫୮ ହେକ୍ଟର ଜମିରେ ନୂତନ ବୃକ୍ଷରୋପଣ କରାଯାଇଛି । ବିଭିନ୍ନ ଧରଣର ବୃକ୍ଷରୋପଣ, ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବୃକ୍ଷରୋପଣ ଓ ଗ୍ରାମାଞ୍ଚଳରେ ଜାଳେଣି କାଠପାଇଁ ବୃକ୍ଷରୋପଣ ଭଳି ସାମାଜିକ ଜଙ୍ଗଲ କାର୍ଯ୍ୟକ୍ରମ ଏଥିର ଅନ୍ତର୍ଭୁକ୍ତ । ୧୯୮୧-୮୨ରେ ୬୧,୬୭୫ ଲକ୍ଷ ଚାରା ବଣ୍ଟନ କରାଯାଇଥିଲା । ଚଳିତ ବର୍ଷ ୬୧,୦୦୦ ହେକ୍ଟର ଜମିରେ ନୂତନ ବୃକ୍ଷରୋପଣ ଓ ୮୯ଲକ୍ଷ ଚାରା ବଣ୍ଟନ କରିବାପାଇଁ କାର୍ଯ୍ୟକ୍ରମ ରହିଛି । ଜୈବିକ ଗ୍ୟାସପାଇଁ ଏକ ଜାତୀୟ ପରିକଳ୍ପନା ନିକଟରେ ରାଜ୍ୟରେ ପ୍ରବର୍ତ୍ତନ କରାଯାଇଛି । ଷଷ୍ଠ ଯୋଜନା କାଳରେ ଏହି ପରିକଳ୍ପନା ଅନୁଯାୟୀ ୨୦,୦୦୦ ଜୈବିକ ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ୧୯୮୦-୮୧ ସୁଦ୍ଧା ୭୪୦ଟି ଗୋବର ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଥିଲା । ୧୯୮୧-୮୨ରେ ୨୪୮ଟି ନୂତନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି ଏବଂ ଚଳିତ ବର୍ଷ ୩,୦୦୦ ପ୍ଲାଣ୍ଟ ପ୍ରତିଷ୍ଠା କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାକୁ ୭ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଛି । କଟକ ସହରପାଇଁ ଏକ ଗୋଷ୍ଠୀ ଜୈବିକ ଗ୍ୟାସ କାରଖାନା କରାଯାଇଛି । ରାଜ୍ୟରେ ସୌର ଶକ୍ତିରୁ ଗ୍ୟାସ ସଂଗ୍ରହ କରି ଇନ୍ଧନ କାର୍ଯ୍ୟ ସଂପାଦନ ନିମନ୍ତେ ଚୁଲି ତିଆରି କରାଯାଇଛି । ୧,୦୦୦ଟି ସୌର ଚୁଲି ବିକ୍ରୟପାଇଁ ସବ୍‌ସିଡ଼ି

ଦିଆଯାଉଛି ଓ କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ପବନ କଳ (ଉଇଣ୍ଡ ମିଲ୍) ଓ ଜୈବିକ ଗ୍ୟାସ ପ୍ଲାଣ୍ଟ ବିଭାଗୀୟ ଫାର୍ମଗୁଡ଼ିକରେ ପ୍ରଦର୍ଶନ କରାଯାଉଛି ।

## ପରିବାର ନିୟୋଜନ କାର୍ଯ୍ୟକ୍ରମ

ଗୋଟିଏ ଦଶନ୍ଧି ମଧ୍ୟରେ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି-ହାର ହ୍ରାସ ପାଇଛି । ଅର୍ଥାତ୍ ୧୯୬୧–୭୧ ରେ ଲୋକ ସଂଖ୍ୟା ବୃଦ୍ଧି ଶତକଡ଼ା ୨୫·୦୫ ଥିବା ସ୍ଥଳେ ୧୯୭୧–୮୧ରେ ଏହାର ହାର ଶତକଡ଼ା ୧୯·୭୨ ହୋଇଛି । ଷଷ୍ଠ ଯୋଜନା କାଳରେ ୧୮·୯୨ ଲକ୍ଷ ଦମ୍ପତିଙ୍କୁ ପରିବାର ନିୟୋଜନର ପରିସରଭୁକ୍ତ କରିବାପାଇଁ ଏବଂ ଜାତୀୟ ଜନସଂଖ୍ୟା ହ୍ରାସ ହାର ୧·୪୯ରୁ ୧·୩୯କୁ କମାଇବାପାଇଁ ପ୍ରସ୍ତାବ ରହିଛି । ଷଷ୍ଠ ଯୋଜନା କାଳରେ ୭·୬୧ ଲକ୍ଷ ବନ୍ଧ୍ୟାକରଣ ଏବଂ ୧·୫୨ ଲକ୍ଷ ଲୁପ୍ ଦେବାପାଇଁ କାର୍ଯ୍ୟକ୍ରମ ରହିଛି । ୧୯୮୦-୮୧ରେ ୯୨,୯୮୯ ଜଣଙ୍କୁ ବନ୍ଧ୍ୟାକରଣ ଓ ୧୭,୨୬୮ ଜଣଙ୍କୁ ଲୁପ୍ ଦିଆଯାଇଥିଲା । ୧୯୮୧-୮୨ ମସିହା ମାର୍ଚ୍ଚ ସୁଦ୍ଧା ୧୦୮,୬୦୦ ଜଣଙ୍କୁ ବନ୍ଧ୍ୟାକରଣ ଓ ୨୦,୬୧୬ ଜଣଙ୍କୁ ଲୁପ୍ ଦିଆଯାଇଥିଲା ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଂଖ୍ୟା ୧୯୮୦ ଏପ୍ରିଲ ପହିଲା ସୁଦ୍ଧା ୩୧୪ ଥିଲା । ଷଷ୍ଠ ଯୋଜନା କାଳରେ ତାହା ୩୩୪କୁ ବୃଦ୍ଧି କରାଯାଉଛି । ୧୯୮୧-୮୨ରେ ୨ ଗୋଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବସାଯାଇଛି । ଚଳିତ ବର୍ଷ ୩ଟି ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଷଷ୍ଠ ଯୋଜନା କାଳରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଯିବ । ଚଳିତ ବର୍ଷ ୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଗଲାଣି । ନିକଟରେ ଆଉ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଯିବ । ଅବଶିଷ୍ଟ ଦୁଇଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଗାମୀ ବର୍ଷ ଉନ୍ନୀତ କରାଯିବ । ବ୍ରିଟିଶ ସାହାଯ୍ୟ ପରିକଳ୍ପନା ଅନୁଯାୟୀ ୨୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନୀତ କରାଯିବ । ଷଷ୍ଠ ଯୋଜନା କାଳରେ ୧୦୦ ଗୋଟି ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଥି ମଧ୍ୟରୁ ୨୦ଟି ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଗଲାଣି ଏବଂ ଚଳିତ ବର୍ଷ ଆଉ ୨୫ଟି ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯିବାର ପ୍ରସ୍ତାବ ରହିଛି । ୧୯୮୧-୮୨ରେ ୭୪୯ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ୪୦୦ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ରତିଷ୍ଠା କରାଯିବା ସକାଶେ କାର୍ଯ୍ୟକ୍ରମ ରହିଛି । ରାଜ୍ୟର ମୋଟ ୩୧୪ଟି ବ୍ଲକ ମଧ୍ୟରୁ ଅଦ୍ୟାବଧି ୨୧୬ଟି ବ୍ଲକରେ ସ୍ୱାସ୍ଥ୍ୟ ଗାଇଡ୍ ପରିକଳ୍ପନା ପ୍ରବର୍ତ୍ତନ କରାଯାଇଛି । ୧୯୮୧ ଡିସେମ୍ବର ୩୧ ତାରିଖ ସୁଦ୍ଧା ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ଗାଇଡ଼ଙ୍କ ସଂଖ୍ୟା ୧୩,୦୩୭ ଥିଲା । ଷଷ୍ଠ ଯୋଜନା କାଳରେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ ଗାଇଡ଼ଙ୍କ ସଂଖ୍ୟା ୨୦ ହଜାରକୁ ବୃଦ୍ଧି କରାଯାଉଛି । ୧୯୮୧-୮୨ ମଧ୍ୟରେ ୨୧,୯୯୯ ଜଣ ବ୍ୟକ୍ତି କୁଷ୍ଠ ରୋଗ-ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା । ଏଥିମଧ୍ୟରୁ ୧·୬୪ ଲକ୍ଷ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । ସ୍ୱାସ୍ଥ୍ୟ ସଂପର୍କିତ ଶିକ୍ଷାଦାନ, ବ୍ୟାପକ ରୋଗ ସର୍ଭେ, ପ୍ରାଥମିକ ଅବସ୍ଥାରେ ରୋଗ ଚିହ୍ନଟ, ରୋଗୀମାନଙ୍କ ନିୟମିତ ଚିକିତ୍ସା ଏବଂ ଶାରୀରିକ ଅସମର୍ଥ ତଥା ରୋଗମୁକ୍ତ ଲୋକମାନଙ୍କ ଥଇଥାନ କାର୍ଯ୍ୟ ବ୍ୟାପକତର କରାଯାଉଛି । ୧୯୮୧-୮୨ରେ ୧୭,୪୫୦ ଜଣ ବ୍ୟକ୍ତି ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିବାର ଜଣାପଡ଼ିଥିଲା । ଏ କ୍ଷେତ୍ରରେ ରୋଗ ଚିହ୍ନଟ କରି ଫଳପ୍ରଦ ଚିକିତ୍ସା ବ୍ୟବସ୍ଥା କରିବା ଦିଗରେ ବିଶେଷ ଯତ୍ନ ନିଆଯାଉଛି । ୧୯୮୧-୮୨ ଫେବୃଆରୀ ଶେଷ ସୁଦ୍ଧା ୭·୮୬ ଲକ୍ଷ ଲୋକଙ୍କୁ ରୋଗ ପ୍ରତିଷେଧକ ଟୀକା ଦିଆଯାଇଥିଲା । ରାଜ୍ୟରେ ଦୃଷ୍ଟିହୀନତା ନିରାକରଣ ଏବଂ ଅନ୍ଧତ୍ୱ ନିୟନ୍ତ୍ରଣ ନିମନ୍ତେ ଏକ ଜାତୀୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । ରାଜ୍ୟରେ ଥିବା ମେଡ଼ିକାଲ କଲେଜଗୁଡ଼ିକ ପକ୍ଷରୁ ୧୯୮୦-୮୧ ଏବଂ ୧୯୮୧-୮୨ (୧୯୮୨ ଫେବୃଆରୀ ୨୮ ତାରିଖ ସୁଦ୍ଧା) ମଧ୍ୟରେ ୩ ଗୋଟି ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା କେନ୍ଦ୍ର ଜରିଆରେ ବିଭିନ୍ନ ସ୍ଥାନରେ ୨୭,୧୪୯ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା ଓ ଏଥିମଧ୍ୟରୁ ୫,୦୯୭ ଜଣ ବ୍ୟକ୍ତିଙ୍କ ଚକ୍ଷୁରେ ଅସ୍ତ୍ରୋପଚାର ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବାପାଇଁ ବିଭିନ୍ନ ହାସପାତାଳରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଉଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୁବନେଶ୍ୱରଠାରେ ଏକ ଟ୍ରପିକାଲ୍ ରୋଗ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି ।

ମହିଳାମାନେ, ବିଶେଷକରି ଗ୍ରାମାଞ୍ଚଳ ମହିଳାମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ପଦକ୍ଷେପ ନିଆଯାଉଛି । ରାଜ୍ୟରେ ଥିବା ବହୁ ସଂଖ୍ୟକ ମହିଳା ସମିତି ଜରିଆରେ ସରକାର ନାନାପ୍ରକାରର ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ ଯୋଗାଇ ଦେଉଛନ୍ତି । ମହିଳାମାନଙ୍କୁ ବିଭିନ୍ନ ଧନ୍ଦାରେ ତାଲିମ ଦେବାର ବ୍ୟବସ୍ଥା କରାଯାଉଛି । ଫଳରେ ସେମାନେ ନିଜ ନିଜର ପାରିବାରିକ ଆୟ ବୃଦ୍ଧି କରିପାରିବେ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା ଦିଗରେ ସମର୍ଥ ହୋଇପାରିବେ । ୧୯୮୧-୮୨ ଶେଷ ସୁଦ୍ଧା ରାଜ୍ୟରେ ୧୬ଟି ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଚଳିତ ବର୍ଷ ୧୧ଟି ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା କାର୍ଯ୍ୟକାରୀ ହେବା ନିମନ୍ତେ ବ୍ୟବସ୍ଥା ରଖାଯାଇଛି । ୧୯୮୦-୮୧ରେ ଶତକଡ଼ା ୮୪·୦ଭାଗ ୬ରୁ ୧୧ବର୍ଷ ବୟସର ଶିଶୁ (ପୁଅ ଓ ଝିଅ) ସ୍କୁଲରେ ନାମ ଲେଖାଇଥିବା ସ୍ଥଳେ ୧୯୮୧-୮୨ରେ ଏହି ହାର ଶତକଡ଼ା ୮୫·୭କୁ ବୃଦ୍ଧି ପାଇଥିଲା । ସେହିଭଳି ୧୯୮୦-୮୧ରେ ଶତକଡ଼ା ୩୧·୫ଭାଗ ୧୧ରୁ ୧୪ବର୍ଷ ବୟସର ପିଲା ନାମ ଲେଖାଇଥିବାବେଳେ ବର୍ତ୍ତମାନ ଏହି ହାର ୩୩·୪ ଭାଗକୁ ବୃଦ୍ଧି ପାଇଛି । ୧୯୮୦-୮୧ରେ ଶତକଡ଼ା ୬୮·୦ ଭାଗ ୬ରୁ ୧୧ବର୍ଷ ବୟସର ଝିଅ, ଶତକଡ଼ା ୨୦·୯ ଭାଗ ୧୧ରୁ ୧୪ବର୍ଷ ବୟସର ଝିଅ, ନାମ ଲେଖାଇଥିଲେ । ୧୯୮୧-୮୨ରେ ଏହି ହାର ଯଥାକ୍ରମେ ଶତକଡ଼ା ୬୯·୫ ଏବଂ ଶତକଡ଼ା ୨୨·୭ ବୃଦ୍ଧି ପାଇଛି । ଅଣ-ଆନୁଷ୍ଠାନିକ ଶିକ୍ଷା କେନ୍ଦ୍ରରେ ୧୯୮୦-୮୧ରେ ୨୪,୦୦୦ ପିଲା ନାମ ଲେଖାଇଥିଲେ । ୧୯୮୧-୮୨ରେ ଏହା ୫୬,୦୦୦କୁ ବୃଦ୍ଧି ପାଇଛି । ପୁନଶ୍ଚ ଅଣ-ଆନୁଷ୍ଠାନିକ

ଶିକ୍ଷା କ୍ଷେତ୍ରରେ ୧୯୮୦-୮୧ରେ ୮,୦୦୦ ଛିଥ ନାମ ଲେଖାଇଥିବା ସ୍ଥଳେ ୧୯୮୧-୮୨ରେ ତାହା ୧୮,୪୦୦କୁ ବୃଦ୍ଧି ପାଇଛି ।

## ସୁଲଭ ମୂଲ୍ୟ ଦୋକାନ

ରାଜ୍ୟରେ ପ୍ରାୟ ୧୭,୦୦୦ରୁ ଅଧିକ ସଂଖ୍ୟକ ସୁଲଭ ମୂଲ୍ୟ ଦୋକାନ ରହିଛି । ପ୍ରତ୍ୟେକ ଗ୍ରାମ-ପଞ୍ଚାୟତରେ ଅନ୍ତତଃ ଗୋଟିଏ ଲେଖାଏଁ ସମବାୟ ଖାଉଟି ଭଣ୍ଡାର ଖୋଲିବା ସକାଶେ ରାଜ୍ୟ ସରକାର ସ୍ଥିର କରିଛନ୍ତି । ୧୯୮୧-୮୨ ସୁଦ୍ଧା ୩,୧୦୨ଟି ଗ୍ରାମପଞ୍ଚାୟତରେ ୩,୮୪୨ଟି ସମବାୟ ସଂସ୍ଥା କାର୍ଯ୍ୟ କରୁଛି । ସରକାରୀ ବଣ୍ଟନ ବ୍ୟବସ୍ଥାକୁ ସୁଗମ ରୂପେ ସଂପାଦନ କରିବାପାଇଁ ରାଜ୍ୟ ଯୋଗାଣ କର୍ପୋରେସନ ଗଠନ କରାଯାଇଛି । ଏହି କର୍ପୋରେସନ ଗହମ, ଲେଭି ଚିନି ଓ ଗୁ ପ୍ରଭୃତିର ବଣ୍ଟନ ବ୍ୟବସ୍ଥା ପରିଚାଳନା କରିବା ସଙ୍ଗେ ସଙ୍ଗେ ବିଦେଶରୁ ଆମଦାନୀ କରାଯାଇଥିବା ଖାଇବା ତେଲ କାରବାର କରିଥାଏ । ଏହା ବ୍ୟତୀତ ଅସାଧାରଣ ମୂଲ୍ୟବୃଦ୍ଧି ରୋକିବା ସକାଶେ କର୍ପୋରେସନ ପକ୍ଷରୁ ପ୍ରଚୁର ପରିମାଣର ସୋରିଷତେଲ ମହଜୁଦ୍ ରଖାଯାଇଛି ।

## ନୂତନ ଶିଳ୍ପ ପ୍ରତିଷ୍ଠା

ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠାପାଇଁ ରାଜ୍ୟ ସଦରମହକୁମାଠାରେ ସରକାରଙ୍କ ପକ୍ଷରୁ ଏକକ ଯୋଗସୂତ୍ର କେନ୍ଦ୍ର ଗଠନ କରାଯାଇଛି । ଶିଳ୍ପ ପ୍ରତିଷ୍ଠା ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ୨୧ ଦିନ ମଧ୍ୟରେ ଫଏସଲା କରାଯିବାର ବ୍ୟବସ୍ଥା ରଖାଯାଇଛି । ନୂତନ ଶିଳ୍ପନୀତି ଫଳରେ ତୁରନ୍ତ ଲାଭ ପାଇବା ସହଜ ସାଧ୍ୟ ହୋଇଛି । ୧୯୮୧-୮୨ରେ ୫୫ଟି ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା ଓ ଏଥିରେ ୧୫,୪୩୧ ଜଣ ବ୍ୟକ୍ତିଙ୍କୁ କର୍ମନିଯୁକ୍ତି ମିଳିଥିଲା । ୧୯୮୨-୮୩ ମଧ୍ୟରେ ୮୪ଟି ନୂତନ ଶିଳ୍ପ ପ୍ରତିଷ୍ଠା କରାଯିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରେ ୨୨,୧୩୫ଜଣ ବ୍ୟକ୍ତି କର୍ମ-ନିଯୁକ୍ତି ପାଇପାରିବେ । ହସ୍ତତନ୍ତର ବିକାଶ ନିମନ୍ତେ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଷଷ୍ଠ ଯୋଜନାର ପ୍ରାରମ୍ଭରେ ସମବାୟ ଉଦ୍ୟୋଗରେ ୩୦,୦୦୦ ତନ୍ତ ରହିଥିଲା । ସମବାୟ ଉଦ୍ୟୋଗରେ ଅଧିକ ୪୫,୦୦୦ ତନ୍ତକୁ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ଷଷ୍ଠ ଯୋଜନାରେ ବ୍ୟବସ୍ଥା ରଖାଯାଇଛି । ଏହି ସମୟ ମଧ୍ୟରେ ୨୦,୦୦୦ ତନ୍ତ ହସ୍ତତନ୍ତ ଉନ୍ନୟନ କର୍ପୋରେସନ୍ ପରିସରଭୁକ୍ତ କରିବାକୁ କାର୍ଯ୍ୟକ୍ରମ ରହିଛି । ରାଜ୍ୟରେ ଥିବା ମୋଟ ୧·୦୫ଲକ୍ଷ ତନ୍ତ ମଧ୍ୟରୁ ଷଷ୍ଠ ଯୋଜନା ଶେଷ ସୁଦ୍ଧା ଏହିଭଳି ଭାବରେ ୯୫,୦୦୦ ତନ୍ତ ସଙ୍ଗଠିତ ଉଦ୍ୟୋଗରେ କାର୍ଯ୍ୟ କରିବ । ୧୯୮୧-୮୨ ମଧ୍ୟରେ ସଙ୍ଗଠିତ ଉଦ୍ୟୋଗରେ ୧୧,୯୫୫ଟି ତନ୍ତ କାର୍ଯ୍ୟ କରୁଥିଲା ।

ଷଷ୍ଠ ଯୋଜନା କାଳରେ ରାଜ୍ୟରେ ୧୦୪·୭୧ କୋଟି ଟଙ୍କା ବିନିଯୋଗରେ ୧୪,୦୦୦ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହା କାର୍ଯ୍ୟକାରୀ ହେଲେ ପ୍ରାୟ ୧·୦୪ଲକ୍ଷ ଲୋକଙ୍କୁ କର୍ମ-ନିଯୁକ୍ତି ମିଳିପାରିବ । ୧୯୮୦-୮୧ ଓ ୧୯୮୧-୮୨ ମଧ୍ୟରେ ଯଥାକ୍ରମେ ୨,୦୦୦ ଓ ୨,୬୦୦ କ୍ଷୁଦ୍ରଶିଳ୍ପ ରାଜ୍ୟରେ ପ୍ରତିଷ୍ଠା ହୋଇପାରିଛି । ଏ ବାବଦରେ ୩୧·୯୫ କୋଟି ଟଙ୍କା ବିନିଯୋଗ କରାଯିବା ସଙ୍ଗେ ସଙ୍ଗେ ପ୍ରାୟ ୩୨ ହଜାର ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦିଆଯାଇପାରିଛି । ୧୯୮୧-୮୨ ମଧ୍ୟରେ ଗ୍ରାମ୍ୟ ଶିଳ୍ପ ସମେତ ୫୭,୭୬୯ଟି କାରିଗରି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା । ଏହାଫଳରେ ୯୫,୪୧୩ ଜଣ ବ୍ୟକ୍ତିଙ୍କୁ କର୍ମ ନିଯୁକ୍ତି ମିଳିଥିଲା ।

## ବିକ୍ରୟ ଟିକସ ଫାଙ୍କି

ରାଜ୍ୟ ଦୁର୍ନୀତି ନିବାରଣ ସଂସ୍ଥା ଟିକସ ଫାଙ୍କି ଘଟଣା ଧରିବା ଦିଗରେ ବିଶେଷ ତତ୍ପରତା ପ୍ରକାଶ କରିଛନ୍ତି । ୧୯୮୧ରେ ଏହି ସଂସ୍ଥା ୧,୪୦୬ଟି ବିକ୍ରୟ ଟିକସ ଫାଙ୍କି ଘଟଣା ଧରିଥିଲେ । ୯·୪୮ କୋଟି ଟଙ୍କା କାରବାରରେ ୨୪·୮୦ କୋଟି ଟଙ୍କା ବିକ୍ରୟ ଟିକସ ଫାଙ୍କି ଏହି ମାମଲା ସହ ସଂଶ୍ଳିଷ୍ଟ । ୧୯୮୨ ମସିହାର ପ୍ରଥମ ୩ ମାସ ମଧ୍ୟରେ ଏହି ସଂସ୍ଥା ୭·୧୭ କୋଟି ଟଙ୍କା କାରବାରରେ ୨୨୭ଟି ବିକ୍ରୟ ଟିକସ ଫାଙ୍କି ଘଟଣା ଧରିଥିଲେ । ଏଥିରେ ୨·୫୨ କୋଟି ଟଙ୍କା ସଂଶ୍ଳିଷ୍ଟ । ୧୯୮୧ ମସିହାରେ ଏହି ସଂସ୍ଥା ଜଙ୍ଗଲରୁ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟର ଚୋରାକାରବାର ସଂକ୍ରାନ୍ତ ୫୯୫ଟି ଘଟଣା ଧରିଥିଲେ । ଏହି ଘଟଣାରେ ୬୪୬ ଜଣ ବ୍ୟକ୍ତି ଜଡ଼ିତ ଥିଲେ ଏବଂ ଧରା ଯାଇଥିବା କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟ ପ୍ରାୟ ୩୪·୨୬ ଲକ୍ଷ ଟଙ୍କା । ୧୯୮୨ ମସିହାର ପ୍ରଥମ ୩ ମାସ ମଧ୍ୟରେ ଜଙ୍ଗଲ ସଂକ୍ରାନ୍ତ ଅପରାଧପାଇଁ ୨୪୦ଟି ଘଟଣା ଧରାଯାଇଥିଲା ଓ ଏଥିରେ ୨୨୭ ଜଣ ବ୍ୟକ୍ତି ସଂଶ୍ଳିଷ୍ଟ । ଏ ବାବଦରେ ଯେଉଁ ଜଙ୍ଗଲଜାତ ଦ୍ରବ୍ୟ ଧରାଯାଇଥିଲା, ତା'ର ମୂଲ୍ୟ ୧୦·୧୬ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

ସରକାରୀ ଉଦ୍ୟୋଗରେ ପରିଚାଳିତ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସକାଶେ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତା-ରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏହି ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପ ଏହି କମିଟି ଅନୁଧ୍ୟାନ କରୁଛନ୍ତି । ଶିଳ୍ପ ଉନ୍ନୟନ କର୍ପୋରେସନ, ଓଡ଼ିଶା ଜଙ୍ଗଲ କର୍ପୋରେସନ୍, ଓଡ଼ିଶା ଖଣି କର୍ପୋରେସନ, ରାଜ୍ୟ ପଣ୍ୟାଗାର କର୍ପୋରେସନ୍ ଭଳି ବୃହତ୍ ସଂସ୍ଥା ଲାଭବାନ୍ ହୋଇଛନ୍ତି ବୋଲି ସମୀକ୍ଷାରୁ ଜଣା-ପଡ଼ିଛି ।


କୋଡ଼ିଏ ଦଫା କାର୍ଯ୍ୟକ୍ରମ ଆମର ସାମାଜିକ ତଥା ଅର୍ଥନୈତିକ ଯୋଜନା କାର୍ଯ୍ୟ ସହ ସଂଶ୍ଳିଷ୍ଟ ହୋଇଥିବାରୁ ଏହାର ସଫଳ ରୂପାୟନ ନିମନ୍ତେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମର ସଫଳ ରୂପାୟନପାଇଁ ଜନସାଧାରଣଙ୍କର ଆନ୍ତରିକ ଓ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କର ଆନ୍ତରିକ ସହଯୋଗ କାମନା କରୁଛନ୍ତି । କାରଣ ଏହି କାର୍ଯ୍ୟକ୍ରମ କେବଳ ଅର୍ଥନୈତିକ ସମୃଦ୍ଧିର ପରିକଳ୍ପନା ନୁହେଁ, ପରନ୍ତୁ ଏହା ଏକ ପୂର୍ଣ୍ଣାଙ୍ଗ ଜୀବନଯାପନ ନିମନ୍ତେ ଅଭିପ୍ରେତ ।

# ଏହା ହେଉଛି ଏକମାତ୍ର ଅସଲି

# ଗ୍ଲୁକନ-ଡି®

# ଗ୍ଲାକ୍ସୋ ଉତ୍ପାଦନ ।

ଚିହ୍ନା-ଜଣା ସବୁଜ ପ୍ୟାକ୍ ଉପରେ
ଧଳା ରଙ୍ଗରେ ଛପା
ଗ୍ଲୁକନ-ଡି® ଦେଖନ୍ତୁ ।




ବଜାରରେ ଅଭିବାରି ପ୍ରକାର ପ୍ରକାର'ର ନିକୃଷ୍ଟ ଓ ନକଲି ଗ୍ଲୁକନ-ଡି ମିଳୁଅଛି । ଏଣୁକରି ଜରୁରୀ ହେଉଛି ଯେ, ଆପଣ ଦେଖି-ଶୁଣି ଅସଲି ଗ୍ଲାକ୍ସୋ ଉତ୍ପାଦନ ହିଁ କିଣନ୍ତୁ । ଅନ୍ୟଥା, ନକଲି ଉତ୍ପାଦନ ଆପଣଙ୍କ ପରିବାର'ର ସ୍ୱାସ୍ଥ୍ୟ ଦୃଷ୍ଟିରୁ ସଙ୍କଟଜନକ ହୋଇପାରେ ।

ଗ୍ଲାକ୍ସୋ'ର ଗ୍ଲୁକନ-ଡି ସବୁଠାରୁ ନିର୍ଭରଯୋଗ୍ୟ ଉତ୍ପାଦନ ଅଟେ, ଯେଉଁଥିରେ ଅଛି ଭିଟାମିନ ଡି୨, ଫସ୍‌ଫରସ ଏବଂ କ୍ୟାଲ୍‌ସିଅମ୍ ଯୁକ୍ତ ଶୁଦ୍ଧ ଗ୍ଲୁକୋଜ ପାଉଡର । ଲକ୍ଷ ଲକ୍ଷ ଲୋକ ଏହାକୁ ନେଉଛନ୍ତି କାରଣ ଏହା ତୁରନ୍ତ ଶକ୍ତି ଦିଏ—ଯେତେବେଳେ ଦରକାର । ଗ୍ଲୁକନ-ଡି'ର ନିର୍ମାତା ହେଉଛନ୍ତି ଗ୍ଲାକ୍ସୋ କମ୍ପାନୀ, ଯେଉଁମାନେ ନାନା ପ୍ରକାର'ର ଆହାର ଉତ୍ପାଦନ ଏବଂ ପ୍ରାଣ ରକ୍ଷାକାରୀ ଔଷଧମାନ ତିଆରି କରିବା ଲାଗି ପ୍ରସିଦ୍ଧ ।

ଭଲ ଭାବରେ ଦେଖି-ଶୁଣି ନିଶ୍ଚିତ କରିନିଅନ୍ତୁ ଯେ ଆପଣ ଗ୍ଲୁକନ-ଡି'ର ଯେଉଁ ପ୍ୟାକେଟ ନେଉଛନ୍ତି ତାହା ଅସଲି ଅଟେ ।

**ଗ୍ଲୁକନ-ଡି®** ତୁରନ୍ତ ଶକ୍ତିପ୍ରଦାୟକ—ନିର୍ଭରଯୋଗ୍ୟ **ଗ୍ଲାକ୍ସୋ** ଉତ୍ପାଦନ

# ବୃହତ ଓ ମଧ୍ୟମ ଜଳସେଚନ ଯୋଜନା

ଶ୍ରୀ କେ. ଟି. ସୁବୁଦ୍ଧି

ରାଜ୍ୟ ସରକାରଙ୍କ ରାଜ୍ୟରେ ଥିବା ଜଳ ସମ୍ପଦ ବିନିଯୋଗ ଦ୍ୱାରା ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ଅଧିକ ଜମିରେ ଜଳସେଚନ କରି କୃଷିର ଉନ୍ନତ ଓ ଖାଦ୍ୟ ଉତ୍ପାଦନର ବୃଦ୍ଧି କରିବା ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରି ଗ୍ରହଣ କରିଛନ୍ତି ଏବଂ ସେଥିପାଇଁ ସମ୍ଭାବ୍ୟ ପଦକ୍ଷେପମାନ ନେଉଛନ୍ତି । ୧୯୮୧-୮୨ ମସିହାରେ କରାଯାଇଥିବା କାର୍ଯ୍ୟର ଏକ ଚିତ୍ରଣୀ ନିମ୍ନରେ ଦିଆଗଲା ।

୧୯୮୦-୮୧ ମସିହା ସୁଦ୍ଧା ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ମୋଟ ଜଳସେଚିତ ଜମିର ପରିମାଣ ୭.୬୨ ଲକ୍ଷ ହେକ୍ଟର ଖରିଫ ଏବଂ ୩.୬୩ ଲକ୍ଷ ହେକ୍ଟର ରବି (ମୋଟ ୧୧.୨୫ ଲକ୍ଷ ହେକ୍ଟର) ଥିଲା, ଗତ ୧୯୮୧-୮୨ ମସିହା ମଧ୍ୟରେ ଅଧିକ ୨୨,୫୦୦ ହେକ୍ଟର ଖରିଫ ଏବଂ ୨୫୦ ରବି ପାଇଁ ଜମିକୁ ଜଳସେଚନ କରିବା ପାଇଁ କାର୍ଯ୍ୟ କରାଯାଇଛି । ଅର୍ଥାତ୍ ୧୯୮୧-୮୨ ମସିହା ଶେଷ ସୁଦ୍ଧା ମୋଟ ଜଳସେଚିତ ଜମିର ପରିମାଣ ୭.୮୮ ଲକ୍ଷ ହେକ୍ଟର ଖରିଫ ଏବଂ ୩.୬୬ ଲକ୍ଷ ହେକ୍ଟର ରବି (ମୋଟ ୧୧.୫୪ ଲକ୍ଷ ହେକ୍ଟର) । ଏତଦ୍‌ବ୍ୟତୀତ ହାତକୁ ନିଆଯାଇଥିବା ବିଭିନ୍ନ ବହୁମୁଖୀ ଏବଂ ବୃହତ ଜଳସେଚନ ଯୋଜନା ଯଥା: ରେଙ୍ଗାଲି ବହୁମୁଖୀ, ଅପର କୋଲାବ ବହୁମୁଖୀ, ଅପର ଇନ୍ଦ୍ରାବତୀ ବହୁମୁଖୀ, ରେଙ୍ଗାଲି ବୃହତ୍ ଯୋଜନା ( Samal Barrage ) Anandapur canal ଓ ପୋଟେରୁ ଜଳସେଚନ ଯୋଜନା ଗୁଡ଼ିକର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ତ୍ୱରାନ୍ୱିତ ପଦକ୍ଷେପମାନ ଗ୍ରହଣ କରାଯାଇଛି । ପୃଥିବୀ ବ୍ୟାଙ୍କ ସହାୟତାରେ ମହାନଦୀ ଓ ବିରୂପା ନଦୀ ଉପରେ ତିଆରି କରାଯାଉଥିବା ଦୁଇଟି ବ୍ୟାରେଜର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି ।

ଅନୁନ୍ନତ ଓ ଆଦିବାସୀ ବହୁଳ ଅଞ୍ଚଳରେ ଜଳସେଚନ ପାଇଁ ପୃଥିବୀ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ୧୯ ଗୋଟି ମଧ୍ୟମ ଜଳସେଚନ ଯୋଜନାର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି । ବିଗତ ବର୍ଷ ମଧ୍ୟରେ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ଜଳସେଚିତ ହୋଇଥିବା ଜମିର ପରିମାଣରେ ଏକ ତାଲିକା ଏଥି ସହିତ ଦିଆଯାଇଛି ।

ଗତ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ଜଳସେଚନ ଯୋଜନା ଗୁଡ଼ିକ ହେଲା—

୧—ମହାନଦୀ ଡ୍ରେଲଟା ଭୂମି ଯୋଜନା } ବୃହତ୍ ଯୋଜନା
୨—ସାଲନ୍ଦୀ ଯୋଜନା

୩—ହଡ଼ଗାଇ }
୪—ସାଲଫଲା } ମଧ୍ୟମ ଯୋଜନା
୫—ଭୁମର ବନ୍ଧାଲ }

ମରୁଡ଼ି ପ୍ରପୀଡ଼ିତ ଏବଂ ଆଦିବାସୀ ଅଞ୍ଚଳରେ ଜଳସେଚନ ପାଇଁ ଷଷ୍ଠ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ନିମ୍ନଲିଖିତ ଜଳସେଚନ ଯୋଜନା ଗୁଡ଼ିକର ପ୍ରାରମ୍ଭିକ କାର୍ଯ୍ୟ କରାଯାଉଅଛି ।

୧—ଉତ୍ତେଇ
୨—ତିତିଲା
୩—ହମାଜୋଡ଼ି
୪—ଜାଲୁପୁର
୫—ବିଞ୍ଝନଳା

ସୁବର୍ଣ୍ଣରେଖା ଜଳସେଚନ ଯୋଜନା ଏକ ବୃହତ ଆନ୍ତଃପ୍ରାଦେଶିକ ଜଳସେଚନ ଯୋଜନା । ଏହାଦ୍ୱାରା ଓଡ଼ିଶାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଦୁଇଫସଲ ପାଇଁ ଜଳସେଚନର ସୁବିଧା ହୋଇପାରିବ । ଏହି ଯୋଜନାର କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭିନ୍ନ ପ୍ରାରମ୍ଭିକ ପଦକ୍ଷେପମାନ ଗ୍ରହଣ କରାଯାଉଛି । ବିହାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସୁବର୍ଣ୍ଣରେଖାର ଜଳକୁ ବ୍ୟବହାର କରିବା ପାଇଁ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା, ସେହି ଚୁକ୍ତି ଅନୁଯାୟୀ କାର୍ଯ୍ୟ କରିବା ପାଇଁ ଏକ ମିଳିତ ନିୟନ୍ତ୍ରଣ ମଣ୍ଡଳ (Joint Control Board)ର ଏକ ବୈଠକ ବସିଥିଲା । ଏହି ଯୋଜନାର କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ଏହି ବୈଠକରେ ଆଲୋଚନା ହୋଇଥିଲା, ଉଭୟଙ୍କ ସାହାଯ୍ୟରେ ଯୋଜନାଟି କାର୍ଯ୍ୟକାରୀ ହେବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ରାଜ୍ୟର ଜଳ ସମ୍ପଦକୁ ସର୍ବାଙ୍ଗୀଣ ସୁଚାରୁ ଉପଯୋଗୀ କରିବା ବ୍ୟବହାର କରି ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବା ପାଇଁ ଏକ ଜଳସେଚନ ମାଷ୍ଟର ଯୋଜନାର କରିବା ଆବଶ୍ୟକତା ରହିଛି । ସେଥିପାଇଁ ଏହି ସମସ୍ତ ଗଠନରେ Outline Master Plan ପ୍ରସ୍ତୁତ କରାଯାଇଛି ।

୧୯୮୧-୮୨ ବର୍ଷରେ ବଜେଟ ଅଟକଳ ହୋଇଥିବା ୫୮.୨୦ କୋଟି ଟଙ୍କା ସଂପୂର୍ଣ୍ଣରୂପେ ଖର୍ଚ୍ଚ ହୋଇଛି, ଆସନ୍ତା ବର୍ଷ ଅର୍ଥାତ୍ ୧୯୮୨-୮୩ ବର୍ଷ ପାଇଁ ମୋଟ ୬୦ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ରଖାଯାଇଛି । ଏହାର ପୂର୍ଣ୍ଣ ସଦୁପଯୋଗ ସକାଶେ ଜଳସେଚନ ବିଭାଗ ଦ୍ୱାରା ବହୁତ ପଦକ୍ଷେପମାନ ନିଆଯାଉଛି ।

### ବୃହତ ଓ ମଧ୍ୟମ ଜଳସେଚନ ଯୋଜନାରେ ସଫଳତା ସଂପର୍କିତ ବିବରଣୀ

(କ୍ଷେତ୍ରଫଳ ୧,୦୦୦ ହେକ୍ଟର ହିସାବରେ)

| କ୍ରମିକ ନମ୍ବର | ପ୍ରୋଜେକ୍ଟର ନାମ | | ରବି ଫସଲ ପାଇଁ ଅଧିକ ଜଳସେଚନ ସାମର୍ଥ୍ୟ (୧୯୮୧-୮୨) | ଖରିଫ (ଲକ୍ଷ୍ମୀ) ଫସଲ ପାଇଁ ଅଧିକ ଜଳସେଚନ ସାମର୍ଥ୍ୟ (୧୯୮୨-୮୩) |
|---|---|---|---|---|
| (୧) | (୨) | | (୩) | (୪) |
| | **ବୃହତ୍ ପ୍ରୋଜେକ୍ଟ** | | | |
| ୧ | ମହାନଦୀ ହିରାକୁଦ ଭୂମି | .. | ୧୩.୦୦ | .. |
| ୨ | ଆନନ୍ଦପୁର | .. | .. | ୬.୦୦ |
| | ମୋଟ | .. | ୧୩.୦୦ | ୬.୦୦ |
| | **ମଧ୍ୟମ ପ୍ରୋଜେକ୍ଟ** | | | |
| ୧ | ରାମିଆଲ | .. | ୨.୦୦ | .. |
| ୨ | ଶ୍ରମାତ | .. | .. | ୨.୦୦ |
| ୩ | ପିଲ୍ଲାସାଲକି | .. | ୦.୫୦ | ୧.୦୦ |
| ୪ | ଡୁମେରବାହାଲ | .. | ୦.୨୦ | .. |
| ୫ | ଘୋଡ଼ହଡ଼ | .. | ୦.୨୦ | ୫.୦୦ |
| ୬ | ସୁନେଇ | .. | | ୨.୦୦ |
| ୭ | କୁଆଁରିଆ | .. | .. | ୧.୦୦ |
| ୮ | ଝାଡ଼ବନ୍ଧ | .. | .. | ୧.୯୪ |
| ୯ | ସରଫଗଡ଼ | .. | ୦.୫୦ | ୦.୧୩ |
| ୧୦ | ଡଳସର | .. | ୦.୫୦ | ୧.୯୦ |
| ୧୧ | ଅଙ୍ଗ | .. | .. | ୪.୦୦ |
| ୧୨ | ସୁନ୍ଦେର | .. | ୦.୦୯ | ୦.୦୬ |
| ୧୩ | କାଲେ | .. | ୦.୧୯ | .. |
| ୧୪ | ଦାଦରାଘାଟି | .. | ୧.୪୮ | .. |
| ୧୫ | ଅହିଁଲ | .. | .. | ୦.୮୦ |
| ୧୬ | ବଡ଼ାପିପଲ୍ | .. | .. | ୦.୯୦ |
| | **ଆଧୁନିକୀକରଣ ପରିକଳ୍ପନା** | | | |
| ୧ | ଋଷିକୁଲ୍ୟାର ଆଧୁନିକୀକରଣ | .. | .. | ୨.୨୪ |
| | ମୋଟ | .. | ୫.୬୬ | ୨୬.୪୭ |
| ୧ | ପୋଟେରୁ ( କେନ୍ଦ୍ରୀୟ ଯୋଜନା ) | .. | .. | ୧୫.୦୦ |

ଚିଫ୍ ଇଞ୍ଜିନିୟର, ଜଳସେଚନ ବିଭାଗ

# କଳା ଓ କମନୀୟତାର ଦେଶ



ଶ୍ରୀମତୀ ସୁନା, ଆର୍ କାଙ୍ଗା

ବିଶ୍ୱ ପରିବ୍ରାଜିକା ଇଣ୍ଡୋନେସିଆର ସୁଲେଖିକା ଶ୍ରୀମତୀ ସୁନା, ଆର କାଙ୍ଗା ନିକଟରେ ଓଡ଼ିଶା ଭ୍ରମଣରେ ଆସି ଏହି ଲେଖାଟି ଲେଖିଥିଲେ । ଆମ ପର୍ଯ୍ୟଟନ ଶିଳ୍ପର ଉତ୍କର୍ଷ ଏଥିରେ ପ୍ରତିପାଦିତ ହୋଇଛି । ଆମ ପାଠକମାନଙ୍କ ପାଇଁ ତାଙ୍କ ଲେଖାଟିକୁ ଓଡ଼ିଆରେ ଅନୁବାଦ କରି ଆମେ ଏଠାରେ ପ୍ରକାଶ କରୁଛୁ ।

ମୁଖ୍ୟ ସଂପାଦକ

ଉଲ୍ଲାସ ଢେଉମାଳା—ଢେଉମାଳା ବୁଢ଼ାଳିମାନଙ୍କ ସହିତ ଆହ୍ଲାଦରେ କ୍ରୀଡ଼ା କରୁଥିଲା ଭାରତର ପୂର୍ବ ସମୁଦ୍ର ଉପକୂଳର ଏକ ଉଷ୍ଣ ଅପରାହ୍ଣରେ ।

ମୁଁ ବିସ୍ମୟାଭିଭୂତ ହୋଇ ତରଙ୍ଗାୟିତ ଊର୍ମିମାଳାକୁ ନିରୀକ୍ଷଣ କରୁଥିଲି । ଶଙ୍କ୍ୱାକୃତି ଟୋପି ପିନ୍ଧିଥିବା ହଠାତ୍ ଜଣେ କୃଷ୍ଣକାୟ ଲୋକ ଆସି ମୋର ହାତ ଧରି ଓଡ଼ିଶାର ଲୋକପ୍ରିୟ ଓ ଲୋଭନୀୟ ପୁରୀ ସମୁଦ୍ର ଭିତରକୁ ନେବାକୁ ଲାଗିଲା ।

ମୁଁ ଜାଣିଲି ଯେ ସେ ହେଉଛି ନୋଳିଆ ସଂପ୍ରଦାୟର ଜଣେ ଲୋକ । ସମୁଦ୍ରରେ ଗାଧୋଇବା ପାଇଁ ଭୟ କରୁଥିବା ଲୋକମାନଙ୍କ ପାଇଁ ସେମାନେ ହେଉଛନ୍ତି ପେଶାଦାର ପଥ ପ୍ରଦର୍ଶକ । ମୁଁ ତାକୁ ମାତ୍ର ଛଅଟି ଟଙ୍କା ଦେଲି । ତା'ର ଯନ୍ତ୍ରାଭଳି ହାତମୁଠାରେ ହାତରଖିବା ସଙ୍ଗେ ସଙ୍ଗେ ସେ ମୋର ବନ୍ଧୁମାନେ ଗାଧୋଉଥିବା ସ୍ଥାନକୁ ମୋତେ ନେଇଯାଇଥିଲା ।

ଗୋଟିଏ ବଡ଼ଲିଆ ମୁଣ୍ଡରେ ଉଣ୍ଣି ଢେଉ ଭିତରକୁ ପଶିଯାଇ ମୋର ଆମେରିକୀୟ ବନ୍ଧୁଜଣକ କହି ଉଠିଲେ: "ଏହା ଅତ୍ୟନ୍ତ ଆମୋଦପ୍ରଦ" ।

ଅଳ୍ପ କେତେକ ବେଳାଭୂମିହାରୀ ଲମ୍ବା ନିଶ୍ୱାସ ପକାଇ ତାକୁ ଚାହିଁ ରହିଥିଲେ । ଯଦି ସେ ବଡ଼ଲିଆକୁ ପରିହାର କରିବାକୁ ସାହସ କରିଥାନ୍ତେ, ତେବେ ମୁଁ ଅଧିକ ଆଶ୍ଚର୍ଯ୍ୟ ହୋଇଥାନ୍ତି । ସେ ସେଇଆ କଲେ—କିନ୍ତୁ ସେତେବେଳକୁ ଆମ ଗଭୀର ସମୁଦ୍ରକୁ ଚାଲି ଯାଇଥିଲୁ । ଆମେ ବରଫ ଚୂନା ସହ ପରଢ଼ ପିଇ ଘଣ୍ଟା ହେବାର ଟିକିଏ ପରେ ଅନ୍ୟ ଜଣେ ସାଥୀ କହିଲେ, "ଓଡ଼ିଶା ହେଉଛି ମୋର ଏକ ଛୁଟି ଦିନର କଳ୍ପନା" ।

"କି ମନୋମୁଗ୍ଧକର !! "

ମୁଁ ଯେଉଁ ୩୦ ଜଣିଆ ଦଳରେ ଆସିଥିଲି, ସେ ଦିନ ବୁଲାବୁଲି କରିବା ପରେ ଆମେ ସମସ୍ତେ ପୁରୀର ଦକ୍ଷିଣ-ପୂର୍ବ ରେଳବାଇ ହୋଟେଲରେ ଅବସ୍ଥାନ କଲୁ । ସେ ହୋଟେଲର ଶାନ୍ତ ପରିବେଶ ଓ ପୁରୁଣାକାଳିଆ ଖାଦ୍ୟପେୟ ବ୍ୟବସ୍ଥାରେ ଆମେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲୁ ।

ଶୀତତାପ ନିୟନ୍ତ୍ରିତ ଦୁଇଟି କୋଠରୀର ଭଡ଼ା ସମେତ ଆମକୁ ଦିନକୁ ୩୫୦ ଟଙ୍କା ଦେବାକୁ ପଡ଼ିଥିଲା । ଅତ୍ୟନ୍ତ ତୃପ୍ତିକର ଖାଦ୍ୟ ପରିବେଷଣ ଲାଗି ଆଉ ଅଧିକ ବା କିଏ ଚାହିଁବ ?

ଓଡ଼ିଶା ଓ ପଶ୍ଚିମ ବଙ୍ଗଳାର ବ୍ୟବଧାନ ବିଶେଷ କିଛି ନୁହେଁ । ଆକାଶ ମାର୍ଗରେ ବିମାନ ଯୋଗେ ଯାତ୍ରା କଲେ ପହଞ୍ଚିବାକୁ ମାତ୍ର କେତୋଟି ମିନିଟ୍ ଲାଗିଥାଏ । ଯେଉଁ ପର୍ଯ୍ୟଟକମାନେ କଲିକତାରୁ ଓଡ଼ିଶା ଆସିବେ, ସେମାନେ ଏହି କୋଳାହଳମୟ "ବୁଦ୍ଧିଜୀବୀ ସହର" କଲିକତାର ବିମାନ ବନ୍ଦର ନିକଟସ୍ଥ ପଞ୍ଚ ତାରକା ବିଶିଷ୍ଟ ହୋଟେଲ "ଅଶୋକା"ରେ ରାତିଟିଏ ରହି, ପରଦିନ ସକାଳ ବିମାନରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ଯାତ୍ରା କରିବେ । ଆମର



ସ୍ଥାନୀୟ ଗାଇଡ୍ କହିଥିଲେ ଯେ ଏହି ସହରରେ ତିନିଜଣ ଖ୍ୟାତନାମା ସାହିତ୍ୟିକ ଜନ୍ମଗ୍ରହଣ କରିଥିଲେ ଏବଂ ଏଠାରୁ ୪୨ଟି ସମ୍ବାଦପତ୍ର ପ୍ରକାଶ ପାଇଥାଏ ।

ଆମ ଦଳର ଅଧିକାଂଶ ୪୪–ଆସନ ବିଶିଷ୍ଟ ଫକ୍କର ବିମାନରେ ଓଡ଼ିଶାକୁ ଯାତ୍ରା କରୁଥିଲେ, ଯେଉଁଠାରେ କି ଅଦ୍ୟାବଧି ପ୍ରତି ସାତିଜଣରେ ଜଣେ ହେଉଛନ୍ତି ଆଦିବାସୀ, ଯେଉଁଠାରେ କଳା ଓ କମନୀୟତା ହେଉଛି ଦୈନନ୍ଦିନ ଜୀବନର ଏକ ଅଂଶବିଶେଷ, ଯେଉଁଠାରେ କେବଳ ଗୋଟି ସହରର ଲୋକ ସଂଖ୍ୟା ହେଉଛି ୧,୦୦,୦୦୦ରୁ ଅଧିକ, ଯେଉଁଠାରେ ନଭେମ୍ବର ମାସରେ ଲୋକମାନେ ଦୂର ବିଦେଶକୁ ଜଳପଥରେ ଯାତ୍ରା କରିବାର ସ୍ମାରକୀ ରୂପେ ଛୋଟ ଛୋଟ ଡଙ୍ଗାମାନ ଭସାଇ ଏକ ପର୍ବ ପାଳନ କରିଥାଆନ୍ତି ।

ଆମେ ଭୁବନେଶ୍ୱରରେ ଆସି ପହଞ୍ଚିବାର ପ୍ରଥମ ଦିନ କଳିଙ୍ଗ ଅଶୋକ ହୋଟେଲରେ ରହିବା ପରେ ପରେ ଶାନ୍ତ ମନୋରମ ଉଦ୍ୟାନ ତଥା ଚିଡ଼ିଆଖାନା ନନ୍ଦନକାନନ ଦେଖିବାକୁ ଗଲୁ । ସେଠାରେ ଚିଡ଼ିଆଖାନାର କର୍ମଚାରୀମାନେ ଆନନ୍ଦର ସହିତ ଆମକୁ ତିନୋଟି ଧଳା ବାଘଛୁଆ ଦେଖାଇଥିଲେ । ଏଇ ବାଘଛୁଆଗୁଡ଼ିକ ସାଧାରଣ ରଙ୍ଗର ବ୍ୟାଘ୍ର ଦଂପତିଠାରୁ ଜନ୍ମ ହୋଇଛନ୍ତି । ସେଠାରେ ଆମେ ଗୋଟିଏ ହ୍ରଦକୂଳରେ ଏକ ସୁନ୍ଦର ବିଶ୍ରାମାଗାରରେ ଚା'ପାନ କଲୁ ଏବଂ ଚଟକା ଛେନା ଓ ସୁବାସିତ ମସଲା ଦିଆଯାଇ ପ୍ରସ୍ତୁତ ହୋଇଥିବା ଛେନା ପୋଡ଼ପିଠା ଖାଇଲୁ ।

ଓଡ଼ିଶାର ଶ୍ରେଷ୍ଠ ଆକର୍ଷଣୀୟ ସ୍ଥାନ ତିନୋଟି ଏକତ୍ର ହୋଇ "ସୁବର୍ଣ୍ଣ ତ୍ରିଭୁଜ" ଗଠିତ ହୋଇଛି । ଏହା ମଧ୍ୟରେ ରହିଛି ପ୍ରାଚୀନ ମନ୍ଦିରମାଳିନୀ ନଗରୀ ରାଜ୍ୟର ରାଜଧାନୀ 'ଭୁବନେଶ୍ୱର', ବିଶ୍ୱବିଖ୍ୟାତ ସୂର୍ଯ୍ୟମନ୍ଦିର ଥିବା 'କୋଣାର୍କ' ଏବଂ ସମୁଦ୍ର କୂଳରେ ଅବସ୍ଥିତ ଭାରତର ତୀର୍ଥସ୍ଥାନ ମଧ୍ୟରେ ଅନ୍ୟତମ 'ପୁରୀ' ।

ଦିନେ ସୂର୍ଯ୍ୟସ୍ନାତ ସକାଳେ କାନ୍ଧରେ କ୍ୟାମେରା ଓ ସ୍ନାନ ପୋଷାକ ପକାଇ ଆମେ ଆମର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିବା ପାଇଁ କାରରେ ପ୍ରସ୍ତୁତ ହୋଇରହିଲୁ । ସବୁଜ କ୍ଷେତର ଧାରେ ଧାରେ ଆମ କାର ଆଗେଇ ଚାଲିଲା ଏବଂ ଆମେ ବାଟଯାକ ଅନେକ ଥର ରହି ରହି ଯାଉଥିଲୁ । କାରଣ ଆମ ଭିତରେ ଥିବା ଫଟୋଗ୍ରାଫରମାନେ ଅନେକ ଫଟୋ ଉଠାଉଥିଲେ—ଜଣେ କୃଷକ ଆଖୁ ପେଡ଼ିବା ପାଇଁ ବଳଦ ଉଡ଼ାଉଥିଲା, ଜଣେ ସ୍ତ୍ରୀଲୋକ ଚିକ୍ ଚିକ୍ କରୁଥିବା ଲାଲ୍ ରଙ୍ଗର ଶାଢ଼ୀଟିଏ ପିନ୍ଧିଥିଲା ଓ ପିଲାମାନେ ଗୋଟିଏ ପଦ୍ମପୋଖରୀ ନିକଟରେ ଖେଳୁଥିଲେ । ରାସ୍ତା ପାର୍ଶ୍ୱସ୍ଥ ଗୋଟିଏ ଗାଁରେ ପୁରୁଷ ଲୋକମାନେ ପୁରାଣର ବିଭିନ୍ନ ଚରିତ୍ର ଅନୁଯାୟୀ ମୁଖାପିନ୍ଧି ନାଗାନାଚ କରୁଥିବା ଆମେ ଦେଖିଲୁ । ପଥ ଅତିକ୍ରମକରି ଆମ କାରଟି ଗୋଟିଏ ଗହଳିଆ ଗାଁ ଭିତର ଦେଇ ଘଣ୍ଟାପରେ ଘଞ୍ଚ ନଡ଼ିଆ ବଗିଚା ପାଖରେ ରହିଥିଲା ।

ତା'ପରେ ଆମେ ପହଞ୍ଚିଲୁ କୋଣାର୍କରେ । ଯେଉଁଠାରେ କି 'କୃଷ୍ଣ ପାଗୋଡ଼ା' ଦେଖିବାର ସ୍ମୃତି ମନରେ ଭରି ରହିଥାଏ । ଏହି ହେଉଛି ଉତ୍କୃଷ୍ଟ

ଶିଳ୍ପନୈପୁଣ୍ୟର ପ୍ରତୀକ । ଆମ ମନ ଚାହୁଁଥିଲା ଏଭଳି ପ୍ରାଚୀନ ସ୍ମୃତିକୁ ସବୁଦିନ ପାଇଁ ଦେଖିବାଲାଗି । ରକ୍ତିମ ଧରିତ୍ରୀ, ସତେଜ ସବୁଜିମା ଓ ମନ୍ଦ ମରୁତର ପରିବେଶରେ ସୂର୍ଯ୍ୟରଥଦେଖିବା ପାଇଁ ମନ ଭିତରେ ସୃଷ୍ଟି ହେଉଥିଲା କୁହୁକ ଭଳି ଏକ ଅଭିପ୍ସା । ଆମ ଗାଇଡ୍ କହିଲେ-ବିଶେଷଜ୍ଞମାନଙ୍କ ମତରେ କୋଣାର୍କ ମନ୍ଦିରକୁ ଯଦି ଖୁବ୍ ଭଲଭାବରେ ସୁରକ୍ଷିତ କରାଯାଇ ଥାଆନ୍ତା, ତେବେ ଏହା ବିଶ୍ୱର ଅନ୍ୟତମ ଆଶ୍ଚର୍ଯ୍ୟ 'ତାଜମହଲ'ର ପ୍ରତିଦ୍ୱନ୍ଦ୍ୱୀ ହୋଇଥାଆନ୍ତା । ଗୋପନଭାବ ଓ ଆଶ୍ଚର୍ଯ୍ୟଭରା ରାଣୀ ବିମଣ୍ଡିତ ଏହି କୀର୍ତ୍ତି ୧୯୦୨ ମସିହା ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା ।


ଆମକୁ ନକହିଥିଲେ ବୋଧହୁଏ ସମସ୍ତେ ଜାଣିପାରି ନଥାନ୍ତେ ଯେ ରଥାକୃତି ଏହି ମନ୍ଦିରର ୨୪ଟି ଚକ ଭାରତୀୟ ସମ୍ବତ୍ସରର ୨୪ଟି ପକ୍ଷର ପ୍ରତୀକ, ୭ଟି ଘୋଡ଼ା ହେଉଛି ଗୋଟିଏ ସପ୍ତାହର ୭ଦିନ ଏବଂ ଚକର ୮ଟି ଅର ହେଉଛି ଅଷ୍ଟପ୍ରହର ଅର୍ଥାତ୍ ପ୍ରାଚୀନକାଳରେ ଲୋକେ ଦିନ ଓ ରାତି ମଧ୍ୟରେ ଏହି 'ଅଷ୍ଟପ୍ରହର'ର ବ୍ୟବଧାନ ରଖୁଥିଲେ ।

ଏଠାରୁ ଯନ୍ତିଦୂରରେ ଅବସ୍ଥିତ ସୁବର୍ଣ୍ଣ ତ୍ରିଭୁଜର ହୀରକ ବିନ୍ଦୁ 'ପୁରୀ' । ସୌଭାଗ୍ୟକୁ ନବନିର୍ମିତ ବେଳାଭୂମି ପଥରେ ପ୍ରଥମେ ଆମେ ଯାତ୍ରା କରିଥିଲୁ । ଏହି ବେଳାଭୂମି ରାସ୍ତାର ଧାରେ ଧାରେ ଘଞ୍ଚ ଝାଉଁବାଦାମ ଗଛ ଲଗାଯାଇଛି । ବାମ ପାର୍ଶ୍ୱରେ ଥିବା ଅନନ୍ତ ଅଶାନ୍ତ ସମୁଦ୍ର ସତେ ଯେମିତି ଆମକୁ ହାତଠାରି ଡାକୁଥିଲା । ଉତ୍‌କଣ୍ଠାର ସହିତ ଅପେକ୍ଷା ରହିଥିଲୁ କେତେବେଳେ ଏହାର ସୁନୀଳ ବକ୍ଷକୁ ଆମେ ଲମ୍ଫ ପ୍ରଦାନ କରିବୁ । ଓଡ଼ିଶାର ୫୦୦ କିଲୋମିଟର ବ୍ୟାପୀ ସମୁଦ୍ରକୂଳ ବିଶ୍ୱର ସର୍ବୋତ୍କୃଷ୍ଟ ବେଳାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ । ଅନ୍ୟ ଏକ ସୁନ୍ଦର ବେଳାଭୂମି ହେଉଛି ସମୁଦ୍ର ତଟସ୍ଥ ଗୋପାଳପୁର ବେଳାଭୂମି । ଏଠାରେ ସମୁଦ୍ର କୂଳକୁ ଲାଗି ପ୍ରଥମ ଶ୍ରେଣୀର ଓବେରାଇ ପାମ୍‌ବିଚ୍ ହୋଟେଲ ଅବସ୍ଥିତ ।

ପୁରୀ ସହର ଅତ୍ୟନ୍ତ ମନମୁଗ୍ଧକର । ଏଠାକାର ଜନସାଧାରଣ ଦେବଦେବୀ, ପର୍ବପର୍ବାଣୀ ଓ ଗଭୀର ଆତ୍ମ-ବିଶ୍ୱାସକୁ କେନ୍ଦ୍ରକରି ଏକ ଭିନ୍ନ ଦୁନିଆଁରେ ଜୀବନଯାପନ କରନ୍ତି । ଏହି ସହର ଭାରତର ପବିତ୍ର ନଗରୀଗୁଡ଼ିକ ମଧ୍ୟରେ ଅନ୍ୟତମ । ହିନ୍ଦୁ ତୀର୍ଥଯାତ୍ରୀମାନେ ବିଶ୍ୱାସ କରନ୍ତି ଯେ ଏଠାରେ ତିନିଦିନ ଓ ତିନିରାତି ଅବସ୍ଥାନକଲେ, ମଣିଷ ଜନ୍ମ ଓ ପୁନର୍ଜନ୍ମ ଚକ୍ରରୁ ମୁକ୍ତିଲାଭକରି ପାରିବ ।



ପୁରୀ ସମୁଦ୍ର ଉପକୂଳରେ ହସ କୌତୁକରେ କିଛି ସମୟ ବିତାଇବା ପରେ ଆମେ ଜଗନ୍ନାଥ ମନ୍ଦିର ଦେଖିବା ପାଇଁ ଗଲୁ । ଦୂରଦୂରାନ୍ତରୁ ଅନେକ ତୀର୍ଥଯାତ୍ରୀ ଏହି ମନ୍ଦିର ଦେଖିବାକୁ ଆସନ୍ତି । ପୁରୀର ପ୍ରସିଦ୍ଧ



ପର୍ବ ହେଉଛି ରଥଯାତ୍ରା । ଏହି ଯାତ୍ରା ଦେଖିବାପାଇଁ ଅନେକ ତୀର୍ଥଯାତ୍ରୀ ଆସନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କର ଭାଇ ଓ ଭଉଣୀ ସେମାନଙ୍କର ରଥରେ ବିରାଜମାନ କରନ୍ତି ଓ ଭକ୍ତଗଣ ମହା ସମାରୋହରେ ରଥଟାଣିନେଇ ଥାଆନ୍ତି । ଏହି ସମୟରେ ମର୍ଦ୍ଦଳ, ତୂରୀ, ଶଙ୍ଖ, ଘଣ୍ଟା ପ୍ରଭୃତି ବାଜୁଥାଏ ଏବଂ ଭକ୍ତବୃନ୍ଦ କଣାଣ ଗାନ କରିବା ସଙ୍ଗେ ସଙ୍ଗେ ଏହି ପ୍ରକାଣ୍ଡକାୟ ରଥଗୁଡ଼ିକୁ ଟାଣି ନିଅନ୍ତି । ଏହି ଯାତ୍ରା ସମୟରେ ମନରେ ଏକ ଉଦ୍ଦୀପନାପୂର୍ଣ୍ଣ ଅନୁଭୂତି ଜନ୍ମିଥାଏ । ଏହି ମନ୍ଦିରର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟହେଲା ବ୍ୟାପକ ରନ୍ଧନ ବ୍ୟବସ୍ଥା । ଆମର ଗାଇଡ୍ କହିଲେ ଯେ ଏଠା ରୋଷେଇରେ ଦୈନିକ ଏକଲକ୍ଷ ଲୋକ ଖାଇପାରିବେ । ଏହି ଖାଦ୍ୟଦ୍ରବ୍ୟଗୁଡ଼ିକୁ ସ୍ୱତନ୍ତ୍ରଭାବେ ନିର୍ମିତ ମାଟିହାଣ୍ଡିଆ ଗୁଡ଼ିକରେ ବାଂପ ଦ୍ୱାରା ସିଝାଯାଇ ରନ୍ଧାହୁଏ । ଅଳ୍ପ ପଇସା ନିଆଯାଇ ତାହା ବଣ୍ଟନ କରାଯାଏ । ଭୁବନେଶ୍ୱର ଫେରିବା ବାଟରେ ଚନ୍ଦୁଆ କାର୍ଯ୍ୟ ନିମନ୍ତେ ପ୍ରସିଦ୍ଧ ଏକ ଛୋଟିଆ ଗାଁ 'ପିପିଲି'ଠାରେ ଆମେ କିଛି ସମୟ ରହିଥିଲୁ ।

ଏଠାରେ ବାହାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ଶହ ଶହ କାରିଗର ରଙ୍ଗୀନ ଚନ୍ଦୁଆ ସିଲେଇ କରୁଥାନ୍ତି । ଜଣେ ବନ୍ଧୁ ତାଙ୍କ ଘର ସଜାଇବାକୁ ନେବାପାଇଁ ଗୋଟିଏ ଉଦ୍ୟାନ ଛତା କିଣିଲେ ଓ ମୁଁ ଗୋଟିଏ ରଙ୍ଗବେରଙ୍ଗୀ ବିଛଣା ଚଦର କିଣିଲି ।

ଆମେ ସୁବର୍ଣ୍ଣ ତ୍ରିଭୁଜର ଶୀର୍ଷ ସ୍ଥାନ ଭୁବନେଶ୍ୱରକୁ ଫେରିଲୁ ବେଳକୁ ସଂଧ୍ୟା ଘୁମେଇଁ ଆସୁଥାଏ ।

ତତ୍ପରଦିନ ଆମେ ଭୁବନେଶ୍ୱରର ଦୁଇଟି ସହର ଦେଖିଲୁ—ଗୋଟିଏ ନଉଝୁଣୀ ପ୍ରାଣୋଦମୟୀ ଓ ବିଳାସପୂର୍ଣ୍ଣ ହୋଟେଲ ଥିବା ବିଂଶ ଶତାବ୍ଦୀର ସହର ଓ ଅନ୍ୟଟି ଏକଦା ବିରାଜମାନଥିବା ୭,୦୦୦ ମନ୍ଦିରମାଳିନୀ ନଗରୀ ପୁରୁଣା ଭୁବନେଶ୍ୱର । ଇଣ୍ଡୋ-ଆର୍ଯ୍ୟ ସଂସ୍କୃତି ସଂପର୍କରେ ଜ୍ଞାନ ଆହରଣ କରିବା ପାଇଁ ସ୍ଥାପତ୍ୟ ଛାତ୍ରମାନଙ୍କ ନିମନ୍ତେ ଏହି ସ୍ଥାନଟି ଅତ୍ୟନ୍ତ ଉପଯୁକ୍ତ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ଅଦ୍ୟାବଧି ଏଠାରେ ୫୦୦ ମନ୍ଦିର ରହିଥିବା ଆମେ ଶୁଣିଲୁ । କିନ୍ତୁ ତିନୋଟି ମନ୍ଦିର—ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଓ ରାଜରାଣୀ ମନ୍ଦିର ଆମେ ଦେଖିବାକୁ ଯାଇଥିଲୁ ।

ମାତ୍ର ଅଳ୍ପ କେତେ ସମୟର ଆମୋଦରେ ଓଡ଼ିଶା ଭ୍ରମଣ ଆମର ଶେଷ ହୋଇ ଆସୁଥିଲା । ଆମ ଯାତ୍ରାର ସ୍ମାରକୀ ସ୍ୱରୂପ କେତେକ ଆର୍ଶ ଦର୍ଶିଆ ପ୍ରମାଣ ଘରକୁ ନେବା ପାଇଁ ଇଚ୍ଛା ଜନ୍ମୁ । ଏଥି ନିମନ୍ତେ ଆମକୁ ବେଶୀ ଦୂରକୁ ଯିବାକୁ ପଡ଼ିଲ ନାହିଁ । ନେବା ପାଇଁ ରୁପା ତିଆରି ତାରକସୀ ଅଳଙ୍କାର

ପ୍ରାକୃତିକ ରଙ୍ଗରେ ରଞ୍ଜିତ ପଟଚିତ୍ର, ରଙ୍ଗ ବେରଙ୍ଗୀ କାଠ ବାକ୍ସ, ଶିଙ୍ଗ ତିଆରି ସାମଗ୍ରୀ ଓ ବିଭିନ୍ନ ଲୁଗାପଟା କିଣି ପକାଇଲୁ ।

ସମୟ ଥିଲେ ସୁବର୍ଣ୍ଣ ତ୍ରିଭୁଜ ବ୍ୟତୀତ ଅନ୍ୟ ଅନେକ ସ୍ଥାନ ଆମେ ଭ୍ରମଣରେ ଯାଇଥାନ୍ତୁ । ଉଦାହରଣ ସ୍ୱରୂପ 'ଶିମିଳିପାଳ' । ସେଠାକୁ ଯାଇଥିଲେ ଆମେ ଗୋଟିଏ କାଠ କ୍ୟାବିନ୍ ଭଡ଼ା ନେଇ ବନ୍ୟ ଜନ୍ତୁମାନଙ୍କୁ ଦେଖି ଆସନ୍ତୁ । ଓଡ଼ିଶାର ୬୨ଟି ଆଦିବାସୀ ସଂପ୍ରଦାୟର ବିଭିନ୍ନ ସାମାଜିକ ଚଳଣି ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପରିଦର୍ଶନରେ ଯିବାର ଇଚ୍ଛାଥିଲା । ସେଠାରେ ଦେଖିଥାନ୍ତୁ କଣୁଆ ମଇଁଷି ଶିଙ୍ଗ ମୁଣ୍ଡରେ ଲଗାଇ ପର୍ବପର୍ବାଣୀରେ ନୃତ୍ୟରତ କୋୟା ସଂପ୍ରଦାୟକୁ । ଏହାବ୍ୟତୀତ, ଅଦ୍ୟାବଧି କୋୟା ସଂପ୍ରଦାୟର ବର ନିଜ ସାଥୀ କନ୍ୟା ବାଛିବା ସକାଶେ ପ୍ରଶସ୍ତ ଶଯ୍ୟାଗାରରେ କିପରି ରାତ୍ରୀଯାପନ କରି ଜୀବନସାଥୀ ମନୋନୀତ କରିଥାଏ, ତାହା ଦେଖିବା ପାଇଁ ମନରେ ବିଶେଷ ଆଗ୍ରହ ଭରି ରହିଥିଲା ।



# ଆରେ, ପୁଣି ମେଲେରିଆ !

## ଠିକ୍ ସମୟରେ ଚିକିତ୍ସା କରନ୍ତୁ । ମୂଳରୁ ମେଲେରିଆ ଧ୍ୱଂସ କରନ୍ତୁ ।

ଧ୍ୱଂସକାରୀ ମେଲେରିଆ ପୁଣି ମାଡ଼ିବାର ଆଶଙ୍କା ରହିଛି । ଆଜିକାଲି ଏଭଳି ମାରାତ୍ମକ ରୋଗର ସଫଳ ନିୟନ୍ତ୍ରଣ କରାଯିବା ସମ୍ଭବ ହୋଇଛି । ମେଲେରିଆ ପାଇଁ ଚିକିତ୍ସା ବାହାରିଛି । କିନ୍ତୁ ଏହାର ନିୟନ୍ତ୍ରଣ ପ୍ରତିକାର ସେତିକି ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ସମ୍ବନ୍ଧରେ କେତୋଟି କଥା ଉଲ୍ଲେଖ କରାଯାଉଛି ।

### କାରଣ

- ମେଲେରିଆ ଗୋଟିଏ କ୍ଷୁଦ୍ର ପରାଙ୍ଗଭୋଜୀ ଜୀବାଣୁ ଦ୍ୱାରା ହୋଇଥାଏ । ମଶା ମେଲେରିଆ ରୋଗୀକୁ କାମୁଡ଼ିଲାବେଳେ ଏହି ଜୀବାଣୁ ବହନ କରିନିଏ । ପରେ ସୁସ୍ଥ ଲୋକଙ୍କୁ କାମୁଡ଼ି ସେମାନଙ୍କ ଦେହରେ ଛାଡ଼ି ଦିଏ ।
- ପାଣି ଜମି ରହିଲେ ମଶା ବଂଶ ବଢ଼େ ।
- ଠିକ୍ ସମୟରେ ରୋଗୀର ଚିକିତ୍ସା ନ କଲେ ରୋଗ ସଂକ୍ରମଣ ବୃଦ୍ଧି ପାଏ ।

### ଲକ୍ଷଣ

1. ହଠାତ୍ କମ୍ପଜ୍ୱର ହେବ ।
2. ଦେହରେ ଜଳାପୋଡ଼ା ଓ ଝାଳ ବୁହିବା ।
3. ଜ୍ୱର ଛାଡ଼ିଯାଏ, ଉପରନ୍ତୁ ଶରୀରରେ ଓ ଦୁର୍ବଳ ଲାଗେ ।

### ସାବଧାନ

ମସ୍ତିଷ୍କ ବା ଚିନ୍ତନର ମେଲେରିଆ ଦ୍ୱାରା ମାନସିକ ଅବସାଦ ଘଟେ ଓ ରୋଗୀ ମୂର୍ଚ୍ଛାଯାଏ ବା ପ୍ରଳାପ କରେ । ଠିକ୍ ସମୟରେ ଚିକିତ୍ସା ନକଲେ ରୋଗୀ ମୃତ୍ୟୁ ମୁଖରେ ପଡ଼େ ।

### ଚିକିତ୍ସା

- ରୋଗୀର ରକ୍ତ ଯେତେ ଶୀଘ୍ର ପରୀକ୍ଷା କରାନ୍ତୁ ।
- ଅଳ୍ପ ଚିକିତ୍ସା ପାଇଁ କ୍ଲୋରୋକୁଇନ ବଟିକା ଦିଅନ୍ତୁ ।
- ରକ୍ତ ପରୀକ୍ଷାରେ ମେଲେରିଆ ଜୀବାଣୁ ମିଳିଲେ ପ୍ରାଥମିକ ଓ ବିଶେଷ ଚିକିତ୍ସା ବ୍ୟବସ୍ଥା କରନ୍ତୁ ।

ପାଖରେ ଥିବା ମେଲେରିଆ କର୍ମଚାରୀ ଅଥବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଚିକିତ୍ସାଳୟ ବା ଡାକ୍ତରଖାନା ସହିତ ମାଗଣାରେ ସବୁ ପ୍ରକାର ପରାମର୍ଶ ଓ ଚିକିତ୍ସା ସୁବିଧା ପାଇଁ ଯୋଗାଯୋଗ କରନ୍ତୁ ।



### ପ୍ରତିଷେଧ ବ୍ୟବସ୍ଥା

- ଆପଣଙ୍କ ଘର ବା କାର୍ଯ୍ୟାଳୟ ଚାରିପଟେ କେଉଁଠି ହେଲେ ଗାତ , କଳସୀ, ଖାଲ, ଫୁଲଦାନୀ, ଅଳିଆ କାଗଜ ଟିଣ ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
- ଅନ୍ତତଃ ସପ୍ତାହରେ ଥରେ ସବୁ ପାଣି ଟାଙ୍କି, କୁଣ୍ଡ, ମାଟି ହାଣ୍ଡି ଆଦିକୁ ଖାଲି କରି ଦିଅନ୍ତୁ ।
- ଆପଣଙ୍କ ଘର ବା ବାଡ଼ିରେ ଗାତଗଡ଼ା ଥିଲେ ମାଟି ଭରି ଦିଅନ୍ତୁ ।
- ଆପଣଙ୍କ ଘରର ଭିତରେ ସବୁ କାନ୍ଥରେ ଔଷଧ ସିଞ୍ଚିବା ବେଳେ କର୍ମଚାରୀଙ୍କୁ ସାହାଯ୍ୟ କରନ୍ତୁ । ଲୁଚିଲା କେଉଁଠିକୁ ବାଦ ଦିଅନ୍ତୁ ନାହିଁ । ଡି.ଡି.ଟି. ପକାଇ ଓ ଦାନା, ଘାସ,କୁଟା ଆଦିକୁ ଔଷଧ ସିଞ୍ଚିବାବେଳେ ଭଣ୍ଡାର, ଗୋରେଇଘର, ପୁରୁଣା କୋଠରୀ ବା ଗୋହାଳ ପ୍ରଭୃତି ।
- ଔଷଧ ସିଞ୍ଚା ହେବା ପରେ ଅନ୍ତତଃ ଛଅ ମାସ କାନ୍ଥକୁ ଲିପନ୍ତୁ ନାହିଁ କିମ୍ବା ଚୂନ ଧଉଳା କରନ୍ତୁ ନାହିଁ । କାହାରିକୁ ଜ୍ୱର ହେଲେ ସାଙ୍ଗେ ସାଙ୍ଗେ ମେଲେରିଆ କର୍ମଚାରୀଙ୍କୁ ଖବର ଦିଅନ୍ତୁ ।

ଜାତୀୟ ମେଲେରିଆ ନିରାକରଣ କାର୍ଯ୍ୟକ୍ରମ
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ)
22, ଶାମନାଥ ମାର୍ଗ, ଦିଲ୍ଲୀ 110054

ଡିଏଭିପି 81/185

# କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି

ଡକ୍ଟର ବୈଦ୍ୟନାଥ ମିଶ୍ର

କୃଷିର ପରିବର୍ତ୍ତନ ଆଣିବା ସହଜ ନୁହେଁ । ଆମେରିକା ଏବଂ ଆମ ଦେଶରେ ବଡ଼ ବଡ଼ ଚାଷୀ ନାହାନ୍ତି, କି ରୁଷିଆ ପରି ଆମ ଦେଶରେ କଲେକ୍ଟିଭ ଫାର୍ମ ନାହିଁ । କୃଷି ପାଇଁ ଯେତେ ଯୋଜନା କଲେ ମଧ୍ୟ ଚାଷୀମାନେ ତାକୁ ଗ୍ରହଣ ନ କଲେ, ତାହାହେଲେ କୃଷିର ଉନ୍ନତି ହୋଇ ପାରିବ ନାହିଁ । ଭାରତରେ ପ୍ରାୟ ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି, ଓଡ଼ିଶାରେ ୮୦ ଭାଗ ଲୋକ କୃଷିକୁ ଜୀବିକା ରୂପେ ଗ୍ରହଣ କରିଛନ୍ତି । ପଥତ ଆମେରିକାରେ ମୋଟ ଲୋକସଂଖ୍ୟା ୪ ଭାଗ ଲୋକ କୃଷିକୁ ଜୀବିକା ରୂପେ ଗ୍ରହଣ କରିଛନ୍ତି । ଆମ ଦେଶରେ ଚାଷୀମାନଙ୍କ ସଂଖ୍ୟା ବହୁତ ଅଧିକ ଏବଂ ସେମାନଙ୍କର ଜମିର ପରିମାଣ ଖୁବ୍ କମ । ଓଡ଼ିଶାର ଚାଷୀମାନଙ୍କ ଭିତରୁ ଶତକଡ଼ା ୭୭ ଭାଗ କ୍ଷୁଦ୍ର ଚାଷୀ ଓ ୬୦ ଭାଗ ନାମକୁ ମାତ୍ର ଚାଷୀ ବୋଲି କୁହାଯାଇଛି ଏବଂ ଜନ ସଂଖ୍ୟା ବୃଦ୍ଧି ଯୋଗୁଁ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାର ଏବେ ଶିଳ୍ପର ଉନ୍ନତି ଉପରେ ଜୋର ଦେଉଛନ୍ତି । ଶିଳ୍ପର ଉନ୍ନତି ହେଲେ ବାସ୍ତବିକ ଅଧିକ ଶ୍ରେଣୀ ବୃଦ୍ଧି ହେବ, ତାହା ନୁହେଁ, ସମାଜର ଅର୍ଥନୈତିକ ବୃଦ୍ଧି ହେବ । ଓଡ଼ିଶାର ଯେ ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରୁଛନ୍ତି, ସେ ଭିତରୁ ଅନେକ ଶିଳ୍ପ ଓ ବ୍ୟବସାୟରେ ନିଯୁକ୍ତି ପାଇବେ । ଏହା ଫଳରେ କୃଷି ଉପରେ ପଡ଼ୁଥିବା ଚାପ କେତେକାଂଶରେ କମିବ । କିନ୍ତୁ ଏହା ସମୟ ସାପେକ୍ଷ । ଏହି ପରିବର୍ତ୍ତନ ବର୍ଷେ ଦୁଇବର୍ଷ ଭିତରେ ହୋଇ ପାରିବନାହିଁ । ଏଥିପାଇଁ ୧୦।୧୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ।

ସ୍ୱାଧୀନତା ପରେ ଜନ ସଂଖ୍ୟା ଯଦି ନ କମିବ, ତାହାହେଲେ ଶିଳ୍ପର ଯେତେ ଉନ୍ନତି ହେଲେ ମଧ୍ୟ କୃଷିର ଚାପ କମିବ ନାହିଁ । ଜନ ସଂଖ୍ୟା ନିୟନ୍ତ୍ରଣ କରିବା ସହଜ ନୁହେଁ । ଏକଛତ୍ର ଶାସନରେ ଜନ ସଂଖ୍ୟା ନିୟନ୍ତ୍ରଣ ପାଇଁ ବାଧ୍ୟତାମୂଳକ ପନ୍ଥା ଗ୍ରହଣ କରାଯାଇପାରେ । ଗଣତନ୍ତ୍ରରେ ବର୍ତ୍ତମାନ ଯେଉଁଭଳି କରାଯାଉଛି ଭାରତରେ କି ଓଡ଼ିଶାରେ ତାହା ସମ୍ଭବ ନୁହେଁ । ଏଥିପାଇଁ ଶିକ୍ଷାର ସାହାଯ୍ୟ ନେବାକୁ ପଡ଼ିବ । ଏହା ମଧ୍ୟ ସମୟ ସାପେକ୍ଷ । ଏହି ପରିପ୍ରେକ୍ଷୀରେ କୃଷିର ଉନ୍ନତି ଓ ଅଧିକ ଉତ୍ପାଦନ କରିବା ସମ୍ଭବ ହେବ, ଆମେ ଠିକ୍ ଲକ୍ଷ୍ୟରେ ପହଞ୍ଚି ପାରିବା ବୋଲି ଆମର ଧାରଣା ।

ଗତ ୨୦ ବର୍ଷରେ ଯେତେ ଉତ୍ପାଦନ ହୋଇଛି, ସେ ସମ୍ବନ୍ଧରେ କେତେକ ତଥ୍ୟ ଏଠାରେ ପ୍ରକାଶ ପାଉଛି । ଧାନ ଆମର ପ୍ରଧାନ ଫସଲ । ସରକାରୀ ହିସାବରୁ ଜଣାଯାଉଛି ଯେ ୧୯୬୦-୬୧ରେ ଆମ ରାଜ୍ୟରେ ୩୬.୧୭ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ କରାଯାଇ ୩୭.୭୫ ଲକ୍ଷ ଟନ ଚାଉଳ ଉତ୍ପାଦିତ ହୋଇଥିଲା । ୧୯୮୦-୮୧ରେ ୪୧.୯୧ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ହୋଇ ୪୩.୦୧ ଲକ୍ଷ ଟନ ଚାଉଳ ଉତ୍ପନ୍ନ ହୋଇଥିଲା । ଅର୍ଥାତ୍ ଏହି ୨୦ ବର୍ଷ ଭିତରେ ଶତକଡ଼ା ୧୦.୪ ଭାଗ ଅଧିକ ଚାଷ ଜମିରେ ଧାନ ଚାଷ କରାଯାଇ ଶତକଡ଼ା ୧୪ ଭାଗ ଚାଉଳ ଉତ୍ପାଦନ ବୃଦ୍ଧି କରାଯାଇଛି । ଏହି ହାରାହାରି ହିସାବରୁ ପ୍ରକୃତ ଅବସ୍ଥା ଜଣାପଡ଼େ ନାହିଁ । ଉଦାହରଣ ସ୍ୱରୂପ ୧୯୭୮-୭୯ରେ ଚାଉଳର ଉତ୍ପାଦନ ପ୍ରାୟ ୪୮ ଲକ୍ଷ ଟନ ହୋଇଥିଲା । ୧୯୭୯-୮୦ରେ ଏହା କମି ପ୍ରାୟ ୨୯ ଲକ୍ଷ ଟନ ହେଲା । ୧୯୮୦-୮୧ରେ ଏହା ବୃଦ୍ଧି ପାଇ ପ୍ରାୟ ୪୨ ଲକ୍ଷ ଟନ ହେଲା । ଏଥିରୁ ଜଣାଯାଏ ଯେ ଖାଦ୍ୟ ଉତ୍ପାଦନରେ ଏପର୍ଯ୍ୟନ୍ତ ସ୍ଥିରତା ଆସି ପାରି ନାହିଁ । ଆସିବା ମଧ୍ୟ ସହଜ ନୁହେଁ । କାରଣ ମୌସୁମୀକୁ ଉପରେ ଭର ନ ଦେଇ ଉତ୍ପାଦନକୁ ସ୍ଥିର ରଖିବା ପାଇଁ ଜଳସେଚନ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ହୋଇନାହିଁ । କେବଳ କୃଷକରେ ସେ କେବଳ ଜଳ ଉପରେ ମୌସୁମୀର ଅନିୟମିତ ବ୍ୟବହାର ଯୋଗୁଁ ଉତ୍ପାଦନରେ ଅସ୍ଥିରତା ସୃଷ୍ଟି ହୁଏ । ଗତ ବର୍ଷ ଓଡ଼ିଶାରେ ଯେ ବନ୍ୟା ହୋଇଥିଲା ମୌସୁମୀର ଅନିୟମିତ ବ୍ୟବହାର ଯୋଗୁଁ ଅଳ୍ପ ସମୟ ମଧ୍ୟରେ ପ୍ରଚୁର ବର୍ଷା ହୋଇଥିଲା । ଏବେ ପ୍ରଶ୍ନ ଉଠୁଛି ଯେ ପ୍ରତ୍ୟେକ ବର୍ଷ ବନ୍ୟା, ମରୁଡ଼ି ବା ବାତ୍ୟା ଯୋଗୁଁ ଓଡ଼ିଶାରେ ଯେ ଉତ୍ପାଦନର ଅନେକ କ୍ଷତି ହେଉଛି । ଏହାକୁ କିପରି ନିୟନ୍ତ୍ରଣ କରିବାକୁ ହେବ, ସେ ସମ୍ବନ୍ଧରେ ସମସ୍ତେ ଚିନ୍ତା କରି ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ସରକାର ଯେତେ ବୈଜ୍ଞାନିକ ଯୋଜନା ଅବଲମ୍ବନ କଲେ ମଧ୍ୟ ପ୍ରକୃତିକୁ ସମ୍ପୂର୍ଣ୍ଣ ଜୟ କରି ପାରିବ ନାହିଁ । ପ୍ରକୃତି ସହିତ ମିଶି କେତେକ କ୍ଷେତ୍ରରେ ଚାଲିବାକୁ ପଡ଼ିବ ।

ବର୍ତ୍ତମାନ ପ୍ରଶ୍ନ ହେଉଛି କୃଷିର ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର କ'ଣ ପନ୍ଥା ଗ୍ରହଣ କରୁଛନ୍ତି ଏବଂ ତାହା

କେତେକାଂଶରେ ସୁରକ୍ଷିତ । ଏହି ଦୋଷ ହେତୁ ମୂଳ ଭାବରେ ଦୂର କରାଯାଇପାରେ । ଏକ ହେଉଛି ଦୀର୍ଘକାଳୀନ ବ୍ୟବସ୍ଥା ଏବଂ ଦ୍ୱିତୀୟଟି ହେଉଛି ସ୍ୱଳ୍ପକାଳୀନ ବ୍ୟବସ୍ଥା । ଦୀର୍ଘକାଳୀନ ବ୍ୟବସ୍ଥାର ପ୍ରଥମ ସୋପାନ ହେଉଛି ଜଳସେଚନ ବ୍ୟବସ୍ଥାର ଉନ୍ନତି । ଓଡ଼ିଶାରେ ବର୍ତ୍ତମାନ ଚାଷଜମିର ପ୍ରାୟ ଶତକଡ଼ା ୧୭-୧୮ ଭାଗ ଜମିରେ ଜଳସେଚନର ବ୍ୟବସ୍ଥା ଅଛି । ଏହାକୁ ବୃଦ୍ଧି କରି ଅଧିକ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା କରିବା । କେବଳ ଷଷ୍ଠ ଯୋଜନାକାଳ ଭିତରେ ଜଳସେଚନ ଅଞ୍ଚଳ ଦୁଇଗୁଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାରେ ପ୍ରାୟ ୫୦ ହଜାର ଗ୍ରାମ, ତାହା ଭିତରୁ ୧୦ ହଜାର ଗ୍ରାମରେ ଜଳସେଚନର ବ୍ୟବସ୍ଥା ଅଛି । ସରକାର ସବୁ ଜଳସେଚନ ବ୍ୟବସ୍ଥାକୁ ବୃଦ୍ଧି କରି ଶତକଡ଼ା ୫୦ ଭାଗ ଜମିରେ ଜଳସେଚନର ବ୍ୟବସ୍ଥା କରିପାରିବେ, ତାହାହେଲେ କୃଷିର ଏକ ବୈପ୍ଲବିକ ପରିବର୍ତ୍ତନ ହେବ । ଏ କଥା ସମସ୍ତେ ଜାଣନ୍ତି ଯେ ବର୍ଷା ଉପରେ ନିର୍ଭର କରୁ ଅପେକ୍ଷା ଏକ ଏକର ଜମିରୁ ଅଧିକ ଅମଳ ହୁଏ । କିନ୍ତୁ ଜଳସେଚନର ଅସୁବିଧାଯୋଗୁଁ ରବି ଋତୁରେ ଅଧିକ ଫସଲ ହୋଇ ପାରୁନାହିଁ । ଓଡ଼ିଶାରେ ଯେଉଁ ୫୪—୫୫ ଲକ୍ଷ ଟନ ଚାଉଳ ଉତ୍ପନ୍ନ ହୁଏ, ତାହା ଭିତରୁ ୪୦-୪୧ ଲକ୍ଷ ଟନ ଖରିଫ ଋତୁରେ ଏବଂ ୩/୪ ଲକ୍ଷ ଟନ ରବି ଋତୁରେ ଉତ୍ପନ୍ନ ହୋଇଥାଏ । ଜଳସେଚନର ଉନ୍ନତି ହେଲେ ଏହାର ପରିବର୍ତ୍ତନ ହେବ । ଜଳସେଚନ ସହିତ ଜଳ ନିଷ୍କାସନ ଓ କ୍ଷେତନାଳୀ ପାଇଁ ବ୍ୟବସ୍ଥା କରାଯାଉଛି । ବର୍ତ୍ତମାନ ଜଳନିଷ୍କାସନ ଓ କ୍ଷେତନାଳୀର ସୁବିଧା ନ ଥିବାରୁ ଯେତିକି ଜଳସେଚନ ବ୍ୟବସ୍ଥା ଅଛି, ତାହା ସମ୍ପୂର୍ଣ୍ଣ ବ୍ୟବହୃତ ହୋଇ ପାରୁନାହିଁ । ତେଣୁ ଜଳସେଚନ ସହିତ ଏ ସବୁର ଉନ୍ନତି ହେଲେ, କୃଷିର ଏକ ବ୍ୟାପକ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି ।

ଦ୍ୱିତୀୟ କଥାଟି ହେଉଛି ଯେ ଓଡ଼ିଶାରେ ଏବେ ଅଧିକାଂଶ ଜମିରେ ଧାନ ଉତ୍ପନ୍ନ କରାଯାଉଛି । ବିଶେଷତଃ ଯେଉଁ ଜମିରେ ଧାନ ଚାଷ ନ କରିବାର କଥା, ସେହି ଜମିରେ ମଧ୍ୟ ଧାନ ଚାଷ କରାଯାଉଛି । ଏହା ଫଳରେ ଜମିର ଉତ୍ପାଦିକା ଶକ୍ତି କମୁଛି । ଏକ ଏକର ଜମିରୁ ଧାନର ଅମଳ ମଧ୍ୟ କମ ହେଉଛି । ତେଣୁ ଧାନ ବଦଳରେ ଅନ୍ୟାନ୍ୟ ଫସଲ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା କୃଷି ଯୋଜନାର ଅନ୍ୟ ଏକ ଲକ୍ଷ୍ୟ । ଏହା ମଧ୍ୟ ସମୟ ସାପେକ୍ଷ । କାରଣ ଚାଷୀମାନେ ଅନେକ ବର୍ଷ ଧରି କୌଣସି ପ୍ରକାର ଫସଲ କରି ଆସୁଛନ୍ତି । ସେହି ଫସଲ ପାଇଁ ମଧ୍ୟ ସୁବିଧା ରହିଛି । ତେଣୁ ହଠାତ୍ ତାଙ୍କୁ ସେଥିରୁ ଅନ୍ୟ ଏକ ଫସଲ ଉତ୍ପାଦନ କରିବା ସହଜ ନୁହେଁ । ତେବେ କୃଷିର ଉନ୍ନତି ପାଇଁ ଏହା ଏକ ପ୍ରଧାନ ଦିଗ । ମୁଗ ଜାତୀୟ ଫସଲ, ତୈଳ ଜାତୀୟ ଫସଲ ଚାଷ, ଅଧୁନା ଉଦ୍ୟାନ ଫସଲର ଉନ୍ନତି ନ ହେଲେ ଓଡ଼ିଶାର ଅର୍ଥନୈତିକ ସ୍ଥିତି ଦୃଢ଼ ହୋଇ ପାରିବ ନାହିଁ ।

ଏହିପରି ଅନେକ ଦୀର୍ଘ ବ୍ୟବସ୍ଥାର କାର୍ଯ୍ୟକ୍ରମ ଯୋଜନାରେ ଉଲ୍ଲେଖ କରାଯାଇଛି । କିନ୍ତୁ ତାହାଠାରୁ ଅଧିକ ଆବଶ୍ୟକ ପନ୍ଥା ହେଉଛି ସ୍ୱଳ୍ପ କାଳୀନ କାର୍ଯ୍ୟ ପନ୍ଥା । କେବଳ ୧୯୮୨-୮୩ରେ ଖାଦ୍ୟ ଉତ୍ପାଦନ ୭୮ ଲକ୍ଷରୁ ଊର୍ଦ୍ଧ୍ୱ ବୃଦ୍ଧି କରାଯିବ ଏବଂ ତା ଛଡ଼ା ଅନ୍ୟାନ୍ୟ ଫସଲ ଉପରେ ଗୁରୁତ୍ୱ ଦିଆଯିବ, ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ଯୋଜନା ଅଛି । ସେଗୁଡ଼ିକ ହେଲା—

(୧) ୧୯୮୨ ଖରିଫ ଋତୁରେ ୧୦.୫ ଲକ୍ଷ ହେକ୍ଟର ଜମିରେ ଅଧିକ ଉତ୍ପାଦନ କ୍ଷମ ଧାନ ଚାଷ କରିବା ପାଇଁ କୃଷି ବିଭାଗ ଏକ ଯୋଜନା କରିଛନ୍ତି । ୧୯୮୧ ମସିହାକୁ ଅଧିକ ଉତ୍ପାଦନ ବର୍ଷ ବୋଲି ଘୋଷଣା କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଗ୍ରାମ୍ୟ କୃଷି କର୍ମଚାରୀ ୧୨ ହେକ୍ଟର ଜମିରେ ଅଧିକ ଉତ୍ପାଦନକ୍ଷମ ଧାନ ଏବଂ ପ୍ରତ୍ୟେକ କୃଷି ସଂପ୍ରସାରଣ ଅଫିସର ଅନ୍ତତଃ ୨୦ ହେକ୍ଟର ଜମି ଅଧିକ ଉତ୍ପାଦନ କ୍ଷମ ଧାନ ବୁଣିବାକୁ ଉଦ୍ୟମ କରିବେ । ଏହା ଫଳରେ ୭ ଲକ୍ଷ ହେକ୍ଟର ଅଧିକ ଜମିରେ ଅଧିକ ଉତ୍ପାଦନକ୍ଷମ ଧାନ ଲଗା ଯାଇ ପାରିବ । ଏଥିପାଇଁ ଅଧିକ ରାସାୟନିକ ସାର ପ୍ରଚଳନର ବ୍ୟବସ୍ଥା କରାଯାଉଛି । ଏବେ ଓଡ଼ିଶାରେ ହେକ୍ଟର ପିଛା ୧୦ କେ: ଜି: ରାସାୟନିକ ସାର ବ୍ୟବହୃତ ହେଉଛି । ଏହା ଖୁବ୍ କମ । ୧୯୮୨ ମସିହାରେ ଏହାକୁ ବୃଦ୍ଧି କରି ୧୫ କେ: ଜି: ଉଠାଇବାର ବ୍ୟବସ୍ଥା ହେଉଛି ।

(୨) କୃଷୀମାନଙ୍କୁ ଅଧିକ ଋଣ ଦେବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଫସଲ ଉତ୍ପାଦନ କ୍ଷମତା ରାଶିକୁ ସ୍ୱଳ୍ପ ମିଆଦୀ ଋଣ ଶତକଡ଼ା ୩୦ ଭାଗ ବୃଦ୍ଧି କରି ଏହାକୁ ସ୍ଥାୟୀ କରିବାକୁ ଚେଷ୍ଟା କରାଯାଉଛି ।

(୩) ଅଧିକ ଅମଳ, ଉନ୍ନତ ବ୍ୟବହାର ଏବଂ ମିଶ୍ରିତ ଫସଲ ଓ ବହୁ ଫସଲ ଚାଷର ପ୍ରଚଳନ ପାଇଁ ପ୍ରତ୍ୟେକ ସ୍ଥାନରେ ବିହନ, ସାର ଓ ପୋକମରା ଔଷଧର ଯୋଗାଣ ବିତରଣ କରାଯାଉଛି ଏବଂ ତାହା ସହିତ ଅଧିକ ପରିମାଣରେ ବିହନ ବଣ୍ଟନ କେନ୍ଦ୍ର ସ୍ଥାପନ କରାଯାଉଛି । ଯେଉଁ କର୍ମୀମାନେ ଅଧିକ ଅମଳକ୍ଷମ ବିହନ ଓ ରାସାୟନିକ ସାର ବ୍ୟବହାର କରି ଚାଷର ଉନ୍ନତି କରିପାରିବେ, ସେମାନଙ୍କୁ କିଛି କିଛି ଅତିରିକ୍ତ ଅନୁଦାନ ଦିଆଯିବାର ବ୍ୟବସ୍ଥା କରାଯାଇଛି ।

ଏହା ବ୍ୟତୀତ ଅନେକ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ ଅଛି । ଓଡ଼ିଶାରେ କୃଷିର କେତୋଟି ଦୋଷ ଅଛି । ପ୍ରଥମ ହେଉଛି ଜମିର ଉତ୍ପାଦିକା ଶକ୍ତି କମ୍ । ଦ୍ୱିତୀୟ ହେଉଛି ଅଧିକାଂଶ ଜମିରେ ଧାନ ଫସଲ କରାଯାଉଛି ଏବଂ ତୃତୀୟ ହେଉଛି କୃଷିଭୂମିର ଅନିଶ୍ଚିତତା ଯୋଗୁ । ଅନେକ ସମୟରେ ଫସଲର ଅନେକ କ୍ଷୟକ୍ଷତି ହେଉଛି । ଏହାକୁ ପରିବର୍ତ୍ତନ କରିବା ସମୟ ସାପେକ୍ଷ । ଏଥିପାଇଁ ଅନେକ ସାଂଗଠନିକ ପରିବର୍ତ୍ତନ ଦରକାର । ତେବେ ଏ କଥା ସ୍ୱୀକାର କରିବାକୁ ହେବ ଯେ କୃଷି ବିଭାଗ ଏହି ଦୋଷ ଦୁର୍ବଳତା ଦୂର କରିବା ପାଇଁ କେତେକ ଦୃଢ଼ ପଦକ୍ଷେପ ନେଇଛନ୍ତି । କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କୃଷି ବିଭାଗ ଭିତରେ ବର୍ତ୍ତମାନ ଯେପରି ସହଯୋଗ ପ୍ରତିଷ୍ଠା କରାଯାଇଛି, ଏହା ଫଳରେ କୃଷିରେ ୫।୧୦ ବର୍ଷ ଭିତରେ ଏକ ବ୍ୟାପକ ପରିବର୍ତ୍ତନ ହୋଇ ପାରିବ ବୋଲି ଆଶା କରାଯାଉଛି ।

OGP—MP-VI (I. & P. R.) 2 —15,000–10-6-1982



ଚୌଦ୍ୱାରଠାରେ ମୁଖ୍ୟମନ୍ତ୍ରୀଙ୍କ ମକା
କ୍ଷେତ୍ର ପରିଦର୍ଶନ ।

ଦଇତାରୀଠାରେ ଦ୍ୱିତୀୟ ଇସ୍ପାତ କାରଖାନା ବସାଇବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସହିତ ଡାଭି କର୍ପୋରେସନ୍‌ର ଡାଇରେକ୍ଟର ମିଷ୍ଟର ହୁଇଟିଙ୍ଗ୍ ଓ ଡାଭି ମୋକି କର୍ପୋରେସନ୍‌ର ଡାଇରେକ୍ଟର ମିଷ୍ଟର ହରିଣ୍ ଆଲୋଚନା କରୁଛନ୍ତି ।




କୃତୀ କଳାକାର, ସଙ୍ଗୀତଜ୍ଞ ଓ ନାଟ୍ୟକାରମାନଙ୍କୁ ପୁରସ୍କାର
ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ
ପଟ୍ଟନାୟକ ।





Licence No. C. R. N. P. 5—Licensed to post without Pre-Payment




PRINTED AT ORISSA GOVERNMENT PRESS, CUTTACK-10